## ବିଶେଷ ସୂଚନା

ପ୍ରିୟ ପାଠକ ବନ୍ଧୁଗଣ,

ଆପଣମାନେ ଜାଣନ୍ତି ଯେ ମୁଦ୍ରିତ ସମ୍ବାଦପତ୍ର ଶିଳ୍ପ ଏବେ ଏକ ସନ୍ଧିକ୍ଷଣ ଦେଇ ଗତି କରୁଛି । ନ୍ୟୁଜ୍ ପ୍ରିଣ୍ଟ, କାଳି ଓ ମୁଦ୍ରଣ ନିମନ୍ତେ ଆବଶ୍ୟକ ଆନୁଷଙ୍ଗିକ ସାମଗ୍ରୀର ମୂଲ୍ୟ ଗତ ଦୁଇବର୍ଷ ମଧ୍ୟରେ ପ୍ରାୟତଃ ଦେଢ଼ଗୁଣ ବୃଦ୍ଧି ପାଇଛି । ମୁଦ୍ରଣ ବ୍ୟୟ ତୁଳନାରେ ସମ୍ବାଦପତ୍ରର ବିକ୍ରୟ ମୂଲ୍ୟ ଯଥେଷ୍ଟ କମ୍ ଓ 'ସକାଳ' ଆରମ୍ଭରୁ ଅନ୍ୟ ସମ୍ବାଦପତ୍ର ତୁଳନାରେ କମ୍ (୬ ଟଙ୍କା)ରେ ପାଠକମାନଙ୍କ ପାଇଁ ଉପଲବ୍ଧ ହେଉଛି । ମାତ୍ର ବର୍ତ୍ତମାନ ପରିସ୍ଥିତିରେ ଏହି ମୂଲ୍ୟରେ ପାଠକମାନଙ୍କୁ ଖବରକାଗଜ ଯୋଗାଇବା ସମ୍ଭବପର ହେଉନାହିଁ । ତେଣୁ ଅନିଚ୍ଛା ସତ୍ତ୍ୱେ ଆସନ୍ତା ଜାନୁଆରୀ ୧ ତାରିଖଠାରୁ 'ସକାଳ'ର ମୂଲ୍ୟ ୬ଟଙ୍କା ପରିବର୍ତ୍ତେ ୭ ଟଙ୍କା କରିବାକୁ ବାଧ୍ୟ ହେଉଛୁ । ଆମର ସହୃଦୟ ପାଠକବନ୍ଧୁମାନେ ଏହାକୁ ହୃଦୟଙ୍ଗମ କରିବେ ବୋଲି ଆଶା କରୁଛୁ ।

- ମୁଖ୍ୟ କାର୍ଯ୍ୟନିର୍ବାହୀ



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-183 ◆MONDAY ◆29 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୮୩ ◆ସୋମବାର ◆୨୯ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ପୁଣି ଚିନ୍ତା ବଢ଼ାଇଲା ଦିଲ୍ଲୀ ପ୍ରଦୂଷଣ

## ୪୦ରୁ ୨୦ ଷ୍ଟେସନ୍‌ରେ ଏକ୍ୟୁଆଇ ୪୦୦ ପାର୍



**ପଲ୍ୟୁସନ ସାର୍ଟିଫିକେଟ ନ ଥିଲେ ପେଟ୍ରୋଲ- ଡିଜେଲ ମନା**

**ବିଏସ୍-୬ରୁ ତଳେ ଥିବା ଗାଡ଼ି ପ୍ରବେଶ ସ୍ଥାୟୀ ଭାବେ ନିଷିଦ୍ଧ**

■ ନୂଆଦିଲ୍ଲୀ, ୨୮ ।୧୨ (ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣ ପୁଣି ଚିନ୍ତା ବଢାଇଛି । ଶନିବାର ଦିଲ୍ଲୀର ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୮୫ ରେକର୍ଡ କରାଯାଇଛି । ରାଜଧାନୀର ୪୦ଟି ଏକ୍ୟୁଆଇ ଷ୍ଟେସନ୍ ମଧ୍ୟରୁ ୨୦ଟିରେ ବାୟୁ ଗୁଣବତ୍ତା ଗମ୍ଭୀର ସ୍ଥିତିରେ ପହଞ୍ଚିଛି । ଏହି ଷ୍ଟେସନଗୁଡିକରେ ଏକ୍ୟୁଆଇ ୪୦୦ ଅତିକ୍ରମ କରିଛି । ଏଥିରେ ଶାଦିପୁର, ବିବେକ ବିହାର, ଅଶୋକ ନଗର, ବାୱାନା, ଚାନ୍ଦନୀ ଚୌକ, ଡିଟିୟୁ, ଦ୍ୱାରକା, ଆଇଟିଓ ଓ ମୁଣ୍ଡାକା ଷ୍ଟେସନ ଅନ୍ତର୍ଭୂକ୍ତ ।

ପ୍ରଦୂଷଣ ନୟନ୍ତ୍ରଣ କରିବା ପାଇଁ ବାୟୁ ଗୁଣବତ୍ତା ପରିଚାଳନା କମିଶନ (ସିଏକ୍ୟୁଏମ୍) ଗ୍ରେଡେଡ୍ ରେସ୍‌ପନ୍ସ ଆକ୍ସନ ପ୍ଲାନ (ଜିଆରଏପି)ର ପର୍ଯ୍ୟାୟ-୩ କାର୍ଯ୍ୟକାରୀ କରିଛି । ଏହି ସମୟରେ ପରିବେଶ ମନ୍ତ୍ରୀ ମଞ୍ଜିନ୍ଦର ସିଂହ ସିରସା ଘୋଷଣା କରିଛନ୍ତି ଯେ, ଦିଲ୍ଲୀ ପ୍ରଦୂଷଣ ରୋକିବା ପାଇଁ ଜିଆରଏପି-୪ ଅଧୀନରେ ଦୁଇଟି ପ୍ରତିବନ୍ଧକ ସ୍ଥାୟୀ ଭାବେ ଲାଗୁ କରାଯାଇଛି । ବର୍ତ୍ତମାନ ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ବିନା ଦିଲ୍ଲୀରେ ପେଟ୍ରୋଲ ଓ ଡିଜେଲ ଯାନ ଏବଂ ବିଏସ୍-୬ ମାନଦଣ୍ଡ ତଳେ ଥିବା ଯାନବାହନ ପ୍ରବେଶ ଉପରେ ସ୍ଥାୟୀ ପ୍ରତିବନ୍ଧକ ଲାଗୁ କରାଯାଇଛି । ପୂର୍ବରୁ ଏହି ପ୍ରତିବନ୍ଧକଗୁଡିକ ପୂର୍ବରୁ କେବଳ ଜିଆରଏପି-୪ ଲାଗୁ ହେବା ସମୟରେ ଲାଗୁ କରାଯାଇଥିଲା । କିନ୍ତୁ ବର୍ତ୍ତମାନ ଏହା ସରକାରଙ୍କ ପରବର୍ତ୍ତୀ ପ୍ରତିବନ୍ଧକ ଲାଗୁ ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ । ଏଥିସହ ସରକାର ପୋଖରୀ ଓ ଅନ୍ୟ ଜଳ ଉତ୍ସଗୁଡିକୁ ସଫା କରିବା ଓ ପୁନରୁଦ୍ଧାର ପାଇଁ ୧୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ପୂର୍ବରୁ ଡିସେମ୍ବର ୧୮ ରେ ସରକାର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ୫୦ ପ୍ରତିଶତ କର୍ମଚାରୀମାନଙ୍କ ପାଇଁ ଘରୁ କାର୍ଯ୍ୟ କରିବାର ନିୟମ ଲାଗୁ କରିଥିଲେ । ଅର୍ଥାତ କେବଳ ଅଧା କର୍ମଚାରୀ ସମସ୍ତ କାର୍ଯ୍ୟାଳୟରେ ଯୋଗ ଦେଉଛନ୍ତି ଓ ଅଧା ଘରୁ କାର୍ଯ୍ୟ କରୁଛନ୍ତି । ଅବଶ୍ୟ ସ୍ୱାସ୍ଥ୍ୟସେବା, ଅଗ୍ନିସମ ସେବା, ଜେଲ ପ୍ରଶାସନ, ସାର୍ବଜନୀନ ପରିବହନ ଓ ବିପର୍ଯ୍ୟୟ ପରିଚାଳନା ଭଳି କିଛି କ୍ଷେତ୍ରକୁ ଏହି ନିୟମରୁ ବାଦ୍ ଦିଆଯାଇଛି । ଦିଲ୍ଲୀରେ ଏବେ ଏହି ପ୍ରଦୂଷଣ କେବଳ ଶାରୀରିକ ସ୍ୱାସ୍ଥ୍ୟ ନୁହେଁ; ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ କ୍ଷତିଗ୍ରସ୍ତ କରୁଛି ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି । ଏହାଦ୍ୱାରା ପିଲାଙ୍କ ବୌଦ୍ଧିକ ସ୍ତର ମଧ୍ୟ କମ୍ ରହିବ ବୋଲି ଆଶଙ୍କା କରାଯାଇଛି ।

### ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍

# ବର୍ଷାନ୍ତ ସଂସ୍କରଣରେ ପାର୍ବତୀ ଗିରି



**ପ୍ରତ୍ୟେକ ପିଢ଼ିକୁ ମାର୍ଗଦର୍ଶନ କରି ଚାଲିବ ପାର୍ବତୀ ଗିରିଙ୍କ ପ୍ରେରଣାଦାୟକ ଜୀବନ**

■ ଭୁବନେଶ୍ୱର, ୨୮ ।୧୨ (ସମିସ): ରବିବାର ପ୍ରସାରିତ ହୋଇଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨୯ତମ 'ମନ୍ କି ବାତ୍" ବର୍ଷାନ୍ତ ସଂସ୍କରଣ । ଏହି ଅବସରରେ ପ୍ରଧାନମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ମା ପାବର୍ତୀ ଗିରିଙ୍କ ଯୋଗଦାନ ବିଷୟରେ ଉଲ୍ଲେଖ ସହ ତାଙ୍କର ପ୍ରେରଣାଦାୟକ ଜୀବନ ପ୍ରତ୍ୟେକ ପିଢ଼ିକୁ ମାର୍ଗଦର୍ଶନ କରି ଚାଲିବ ବୋଲି କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆସନ୍ତା ମାସରେ ଆମେ ଦେଶର ୭୭ତମ ଗଣତନ୍ତ୍ର ଦିବସ ପାଳନ କରିବା । ଯେତେବେଳେ ବି ଏପରି ସୁଯୋଗ ଆସେ, ଆମ ହୃଦୟ ସ୍ୱାଧୀନତା ସଂଗ୍ରାମୀ ଏବଂ ସମ୍ବିଧାନ ନିର୍ମାତାଙ୍କ ପ୍ରତି କୃତଜ୍ଞତାରେ ପୂରିଉଠେ । ଆମ ଦେଶ ସ୍ୱାଧୀନତା ପ୍ରାପ୍ତି ପାଇଁ ଏକ ଦୀର୍ଘ ଲଢ଼େଇ ଲଢ଼ିଛି । ଦେଶର ପ୍ରତ୍ୟେକ ଅଞ୍ଚଳର ଲୋକ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ସ୍ୱାଧୀନତାର ଅନେକ ନାୟକ-ନାୟିକାଙ୍କୁ ଉପଯୁକ୍ତ ସମ୍ମାନ ମିଳିନାହିଁ । ସେହିଭଳି ଜଣେ ସ୍ୱାଧୀନତା ସଂଗ୍ରାମୀ ହେଉଛନ୍ତି ଓଡ଼ିଶାର ପାର୍ବତୀ ଗିରି । ଜାନୁଆରୀ ୨୦୨୬ରେ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ କରାଯିବ ।

ପାର୍ବତୀ ଗିରି ୧୬ ବର୍ଷ ବୟସରେ ଭାରତ ଛାଡ଼ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ । ସ୍ୱାଧୀନତା ଆନ୍ଦୋଳନ ପରେ ପାର୍ବତୀ ଗିରି ସମାଜସେବା ଏବଂ ଆଦିବାସୀ କଲ୍ୟାଣ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ସେ ଅନେକ ଅନାଥାଶ୍ରମ ପ୍ରତିଷ୍ଠା କରିଥିଲେ । ମୁଁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶ ପାଇଁ ଚ୍ୟାଲେଞ୍ଜ, ସମ୍ଭାବନା, ବିକାଶ ଉପରେ ଚର୍ଚ୍ଚା କରିଛନ୍ତି । ଜାତୀୟ ସୁରକ୍ଷା, ▶ପୃଷ୍ଠା-୭

### ବଦଳୁଛି ବିଜେଡି

# ତୃତୀୟ ପିଢ଼ି ଉପରେ ନବୀନଙ୍କ ଗୁରୁତ୍ୱ



**ଯୁବ ଓ ଛାତ୍ର ରାଜ୍ୟ କମିଟିରେ ନିଷ୍ଠା ଓ ଆନୁଗତ୍ୟକୁ ପ୍ରାଧାନ୍ୟ**

**ଯୁବ ବାହିନୀରେ ୪ କାର୍ଯ୍ୟକାରୀ ସଭାପତି, ୧୬୦ କର୍ମକର୍ତ୍ତା**

**ଛାତ୍ର ବାହିନୀରେ ୫ କାର୍ଯ୍ୟକାରୀ ସଭାପତି,୧୪୫ କର୍ମକର୍ତ୍ତା**

■ ଭୁବନେଶ୍ୱର, ୨୮।୧୨ (ସମିସ): ବିଜେଡି ବଦଳୁଛି । ଦଳରେ ଦ୍ୱିତୀୟ ପିଢ଼ି ନେତାମାନଙ୍କ ଅପେକ୍ଷା ନୂତନ ଅର୍ଥାତ୍ ତୃତୀୟ ପିଢ଼ିକୁ ମିଳୁଛି ଅଧିକ ଗୁରୁତ୍ୱ । ପ୍ରତିଷ୍ଠା ଦିବସରେ ଦଳର ସଭାପତି ନବୀନ ପଟ୍ଟନାୟକ କରିଥିବା ଘୋଷଣା ଓ ଶହେ ବର୍ଷ ପର୍ଯ୍ୟନ୍ତ ବିଜେଡି ଓଡ଼ିଶାବାସୀଙ୍କ ସ୍ୱର ହେବାର ପ୍ରତିଶ୍ରୁତି ଆଧାରରେ ଛାତ୍ର ଓ ଯୁବ ଗୋଷ୍ଠୀର ଟାଣୁଆ ନେତାମାନଙ୍କୁ ନେତୃତ୍ୱ ନେବା ପାଇଁ ଏବେଠାରୁ ପ୍ରସ୍ତୁତ କରାଯାଉଛି । ୨୦୨୬ ଦ୍ୱିତୀୟାର୍ଦ୍ଧରେ ଛାତ୍ରସଂସଦ, ୨୦୨୭ ପ୍ରଥମାର୍ଦ୍ଧରେ ପଞ୍ଚାୟତ, ପୌର ପରିଷଦ ନିର୍ବାଚନ ଏବଂ ୨୦୨୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳର ଦୁଇ ଛାମୁଆଁ ସଙ୍ଗଠନ ଯୁବ ଓ ଛାତ୍ର ବାହିନୀର ପୁନର୍ଗଠନ କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ । ବିଜୁ ଯୁବ ଜନତା ଦଳରେ ୪ ଜଣ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ରାଜେନ୍ଦ୍ର ହୋତା, ପ୍ରଶାନ୍ତ ପଣ୍ଡା, ଅମୀର ଅହମ୍ମଦ , ୨ ମହାସଚିବ ଅମରଜିତ୍ ସେନାପତି ଓ ସୋଫିଆ ଆଲାମଙ୍କ ସହ ୧୭ ଜଣ ବରିଷ୍ଠ ଉପସଭାପତି, ୫୩ ଉପସଭାପତି ଓ ୮୪ ସାଧାରଣ ସମ୍ପାଦକଙ୍କୁ ନବୀନ ନିଯୁକ୍ତି ପ୍ରଦାନ କରିଛନ୍ତି । ସେହିପରି ବିଜୁ ଛାତ୍ର ଜନତା ଦଳରେ ୫ କାର୍ଯ୍ୟକାରୀ ସଭାପତି ମିକୁ ପ୍ରଧାନ, ବିଷ୍ଣୁପ୍ରସାଦ ପଣ୍ଡା, ଚିନ୍ମୟ ଦାସ, ଆଲ୍ଲାରଖା ଖାନ୍, ପ୍ରଦୋଷ ପରିଡ଼ା, ରକି ଦାସ, ସୁଜିତ୍ ପାଲଟା ସିଂହ ପ୍ରମୁଖ ୨ ମହାସଚିବ, ୧୫ ବରିଷ୍ଠ ଉପସଭାପତି, ୩୪ ଉପସଭାପତି ଓ ୮୯ ଜଣ ସାଧାରଣ ସମ୍ପାଦକଙ୍କୁ ନିଯୁକ୍ତି ମିଳିଛି ।

ରବିବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ ପ୍ରତିଷ୍ଠା ଦିବସରେ ସଭାପତି ନବୀନ ପଟ୍ଟନାୟକ ଘୋଷଣା କରିଥିଲେ ଯେ ଆଗାମୀ ୧୦୦ ବର୍ଷ ପର୍ଯ୍ୟନ୍ତ ବିଜେଡି ରାଜ୍ୟବାସୀଙ୍କ ସ୍ୱର ଭାବେ କାର୍ଯ୍ୟ କରିବ । ତଦନୁଯାୟୀ ପ୍ରତିଷ୍ଠା ଦିବସ ପରେ ପରେ ୧୧ଟି ଜିଲ୍ଲା କମିଟି ଘୋଷଣା ▶ପୃଷ୍ଠା-୭

# ଦେଶ ସାରା ଶୀତ ରାଜୁତି

## କଶ୍ମୀରରେ ପାରଦ ଶୂନ ଡିଗ୍ରୀ, ରାଜସ୍ଥାନର ସିକରରେ ୨.୧°

**ଅମୃତସର- ଜଲନ୍ଧରରେ ଦୃଶ୍ୟମାନ ଦୂରତା ଶୂନ**

■ ନୂଆଦିଲ୍ଲୀ, ୨୮ ।୧୨ (ଏଜେନ୍ସି): ଦେଶର ଉତ୍ତରଭାଗରେ ଶୀତ ତଥା ଥଣ୍ଡାର ପ୍ରକୋପ ଜାରି ରହିଛି । କାଶ୍ମୀରରେ ତାପମାତ୍ରା ଶୂନ ଡିଗ୍ରୀରେ ପହଞ୍ଚିଛି । ରାଜସ୍ଥାନର ସିକର ଜିଲ୍ଲାର ଫତେପୁରରେ ତାପମାତ୍ରା ୨.୧, କରୌଲିରେ ୨.୪, ସିକରରେ ୩.୫, ପାଲିରେ ୩.୬ ଓ ଦୌସାରେ ୩.୯ ଡିଗ୍ରୀ ସେଲସିୟରେ ପହଞ୍ଚିଛି । ସେହିପରି ପଞ୍ଜାବ ଓ ହରିୟାଣାରେ ପ୍ରବଳ ଥଣ୍ଡା ଜାରି ରହିଛି । ହିସାରରେ ସର୍ବନିମ୍ନ ତାପମାତ୍ରା ୨.୫ ଡିଗ୍ରୀ ରେକର୍ଡ କରାଯାଇଛି । ପଞ୍ଜାବର ଫରିଦକୋଟରେ ସର୍ବନିମ୍ନ ତାପମାତ୍ରା ୩.୪, ପଟିଆଲାରେ ୪.୬, ଅମୃତସର-ଲୁଧିଆନାରେ ୪.୪ ଡିଗ୍ରୀ ରେକର୍ଡ କରାଯାଇଛି ।

ଅନ୍ୟପଟେ ଉତ୍ତର ଭାରତର ସମତଳ ଅଞ୍ଚଳ ଜେଟ୍ ଷ୍ଟ୍ରିମ୍ ଦ୍ୱାରା ପ୍ରଭାବିତ ହୋଇଛି । ଆକାଶରେ ଥଣ୍ଡା ଓ ଗରମ ବାୟୁର ବହୁଥିବା ନଦୀକୁ ହିଁ ଜେଟ୍ ଷ୍ଟ୍ରିମ୍ କୁହାଯାଇଥାଏ । ଜେଟ ଷ୍ଟ୍ରିମ୍ ସାଧାରଣତଃ ଉତ୍ତର (ମେରୁ)ରୁ ଆସୁଥିବା ଥଣ୍ଡା ପବନ ଓ ଦକ୍ଷିଣ (ଉଷ୍ମ ଅଞ୍ଚଳ)ରୁ ଆସୁଥିବା ଉଷ୍ମ ବାୟୁ ଦ୍ୱାରା ପ୍ରବାହିତ ହୋଇଥାଏ । ଯେତେବେଳେ ବଙ୍କା ହୁଏ କିମ୍ବା ▶ପୃଷ୍ଠା-୭

## ୧୦ ଡିଗ୍ରୀ ତଳେ ରାଜ୍ୟର ୧୩ ସହର

**୩ ଡିଗ୍ରୀକୁ ଖସିଲା ପାରଦ**

**ଜି.ଉଦୟଗିରି ସବୁଠୁ ଶୀତଳ**



■ ଭୁବନେଶ୍ୱର, ୨୮ ।୧୨ (ସମିସ): ରାଜ୍ୟରେ ଅସମ୍ଭାଳ ଶୀତ । ପଶ୍ଚିମଠାରୁ ନେଇ ଆଭ୍ୟନ୍ତରୀଣ ଓଡ଼ିଶା ସବୁଠାରେ ତାପମାତ୍ରା ତଳ ମୁହାଁ ହେତୁ ଶୀତ ବଢ଼ିଛି । ଗତ ୨୪ ଘଣ୍ଟାରେ ତାପମାତ୍ରା ୩ ଡିଗ୍ରୀକୁ ଖସିଥିବା ବେଳେ ପାହାଡ଼ିଆ ଅଞ୍ଚଳରେ ଅସହ୍ୟ ଶୀତ ଅନୁଭୂତ ହୋଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୩.୫ ଡିଗ୍ରୀ ସହ ଜି.ଉଦୟଗିରି ରାଜ୍ୟର ସବୁଠୁ ଶୀତଳ ଅଞ୍ଚଳ ପାଲଟିଛି । ସେହିପରି ଦାରିଙ୍ଗବାଡ଼ିରେ ତାପମାତ୍ରା ୬ ଡିଗ୍ରୀ ରହିଥିବା ବେଳେ ଝାରସୁଗୁଡ଼ାରେ ୭, ରାଉରକେଲାରେ ୭, ସେମିଳିଗୁଡ଼ାରେ ୭.୫, ନବରଙ୍ଗପୁର ୮.୫, ଭବାନୀପାଟଣାରେ ତାପମାତ୍ରା ୯.୫ ଡିଗ୍ରୀ ▶ପୃଷ୍ଠା-୭

# ବଙ୍ଗ-କଳିଙ୍ଗ ସମ୍ପର୍କରେ ଭଟ୍ଟା

## ପ୍ରବାସୀ ପ୍ରସଙ୍ଗ ଦୁଇ ରାଜ୍ୟ ପାଇଁ ବଡ଼ ଆହ୍ୱାନ




**ପୂର୍ବରୁ ରହିଛି ସୀମା, ରସଗୋଲା, ଆଳୁ ବିବାଦ**

**ସନ୍ଧିକ୍ଷଣରେ ଲକ୍ଷ ଲକ୍ଷ ଓଡ଼ିଆ ଓ ବଙ୍ଗୀୟ ନାଗରିକ**

■ ଭୁବନେଶ୍ୱର, ୨୮ ।୧୨ (ସମିସ): ଭାରତର ଗୌରବମୟ ଇତିହାସରେ ଅଙ୍ଗ-ବଙ୍ଗ-କଳିଙ୍ଗର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ ଓ ଅବିଚ୍ଛେଦ୍ୟ । ଏବେ ନିଜସ୍ୱ ପରିଚୟରେ ଏହି ଅଞ୍ଚଳଗୁଡ଼ିକ ଆଗକୁ ବଢ଼ିଛନ୍ତି । ସୀମା ଦୃଷ୍ଟିରୁ ଅଙ୍ଗ ଅର୍ଥାତ ବିହାର ସହିତ ଯଦିଓ ଓଡ଼ିଶାର ସମ୍ପର୍କ ବିଶେଷ ଜଡ଼ିତ ନୁହେଁ ମାତ୍ର ପଡ଼ୋଶୀ ରାଜ୍ୟ ଭାବେ ବଙ୍ଗ ଅର୍ଥାତ ପଶ୍ଚିମବଙ୍ଗ ସହିତ ଓଡ଼ିଶା ଓତଃପ୍ରତ ଭାବେ ଜଡ଼ିତ । ଏହି ସମ୍ପର୍କର କେବଳ ଦୁଇ ରାଜ୍ୟର ସୀମାକୁ ଯୋଡ଼ିନାହିଁ, ଉଭୟ ରାଜ୍ୟର ଲକ୍ଷଲକ୍ଷ ଲୋକଙ୍କ ଆତ୍ମିକ ସମ୍ପର୍କ ସହ ଜଡ଼ିତ ରହିଛି । ଲକ୍ଷ ଲକ୍ଷ ଓଡ଼ିଆ ଏବେ ପଶ୍ଚିମବଙ୍ଗରେ ବସବାସ କରୁଛନ୍ତି । ସମାନ ଭାବେ ଲକ୍ଷାଧିକ ବଙ୍ଗୀୟ ନାଗରିକ ମଧ୍ୟର ଓଡ଼ିଶା ବିଭିନ୍ନ ଜିଲ୍ଲାରେ ଶ୍ରମ, ବ୍ୟବସାୟ ସହ ଅନ୍ୟାନ୍ୟ କାମ କରୁଛନ୍ତି । ମାତ୍ର ସମୟାନ୍ତରେ ଏହି ସମ୍ପର୍କରେ ଭଟ୍ଟା ପଡ଼ିବାକୁ ଯାଉଛି । ଯେଉଁ ସୁସମ୍ପର୍କକୁ ନେଇ ଦୁଇ ରାଜ୍ୟ ସୌହାର୍ଦ୍ଦପୂର୍ଣ୍ଣ ଭାବେ ଚଳି ଆସୁଥିଲା, ତାହା ଏବେ କେତେଦିନ ତିଷ୍ଠିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଓଡ଼ିଶାରେ ବଙ୍ଗାଳୀ ଶ୍ରମିକମାନଙ୍କୁ ନିର୍ଯ୍ୟାତନା ସଂକ୍ରାନ୍ତ ପଶ୍ଚିମବଙ୍ଗର କ୍ରମାଗତ ଅଭିଯୋଗ ଏହି ସମ୍ପର୍କକୁ ତିକ୍ତ କରିଛି । ଅନ୍ୟ କେହି ନୁହେଁ, ପଶ୍ଚିବବଙ୍ଗର ଶାସକ ଦଳର ବହୁ ନେତା ଲଗାଉଥିବାରୁ ପଶ୍ଚିମବଙ୍ଗରେ କାର୍ଯ୍ୟ କରୁଥିବା ଓ ବସବାସ କରୁଥିବା ଓଡ଼ିଆମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି । ପୂର୍ବରୁ ସୀମା ବିବାଦରେ ଦୁଇ ରାଜ୍ୟର ପ୍ରଶାସନିକ ଲଢ଼େଇ ଜାରି ରହିଛି । ଏଥିନେଇ ସମୟ ସମୟରେ ସୀମାନ୍ତରେ ହାତାହାତି ସ୍ଥିତି ମଧ୍ୟ ସୃଷ୍ଟି ହୋଇଛି । ଏହାସହ ରସଗୋଲାର ସୃଷ୍ଟିକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ଆଇନଗତ ଲମ୍ବା ଲଢ଼େଇ ମଧ୍ୟ ଦୁଇ ରାଜ୍ୟ ମଧ୍ୟରେ ବିବାଦକୁ ଉଗ୍ର କରିଛି । ଆଳୁ ବିବାଦ ମଧ୍ୟ କ୍ରମାଗତ ଭାବେ ଦୁଇ ରାଜ୍ୟର ସମ୍ପର୍କ ଖରାପ କରି ଚାଲିଛି । କିଛି ଦିନ ତଳେ ଦୀଘାଠାରେ ନିର୍ମାଣ ହୋଇଥିବା ନୂତନ ଜଗନ୍ନାଥ ମନ୍ଦିର ଏହି ବିବାଦ ତାଲିକାରେ ଯୋଡ଼ି ହୋଇଛି । ସ୍ଥାନୀୟ ସରକାର ଏହାକୁ ଶ୍ରୀଜଗନ୍ନାଥ ଧାମ ନାମକରଣ କରିବା ପରେ ଓଡ଼ିଶାରେ ପ୍ରବଳ ବିରୋଧ ହେଉଛି ।

ତେବେ ଉପରୋକ୍ତ ବିବାଦମାନ ଯଦିଓ ସରକାରୀ ସ୍ତରରେ ଆଲୋଚନା ଓ ଲଢ଼େଇରେ ସୀମିତ ରହିଛି, ଦୁଇ ରାଜ୍ୟର ଶ୍ରମିକମାନଙ୍କ ସୁରକ୍ଷା ଭଳି ସମ୍ବେଦନଶୀଳ ପ୍ରସଙ୍ଗ ଏବେ ସବୁଠୁ ଅଡୁଆ ସ୍ଥିତି ସୃଷ୍ଟି କରିଛି । ନିକଟରେ ସମ୍ବଲପୁରରେ ଜଣେ ବଙ୍ଗୀୟ ନାଗରିକ, ଯିଏକି ଶ୍ରମିକ ଭାବେ କାମ କରୁଥିଲେ ତାଙ୍କୁ ବଙ୍ଗଳାଦେଶୀ ସନ୍ଦେହରେ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଖଡ୍‌ଗହସ୍ତ ହୋଇଛନ୍ତି । ବିଜେପି ଶାସିତ ରାଜ୍ୟରେ ବଙ୍ଗାଳୀ ଭାଷାଭାଷୀ ଲୋକଙ୍କ ଉପରେ ▶ପୃଷ୍ଠା-୭

### ଓଟିଇଟିରେ ବୋର୍ଡର ତାଲିବାନୀ ନୀତି

# ଫି' ନାମରେ ପରୀକ୍ଷାର୍ଥୀଙ୍କୁ ଶୋଷଣ

**ଗୋଟିଏ ପ୍ରଶ୍ନକୁ ଚ୍ୟାଲେଞ୍ଜ ପାଇଁ ଦେବାକୁ ହେବ ୫ଶହ ଟଙ୍କା**

**ନିଷ୍ପତ୍ତି ବିରୋଧରେ ବର୍ଷିଲେ ଛାତ୍ରଛାତ୍ରୀ ଓ ଅଭିଭାବକ**

■ ଭୁବନେଶ୍ୱର, ୨୮ ।୧୨ (ସମିସ): ଓଟିଇଟି ପରୀକ୍ଷା ପରିଚାଳନା କରିବାରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଖାମଖିଆଲ୍ ଓ ବେପରୁଆ ମନୋଭାବ ପଦାରେ ପଡ଼ିଛି । ଆନ୍‌ସାର୍-କୀ ପ୍ରକାଶ ପାଇଥିବା ବିଜ୍ଞପ୍ତି ଜାରି କରି ମଧ୍ୟ ପ୍ରକାଶିତ କରି ନ କରିବା ଓ ଖବର ପ୍ରକାଶ ପରେ ଯାଇ ୱେବସାଇଟ୍‌ରେ ଉପଲବ୍ଧ ହେବାକୁ ନେଇ ବିବାଦ ଆରମ୍ଭ ହୋଇଥିବାବେଳେ ଆନ୍‌ସାର୍-କୀ ର ଗୋଟିଏ ପ୍ରଶ୍ନକୁ ଚ୍ୟାଲେଞ୍ଜ କରିବା ପାଇଁ ୫୦୦ ଟଙ୍କା ଫି' ଧାର୍ଯ୍ୟ ପୁଣି ନୂତନ ବିବାଦ ସୃଷ୍ଟି କରିଛି । ପରୀକ୍ଷାର୍ଥୀମାନେ ଏହାକୁ ବିରୋଧ କରିବା ସହ ଛାତ୍ରଛାତ୍ରୀଙ୍କୁ ଶୋଷଣ କରିବା ପାଇଁ ଏପରି ତାଲିବାନୀ ନିଷ୍ପତ୍ତି ନିଆଯାଇଥିବା ଅଭିଯୋଗ କରିଛନ୍ତି ।

ବୋର୍ଡର ବିଜ୍ଞପ୍ତି ଅନୁସାରେ ଆନ୍‌ସାର୍-କୀ ରେ ପ୍ରକାଶ ପାଇଥିବା ଉତ୍ତର ନେଇ ଅସନ୍ତୁଷ୍ଟ ଥିବା ପରୀକ୍ଷାର୍ଥୀମାନେ ଆସନ୍ତା ୨୯ ତାରିଖରୁ ଆପତ୍ତି କରିପାରିବେ । ଗୋଟିଏ ପ୍ରଶ୍ନ ପାଇଁ ଆପତ୍ତି କଲେ ପରୀକ୍ଷାର୍ଥୀଙ୍କୁ ୫୦୦ ଟଙ୍କା ଦେବାକୁ ହେବ । ପରୀକ୍ଷାର୍ଥୀଙ୍କ ଆପତ୍ତି ଯଦି ଠିକ୍ ସାବ୍ୟସ୍ତ ହୁଏ, ତାହେଲେ ସେମାନଙ୍କୁ ସେହି ଟଙ୍କା ଫେରସ୍ତ କରାଯିବ । ଅର୍ଥାତ୍ ପରୀକ୍ଷାର୍ଥୀଙ୍କ ଆପତ୍ତିକୁ ବୋର୍ଡ ପକ୍ଷରୁ ଗଠିତ ବିଶେଷଜ୍ଞ କମିଟି ଭୁଲ୍ ବୋଲି ଗ୍ରହଣ କଲେ, ସେହି ଆବେଦନକାରୀଙ୍କୁ ଫି' ଫେରସ୍ତ କରାଯିବ ନାହିଁ । ଅପରପକ୍ଷରେ ବୋର୍ଡ ପକ୍ଷରୁ ନିର୍ଦ୍ଧାରିତ କରାଯାଇଥିବା ଫି'କୁ ନେଇ ପରୀକ୍ଷାର୍ଥୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ▶ପୃଷ୍ଠା-୭

### ଭାଙ୍ଗିଲା ରେକର୍ଡ

# ଭରସା ହରାଉଛି ଭାରତୀୟ ବଜାର

## ୨୦୨୫ରେ ବିଦେଶୀ ନିବେଶକ ଉଠାଇନେଲେ ୧.୬ ଲକ୍ଷ କୋଟି




**୨୦୨୨ରେ ପ୍ରତ୍ୟାହାର ହୋଇଥିଲା ୧.୨୧ ଲକ୍ଷ କୋଟି ଟଙ୍କା**

■ ମୁମ୍ବଇ, ୨୮।୧୨ (ଏଜେନ୍ସି): ଡ଼ଲାର ତୁଳନାରେ ଟଙ୍କା କ୍ରମାଗତ ଦୁର୍ବଳ ହୋଇ ଚାଲିବା ଅର୍ଥନୀତି ପ୍ରତି ସଙ୍କଟ ଡ଼ାକି ଆଣିଥିବା ସମୟରେ ନିବେଶ କ୍ଷେତ୍ରରେ ବିଦେଶୀଙ୍କ ଭରସା ହରାଇଛି ଭାରତୀୟ ବଜାର । ୨୦୨୫ରେ ବିଦେଶୀ ନିବେଶକମାନେ ଭାରତୀୟ ବଜାର ଓ ଷ୍ଟକ୍‌ରୁ ପ୍ରାୟ ୧.୬ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଛନ୍ତି । ୨୦୨୨ରେ ବିଦେଶୀ ନିବେଶକମାନେ ୧.୨୧ ଲକ୍ଷ କୋଟି ପୁଞ୍ଜି ପ୍ରତ୍ୟାହାର କରିଥିଲେ ଓ ଏବେ ଏହି ପରିମାଣ ୨୫% ବୃଦ୍ଧି ପାଇ ୧.୬ ଲକ୍ଷ କୋଟିରେ ପହଞ୍ଚିଛି ।

ବିଭିନ୍ନ ବୈଶ୍ୱିକ ଓ ଘରୋଇ କାରଣ ଭାରତୀୟ ଷ୍ଟକ ବଜାରକୁ ବିଦେଶୀ ନିବେଶକଙ୍କ ପାଇଁ ବିଶ୍ୱସନୀୟ ହୋଇ ରହିନାହିଁ । ଯେଉଁଥିପାଇଁ ଏତେ ବଡ଼ ପରିମାଣର ନିବେଶ ପ୍ରତ୍ୟାହାର ହୋଇଥିବା ବଜାର ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି ।

୨୦୨୫ରେ ଭାରତୀୟ ମୁଦ୍ରା ଟଙ୍କାର ବିନିମୟ ମୂଲ୍ୟରେ ହ୍ରାସ ଓ କ୍ରମବର୍ଦ୍ଧିତ ହେଜିଂ ଖର୍ଚ୍ଚ ମଧ୍ୟ ବିଦେଶୀ ନିବେଶକଙ୍କ ଚିନ୍ତା ବଢ଼ାଇଛି । ବାଣିଜ୍ୟିକ ଉତ୍ତେଜନା ଓ ଅସ୍ଥିର ଭୂ-ରାଜନୀତି ଭାରତୀୟ ବଜାରକୁ ବିଶ୍ୱାସ ସଙ୍କଟ ମଧ୍ୟରେ ଠିଆ କରିଛି । ବିଶେଷକରି ଆମେରିକାର ଶୁଳ୍କ ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳରେ ବାଧା ସୃଷ୍ଟି ହେବାର ସମ୍ଭାବନା ନିବେଶକମାନଙ୍କୁ ଅଧିକ ସତର୍କ କରିଛି । ଏହି ପରିସ୍ଥିତିରେ ବିଦେଶୀ ନିବେଶକମାନେ ସୁରକ୍ଷିତ ବଜାରକୁ ପସନ୍ଦ କରିଛନ୍ତି ଓ ଭାରତ ଭଳି ବିକାଶଶୀଳ ବଜାରରୁ ଅଂଶଧନ ପ୍ରତ୍ୟାହାର କରିଥିବା କୁହାଯାଉଛି ।

ଅପରପକ୍ଷରେ କେତେକ କ୍ଷେତ୍ରରେ ଷ୍ଟକ୍ ମୂଲ୍ୟ ବହୁତ ଉଚ୍ଚସ୍ତରରେ ପହଞ୍ଚିଥିବାରୁ ବିଦେଶୀ ନିବେଶକମାନେ ପ୍ରଫିଟ୍ ବୁକିଂକୁ ସର୍ବୋତ୍ତମ ବିକଳ୍ପ ଭାବରେ ବିବେଚନା କରିଛନ୍ତି । ମାସିକ ରିପୋର୍ଟ ▶ପୃଷ୍ଠା-୭

ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ

# ରାକ୍ଷସଗଣଙ୍କ ନିଧନରେ ମର୍ମାହତ ମଥୁରା ନରେଶ



**ବରଗଡ଼/ମଥୁରାନଗରୀ, ୨୮ ।୧୨(ସମିସ)**

ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଯାତ୍ରା ମହୋତ୍ସବର ପଞ୍ଚମ ଦିବସରେ କୃଷ୍ଣଙ୍କ ଦ୍ୱାରା ପୁତନା, ଅଘା, ବକା, ଶକଟା, ତୃଣା ଷଣ୍ଢା, ଧେନୁ ଆଦି ରାକ୍ଷସଙ୍କ ମୃତ୍ୟୁରେ କଂସ ମର୍ମାହତ ହୋଇଛନ୍ତି। ଦୁର୍ମିଳ ରାକ୍ଷସ ମହାରାଜ କଂସ ସହ ଯୁଦ୍ଧ କରି ଜୀବନ ହରାଇଛି। ସେହିଭଳି ଜରାସନ୍ଧ ସହ ଯୁଦ୍ଧ ହୋଇଥିଲା। ଜରାସନ୍ଧ ପରାସ୍ତ ହୋଇଥିଲେ। ପରେ ଦୁହିଁଙ୍କ ମଧ୍ୟରେ ସନ୍ଧି ସ୍ଥାପନ ହୋଇଥିଲା। ପୂର୍ବରୁ ନଗର ପରିକ୍ରମା କ୍ରମରେ ମହାରାଜ କଂସ ଦିଗ୍ ବିଜୟରେ ବାହାରିଥିଲେ। ସହର ସାରା ମହାରାଜ କଂସଙ୍କ ବିରାଟ ପଟୁଆରରେ ପ୍ରକମ୍ପିତ ହୋଇଥିଲା। ମହାରାଜା କଂସ ଓ ତାଙ୍କ ପାତ୍ର ମନ୍ତ୍ରୀଙ୍କୁ ଦେଖିବାକୁ ମୁଖ୍ୟ ରାସ୍ତାରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଅପରପକ୍ଷରେ ଗୋପପୁରର କୃଷ୍ଣ ଭାଇ ବଳରାମଙ୍କ ସହ ନାନା ଲୀଳାଖେଳାରେ ମାତି ଥିଲେ। ବେନିଭାଇ ସଖା ସୁଦାମା, ସୁବଳ, ଶ୍ରୀରାମ, ଗୋବିନ୍ଦ, ମଧୁମଙ୍ଗଳ ସହ ବଣଭୋଜି ଓ ଗୋଧନ ଚରାଇ ଯାଇଥିଲେ। ଏହା ସହିତ ଯାମଳାର୍ଜୁନ ଭଞ୍ଜନ, କାଳୀୟ ଦଳନ, ବିଶ୍ୱରୂପ ଦର୍ଶନ ଓ ଗୋପୀଙ୍କ ଦଧିବିକା ଦୃଶ୍ୟ ମଧ୍ୟ ଅନୁଷ୍ଠିତ ହୋଇଥିଲା।

**କମ୍ପୁଛି ମୁକ୍ତାକାଶ ରଙ୍ଗମଞ୍ଚ**

ତେବେ ରବିବାର ହେତୁ ଦିନ ୨ଟାରୁ ଧନୁଯାତ୍ରା ଦେଖିବାକୁ ମଥୁରାନଗରବାସୀଙ୍କ ଭିଡ଼ ଲାଗିଥିଲା। ଲକ୍ଷାଧିକ ଲୋକଙ୍କ ସମାଗମକୁ ନେଇ ମଥୁରାନଗରୀ (ବରଗଡ଼) ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନାଙ୍କ ତତ୍ତ୍ୱାବଧାନରେ ସୁରକ୍ଷା ବ୍ୟବସ୍ଥା ତଦାରଖ କରାଯାଇଥିଲା।















## କଂସଙ୍କ ନିମନ୍ତ୍ରଣ ପାଇ ରାଜ ଦରବାରରେ ପହଞ୍ଚିଲେ ମନ୍ତ୍ରୀ



ମହାରାଜ କଂସଙ୍କ ନିମନ୍ତ୍ରଣ ପାଇ ରାଜ ଦରବାରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପହଞ୍ଚି ଥିଲେ। ସାରା ରାଜ୍ୟରେ ସମସ୍ତ ପ୍ରଜାଙ୍କ ପାଇଁ କରୁଥିବା ଜନ ହିତକର କାର୍ଯ୍ୟ ସବୁ ସେ ବର୍ଣ୍ଣନା କରିଥିଲେ। ଏଥିରେ ମହାରାଜ କଂସ ଆନନ୍ଦିତ ହୋଇ ମନ୍ତ୍ରୀଙ୍କୁ ସମ୍ମାନିତ କରିଥିଲେ। ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଅତାବିରା ବିଧାୟକ ନିହାର ମହାନନ୍ଦ, ରାଜ ଦରବାର କମିଟି ଆବାହକ ରାଜେନ୍ଦ୍ର ପ୍ରସାଦ ସିଂ, ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଡକ୍ଟର ମାଧବଙ୍କ ସ୍ୱାସ୍ଥ୍ୟ ସଚେତନତା ଶିବିର

ବିଶ୍ୱ ଧନୁଯାତ୍ରା ଉପଲକ୍ଷେ ସୋହେଲା ବ୍ଲକ ସରକଣ୍ଡା ଗାଁର ଡକ୍ଟର ମାଧବ ନାୟକଙ୍କ ଡାଇବେଟିସ ରିଭର୍ସାଲ ପ୍ରୋଗ୍ରାମ ତରଫରୁ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଉଦ୍‌ଘାଟିତ ହୋଇଛି। ଡାଇବେଟିସ, ଉଚ୍ଚ ରକ୍ତଚାପ, ମୋଟାପା, ଫ୍ୟାଟି ଲିଭର, କୋଲେଷ୍ଟ୍ରୋଲ, ଏସିଡିଟି, ଥାଇରୋଇଡ, ସ୍ନାୟୁ ରୋଗ, ଗ୍ୟାଷ୍ଟ୍ରିକ ଭଳି ରୋଗ ଉପରେ ଲୋକେ କିପରି ଜୀବନ ଶୈଳୀ ପରିବର୍ତ୍ତନ କରି ଔଷଧ ମୁକ୍ତ ହୋଇ ପାରିବେ ସେନେଇ ସଚେତନ କରାଯାଇଛି।



## ଧନୁଯାତ୍ରା ମହୋତ୍ସବ ଅବସରରେ ଚିତ୍ରକଳା ଶିବିର

ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ ଅବସରରେ ସ୍ଥାନୀୟ ଗାନ୍ଧୀ ପାର୍କଠାରେ ଚିତ୍ର କଳା ଶିବିର ଆୟୋଜିତ ହୋଇଛି। ଧନୁଯାତ୍ରା ପ୍ରଚାର ଓ ପ୍ରସାର କମିଟି ଏବଂ ଧନୁଯାତ୍ରା ମହୋତ୍ସବ ସମିତିର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଏହି ଶିବିରରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ୩୧ ଜଣ ଚିତ୍ରଶିଳ୍ପୀ ଭାଗ ନେଇଥିଲେ। ଧନୁଯାତ୍ରା ସମେତ ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ବିଭିନ୍ନ ଦୃଶ୍ୟ ଓ କାହାଣୀକୁ ତୂଳୀରେ ଶିଳ୍ପୀମାନେ ଜୀବନ୍ତ ରୂପ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ଧନୁଯାତ୍ରା ପ୍ରଚାର ପ୍ରସାର କମିଟିର ଆବାହକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା ଏବଂ ସହ ଆବାହକ ରବି ପଣ୍ଡାଙ୍କ ସଂଯୋଜନାରେ ତଥା ଚିତ୍ରଶିଳ୍ପୀ ଶିବିରର ସଂଯୋଜକ ସନ୍ତୋଷ ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶିବିରରେ ପ୍ରତିଯୋଗୀ ଧନୁଯାତ୍ରା ସମ୍ପର୍କିତ ଚିତ୍ର ଆଙ୍କିଥିଲେ। ଶିବିର ପରିଚାଳନାରେ ସାମ୍ବାଦିକ ସତ୍ୟଜିତ ଦାଶ, ଶ୍ରୀକାନ୍ତ ମଟାରୀ, ସତ୍ୟ ପ୍ରଧାନ, ଲଲାଟେନ୍ଦୁ ଦାଶ, ପ୍ରଦୀପ ପାଢ଼ୀଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଏବଂ ଏହି କମିଟିର ସଦସ୍ୟ ସହଯୋଗ କରିଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ଚିତ୍ରଶିଳ୍ପୀଙ୍କୁ ରଙ୍ଗମହଲରେ ମହାରାଜ କଂସଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଚିତ୍ରକଳା ଶିବିରରେ ବରଗଡ଼ ତଥା ଆଖପାଖ ବଲାଙ୍ଗୀର, ସମ୍ବଲପୁର, ସୋନପୁର, ଝାରସୁଗୁଡ଼ା ଜିଲ୍ଲାର ଶିଳ୍ପୀ ଯୋଗ ଦେଇଥିଲେ। କୁଶା ଭୁୟାଁ, ଅମୂଲ୍ୟ ସିକନ୍ଦର, କିଶୋର କୁଁଅର, ବିଦ୍ୟାଧର ସାହୁ, ମନୋଜ ପ୍ରଧାନ, ଲିଙ୍କନ୍ ନାୟକ, ବିଜୁନ୍ଦ୍ର ବେହେରା, ରାଜ ସିଂ, ଛନ୍ଦା ଚରଣ ଭୋଇ, ସୁଦର୍ଶନ ନାୟକ, ଯୁଧିଷ୍ଠିର ରଣା, ଗିରିଧାରୀ ସାହୁ, ସଞ୍ଜୁକତା ପ୍ରଧାନ, ଅନ୍ୱେଷା ପଣ୍ଡା, ସତ୍ୟଭିକ ବିଶ୍ୱାଲ, ସତ୍ୟମ ସାହୁ, ମନୋରଞ୍ଜନ ନାୟକ, ଜତିନ ପାଢ଼ୀ, ରଜା ମେହେର, ପ୍ରତ୍ୟୁଷ ପଣ୍ଡା, ଫାକିରା ମେହେର, ଜୟ ମେହେର, ଦୀପାଳି କର, ମୋହିତ ଠାକୁର, ବିଷ୍ଣୁ ଜୟସ୍ୱାଲ, ଆରାଧ୍ୟା ବିଶ୍ୱାଳ, ପୂଜା ଜଗଦଲା, ଶ୍ୟାମ କୁମାର, କ୍ଷୀରୋଦ ସାଗର ନାୟକ, ଉତ୍ତର ବାରିକ, ଅଂଶୁମାନ ବାରିକ ପ୍ରମୁଖ ସମସ୍ତ ଚିତ୍ରଶିଳ୍ପୀଙ୍କୁ ରଙ୍ଗ ମହଲରେ ମହାରାଜ କଂସ ସ୍ମାରକୀ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

**ଯୋଗଦେଲେ ୩୧ ଜଣ ଚିତ୍ରଶିଳ୍ପୀ**



## ଡ. ରବିନାରାୟଣ ସାହୁଙ୍କ ଧନୁଯାତ୍ରା ସମ୍ପର୍କିତ ପୁସ୍ତକ ଲୋକାର୍ପିତ



ସାହିତ୍ୟିକ ଡକ୍ଟର ରବିନାରାୟଣ ସାହୁଙ୍କ ଧନୁଯାତ୍ରା ସମ୍ପର୍କୀୟ ପଞ୍ଚମ ପୁସ୍ତକ 'ପଶ୍ଚିମ ଓଡ଼ିଶାର ଅନନ୍ୟ ଯାତ୍ରା: ଧନୁଯାତ୍ରା' ମହାରାଜ କଂସଙ୍କ ରାଜ ଦରବାରରେ ଲୋକାର୍ପିତ ହୋଇଛି। ଚତୁର୍ଥ ଦିବସର ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ପୁସ୍ତକକୁ ମହାରାଜ କଂସ ଲୋକାର୍ପିତ କରିଥିଲେ। ମଞ୍ଚରେ ଅନ୍ୟମାନଙ୍କ ମଧ୍ୟରେ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ, ରାଜ ଦରବାର କମିଟି ଆବାହକ ରାଜେନ୍ଦ୍ର ପ୍ରସାଦ ସିଂ, ପ୍ରିତମ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୟ ବେହେରା ସମ୍ମାନିତ



ଯୁଗୋପଯୋଗୀ ସୁବର୍ଣ୍ଣ ଦୀପ ସମିତି, ବରଗଡ଼ ତରଫରୁ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ଚତୁର୍ଥ ଦିବସରେ କଂସ ଦରବାରଠାରେ ତ୍ରିଭୁବନ ପ୍ରତାପୀ କଂସ ମହାରାଜାଙ୍କ କରକମଳରେ ୧୯୮୬ରୁ ୧୯୯୩ ରଙ୍ଗ ସଭାରେ ବିଭିନ୍ନ ଦେଶର ରାଜା ଭୂମିକାରେ ଅଭିନୟ କରିଥିବା ବିଶିଷ୍ଟ କଳାକାର, ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ବିଜୟ ବେହେରା (ଖଜୁରଟିକ୍ରା, ବରଗଡ଼)ଙ୍କୁ ୧୯ତମ ଯୁଧିଷ୍ଠିର ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ବରଗଡ଼ ଧନୁଯାତ୍ରା ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ, ସୁବର୍ଣ୍ଣ ଦୀପ ସମିତିର ଉପଦେଷ୍ଟା ସର୍ଦ୍ଦାର ପ୍ରୀତମ ସିଂ, ସଭାପତି ନବକୃଷ୍ଣ ମିଶ୍ର, ସମ୍ପାଦକ ପ୍ରଦୀପ୍ତ ଭାନୁ ମହାନ୍ତି, ଦରବାର ମଞ୍ଚ ଆବାହକ ରାଜେନ୍ଦ୍ର ପ୍ରସାଦ ସିଂ (ଗୁଣ), ମଞ୍ଚ ସହ ଆବାହକ ରାଜୁ ଝା ଙ୍କ ସହ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଏହି ସମ୍ମାନ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ପୂର୍ବତନ କଂସ ସ୍ୱର୍ଗତ ଯୁଧିଷ୍ଠିର ଶତପଥୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଦାନ କରାଯାଇ ଆସୁଛି।

■ ବିନା ବିସ୍ଥାପନରେ ଜଳସେଚନ ବ୍ୟବସ୍ଥା

## ସାଂସଦଙ୍କୁ ଭେଟିଲେ ଅଙ୍ଗ ନଦୀ ବନ୍ଧ ପ୍ରକଳ୍ପ ବୁଡ଼ି ଅଞ୍ଚଳବାସୀ



**ପଦ୍ମପୁର, ୨୮ ।୧୨(ସମିସ):** ପ୍ରସ୍ତାବିତ ବୃହତ ଅଙ୍ଗନଦୀ ବନ୍ଧ ପ୍ରକଳ୍ପ ବୁଡି ଅଞ୍ଚଳବାସୀ ତରଫରୁ ଏକ ପ୍ରତିନିଧି ମଣ୍ଡଳୀ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କୁ ଭେଟି ବିନା ବିସ୍ଥାପନରେ ଜଳସେଚନ ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି। ସରକାରଙ୍କ ପ୍ରସ୍ତାବ ଅନୁସାରେ ଅଙ୍ଗନଦୀ ବନ୍ଧ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୧୧ ଖଣ୍ଡ ଗାଁ ସମ୍ପୂର୍ଣ୍ଣ ଓ ୨୧ଖଣ୍ଡ ଗାଁ ଆଂଶିକ ଜଳମଗ୍ନ ହେବ। ବୃହତ ସଂଖ୍ୟାରେ ବିସ୍ଥାପିତ ହେବା ଆଶଙ୍କା କରି ବୁଡି ଅଞ୍ଚଳ ବାସୀଙ୍କ ତରଫରୁ ୨୦ଜଣିଆ ପ୍ରତିନିଧି ମଣ୍ଡଳୀ ବିନା ବିସ୍ଥାପନରେ ଛୋଟ ଛୋଟ ଆନିକଟ କରାଯାଇ ଚାଷୀଙ୍କୁ ଜଳ ଯୋଗାଇ ଦେବା ପାଇଁ ଅନୁରୋଧ କରିଛନ୍ତି। ସାଂସଦଙ୍କୁ ଦାବିପତ୍ର ପ୍ରଦାନ ସମୟରେ ପ୍ରତିନିଧି ମଣ୍ଡଳୀରୁ ଡ୍ୟାମ୍ ପ୍ରତିରୋଧ କମିଟି ଉପସଭାପତି ସୁଶାନ୍ତ କୁମାର ସାହୁ, ସମ୍ପାଦକ କେଶବ ସାହୁ, ସରେଇକେଲା ସରପଞ୍ଚ ଉପେନ୍ଦ୍ର ପଟେଲ, ଚର୍ଦାପାଲି ସରପଞ୍ଚ ପ୍ରତିନିଧି ପ୍ରତିନିଧି ଗଣେଶ ନାଏକ, ପଦ୍ମଲୋଚନ ବେରିଆ, ଜଗଦଲପୁର ଗ୍ରାମପଞ୍ଚାୟତ ରୁ ମଦନ ମୋହନ ପଟେଲ, ଗୋପବନ୍ଧୁ ସାହୁ ସମେତ ପ୍ରକାଶ ପ୍ରଧାନ, ରମଣୀ ରଞ୍ଜନ ବେହେରା, ଗଜରାଜ ଡନସନା, ନିମାଇଁ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ଇଣ୍ଡୋର୍ ସନ୍ତରଣାଗାର ଭିତ୍ତିପ୍ରସ୍ତର ସ୍ଥାପନ

**ବରଗଡ଼, ୨୮ ।୧୨(ସମିସ):** ବରଗଡ଼ ଜିଲ୍ଲାର କ୍ରୀଡା ଢାଞ୍ଚାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସ୍ଥାନୀୟ ତୋରାସ୍ଥିତ ଲାପ୍ଲୋରା ରେସୋର୍ଟ ପରିସରରେ ୫୦ମିଟର ଲମ୍ବର ଆଧୁନିକ ଇଣ୍ଡୋର୍ ସନ୍ତରଣାଗର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କ୍ରୀଡା ଓ ଯୁବସେବା, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍, ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଓ ବିଜେପୁର ବିଧାୟକ ସନତ ଗଡ଼ତିଆ, ରବି ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ତୋରା, ବରଗଡ଼ରେ ନିର୍ମିତ ହେବାକୁ ଯାଉଥିବା ୫୦ ମିଟର ଇଣ୍ଡୋର ସନ୍ତରଣାଗର ପ୍ରକଳ୍ପର ପ୍ରାୟ ୨୩ କୋଟି ଟଙ୍କା ଅନୁମୋଦିତ ହୋଇଛି। ଏହି ପ୍ରକଳ୍ପରେ ଆଧୁନିକମାନକର ଏକ ୫୦ ମିଟର ସନ୍ତରଣାଗର ସହ ପୁରୁଷ ଓ ମହିଳାଙ୍କ ପାଇଁ ପୃଥକ୍ ଚେଞ୍ଜିଂ ରୁମ୍ ଓ ଶୌଚାଳୟ ଭବନ, କାର୍ଯ୍ୟାଳୟ କକ୍ଷ, ବହୁଦେଶୀୟ କକ୍ଷ ଏବଂ ବାହ୍ୟ ଉନ୍ନୟନ କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି। ବାହ୍ୟ ଉନ୍ନୟନରେ ଲ୍ୟାଣ୍ଡସ୍କେପିଂ, ଡ୍ରେନେଜ୍ ପ୍ରଣାଳୀ ଓ ପାର୍କିଂ ସୁବିଧା ନିର୍ମାଣ କରାଯିବ। ଏହି ସନ୍ତରଣାଗର ନିର୍ମାଣ ଦ୍ୱାରା ବରଗଡ଼ ଜିଲ୍ଲାର କ୍ରୀଡାବିଦ୍‌ମାନେ ଆଧୁନିକ ଓ ଆନ୍ତର୍ଜାତୀୟ ମାନକର ଅଭ୍ୟାସ ସୁବିଧା ପାଇବେ ଏବଂ ରାଜ୍ୟ ସହ ଜାତୀୟ ସ୍ତରର ପ୍ରତିଯୋଗିତା ପାଇଁ ସୁସଜ୍ଜିତ ହୋଇପାରିବେ। ଏହି ଅବସରରେ ବରଗଡ଼ର ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ୍ ଉନ୍ନୟନ ପ୍ରକଳ୍ପ ସମ୍ପର୍କରେ ମନ୍ତ୍ରୀ ଅବଗତ କରାଇଥିଲେ। ପ୍ରକଳ୍ପ ଅନ୍ତର୍ଗତ ଷ୍ଟାଡିୟମ୍‌ରେ ସ୍ପୋର୍ଟସ୍ ହାଇମାଷ୍ଟ ଏଲଇଡି ଲାଇଟ୍ ସ୍ଥାପନ କରାଯିବା ସହ ଖେଳ ମାଇଦାନର ଉନ୍ନୟନ ଓ ବାହ୍ୟ ଡ୍ରେନେଜ୍ ପ୍ରଣାଳୀକୁ ସୁଦୃଢ଼ କରାଯିବ।



## ଏବିଭିପି ଓଡ଼ିଶା ପଶ୍ଚିମର ୫୦ତମ ରାଜ୍ୟ ଅଧିବେଶନ

# 'ବ୍ୟକ୍ତିତ୍ୱ ଗଠନର ସର୍ବବୃହତ୍ତ ମୁକ୍ତ ବିଶ୍ୱବିଦ୍ୟାଳୟ ଏବିଭିପି'



**ରାଉରକେଲା, ୨୮।୧୨(ସମିସ)**

୧୯୪୯ ମସିହାରୁ ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଏବିଭିପି ଏକ ସର୍ବଶ୍ରେଷ୍ଠ 'ମୁକ୍ତ ବିଶ୍ୱବିଦ୍ୟାଳୟ' ଭାବେ ବୈଚାରିକ ସ୍ପଷ୍ଟତାକୁ ନେଇ ସଫଳ ନେତୃତ୍ୱ ଗଠନ କରିବା ସଙ୍ଗେ ସଙ୍ଗେ ଏକ ବୃହତ ଓ ଯୁବ ଆନ୍ଦୋଳନ ସୃଷ୍ଟି କରିଛି ବୋଲି ରାଉରକେଲାଠାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି), ଓଡ଼ିଶା ପଶ୍ଚିମର ୫୦ତମ ରାଜ୍ୟ ଅଧିବେଶନରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଥିଲେ, ଭାରତବର୍ଷରେ ଏବିଭିପି ଗଠନର ୭୭ ବର୍ଷ ପୂରଣ ହୋଇଥିବା ବେଳେ ଓଡ଼ିଶାର ସାମାଜିକ ଜୀବନରେ ଏହା ଏକ ଗଭୀର ପ୍ରଭାବ ପକାଇଛି। ଯୁବପିଢ଼ିଙ୍କ ପ୍ରେରଣାସ୍ରୋତ ସ୍ୱାମୀ ବିବେକାନନ୍ଦ, ଶହୀଦ ଭଗତ ସିଂହ, ବିର୍ସା ମୁଣ୍ଡା, ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ ଏବଂ ବୀର ବାଜି ରାଉତଙ୍କ ଭଳି ମହାପୁରୁଷଙ୍କର ଆମେ ସ୍ଲୋଗାନ ଦେଉଛୁ, ଯେଉଁ ଯୁବମାନେ ନିଜର ଭୌତିକ ସୁଖ ତ୍ୟାଗ କରି ସମାଜ ଓ ଦେଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ଶ୍ରୀ ପ୍ରଧାନ କହିଛନ୍ତି, ୧୯୪୯ ମସିହାରୁ ଏବିଭିପି ସେହି ଦେଶପ୍ରେମର ବହ୍ନିକୁ ଯୁବକମାନଙ୍କ ମଧ୍ୟରେ ନିରନ୍ତର ପ୍ରଜ୍ୱଳିତ କରି ରଖିଛି। ରାଷ୍ଟ୍ର ପୁନର୍ନିର୍ମାଣର ଏହି ଆନ୍ଦୋଳନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ହେଉଛି ବଟବୃକ୍ଷ, ଯାହାର ଏକ ଶାଖା ରୂପେ କାମ କରୁଥିବା ଏବିଭିପିର ଦାୟିତ୍ୱ ବହୁତ ଅଧିକ। ଦେଶକୁ ସମୃଦ୍ଧ କରିବା ପାଇଁ ଦାୟିତ୍ୱ ନେବାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର କୌଣସି ବିକଳ୍ପ ନାହିଁ ବୋଲି ସେ କହିଥିଲେ। ଏହି ଅବସରରେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ସ୍ୱପ୍ନ ପୂରଣ ପାଇଁ ଏବିଭିପି ଛାତ୍ରଛାତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ୭ଟି ପ୍ରମୁଖ ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ। ସେ ଗୁଡ଼ିକ ହେଲା ୨୦୩୬ରେ ଓଡ଼ିଶା ଗଠନର ଶହେ ବର୍ଷ ପୂର୍ତ୍ତି ଅବସରରେ ସମୃଦ୍ଧ ଓଡ଼ିଶାର ସଂକଳ୍ପ ନେବା, ଜାତୀୟ ଶିକ୍ଷା ନୀତି ଅନୁସାରେ ମାତୃଭାଷାରେ ଶିକ୍ଷାଦାନକୁ ପ୍ରୋତ୍ସାହିତ କରିବା, ଓଡ଼ିଶାର କୌଣସି ଶିଶୁ ଯେପରି କୁପୋଷଣର ଶିକାର ନହେବେ, ସେଥିପ୍ରତି ଦାୟିତ୍ୱ ନେବା, 'ବିକଶିତ ଭାରତ' ପାଇଁ ଆମକୁ ମାନବ ସମ୍ବଳର କାର୍ଯ୍ୟଶକ୍ତି ୫୦ ପ୍ରତିଶତରୁ ୭୫ ପ୍ରତିଶତକୁ ବୃଦ୍ଧି କରିବା, ଯୁବପିଢ଼ିଙ୍କୁ ଚାକିରି ଖୋଜିବା ବଦଳରେ ଚାକିରି ଦିଆଳି ଭଳିଆ ପରିବେଶ ପ୍ରସ୍ତୁତ କରିବା, ବିଶ୍ୱଗୁରୁ ହେବା ପାଇଁ ବିଶ୍ୱର ସମସ୍ୟାର ସମାଧାନ କରିବା ଦିଗରେ ଅଗ୍ରସର ହେବା ଏବଂ ପରିବେଶକୁ ସ୍ୱଚ୍ଛ ରଖିବା ସହ ସ୍ୱାସ୍ଥ୍ୟ ସଚେତନତା କରାଇବା ଦିଗରେ ଆହୁରି ଆଗକୁ ବଢ଼ିବା ବୋଲି ସେ ମତପ୍ରକାଶ କରିଥିଲେ।

## ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**ରାଉରକେଲା, ୨୮।୧୨(ସମିସ):** ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମଙ୍କ କରକମଳରେ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ରାଉରକେଲା ମହାନଗର ଅଟଳ ବିହାରୀ ବାଜପେୟୀ ସ୍ମୃତି କମିଟି ଦ୍ୱାରା ଉଦିତ ନଗର ସ୍ଥିତ ହନୁମାନ ବାଟିକା ରିଙ୍ଗରୋଡ଼ ଛକଠାରେ ପୂର୍ଣ୍ଣ ନିର୍ଦ୍ଧିଷ୍ଟ ପ୍ରକାରେ ଏହି ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ସମାରୋହରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଦୀପ ପ୍ରଜ୍ୱଳନ କରିବା ସହ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ଓରାମ କହିଥିଲେ, ବାଜପେୟୀ ଜଣେ ନେତା ଯାହାଙ୍କ ଆଦର୍ଶରେ ପ୍ରଥମେ ଦେଶ, ଦେଶ ଓ ରାଷ୍ଟ୍ର ସର୍ବୋପରି ଓ ଭାରତ ମାତାଙ୍କ ପାଇଁ ଜୀବନକୁ ସମର୍ପଣ କରିଥିଲେ। ଯାହାଙ୍କୁ ଆମକୁ ସ୍ମରଣ କରିବାକୁ ପଡ଼ିବ ଓ ତାଙ୍କ ମାର୍ଗରେ ଅନୁପ୍ରାଣିତ ହେବାକୁ ପଡ଼ିବ ବୋଲି ଶ୍ରୀ ଓରାମ କହିଥିଲେ। ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତି ପାର୍ଟି ପ୍ରତି, ରାଷ୍ଟ୍ର ପ୍ରତି ଓ ଦେଶ ପ୍ରତି ନିଶ୍ୱାର୍ଥ ଭାବେ ଅଟଳଜୀ ଯେଉଁ ତ୍ୟାଗ ଓ ଆଦର୍ଶ ସମର୍ପିତ କରିଛନ୍ତି ତାକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ସ୍ମୃତି କମିଟିର ଅଧ୍ୟକ୍ଷ ପ୍ରମିଳା ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏହି କମିଟିର ସଂଯୋଜକ ପ୍ରକାଶ ପାଣ୍ଡିଆ ସଂଯୋଜନା ଓ ପରିଚାଳନା କରିଥିଲେ। ସୁନ୍ଦରଗଡ଼ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର, ରାଉରକେଲା ଏସପି ନୀତେଶ ୱାଧୱାନୀ, ରାଜ୍ୟ ସମ୍ପାଦକ ରାମ ଚନ୍ଦ୍ର ହଁସଦା, ରାଜ୍ୟ ମୁଖପାତ୍ର ଧ୍ରୁବେନ ସେନାପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଅଗ୍ରୱାଲ, ସମାଜ ସେବିକା ଖୁସୁବୁ ଯାଦବ, ପୂର୍ବତନ ବର୍ଣ୍ଣାଙ୍କ ଜିଲ୍ଲା ସମ୍ପାଦକ ଏସ୍ ଏନ ହଁସଦା, ରାଜ୍ୟ ଓ ମନୋଜ ପ୍ରଧାନ, ପୂର୍ବତନ ଚ୍ୟାମ୍ବର ଅଫ୍ କମର୍ସ ସଭାପତି ଶୁଭ ପଟ୍ଟନାୟକ, ସୁନ୍ଦରଗଡ଼ ଜିଲ୍ଲା ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦେଉରୀ, ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ବେଦବ୍ୟାସ ଗୁରୁକୁଳ ଆଶ୍ରମର ଶିକ୍ଷକ ଓ ବିଦ୍ୟାର୍ଥୀମାନେ ବୈଦିକ ମନ୍ତ୍ରୋଚ୍ଚାରଣ କରିଥିଲେ। ଏହି ଅବସରରେ ସାଂସଦ ଖେଳ ମହୋତ୍ସବ ୨୦୨୫ର ବିଜେତାଙ୍କୁ ମାନପତ୍ର ଓ ଉପାୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଟଳ ସ୍ମୃତି କମିଟିର ସଦସ୍ୟ ଲଖନ୍ ଲୋହାର, ଜନ୍ମ ନାୟକ, ବଟ କୃଷ୍ଣ ନାୟକ, ମମତା ମହାନ୍ତି, ପ୍ରତାପ ପଟ୍ଟନାୟକ, ବିନତି ଭୂମିଜ, ସଞ୍ଜୁ ସିଂ, ଅନିଲ ମହାନନ୍ଦିଆ ଓ ସୁନିଲ କୈଠ ସହଯୋଗ କରିଥିଲେ। ବନ୍ଧମୁଣ୍ଡା ମଣ୍ଡଳ ସଭାପତି ଲଖନ ଲୋହାର ଧନ୍ୟବାଦ ଅର୍ପଣ କରିଥିଲେ।

## ଧାମରା ସଂଘ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା



**ରାଉରକେଲା, ୨୮।୧୨(ସମିସ):** ରାଉରକେଲାର ଅଗ୍ରଣୀ ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନ ଧାମରା ସଂଘ ପକ୍ଷରୁ ତା'ର ୩୭ତମ ବାର୍ଷିକ ଉତ୍ସବ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ସାଂସ୍କୃତିକ ସମ୍ପାଦକ ସୁଶାନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଉପସଭାପତି ରମାକାନ୍ତ ପରିଡ଼ା ବିଚାରପତିଙ୍କ ପରିଚୟ ପ୍ରଦାନ କରିବା ସହ ସଂଘର ବହୁମୁଖୀ କାର୍ଯ୍ୟକ୍ରମର ବିଷୟ ଉଲ୍ଲେଖ କରିଥିଲେ। ଆଜିର ପ୍ରତିଯୋଗିତାରେ ଅନିଲ କୁମାର ଦାଶ, ରାଉରକେଲା ସାହିତ୍ୟ ସଂସଦର ସାଧାରଣ ସମ୍ପାଦକ ଅତିଥି ରୁପେ ଯୋଗଦେଇ ସଂଘର ଏଭଳି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ। ଆଜିର ସଙ୍ଗୀତ ପ୍ରତିଯୋଗିତାରେ ଗୁରୁ ଜ୍ୟୋତିର୍ମୟ ଆଚାର୍ଯ୍ୟ, ରାଜକୁମାରୀ ଦେବୀ, ରାଗାରାଣୀ ସ୍ୱାଇଁ ବିଚାରପତି ଭାବେ ଯୋଗଦେଇଥିଲେ। ନୃତ୍ୟରେ ସାଗରିକା ପରିଡ଼ା, ପୁଷ୍ପା ମାଡାମ, ମାଷ୍ଟର ବାପି, ମାଷ୍ଟର ଦେବାଶିଷ, ନିରୁପମା ନାୟକ, ସବିତା ପଣ୍ଡା ବିଚାରପତି ଭାବେ ଯୋଗଦେଇଥିଲେ। ଆଜିର ପ୍ରତିଯୋଗିତାରେ ନୃତ୍ୟରେ ୧୪୨ ଜଣ ଏବଂ ସଙ୍ଗୀତରେ ୫୭ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ସଂଘର କାର୍ଯ୍ୟକାରୀ ସଭ୍ୟ ବଳରାମ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜଗନ୍ନାଥ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ୩୯ତମ ଜାତୀୟ ଗୁଣବତ୍ତା ମଣ୍ଡଳୀ ସମ୍ମିଳନୀ

# ଆର୍‌ଏସ୍‌ପିର ୩୪ ଗୁଣବତ୍ତା ମଣ୍ଡଳୀ ଦଳ ପୁରସ୍କୃତ

**ରାଉରକେଲା, ୨୮।୧୨(ସମିସ):** ଡିସେମ୍ବର ୧୯ ରୁ ୨୧ ତାରିଖ ପର୍ଯ୍ୟନ୍ତ ଗ୍ରେଟର ନୋଏଡାର ଜିଏଲ୍ ବାଜାଜ ପ୍ରଯୁକ୍ତିବିଦ୍ୟା ଏବଂ ପରିଚାଳନା ପ୍ରତିଷ୍ଠାନରେ କ୍ୟୁସିଏଫ୍ଆଇ ଦ୍ୱାରା ଗୁଣବତ୍ତା ଧାରଣା ଉପରେ ଅନୁଷ୍ଠିତ ୩୯ତମ ଜାତୀୟ ସମ୍ମିଳନୀ (ଏନ୍‌ସିକ୍ୟୁସି)ରେ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ସମସ୍ତ ୩୪ ଗୁଣବତ୍ତା ସର୍କଲ ଦଳଗୁଡ଼ିକୁ ବିଭିନ୍ନ ବର୍ଗରେ ପୁରସ୍କୃତ କରାଯାଇଥିଲା। ଏଥିରେ ୩୪ଟି କ୍ୟୁସି ଦଳ ମଧ୍ୟରୁ ୨୫ଟି ପାର୍ ଏକ୍ସେଲେନ୍ସ ପୁରସ୍କାର ପାଇଛନ୍ତି, ଯାହା ପ୍ରତିଯୋଗିତାର ସର୍ବୋଚ୍ଚ ପୁରସ୍କାର ଅଟେ। ଏହି ଦଳଗୁଡ଼ିକ ହେଉଛନ୍ତି, ଆର ଆଣ୍ଡସି ଲାବୋରେଟୋରୀ ବିଭାଗର ଆରମ୍ଭ ଓ ଲକ୍ଷ୍ୟମ୍, ଏଚଏସଏମ-୨ ବିଭାଗର ସମୃଦ୍ଧି, ଅରୋହଣ ଏବଂ ସ୍ପନ୍ଦନ, ପାଇପ୍ ପ୍ଲାଣ୍ଟ-ଇଆରଡବ୍ଲ୍ୟୁ ବିଭାଗର ଆବିଷ୍କାର, ପ୍ଲେଟ୍ ମିଲ୍ ବିଭାଗର ଧାରା, ସି ଆଣ୍ଡ ଆଇଟି ବିଭାଗର ଏକମ୍, ଅକ୍ସିଜେନ ପ୍ଲାଣ୍ଟ ବିଭାଗର ଇଗ୍ନାଇଟ୍ ଏବଂ ପ୍ରୟାସ୍, ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗର ପରିବର୍ତ୍ତନ, ରୋଲ୍ ସପ ବିଭାଗର ଭିଜନ ଏବଂ ପାଥ୍ ଫାଇଣ୍ଡର୍, ଆଇ ଆଣ୍ଡ ଏ ବିଭାଗର ପ୍ରଗତି ଏବଂ ପିୟୋନିଅର୍, ସିଇଏମ-ଏସି ବିଭାଗର ପ୍ରେରଣା, ଏସଏମଏସ-୧ ବିଭାଗର ସମର୍ପଣ, ଆରଏମଏଚପି ବିଭାଗର ସଞ୍ଜୀବନୀ, ଯୋଗାଯୋଗ ଇଞ୍ଜିନିୟରିଂ ବିଭାଗର ଶବ୍ଦମ୍, ଶକ୍ତି ବଣ୍ଟନ ବିଭାଗର ଶକ୍ତି, ସିଇଏମ ଆର.ଏସ୍‌ଇ ବିଭାଗର ସୁଧାର, ନୂତନ ପ୍ଲେଟ୍ ମିଲ୍ ବିଭାଗର ତେଜସ୍ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗର ଉଡାନ, ପ୍ଲେଟ ମିଲ ବିଭାଗର ଡାଇନାମିକ ଏବଂ ସିଣ୍ଟରିଂ ପ୍ଲାଣ୍ଟ -୧ ବିଭାଗର ବିଜେତା। ଏଥି ସହିତ ଲୋଟସ୍ (ଆର ଆଣ୍ଡ ସି ଲାବୋରେଟୋରୀ), ସୃଷ୍ଟି (ଅକ୍ସିଜେନ ପ୍ଲାଣ୍ଟ), ଉର୍ଜା (ଆଇ ଆଣ୍ଡ ଏ ଡିପାର୍ଟମେଣ୍ଟ), ଅଗ୍ରଣୀ ଏବଂ ଅନନ୍ୟା (ଆରଏମଏଚପି), କର୍ମବୀର (କୋକ୍ ଓଭେନ୍ସ), ଉନ୍ନତି ଏବଂ ସମ୍ବର୍ଦ୍ଧନ (ବ୍ଲାଷ୍ଟ ଫର୍ଣ୍ଣେସ୍) ଏବଂ ସୃଜନ (ଏସପି-୨) ଆଦି ୯ଟି ଦଳ ମଧ୍ୟ ଉତ୍କର୍ଷ ପୁରସ୍କାର ହାସଲ କରିଥିଲେ।

# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ; ପୌର ଅଧ୍ୟକ୍ଷା ଏକାଦଶ ବିଜୟୀ



**ରାଉରକେଲା, ୨୮।୧୨(ସମିସ):** ଆଜି ସୁନ୍ଦରଗଡ଼ ଭବାନୀଭବନ ଖେଳ ପଡ଼ିଆରେ ପ୍ରଥମ ଥର ପାଇଁ ଏକ ନିଆରା କୌତୁକ ପୂର୍ଣ୍ଣ ଫ୍ରେଣ୍ଡଲୀ କ୍ରିକେଟ ମ୍ୟାଚ ଦେଖିବାକୁ ମିଳିଛି। ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ ଙ୍କ ଦ୍ୱାରା ପରିଚାଳିତ ବିଧାୟକ ଏକାଦଶ ଦଳ ଏବଂ ସୁନ୍ଦରଗଡ଼ ପୌରପାଳିକାର ଅଧ୍ୟକ୍ଷା ତନୟା ମିଶ୍ରଙ୍କ ଦ୍ୱାରା ପରିଚାଳିତ ପୌରପାଳିକା ଏକାଦଶ ଦଳ ମଧ୍ୟରେ ୧୨ ଓଭର ବିଶିଷ୍ଟ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଖେଳା ଯାଇଥିଲା। ଏହି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚରେ ବିଧାୟକ ଏକାଦଶ ଦଳର ଅଧିନାୟକ ନିଜେ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ ଥିବା ବେଳେ ପୌରପାଳିକା ଅଧ୍ୟକ୍ଷା ଏକାଦଶ ଦଳର ଅଧିନାୟକ ୧୬ନମ୍ବର ୱାର୍ଡର କାଉନସିଲର ସୁମନ୍ତ ସାହୁ ଥିଲେ। ମ୍ୟାଚରେ ବିଧାୟକ ଏକାଦଶ ପ୍ରଥମେ ବେଟିଂ କରି ୧୨ ଓଭରରେ ୭୫ ରନ କରିଥିଲେ। ପୌରଅଧ୍ୟକ୍ଷା ଏକାଦଶ ଦଳ ୭ ଓଭରରେ ୭୬ ରନ କରି ବିଜୟୀ ହୋଇଥିଲେ। ଏହି ବନ୍ଧୁତ୍ୱ କ୍ରିକେଟ ମ୍ୟାଚରେ ବିଜେପିର ବରିଷ୍ଠନେତା ସନ୍ତୋଷ ଅମାତ, ବିଜେଡିର ବରିଷ୍ଠନେତା ଜୟ ନାରାୟଣ ତ୍ରିପାଠୀ ଅତିଥି ଭାବେ ଯୋଗଦେଇଥିଲେ। ରନର୍ସଅପ୍ ବିଧାୟକ ଏକାଦଶ ଦଳକୁ ବିଜେଡି ନେତା ଜୟ ନାରାୟଣ ତ୍ରିପାଠୀ ଟ୍ରଫି ଦେଇଥିଲେ। ବିଜୟୀ ଦଳକୁ ବିଜେପି ନେତା ସନ୍ତୋଷ ଅମାତ ଟ୍ରଫି ଦେଇଥିଲେ। ଏହା ବ୍ୟତୀତ ପୌର ଅଧ୍ୟକ୍ଷା ଏକାଦଶର ଖେଳାଳି ବିଜୟ ବରୁଆ ଧୂଆଁଧାର ବେଟିଂ କରିଥିବାରୁ ମ୍ୟାନ୍ ଅଫ୍ ମ୍ୟାଚ ଘୋଷିତ ହୋଇ ୫୦୦୦ ହଜାର ଟଙ୍କା ପୌର ଅଧ୍ୟକ୍ଷା ତନୟା ମିଶ୍ରଙ୍କ ଠାରୁ ଏବଂ ୩୦ ରନରୁ ଅଧିକ କରିଥିବାରୁ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଠାରୁ ପୁରସ୍କାର ରାଶି ଗ୍ରହଣ କରିଥିଲେ। ମ୍ୟାଚରେ ଉପ ନଗରପାଳ ଲଲାଟ ପରିଡ଼ା, ପୌର ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ, ସମସ୍ତ କାଉନସିଲର ଓ ସମସ୍ତ ପୌର କର୍ମଚାରୀଙ୍କ ସହିତ ଅନେକ ଦର୍ଶକ ଏହି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚର ଆନନ୍ଦ ଉଠାଇଥିଲେ।

# ରାଉରକେଲା ବିକାଶ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ସ୍ମାରକପତ୍ର

**ରାଉରକେଲା, ୨୮।୧୨(ସମିସ):** ହିନ୍ଦ ମଜଦୁର ସଭା (ଏଚଏମଏସ)ର ଦିଗମ୍ବର ମହାନ୍ତି ଓ ରାଉରକେଲା ବିକାଶ ମଞ୍ଚର ସୁମନ ଦତ୍ତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ରାଉରକେଲା ଗସ୍ତ ସମୟରେ ରାଉରକେଲା ହାଉସ୍ ଠାରେ ଭେଟି ଏହି ସ୍ମାରକ ପତ୍ର ପ୍ରଦାନ କରିଥିଲେ। ସ୍ଥାନୀୟ ସ୍ୱାସ୍ଥ୍ୟସେବା ଏବଂ ଗବେଷଣାକୁ ସୁଦୃଢ଼ କରିବା ପାଇଁ ଆଇଆଇଟି ଖଡଗପୁର ବ୍ୟବସ୍ଥା ଅନୁରୂପ ଏନଆଇଟି କ୍ୟାମ୍ପସ ଭିତରେ ଏକ ମେଡିକାଲ କଲେଜ ଏବଂ ହସ୍ପିଟାଲ ପ୍ରତିଷ୍ଠା କରିବା, ପ୍ରଶାସନକୁ ସୁଗମ କରିବା ଏବଂ ଆଞ୍ଚଳିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ରାଉରକେଲାକୁ ଏକ ସ୍ୱତନ୍ତ୍ର ଜିଲ୍ଲା ଭାବେ ଘୋଷଣା କରିବା, ରାଉରକେଲାରେ ଡିଜାଇନ୍ ଏବଂ ନବସୃଜନ ହବ୍ ପ୍ରତିଷ୍ଠା କରିବା, ରାଉରକେଲାରେ ଉନ୍ନତ ବୈଜ୍ଞାନିକ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଆଇଜର କିମ୍ବା ନାଇଜର ପରି ପ୍ରତିଷ୍ଠାନ ସ୍ଥାପନ କରିବା ପ୍ରଭୃତି ଦାବି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ରାଉରକେଲାକୁ ଓଡ଼ିଶାର ଏକ ପ୍ରମୁଖ ଶିକ୍ଷା ଏବଂ ପ୍ରଶାସନିକ କେନ୍ଦ୍ରରେ ପରିଣତ କରିବା ପାଇଁ ଏହି ପଦକ୍ଷେପଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି ପ୍ରତିନିଧି ଦଳ ମତ ପ୍ରକାଶ କରିଛନ୍ତି।

## ଆନନ୍ଦ ଚନ୍ଦ୍ର ମହାନ୍ତିଙ୍କ ବିୟୋଗରେ ମଜଦୁର ସଭାର ଶୋକ

**ରାଉରକେଲା, ୨୮।୧୨(ସମିସ):** ବରିଷ୍ଠ ଶ୍ରମିକ ନେତା ତଥା ରାଉରକେଲାର ଜନପ୍ରିୟ ରାଜନେତା ଆନନ୍ଦ ଚନ୍ଦ୍ର ମହାନ୍ତିଙ୍କ ଅକାଳ ବିୟୋଗରେ ରାଉରକେଲା ମଜଦୁର ସଭା ଓ ହିନ୍ଦ ମଜଦୁର ସଭାର ସହବନ୍ଧିତ ଶ୍ରମିକ ସଂଗଠନ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ରାଉରକେଲା ମଜଦୁର ସଭାର ପୂର୍ବତନ କାର୍ଯ୍ୟକାରୀ ସଭାପତି ତଥା ରାଉରକେଲା ଠିକା ଶ୍ରମିକ ସଭା ଓ ଆଇଡିଏଲ୍ ମଜଦୁର ସଭାର ସଭାପତି ଆନନ୍ଦ ଚନ୍ଦ୍ର ମହାନ୍ତିଙ୍କର ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହେବା ଖବର ପାଇ ରାଉରକେଲାର ଶ୍ରମିକ ସମାଜ ଓ ଜନମାନସରେ ଶୋକର ଛାୟା ଖେଳି ଯାଇଥିଲା। ଏହି ଉପଲକ୍ଷେ ରାଉରକେଲା ମଜଦୁର ସଭା ଓ ହିନ୍ଦ ମଜଦୁର ସଭାର ସହବନ୍ଧିତ ଶ୍ରମ ସଂଗଠନ ପକ୍ଷରୁ ମିଳିତ ଭାବରେ ଏକ ଶୋକ ସଭାର ଆୟୋଜନ ମଜଦୁର ସଭାର ସହରାଞ୍ଚଳ କାର୍ଯ୍ୟାଳୟ ସି-୮, ସେକ୍ଟର-୬ ଠାରେ ଅନୁଷ୍ଠିତ ହୋଇଥିଲା। ସଭାପତି ଶଶଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ହିନ୍ଦ ମଜଦୁର ସଭାର ସହବନ୍ଧିତ ବିଭିନ୍ନ ଶ୍ରମ ସଂଗଠନର କର୍ମକର୍ତ୍ତା ଓ କର୍ମୀ ଯୋଗ ଦେଇ ଦିବଂଗତ ନେତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଏଥିସହ ସ୍ୱର୍ଗତ ମହାନ୍ତିଙ୍କ ଦୀର୍ଘ ଦିନ ଧରି ଗ୍ରହଣ କରିଥିବା ସାଂଗଠନିକ ଭୂମିକା ଓ ରାଉରକେଲାର ଜନ ଜୀବନରେ ତାଙ୍କର ଅଭୁଲା କାର୍ଯ୍ୟର ଅବତାରଣା କରି ସ୍ମୃତିଚାରଣ କରିଥିଲେ। ସଭାପତି ଶଶଧର ନାୟକ ଦିବଂଗତ ନେତା ଆନନ୍ଦ ଚନ୍ଦ୍ର ମହାନ୍ତିଙ୍କ ବିୟୋଗ ଶ୍ରମିକ ଆନ୍ଦୋଳନ କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି ବୋଲି କହିଥିଲେ। ବରିଷ୍ଠ ଶ୍ରମିକ ନେତା ଓ ରାଉରକେଲା ମଜଦୁର ସଭାର ପୂର୍ବତନ ସଭାପତି ପ୍ରଭାକର ଚମ୍ପତିରାଏ, ବରିଷ୍ଠ ଶ୍ରମିକ ନେତା ଆଦିକନ୍ଦ ଭୋଳ, ହରେକୃଷ୍ଣ ପାଢ଼ୀ, ଉପ ସାଧାରଣ ସମ୍ପାଦକ ଖଗେନ୍ଦ୍ର ବେହେରା, ଉପସଭାପତି କଳାକାର ସାହୁ, ସିଦ୍ଧେଶ୍ୱର ବଳ, ଦିଲ୍ଲୀପ ଜେନା, ପ୍ରମୋଦ କୁମାର ଦାସ, ପତିତପାବନ ଜେନା, ସତ୍ୟାନନ୍ଦ ବେହେରା, ରବିନାରାୟଣ ପରିଡ଼ା, କେଦାର ଦାସ, ଦିଗମ୍ବର ମହାନ୍ତି, ସରୋଜ କୁମାର ରାଉଳ, ଜଗଦୀଶ ପଣ୍ଡା, ଅଜୟ କୁମାର ଦାସ, ଅଜୟ କୁମାର ପାତ୍ର, ମୀନକେତନ ବେହେରା, ପ୍ରମୋଦ କୁମାର ଜେନା, ପ୍ରଫୁଲ୍ଲ ବେହେରା, ବିଜୟ ଜେନା, ସଞ୍ଜୀବ ସାହୁ ସ୍ୱର୍ଗତ ମହାନ୍ତିଙ୍କ ସହ ନିଜ ନିଜର କାର୍ଯ୍ୟାନୁଭୂତି ବର୍ଣ୍ଣନା କରିବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ।

## ମନରେଗାର ନାମ ପରିବର୍ତ୍ତନକୁ ସିପିଆଇଏମ୍‌ର ବିରୋଧ

**କୋଇଡା, ୨୮।୧୨(ସମିସ):** ୨୦୦୫ ରେ ପ୍ରଣୟନ ହୋଇଥିବା ଆଇନ୍ ମନରେଗାକୁ ସଂଶୋଧନ କରି ଭିବି-ଜି-ରାମ-ଜୀ ବିଲ୍ ପାରିତ ହୋଇଥିବା ବେଳେ ଉକ୍ତ ଆଇନ୍ କୁ ସମ୍ପୂର୍ଣ୍ଣ ଭାବେ ବିରୋଧ କରିଛି ସିପିଆଇଏମ୍। ଏନେଇ ଆଜି ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ଶହ ଶହ ସିପିଆଇଏମ୍ କର୍ମୀ କୋଇଡା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ୟାନର୍ ପୋଷ୍ଟର ଓ ପତାକା ଧରି ବିକ୍ଷୋଭ ପ୍ରଦର୍ଶନ ସହ ମନରେଗା ୨୦୦୫ ବିଲ୍‌କୁ ସୁରକ୍ଷା ଦାବୀ ଓ ନୂତନ ବିଲ୍ ଭିବି-ଜି-ରାମ-ଜୀକୁ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି। ଗାନ୍ଧୀଙ୍କ ନାମ ହଟାଇ ଗରିବଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରିବା ଚକ୍ରାନ୍ତ ଓ ଏ ବିଲ୍ ରାଜ୍ୟ ସରକାରକୁ ଅତିରିକ୍ତ ବୋଝ ଲଦିବା ସହ ଦିନ ମଜୁରିଆ ଖଟିଖିଆ ଲୋକଙ୍କ କର୍ମନିଯୁକ୍ତି ସୁନିଶ୍ଚିତ କରିବାରେ ବିଫଳ ହେବାରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ ବିଧାୟକ ଓ ଅନ୍ୟ ନେତୃ ମଣ୍ଡଳି। ବିକ୍ଷୋଭ ପ୍ରଦର୍ଶନ ପରେ ଏକ ଦାବିପତ୍ର କୋଇଡା ବିଡିଓ ସମରେନ୍ଦ୍ର କୁମାର ସରଙ୍କୁ ପ୍ରଦାନ କରାଯାଇଥିଲା। ସିପିଆଇଏମ୍ ପକ୍ଷରୁ ରାଜ୍ୟ ସମ୍ପାଦକ ପ୍ରଭାତ ପଣ୍ଡା, କୋଇଡା ଜିଲ୍ଲା ପରିଷଦ ସଦସ୍ୟା ସୁଶିଳା ମୁଣ୍ଡା, କୋଇଡା ବ୍ଲକ ଅଧ୍ୟକ୍ଷ ସୁରେଶ କୁମାର ନାଏକ, ବାଦଲ ବାରିକ୍, ଜନ୍ ଡୁଙ୍ଗଡୁଙ୍ଗ, ସୁରେଶ ମୁଦୁଲି, ଡିୱାଇଏଫ୍ଆଇ ସଭାପତି ପ୍ରଭାତ ପାତ୍ର ପ୍ରମୁଖଙ୍କ ସହ ଶହ ଶହ କର୍ମୀ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ଟେନ୍‌ସା ଡିଏଭି ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ 'ଉମଙ୍ଗ'



**କୋଇଡା, ୨୮।୧୨(ସମିସ):** ସେଲ୍ ବରସୁଆଁ ଲୌହଖଣି ଅଧିନସ୍ଥ ଟେନସା ଡିଏଭି ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ 'ଉମଙ୍ଗ-୨୦୨୫' ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅବସରରେ ମୁଖ୍ୟଅତିଥି ଭାବେ ସେଲ୍‌ର ଖଣି ପ୍ରବନ୍ଧକ ପିସି ବରୁଆ ଯୋଗଦେଇଥିଲେ। ଅନ୍ୟଅତିଥି ଭାବେ ଜିଏମ ଇଲେକ୍ଟ୍ରିକାଲ୍ସ ଉତ୍କର୍ଷ ଗୌରବ, ଜିଏମ ଏଚ୍‌ଆର୍ ମୁକେଶ କୁମାର କରନ, ଅର୍ଥ ବିଭାଗ ଏଜିଏମ୍ ମନୋଜ କୁମାର ଝା, ଟିଆରବି ଖଣି ପ୍ରବନ୍ଧକ ଭରଦ୍ୱାଜ ରାଉତ, ସିବିଲ୍ ମ୍ୟାନେଜର ଅମୀୟ ରଞ୍ଜନ ରାଉତ, ଟେନ୍‌ସା ପଞ୍ଚାୟତ ସରପଞ୍ଚ ଅନୀତା ପୂର୍ତ୍ତି, ଅଭିଭାବକ ପ୍ରତିନିଧି ସୁଲୋଚନା ସୋୟ, ଶ୍ରୀମା ଅରବିନ୍ଦ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମଲ୍ଲିକ, ବନ୍ଦଲ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପରିଡ଼ା, ମଧୁଚନ୍ଦା ମହାନ୍ତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ୱାଗତ ସଙ୍ଗୀତ ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ, ସାମାଜିକ ଡ୍ରାମା, ଗାନ ଆଦି ପରିବେଷଣ କରାଯାଇଥିଲା। ସ୍କୁଲ୍ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ଟପ୍ପର ହୋଇଥିବା ଛାତ୍ରଛାତ୍ରୀଙ୍କ ସମେତ ବାର୍ଷିକ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଡିଏଭି ସ୍କୁଲ ଅଧ୍ୟକ୍ଷ ଅଂଶୁମାନ ମହାନ୍ତି ବିବରଣୀ ପାଠ ସହ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସ୍କୁଲ୍ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଗଛରେ ପିଟି ହୋଇ ବାଇକ୍ ଆରୋହୀ ମୃତ

**ବଣାଇଁ, ୨୮।୧୨(ସମିସ):** ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ଥାନା କୁଚିଣ୍ଡା ନରେନ୍ଦ୍ର ପୂର୍ତ୍ତ ବିଭାଗ ରାସ୍ତାର କୁଣ୍ଢେଇଡିହା ନିକଟରେ ରାସ୍ତା କଡରେ ଥିବା ଗଛରେ ବାଡ଼େଇ ହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସୂଚନାନୁଯାୟୀ, ଆଜି ଅପରାହ୍ନ ପ୍ରାୟ ସାଢେ ଚାରିଟା ପାଖାପାଖି ସମୟରେ ଜରଡା ପଟୁ ଗୁରୁଣ୍ଡିଆ ଆଡ଼କୁ ଓଡି ୧୪ ଏଜେ ୨୯୨୩ ନମ୍ବର ବାଇକ୍‌ରେ ଜଣେ ଯୁବକ ଯାଉଥିବା ବେଳେ ଭାରସାମ୍ୟ ହରାଇ କୁଣ୍ଢେଇଡିହା ରାସ୍ତା କଡରେ ଥିବା ଏକ ଗଛରେ ପିଟି ହେବାରୁ ଘଟଣାସ୍ଥଳରେ ହିଁ ଯୁବକଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକେ ଏହା ଦେଖି ଗୁରୁଣ୍ଡିଆ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ଖବର ଲେଖା ହେବା ଯାଏଁ ଯୁବକଙ୍କ ପରିଚୟ ସ୍ପଷ୍ଟ ହୋଇ ନଥିବା ବେଳେ ଯୁବକ ଜଣକ କୁଣ୍ଢେଇଡିହା ପଞ୍ଚାୟତ ଅନ୍ତର୍ଗତ ବାବେଜୁରୀ ଗ୍ରାମର ପରମେଶ ତିର୍କି ବୋଲି ସ୍ଥାନୀୟବାସୀଦା ସନ୍ଦେହ କରୁଥିବା ଜଣାପଡ଼ିଛି।

## କୋଇଡ଼ା ପ୍ରିମିୟର ଲିଗ୍ ପଞ୍ଚମ ସଂସ୍କରଣ

# କୋଇଡା ବ୍ଲାଷ୍ଟର୍ ଚାମ୍ପିଅନ୍, ହରିକେନ୍ ରନର୍ସଅପ୍



**କୋଇଡା, ୨୮।୧୨(ସମିସ):** କୋଇଡା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଗତ ୨୧ ତାରିଖ ଠାରୁ ପ୍ରାରମ୍ଭ ହୋଇଥିବା କୋଇଡା ପ୍ରିମିୟର ଲିଗ୍ ପଞ୍ଚମ ସଂସ୍କରଣ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋଇଡା ସରପଞ୍ଚ ହୃଷିକେଶ ଦେହୁରୀ ଓ ଅନ୍ୟ ଅତିଥି ମଧ୍ୟରେ କୋଇଡା ଜିଲ୍ଲା ପରିଷଦ ସଦସ୍ୟ ଅଶୋକ କୁମାର ନାଏକ, କୋଇଡା ଟ୍ରକ୍ ଟିପର୍ ମଣ୍ଡଳ ସଂଘ ସଭାପତି ଦିପକ୍ ବାର୍ଲା, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାଗୀରଥି ନାୟକ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କୋଇଡା ଗୋପବନ୍ଧୁ ପଡ଼ିଆ ଠାରେ ୮ ଦିନ ଧରି ଚାଲିବା ପରେ ଉକ୍ତ କୋଇଡା ପ୍ରିମିୟର ଲିଗ୍‌ର ପଞ୍ଚମ ସଂସ୍କରଣ ୨୦୨୫ ରବିବାର ଉଦଯାପିତ ହୋଇଯାଇଛି। କୋଇଡା ବ୍ଲାଷ୍ଟର୍, ହରିକେନ୍, ଥଣ୍ଡର୍ସ, ୱାରିୟର୍ସ, ଷ୍ଟ୍ରାଇକିଂ ଫୋର୍ସ ଓ କୋଇଡା ଏଭେଞ୍ଜର୍ସ ମୋଟ୍ ୬ ଗୋଟି ଟିମ୍‌କୁ ନେଇ ଏହି ଲିଗ୍ ପ୍ରତିଯୋଗିତାର ଫାଇନାଲ ମୁକାବିଲା କୋଇଡା ବ୍ଲାଷ୍ଟର୍ ଓ କୋଇଡା ହରିକେନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ହରିକେନ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୩୦ ରନ୍ ଟାର୍ଗେଟ୍ ଦେଇଥିଲେ। ପରବର୍ତ୍ତୀ ଇନିଂରେ କୋଇଡା ବ୍ଲାଷ୍ଟର୍ ପକ୍ଷରୁ ଶକ୍ତିନାଥ ଶର୍ମା ୮୮ ରନ୍‌ର ସୁନ୍ଦର ବ୍ୟାଟିଂ ପଦର୍ଶନ କରି ନିଜ ଟିମ୍‌କୁ ଶେଷ ଓଭରରେ ଜିତାଇଥିଲେ। ଫଳରେ ଚଳିତବର୍ଷ କୋଇଡା ବ୍ଲାଷ୍ଟର୍ ଚାମ୍ପିଅନ୍ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କୋଇଡା ତହସିଲଦାର ନିର୍ମଳ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବଡବିଲ ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର କର, କୋଇଡା ୟୁନିୟନ୍ ଅଫ୍ ଜର୍ଣ୍ଣାଲିଷ୍ଟ ସମ୍ପାଦକ ଅବିନାଶ ଶର୍ମା, ଆରବି ଏଣ୍ଟରପ୍ରାଇଜେସ ମାଲିକ ଭକ୍ତବନ୍ଧୁ ବାରିକ ପ୍ରମୁଖ ଯୋଗଦେଇ ଚାମ୍ପିଅନ୍ ଦଳକୁ ଟ୍ରଫି ସହ ନଗଦ ପୁରସ୍କାର, ରନର୍ସପ ଦଳକୁ ଟ୍ରଫି ସହ ନଗଦ ଟଙ୍କା ପ୍ରଦାନ କରିଥିଲେ। ଶ୍ରେଷ୍ଠ ବ୍ୟାଟ୍ସ ମ୍ୟାନ୍ ଶକ୍ତିନାଥ ଶର୍ମା, ଶ୍ରେଷ୍ଠ ବୋଲୋର୍ ଦିପକ୍ ପୋଦ୍ଦାର, ଶ୍ରେଷ୍ଠ ଫିଲ୍ଡର ଚନ୍ଦ୍ରକାନ୍ତ ବେହେରା ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଶକ୍ତିନାଥ ଶର୍ମାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଆରବି ଏଣ୍ଟରପ୍ରାଇଜେସ ପ୍ରଯୋଜିତ ଏହି ଲିଗ୍ ପ୍ରତିଯୋଗିତାର କୋଇଡା କ୍ରିକେଟ ଆସୋସିଏସନ ସଭାପତି ରାଜେନ୍ଦ୍ର ରଣା, ସମ୍ପାଦକ ରାଜେଶ ଜୟସ୍ୱାଲ, କୋଷାଧ୍ୟକ୍ଷ ଅଶ୍ୱିନି ପରିଡ଼ା, ଦିପକ ପାତ୍ର, ଶ୍ରୀକାନ୍ତ ଜେନା, ଅସଗର ବକ୍ସ, ଏମ୍‌ଡି ଇମରାନ, ମନୋଜ ଜେନା, ଆୱଧେଶ ଜୟସ୍ୱାଲ, କପିଲ ଦାସ, ସଲମାନ କୁରେଶି, ଅନୁପ ଗୁପ୍ତା, ଏମ୍‌ଡି ମୁସ୍ତାକ, ନିତିଶ ପରିଡ଼ା, ସମୀର ରାଠୋରଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ପ୍ରେମଲତା ମହାନ୍ତି
ଆବିର୍ଭାବ - ୨୫.୧୦.୧୯୪୩
ତିରୋଧାନ - ୧୯.୧୨.୨୦୨୫
ନିମେଇସାପୁର, କଟକ

ଚାହିଁ ଚାହିଁ ଏଗାର ଦିନ ବିତିଗଲା ।
ଆପଣଙ୍କର ଶ୍ରଦ୍ଧା ଓ ସ୍ନେହକୁ ଆମ୍ଭେମାନେ ସର୍ବଦା ମନେ ରଖିବୁ ।
ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ :
ଶିବ ପ୍ରସାଦ ମହାନ୍ତି
ଓ ପରିବାର ବର୍ଗ

## ଝାରସୁଗୁଡାରେ ବେକାରୀ ସମସ୍ୟାର ଉତ୍କଟ ଚିତ୍ର

# ୧୦୨ ହୋମ୍‌ଗାର୍ଡ ପଦବୀ ପାଇଁ ୪୦୪୦ ପରୀକ୍ଷାର୍ଥୀ

**ଝାରସୁଗୁଡା, ୨୮।୧୨ (ସମିସ):** ଶିଳ୍ପ ସମୃଦ୍ଧ ଝାରସୁଗୁଡାରେ ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି ବେକାରୀ ସମସ୍ୟା। ଯାହାର ଏକ ସ୍ୱଷ୍ଟ ଚିତ୍ର ଦେଖିବାକୁ ମିଳିଛି ରବିବାର ଅନୁଷ୍ଠିତ ଗୃହରକ୍ଷୀ ପରୀକ୍ଷାରେ। ଝାରସୁଗୁଡା ଜିଲ୍ଲାରେ ଖାଲି ପଡ଼ିଥିବା ୧୦୨ଟି ହୋମଗାର୍ଡ ପଦବୀ ପାଇଁ ରବିବାର ସକାଳୁ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଛି। ଏହି ପରୀକ୍ଷାରେ ମୋଟ ୪୦୪୦ ଜଣ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇ ଲିଖିତ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ଓଏସ୍‌ଏପି ବାଟାଲିୟନ ପଡ଼ିଆରେ ଏହି ଲିଖିତ ପରୀକ୍ଷା ଆୟୋଜନ କରାଯାଇଛି। ଏହି ପରୀକ୍ଷାରୁ ୧୦୧୦ ଜଣ ପ୍ରାର୍ଥୀ ମନୋନୀତ ହୋଇ ପରବର୍ତ୍ତୀ ଶାରୀରିକ ପରୀକ୍ଷାକୁ ଯିବେ ବୋଲି ଜଣାପଡ଼ିଛି। ପରୀକ୍ଷା କିଭଳି ଶାନ୍ତି ଶୃଙ୍ଖଳାର ସହ ଶେଷ ହେବ ତାକୁ ଆଖି ଆଗରେ ରଖି ପରୀକ୍ଷାସ୍ଥଳରେ ପର୍ଯ୍ୟାପ୍ତ ପୁଲିସ ମୁତୟନ କରାଯାଇଥିଲା। ଆୟୋଜିତ ହୋଇଥିବା ଏହି ପରୀକ୍ଷାରେ ଯୋଗ୍ୟତା ପଞ୍ଚମ ଶ୍ରେଣୀ ପାସ ରହିଥିବା ବେଳେ ଏଥିରେ ଅନେକ ଶିକ୍ଷିତ ବେକାର ଯୁବକଯୁବତୀ ଯୋଗଦେଇ ପରୀକ୍ଷା ଦେଇଥିବା ଦେଖିବାକୁ ମିଳିଥିଲା। ଏପରିକି ବିଏ, ଏମଏ, ପିଜି, ଏମଟେକ ଓ ଇଞ୍ଜିନିୟରିଂ ଛାତ୍ରଛାତ୍ରୀ ମଧ୍ୟ ଗୃହରକ୍ଷୀ ପଦବୀ ପାଇଁ ଆବେଦନ କରି ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ଯାହା ବେକାରୀ ଓ ବେରୋଜଗାରୀ ସମସ୍ୟା ଦିନକୁ ଦିନ ଉତ୍କଟ ହେଉଥିବା ସ୍ୱଷ୍ଟ କରୁଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି।



## ବନ୍ଧବାହାଲ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

# କୋଇଲା ନଗରୀରେ ଆଜିଠୁ ରାଜତନ୍ତ୍ର







**ଇବଥର୍ମାଲ, ୨୮।୧୨(ସମିସ)**

ଝାରସୁଗୁଡ଼ା ଜିଲ୍ଲା ବନ୍ଧବାହାଲ ଠାରେ ୧୯ତମ ପ୍ରସିଦ୍ଧ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ କୋଇଲାନଗରୀ ବନ୍ଧବାହାଲ କଲୋନୀ ପାଲଟିଛି ମଥୁରାପୁର। ଆଲୋକ ମାଳା ସାଙ୍ଗକୁ ସୁଉଚ୍ଚ ତୋରଣରେ ଝଲସୁଛି ମଥୁରା ନଗରୀ। ମୁକ୍ତାକାଶ ରଙ୍ଗମଞ୍ଚରେ ଅଭିନୀତ ହୋଇଛି ଧନୁଯାତ୍ରାର ପ୍ରାରମ୍ଭିକ କଥାବସ୍ତୁ। ପ୍ରଥମ ଦିନରେ ଯୁବରାଜ କଂସଙ୍କ ଦିଗବିଜୟ ଓ ପରାକ୍ରମ ପ୍ରଦର୍ଶନ। ରାଜା ଉଗ୍ରସେନ ପାତ୍ରମନ୍ତ୍ରୀଙ୍କ ସହ ଦରବାରକୁ ଆଗମନ କରି ଝିଅ ଦେବକୀଙ୍କ ବିବାହ ସକାଶେ ବିଚାର ବିମର୍ଷ କରିଛନ୍ତି। ରାଜାଙ୍କ ନିର୍ଦ୍ଦେଶରେ ଦେବକୀଙ୍କ ପାଇଁ ଖୋଜାଚାଲିଛି ବର। ଦେବକୀ ବସୁଦେବଙ୍କ ବିବାହ ଖବର ଶୁଣି ଯୁବରାଜ କଂସ ଆଖିରେ ନିଦ ନାହିଁ। ଧୁମଧାମରେ ବିବାହ ସମ୍ପନ୍ନ ହେବାପରେ ଆସିଛି ବିଦାୟର ବେଳ। ନବଦମ୍ପତି(ଦେବକୀ ଓ ବସୁଦେବ) କଂସ ରଥରେ ବସାଇ ଛାଡିବାକୁ ଯିବାବେଳେ ହଠାତ୍ ଦୈବୀବାଣୀ ହେବାରୁ କଂସ ବିବ୍ରତ ହୋଇଯାଇଛି। ଦେବକୀଙ୍କ ଅଷ୍ଟମ ଗର୍ଭର ସନ୍ତାନ ତାର ମୃତ୍ୟୁର କାରଣ ଜାଣି ନିଜ ପିତା ରାଜ ଉଗ୍ରସେନଙ୍କୁ ଗାଦିଚ୍ୟୁତ କରାଇ କଂସ ନିଜେ ମଥୁରାର ରାଜା ହୋଇ ନିଜକୁ ମହାରାଜ ଘୋଷଣା କରିଛି। କଂସର ନିର୍ଦ୍ଦେଶରେ ଦେବକୀ ବସୁଦେବଙ୍କୁ କାରାଗାରରେ ବନ୍ଦୀ ହେବାକୁ ପଡ଼ିଛି। ଦୁରାଚାର ଆରମ୍ଭ କରି ବନ୍ଧବାହାଲରେ କଂସ ତାର ନିଷ୍ଠୁରତା ପ୍ରଦର୍ଶନ କରିଛି। ରବିବାର ସକାଳେ ଏକ ବିଶାଳ କଳସ ଯାତ୍ରା ଗୋପପୁର ପହଞ୍ଚି ଥିଲା। କର୍ତ୍ତା ସଞ୍ଜୟ ସିଂହ ସପତ୍ନିକ ଏହି ଯାତ୍ରାର ନେତୃତ୍ୱ ନେଇଥିବା ବେଳେ କମିଟିର ସମସ୍ତ ସଦସ୍ୟ ଜନସାଧାରଣ, ଯାତ୍ରା ଦଳ, କୃଷ୍ଣ ଗୁରୁ ଦଳ ଦୁଲଦୁଲି ବାଜା ଦଳ ଏଥିରେ ସାମିଲ ହୋଇଥିଲେ। ସେହିପରି ଆଜି ଦିନ ୪ଟାରୁ ଶୋଭାଯାତ୍ରା ଗୋପପୁରରେ ପହଞ୍ଚିବା ପରେ ମୁକୁଟ ପୂଜା ପରମ୍ପରା ପାଳନ କରାଇଛି। ଏକ ଶୋଭାଯାତ୍ରାରେ ମୁକୁଟକୁ ଧନୁଯାତ୍ରା କମିଟି ସମ୍ପାଦକ ପ୍ରେମାନନ୍ଦ ସାହୁଙ୍କ ଘରକୁ ଅଣାଯାଇ ରିତିନୀତି ଅନୁସାରେ ପୂଜା କରାଯାଇଛି। କମିଟି ସଦସ୍ୟଙ୍କ ଉପସ୍ଥିତିରେ ଦରବାର ଓ ଯାତ୍ରାର ଉଦଘାଟନ କରାଯାଇଛି। ସଭାପତି ବେଣୁଧର ସିଂହ, ମୁଖ୍ୟ ପେଟ୍ରନ୍ ରଘୁନନ୍ଦନ ପଣ୍ଡା, କାର୍ଯ୍ୟକାରୀ ସଭାପତି ଉମାକାନ୍ତ ପଣ୍ଡା, ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାହୁ, କୃଷ୍ଣଚନ୍ଦ୍ର ସିଂହଙ୍କ ସମେତ କମିଟିର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ପୂର୍ବତନ ସ୍ୱର୍ଗତ ଧନୁଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି ନୀରଞ୍ଜନ କରାନ୍ତି, ସଦସ୍ୟ ସାନ୍ତନୁ ସିଂହ, ପୂର୍ଣ୍ଣଚନ୍ଦ୍ର ବାରିକ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଓ ନିରବ ପ୍ରାର୍ଥନା କରାଯିବା ପରେ ଧନୁଯାତ୍ରା ସଭା ଅଭିନୟ ଆରମ୍ଭ ହୋଇଥିଲା। ଆଜି ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲଖନପୁର, ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅୱଦ କିଶୋର ପାଣ୍ଡେ, ସମ୍ମାନିତ ଅତିଥି ଭାବେ ବନହରପାଲି ଆଇଆଇସି ରଞ୍ଜିତ ନାୟକ, ବନ୍ଧବାହାଲ ଫାଣ୍ଡି ଅଧିକାରୀ ଗଣେଶ କଲେତ, ପେଟ୍ରନ ରଘୁନନ୍ଦନ ପଣ୍ଡା, ପ୍ରସନ୍ନ କୁମାର ସିଂହ, ସମ୍ପାଦକ ପ୍ରେମାନନ୍ଦ ସାହୁ ଯୋଗ ଦେଇଥିବାବେଳେ ବେଣୁଧର ସିଂହ ସଭାପତିତ୍ୱ କରିଥିଲେ। ମଞ୍ଚ ସଞ୍ଚାଳନ ଉମାକାନ୍ତ ପଣ୍ଡା କରିଥିବାବେଳେ ଉଦ୍‌ଘାଟନୀ ଉତ୍ସବରେ କମିଟିର କୃଷ୍ଣଚନ୍ଦ୍ର ସିଂହ, ଭୀଷ୍ମ ଦେବ ପାତ୍ର, ସଞ୍ଜୟ କୁମାର ସିଂହ, ଲକ୍ଷ୍ମଣ କୁମାର ସିଂହ, ସାଲେଗ୍ରାମ ନାଏକ ତଥା ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

**ବନ୍ଧବାହାଲ କଲୋନୀ ମଥୁରା ନଗରୀ, ବନ୍ଧବାହାଲ ଗାଁ ଗୋପପୁର**

## ଅଗ୍ନିକାଣ୍ଡରେ ହୋଟେଲ ବ୍ୟବସାୟୀ ଦମ୍ପତି ପୋଡିଯିବା ଘଟଣା

# ସ୍ୱାମୀଙ୍କ ପରେ ପରେ ଆଖି ବୁଜିଲେ ସ୍ତ୍ରୀ



**କୋଲାବିରା, ୨୮।୧୨ (ସମିସ):** କୋଲାବିରା ଛକସ୍ଥିତ ଶକୁନ୍ତଳା ହୋଟେଲର ମାଲିକ ଦମ୍ପତି ସୁରେନ୍ଦ୍ର ଟଣକାର ଓ ତାଙ୍କ ଧର୍ମପତ୍ନୀ ପୁଷ୍ପଲାତା ଟଣକାର ଗତ ୨୫ ତାରିଖ ଗୁରୁବାର ଭୋର ସମୟରେ ଅଗ୍ନିକାଣ୍ଡରେ ପୋଡିଯାଇ ଗୁରୁତର ହୋଇଥିଲେ। ଉଭୟଙ୍କୁ ରାଉରକେଲା ଆଇଜିଏଚରେ ଚୁକିତ୍ସାପାଇଁ ଭର୍ତ୍ତି କରାଯାଇଥିଲା। ତେବେ ଘଟଣାର ୨୪ ଘଣ୍ଟା ମଧ୍ୟରେ ସ୍ୱାମୀ ସୁରେନ୍ଦ୍ରଙ୍କ ୨୬ ତାରିଖ ଶୁକ୍ରବାର ସକାଳେ ମୃତ୍ୟୁ ହୋଇଥିବା ବେଳେ ରବିବାର ସଂଧ୍ୟାରେ ସ୍ତ୍ରୀ ପୁଷ୍ପଲତାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ସୋମବାର ରାଉରଲେଲାରୁ ମର ଶରୀର କୋଲାବିରା ଅଣାଜିବା ପରେ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ ହେବ ବୋଲି ଜଣାପଡ଼ିଛି।

## କେଶବ ପଧାନ ସ୍ମୃତି ସ୍ମାରକୀ ବକ୍ତୃତାମାଳା

# ‘ବ୍ୟାପକ ଖଣି ଅଞ୍ଚଳ ପାଇଁ ବରଦାନ ନୁହେଁ ବରଂ ଅଭିଶାପ’

**ଝାରସୁଗୁଡା, ୨୮।୧୨(ସମିସ):** ଝାରସୁଗୁଡ଼ା, ସୁନ୍ଦରଗଡ଼ ଅଞ୍ଚଳରେ ବ୍ୟାପକ ଖଣି ଅଞ୍ଚଳ ପାଇଁ ବରଦାନ ନୁହେଁ ବରଂ ଅଭିଶାପ। ଏ ଅଞ୍ଚଳରେ କୃଷି ଓ କୃଷକଙ୍କ ଅବସ୍ଥା ଗୁରୁତର ହେବାକୁ ଯାଉଛି। କୃଷି ସହିତ ଜଡିତ ଥିବା ଅଧିକାଂଶ ପରିବାରର ଲୋକେ ଆଗାମୀ ଦିନରେ ଅନ୍ୟ ବିକଳ୍ପ ଚାଷକୁ ଚିନ୍ତା କରିବାକୁ ପଡ଼ିବ। ବର୍ତ୍ତମାନ ସମୟରେ ମଣ୍ଡି ବ୍ୟବସ୍ଥା ଅନ୍ୟ ଚାଷକୁ ପ୍ରୋତ୍ସାହିତ କରିବାର ସଫଳ ଉଦ୍ୟମ ହେବ ବୋଲି ଆଜି ଅନୁଷ୍ଠିତ କେଶବ ପଧାନ ସ୍ମୃତି ସ୍ମାରକୀ ବକ୍ତୃତାମାଳାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। କେଶବ ପଧାନ ସ୍ମୃତି ସ୍ମାରକୀ ବକ୍ତୃତାମାଳାରେ ‘ସାମ୍ପ୍ରତିକ ପରିସ୍ଥିତିରେ କୃଷି ଓ ଉଦ୍ୟୋଗଶିଳ୍ପର ସମ୍ଭାବନା’ ଶୀର୍ଷକ ବିଷୟବସ୍ତୁରେ ଆଲୋଚକ ଭାବରେ ଯୋଗଦେଇ ଯୁବବିଜ୍ଞାନୀ ତଥା କୃଷି ଗବେଷକ ଡ. ଅଭିଳାଷ ପ୍ରଧାନ, ବିଶିଷ୍ଟ ଗାନ୍ଧୀବାଦୀ, ଲେଖକ ତଥା ପରିବେଶବିତ ସଂଗ୍ରାମ କେଶରୀ ରାଉତ ଓ କୃଷକ ନେତା ବିରଞ୍ଚି ସାହୁ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ପ୍ରାଧ୍ୟାପକ ତପନ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ଅଭିନବ କୃଷି ସଂଗଠନର ସଂଗଠକ ଉପେନ୍ଦ୍ର କୁମାର ସାହା, ଜଟା ଭୂଷଣ ସାହୁ, କିଶୋର ଚନ୍ଦ୍ର ସାହୁ, ଦିବ୍ୟ ସ୍ୱରୂପ ନାଏକ, ମହେନ୍ଦ୍ର କୁମାର ପ୍ରଧାନ, ଆୟୁଷି ପଧାନ, ପ୍ରଭାତ କୁମାର ଭୋଇ, ମୁଷାନ ସା, ଗୋବିନ୍ଦ ବିଶ୍ୱାଳ, ଗୁରୁଦେବ ସା, ମନ୍ଦାକିନୀ ଶତପଥୀ, ତପେଶ୍ୱର ବାରିକ, ଅନିକେତ ବିଶ୍ୱାଳ, ଶରତ ଚୌଧୁରୀ ପ୍ରମୁଖ ଯୋଗଦେଇ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସ୍ମୃତି କମିଟି ତରଫରୁ ବିରାଟ ରାଜା ପଧାନ ପରିଚାଳନା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଜିଲ୍ଲା ଖଣି ଅଧିକାରୀ ଚୂଡ଼ାମଣି ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଅନିଲ ଶର୍ମା ମେମୋରିଆଲ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

# ସୋନପୁରକୁ ହରାଇ ଝାରସୁଗୁଡା ଚାମ୍ପିଅନ

**ଝାରସୁଗୁଡା, ୨୮।୧୨ (ସମିସ):** ବ୍ରଜରଜନଗର ପୌର ପରିଷଦ ଅନ୍ତର୍ଗତ ଓପିଏମ ଖେଳ ପଡ଼ିଆରେ ଚାଲିଥିବା ପ୍ରଥମ ଅନିଲ ଶର୍ମା ମେମୋରିଆଲ ଫୁଟବଲ ପ୍ରତିଯୋଗିତା ରବିବାର ଉଦଯାପିତ ହୋଇଯାଇଛି। ଆୟୋଜିତ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ସୋନପୁର ଦଳ ଓ ଝାରସୁଗୁଡା ଦଳ ମଧ୍ୟରେ ଆୟୋଜିତ ହୋଇଥିଲା। ଉଭୟ ଦଳ ପକ୍ଷରୁ ଚିତାକର୍ଷକ ଖେଳ ପ୍ରଦର୍ଶନ କରାଯାଇଥିଲା। ଫାଇନାଲ ଖେଳର ନିର୍ଦ୍ଧାରିତ ସମୟ ଭିତରେ କେହି କାହାକୁ ଗୋଲ ଦେଇନଥିବା ବେଳେ ଟାଇବ୍ରେକର ଜରିଆରେ ଝାରସୁଗୁଡା ଦଳ ୫-୪ ଗୋଲ ଦେଇ ବିଜୟୀ ହୋଇଥିଲା। ଆୟୋଜିତ ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ବିଶ୍ୱଜିତ ସରଙ୍ଗୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ବିଜେପି ଯୁବ ନେତା ଶ୍ଳୋକ ସରନା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଶିବ ମନ୍ଦିର ସେବା ସମିତି ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ପଶ୍ଚିମ ଓଡ଼ିଶାର ୧୬ ଗୋଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ସୁଜିତ ମହାନ୍ତି, ଅଶୋକ କାରିଗର, ଅରୁଣ ସେଠି, ମନୀଷ ପଟେଲ, ଏନ୍. ଲିଙ୍ଗରାଜ, ବୁଦ୍ଧୁ ପ୍ରମୁଖ ପ୍ରତିଯୋଗିତାରେ ସହାୟତା କରିଥିଲେ।



## ■ ୩୫ତମ ସର୍ବଭାରତୀୟ ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ୟୁନିଅନ୍ ସ୍ପୋର୍ଟିଂ କଟକ ଚାମ୍ପିଅନ୍

**ଦେବଗଡ଼, ୨୮।୧୨(ସମିସ):** ସ୍ଥାନୀୟ ଇନ୍ଦିରା ଗାନ୍ଧି ଷ୍ଟାଡିୟମ୍‌ଠାରେ ବାମଣ୍ଡା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ୩୫ ତମ ସର୍ବ ଭାରତୀୟ ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିକାର ଫାଇନାଲ ମ୍ୟାଚ୍ ରାଉରକେଲା ଏଏସ ଏକାଡେମୀ ଓ କଟକ ୟୁନିଅନ୍ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ରାଉରକେଲା ଦଳକୁ ୫ ୱିକେଟ୍‌ରେ ପରାସ୍ତ କରି କଟକ ଦଳ ଚାମ୍ପିଅନ୍ ହୋଇଛି। ରାଉରକେଲା ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରୁ ୧୯.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୨୪ ରନ୍ କରିଥିଲା। ଦଳ ପକ୍ଷରୁ ଉମେଶ ଗୌତମ ୨୮ ଓ ୱାଲ୍ଟର ଟୋପୋ ୨୩ ରନ୍ କରିଥିବାବେଳେ କଟକ ଦଳର ବିଶ୍ୱଜିତ୍ ପ୍ରଧାନ ୪ଟି, ତାପସ ରାଉତ ଓ ଶୁଭମ୍ ପ୍ରିୟଦର୍ଶୀ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଏହାର ଜବାବରେ କଟକ ଦଳ ବ୍ୟାଟିଂ କରି ୧୭ ଓଭରରେ ୫ଟି ୱିକେଟ୍ ହରାଇ ୧୩୦ ରନ କରି ବିଜୟୀ ହୋଇଥିଲେ। ଦଳ ପକ୍ଷରୁ ବିଶ୍ୱଜିତ୍ ପ୍ରଧାନ ସର୍ବାଧିକ ୬୨ ଓ ତାପସ କୁମାର୍ ରାଉତ ୨୯ ରନ୍ ସଂଗ୍ରହ କରିଥିଲାବେଳେ ରାଉରକେଲା ଦଳର ଶିଭମ୍ କ୍ରିଷ୍ଣା ଓ ୱାଲଟର ଟୋପ୍ପୋ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଆଜିର ଫାଇନାଲ ମ୍ୟାଚ୍‌କୁ ଅମ୍ପାୟାର ସତ୍ୟ ପ୍ରସାଦ ରଥ ଓ ସୌମ୍ୟ ଦର୍ଶନ ମହାନ୍ତି ପରିଚାଳନା କରିଥିବାବେଳେ ରୋମି ନାୟକ ଓ ଅମନ୍ ସିଂ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସେହିପରି ବେଣୁଧର ଗଡ଼ନାଏକ, ନଗେନ୍ଦ୍ର କୁମାର ନାଥ ଓ ଦିଲୁ ଦସଭାୟା ମ୍ୟାଚର ଧାରାବିବରଣି ପ୍ରଦାନ କରିଥିଲେ। କଟକ ଦଳର ବିଶ୍ୱଜିତ୍ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଓ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ, କଟକ ଦଳର ଗଣେଶ ତମାରଙ୍କୁ ବେଷ୍ଟ ବୋଲର, କଟକ ଦଳର ରାଜୀବ ଲୋଚନ ସାହୁଙ୍କୁ ବେଷ୍ଟ ବ୍ୟାଟ୍ସମ୍ୟାନ ଓ ଦେବଗଡ଼ ଦଳର ଦୁଷ୍ମନ୍ତ ସାହୁଙ୍କୁ ବେଷ୍ଟ ଫିଲଡର ଭାବେ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥିଭାବେ ରାଜ୍ୟ ପଞ୍ଚାୟତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ, ସମ୍ମାନିତ ଅତିଥିଭାବେ ଓଡ଼ିଶା କ୍ରିକେଟ ଆସୋସିଏସନ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଯୋଗଦେଇ ଚାମ୍ପିଅନ ଦଳକୁ ଟ୍ରଫି ସହିତ ନଗଦ ୭୧ ହଜାର ଏବଂ ଉପ ବିଜେତା ଦଳକୁ ଟ୍ରଫି ସହିତ ନଗଦ ୫୧ ହଜାର ଟଙ୍କା ଅର୍ଥ ରାଶି ପୁରସ୍କାର ପ୍ରଦାନ କରିଥିଲେ। ବାମଣ୍ଡା କ୍ରିକେଟ କ୍ଲବର ସଭାପତି ପ୍ରଣବ ପ୍ରଧାନଙ୍କ ସଭାପତିତ୍ୱ ଏବଂ ଉପ ସଭାପତି ଅଶୋକ କୁମାର ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସମ୍ପାଦକ ସତ୍ୟ ନାରାୟଣ ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନ୍ୟତମ ଉପସଭାପତି ସୁଜିତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




## ନୃପଲାଲ କବାଡି ମେମୋରିଆଲ ଟୁର୍ଣ୍ଣାମେଣ୍ଟ

# ବାବରାକୋଟ ରାଜପୁତ ୱାରିୟର୍ସ ଚାମ୍ପିଅନ୍

**ରିଆମାଳ, ୨୮।୧୨(ସମିସ)**

ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଅନ୍ତର୍ଗତ ରେଙ୍ଗାଲବାହାଳ ଗ୍ରାମରେ ନୃପଲାଲ ପ୍ରଧାନ ମେମୋରିଆଲ ଏକ ଦିବସୀୟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମଳେହିପଡ଼ା ଟିମ୍‌କୁ ୨୧ ପଏଣ୍ଟରେ ପଛରେ ପକାଇ ବାବରାକୋଟ ରାଜପୁତ ୱାରିୟସ ଟିମ୍ ଚାମ୍ପିଅନ୍ ହୋଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ୧୬ ଟିମ୍ ଯୋଗ ଦେଇଥିବା ବେଳେ ସେମି ଫାଇନାଲରେ ରେଙ୍ଗାଲବାହାଳ ଟିମ୍‌କୁ ମଳେହିପଡ଼ା ଟିମ୍ ହରାଇ ଫାଇନାଲରେ ପ୍ରବେଶ କରିଥିବା ବେଳେ ରିଆମାଳ ଟିମକୁ ହରାଇ ବାବରାକୋଟ ରାଜପୁତ ୱାରିୟସ ଟିମ୍ ଫାଇନାଲକୁ ପ୍ରବେଶ କରିଥିଲା। ଶିକ୍ଷକ ବିନୋଦ ବିହାରୀ ପ୍ରଧାନ ଉଦଘାଟନୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇ ମ୍ୟାଚ୍‌କୁ ଉଦଘାଟନ କରିଥିବା ବେଳେ ଦେବଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାମ୍ପିଅନ୍ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରିଥିଲେ। ସେହିପରି ମନୀଷ ସାମଲ ମେନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିବାବେଳେ ଅଭିଜିତ ପ୍ରଧାନ ମେନ୍ ଅଫ ଦି ଡିଫେଣ୍ଡର ଭାବେ ବିବେଚିତ ହୋଇଥିଲେ। ଦୁର୍ଯ୍ୟୋଧନ ମହନ୍ତ ଓ ଆଶିଷ କୁମାର ସାହୁ ଖେଳ ପରିଚାଳନା କରିଥିବାବେଳେ କମିଟି ସଭାପତି ସଲିମ୍ ପ୍ରଧାନ ଓ ସମ୍ପାଦକ ରାଜା ପ୍ରଧାନଙ୍କ ତତ୍ତ୍ୱାବଧାନରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବୁଧୁରାମ ସ୍ୱାଇଁ ସଂଯୋଜନା କରିଥିବାବେଳେ ପ୍ରଶାନ୍ତ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାଦଲ ପ୍ରଧାନ, ଶ୍ରୀତମ ପ୍ରଧାନ, ଅମିତ୍ ପ୍ରଧାନ, ଶୁଭମ୍ ପ୍ରଧାନ, ହାପି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



# ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ

**ଦେବଗଡ଼, ୨୮।୧୨(ସମିସ):** ଦେବଗଡ଼ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆଜି ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମ ଦଳୀୟ ପତାକା ଉତ୍ତୋଳନ କରି ଦେଶର ସ୍ୱାଧିନତାରେ କଂଗ୍ରେସ ଦଳର ମୂଖ୍ୟ ଭୂମିକା ରହିଥିବା ପ୍ରକାଶ କରିଥିଲେ। ଏଥିସହ ଦଳୀୟ ନେତା ଓ କର୍ମୀମାନେ କଂଗ୍ରେସର ବିଚାର ଧାରା ସହ ଜଡିତ ରହି କଂଗ୍ରେସ ସଂଗଠନକୁ ଅଧିକ ଦୃଢ଼ କରିବାକୁ ଉପସ୍ଥିତ ନେତା ଓ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା କ୍ଷୀରୋଦ ନାରାୟଣ ସାହୁ, ଆଦିବାସୀ କଂଗ୍ରେସ ସଭାପତି ସୁଶୀଳ କୁମାର ଗୁଡିଆ, ଜିଲା କଂଗ୍ରେସ ଏସ୍‌ସି ସେଲ୍‌ଫ ସଭାପତି ରମେଶ ଚନ୍ଦ୍ର ପାତ୍ର, କୃଷକ କଂଗ୍ରେସ ରାଜ୍ୟ ସଂଯୋଜକ ଦେବେନ୍ଦ୍ର ଗଡ଼ନାୟକ, ଜିତେନ୍ଦ୍ର ବେହେରା, ନାଥକୃଷ୍ଣ ଜାଲ, ବୁକୁ ଧଳ, ସୁମନ୍ତ କୁମାର ବେହେରା, ପୂର୍ବତନ କାଉନସିଲର ଶାନ୍ତି ମୁଣ୍ଡା, ସୁଶୀଳ କୁମାର ମାଝୀ, ରମା ନାୟକ ଓ ମୁରଲୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ପଏଁର ବନ୍ଦପଡ଼ାରେ ସୋଲାର ପ୍ରକଳ୍ପ ଅଚଳ

**କୋମନା, ୨୮ ।୧୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ପଏଁର ଗ୍ରାମର ବନ୍ଦପଡ଼ାରେ ପାନୀୟ ଜଳ ସମସ୍ୟା ଏବେ ଉତ୍କଟ ରୂପ ଧାରଣ କରିଛି। ଗ୍ରାମବାସୀଙ୍କ ଜଳକଷ୍ଟ ଦୂର କରିବା ପାଇଁ ସରକାରଙ୍କ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସୌର ଚାଳିତ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ମାତ୍ର ଦୀର୍ଘ ଦିନ ହେବ ସୋଲାର ପ୍ରକଳ୍ପଟି ଅଚଳ ହୋଇ ପଡ଼ି ରହିଥିବାରୁ ଗ୍ରାମବାସୀ ପାଣି ମୁନ୍ଦେ ପାଇଁ, ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନାଯୋଗ୍ୟ ଯେ, ପ୍ରକଳ୍ପ ଅଚଳ ହେବା ଫଳରେ ଗାଁ ଲୋକେ ପାନୀୟ ଜଳ ପାଇଁ ସମ୍ପୂର୍ଣ୍ଣ ଭାବେ ନଳକୂପ କିମ୍ବା ଅନ୍ୟାନ୍ୟ ଅସ୍ୱାସ୍ଥ୍ୟକର ଉତ୍ସ ଉପରେ ନିର୍ଭର କରୁଛନ୍ତି। ଖରା ଦିନ ଆସିବା ପୂର୍ବରୁ ଯଦି ସମସ୍ୟାର ସମାଧାନ ନହୁଏ, ତେବେ ପରିସ୍ଥିତି ଆହୁରି ଜଟିଳ ହେବ ବୋଲି ପଡ଼ାବାସୀମାନେ ଆଶଙ୍କା କରିଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି।ପ୍ରଶାସନ ତୁରନ୍ତ ସୋଲାର ପ୍ରକଳ୍ପର ମରାମତି କରି ଗ୍ରାମବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ପଏଁର ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି। ଅବହେଳା ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଗାଁ ଲୋକେ ଚେତାବନୀ ଦେଇଛନ୍ତି।



## ସୁନାବେଡା ଚେରେଚୁଆଁ ଘାଟିରେ ବୁଲୁଛି କଲରାପତରିଆ

# ଭୟରେ ମୁଖ୍ୟରାସ୍ତା ଜନଶୂନ୍ୟ

**ନୂଆପଡ଼ା, ୨୮ ।୧୨ (ସମିସ)**

ଶୀତ ଯେତିକି ଯେତିକି ବଢ଼ୁଛି କଲରାପତରିଆ ବାଘ ଜନବସତି ମୁହାଁ ହେଉଛି।ସୁନାବେଡା ଅଭୟାରଣ୍ୟର ଚେରେଚୁଆଁ ଘାଟି ଅଞ୍ଚଳରେ ଆଜିକୁ ସପ୍ତାହେ ହେବ କଲରାପତିଆ ବାଘ ବୁଲୁଥିବା ଦେଖିବାକୁ ମିଳୁଛି। ଏହି ଭୟରେ ସଂଧ୍ୟା ହେଲେ ସୁନାବେଡାର ମୁଖ୍ୟ ରାସ୍ତା ଜନଶୂନ୍ୟ ହୋଇପଡୁଛି। ସନ୍ଧ୍ୟା ହେଲେ ସେଠାକୁ ଯିବା ଆସିବା ମନା ହେଉଛି। ପ୍ରକାଶ ଯେ ସମୁଦ୍ର ପତନରୁ ତିନି ହଜାର ଫୁଟ ଉଚ୍ଚରେ ରହିଛି ସୁନାବେଡା ଉପତ୍ୟକା।ଏଠାରେ ଦୁଇଟି ସୁନାବେଡ଼ା ଏବଂ ସୋସେଙ୍ଗ ଦୁଇଟି ପଞ୍ଚାୟତରେ ୫୦ରୁ ଉର୍ଦ୍ଧ୍ୱ ଜନବସତି ରହିଛି। ଏଠିକାର ଲୋକ ନିତ୍ୟବ୍ୟବହାର ଜିନିଷପତ୍ର ସକାଶେ କୋମନା, ଉଦ୍ୟାନବନ୍ଧ ଏବଂ ନୂଆପଡ଼ା ଆଦି ସହରର ବଜାର ଉପରେ ନିର୍ଭର କରିଥାନ୍ତି। ଏଥିପାଇଁ ଚେରେଚୁଆଁ ରାସ୍ତା ମୁଖ୍ୟ ରାସ୍ତା ହୋଇଥାଏ। ବର୍ତ୍ତମାନ ଏହି ରାସ୍ତାରେ କଲରାପତରିଆ ବାଘ ବୁଲୁଥିବା ଚର୍ଚ୍ଚା ହେଉଛି। ଦୁଇ ଦିନ ତଳେ ରାତି ୮ଟାବେଳେ ଜଣେ ଧାକଲି ଗାଁର ଜଣେ ଯୁବକ କୌଣସି କାମରେ କୋମନାରୁ ଘରକୁ ବାଇକ୍ ଯୋଗେ ଫେରୁଥିବା ସମୟରେ ଚେରେଚୁଆଁ ଘାଟି ନିକଟରେ ଏକ କଲରାପତରିଆ ବାଘ ତାଙ୍କ ଗାଡି ଉପରକୁ ଡିଆଁ ମାରିଥିଲା। ଯୁବକ ଜଣକ ତୁରନ୍ତ ବାଇକରୁ ଡିଆଁ ମାରି ଦୌଡି ପଳାଇଥିଲେ। ଜଙ୍ଗଲ ତଳକୁ ଆସି ବରକୋଟ ଗାଁରୁ ନିଜ ସମ୍ପର୍କୀୟ ଲୋକମାନଙ୍କୁ ଧରି ଘଟଣାସ୍ଥଳକୁ ଯାଇ ବାଇକ୍‌କୁ ଉଦ୍ଧାର କରିଥିଲେ। ଏହିଭଳି ଦାତୁନାମା ରାସ୍ତାରେ ମଧ ବାଘ ବୁଲୁଥିବା ପ୍ରତ୍ୟକ୍ଷ ଦର୍ଶୀମାନେ କହୁଛନ୍ତି। ଛତିଶଗଡ଼ ରାଜ୍ୟ ଗରିଆବନ୍ଦ ଜିଲ୍ଲା ମେନପୁର ଥାନା ଆମାମୋଲା ପଞ୍ଚାୟତ ଓଏଡ଼ଗାଁର କେତେକ ଲୋକ ସୁନାବେଡ଼ା ଅଞ୍ଚଳକୁ କୌଣସି କାମରେ ଆସିଥିଲେ। କାମସାରି ଚାରି ଚକିଆ ଗାଡ଼ିରେ ଓଏଡ଼ ଗାଁକୁ ଫେରୁଥିଲେ। ସୁନାବେଡ଼ାରୁ ଦାତୁନାମା ଗାଁ ମଝିରେ ଆମ୍ବନାଳା ନିକଟରେ କଲରାପତରିଆ ବାଘ ରାସ୍ତା ଉପରେ ଛିଡ଼ା ହୋଇଥିବା ଦେଖି ଦୀର୍ଘ ସମୟ ଧରି ଅଟକି ରହିଥିଲେ। ପରେ ରାସ୍ତାରୁ ହଟିବା ପରେ ଲୋକେ ଯାତାୟାତ କରିଥିଲେ।ସୂଚନା ଯୋଗ୍ୟ ଯେ ଅଭୟାରଣ୍ୟ ଭିତରେ କୋର ଏରିଆ ଏବଂ ବଫର ଏରିଆ ରହିଛି। ରାଜସ୍ୱ ଇଲାକାରେ ଜନବସତି ରହିଛି। ବାଘ ଜନବସତି ମୁହାଁ ହେଉଥିବାରୁ ଲୋକେ ଆତଙ୍କିତ ହେଉଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ ଦୁଇ ବର୍ଷ ତଳେ ସୁନାବେଡାରେ ଜଣେ ବୃଦ୍ଧାଙ୍କୁ ଅଗଣାରୁ ଟାଣି ନେଇ ବାଘ ଖାଇଯାଇଥିଲା। ବନ୍ୟପ୍ରାଣୀ ବିଭାଗ ଏସିଏଫ ସଞ୍ଜୀବ କୁମାର ବନଗୋଲାଙ୍କୁ ଯୋଗାଯୋଗ କରିବାରେ ସମସ୍ତଙ୍କୁ ସଚେତନ ହୋଇ ଯାତାୟାତ କରିବାକୁ ଆହ୍ୱାନ କରିଛନ୍ତି।

## କୋମନା-କୋର୍ଟ ରାସ୍ତା ମରଣଯନ୍ତା

# ରାସ୍ତା କଡ଼ରେ ବିପଦପୂର୍ଣ୍ଣ ଗଛ



**କୋମନା, ୨୮ ।୧୨(ସମିସ):** ନୂଆପଡ଼ା ଜିଲ୍ଲା କୋମନାରୁ କୋର୍ଟ ଯିବା ପଥରେ କଲେଜ ଆଗକୁ ଛିଡ଼ା ହୋଇଥିବା ଏକ ବିପଦପୂର୍ଣ୍ଣ ଗଛ ଏବେ ସାଧାରଣ ଜନତାଙ୍କ ପାଇଁ ମରଣଯନ୍ତା ସାଜିଛି। ଏହି ଗଛ ଯୋଗୁଁ ଯେକୌଣସି ସମୟରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ଦେଖାଦେଇଛି। ସୂଚନାଯୋଗ୍ୟ ଯେ, ଗତ କିଛିଦିନ ପୂର୍ବେ ଏହି ସ୍ଥାନରେ ଏକ ବଡ଼ ଦୁର୍ଘଟଣା ଘଟିଥିବା ବେଳେ ୫ ଜଣ ଯୁବକ ଅଳ୍ପକେ ମୃତ୍ୟୁମୁଖରୁ ବଞ୍ଚି ଯାଇଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏହି ବିପଦପୂର୍ଣ୍ଣ ଗଛ ସମ୍ପର୍କରେ ବାରମ୍ବାର ଜଣାଇବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ରାସ୍ତାର ଠିକ୍ ମୋଡ଼ରେ ଗଛଟି ଥିବାରୁ ବିଶେଷ କରି ରାତି ସମୟରେ ଗାଡ଼ି ଚାଳକମାନେ ଏହାକୁ ଦେଖିପାରୁ ନାହାନ୍ତି, ଯାହାଫଳରେ ବେଳେ ବେଳେ ଏପାଖରେ ଛୋଟ ମୋଟ ଦୁର୍ଘଟଣା ବଢ଼ିବାରେ ଲାଗିଛି।ଅପରପଟରେ ଭୟଭୀତ ଅବସ୍ଥାରେରାସ୍ତା ଦେଇ ଲୋକେ ଯାତାୟାତ କରୁଛନ୍ତି। ଯଦି ଶୀଘ୍ର ଏହି ଗଛକୁ କଟା ନଯାଏ, ତେବେ ଆଗକୁ କୌଣସି ଅଘଟଣ ଘଟିଲେ ଏଥିପାଇଁ ପ୍ରଶାସନ ହିଁ ଦାୟୀ ରହିବ।

## କିଡ୍‌ନୀ ରୋଗରେ ଯୁବକଙ୍କ ମୃତ୍ୟୁ

# ଗାଁକୁ ଶବ ଆଣିବାକୁ ସାହାଯ୍ୟ କଲେ ବ୍ଲକ୍ ଅଧ୍ୟକ୍ଷ

**ଧର୍ମଗଡ଼, ୨୮ ।୧୨(ସମିସ):** ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ପଞ୍ଚାୟତ କୁର୍ଲୁଭଟାଗ୍ରାମର ଜଣେ ଯୁବକ କିଡନୀ ଜନିତ ରୋଗରେ ପୀଡିତ ହୋଇ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ଯୁବକ କୁର୍ଲୁଭଟା ର ଦିଲ୍ଲୀପ ମାଝୀ(୩୦)। ସୂଚନା ମତେ ଯୁବକ ଜଣକ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଦୀର୍ଘ ଦିନ ଧରି ଭୁବନେଶ୍ୱର ସ୍ଥିତ ଏକ ଘରୋଇ ମେଡିକାଲରେ ଚକିତ୍ସିତ ହେଉଥିଲେ। ମୃତ ଯୁବକ ଗରିବ ପରିବାର ହୋଇଥିବାରୁ ଶବ ଗାଁକୁ ଆଣିବା ପାଇଁ ପରିବାର ଲୋକେ ଚିନ୍ତାରେ ପଡ଼ିଯାଇଥିଲେ।ଏନେଇ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦକୁ ଜଣାଇଥିଲେ। ଶ୍ରୀ ମହାନନ୍ଦ ଖବର ପାଇବା ମାତ୍ରକେ ଆର୍ଥିକ ସହଯୋଗ ଯୋଗାଇ ଦେଇଥିଲେ। ଫଳରେ ଉକ୍ତ ଯୁବକ ମୃତଦେହ ନିଜ ଗାଁ ମାଟିକୁ ଫେରୁଥିବା ଜଣାପଡ଼ିଛି।ମୃତ ପରିବାର ଓ କୁର୍ଲୁଭଟା ଗ୍ରାମବାସୀ ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦଙ୍କୁ ଧନ୍ୟବାଦ ଜଣାଇଛନ୍ତି।



# ମାଁ ଯୋଗମାୟା ପୀଠରେ ସେଲ୍‌ଫି ପଏଣ୍ଟ ଉଦ୍‌ଘାଟିତ

**କେସିଙ୍ଗା, ୨୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଗୁର୍ଜିମୁଣ୍ଡାସ୍ଥିତ ମା'ଯୋଗମାୟା ଶକ୍ତିପୀଠରେ ପ୍ରତିଦିନ ଭିଡ଼ ପରିଲକ୍ଷିତ ହେଉଛି। ମାଁ ଙ୍କ ପୀଠର ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ ଟାଣି ଆଣୁଛି ଗୁର୍ଜିମୁଣ୍ଡା ପର୍ଯ୍ୟନ୍ତ। ମା'ଙ୍କ ଆଶୀର୍ବାଦ ସହିତ ବଣଭୋଜି କରି ପର୍ଯ୍ୟଟକ ଖୁସି ବ୍ୟକ୍ତ କରୁଛନ୍ତି। ଏହା ସହିତ ଉଦ୍ୟାନ ବୁଲି ଆନନ୍ଦିତ ହେଉଛନ୍ତି। ଆଜି କାଲିର ଆଧୁନିକ ସମୟରେ ରିଲ୍ସ ଓ ଫୋଟର ବଜାର ସରଗରମ ରହିଥିବା ଯୋଗୁଁ ଏଠାକୁ ଆସି ପର୍ଯ୍ୟଟକ ଏହିସବୁ କରି ବେଶ ଆନନ୍ଦିତ ହେଉଛନ୍ତି। ସ୍କୁଲ ଛାତ୍ରଛାତ୍ରୀ ଶିଶୁ ଉଦ୍ୟାନର ରହିଥିବା ବିଭିନ୍ନ ଖେଳ ସାମଗ୍ରୀ ସହିତ ଦୋଳିର ମଜା ନେଉଛନ୍ତି। ପାଖରେ ଥିବା ଦେବଗୁମ୍ଫା ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରୁଛି।ଏହି ସବୁ ମଧ୍ୟରେ ଆଜି ମନ୍ଦିର ପରିଚାଳନା ଟ୍ରଷ୍ଟ ପକ୍ଷରୁ ଏକ ସେଲ୍‌ଫି ପଏଣ୍ଟ ଉଦ୍‌ଘାଟିତ କରାଯାଇଛି। କେସିଙ୍ଗା ବିଡ଼ିଓ ଜନ୍ମେଜୟ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଛନ୍ତି।କାର୍ଯ୍ୟକ୍ରମରେ ଟ୍ରଷ୍ଟ ଅଧ୍ୟକ୍ଷ ମୋତିଲାଲ ବରଗ୍ଡି, ସମ୍ପାଦକ ଯଯାତୀ କେଶରୀ ଦେଓ ଉତକେଲା ଫାଣ୍ଡି ଅଧିକାରୀ ଏ କେ ଶତପଥୀ, କୋଷାଧ୍ୟକ୍ଷ ଅଶ୍ୱିନୀ ବିଶ୍ୱାଳ, ଟ୍ରଷ୍ଟି ନବୀନ ପ୍ରଧାନ ଉପସ୍ଥିତ ଥିଲେ।



# ଅଙ୍ଗଦାନ କରିବେ ନୀଳାମ୍ବର ସାହୁ

**ଭବାନୀପାଟଣା, ୨୮ ।୧୨ (ସମିସ):** ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ କମିଟି ପଦାଧିକାରୀଙ୍କ ନାମ ଘୋଷଣା କରାଯାଇଛି। ଏହି ନୂତନ ରାଜ୍ୟ କମିଟିରେ ରାଜ୍ୟ ସାଧାରଣ ସମ୍ପାଦକ ଭାବେ କଳାହାଣ୍ଡିର ନୀଳାମ୍ବର ସାହୁ ମନୋନୀତ ହୋଇଛନ୍ତି। ଶ୍ରୀ ସାହୁ ଆଜୀବନ ସମାଜସେବା କରିବା ସହ ଆନୁଷ୍ଠାନିକ ଭାବରେ ଜାତୀୟ ସ୍ୱାସ୍ଥ୍ୟ ବିଭାଗ ଭାରତ ସରକାରଙ୍କୁ ଚୁକ୍ତିବଦ୍ଧ ଭାବରେ ସଂକଳ୍ପ ଘୋଷଣା କରିଛନ୍ତି ଯେ ତାଙ୍କ ମୃତ୍ୟୁ ପରେ ଶରୀରର ପ୍ରତ୍ୟେକ ଅଙ୍ଗ ଏବଂ ଟିଶୁ ଗୁଡିକ ଦାନକରିବେ। ମୃତ୍ୟୁ ପରେ ଶାରୀରକୁ ପୋଡି ପାଉଁଶ କରିଦେବା ବଦଳରେ ଦାନ ଦେଇଦେଲେ କାହାର ଅମୂଲ୍ୟ ଜୀବନ ବଞ୍ଚିଯିବାର ହୃଦବୋଧ କରି ଏହି ମହତ୍ତ୍ୱ ନିର୍ଣ୍ଣୟ ନେଇଛନ୍ତି। ଦଳମତ ନରଖି ଗରିବ ନିରିହ ଲୋକଙ୍କୁ ଦୁଃଖ ସୁଖରେ ଜଡିତ ରହି 'ବିଜୁ ସ୍ୱାସ୍ଥ୍ୟ କାର୍ଡ, ଯୋଜନାରେ ହସ୍ପିଟାଲରେ ରୋଗୀଙ୍କସେବା କରିବା, ସରକାରଙ୍କ ଲୋକାଭିମୁଖୀ ଯୋଜନା ତଳସ୍ତରକୁ ପହଞ୍ଚାଇବାରେ ସକ୍ରିୟ ଭୂମିକା ନିଭାଇବେ। ୨୦୨୪ ରୁ ସଦର ବିଧାନସଭା କ୍ଷେତ୍ରର ରହି ୧ ବର୍ଷ ୧୮ ମାସ ହେବ ସରକାରରେ ନଥାଇ ମଧ୍ୟ ଦଳୀୟ କାର୍ଯ୍ୟରେ ଲିପ୍ତରହି, ଅଞ୍ଚଳର ବିକାଶ ଦିଗରେ ଲୋକଙ୍କ ହକ ଅଧିକାରର ଲଢେଇରେ ସଂଗ୍ରାମ କରି ସରକାରକୁ ସଚେତନତା ଦିଗରେ ପ୍ରମୁଖ ଭୂମିକାକୁ ଗୁରୁତ୍ୱ ବହନ କରି ଦଳ ଗୁରୁଦାୟିତ୍ୱ ପ୍ରଦାନ କରିଥିବାର ଜଣାପଡ଼ିଛି।




# ଲୋକେଶ୍ୱର ନାଏକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଧର୍ମଗଡ଼, ୨୮ ।୧୨ (ସମିସ):** ଧର୍ମଗଡ଼ ବ୍ଲକ ଡୁମେରଗୁଡା ଗ୍ରାମରେ ଲୋକେଶ୍ୱର ନାଏକ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ତ୍ରିଲୋଚନ ନାଏକ, ସମ୍ମାନିତ ଅତିଥି ଶିକ୍ଷକ ପ୍ରେମଲାଲ ନାଏକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଉଗ୍ରସେନ ନାଏକ, ଅକୃର ପ୍ରସାଦ ସେଠିଆ, ବିଦ୍ୟାଧର ନାଏକ, ସୁମେଶ୍ୱର ନାଏକ, ସରପଞ୍ଚ ମନୋଜ ନାଏକ, ଦେବାର୍ଚ୍ଚନ ସେଠିଆ, ଅମୁଲ୍ୟ ନାଏକ, ରମେଶ ଚନ୍ଦ୍ର ନାଏକ ପ୍ରମୁଖ ଯୋଗଦେଇ ଶୁଭାରମ୍ଭ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିନରେ କନ୍ଧମାଳ ଓ ଆମ୍ବଗୁଡ଼ା କ୍ରିକେଟ ଟିମ୍ ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ମ୍ୟାଚ୍ ଦେଖିବାକୁ ମିଳିଥିଲା। ପ୍ରଥମେ ଟସ ଜିତି ଆମ୍ବଗୁଡା ଦଳ ବ୍ୟାଟିଂ ନିଷ୍ପତ୍ତି ନେଇ ୧୫ ଓଭରରେ ୧୬୦ରନ ସଂଗ୍ରହ କରିଥିଲା। ଯାହାରିଫଳରେ ଆମ୍ବଗୁଡା ଦଳ ବିଜୟୀ ହୋଇଥିଲା। ଦଳ ବିପକ୍ଷରେ କନ୍ଧମାଲ ଦଳ ସମସ୍ତ ଖେଳାଳି ଆଉଟ ହୋଇ କେବଳ ୮୦ରନ କରିବାରେ ସକ୍ଷମ ହୋଇପାରିଥିଲା। କମିଟି ସଦସ୍ୟମାନେ ସହଯୋଗ କରିଥିଲେ।



## ■ ମନରେଗା କାର୍ଯ୍ୟ ଦିବସ ବୃଦ୍ଧି

# ନିଜ ଗାଁକୁ ଫେରୁଛନ୍ତି ଦାଦନ ଶ୍ରମିକ

**ଗୋଲାମୁଣ୍ଡା/ଧର୍ମଗଡ଼, ୨୮ ।୧୨(ସମିସ):**ରାଜ୍ୟ ସରକାରଙ୍କ ପ୍ରତି ପରିବାରକୁ ୩୦୦ଶ୍ରମ ଦିବସ କାମ ଏବଂ ମନରେଗା ଯୋଜନାରେ ବର୍ଦ୍ଧିତ ମଜୁରୀ ପ୍ରଦାନ କରିବାର ପଦକ୍ଷେପ ପରେ ଦାଦନ ପ୍ରବଣ କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଗୋଲାମୁଣ୍ଡା ବ୍ଲକରେ ଆଶାଜନକ ଫଳାଫଳ ଦେଖାଇବା ଆରମ୍ଭ ହୋଇଛି। ବାହାର ରାଜ୍ୟକୁ କାମ ପାଇଁ ଯାଇଥିବା ଲୋକମାନେ ଘରକୁ ଫେରିବା ଆରମ୍ଭ କରିଛନ୍ତି। ଶ୍ରମିକମାନଙ୍କୁ ଅଧିକ କାମ ଯୋଗାଇବା ଓ ଦାଦନ ଶ୍ରମିକ ରୋକିବାକୁ ରାଜ୍ୟ ସରକାର ପ୍ରତି ପରିବାର ପାଇଁ ମନରେଗା ଶ୍ରମ ଦିବସକୁ ୧୦୦ ଦିନରୁ ୩୦୦ଦିନ ସଂଶୋଧିତ କରିଛନ୍ତି ଏବଂ ପ୍ରଚଳିତ ପରିମାଣ ବ୍ୟତୀତ ପ୍ରତି ବ୍ୟକ୍ତି ପାଇଁ ଦୈନିକ ଅତିରିକ୍ତ ମଜୁରୀ ୯୮ ଟଙ୍କା ବୃଦ୍ଧି କରିଛନ୍ତି। ଏହି ପଦକ୍ଷେପ ଗୁଡ଼ିକ ଡିସେମ୍ବର ୧ ତାରିଖରୁ କାର୍ଯ୍ୟକାରୀ ହୋଇଛି। କାର୍ଯ୍ୟ ଦିବସ ବୃଦ୍ଧିର ଫଳାଫଳ ଗୋଲାମୁଣ୍ଡା ବ୍ଲକରେ ଶୀର୍ଷରେ ଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ଏହି ବ୍ଲକରେ ୨୯୫୦୭ ଜବ କାର୍ଡ ଥିବାବେଳେ ୨୫୪୨୫ ଜବକାର୍ଡ ଆକ୍ଟିଭ ଅଛି। ୫୦୨୬୯ ଏବିପିଏସ ଆକ୍ଟିଭ ଶ୍ରମିକ ଥିବାବେଳେ ୬୦୪୧୦ଆଧାର ସିଡିଙ୍ଗ ଶ୍ରମିକ ଅଛନ୍ତି। ବର୍ତ୍ତମାନ ଗୋଲାମୁଣ୍ଡା ବ୍ଲକରେ ୭୫ ପ୍ରତିଶତରୁ ଅଧିକ ଜବକାର୍ଡ ଆକ୍ଟିଭ ଅଛି। ଗୋଲାମୁଣ୍ଡା ବ୍ଲକ ଏକ ଦାଦନ ପ୍ରବଣ ବ୍ଲକ ହୋଇଥିବା ବେଳେ ବିଗତ ବର୍ଷମାନଙ୍କରେ ବ୍ଲକର ଅନେକ ପଞ୍ଚାୟତରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅନେକ ଦାଦନ ଶ୍ରମିକ ମୃତଦେହ ନିଜ ଗାଁକୁ ଆସିଥିବା ନଜର ଆସିଥିବା ବେଳେ ସିନାପାଲି ଓ ମହାଲିଙ୍ଗ ପଞ୍ଚାୟତର ଦୁଇ ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ନିଖୋଜ ହୋଇ ଯାଇଛନ୍ତି। ସାଧାରଣତଃ ନୂଆଖାଇ ଓ ଦଶହରା ପରେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ଗାଁରୁ ୩୦ହଜାରରୁ ଅଧିକ ଶ୍ରମିକ ଚାଲିଯାଇଥିବା ବେଳେ ବର୍ତ୍ତମାନ ରାଜ୍ୟ ସରକାର ଶ୍ରମ ଦିବସ ଓ ମଜୁରୀ ଟଙ୍କା ବୃଦ୍ଧି କରିଥିବାରୁ ଅନେକ ଶ୍ରମିକ ନିଜ ଗାଁକୁ ଫେରି ଆସି ମନରେଗା ଯୋଜନାରେ କାର୍ଯ୍ୟ କରୁଥିବା ବେଳେ ବାକିଥିବା ଶ୍ରମିକଙ୍କୁ ପ୍ରଶାସନ, ସ୍ଥାନୀୟ ସରପଞ୍ଚ, ଗାଁ ସାଥି, ସମିତି ସଭ୍ୟ ଜରିଆରେ ଯୋଗାଯୋଗ କରି ନିଜ ଗାଁକୁ ଫେରାଇ ଆଣି କାର୍ଯ୍ୟ ଯୋଗାଇଦେବାକୁ ପ୍ରୟାସ ଜାରି ରହିଥିବା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ପ୍ରକାଶ କରିଛନ୍ତି।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ଗୋଲାମୁଣ୍ଡା, ୨୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ରେଙ୍ଗସାପାଲି ହାତୀରାମ ଉଚ୍ଚବିଦ୍ୟାପୀଠ ଖେଳପଡ଼ିଆରେ ବୁଢ଼ାରାଜା ଯୁବ ଅନୁଷ୍ଠାନ ଆନୁକୂଲ୍ୟରେ ୯ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ରେଙ୍ଗସାପାଲି ଓ ଉଛଳା ମଧ୍ୟରେ ହୋଇଥିଲା। ଫାଇନାଲ ଖେଳରେ ରେଙ୍ଗସା ପାଲି ଟସ୍ ଜିତି ୧୫୦ରନ ସଂଗ୍ରହ କରି ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଥିବା ବେଳେ ଉଛଳା ଦଳ ୧୧୮ ରନ ସଂଗ୍ରହ କରି ପରାସ୍ତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ପ୍ରମୋଦ ପ୍ରଧାନ ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ଦସପୁର ମଣ୍ଡଳ ସଭାପତି, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ସନ୍ତୋଷ ବୁଦ୍ଧିଆ ଯୋଗ ଦେଇଥିବା ବେଳେ, ଗୋବର୍ଦ୍ଧନ ଭୋଇ, ବସନ୍ତ ଗଡ଼ଟିଆ, ଅହଲ୍ୟା ଦାସ, ଛିନୁ ଦୀପ, ମଞ୍ଜୁ ଦଳପିତି, ହରି ବେହେର ପ୍ରମୁଖ ମଞ୍ଚାସିନ ଥିଲେ। ଟୁର୍ଣ୍ଣାମେଣ୍ଟର କମିଟି ସଭାପତି ଛନ୍ଦା ଚରଣ ପଧାନ, ଉପସଭାପତି ଅଭିମନ୍ୟୁ ଦାସ, ସମ୍ପାଦକ ରୁପସିଂ ନାଏକ୍, କୋଷାଧ୍ୟକ୍ଷ ବସନ୍ତ ଗଡ଼ତିଆ, ସମାଜ ସେବୀ ଅନନ୍ତ ବେହେରା, ସୁବାସ ପଧାନ, ମୁରଲୀଧର ବାଗ, ମୁଖ୍ୟ ଭୂମିକା ନିଭାଇଥିଲା ବେଳେ କ୍ରିୟାନୁଷ୍ଠାନ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ୧୯୯୭ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ

**ଗୋଲାମୁଣ୍ଡା, ୨୮ ।୧୨(ସମିସ):** କଳହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ସଦର ମହକୁମା ଠାରୁ ୩ କିଲୋମିଟର ଦୂରରେ ଅବସ୍ଥିତ କାଟିକୁଟି ଡ୍ୟାମ ପାଖ ଜଙ୍ଗଲରେ ୧୯୯୭ ମସିହା ଛାତ୍ରଙ୍କ ବନ୍ଧୁମିଳନ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୨୯ ବର୍ଷ ଅତିକ୍ରମ କରିଥିବାରୁ ପରସ୍ପର ମଧ୍ୟରେ ଭାବ ବିନିମୟ ମାଧ୍ୟମରେ ଦୁଃଖସୁଖ ବାର୍ତ୍ତା ଆଦାନ ପ୍ରଦାନ କରିଥିଲେ। ବନ୍ଧୁ ନୀଳମଣି ସୁନାନୀ, ଦିବ୍ୟସିଂହ ବଗର୍ତ୍ତି ଏବଂ ପ୍ରେମଚାନ୍ଦଙ୍କ ଦେହାନ୍ତ ହୋଇ ଯାଇଥିବାରୁ ଶୋକ ପାଳନ କରିଥିଲେ। ଦୀର୍ଘ ୨୯ ବର୍ଷ ପରେ ବନ୍ଧୁ ମେଳରେ ଏକାଠି ହେବା ଆମ ସୌଭାଗ୍ୟ ବୋଲି ମତ ପ୍ରକାଶ କରି ପରସ୍ପର ମଧ୍ୟରେ ଆଲିଙ୍ଗନ ହୋଇଥିଲେ। ଟଙ୍କଧର ନାଏକଙ୍କ ତତ୍ତ୍ୱାବଧାନ ପବନ ମହାନନ୍ଦ, କୃଷ୍ଣ ଚନ୍ଦ୍ର ମହାନନ୍ଦ, ତପେଶ୍ୱର ନାଏକ, ଚୈତନ୍ୟ ବଂଜରା, ଶୋଭାରାମ ନାଏକ, ଲକ୍ଷ୍ୟ କୁମାର ରାଉତ, କୈଳାସ ନାଏକ, ତୁଳାରାମ ମାଝି, ଟିକେ ସୁନ୍ଦର ମାଝି, ଶରତ କୁମାର ମେହେର, ବିଦ୍ୟାଧର ରାଉତ, ଯୁଗେଶ୍ୱର ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଭୋଜନ କରିବା ପରେ ନାଚ ଗୀତ କରି ଦିନଟିକୁ ମଉଜରେ ଅତିବାହିତ କରିଥିଲେ।






## ବୁଢ଼ା ଡଙ୍ଗର ଲୋକ ମହୋତ୍ସବ ଉଦ୍‌ଯାପିତ

# ସମ୍ବଲପୁରୀ ନୃତ୍ୟରେ ଦୁଲୁକିଲା ମଞ୍ଚ

**କେସିଙ୍ଗା, ୨୮ ।୧୨(ସମିସ)**

କେସିଙ୍ଗା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବୁଢ଼ାଡଙ୍ଗର ଲୋକ ମହୋତ୍ସବରବିବାର ଦିନ ଉଦ୍‌ଯାପିତ ହୋଇଯାଇଛି।ଉତ୍ସବର ଦ୍ୱିତୀୟ ଓ ଅନ୍ତିମ ସନ୍ଧ୍ୟାରେ ପ୍ରଥମେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ଯାହାକୁ ମେଜର ଡ଼.ଜୟଦେବ ସାହୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଲେଖିକା ତଥା ପ୍ରସିଦ୍ଧ ଗାଳ୍ପିକା ଯାଜ୍ଞସେନୀ ସାହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ପାଠୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନର୍ଲା ବିଡ଼ିଓ ବିପିନ ବିହାରୀ ଦୀପ, ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ ଭିକାରୀ ମିଶ୍ର ଯୋଗ ଦେଇଥିଲେ। ପରେ ଅପରାହ୍ନରେ ଏସଏଚ୍‌ଜି ମହିଳାମାନଙ୍କ ପାଇଁ ମ୍ୟୁଜିକ ଚେୟାର ଓ ସମ୍ବଲପୁରୀ ବିଚିତ୍ରା ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା।ପରେ ସନ୍ଧ୍ୟାରେ ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ସଭାପତି ସୁଶାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଧର୍ମଗଡ଼ ବିଧାୟକ ସୁଧୀର ପାଟ୍ଟଯୋଶୀ ଉପସ୍ଥିତ ରହି ବୁଢ଼ାଡଙ୍ଗର ଲୋକ ମହୋତ୍ସବ କଳାହାଣ୍ଡିର କଳା ସଂସ୍କୃତି ଓ ପରମ୍ପରାର ଅପୂର୍ବ ମିଳନ ବୋଲି ପ୍ରକାଶ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଅତିଥି ଭାବରେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ନିବେଦିତା ନାଥ ଉପସ୍ଥିତ ଥିଲେ।ସେହିପରି ସମ୍ମାନିତ ଅତିଥି ଭାବରେ କେସିଙ୍ଗା ନଗରପାଳ ନୃପରାଜ ଯାଦବ ଯୋଗଦେଇ ଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବରେ କେସିଙ୍ଗା ଏସଡିପିଓ ସନ୍ଦୀପ ମାଝୀ ଓ ଅନ୍ୟତମ ଅତିଥି ଭାବରେ ଜିଲ୍ଲା ବିଜେପି ସଭାପତି ଯୁଗଳ ପୋଡ଼ ଯୋଗ ଦେଇଥିଲେ। ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ ଅନୁଷ୍ଠାନର ସମ୍ପାଦକ ଅକ୍ଷୟ ଦାସ। ପରେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ପୃଥିବୀ ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟ ସାଙ୍ଗକୁ ଲୋକ ଗୀତ, ସମ୍ବଲପୁରୀ ନୃତ୍ୟ, ସୁଦୂର ମୁମ୍ବାଇ ରୁ ଆସିଥିବା ହାସ୍ୟ ତାରକା ରାୟାନ୍ ଇଣ୍ଡିଆନ ଓ ସେହି ମୁମ୍ବାଇରୁ ଆସିଥିବା କଣ୍ଠଶିଳ୍ପୀ ଶ୍ରୀୟାଶ୍ରୀ ଭଟ୍ଟାଚାର୍ଯ୍ୟ, ଓଲିଉଡର ସିନେ ତାରକା ଭୂପିନ୍ଦର ସିଂ, ଅନ୍ୟତମ କଣ୍ଠଶିଳ୍ପୀ ମାନସ୍ୱିନ ଓ ରୋଜାଲିନ ଏବଂ ଜେମ୍ସଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ବୁଢ଼ାଡଙ୍ଗର ମଞ୍ଚ ଦୁଲୁକିଥିଲା।ମଦନପୁର ରାମପୁର ବ୍ଲକ ର ମୁଡ଼ିଙ୍ଗଗ୍ରାମର ଲଳିତ ମୋହନ ଭୋଇଙ୍କୁ ଲୋକକଳା ପାଇଁ ଓ କଳାହାଣ୍ଡିର କଟପ୍ପା ନାମରେ ପରିଚିତ ଭବାନୀପାଟଣାର ସୁନିଲ ମହାନନ୍ଦ ଓ ତେରାପନ୍ଥ ଯୁବକ ପରିଷଦ କେସିଙ୍ଗାକୁ ଅଭୂତ ପୂର୍ବ ରକ୍ତଦାନ ଶିବିର ଅନୁଷ୍ଠିତ କରିଥିବାରୁ ମଧ ସମ୍ମାନିତ କରିଛି ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ।



ସକାଳ THE SAKALA



## ଖରିଫ ଧାନ କ୍ରୟକୁ ମାସେ ପୂରିଲା

# ବିକ୍ରି ହୋଇଛି ମାତ୍ର ୧୪ଲକ୍ଷ ୬୪ହଜାର କୁଇଣ୍ଟାଲ





**ଭବାନୀପାଟଣା, ୨୮ ।୧୨(ସମିସ)**

କଳାହାଣ୍ଡି ଜିଲ୍ଲାରେ ଧାନ କିଣାରେ ଟୋକନ ସମସ୍ୟା ଓ ମଣ୍ଡିରେ ମନ୍ଥର ପ୍ରକିୟାରେ ଚାଲିଥିବାସ୍ଥିତି ଚାଷୀଙ୍କୁ ନିରାଶ କରିସାରିଛି। କଳାହାଣ୍ଡି ଜିଲ୍ଲାରେ ଗତ ନଭେମ୍ବର ୨୯ ତାରିଖ ଶନିବାରରୁ ଖରିଫ ଧାନ ପାଇଁ ମଣ୍ଡିର ଶୁଭାରମ୍ଭ ହୋଇଥିଲା। ଇତିମଧ୍ୟରେ ମାସେ ବିତିଯାଇଥିଲେ ମଧ୍ୟ ଆଶା ନୁ ରୁପକ ଧାନ ଉଠି ପାରିନାହିଁ। ଯାହାକୁ ନେଇଁ ଚାଷୀଙ୍କ ମଧ୍ୟରେ ତୀବ୍ର ଉଦବେଗ ପ୍ରକାଶ ପାଇଛି। ସରକାର ଧାନ ସଂଗ୍ରହକୁ ମନ୍ଥର ଗତିରେ ଚଳାଇବାକୁ କୁଆଡେ ନିର୍ଦ୍ଦେଶ ଆସିଛିବୋଲି ଚାଷୀଙ୍କ ପ୍ରଶ୍ନରେ ତହସିଲଦାର ଜଣେଇଛନ୍ତି। ଗୋଟିଏ ବ୍ଲକର ଏଭଳି କଥାକୁ ଅନୁଶୀଳନ କଲେ ଜଣାଯାଏ ସମସ୍ତଙ୍କ ସଲାସୁତୁରାରେ ଚାଲିଛି। କେବଳ ଚାଷୀ ହଇରାଣ ହେବା ସାରହେଉଛି। ଜିଲ୍ଲା ଯୋଗାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲାରେ ଶନିବାର ସୁଦ୍ଧା ୩୨, ୩୦୩ ଜଣ ଚାଷୀ ୧୪ଲକ୍ଷ ୬୪ ହଜାର ୧୧୧କୁଇଣ୍ଟାଲ ଧାନ ବିକ୍ରି କରିଥିବା ଜଣାପଡ଼ିଛି। କେବଳ ଶନିବାର ଗୋଟିଏ ଦିନରେ ୩୦୪୪ଜଣ ଚାଷୀଙ୍କ ୧ଲକ୍ଷ ୩୮ ହଜାର ୭୬ କୁଇଣ୍ଟାଲ ଧାନ ଉଠାଣ କରାଯାଇଛି।ଗତ ବର୍ଷ ଏହି ତାରିଖରେ ୨୯ହଜାର ୫୬୮ ଚାଷୀ ୧୩ ଲକ୍ଷ ୪୪ ହଜାର ୯୩୧ କୁଇଣ୍ଟାଲ ଧାନ ବିକ୍ରି କରି ସାରିଥିଲେ। ବର୍ତ୍ତମାନ ଜିଲ୍ଲାର ସମସ୍ତ ୨୩୦ଟି ମଣ୍ଡି ଖୋଲିଛି। କଳାହାଣ୍ଡି ଜିଲାକୁ ପ୍ରଥମ ପର୍ଯ୍ୟାୟରେ ୩୬ ଲକ୍ଷ ୫୮ ହଜାର କୁଇଣ୍ଟାଲ ଧାନ ଟାର୍ଗେଟ ଆସିଛି। ବର୍ତ୍ତମାନ ଜିଲ୍ଲାର ହଜାର ହଜାର ଚାଷୀ ଚାଷୀ ଧାନ ବିକ୍ରି ଆଶାରେ ହାଡ଼ ଭଙ୍ଗା ଶୀତ କାକରରେ ମଣ୍ଡିରେ ପଡ଼ି ରହିଛନ୍ତି। ସେହିପରି ଅନେକ ଚାଷୀଙ୍କ ଟୋକନ ପଛରେ ରହିଥିବାରୁ ସେମାନେ ଖଳାରେ ଧାନ ରଖି ଟୋକନ ତାରିଖକୁ ଜଗି ବସିଛନ୍ତି। କେବେ ସେମାନଙ୍କ ଟୋକନ ତାରିଖ ଆସିବ ଓ ସେମାନେ ଧାନ ବିକ୍ରି କରିବେ ସେ ନେଇଁ ଚିନ୍ତାରେ ରହିଛନ୍ତି। ବିଶେଷ କରି ଟୋକନ ବିଭ୍ରାଟକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଚାଷୀମାନେ ଅନ୍‌ଲାଇନରେ ପଞ୍ଜୀକରଣ କରିଥିବା ବେଳେ ଟୋକନ ନିମନ୍ତେ ମୋବାଇଲ ରେ ମେସେଜ ଆସିଛି। ହେଲେ ମଣ୍ଡିରେ ଏନେଇ କୌଣସି ତଥ୍ୟ ନଥିବା ଯୋଗୁଁ ଚାଷୀମାନେ ଧାନ ବିକି ପାରୁ ନାହାନ୍ତି। ପ୍ରଥମେ ଅଧିକ କୁଇଣ୍ଟାଲ ପାଇଁ ଟୋକନ ଆସୁଛି ସତ ପରବର୍ତ୍ତି ପର୍ଯ୍ୟାୟରେ ମାତ୍ର ୭/୮କୁଇଣ୍ଟାଲ ପାଇଁ ଟୋକନ ଆସୁଥିବାରୁ ଚାଷୀ ଏବେ ପ୍ରମାଦ ଗଣୁଛନ୍ତି। ସେହିପରି ଜଳସେଚିତ ଜମିରେ କିଛି ଚାଷୀଙ୍କ ଏକରପିଛା ମାତ୍ର ୧ କୁଇଣ୍ଟାଲ ୬ କିଲୋଗ୍ରାମ୍‌ର ଟୋକନ ଆସିଥିବା ଯୋଗୁଁ ସେମାନେ ଅଡୁଆରେ ପଡ଼ିଛନ୍ତି। ଖରିଫ ଧାନ ବିକ୍ରୟରେ ବିଳମ୍ବ ଓ ଚାଷୀ ହଇରାଣ ଜନ ପ୍ରତିନିଧିଙ୍କୁ ବ୍ୟଥିତ କରିଛି। ବିଜେଡି ର ଫେକ୍ଟ ଫାଇଣ୍ଡିଙ୍ଗ ଟିମ ବିଭିନ୍ନ ମଣ୍ଡି ଗସ୍ତ କରିଛନ୍ତି। ସେହିଭଳି ସଦର ବିଧାୟକ ସାଗର ଚରଣ ଦାସ ଲଗାତାର ଭାବେ ମଣ୍ଡି ପରିଦର୍ଶନ କରି ଚାଷୀଙ୍କ ଦୁଃଖ ଦୁର୍ଦ୍ଦଶା ବୁଝିଛନ୍ତି। ଗତବର୍ଷ ଅପେକ୍ଷା ଚଳିତ ଖରିଫରେ ଧାନ ବିକ୍ରି, ମଣ୍ଡିରେ ଅବ୍ୟବସ୍ଥା ଦ୍ୱିଗୁଣିତ ହୋଇଯାଇଛି। ସରକାର ଯଦି ପଦକ୍ଷେପ ନନେବେ ତେବେ କଂଗ୍ରେସ ପକ୍ଷରୁ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବା ନିଶ୍ଚିତବୋଲି ଜଣାପଡ଼ିଛି।

**କଳାହାଣ୍ଡି ଉତ୍ସବ ପୂର୍ବରୁ ସ୍ଥିତିରେ ସୁଧାର ନ ଆସିଲେ ପରିସ୍ଥିତି ଜଟିଳ ହେବ**

# ଅଜଣା ଗାଡ଼ି ଧକ୍କାରେ ମେଡିକାଲ କର୍ମଚାରୀଙ୍କ ମୃତ୍ୟୁ



**କୋକସରା, ୨୮ ।୧୨(ସମିସ) :** ୨୬ ନମ୍ବର ଜାତୀୟ ରାଜପଥର କୋକସରା ବ୍ଲକ କାଉଡୋଲା-ମହାଜନଗୁଡା ରାସ୍ତାରେ ଅଜଣା ଗାଡ଼ି ଧକ୍କା ଦେବାରୁ ଜଣେ ମେଡିକାଲ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତ ମେଡିକାଲ କର୍ମଚାରୀ ଜଣକ ଆମପାଣି ଗ୍ରାମର ସନ୍ତୋଷ ପଣ୍ଡା (ପପୁ, ୩୨)। ସୂଚନା ଅନୁସାରେ, ରବିବାର ସନ୍ଧ୍ୟାରେ ଆମପାଣିରୁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଡ୍ୟୁଟି କରିବା ପାଇଁ ବାଇକ୍ ଯୋଗେ ଯାଉଥିବା ବାଟରେ କାଉଡୋଲା, ମହାଜନଗୁଡା ରାସ୍ତାରେ ତାଙ୍କ ବାଇକ୍‌କୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଥିଲା। ରାସ୍ତାରେ ଯାତାୟାତ କରୁଥିବା ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋକସରା ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ସୂଚନା ମିଳିଛି। ତାଙ୍କ ମୃତ୍ୟୁରେ ଆମପାଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଯୋଙ୍କ ପୁଲିସ ପକ୍ଷରୁ ରକ୍ତଦାନ ଶିବିର

**ନୂଆପଡ଼ା, ୨୮ ।୧୨ (ସମିସ):** ନୂଆପଡ଼ା ଜିଲ୍ଲା ଖରିଆରରୋଡ ଠାରେ ଯୋଙ୍କ ପୁଲିସ ସହ ଏନ୍‌ଏସି ତରଫରୁ ମିଳିତ ଭାବେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୫୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଏସ୍‌ପି ଅମୃତ ପାଲ ସିଂ ମଧ୍ୟ ରକ୍ତଦାନ କରି ସ୍ୱେଚ୍ଛାସେବୀଙ୍କୁ ରକ୍ତଦାନ କରିବା ପାଇଁ ଉତ୍ସାହିତ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ ବିଶେଷ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ରକ୍ତ ଅତ୍ୟାବଶ୍ୟକ ହୋଇଥିବା ବେଳେ ରକ୍ତଦାନ କରି ଅନନ୍ତ ଜୀବନରକ୍ଷା କରିବାରେ ସହାୟକ ହେବା ସୁସ୍ଥ ମାନବସମାଜ ଗଠନର ପରିଚୟ ବୋଲି ଜିଲ୍ଲାପାଳ ମଧୁସୂଦନ ଦାଶ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଖରିଆରରୋଡ଼ ଯୋଙ୍କ ଥାନାଧିକାରୀ ପ୍ରଦୀପ କୁମାର ଧରୁଆ, ଏନ୍‌ଏସି ଅଧକ୍ଷା ସୋନିଆ ଜୈନ, ଉପାଧକ୍ଷ ନିଶାନ୍ତ ଡାଗା ପ୍ରମୁଖ ଯୋଗ ଦେଇଥିଲେ।




# ଆମ୍ବେଦକର ଭବନ ଉଦ୍‌ଘାଟିତ



**ଲାଞ୍ଜିଗଡ଼, ୨୮ ।୧୨(ସମିସ):** ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ନବନିର୍ମିତ ଆମ୍ବେଦକର ଭବନକୁ ରାଜ୍ୟସଭା ସାଂସଦ ସୁଜିତ କୁମାର ଉଦ୍‌ଘାଟନ କରିଛନ୍ତି। ରାଜ୍ୟସଭା ସାଂସଦ ପାଣ୍ଠିରେ ନିର୍ମିତ ନବନିର୍ମିତ ଗୃହକୁ ସାଂସଦ ଶ୍ରୀ କୁମାର ଉଦ୍‌ଘାଟନ କରିଥିଲେ। ସାଂସଦଙ୍କ ସହିତ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକଙ୍କ ସହିତ ବିଡିଓ ଶଶାଙ୍କ ପାତ୍ର, କନିଷ୍ଠ ଯନ୍ତ୍ରୀ ସ୍ମିତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ମାଝୀ, ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟ ଫେଡେରେସନର ଉପଦେଷ୍ଟା ମନୋହର ହରପାଲ, ବ୍ଲକ ଶାଖା ସଭାପତି ଜଗଦୀଶ ବେନିଆ, କାର୍ଯ୍ୟକାରୀ ସଭାପତି ହରିହର କୁମାର, ସୁଶୀଲ କୁମାର ବାଗ, ଗୋପାଳଦାସ ମହାନନ୍ଦଙ୍କ ସହିତ କିଶୋର ହରପାଲ, ମନୋରଞ୍ଜନ ବିଶି, ତରୁଣ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କଳାହାଣ୍ଡି ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ

**ଭବାନୀପାଟଣା, ୨୮ ।୧୨ (ସମିସ):** କଳାହାଣ୍ଡି ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ ଓ ସାଧାରଣ ସଭା ରିଷିଗାଁ ଡଙ୍ଗରିପଡ଼ାସ୍ଥିତ ଏସକେ ହିଲ୍ ଭ୍ୟୁ ଠାରେ ରବିବାର ଅନୁଷ୍ଠିତ ହୋଯାଇଛି। ସଂଘର ସଭାପତି ବିଜୟ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ସାଧାରଣ ସମ୍ପାଦକ ରାଜକିଶୋର ସାମନ୍ତରାୟ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ସଭାପତି ପ୍ରଫେସର ଟହଲୁ ସାହୁ ମୁଖ୍ୟ ବକ୍ତା ଓ ଧର୍ମଗଡ଼ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କଳାହାଣ୍ଡି ବରିଷ୍ଠ ନାଗରିକ ସଂଘର ଯୁଗ୍ମ ସମ୍ପାଦକ ସବିତା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଗିରିଜା ଶଙ୍କର ବାବୁ ସ୍ୱାଗତ ଭାଷଣ ସହ ସଂଘର ବାର୍ଷିକ ବିବରଣୀ ପାଠ କରିଥିଲେ।ବରିଷ୍ଠ ନାଗରିକ ମାନଙ୍କୁ ଜିଲ୍ଲା ଏସପିଙ୍କ ଦ୍ୱାରା ପରିଚୟ ପତ୍ର ପ୍ରଦାନ ଓ ଜିଲ୍ଲାରେ ବରିଷ୍ଠ ନାଗରିକ ସିକ୍ୟୁରିଟି ସେଲ୍‌ଫ ଗଠନ ନିମନ୍ତେ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ସେହିପରି କଳାହାଣ୍ଡି ବରିଷ୍ଠ ନାଗରିକ ସଂଘ ନିମନ୍ତେ ସରକାରୀ ଜମି ଲିଜ୍ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମତ ପ୍ରକାଶ ପାଇଥିଲା। ଏହି ଉପଲକ୍ଷେ ଉଭୟ ପୁରୁଷ ଓ ମହିଳା ବର୍ଗରେ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତା ଗୁଡ଼ିକର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ୮୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ୧୧ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସଦସ୍ୟ ସୁମନ କୁମାର ରଥ ମଞ୍ଚ ପରିଚାଳନା କରିଥିଲେ ଓ ଉପସଭାପତି ମଳୟ କୁମାର ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।




# ବୌଦ୍ଧ ଜିଲ୍ଲା ବିଜେଡିର ନୂତନ ଟିମ୍

**ବୌଦ୍ଧ, ୨୮ ।୧୨ (ସମିସ):** ବିଜୁ ଜନତା ଦଳ ପକ୍ଷରୁ ବୌଦ୍ଧ ଜିଲ୍ଲା ବିଜେଡିର ନୂଆ କମିଟି ଗଠିତ ହୋଇଛି। ଏ ନେଇ ଦଳ ପକ୍ଷରୁ ଏକ ତାଲିକା ପ୍ରକାଶ ପାଇଛି। ଏଥିରେ ବୌଦ୍ଧ ଜିଲ୍ଲାର ଉଭୟ କଣ୍ଟାମାଳ ଓ ବୌଦ୍ଧ ନିର୍ବାଚନମଣ୍ଡଳୀର କର୍ମକର୍ତ୍ତାଙ୍କ ନାମ ପ୍ରକାଶ ପାଇଛି। ତାଲିକାରେ ୩୫ଙ୍କ ନାମ ରହିଛି; ଯେଉଁମାନଙ୍କୁ ଉପସଭାପତି, ସାଧାରଣସମ୍ପାଦକ, ସମ୍ପାଦକ, କୋଷାଧ୍ୟକ୍ଷ ଭାବେ ଦଳ ଦାୟିତ୍ୱ ଦେଇଛି। ଉପସଭାପତି ବିଦ୍ୟାଧର ସ୍ୱାଇଁ, ପ୍ରଦୀପ ସାହୁ, ବିଜୟ ବାରିକ, ବାଳମୁକୁନ୍ଦ ମେହେର, ଜାନୀ ସେନାପତି, ସନ୍ତୋଷ ଦେହୁରୀ, ସୁବୋଧ ପ୍ରଧାନ, ମୃତ୍ୟୁଞ୍ଜୟ ମିଶ୍ରଙ୍କ ନାମ ରହିଛି।

ସାଧାରଣ ସମ୍ପାଦକ ଭବେ ଜ୍ୟୋତିରଞ୍ଜନ ସାହୁ, ପ୍ରଭାତ ପ୍ରଧାନ, ରାଧାକାନ୍ତ ପ୍ରଧାନ, କମଳ ବସ୍ତିଆ, ଧ୍ରୁବ ପ୍ରଧାନ, ଅଚ୍ୟୁତାନନ୍ଦ ପ୍ରଧାନ, ମୁରଲି ସେଠୀ, ବିଶ୍ୱଜିତ ମିଶ୍ର, ଶେଷଦେବ ମୁଦୁଲିଙ୍କୁ ଦାୟିତ୍ୱ ମିଳିଛି।

କୋଷାଧ୍ୟକ୍ଷ ଭାବେ ସନ୍ତୋଷ ନାୟକ, ସମ୍ପାଦକ ଭାବେ ରବିଚନ୍ଦ୍ର ପ୍ରଧାନ, ମହେନ୍ଦ୍ର ପ୍ରଧାନ, ଅଜିତ ମେହେର, ରମାକାନ୍ତ ସାହୁ, ହିମାଞ୍ଚଳ ରଣା, ଗୟା ମହାକୁଡ, ଅଶୋକ ସେଠୀ, ନିହାର ରଞ୍ଜନ ଘୋଷ, ବସନ୍ତ ବେହେରା, କୁଶଳେଶ୍ୱର କର୍ମୀ, ପ୍ରଭାତ ମହାକୁଡ, ଯୁବରାଜ ଦଣ୍ଡବାସୀ, ପିତାମ୍ବର ଭୋଇ, ପ୍ରତିଭା ସାହୁ, ସୁଶୀଳ ଦୀପ, ଦେବହରି ମହାକୁଡ, ବିଜୟ ମାହାର ପ୍ରମୁଖ ରହିଛନ୍ତି।

## ସରକାରୀ ମହାବିଦ୍ୟାଳୟ

# ୧୯୮୮ ବ୍ୟାଚ୍ କଳା ଛାତ୍ରଙ୍କ ବନ୍ଧୁମିଳନ



**ଭବାନୀପାଟଣା, ୨୮ ।୧୨(ସମିସ):** ସ୍ଥାନୀୟ ଜ୍ୟୋତି ଫାର୍ମରେ ସରକାରୀ ମହାବିଦ୍ୟାଳୟ ୧୯୮୮ ବ୍ୟାଚ୍ କଳା ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ଅବସ୍ଥାନ କରୁଥିବା ବନ୍ଧୁବାନ୍ଧବୀ ସାମିଲ ହୋଇ ବିଭିନ୍ନ ସମାଜ ସଂସ୍କାରମୂଳକ କାର୍ଯ୍ୟରେ ଯୋଗଦାନ କରିଥିଲେ। 'ମାନବ ସେବା ହିଁ ମାଧବ ସେବା' ବୋଲି ବିଶ୍ୱାସ କରୁଥିବା ବନ୍ଧୁମାନେ ଲାଞ୍ଜିଗଡ଼ ଅନ୍ତର୍ଗତ ତେରେନାମ ଘାଟି ନିକଟସ୍ଥ ଆଦିବାସୀଗ୍ରାମ ଖାମ୍ବିରେ ୨୮୬ ଜଣ ଆଦିବାସୀଙ୍କୁ କମ୍ବଳ, ଶୀତ ବସ୍ତ୍ର, ଶାଢ଼ି, ସାର୍ଟ, ବାଲଟି ଆଦି ବଣ୍ଟନ କରିବା ସହିତ ସାମୂହିକ ଭୋଜନର ଆୟୋଜିତ ହୋଇଥିଲା।

# ଚିତ୍ରକଳା ପ୍ରଦର୍ଶନୀ ଦୁର୍ଗା-୩ ଉଦ୍‌ଯାପିତ

**ସମ୍ବଲପୁର, ୨୮ ।୧୨ (ସମିସ):** ବନ୍ଦନା ଆର୍ଟ ପକ୍ଷରୁ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ଦୁର୍ଗା-୩ ରବିବାର ସମ୍ବଲପୁର ଅମୃତ ବିହାର ସ୍ଥିତ ଗଙ୍ଗାଧର ମେହେର ଆର୍ଟ ଗ୍ୟାଲେରୀ ଠାରେ ଉଦ୍‌ଯାପିତ ହୋଇଛି। ଆଇଆଇଏମ ସମଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ମୁଖ୍ୟ ଅତିଥି, ଗଙ୍ଗାଧର ମେହେର ବିଦ୍ୟାଳୟ ଉପକୁଳପତି ଡ. ଉମାଚରଣ ପତି, ଜିଏମୟୁ ଭୀମଭୋଇ ଚେୟାର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ପଣ୍ଡା, ରାଷ୍ଟ୍ରୀୟ ଗୋପାଳ ବିଦ୍ୟା ମନ୍ଦିର ପ୍ରିନ୍ସିପାଲ ଶାଲୁ ରାଜପୁତ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ। ୫୭ ଜଣ ନାରୀ ଚିତ୍ରଶିଳ୍ପୀଙ୍କ ସମେତ ଚିତ୍ରାଙ୍କନ, ମେହେନ୍ଦି, ରଙ୍ଗୋଲି, ପୂଜା ଥାଳି, ପଶ୍ଚିମ ଓଡ଼ିଶାର ପାରମ୍ପରିକ ଖାଦ୍ୟ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଚିତ୍ରଶିଳ୍ପୀ ବନ୍ଦନା ପଣ୍ଡାଙ୍କ ପରିଚାଳନା ଓ ଚିତ୍ରଶିଳ୍ପୀ ସାଂସ୍କୃତିକା ପୁରୋହିତଙ୍କ ସଂଯୋଜନାରେ ଉତ୍ସବ ହୋଇଥିଲା। ଅନୁଭା ମୁଣ୍ଡା, ମାହି ଯାଦବ, ମଧୁ ପଣ୍ଡିତ, ମେଘା ଯାଦବ, ଆଦର୍ଶ ବହିଦାର, ଦିପ୍ତିମୟୀ ପ୍ରଧାନ, ସମିର ମହାରଣା, ଆର୍ଯ୍ୟନ ଶର୍ମା, ଅଙ୍କିତା ଜାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୫୭ ଜଣ ନାରୀ ଚିତ୍ରଶିଳ୍ପୀଙ୍କ ମୋଟ ୩ ଶହଟି ଚିତ୍ରକଳା ଏବଂ ହସ୍ତକଳା ପ୍ରଦର୍ଶିତ ହୋଇଥିଲା।

## କେନ୍ଦୁପତ୍ର ତୋଳାଳି ଓ ସିଜିନାଲ କର୍ମଚାରୀଙ୍କ ଦାବି

# ଜାନୁଆରୀ ଶେଷ ସୁଦ୍ଧା ସରକାର ଦାବି ପୂରଣ ନ କଲେ ଆନ୍ଦୋଳନ

**କୁଚିଣ୍ଡା, ୨୮ ।୧୨(ସମିସ):** କୁଚିଣ୍ଡା ଡିଭିଜନର କୁଚିଣ୍ଡା ଶ୍ରମିକଭବନରେ ରବିବାର ବିଡବ୍ଲୁଆଇ ସହାୟତାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ସଚେତନତା ଶିବିର ସଂଘର ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଥିଲା। ଶତାଧିକ ସଂଖ୍ୟାରେ କେନ୍ଦୁପତ୍ର ତୋଳାଳି, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକମାନେ ଯୋଗ ଦେଇଥିଲେ। ସଭାରେ ତୋଳାଳି, କର୍ମଚାରୀ ଓ ବନ୍ଧେଇ ଶ୍ରମିକମାନଙ୍କର ବିଭିନ୍ନ ଦାବି ଉପରେ ଆଲୋଚନା କରାଯାଇ ଦାବି ପୂରଣରେ ସରକାର ଆହେତୁକ ବିଳମ୍ବ କରୁଥିବା ବକ୍ତାମାନେ ଅଭିଯୋଗ କରିଥିଲେ। ରାଜ୍ୟ ସମ୍ପାଦକ ଶ୍ରୀ ମୁର୍ତ୍ତୁଜା ଆଗାମୀ ଜାନୁଆରୀ ମାସରେ କେନ୍ଦୁପତ୍ର କେରି ପ୍ରତି ଦର ବୃଦ୍ଧି, ସିଜିନାଲ କର୍ମଚାରୀଙ୍କ ସର୍ବନିମ୍ନ ମଜୁରୀ ଅନୁପାତରେ ମାସିକ ମଜୁରୀ ବୃଦ୍ଧି, ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ ପ୍ରତି ମଜୁରୀ ବୃଦ୍ଧି ଏବଂ ବୋନସ ପରିମାଣ ବୃଦ୍ଧି ସରକାର ଜାନୁଆରୀ ଶେଷ ସୁଦ୍ଧା ଘୋଷଣା କରିବାକୁ ଦାବି କରିଥିଲେ। ସିଜିନାଲ କର୍ମଚାରୀଙ୍କ ଛଟେଇ, ଫଡ଼ି ଉଚ୍ଛେଦ ଆଦି ଶ୍ରମିକ ଓ ତୋଳାଳୀ ବିରୋଧୀ ବିଚାରରୁ ନିବୃତ୍ତ ନ ହେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ସହ ସଂଘ ପକ୍ଷରୁ ବଡ ଧରଣର ଆନ୍ଦୋଳନ ହେବ ବୋଲି ଘୋଷଣା କରିଥିଲେ। ସଭାକୁ କୁଚିଣ୍ଡା ଡିଭିଜନର କୋଷଧକ୍ଷ ମିଳନ ପଲେଇ ପରିଚାଳନା କରିଥିଲେ। କୁଚିଣ୍ଡା ପଞ୍ଚାୟତ ଅଧକ୍ଷ ଭୁବନେଶ୍ୱର କିସାନ ଦାବି ହାସଲ ପାଇଁ ସମସ୍ତେ ସଂଗଠିତ ହେବାକୁ ଆହ୍ୱାନ ଜଣାଇଥିଲେ। ସଂଘର ରାଜ୍ୟ ସମ୍ପାଦିକା ତଥା ପୂର୍ବତନ ବ୍ଲକ ଚେୟାରମ୍ୟାନ ପଦ୍ମାବତୀ କିସାନ ଜିଏସ୍‌ଟି ଉଚ୍ଛେଦ ତ ଲଢେଇରେ ସଂଘ ବିଜୟୀ ହୋଇଥିବା ବେଳେ ଜିଏସ୍‌ଟି ବାବଦରେ ସଂଗ୍ରହ ହୋଇଥିବା ଅର୍ଥକୁ ସରକାର ତୋଳାଳି କର୍ମଚାରୀ ମଧ୍ୟରେ ବଣ୍ଟନ କରନ୍ତୁ, ମୃତ୍ୟୁକାଳୀନ ସହାୟତା ବୃଦ୍ଧି କର ବୋଲି ଦାବି କରିଥିଲେ। ଆଗାମୀ ସିଜନରେ ସଠିକ ଭାବରେ କାଯ୍ୟ ସମ୍ପାଦନ କରିବାକୁ ଆହ୍ୱାନ କରିଥିଲେ। ସଭାରେ ବଦରମା ହେଡ଼ ଚେକର କୈଳାଶ ତାଉଦିଆ, ରେଞ୍ଜ ସମ୍ପାଦକ ବିରଞ୍ଚି ନାୟକ, ଜରଡ଼ା ରେଞ୍ଜ ସମ୍ପାଦକ ଫିଲମନ ଲୁଗୁନ, ସୋଲବଗା ହେଡ଼ଚେକର ଭିକାରି ନାୟକ, ବାମରା ରେଞ୍ଜ ଚୈତନ୍ୟ ମେହେର, ଶିବ ପଟେଲ, ହେମନ୍ତ ବଗର୍ତ୍ତୀ, ସୌଦାମିନୀ ନାୟକ, ବଲ୍ଲବୀ ପଟେଲ, ଜସ୍ମିନ ପଟେଲ, ସୁମିତା ବୁଡ଼, ସୁକୁନୁ ଗହୀର। ଶେଷରେ କୁଚିଣ୍ଡା ରେଞ୍ଜ ସମ୍ପାଦକ ପୁଷ୍ପକେତୁ ଦେଓ ସଭାକୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଯାଜ୍ଞସେନୀ ନେଗୀଙ୍କ ପରଲୋକ

**ଭବାନୀପାଟଣା, ୨୮ ।୧୨(ସମିସ):** ବ୍ରହ୍ମଣସମାଜ କଳାହାଣ୍ଡିର କୋଷାଧ୍ୟକ୍ଷ କ୍ଷିରୋଦ ନେଗୀଙ୍କ ମାତା ଯାଜ୍ଞସେନୀ ନେଗୀ (୭୮) ଙ୍କ ଭବାନୀପାଟଣାସ୍ଥିତ ବାସଭବନରେ ପରଲୋକ ହୋଇଛି।



ବ୍ରାହ୍ମଣସମାଜ କଳାହାଣ୍ଡି ପକ୍ଷରୁ ଦିବଙ୍ଗତ ଆତ୍ମାର ସଦଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନାଜ୍ଞାପନ କରାଯାଇଛି। କଳାହାଣ୍ଡି ବ୍ରହ୍ମଣ ସମାଜର ବରିଷ୍ଠ ଉପସଭାପତି ଗଜେନ୍ଦ୍ର ପାଢ଼ୀ, ଭବେନ୍ଦ୍ର ପଣ୍ଡା, ସତ୍ୟନାରାୟଣ ମହାପାତ୍ର, ପ୍ରମୋଦ ଖମାରୀ, ପ୍ରଶାନ୍ତ ଠାକୁର ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ଥାନୀୟ ଶ୍ମଶାନ ଶେଷ କୃତ୍ୟ ସମ୍ପର୍ଣ୍ଣ କରାଯାଇଥିବା ବେଳେତାଙ୍କ ପୁତ୍ର କ୍ଷୀରୋଦ ନେଗୀ ମୁଖାଗ୍ନି ଦେଇଥିଲେ।

# ରାସ୍ତା କାମ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ବୌଦ୍ଧ, ୨୮ ।୧୨(ସମିସ):** ପଲାସ ଛକରୁ ୫୭ ନମ୍ବର ରାଜପଥକୁ ସଂଯୋଗ କରୁଥିବା ରାସ୍ତା ଭାୟା ରାଜନପାଲି ଓ ପାନୁଆ ସାହି ଦେଇ ମରାମତି କରାଯିବ। ଏଥିପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ବୌଦ୍ଧ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ରାସ୍ତା କାମ ପାଇଁ ୩ କୋଟି ୩୫ ଲକ୍ଷ ୯୮ ହଜାର ୪୫୭ ଟଙ୍କା ବ୍ୟୟ ବରାଦ କରାଯାଇଛି।

# କେଗାଁ ବନାଞ୍ଚଳ ପକ୍ଷରୁ ସଫେଇ ଅଭିଯାନ



**ଗୋଲାମୁଣ୍ଡା, ୨୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଅନ୍ତର୍ଗତ କେଗାଁ ବନାଞ୍ଚଲ୍ ତରଫରୁ ଦସପୁର୍ ସେକ୍ସନ କମଳାବାରି ପିକନିକ୍ ସ୍ପଟ୍‌ରେ ଏକ ମାତ୍ର ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ବିରୋଧରେ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଅଛି। କାର୍ଯ୍ୟକ୍ରମରେ କମଳାବାରି ବନସୁରକ୍ଷା ସମିତିରେ ଥିବା ସଂରକ୍ଷିତ ଜଙ୍ଗଲ ଅତି ସୁନ୍ଦର ହୋଇ ଏକ ଛୋଟ ଝରଣା ବୋହି ଯାଉଛି। ଯାହାକି ପର୍ଯ୍ୟଟକଙ୍କୁ ପରିବେଶ ମୋହିତ କରୁଛି। ଏହି ସ୍ଥାନ କୁ ପ୍ରତି ବର୍ଷ ଶହ ଶହ ପର୍ଯ୍ୟଟକ ପିକନିକ କରିବା ପାଇଁ ଆସିଥାନ୍ତି ଏବଂ ପ୍ଲାଷ୍ଟିକ, ପାଣି ବୋତଲ, କୋଲ୍ଡଡ୍ରିଙ୍କ ବୋତଲ, ମଦ୍ୟପାନ ବୋତଲ ଇତ୍ୟାଦି ଫିଙ୍ଗି ଚାଲି ଯାଇଥାଆନ୍ତି। ଫଳରେ ପରିବେଶ ଦୂଷିତ ହୋଇ ଜଙ୍ଗଲର ଗଛ ଓ ମାଟିକୁ ନଷ୍ଟ କରିଥାଏ। ଭଙ୍ଗା କାଚ ବୋତଲରେ ଅନେକ ପଶୁ ପକ୍ଷୀ ଆଘାତ ହୋଇଥାନ୍ତି। କେଗାଁ ବନାଞ୍ଚଳ ପକ୍ଷରୁ ସଫେଇ ଅଭିଯାନ କରି ସମସ୍ତ କର୍ମଚାରୀ ଅଞ୍ଚଳର ସମସ୍ତ ଜାଗା ସଫାକରି ସମସ୍ତ ବନ ବିଭାଗ କର୍ମଚାରୀ ଓ ବନ ସୁରକ୍ଷା ସମିତି ଓ ପିଏନଜିଓ, ଏସଏଚ୍‌ଜି ମହିଳାମାନେ ସପଥ ପାଠ କରିଥିଲେ।

# ମାଁ ଭଣ୍ଡାରଘରଣୀ ଫୁଟବଲ ଟୁର୍ଣ୍ଣାମେଣ୍ଟ; ଭବାନୀପାଟଣା ଚାମ୍ପିଅନ

**ଧର୍ମଗଡ଼, ୨୮ ।୧୨(ସମିସ)**

ଧର୍ମଗଡ଼ରେ ମାଁ ଭଣ୍ଡାରଘରଣୀ କ୍ଲବ୍ ତରଫରୁ ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିବା ସହ ମା'ଭଣ୍ଡାର ଘରଣୀ ଫୁଟବଲ କ୍ଲବର ପୂର୍ବତନ ଖେଳାଳିଙ୍କୁ ସମ୍ମାନିତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଧର୍ମଗଡ଼ ବ୍ଲକ ଅଧକ୍ଷା ବବିତା ପଟ୍ଟଯୋଶୀ, ଜଗନ୍ନାଥ ସେବା ସମିତିର ଅଧକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ସମାଜସେବୀ କିଶୋର ଅଗ୍ରୱାଲ, ସୁନିତା ଅଗ୍ରୱାଲ, ପୂର୍ବତନ ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ସୁଶ୍ରୀ ହୀରା ବାଗ, ଗଜି ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ, ବରିଷ୍ଠ ସାମ୍ବାଦିକ ହୃଷିକେଶ ମିଶ୍ର, ହେମନ୍ତ ମାଝୀ, ଲକ୍ଷ୍ମୀକାନ୍ତ ଧଙ୍ଗଡ଼ାମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଏହି ଫାଇନାଲ ମ୍ୟାଚ ରେ ଟିଟିଲାଗଡ଼ ଦଳ ଓ ଭବାନୀପାଟଣା ଦଳ ମଧ୍ୟରେ ମୁକାବିଲା ହୋଇଥିଲା। ଉଭୟ ଦଳ ତରଫରୁ ୧-୧ ଗୋଲ ଦେଇ ମ୍ୟାଚ୍ ଡ୍ର ରହିଥିଲା। ଖେଳ ପରିଚାଳକଙ୍କ ନିଷ୍ପତ୍ତିକ୍ରମେ ପେନାଲ୍ଟି କିକ୍ କରି ଭବାନୀପାଟଣା ଦଳ (୪-୩) କିକ କରି ବିଜୟ ହାସଲ କରିଥିଲା। ଖେଳ ପରିଚାଳକ ଭାବେ ସଞ୍ଜୀବ ଦୁର୍ଗା ଖେଳ ପରିଚାଳନା କରିଥିବା ବେଳେ ତାପସ କୁମାର ଦାସ ଓ ଭବେନ୍ଦ୍ର ଗୋପଲ ଲାଇନ୍‌ରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଆୟୋଜକ କମିଟିର ସଭାପତି ଲକ୍ଷ୍ମୀକାନ୍ତ ଧଙ୍ଗଡ଼ାମାଝୀ, ରାଜେନ୍ଦ୍ର ମୁନି, ସମ୍ପାଦକ ସୁଶାନ୍ତ ସାହୁ, କୋଷାଧ୍ୟକ୍ଷ ବିକାଶ ଅଗ୍ରୱାଲ, ଅଜିତ କୁମାର ସେନା, ସୁବ୍ରତ ବେହେରା, ନନ୍ଦଲାଲ ବଛା, ମନୀଷ ଝା ପ୍ରମୁଖ ସହଯୋଗ କରିଥିଲେ।



# ରାଣୀ ଡୁଡୁମା ରାସ୍ତା ମରାମତିକୁ ନେଇ ବିବାଦ ଘନିଭୂତ

## ପ୍ରତିଷ୍ଠାତାଙ୍କ ପ୍ରଶ୍ନ ଉପରେ ଉପସଭାପତିଙ୍କ କଟାକ୍ଷକୁ ନେଇ ଚର୍ଚ୍ଚା



ନନ୍ଦପୁର,୨୮।୧୨(ସମିସ): ନନ୍ଦପୁର ପର୍ଯ୍ୟଟନ ବିକାଶ ପରିଷଦର ନୂତନ କମିଟି ପକ୍ଷରୁ ପାର୍କିଂ ମାଧ୍ୟମରେ ସଂଗୃହୀତ ଅର୍ଥ ବ୍ୟୟ କରି ରାଣୀ ଡୁଡୁମା ପର୍ଯ୍ୟଟନ ସ୍ଥଳୀକୁ ଯିବା ରାସ୍ତା ମରାମତି କରାଯାଇଥିବା ଘଟଣାକୁ ନେଇ ଏବେ ପରିଷଦ ମଧ୍ୟରେ ବିବାଦ ଘନିଭୂତ ହୋଇଛି। ସୂଚନା ଅନୁସାରେ, ଦୀର୍ଘଦିନ ଧରି ରାଣୀ ଡୁଡୁମାକୁ ଯିବା ରାସ୍ତାରେ ଖାଲଖମା ପୂର୍ଣ୍ଣ ଖରାପ ରାସ୍ତା ନେଇ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ହୋଇନଥିଲା। ଏହା ପରେ ପରିଷଦର ନୂତନ କର୍ମକର୍ତ୍ତାମାନେ ନିଜ ଉଦ୍ୟମରେ ପାର୍କିଂରୁ ସଂଗୃହୀତ ଅର୍ଥ ବ୍ୟୟ କରି ରାସ୍ତା ମରାମତି ସହ ବୁସ୍ କଟିଂ ଓ ଅନ୍ୟାନ୍ୟ କାର୍ଯ୍ୟ କରାଇଥିଲେ। ହେଲେ ଏହି କାର୍ଯ୍ୟକୁ ନେଇ ପରିଷଦ ମଧ୍ୟରେ ମତଭେଦ ଦେଖାଦେଇଛି। ପରିଷଦର ପ୍ରତିଷ୍ଠାତା ଶ୍ରୀ ପାଙ୍ଗି ପାର୍କିଂରୁ ଆଦାୟ ହୋଇଥିବା ଅର୍ଥ କାହା ଆଦେଶରେ ଏବଂ କେଉଁ ରେଜୋଲ୍ୟୁସନ ଅନୁଯାୟୀ ଖର୍ଚ୍ଚ କରାଗଲା ବୋଲି ପ୍ରଶ୍ନ ଉଠାଇଥିଲେ। ଏହା ସହ ୫୪,୯୦୦ ଟଙ୍କା ଖର୍ଚ୍ଚ ବିବରଣୀକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏହି ପ୍ରଶ୍ନର ଉତ୍ତରରେ ରବିବାର ଦିନ ପରିଷଦର ନୂତନ ଉପସଭାପତି ଶ୍ରୀ ଗୋପାଳ କୃଷ୍ଣ ବେବର୍ତ୍ତା ଗୋଟିଏ ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ଯେଉଁ ପ୍ରତିକ୍ରିୟା ରଖିଥିଲେ, ତାହାକୁ ନେଇ ବିବାଦ ଆଉ ତୀବ୍ର ହୋଇଛି। ବିଶେଷକରି ଶ୍ରୀ ବେବର୍ତ୍ତାଙ୍କ 'ଚୋର ମଚାଏ ଶୋର' ମନ୍ତବ୍ୟକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ଆରମ୍ଭ ହୋଇଛି। ଏହି ମନ୍ତବ୍ୟ କାହାକୁ ଇଙ୍ଗିତ କରି ଦିଆଯାଇଥିଲା ବୋଲି ସାଧାରଣ ଲୋକେ ପ୍ରଶ୍ନ କରୁଥିବା ବେଳେ ସମଗ୍ର ଘଟଣା ପରିଷଦ ମଧ୍ୟରେ ଆଉ ଗଭୀର ମତଭେଦ ସୃଷ୍ଟି କରିଥିବା ଦେଖାଯାଇଛି।

## ଥଣ୍ଡାରେ ଥରୁଛି କୋରାପୁଟ

# ଗାଡ଼ି ଚଳାଚଳରେ ଘନକୁହୁଡ଼ି ବାଧକ



କୋରାପୁଟ,୨୮।୧୨(ସମିସ): ପ୍ରବଳ ଥଣ୍ଡା ସହ ଘନ କୁହୁଡିର ଆସ୍ତରଣରେ ଥରୁଛି କୋରାପୁଟ। ସକାଳ, ସନ୍ଧ୍ୟା ଓ ରାତିରେ ପ୍ରବଳ ଶୀତ ଅନୁଭୂତ ହେଉଛି। ସବୁଠି ଦେଖିବାକୁ ମିଳିଛି କୁହୁଡିର ବହଳିଆ ଆସ୍ତରଣ। ସତେ ଯେମିତି ଧଳା ଚାଦର ତଳେ ପୁରା ମାଳଭୂମୀ। ପ୍ରବଳ କୁହୁଡ଼ି ଗାଡି ଚଳାଚଳ ସହ ଜନଜୀବନ ଉପରେ ପ୍ରଭାବ ପକାଉଛି। କୋରାପୁଟ, ସୁନାବେଡା, ସେମିଳିଗୁଡା, ଦାମନଯୋଡି ଭଳି ସହରରେ ପାରଦ ଖସି ଆସୁଥିବା ବେଳେ ଗ୍ରାମାଞ୍ଚଳରେ ପ୍ରବଳ ଥଣ୍ଡା ହେଉଛି। ଶୁଙ୍କି, ପଟ୍ଟାଙ୍ଗୀ ଓ ଜୟପୁର ଭଳି ଘାଟି ଅଞ୍ଚଳରେ ୧୦ ମିଟରରୁ ଅଧିକ ରାସ୍ତା ଦେଖା ଯାଉନଥିବାରୁ ଜାତୀୟ ରାଜପଥରେ ଗାଡି ଚଳାଚଳ ବିଳମ୍ବ ହେଉଛି। ଅନ୍ୟପଟେ ଗ୍ରାମାଞ୍ଚଳରେ ଜନଜୀବନ ସ୍ୱାଭାବିକ ହେବା ପାଇଁ ସମୟ ଲାଗୁଛି। ଚଳିତ ମାସରେ ପାରଦ କ୍ରମାଗତ ଭାବେ ଖସୁଥିବାବେଳେ ୨୬ ତାରିଖ ଦିନ ଦାମନଯୋଡ଼ି ସହରରେ ୪.୮ ଡିଗ୍ରୀକୁ ଖସିଛି ପାରଦ। ସନ୍ଧ୍ୟାରୁ ପ୍ରବଳ ଶୀତ ଅନୁଭୂତ ହେଉଥିବା ବେଳେ ସଞ୍ଜ ନଇଁବା ପରେ ଦେହ ଥରୁଥିବା ବେଳେ ରାତିରେ ଥଣ୍ଡାର ପ୍ରକୋପ ବଢୁଥିବା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। କୋରାପୁଟରେ ହାଡ ଭଙ୍ଗା ଜାଡର ପ୍ରଭାବରେ ଲୋକ ମାନେ ଘରୁ ବାହାରିପାରୁ ନାହାନ୍ତି। କେହି ଶୀତୁଆ ସକାଳରେ ଗରମା ଗରମ ଚା ପାଇଁ ଦୋକାନରେ ଭିଡ ଲଗାଉ ଥିବାବେଳେ ଆଉ କେହି ବ୍ୟାୟାମ ପାଇଁ ପ୍ରାତଃ ଭ୍ରମଣରେ ଆସୁଛନ୍ତି। ଆଉ କେହି ନିଆଁ ଜଳାଇ ଉଷ୍ମତାକୁ ଅନୁଭବ କରୁଛନ୍ତି। ସକାଳ ୧୦ଟା ପୂର୍ବରୁ ଲୋକେ ଘରୁ ପଦାକୁ ବାହାରି ପାରୁ ନାହାନ୍ତି। କୋରାପୁଟ, ଲକ୍ଷ୍ମୀପୁର, ସେମିଳିଗୁଡା, ପଟ୍ଟାଙ୍ଗି ଓ ଲମତାପୁଟ ବ୍ଲକରେ ସର୍ବାଧିକ

### ଜନଜୀବନ ଅସ୍ତବ୍ୟସ୍ତ

ଶୀତ ଅନୁଭୂତ ହେଉଥିବାବେଳେ ଅନ୍ୟାନ୍ୟ ବ୍ଲକରେ ମଧ୍ୟ ଶୀତର ଲହରି ଚାଲିଛି। ପ୍ରବଳ ଶୀତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ନିରାଶ୍ରୟ ମାନଙ୍କ ପାଇଁ ସହରାଞ୍ଚଳରେ ୫ଟି ଓ ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ରାତ୍ର ଆଶ୍ରୟ ସ୍ଥଳୀ ଖୋଲା ଯାଇଛି। ଯେପରି କୌଣସି ଲୋକ ରାତ୍ର ଥଣ୍ଡାରେ ବାହାରେ ନ ଶୁଅନ୍ତୁ, ସେଥିପାଇଁ ବିଶେଷ ଧ୍ୟାନ ଦିଆ ଯିବା ସହ ଲୋକ ମାନଙ୍କୁ ରାତ୍ର ଆଶ୍ରୟସ୍ଥଳୀକୁ ନେବା ପାଇଁ ସ୍ୱତନ୍ତ୍ର ଗାଡିର ମଧ୍ୟ ବ୍ୟବସ୍ଥା କରାଯାଇଛି। ଜିଲ୍ଲାର ସମସ୍ତ ବିଡିଓ ଓ ତହସିଲଦାରଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଲକ୍ଷ୍ମୀଗଣପତି ପେଟ୍ରୋଲ ପମ୍ପରେ ପଡ଼ିଲା ତାଲା



କଲ୍ୟାଣ ସିଂହପୁର,୨୮।୧୨(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣ ସିଂହପୁର ବ୍ଲକରେ ଥିବା ଲକ୍ଷ୍ମୀଗଣପତି ଏଚ୍‌ପି ପେଟ୍ରୋଲ ପମ୍ପରେ ତାଲା ପଡ଼ିଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ କୌଣସି ସୂତ୍ରରୁ ଖବର ପାଇ ମଙ୍ଗଳବାର ଦିନ ସମ୍ବଲପୁର ଡିଭିଜନରୁ କିଛି ପେଟ୍ରୋଲ ପମ୍ପ ଅଧିକାରୀ କଲ୍ୟାଣସିଂହପୁର ସଦରକୁ ଆସି ଲକ୍ଷ୍ମୀଗଣପତି ଏଚ୍‌ପି ପେଟ୍ରୋଲ ପମ୍ପରେ ତଦନ୍ତ କରିଥିଲେ। ଏକ ଲିଟର ପରିବର୍ତ୍ତେ ୯୦୦ ଏମ୍‌ଏଲ ତେଲ ଗ୍ରାହକଙ୍କୁ ଦିଆଯାଉଥିବା ଜଣାପଡିଥିଲା। ଏହାକୁ ନେଇ ସମସ୍ତ ନଥିପତ୍ର ଯାଞ୍ଚ କରି ପେଟ୍ରୋଲ ପମ୍ପରେ ତାଲା ପକାଇଥିଲେ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ପେଟ୍ରୋଲ ପମ୍ପ ମାଲିକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ କାଗଜ ପତ୍ର ଠିକ୍ ନଥିବାରୁ ପମ୍ପରେ ତାଲା ପକାଇଛନ୍ତି। ପମ୍ପରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଡ୍ରେସ କୋଡ଼ ପିନ୍ଧି ନଥିବା ଅଭିଯୋଗ ହୋଇଥିବାରୁ ତାଲା ପକା ଯାଇଛି। ଏସମ୍ପର୍କରେ ସିଏସ ଓ ଦାଶରଥି ସୋରେନଙ୍କୁ ଯୋଗାଯୋଗେ କଲେ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। କଲ୍ୟାଣସିଂହପୁରରେ ପେଟ୍ରୋଲ ପମ୍ପ ବନ୍ଦ ଥିବାରୁ ଗ୍ରାହକ ମାନେ ପେଟ୍ରୋଲ ପାଇଁ ନାହିଁ ନ ଥିବା ହଇରାଣ ହେଉଥିବା ଆଲୋଚନା ହେଉଛି।

# ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

ବୈପାରୀଗୁଡ଼ା,୨୮।୧୨(ସମିସ): ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା। ମୃତକ ହେଲେ ତିଲିତମା ତଲିଆ। ଏକ ଅଭାବନୀୟ ଘଟଣାରେ ଗତକାଲି ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ପୂଜାରୀଗୁଡା ପଞ୍ଚାୟତର ବାରଙ୍ଗପାଲି ଗାଁରେ ଘଟିଛି। ସୂଚନା ଅନୁଯାୟୀ, ବରଙ୍ଗପାଲି ଗାଁର ବଳି ତଲିଆଙ୍କ ସ୍ତ୍ରୀ ତିଲତମା ନିଜ ଘରେ ଏକାକୀ ଥିଲେ। ପ୍ରତିଦିନ ଭଳି ଘରେ ଶୋଇଥିଲେ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ତଲତମା ନ ଉଠିବାରୁ ତାଙ୍କ ନିକଟକୁ ଯାଇ ଦେଖିବା ପରେ ପାଟିରୁ ଫେଣ ବାହାରୁଥିବା ଦେଖିବାକୁ ମିଳିଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଭର୍ତି କରିଥିଲେ। କିନ୍ତୁ ଡାକ୍ତର ସେଠାରେ ମହିଳାଙ୍କ ମୃତ ଘୋଷଣା କରିଛନ୍ତି। ଖବର ପାଇ ପୁଲିସ ପହଞ୍ଚି ଶବ ବ୍ୟବଛେଦ ପରେ ମର ଶରୀର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ଘଟଣାକୁ ନେଇ ସ୍ଥାନୀୟ ସରପଞ୍ଚ ସତ୍ୟ ମାଝୀ ଦୁଃଖ ପ୍ରକାଶ କରିଛନ୍ତି।

# ବ୍ଲକ୍ ଉନ୍ନୟନ ବିଭାଗ ମୁଖ୍ୟ କିରାଣୀଙ୍କ ଦେହାନ୍ତ



କୁନ୍ଦୁରା,୨୮।୧୨(ସମିସ): କୁନ୍ଦୁରା ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ଉନ୍ନୟନ ବିଭାଗ ମୁଖ୍ୟ କିରାଣୀ ପୂର୍ବ ପୁରୀଆ (୫୮)ଙ୍କ ଦେହାନ୍ତ ହୋଇଛି। ସୂଚନା ପ୍ରକାରେ ଗତ ଶନିବାର ଦିନ ପ୍ରାୟ ୧୧ ଟା ବେଳେ ସେ ଛାତିରେ ଯନ୍ତ୍ରଣା ଓ ଅସୁସ୍ଥତା ଅନୁଭବ କରିଥିଲେ। ତାଙ୍କୁ ବ୍ଲକର ସହଯୋଗୀ କର୍ମଚାରୀ ପ୍ରଥମେ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଦୁଇ ଘଣ୍ଟା ଚିକିତ୍ସା ପରେ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପରିବାର ଲୋକଙ୍କୁ ସୂଚନା ଦେଇ ବ୍ଲକର ଚତୁର୍ଥ ଶ୍ରେଣୀ କର୍ମଚାରୀ ରବିନ୍ଦ୍ର ପ୍ରଧାନୀ, ଅଭିରାମ ନାୟକ ଏବଂ ତାଙ୍କ ସାଙ୍ଗ ମନୋଜ କୁମାର ବିଶୋୟୀ(ଟୁନୁ), ଅଭିରାମ କତଲି ଜୟପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କ ଦୁଇ ପୁଅ ବିନୋଦ ପୁରିୟା (୪୫) ଏବଂ ମୀନକେତନ (୨୮) ଏବଂ ଅନ୍ୟମାନେ ଆସି କୋରାପୁଟ ମେଡିକାଲକୁ ନେଇଥିଲେ। ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ବିଶାଖାପାଟଣା ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମେଡିକାଲ ନେବା ବାଟରେ ଶନିବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ସାଲୁର ନୂଆ ମେଡିକାଲ ନିକଟରେ ତାଙ୍କ ଦେହାନ୍ତ ହୋଇଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କ ନିଜଘର ପଟାଙ୍ଗୀ ବ୍ଲକ ମାଳିପୁଟ ପଞ୍ଚାୟତ ସଦର ଗାଁରେ। ଧର୍ମପତ୍ନୀ ଅଞ୍ଜନା ପୁରୀୟା ଏବଂ ଦୁଇ ପୁଅ ରହିଛନ୍ତି। ତାଙ୍କ ବିୟୋଗରେ କାର୍ଯ୍ୟାଳୟ ଓ ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଆଜି ଦିନ ପ୍ରାୟ ୨ ଟା ବେଳେ ତାଙ୍କ ନିଜଗାଁରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଦାଦନ ଶ୍ରମିକଙ୍କ ମୃତ୍ୟୁ



ନବରଙ୍ଗପୁର/ନନ୍ଦାହାଣ୍ଡି,୨୮।୧୨(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ବି. ମାଳିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଚିଲିଗୁଡ଼ା ଗ୍ରାମର ଦିବାକର ହରିଜନ(୩୪) ଦାଦନ ଖଟିବାକୁ ଯାଇ ପ୍ରାଣ ହରାଇଛି। ମୃତ ଦିବାକରଙ୍କ ସ୍ତ୍ରୀ ଘାସିନୀ ହରିଜନ କହିବା ଅନୁସାରେ ତାଙ୍କ ଦୁଇ ସାନ ଝିଅଙ୍କୁ ସାଙ୍ଗରେ ଧରି ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ ଖେମାପୁର ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାଗୁଡା ଗ୍ରାମରେ ଇଟା ତିଆରି କରିବା ପାଇଁ ଯାଇଥିଲେ। କିଛି ଦିନ ଧରି ଜ୍ୱର ଲାଗି ରହିବାରୁ ଶନିବାର ଦିନ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ଶନିବାର ରାତିରେ ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ସ୍ୱର୍ଗରଥ ଗାଡ଼ି ଦ୍ୱାରା ମର ଶରୀରକୁ ନିଜ ଗାଁ ଚିଲିଗୁଡାରେ ରବିବାର ପହଞ୍ଚାଇ ଦେଇଥିଲେ। ଦିବାକରଙ୍କ ପରିବାରରେ କେବଳ ଦିବାକର ହିଁ ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଏବେ ତାଙ୍କ ମୃତ୍ୟୁ ପରେ ପିଲାଛୁଆଙ୍କୁ ନେଇ କେମିତି ଭରଣପୋଷଣ କରିବେ ବୋଲି ସ୍ତ୍ରୀ ଘାସିନୀ ହତାଶ ହୋଇପଡ଼ିଛନ୍ତି। ଗ୍ରାମବାସୀ ପରିବାରକୁ ସରକାରୀ ଆର୍ଥିକ ସହାୟତା ଯୋଗାଇ ଦିଆଯାଉ ବୋଲି ଅନୁରୋଧ ଜଣାଇଛନ୍ତି। ଏ ବିଷୟରେ ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ର ଦାସ ମହାନନ୍ଦିଆ ଜାଣିବା ପରେ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି।

# ରାଜ୍ୟ ଯୁବ ଓ ଛାତ୍ର ବିଜେଡିରେ କୋରାପୁଟ ଜିଲ୍ଲାର ବହୁ ଯୁବନେତା





ଜୟପୁର, ୨୮ ।୧୨(ସମିସ): ରାଜ୍ୟରେ ବିଜୁ ଜନତା ଦଳର ସଂଗଠନକୁ ସୁଦୃଢ କରିବା ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମ ରାଜ୍ୟରେ ଯୁବ ଓ ଛାତ୍ର ବିଜଡି ସଂଗଠନର ନୂତନ କର୍ମକର୍ତ୍ତା ନିଯୁକ୍ତ କରାଯାଇଛି। ରାଜ୍ୟ ସଂଗଠନର ବରିଷ୍ଠ ଉପସଭାପତି ଭାବେ ୧୫ ଜଣିଆ ଦଳରେ କୋରାପୁଟ ଜିଲ୍ଲାର ଯୁବ ଆଦିବାସୀ ନେତ୍ରୀ ତଥା ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକାଙ୍କୁ ନିଯୁକ୍ତ କରାଯାଇଛି। ରାଜ୍ୟ ଉପସଭାପତି ଭାବେ ୫୪ଜଣଙ୍କ ମଧ୍ୟରୁ ଜୟପୁରର ଯୁବନେତା ଆଦିତ୍ୟ ନାରାୟଣ ନନ୍ଦ, ଯୁବନେତ୍ରୀ ଶିଳ୍ପା ପାଣି ଏବଂ ରାଜ୍ୟର ୮୫ଜଣ ସାଧାରଣ ସମ୍ପାଦକଙ୍କ ମଧ୍ୟରୁ ଜିଲ୍ଲାର ଲକ୍ଷ୍ମୀପୁର ଅଞ୍ଚଳର ଯୁବ ତଥା ଆଦିବାସୀ ନେତା ଶଙ୍କର ସାଉନ୍ତାଙ୍କୁ ଚୟନ କରାଯାଇଛି। ସେହିପରି ରାଜ୍ୟ ଛାତ୍ର ବିଜେଡିର ସାଧାରଣ ସମ୍ପାଦକ ଜିଲ୍ଲାର ଜୟପୁରର ଛାତ୍ର ନେତା ରୋହିତ କୁମାରଙ୍କୁ ନିଯୁକ୍ତ କରାଯାଇଛି। ଜିଲ୍ଲାରେ ବିଜେଡି ଯୁବ, ଛାତ୍ର ମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଥିବା ବେଳେ ଜିଲ୍ଲାରେ ବିଜେଡିକୁ ସୁସଂଗଠିତ କରାଯାଇ ଆଗାମୀ ସମସ୍ତ ନିର୍ବାଚନରେ ଦଳର ପ୍ରାର୍ଥୀ ମାନଙ୍କୁ ବିଜୟୀ କରାଯିବା ନେଇ ପ୍ରୟାସ କରାଯିବ ବୋଲି ବିଜେଡି କର୍ମୀ ମାନେ ଆଶା ପ୍ରକଟ କରିଛନ୍ତି।

## ■ ଜାତୀୟ ସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା

# ଭାଗନେବେ ନବରଙ୍ଗପୁରର ୪ ଖେଳାଳୀ



ନବରଙ୍ଗପୁର,୨୮।୧୨ (ସମିସ): ଆସନ୍ତା ଜାନୁଆରୀ ପାଞ୍ଚ ତାରିଖ ଠାରୁ ଦଶ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ଚିତୋରଗଡ ଠାରେ ଜାତୀୟ ବିଦ୍ୟାଳୟ ସମୂହ ହ୍ୟାଣ୍ଡବଲ କ୍ରୀଡ଼ା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଯୋଗ ଦେବା ନିମନ୍ତେ ସ୍ଥାନୀୟ ରାଜା ଚୈତନ୍ୟ ଦେବ ଉଚ୍ଚ ବିଦ୍ୟାଳୟର ୪ ଜଣ ଛାତ୍ର ଚଉଦ ବର୍ଷରୁ କମ୍ ରାଜ୍ୟ ଦଳରେ ସ୍ଥାନ ପାଇଥିବା ନେଇ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ଓଡ଼ିଶା ଚିଠି ନମ୍ବର ୩୨୯୯୫ ମାଧ୍ୟମରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରିଛନ୍ତି। ଏହି ପ୍ରତିଯୋଗିତାରେ ଗୌତମ ଭତ୍ରଓ, ଅଭିଜିତ ନାୟକ, ପପୁନ ବେନ୍ୟଓ ଓ ଚିନଓ ବାଘ ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି ଓ ଏଥିପାଇଁ ଯାଜପୁର ଜିଲ୍ଲାର ଛତିଆ ଉଚ୍ଚ ବିଦ୍ୟାଳୟ ହେଉଥିବା ତାଲିମ ଶିବିରରେ ଯୋଗ ଦେବା ନିମନ୍ତେ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ପୂରବୀ ପରିଡ଼ାଙ୍କ ସହ ଯାତ୍ରା କରିଛନ୍ତି। ଛାତ୍ର ମାନଙ୍କ ଏହି ସଫଳତା ପାଇଁ ଜିଲ୍ଲା ଶିକ୍ଷାଧିକାର ଛତ୍ରପତି ସାହୁ, ଅତିରକ୍ତି ଜିଲ୍ଲା ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମହାଳିକ, ପ୍ରଭାତ ପଟ୍ଟନାୟକ, ବିଜ୍ଞାନ ପରିଦର୍ଶକ ଚିତ୍ତ ରଞ୍ଜନ ପଟ୍ଟନାୟକ, ପ୍ରଧାନ ଶିକ୍ଷକ ସୁଦୀପ୍ତ ଦାସ, ବରିଷ୍ଠ ଶିକ୍ଷକ ଶିବପ୍ରସାଦ ପାଣିଗ୍ରାହୀ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

# ନୂତନ ସରକାରୀ ଆଇନଜୀବୀ ନିଯୁକ୍ତ

## ● ଭୁବନ ମୋହନ ପଟ୍ଟନାୟକ ଜୟପୁର କୋର୍ଟର ନୂତନ ଜିପି

ଜୟପୁର, ୨୮ ।୧୨(ସମିସ): ନୂତନ ରାଜ୍ୟ ସରକାର ଗଠନ ହେବାର ଦୀର୍ଘ ୧ ବର୍ଷ ୮ ମାସ ପରେ ବିଭିନ୍ନ ଜିଲ୍ଲାର ଜିଲ୍ଲା ଓ ଦୌରାଜଜ୍ କୋର୍ଟ ସମେତ ଅନ୍ୟାନ୍ୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ କୋର୍ଟ ଗୁଡିକରେ ନୂତନ ସରକାରୀ ଆଇନଜୀବୀ ମାନଙ୍କୁ ରାଜ୍ୟ ଆଇନ ବିଭାଗ ପକ୍ଷରୁ ନିଯୁକ୍ତ କରାଯାଇଛି। ଏଥିନେଇ ଗତ ୨୪ ତାରିଖରେ ରାଜ୍ୟ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇ ବିଭିନ୍ନ କୋର୍ଟର ନୂତନ ସରକାରୀ ଆଇନଜୀବୀ ମାନଙ୍କୁ ନିଯୁକ୍ତି ନେଇ ସୂଚି ଜାରି କରାଯାଇଛି। କୋରାପୁଟ ଜିଲ୍ଲାର ଜୟପୁରସ୍ଥିତ ଜିଲ୍ଲା ସିଭିଲ କୋର୍ଟରେ ସରକାରୀ ଆଇନଜୀବି (ଜିପି) ଭାବେ ବରିଷ୍ଠ ଆଇନଜୀବି ଭୁବନ ମୋହନ ପଟ୍ଟନାୟକଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ଜିଲ୍ଲା ତଥା ଦୌରା ଜଜ୍ କୋର୍ଟରେ ଏନଡିପିଏସ ଧାରା ପାଇଁ ସ୍ୱତନ୍ତ୍ର ସରକାରୀ ଆଇନଜୀବି(ପିପି) ସୁଧାଂଶୁ କୁମାର ପାଢି ଏବଂ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ନିମନ୍ତେ ସ୍ୱତନ୍ତ୍ର ପିପି ଭାବେ କିଶୋର ଚନ୍ଦ୍ର ମିଶ୍ର, ଅତିରିକ୍ତ ଜିଲା ସିଭିଲ ଜଜ୍ କୋର୍ଟରେ ଅତିରିକ୍ତ ଜି.ପି ଭାବେ ସିମାଞ୍ଚଳ ଡିସାରୀ, ସ୍ୱତନ୍ତ୍ର ପି.ପି(ଏନଡିପିଏସ) ତେଜେଶ୍ୱର ପଣ୍ଡା, ସ୍ୱତନ୍ତ୍ର ପିପି ( ଅନୁସୂଚିତ ଜାତି ଓ ଜାନଜାତି ) ଜ୍ୟୋତି ରଞ୍ଜନ ପୂଜାରୀ , ପୋକ୍ସ ତଥା ଏଡିଜେ ସ୍ୱତନ୍ତ୍ର କୋର୍ଟରେ ସ୍ୱତନ୍ତ୍ର ପି.ପି ପି.ସନ୍ୟାସୀ ରାଓ, ଏଡିଜେ ତଥା ଫାଷ୍ଟ ଟ୍ରାକ ସ୍ୱତନ୍ତ୍ର କୋର୍ଟରେ ସ୍ୱତନ୍ତ୍ର ପି ପି ସୁରେଶ କୁମାର ହତପ, ସିଜେଏମ କୋର୍ଟରେ ସହାୟକ ଆଇନଜୀବୀ ଗିରିଧର ଖରା, ସହକାରୀ ପିପି ଗଙ୍ଗାଧର ନାୟକ ଏବଂ ଗୁପ୍ତେଶ୍ୱର ଗନ୍ତାୟତଙ୍କୁ ନିଯୁକ୍ତି ଦିଆଯାଇଛି। ସିଭିଲ ଜଜ୍ (ବରିଷ୍ଠ) ତଥା ମହିଳା କୋର୍ଟରେ ଅତିରିକ୍ତ ସରକାରୀ ଆଇନଜୀବୀ ଭାବେ ପି.ଇଶ୍ୱର ରାଓ, ସହାୟକ ଆଇନଜୀବୀ ସସ୍ମିତା ଦଣ୍ଡସେନା, ସହକାରୀ ପିପି ମନୋରଞ୍ଜନ ରାଉତରାୟ, ସଭିଲ ଜଜ୍ (କନିଷ୍ଠ) ତଥା ଏସଡିଜେଏମ କୋର୍ଟରେ ସହକାରୀ ପିପି ଦିନେଶ ନନ୍ଦ, ଜେଏମଏଫ କୋର୍ଟରେ ସହକାରୀ ପିପି ମୀନକେତନ ପରିଚ୍ଛା, ନିରୋଜ କୁମାର ନାୟକ, ରାଜେନ୍ଦ୍ର କୁମାର ସାନ୍ତ୍ରା, ଜୁଭେନାଇଲ ଜଷ୍ଟିସ ବୋର୍ଡର ସହକାରୀ ପିପି ଉମାକାନ୍ତ ସାହୁ, ଗଣେନ୍ଦ୍ର ନାୟକ ପଟ୍ଟନାୟକ,ପ୍ରବେଶନ ସିଭିଲ ଜଜ୍ କୋର୍ଟରେ ସହକାରୀ ପିପି ପ୍ରଜ୍ଞା କୁମାରୀ ବେବର୍ତ୍ତା, ଜେଏମଏଫସି (ଏଲଆର)ରେ ସହକାରୀ ପିପି ଦୀନକୃଷ୍ଣ ତ୍ରିପାଠୀ, ସେହିପରି କୋରାପୁଟସ୍ଥିତ ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟରେ ସିଭିଲ ଅତିରିକ୍ତ ଜି.ପି ଭାବେ ସୁଦର୍ଶନ ଗୌଡ, ସହକାରୀ ଆଇନଜୀବୀ ସସ୍ମିତା ରାଣି ସାହୁ, ସ୍ୱତନ୍ତ୍ର ପିପି (ଏନଡିପିଏସ) ଶରତ ଚନ୍ଦ୍ର ଆଚାର୍ଯ୍ୟ ଏବଂ ଅନୁସୂଚିତ ଜାତି ଓ ଜନଜାତି ଧାରା ପାଇଁ ନୃପେନ୍ଦ୍ର ନାରାୟଣ ସିଂ, ପୋକ୍ସ କୋର୍ଟରେ କାମାକ୍ଷୀ ପ୍ରସାଦ ସାହୁ, ସିଭିଲ ଜଜ୍ (ବରିଷ୍ଠ) କୋର୍ଟରେ ଅତିରିକ୍ତ ଜିପି ସୁଦର୍ଶନ ମାଝି ଏବଂ ସିଭିଲ ଜଜ (କନିଷ୍ଠ)ରେ ଅତିରିକ୍ତ ଜିପି ଚିତ୍ତରଞ୍ଜନ ଶତପଥି ଏବଂ ପ୍ରଶାନ୍ତ କୁମାର ପାତ୍ର, ଏସଡିଜେଏମ ସହକାରୀ ପିପି ଅଶ୍ୱିନୀ କୁମାର ପଟ୍ଟନାୟକ, କେଦାରନାଥ ସେନାପତି, ପ୍ରଭାତ କୁମାର ମହାପାତ୍ର, ଜେଏମଏଫସି ଅତିରିକ୍ତ ପିପି ରମେଶ ଚନ୍ଦ୍ର କୁମାର, ସଞ୍ଜୟ କୁମାର ଝା, ପ୍ରମୋଦ କୁମାର ମହାପାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଲକ୍ଷ୍ମୀପୁର ଜେଏମଏଫସି ନିମନ୍ତେ ୨ ଜଣ, ବୋରିଗୁମ୍ମା , ଦଶମନ୍ତପୁର, ଲମତାପୁଟ, ସେମିଳଗୁଡା କୁନ୍ଦୁରା, ପ୍ରଭୃତି ସ୍ଥାନରେ ରହିଥିବା ସିଭିଲ ଜଜ୍ (କନିଷ୍ଠ), ଜେଏମଏଫସି , ଗ୍ରାମାଞ୍ଚଳ ନ୍ୟାୟାଳୟ ଏବଂ କାର୍ଯ୍ୟକାରୀ ମାଜିଷ୍ଟ୍ରେଟ କୋର୍ଟରେ ସମୁଦାୟ ୧୯ ଜଣଙ୍କୁ ସହାକାରୀ ପିପି ଭାବେ ନିଯୁକ୍ତ କରାଯାଇଛି।

# ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ



ଜୟପୁର,୨୮ ।୧୨(ସମିସ): ଭାରତୀୟ ଜାତୀୟ କଂଗ୍ରେସ ଦଳର ୧୪୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କୋରାପୁଟ ଜିଲ୍ଲା କଂଗ୍ରେସ ଭବନ ଠାରେ ଦଳର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଦଳୀୟ ପତାକା ଉତ୍ତୋଳନ କରାଯାଇଥିଲା। ଆୟୋଜିତ ବୈଠକରେ ସର୍ବ ପୁରାତନ ଏହି ଜାତୀୟ ଦଳକୁ ସଂଗଠିତ କରିବା ନେଇ ସମସ୍ତେ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୟପୁର ଟାଉନ କଂଗ୍ରେସ ସଭାପତି ତଥା ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ବରିଷ୍ଠ ନେତା ମଦନ ମୋହନ ନାୟକ, ଜିଲ୍ଲା ସଂଖ୍ୟାଲଘୁ ସମ୍ପ୍ରଦାୟର ସଭାପତି ହାସାନ ମଦାନୀ, ଭେଙ୍କଟରାଓ ପଟ୍ଟନାୟକ, ବ୍ଲକ କଂଗ୍ରେସ ସଭାପତି ବସନ୍ତ ନାୟକ, ଗଙ୍ଗାଧର ସାହୁ, ରାମ ନାୟକ, କୈଳାଶ ବିଶୋୟୀ ଓ ଚିନୁ ରାଓ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜିଲ୍ଲା ମୂଳନିବାସୀ ଅନୁସୂଚିତ ଜାତିସଂଘର ବୈଠକ



ନବରଙ୍ଗପୁର,୨୮।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଅନ୍ତର୍ଗତ ଧାମନାଗୁଡ଼ା ଠାରେ ନବରଙ୍ଗପୁର ଜିଲ୍ଲା ମୂଳନିବାସୀ ଅନୁସୂଚିତ ଜାତି ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭା କାର୍ଯ୍ୟ ଆରମ୍ଭରୁ ସମ୍ବିଧାନ ପ୍ରଣୟତା ବାବା ସାହେବ ଡା. ଭୀମରାଓ ଆମ୍ବେଦକରଙ୍କ ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ସଭା କାର୍ଯ୍ୟକୁ ଆଗେଇ ନେଇଥିଲେ। ଏହି ବୈଠକରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଅନୁସୂଚିତ ଜନଜାତି ସଭାପତି ଅର୍ଜୁନ ସମରଥ ସଭାପତିତ୍ୱ କରିଥିଲେ। ଜିଲାରେ ୧୫ ଗୋଟି ଜନଜାତି ସମ୍ପ୍ରଦାୟର ଲୋକେ ବସବାସ କରନ୍ତି। ଏହି ବିଭିନ୍ନ ଜନଜାତିକୁ ଏକତ୍ରିତ କରାଇବା ଏହି ସଂଘର ମୂଳ ଉଦେଶ୍ୟ ବୋଲି ସଭାପତି କହିଥିଲେ। ଆଗାମୀ ଦିନରେ ସଂଘ ଏକତ୍ରିତ ହୋଇ ତାହାର କାର୍ଯ୍ୟପନ୍ଥା ଆପଣାଇବ ବୋଲି ମତ ଦେଇଥିଲେ। ଜିଲ୍ଲା ସ୍ତରୀୟ ସଂଘ ନୂତନ ଭାବେ ବ୍ଲକ ସ୍ତରୀୟ ସଂଘ ସ୍ଥାପନ କରିବାକୁ ସହାୟକ ହେବ ବୋଲି ଉପସ୍ଥିତ ସଦସ୍ୟ ପ୍ରସ୍ତାବ ଦେଇଥିଲେ। ନୂତନ ଭାବେ ଜିଲ୍ଲା ସ୍ତରୀୟ କମିଟି ଗଠନ କରିବାକୁ ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ପାରିତ ହୋଇଥିଲା। ଏହି ଅବସରରେ ଜିଲ୍ଲାର ଦଶଟି ବ୍ଲକ ଏବଂ ଦୁଇଗୋଟି ପୌରପାଳିକାରୁ ପ୍ରମୁଖ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉପ ସଭାପତି ପୂର୍ଣ୍ଣଚନ୍ଦ୍ର ବାଗ, ଜିଲ୍ଲା ସମ୍ପାଦକ ଡମ୍ବରୁଧର ସୁନା, ତୁଳସୀ ଦଶ ପନକା, ଲଖଣ ପନକା , ଜଗନ୍ନାଥ ରେଲି, ଜଗବନ୍ଧୁ ମିର୍ଗାନ, ଚତୁର ସିଂ ନାୟକ, ପ୍ରବୀଣ କୁମାର ସତନାମୀ, ଈଶ୍ୱର ମିର୍ଗାନ, ଚୈତନ୍ୟ ପନକା, ଚନ୍ଦ୍ରଶେଖର ନିଆଲ, ସୁବାସ ସାଗର ଓ ବାବୁଲାଲ ସାଗର ପ୍ରମୁଖ ଯୋଗ ଦେଇଥିଲେ।



## 'ଚଇତି' ମହୋତ୍ସବର ତୃତୀୟ ସନ୍ଧ୍ୟା









# ବୈପାରିଗୁଡା ଅଞ୍ଚଳରେ ସିରିଜ୍ ଦୁର୍ଘଟଣା

ବୈପାରିଗୁଡ଼ା,୨୮।୧୨(ସମିସ): ବୈପାରିଗୁଡା ଅଞ୍ଚଳରେ ସିରିଜ୍ ଦୁର୍ଘଟଣାରେ ୮ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଲମତାପୁଟର ବେଡାଲରୁ ଗୋଟିଏ ପରିବାର (ଓଡି ୦୫ ବିଏନ ୮୫୦୦) ନମ୍ବର କାର୍ ଯୋଗେ ବୈପାରିଗୁଡା ଆଡ଼କୁ ଆସୁଥିବା ବେଳେ ବୈପାରିଗୁଡାରୁ ଜୟପୁର ଅଭିମୁଖେ ଯାଉଥିବା (ଓଡି ୧୦ ଜି ୪୭ ୯୦) ନମ୍ବର କାର୍ ଯାଉଥିବା ବେଳେ ୩୨୬ ନମ୍ବର ଜାତୀୟ ରାଜପଥ ମହୁଲି ଢ଼ାବା ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଲମତାପୁଟ ବାଡେଲର ଦୁଇ ଜଣ



ମହିଳା ଏବଂ ଜଣେ ୧୦ ବର୍ଷର ନାବାଳକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟିବା ଦେଖି ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତଙ୍କୁ ଉଦ୍ଧାର କରିବା ସହ ଜୟପୁର ଜିଲ୍ଲା ହସ୍ପିଟାଲକୁ ପଠାଇଥିଲେ। ସେହିପରି କୋଟା ଛକ ନିକଟସ୍ଥ ତିନି ବାଙ୍କ ଘାଟିରେ ଗୋଟିଏ ଚାରା ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରକଟି ଆନ୍ଧ୍ରପ୍ରଦେଶର ରାଜମେନ୍ଦ୍ରି ଠାରୁ ମଧ୍ୟପ୍ରଦେଶର ବିଲାସପୁର ଯାଉଥିବା ବେଳେ ଟ୍ରକର ବ୍ରେକ ଫେଲ୍ ହୋଇଯିବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ଡ୍ରାଇଭର ଆହତ ହୋଇଥିବା ଜଣାପଡିଛି।

## ବାଇକ୍ ଦୁର୍ଘଟଣାରେ ୩ ଆହତ

ଡାବୁଗାଁ,୨୮।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଧୀନ ରାବଣାଗୁଡା ଛକ ନିକଟରେ ରବିବାର ରାତି ପ୍ରାୟ ୭ଟା ସମୟରେ ମୋଟରସାଇକେଲ ଦୁର୍ଘଟଣା ଘଟି ୩ ଜଣ ଆହତ ହୋଇଛନ୍ତି। ରବିବାର ରାତିରେ ବାଇଗାଁ-ଡଙ୍ଗରିଗୁଡା ମୁଖ୍ୟ ରାସ୍ତାରେ ପାତିଆ ଗ୍ରାମର ଡମ୍ବୁ ଭତ୍ରା (୬୨) ଓ ସଭା ମାଝି (୫୫) ୨ ଜଣ ବାଇଗାଁ ଗ୍ରାମରୁ ପନିପରବା କିଣି ଘରକୁ ଚାଲି ଚାଲି ଯାଉଥିବା ବେଳେ ରାବଣାଗୁଡା ଛକରେ ପଛପଟୁ ଡଙ୍ଗରିଗୁଡା ଗ୍ରାମର ପୀତାମ୍ବର ମାଝି (୫୩) ଏକ ମୋଟରସାଇକେଲ ନଂ ଓଡି ୧୦ ଡବ୍ଲ୍ୟୁ ୪୦୬୮ ଯୋଗେ ଆସୁଥିବା ବେଳେ ଧକ୍କା ଦେଇଥିଲା। ଫଳରେ ଡମ୍ବୁ ଭତ୍ରା ଓ ସଭା ମାଝି ରାସ୍ତାରେ ମୁହଁ ମାଡି ପଡି ଯାଇ ଆହତ ହୋଇଥିଲେ। ଖବରପାଇ ଡାବୁଗାଁ ଅଗ୍ନିଶମ ଗାଡି ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବରପାଇ ଡାବୁଗାଁ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

## କ୍ଷୁଦ୍ର ସମ୍ବାଦପତ୍ରର ସପ୍ତମ ବାର୍ଷିକ ଉତ୍ସବ

ଜୟପୁର,୨୮ ।୧୨(ସମିସ): ଜୟପୁର ସହରରୁ ପ୍ରକାଶିତ ସବୁବର୍ଗ ଖବର କ୍ଷୁଦ୍ର ପାକ୍ଷିକ ସମ୍ବାଦପତ୍ରର ସପ୍ତମ ବାର୍ଷିକୋତ୍ସବ ସ୍ଥାନୀୟ ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପାକ୍ଷିକ ଖବରକାଗଜର ସମ୍ପାଦକ ଚନ୍ଦ୍ରକାନ୍ତ ସୁତାରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ମଦନ ମୋହନ ନାୟକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ବିଜେଡି ନେତା ବାଲା ରାୟ, ଆଇନଜୀବୀ ରାଜେନ୍ଦ୍ର କୁମାର ଗୌଡ, କବି କୃଷ୍ଣଚନ୍ଦ୍ର ହୋତା, ମଞ୍ଚାସୀନ ଥିଲେ। ସମ୍ବାଦପତ୍ରର ସଂପାଦକ ଶ୍ରୀ ସୁତାର ସମ୍ବାଦପତ୍ର ଚଳାଇବା ସମୟର ଅନୁଭୂତି ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥି ମାନେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ଗୁଡିକ ସାମାଜିକ ବିକାଶକୁ ସର୍ବଦା ପ୍ରାଧାନ୍ୟ ଦେଇ ଆସିଛନ୍ତି। କୃଷି ଓ ବୈଷୟିକ ଜ୍ଞାନ, ଗବେଷଣା, ଗ୍ରାମାଞ୍ଚଳ ବିକାଶ ଇତ୍ୟାଦି ଖବର କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରରେ ଅଧିକ ପ୍ରକାଶ ପାଇଥାଏ ଏବଂ ସାମାଜିକ ବିକାଶରେ ଏହି ପ୍ରକାର ସମ୍ବାଦପତ୍ରର ବିଶେଷ ଭୂମିକା ରହିଛି ବୋଲି ଅତିଥି ମାନେ ପ୍ରକାଶ କରିଥିଲେ। ଏହି ସମ୍ବାଦପତ୍ରଗୁଡିକ ମାଧ୍ୟମରେ ତୃଣମୂଳ ସ୍ତରରେ କିପରି ସରକାରୀ ଯୋଜନାଗୁଡିକ ପହଞ୍ଚି ପାରିବ ଏବଂ ସମସ୍ୟାଗୁଡିକ ସରକାର ଓ ପ୍ରଶାସନ ଅବଗତ ନେଇ ପ୍ରଚେଷ୍ଟା ଜାରି ରହିବା ଉପରେ ଅତିଥି ମାନେ ଆଲୋକପାତ କରିଥିଲେ।

## ରାଜ୍ୟସଭା ସାଂସଦଙ୍କୁ ଭେଟିଲେ ଶିଶୁମନ୍ଦିର କମିଟି



ଆମ୍ବଦଲା,୨୮ ।୧୨(ସମିସ): ରାଜ୍ୟସଭା ସାଂସଦଙ୍କୁ ଭେଟିଲେ ଅମ୍ବାଦଲା ଶିଶୁ ବିଦ୍ୟାମନ୍ଦିର କମିଟି। ରାଜ୍ୟ ସଭା ସାଂସଦ ଅଜିତ କୁମାର ଆଜି କଳାହାଣ୍ଡି ଜିଲ୍ଲା ବିଶ୍ୱନାପୂର ଗସ୍ତରେ ଆସିଥିବା ବେଳେ ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅମ୍ବାଦଲା ସରସ୍ୱତୀ ଶିଶୁ ମନ୍ଦିର କମିଟି ସଦସ୍ୟ ମାନେ ସାଂସଦ ଅଜିତ କୁମାରଙ୍କୁ ଭେଟି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ସାକ୍ଷାତ ଆଲୋଚନା କରିବା ସହ ଅମ୍ବାଦଲା ସରସ୍ୱତୀ ଶିଶୁ ଦ୍ୟାମନ୍ଦିରର ଉନ୍ନତି ଓ ହଷ୍ଟେଲ ପାଇଁ ତାଙ୍କ ଅନୁଦାନ ପାଣ୍ଠିରୁ ଦେବା ପାଇଁ ଅନୁରୋଧ ପୂର୍ବକ ଏକ ଲେଖା ପ୍ରଦାନ କରିଥିଲେ। ଶିଶୁମନ୍ଦିର ବିଷୟରେ ଆଲୋଚନା ପରେ ଶିଶୁମନ୍ଦିର ପ୍ରତି ସାଂସଦଙ୍କ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ଅବସରରେ ବି. ଭେଙ୍କଟସ୍ୱର ପାତ୍ର ,ବିଦ୍ୟାଧର ସାହୁ, ଜି ମୁରଲୀ ମୋହନ, ବଟକୃଷ୍ଣ ପୃଷ୍ଟି, ସନ୍ତୋଷ ପାତ୍ର, ପରମେଶ୍ୱର ରାଓ ପ୍ରମୁଖଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ଥିଲେ।

## ଜିଓ ମୋବାଇଲ୍ ଟାୱାରରେ ଅଗ୍ନିକାଣ୍ଡ



ଜୟପୁର,୨୮ ।୧୨(ସମିସ): ଜୟପୁର ସହରର ପାରାବେଢାର ଶ୍ରୀରାମ ନଗର ଅଞ୍ଚଳରେ ଥିବା ଏକ ଜିଓ ମୋବାଇଲ ଟାୱାର ପ୍ୟାନେଲ୍ ବୋର୍ଡରେ ଆଜି ପୂର୍ବାହ୍ନରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ପ୍ୟାନେଲ ବୋର୍ଡରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକମାନେ ଜିଓ କମ୍ପାନୀର କାର୍ଯ୍ୟାଳୟର କର୍ମଚାରୀଙ୍କୁ ସୂଚନା ଦେଇଥିଲେ ସ୍ଥାନୀୟ ଲୋକ ଏବଂ କମ୍ପାନୀର କର୍ମଚାରୀ ମାନେ ନିଆଁ ଲିଭାଇବା ନେଇ ପ୍ରୟାସ କରିଥିଲେ ଏବଂ କିଛି ମାତ୍ରାରେ ନିଆଁକୁ ଆୟତ୍ତ କରିଥିଲେ। ଖବରପାଇ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଗାଡି ସହିତ ଘଟଣା ସ୍ଥଳରେକୁ ଆସି ନିଆଁକୁ ସମ୍ପୂର୍ଣ୍ଣ ଭାବେ ଲିଭାଇ ଥିଲେ। ସର୍ଟ ସର୍କିଟରୁ ଏପରି ଅଗ୍ନିକାଣ୍ଡ ଘଟିଥିବା ଯୋଗୁଁ ପ୍ୟାନେଲ ବୋର୍ଡର ସମସ୍ତ କେବୁଲ ଓ ତାର ନିଆଁରେ ପୋଡିଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସମାଜସେବୀଙ୍କ ପରଲୋକ



ଉମରକୋଟ,୨୮।୧୨ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ଡିଏନ୍‌କେ ନିବାସୀ ତଥା ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ମହେଶ୍ୱର ବେହେରାଙ୍କ ପିତା ପ୍ରଫୁଲ୍ଲ କୁମାର ବେହେରାଙ୍କ ୮୮ ବର୍ଷ ବୟସରେ ରବିବାର ପରଲୋକ ଘଟିଛି। ସେ ବହୁଦିନ ଧରି ଶଯ୍ୟାଶାୟୀ ଥିଲେ। ମୃତ୍ୟୁ ସମୟରେ ବଡ଼ ପୁଅ ସତ୍ୟ ନାରାୟଣ, ମଝିଆ ପୁଅ ନିରଞ୍ଜନ ଓ ତିନି ବୋହୁ, ଚାରି ଝିଅ ଓ ଜ୍ୱାଇଁ ଥିଲେ। ରବିବାର ସନ୍ଧ୍ୟା ସମୟରେ ଡିଏନ୍‌କେ ଶ୍ମସାନଠାରେ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ ପୁଅ ସତ୍ୟ ନାରାୟଣ ମୁଖାଗ୍ନି ଦେଇଥିଲେ। ତାଙ୍କ ଶବଧାରରେ ସହରର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସହ ଶତାଧିକ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ। ତାଙ୍କର ମୃତ୍ୟୁ ଖବର ଡିଏନକେରେ ଶୋକର ଛାୟା ଖେଳାଇ ଦେଇଛି।

## ଜଳ ବିଭାଜିକା ଯାତ୍ରା


ବୈପାରିଗୁଡ଼ା,୨୮ ।୧୨(ସମିସ): ବୈପାରିଗୁଡା ବ୍ଲକ ଲକ୍ଷ୍ମୀପୁର ଜଳ ବିଭାଜିକାର ଭୂସମ୍ପଦ ତଥ୍ୟାବଳୀ ରଥ ବା ଲ୍ୟାଣ୍ଡ ରିସୋର୍ସ ଇନଭେଣ୍ଟରୀର କେରାପୁଟ ଠାରେ ଶୁଭାରମ୍ଭ ହୋଇଯାଇଛି। ବୈପାରିଗୁଡା ଜଳ ବିଭାଜିକା ଉପ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ବିଭାଗ ନରସିଂହ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା



ବାରିକ, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା କୋରାପୁଟ ଶିବ ଚରଣ ଜେଠୀ, ଏଏଚ୍‌ଓ ତ୍ରିଲୋଚନ ପାଢ଼ୀ, ଜିଲ୍ଲା ପରିଷଦ ସଭ୍ୟା ମଣୀ ଜାନୀ, କୋଲାର ସରପଞ୍ଚ ଜୟନ୍ତୀ ନାୟକ, ସମିତି ସଭ୍ୟ ଜଗନ୍ନାଥ ଖରା ଓ ନାଏବ ସରପଞ୍ଚ ରାମ ବାରିକ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ କୋରାପୁଟ ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଶିବ ଚରଣ ଜେଠି ନିଜର ଅଭିଭାଷଣରେ ମତ ରଖିଲେ। ଏତଦ୍ ବ୍ୟତୀତ ଉପ ଜଳ ବିଭାଜିକା ଅନ୍ତର୍ଗତ ନୂତନ କାର୍ଯ୍ୟର ଶୁଭାରମ୍ଭ ଓ ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବ ଅବସରରେ ଶ୍ରମଦାନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂପୃକ୍ତ ଜଳ ବିଭାଜିକା ଅଞ୍ଚଳ ଅନ୍ତର୍ଗତ ଚାଷୀ ସମୂହଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ବୁଝାଇ ଥିଲେ। ଏହି କାର୍ଯ୍ୟକ୍ରମରେ ଜଳ ବିଭାଜିକାର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଗୁପ୍ତେଶ୍ୱର ପୀଠରେ ଜମୁଛି ପର୍ଯ୍ୟଟକଙ୍କ ଭିଡ଼

ବୈପାରୀଗୁଡ଼ା,୨୮ ।୧୨(ସମିସ): ପର୍ଯ୍ୟଟନ ଋତୁର ମଜା ନେଉଛନ୍ତି ପର୍ଯ୍ୟଟକ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା କୋରାପୁଟର ଗୁପ୍ତେଶ୍ୱର ପୀଠକୁ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଏଠାରେ ଭକ୍ତିମୟ ପରିବେଶ ସାଙ୍ଗକୁ ପ୍ରକୃତି ରାଣୀର ଅପରୂପ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରୁଛନ୍ତି ପର୍ଯ୍ୟଟକ। ଗୁମ୍ଫା ଭିତରେ ପୂଜା ପାଉଥିବା ଶବଲିଙ୍ଗ ଦର୍ଶନ କାରି ସୁନ୍ଦର ଅନୁଭୂତି ନେଉଛନ୍ତି ପର୍ଯ୍ୟଟକ। କିନ୍ତୁ ଏଠାରେ ମୌଳିକ ସୁବିଧା ନଥିବାରୁ ଅସନ୍ତୋଷ ପ୍ରକଶ କରିଛନ୍ତି ପର୍ଯ୍ୟଟକ। ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ବୈପାରୀଗୁଡା ବ୍ଲକର ଗୁପ୍ତେଶ୍ୱର ପୀଠରେ ଦିନକୁ ଦିନ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଗୁପ୍ତେଶ୍ୱରକୁ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଛୁଟି ଆସୁଛନ୍ତି। ଘଞ୍ଚ ଜଙ୍ଗଲ ସାଙ୍ଗକୁ ପାହାଡ଼ ପର୍ବତ ଅଞ୍ଚଳରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଶାବରୀ ନଦୀ କୂଳରେ ପର୍ଯ୍ୟଟକ ମାନେ ବୁଲି ଫଟୋ ଉତ୍ତୋଳନ କରୁଥିବା ଦେଖିବାକୁ



### ନାହିଁ ମୌଳିକ ସୁବିଧା

ମିଳୁଛି। ପ୍ରକୃତି ପ୍ରେମୀ ଏହି ସୋନ୍ଦର୍ଯ୍ୟକୁ ସାଉଁଟି ନେଉଛନ୍ତି। ଏଠାକାର ଅତି ମନଲୋଭା ଦୃଶ୍ୟକୁ ନିଜ ସାଙ୍ଗ ସାଥି କିମ୍ବା ପରିବାର ସଦସ୍ୟଙ୍କ ସହ ସେଲିଫି ନେବା ପାଇଁ କେହି ବି ଭୁଲୁ ନାହାନ୍ତି। ସେହିପରି ଗୁପ୍ତେଶ୍ୱର ପାହାଡ଼ ଶୀର୍ଷ ଦେଶରେ ଏକ ଗୁମ୍ଫା ମଧ୍ୟରେ ଗୁପ୍ତେଶ୍ୱର ଲିଙ୍ଗ ଅବସ୍ଥିତ। ଗୁମ୍ଫା ଭିତରେ ଦଶ ଫୁଟ ଗୋଲେଇ ଏବଂ ୩ ଫୁଟ ଉଚ୍ଚତାର ଲିଙ୍ଗ ରହିଛି । ଗୁମ୍ଫା ଭିତରେ ପୂଜା ପାଉଥିବା ଶବଲିଙ୍ଗ ଦର୍ଶନ ପାଇ ଶ୍ରଦ୍ଧାଳୁ ମାନେ ଲମ୍ବା ଲାଇନ୍‌ରେ ଯାଇ ଠାକୁରଙ୍କ ଆଶିଷ ଗ୍ରହଣ କରୁଛନ୍ତି ଏବଂ ସୁନ୍ଦର ଅନୁଭୁତି ନେଉଛନ୍ତି । କିନ୍ତୁ ପ୍ରାପ୍ତ ବୟସ୍କଙ୍କ ପାଇଁ ଦର୍ଶନ ବ୍ୟବସ୍ଥା କଲେ ଭଲ ହେବ ଆଉ ଶୌଚାଳୟ, ପାର୍କିଂ, ମେଡିକାଲ ସୁବିଧା ହେଲେ ଆହୁରି ଅଧିକ ଗହଳି ହେବ ବୋଲି ପର୍ଯ୍ୟଟକ କହିଛନ୍ତି । ଗୁପ୍ତେଶ୍ୱର ଗୁମ୍ଫାକୁ ଘେରି ରହିଥିବା ଜଙ୍ଗଲକୁ ରାଜ୍ୟ ସରକାର 'ଜୈବ ବିବିଧତା ଐତିହ୍ୟ କେନ୍ଦ୍ର' ଭାବେ ମାନ୍ୟତା ପ୍ରଦାନ କରିଛନ୍ତି। ୩୫୦ ହେକ୍ଟର ପରିବ୍ୟାପ୍ତ ଏହି ଜଙ୍ଗଲର ସୁରକ୍ଷା ସହ ପର୍ଯ୍ୟଟଙ୍କ ସୁବିଧା ପାଇଁ ପ୍ରଶାସନ ବିଭିନ୍ନ ବ୍ୟବସ୍ଥା କରିଛି। ତତ୍କାଳୀନ ସରକାର ପୀଠର ସୌନ୍ଦର୍ଯ୍ୟ କାରଣ ପାଇଁ କୋଡିଏ କୋଟି ଟଙ୍କା ଅନୁଦାନ ଦେଇଛନ୍ତି । ପୀଠର ସୌନ୍ଦର୍ଯ୍ୟକରଣ ଚାଲିଛି । କିନ୍ତୁ ଆଜି ବି ପୀଠରେ ଆବଶ୍ୟକ ଗୋଷ୍ଠୀ ଶୌଚାଳୟ, ବସ୍‌ଷ୍ଟାଣ୍ଡ, ଆଶ୍ରୟସ୍ଥଳୀ, ପାନୀୟ ଜଳ, ଓ ମେଡିକାଲ ଭଳି ଜରୁରୀ ବ୍ୟବସ୍ଥା ନାହିଁ । ଯାହାକୁ ନେଇ ଭୁବନେଶ୍ୱର ପର୍ଯ୍ୟଟକ ଅରୁନ୍ଧତୀ ମିଶ୍ର, ଡାକ୍ତର ରାକେଶ ରଂଜନ ନନ୍ଦ, ଭୁବନ ନନ୍ଦ ଜେନା , କଟକର ସରିତା ସିଂ ଓ ସୁଶୀଲ କୁମାର ମହାରଣା, ଚନ୍ଦନ କୁମାର ସିଂ ପ୍ରମୁଖ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ପ୍ରେମଲତା ମହାନ୍ତି
ଆବିର୍ଭାବ - ୨୫.୧୦.୧୯୪୩
ତିରୋଧାନ - ୧୯.୧୨.୨୦୨୫
ନିମେଇସାପୁର, କଟକ
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା ।
ଆପଣଙ୍କର ଶ୍ରଦ୍ଧା ଓ ସ୍ନେହକୁ ଆମ୍ଭେମାନେ ସର୍ବଦା ମନେ ରଖିବୁ ।
ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ :
ଶିବ ପ୍ରସାଦ ମହାନ୍ତି
ଓ ପରିବାର ବର୍ଗ


# ସାପୁଆ ପର୍ଯ୍ୟଟନସ୍ଥଳୀରେ ଶୋଷଣ

- ତେଜୁଛି ପର୍ଯ୍ୟଟକଙ୍କ ଅସନ୍ତୋଷ
- ମନଇଚ୍ଛା ପାର୍କିଂ ଫି' ଆଦାୟ
- ପର୍ଯ୍ୟଟକଙ୍କ ନିମନ୍ତେ ନାହିଁ ମୌଳିକ ସୁବିଧା
- ଦୈନିକ ଲକ୍ଷ ଲକ୍ଷ ଟଙ୍କା କରାଯାଉଛି ଆଦାୟ

ହିନ୍ଦୋଳ,୨୮ ।୧୨(ସମିସ)

ଢେଙ୍କାନାଳ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହିନ୍ଦୋଳ ବ୍ଲକ ରାସୋଳ ଥାନା ଦାଣ୍ଡିରୀ ପଞ୍ଚାୟତ ସାପୁଆ ଡ୍ୟାମରେ ବଣଭୋଜି ପାଇଁ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମୁଛି । ଦୈନିକ ହଜାର ହଜାର ପର୍ଯ୍ୟଟକ ଏଠାକୁ ଆସୁଥିବା ବେଳେ ପିଣ୍ଡି ଓ ପାର୍କିଂ ଫି' ନାମରେ ଜୁଲମର ଶିକାର ହେଉଛନ୍ତି । ଯାହାକୁ ନେଇ ପର୍ଯ୍ୟଟକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ସୁରକ୍ଷା ବ୍ୟବସ୍ଥା ଆଦି ମୌଳିକ ସୁବିଧା ନ ଥାଇ ନିୟମ ଅନୁଯାୟୀ ଟେଣ୍ଡର ଡକା ନ ଯାଇ ତରବରିଆ ଭାବେ ପାର୍କିଂ ଫି' ଆଦାୟ ଭଳି ଶୋଷଣ ମନୋଭାବକୁ ନେଇ ଅଞ୍ଚଳବାସୀ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

ସାପୁଆ ଡ୍ୟାମ ପ୍ରାକୃତିକ ଶୋଭାରାଜିରେ ଭରପୂର । ସାପ ଆକୃତିର ଡ୍ୟାମରେ ରହିଥିବା ନୀଳ ଜଳରାଶି ସହ ଶାଳ ଜଙ୍ଗଲରେ ବଣଭୋଜି କରିବାକୁ ପର୍ଯ୍ୟଟକ ଆକର୍ଷିତ ହୋଇଥାନ୍ତି । ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ । ବିଶେଷ କରି ନଭେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଏଠାରେ ବଣଭୋଜି କରିବା ପାଇଁ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି । ମନୋରମ ପ୍ରାକୃତିକ ପରିବେଶ ମଧ୍ୟରେ ବଣଭୋଜି କରିବାକୁ ଜିଲ୍ଲାର ବିଭିନ୍ନ ଅଞ୍ଚଳ ସମେତ ଜିଲ୍ଲା ବାହାରୁ ମଧ୍ୟ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ । ପ୍ରଶାସନ ପକ୍ଷରୁ ଏହି ପର୍ଯ୍ୟଟନସ୍ଥଳୀର ବିକାଶ କରାଯାଇଥିବା ବେଳେ ଏଠାରେ ପର୍ଯ୍ୟଟକଙ୍କୁ ଜୋରଜବରଦସ୍ତ ଶୋଷଣ କରାଯାଉଛି । ହିନ୍ଦୋଳ ବ୍ଲକ ପ୍ରଶାସନ ପକ୍ଷରୁ ତରବରିଆ ଭାବେ ଟେଣ୍ଡର ଡକାଯାଇ ଗୋଟିଏ ଗୋଷ୍ଠୀକୁ ଏହାର ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି । ଟେଣ୍ଡର ପ୍ରକ୍ରିୟା ନେଇ



କୌଣସି ଖବରକାଗଜରେ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବା ଅଭିଯୋଗ ହେଉଛି । ଏପରିକି କହାକୁ ଏହାର ଦାୟିତ୍ୱ ଦିଆଯାଇଛି, କେଉଁ ଗାଡ଼ିରୁ କେତେଟଙ୍କା ପାର୍କିଂ ଫି' ଆଦାୟ ହେବ ଓ ପିଣ୍ଡି ପାଇଁ କେତେଟଙ୍କା ଆଦାୟ କରାଯିବ ସେ ସମ୍ପର୍କରେ ଏଠାରେ କୌଣସି ସୂଚନା ଫଳକ ମଧ୍ୟ ଲଗାଯାଇନାହିଁ । ହେଲେ ବାଇକ ପିଛା ୨୦ ଟଙ୍କା, କାର ଓ ଛୋଟ ଗାଡ଼ିର ୨୦୦ ଟଙ୍କା, ବସ ପିଛା ୪୦୦ ଟଙ୍କା ଓ ପିଣ୍ଡି ପିଛା ୨୦୦ରୁ ୫୦୦ ଟଙ୍କା ଆଦାୟ କରାଯାଉଛି । ପାର୍କିଂ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବା ବେଳେ ପର୍ଯ୍ୟଟକମାନେ ମନଇଚ୍ଛା



ଯେଉଁଠି ପାରିଲେ ସେଇଠି ଗାଡ଼ି ରଖୁଛନ୍ତି । ଗାଡ଼ିର ସୁରକ୍ଷା ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ । ଚାରିଆଡ଼େ କୁଢ କୁଢ଼ ଆବର୍ଜନା ପଡ଼ିରହିଛି । ହଜାର ହଜାର ଲୋକଙ୍କ ଭିଡ଼ ହେଉଥିବା ଏହି ପର୍ଯ୍ୟଟନସ୍ଥଳୀରେ ପୁଲିସ କର୍ମଚାରୀଙ୍କର ମଧ୍ୟ ଦେଖାଦର୍ଶନ ମିଳିପାରୁନାହିଁ । ହେଲେ କାହା ନିର୍ଦ୍ଦେଶରେ ଏଭଳି ଜୋରଜବରଦସ୍ତ ଟଙ୍କା ଆଦାୟ କରାଯାଉଛି ସେ ଉତ୍ତର କାହା ପାଖରେ ନାହିଁ । ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ହିନ୍ଦୋଳ ବିଡିଓଙ୍କୁ ବାରମ୍ବାର ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ ।

## ଏକଲ ବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଢେଙ୍କାନାଳ,୨୮ ।୧୨(ସମିସ): ଭାରତୀୟ ସଂସ୍କୃତି ଓ ଦର୍ଶନର ପାଠଶାଳା ରୂପେ ପରିଚିତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପୃଷ୍ଠପୋଷକତାରେ ଗଠିତ ଏକଲ ବିଦ୍ୟାଳୟରେ ଢେଙ୍କାନାଳ ଜିଲ୍ଲାର କଙ୍କଡ଼ାହାଡ଼ ଓ ପରଜଙ୍ଗ ବ୍ୟତୀତ ଅନ୍ୟ ୬ ବ୍ଲକ୍ ସହ କଟକ ଜିଲ୍ଲା ନରସିଂହପୁର ଓ ଟାଙ୍ଗି ବ୍ଲକ୍‌କୁ ମିଶାଇ ୮ଟି ବ୍ଲକ୍‌ରେ କାର୍ଯ୍ୟରତ ଗୁରୁମାମାନଙ୍କୁ ନେଇ ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ ଶିବିର ଢେଙ୍କାନାଳ ସଦର ବ୍ଲକ୍ ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଉଦ୍‌ଯାପିତ ହୋଇଛି । ଜିଲ୍ଲା ସମ୍ଭାଗର ନୂତନ ସଭାପତି ମୁରଲୀଧର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଜିଲ୍ଲା ଜଗନ୍ନାଥ ସେବା ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଏହି ପାଠଶାଳାରେ ନୈତିକ ଶିକ୍ଷା ଦିଆଯିବ ସହ ଗାଁ ଚାଟଶାଳୀ ପରି ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପାଠ୍ୟକ୍ରମ ଉପରେ ଶିକ୍ଷାଦାନ କରାଯାଉଛି । ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସତ୍ୟାନନ୍ଦ ମଲ୍ଲିକ, ଜଙ୍ଗିରା ମଠ ସମ୍ପାଦକ ସଞ୍ଜୟ ବିଶ୍ୱାଳ, ବାସୁଦେବ ଦେହୁରୀ ଓ ଏକଲ ବିଦ୍ୟାଳୟର ଜିଲ୍ଲା କୋଷାଧ୍ୟକ୍ଷ ଉଷାରାଣୀ ଶତପଥୀ ପ୍ରମୁଖ ଯୋଗଦେଇଥିଲେ । ଏକଲ ବିଦ୍ୟାଳୟ ପୂର୍ବଭାଗର ସଭାପତି ଗିରିଜା ଶଙ୍କର ସାହୁ ଅତିଥିଙ୍କୁ ସ୍ୱାଗତ କରିଥିଲେ । ଅଞ୍ଚଳର ପୂର୍ବ ସୈନିକ ବଂଶୀଧର ମହାରଣା, ବିଜନ କୁମାର ନନ୍ଦ, ରଘୁନାଥ ରାଉତ ଓ ମାନସ କୁମାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ବିଭୂତି ଭୂଷଣ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ନୂତନ ଥାନାଧିକାରୀଙ୍କୁ ଭେଟିଲେ ଡ୍ରାଇଭର ମହାସଙ୍ଘ




ଗଁଦିଆ,୨୮ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନାରେ ନୂତନ ଭାବେ ପ୍ରତାପ କୁମାର ଦଳେଇ ଥାନା ଅଧିକାରୀ ଭାବେ ଯୋଗଦାନ କରିଛନ୍ତି । ଆଜି ଏହି ପରିପେକ୍ଷୀରେ ଓଡିଶା ଡ୍ରାଇଭର ମହାସଂଘ ଗଦିଆ ବ୍ଲକ ଶାଖାର କର୍ମକର୍ତ୍ତା ମାନେ ତାଙ୍କୁ ସୌଜନ୍ୟ ମୂଳକ ଭାବେ ସାକ୍ଷାତ କରିଥିବାର ଜଣାଯାଏ । ମହାସଂଘର ଗଁଦିଆ ବ୍ଲକ ସଭାପତି ବାଦଲ ମଲିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଥାନା କାର୍ଯ୍ୟାଳୟରେ ସାକ୍ଷାତ କରି ପୁଷ୍ପଗୁଚ୍ଛ ଶହ ଉପଢୌକନ ପ୍ରଦାନ କରି ସ୍ୱାଗତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଉପ ସଭାପତି ସୁବାସ କୁମାର ସାହୁ,କାର୍ଯ୍ୟକାରୀ ସଭ୍ୟବିନାୟକ ବେହେରାଙ୍କ ସମେତ, ଗୁଣ୍ଡୁରାପସୀ, ଯୋରନ୍ଦା, ରାଇତଳା, ପୋରହଖୋଜ, ମଠତେନ୍ତୁଳିଆ ଓ କାବେର ଗ୍ରାମ ପଞ୍ଚାୟତ ମହାସଂଘର କର୍ମକର୍ତ୍ତା ଓ ସଭ୍ୟ ମାନେ ଉପସ୍ଥିତ ରହୁଥିଲେ ।

## ବିବି ହାଇସ୍କୁଲର ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



ଢେଙ୍କାନାଳ,୨୮ ।୧୨(ସମିସ): ସ୍ଥାନୀୟ ପିଏମଶ୍ରୀ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ୧୯୮୫ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ପାଣିଓହଳା ପାହାଡ଼ ପାଦଦେଶରେ ଅନୁଷ୍ଠିତ ହୋଇଛି । ପ୍ରାରମ୍ଭରେ ଦିବଂଗତ ବନ୍ଧୁମାନଙ୍କ ନିମିତ୍ତ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ବନ୍ଧୁମାନେ ନିଜ ପେସା ସମ୍ପର୍କରେ ଆଲୋକପାତ କରିବା ସହ ଛାତ୍ର ଜୀବନର ସ୍ମୃତିକୁ ସାଉଁଟିଥିଲେ । ପ୍ରତିବର୍ଷ ଡିସେମ୍ବର ମାସ ଚତୁର୍ଥ ରବିବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର ହୋଇଛି । ଏଥିରେ ୪୦ଜଣ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ସୁନୀଲ ଦାସ, ଜ୍ଞାନେନ୍ଦ୍ର ବେହେରା, ପ୍ରଦ୍ୟୁମ୍ନ ଭୁତିଆ, ବେଣୁଧର ସାହୁ, ଅନିଲ ନନ୍ଦ, ବିଷ୍ଣୁ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

## ଢେଙ୍କାନାଳ ସ୍ୱର୍ଣ୍ଣକାର ପରିବାରର ବନ୍ଧୁମିଳନ

ଢେଙ୍କାନାଳ,୨୮ ।୧୨(ସମିସ): ଢେଙ୍କାନାଳ ସ୍ୱର୍ଣ୍ଣକାର ପରିବାର ପକ୍ଷରୁ ଯତନନଗରସ୍ଥିତସତ୍ୟସାଗରୱାର୍ଟରପାର୍କରେବନ୍ଧୁମିଳନକାର୍ଯ୍ୟକ୍ରମଅନୁଷ୍ଠିତହୋଇଛି । ସ୍ୱର୍ଣ୍ଣକାର ପରିବାରର ମୁଖ୍ୟ ପ୍ରସନ୍ନ କୁମାର ମହାପାତ୍ରଙ୍କ ଆବାହକତ୍ୱରେ ବୈଠକ ହୋଇଥିଲା । ପରିବାରର ବରିଷ୍ଠ ସଦସ୍ୟ ସଦାଶିବ ମହାପାତ୍ର, ଶ୍ରୀକାନ୍ତ ମହାପାତ୍ର, ମୃତ୍ୟୁଞ୍ଜୟ ମହାପାତ୍ର ଓ ପ୍ରମୋଦ କୁମାର ମହାପାତ୍ର ପ୍ରମୁଖ ବୈଠକ ସଂଯୋଜନା କରିଥିଲେ । ଯୁବ ସଦସ୍ୟ ସୁଶୀଲ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ନୋ ପାର୍କିଂ ଜୋନ୍‌ରେ ଭାରୀଯାନ ପାର୍କିଂ

# ନଷ୍ଟ ହେଲା ଚାରା, ବନବିଭାଗ ନିରବଦ୍ରଷ୍ଟା

ପରଜଙ୍ଗ,୨୮ ।୧୨(ସମିସ): ଢେଙ୍କାନାଳ ବନଖଣ୍ଡ ମହାବିରୋଡ ବନାଞ୍ଚଳ ଡିହଡୋଳ ସେକ୍ସନ ୧୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଖାଲପାଳ ସଂରକ୍ଷିତ ଜଙ୍ଗଲ ଜମିରେ ଗତବର୍ଷ ବନ ବିଭାଗ ପକ୍ଷରୁ ବୃକ୍ଷ ରୋପଣ କରାଯାଇ ନୋ ପାର୍କିଂ ଜୋନ ସୂଚନା ଫଳକ ଲଗାଯାଇଥିଲା । ହେଲେ ଏହାକୁ ଖୁଲମଖୁଲା ଉଲ୍ଲଂଘନ କରାଯାଇ ସେଠାରେ ଭାରୀଯାନ ପାର୍କିଂ କରାଯାଉଛି । ଫଳରେ ରୋପଣ କରାଯାଇଥିବା ଚାରାଗୁଡ଼ିକ ନଷ୍ଟ ହୋଇଛି । ସବୁ ଜାଣି ବନପାଳ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି ।



କୁଆଲୋ ପଞ୍ଚାୟତ ପରମହଂସପୁର ଛକ ଦେଇ ଯାଇଥିବା ଜାତୀୟ ରାଜପଥଠାରୁ ନୂଆ ସୂର୍ଯ୍ୟ ହୋଟେଲକୁ ସଂରକ୍ଷିତ ଜଙ୍ଗଲ ଜମି ଉପରେ ପାଉଁଶ ପକାଇ ରାସ୍ତା ନିର୍ମାଣ କରି ସେଥିରେ ଦୈନନ୍ଦିନ ଶହ ଶହ ଭାରୀଯାନ ଚଳାଚଳ ହେଉଥିବା ବାରମ୍ବାର ଅଭିଯୋଗ ହୋଇଥିଲା । ଯାହାକୁ ନେଇ ବନଖଣ୍ଡ ଅଧିକାରୀ କୁଆଲୋ ଗ୍ରାମବାସୀଙ୍କ ଚଳାଚଳ ପାଇଁ ଚଲାପଥ ଛାଡ଼ି ଦେଇ ଆଉ କିଛି ସ୍ଥାନରେ ଚାରାରୋପଣ କରି ବାଉଁଶ ବାଡ଼ ଦେଇଥିଲେ । ମାତ୍ର ବନ ବିଭାଗ ସମ୍ପୂର୍ଣ୍ଣ ଭାବେ ରକ୍ଷଣାବେକ୍ଷଣ ଦାୟିତ୍ୱ ଭୁଲିଯାଇଛି । ଫଳରେ ଅଧିକାଂଶ ଚାରା ନଷ୍ଟ ହୋଇଛି । ନୋ ପାର୍କିଂ ଜୋନ୍ ଫଳକ ଲାଗିଥିବା ସ୍ଥଳେ ହୋଟେଲକୁ ଆସୁଥିବା ଭାରୀଯାନଗୁଡ଼ିକ ରୋପିତ ଗଛ ଉପରେ ପାର୍କିଂ କରୁଥିଲେ ମଧ୍ୟ ବନ ବିଭାଗ ଅଧିକାରୀ କୌ÷÷ଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହେଉଛି । ହୋଟେଲ ମାଲିକଙ୍କୁ ସୁହାଇଲା ଭଳି ବନ ବିଭାଗ ସମ୍ପୂର୍ଣ୍ଣ ସହାୟତା ଯୋଗାଇ ଦେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏଥିପ୍ରତି ବନ ବିଭାଗର ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ରାଷ୍ଟ୍ରୀୟ ବୀର ବାଲ୍ ଦିବସ ପାଳିତ

ଢେଙ୍କାନାଳ,୨୮ ।୧୨(ସମିସ): ସ୍ଥାନୀୟ ଦକ୍ଷିଣକାଳୀସ୍ଥିତ ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ବିଜେପି ତରଫରୁ ରାଷ୍ଟ୍ରୀୟ ବୀର ବାଲ ଦିବସ ପାଳନ କରାଯାଇଛି । ଜିଲ୍ଲା ସଭାପତି ରାସବିହାରୀ ବେହେରା ମୁଖ୍ୟଅତିଥି, ଜିଲ୍ଲା ମିଡିଆ ସେଲ ପ୍ରଭାରୀ ନବକିଶୋର ଗୁରୁ ମୁଖ୍ୟବକ୍ତା ଓ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେଶ ଓ ଧର୍ମରକ୍ଷା ପାଇଁ ଶିଖ୍ ଧର୍ମର ଦଶମ ଗୁରୁ ଗୋବିନ୍ଦସିଂଙ୍କ ଦୁଇ ନାବାଳକ ପୁଅ ସାହିବଜାଦା ଜୋରାବରସିଂ ଓ ସାହିବଜାଦା ଫତେହ ସିଂଙ୍କ ବଳିଦାନ ଓ ଅସାଧାରଣ ବୀରତ୍ୱର ଗୌରବଗାଥା ସମ୍ପର୍କରେ ଆଲୋକପାତ କରିଥିଲେ । ଉଭୟଙ୍କ ବଳିଦାନ ଏବଂ ସାହସ ତଥା ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧତାର ଏକ ଉଜ୍ଜ୍ୱଳ ଉଦାହରଣ ଓ ଆଗାମୀ ପିଢ଼ି ପାଇଁ ପ୍ରେରଣା ବୋଲି କହିଥିଲେ । ଜିଲ୍ଲା ସଂଯୋଜକ ତଥା ଜିଲ୍ଲା ଉପସଭାପତି ଧ୍ରୁବଚରଣ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ ଲେଙ୍କା, ମାତୃପ୍ରସାଦ ନନ୍ଦ, ବରିଷ୍ଠ କାର୍ଯ୍ୟକର୍ତ୍ତା ସତ୍ୟବାନ ପାତ୍ର, ସୂର୍ଯ୍ୟପ୍ରତାପ ରାଉତ, ବିନୋଦ ମଲ୍ଲିକ, ପଦ୍ମଭୂଷଣ ସାହୁ,



ରବିନାରାୟଣ ମିଶ୍ର, ରାକେଶ ସାହୁ, ବାଦଲ ବେହେରା, ଦେବାଶିଷ ପାଣି, ଅକ୍ଷୟ ମହାନ୍ତି, ଅଭିଷେକ ବେହେରା, କନିଷ୍କ ସାମଲ, ବଳରାମ ସେଠୀ, ପ୍ରଭାତୀ ସ୍ୱାଇଁ, ରୀତା ସାହୁ, ଅପର୍ଣ୍ଣା ରଥ, ରମେଶ ଚନ୍ଦ୍ର ସାମଲ, ଶିଶିର ଦଳେଇ, ଉତ୍ତମ ଦାସ, ରାଜେନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ହୋତା ପ୍ରମୁଖ ଉପସ୍ଥିତ ଥିଲେ । ନଗରମଣ୍ଡଳ ସଭାପତି ବିକାଶ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ

ଢେଙ୍କାନାଳ,୨୮ ।୧୨(ସମିସ): ସ୍ଥାନୀୟ ଗାନ୍ଧୀ ମନ୍ଦିରରେ ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ସଭାପତି ପାର୍ଟିର ପତାକା ଉତ୍ତୋଳନ କରିଥିଲେ । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଏବଂ କଂଗ୍ରେସର ବରପୁତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।



୧୮୮୫ ଡିସେମ୍ବର ୨୮ରେ ବ୍ରିଟିଶ ଅଫିସର ଆଲାନ ଅକ୍ଟାଭିଆନ ହ୍ୟୁମ ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା କରିଥିଲେ । ଉଦ୍ଦେଶ୍ୟ ଥିଲା ଶିକ୍ଷିତ ଭାରତବାସୀଙ୍କୁ ଶାସନରେ ସହଭାଗିତା ପ୍ରଦାନ କରିବା । କଂଗ୍ରେସର ପ୍ରତିଷ୍ଠା ଇତିହାସ ଏବଂ ପରବର୍ତ୍ତୀ କାର୍ଯ୍ୟକ୍ରମ, ମହାତ୍ମା ଗାନ୍ଧୀଙ୍କ ଦକ୍ଷିଣ ଆଫ୍ରିକାରୁ ୧୯୧୫ରେ ପ୍ରତ୍ୟାବର୍ତ୍ତନ ପରେ କଂଗ୍ରେସର ନେତୃତ୍ୱ ନେଇ ଦେଶବ୍ୟାପୀ ସାଧାରଣ ଲୋକଙ୍କୁ ଦଳରେ ସାମିଲ କରିବା, ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ଭାରତଛାଡ଼ ଆନ୍ଦୋଳନ, ସ୍ୱାଧୀନତା ଲାଭ ପରେ କଂଗ୍ରେସ ଶାସନ ଭାର ହାତକୁ ନେଇ ସମ୍ବିଧାନ ପ୍ରଣୟନ, ଦେଶର ଉନ୍ନତି ଓ ଅଭିବୃଦ୍ଧି, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ଲୋକହିତକର କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ । ବରିଷ୍ଠ ନେତା ପ୍ରେମଶଙ୍କର ମିଶ୍ର, ବିପ୍ରଚରଣ ସାହୁ, ସମରେନ୍ଦ୍ର ନନ୍ଦ, ଡା. ତୁଷାରକାନ୍ତି ନାୟକ, ସୁଶାନ୍ତ ଧଳ, ସରୋଜ ଶତପଥୀ, ପ୍ରିୟବ୍ରତ ଗଡ଼ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ବରିଷ୍ଠ ନେତା ରୁଦ୍ରପ୍ରକାଶ ଶରଣ, ସ୍ମିତାରାଣୀ ସାମଲ, ଯୁବନେତା ଅବିନାଶ ପଣ୍ଡା, ଗୋପାଳ ସାହୁ, ନିଶାକର ସାହୁ, କାମାକ୍ଷାପ୍ରସାଦ ବିହାରୀ, ଅବିନାଶ ପଣ୍ଡା, ରୁମେନା ବେଗମ, ଇତିଶ୍ରୀ ସାମଲ, ମିଲ୍ଲି ବାରିକ, ପ୍ରଭୁଦତ୍ତ ଭଞ୍ଜ, ନୁରୁଲ୍ ଇସଲାମ୍ ପ୍ରମୁଖ ଉପସ୍ଥିତ ଥିଲେ । ସୁଶାନ୍ତ ଧଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ପିଏମଶ୍ରୀ ନବୋଦୟରେ ଆଲୁମ୍‌ନି ଦିବସ

ପରଜଙ୍ଗ,୨୮ ।୧୨(ସମିସ): ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ପୁରାତନ ଛାତ୍ର (ଆଲୁମ୍‌ନି) ଦିବସ ପାଳିତ ହୋଇଛି । ବିଦ୍ୟାଳୟ ଅଧକ୍ଷା ଡ. ପ୍ରତିମା ମିଶ୍ରଙ୍କ ତତ୍ତ୍ୱାବଧାନରେ ୧୯୯୩ରୁ ୨୦୨୫ ପର୍ଯ୍ୟନ୍ତ ସମସ୍ତ ବ୍ୟାଚ୍‌ର ଛାତ୍ରଛାତ୍ରୀ ଯୋଗଦେଇଥିଲେ । ପୁରାତନ ଛାତ୍ର ସଂଘ ସଭାପତି ସୌମ୍ୟା ମିଶ୍ର, ସମ୍ପାଦକ ଦୀପ୍ତିରଞ୍ଜନ ସାମନ୍ତ, କୋଷାଧ୍ୟକ୍ଷ ବାସୁଦେବ ସାହୁଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀର ସହ ନିର୍ଦ୍ଦେଶକ ଆକାଶ ସାହୁ, ସମ୍ମାନିତ ଅତିଥି ଭାବେ ପୁରାତନ ଇଂରାଜୀ ଶିକ୍ଷୟିତ୍ରୀ ଶାରଦା ଶତପଥୀ, ପୁରାତନ କାର୍ଯ୍ୟାଳୟ ଅଧୀକ୍ଷକ ବିଜୟ କୁମାର ସାହୁ, ପୁରାତନ କନିଷ୍ଠ ଲିପିକାର ରଞ୍ଜନା ମିତ୍ର ଯୋଗଦେଇଥିଲେ । ୨୦୨୪ ଦଶମ ଓ ଦ୍ୱାଦଶ ପରୀକ୍ଷାର ଟପ୍ପରମାନଙ୍କୁ ଆର୍ଥିକ ପୁରସ୍କାର ଦେବା ସହିତ ଶ୍ରେଷ୍ଠ ଭଲ୍ୟୁଣ୍ଟିୟର ଭାବେ ୨୦୨୨ର ଛାତ୍ର ବିଶ୍ୱଜିତ ସାହୁ ଓ ୨୦୨୧ର ଦିବ୍ୟାଂଶୁ ମିଶ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ପ୍ରତ୍ୟୁଷ ସେଠୀ ଓ ତୁଳସୀ ଭୋଇ, ଅଙ୍କିତ ନାୟକ, ରବି ଭୋଇ ତଥା ସଙ୍ଗୀତ ଶିକ୍ଷକ ରାଜେନ୍ଦ୍ର ବେହେରାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଧୃତିଲତା ପରିଡ଼ା, ଜୟନ୍ତୀ ସାହୁ, ସୂର୍ଯ୍ୟକାନ୍ତ ଖିଲାର, ସୁଶୀଲ ପ୍ରସାଦ ସାହୁ ଓ ବିଜୟାନନ୍ଦ ସହଯୋଗ କରିଥିଲେ । ବ୍ୟାଚ ଛାତ୍ର ଯଶୋବନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନଗର ମଣ୍ଡଳରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ



ଢେଙ୍କାନାଳ,୨୮ ।୧୨(ସମିସ): ସ୍ଥାନୀୟ ଦକ୍ଷିଣକାଳୀସ୍ଥିତ ନିର୍ବାଚନ ମଣ୍ଡଳୀ କାର୍ଯ୍ୟାଳୟରେ ନଗର ମଣ୍ଡଳ ସଭାପତି ବିକାଶ କୁମାର ସାହୁଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୨୯ତମ ମନ କୀ ବାତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଜିଲ୍ଲା ସଭାପତି ରାସବିହାରୀ ବେହେରା, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ଜିଲ୍ଲା ମିଡିଆ ସେଲ ପ୍ରଭାରୀ ନବକିଶୋର ଗୁରୁ, ମନ କୀ ବାତ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ମାତୃପ୍ରସାଦ ନନ୍ଦ ପ୍ରମୁଖ ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ ଶୁଣିଥିଲେ । ଏଥିରେ ବହୁ ବିଜେପି କର୍ମୀ ଓ କର୍ମକର୍ତ୍ତା ସାମିଲ ହୋଇଥିଲେ ।

# ଫାଇନାଲରେ ଆଠଗଡ଼ ବାଲି ଦଳ



ମା' ଆଦିଶକ୍ତି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ଢେଙ୍କାନାଳ,୨୮ ।୧୨(ସମିସ): ସଦର ବ୍ଲକ୍ ସିଆରିଆ ଗ୍ରାମ ବାପୁଜୀ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧୬ତମ ମା' ଆଦିଶକ୍ତି ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ରବିବାର ଆଠଗଡ଼ର ବାଲି ଫୁଟବଲ କ୍ଲବ୍ ଓ ଗୁଣ୍ଡିଚାପଡ଼ା ଦଳ ମଧ୍ୟରେ ହୋଇଥିଲା । ଏଥିରେ ବାଲି ଦଳ ୨-୧ ଗୋଲ୍‌ରେ ବିଜୟୀ ହୋଇ ଫାଇନାଲ୍‌ରେ ପ୍ରବେଶ କରିଛି । ରେଫରି ଭାବେ ମନୋଜ ସେଠୀ, ମହେଶ ପ୍ରଧାନ, ଶୁଭ୍ରଜିତ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ । ମୁଖ୍ୟଅତିଥି ଭାବେ ସମାଜସେବୀ ଲକ୍ଷ୍ମୀଧର ରାଉତ, ଆୟୋଜକ କ୍ଲବ ସମ୍ପାଦକ ପବିତ୍ର ମୁଦୁଲି ଓ ଉପଦେଷ୍ଟା ଶ୍ରୀନିବାସ ଦେହୁରୀ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଆସନ୍ତା ୨୯ ତାରିଖ ବନମାଳୀପ୍ରସାଦଫୁଟବଲଟିମଓଚନ୍ଦ୍ରଶେଖର ଫୁଟବଲ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହେବ । ସେହିପରି ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ ମ୍ୟାଚ୍ ଚନ୍ଦ୍ରଶେଖର ଫୁଟ୍‌ବଲ୍ କ୍ଲବ୍ ଓ ବାପୁଜୀ କ୍ଲବ୍, ସିଆରିଆ ମଧ୍ୟରେ ହୋଇଥିଲା । ବାପୁଜୀ କ୍ଲବ୍ ୨-୦ ଗୋଲ୍‌ରେ ବିଜୟୀ ହୋଇଛି । ମୁଖ୍ୟଅତିଥି ଭାବେ ସମାଜସେବୀ ନୀହାର ରଞ୍ଜନ ଦାସ ଓ ବଳଦିଆବନ୍ଧ ସରପଞ୍ଚ ନିରୁପମା ହାତୀ ଯୋଗଦେଇଥିଲେ । ବାପୁଜୀ କ୍ଲବ୍ ସମ୍ପାଦକ ପବିତ୍ର ମୁଦୁଲି, ଉପଦେଷ୍ଟା ଶ୍ରୀନିବାସ ଦେହୁରୀଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଚାଲେଞ୍ଜର କପ୍ କ୍ରିକେଟ; ଖଣ୍ଡବନ୍ଧ ଚାମ୍ପିଅନ

ଗଁଦିଆ,୨୮ ।୧୨(ସମିସ): ଏଠାରେ ଚାଲିଥିବା ଚାଲେଞ୍ଜର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଛି । ଏଥିରେ ପରୀ ଇଲେଭେନ ଦଳ ଶିମିଳିଆ ଦଳକୁ ହରାଇ ଚାମ୍ପିଅନ ହୋଇଛି । ଫାଇନାଲ ମ୍ୟାଚ୍‌ରେ ଖଣ୍ଡବନ୍ଧ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୭୬ରନ ସଂଗ୍ରହ କରିଥିଲା । ଜବାବରେ ଶିମିଳିଆ ଦଳ ୭ ଓଭରରେ ୪ ଉଇକେଟ ହରାଇ ମାତ୍ର ୮୦ରନ ସଂଗ୍ରହ କରିଥିଲା । ପୂର୍ବତନ ପୋରହଖୋଜ ସରପଞ୍ଚ ତଥା ଗଁଦିଆ ବ୍ଲକ ବିଜେଡି ମହିଳା ସଭାପତି ଶୁଭଦର୍ଶିନୀ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ଜଗଦୀଶ ସାମଲ, ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ପୌର ପରିଷଦ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କଅଁର, ସାମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ମଙ୍ଗରାଜ ବାରିକି, ନବକିଶୋର ସାମଲ ଓ ପୋରହଖୋଜ ସମିତି ସଭ୍ୟ ବଳରାମ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ । ଅତିଥିମାନେ ସଫଳ ଖେଳାଳିଙ୍କୁ ପୁରସ୍କୃତ କରିଥିବା ବେଳେ ମୁଖ୍ୟବକ୍ତା ଉପବିଜେତା ଶିମିଳିଆ ଦଳକୁ କପ ସହ ୨୦ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଚାମ୍ପିଅନ ଖଣ୍ଡବନ୍ଧ ଦଳକୁ ବିଜେତା କପ ସହ ୨୫ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ । ଟୁର୍ଣ୍ଣାମେଣ୍ଟରେ ମୋଟ ୮ ଦଳ ଅଂଶଗ୍ରହଣ କରିଥିଲେ । ସମାଜସେବୀ ତାପସ କୁମାର ରାଉତ, ଲିପୁ ରାଉତ ଓ ଅନିଲ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।





## ଉଦ୍ଧାର ହେଲେ ୮ ମାନସିକ ଭିନ୍ନକ୍ଷମ

ପାରାଦୀପ,୨୮।୧୨(ସମିସ): ବନ୍ଦର ସହର ପାରାଦୀପ ସମେତ ଏହାର ଆଖପାଖ ଅଞ୍ଚଳରୁ ୮ ଜଣ ମାନସିକ ଭିନ୍ନକ୍ଷମଙ୍କୁ ବ୍ୟାସ ଫାଉଣ୍ଡେସନ ପକ୍ଷରୁ ଉଦ୍ଧାର କରାଯାଇଛି। ପୂର୍ବରୁ ସଙ୍ଗଠନ ପକ୍ଷରୁ ପାରାଦୀପ ଅଞ୍ଚଳରୁ ବହୁ ମାନସିକ ଭିନ୍ନକ୍ଷମଙ୍କୁ ଉଦ୍ଧାର କରାଯାଇ କଣାସ ଠାରେ ରଖାଯାଇ ସେମାନଙ୍କ ସେବା ଶୁଶ୍ରୁଷା କରାଯାଉଛି। ଏହି ଉଦ୍ଧାର କାର୍ଯ୍ୟ ରେ ସଙ୍ଗଠନର ସଭାପତି ସ୍ନେହମୟୀ ଆଚାର୍ଯ୍ୟ, ସମାଜସେବୀ ତଥା ବ୍ୟାସ ଫାଉଣ୍ଡେସନର ସଭ୍ୟ ଶିଶିର କୁମାର କର ଙ୍କ ସମେତ ପାରାଦୀପ ଅଞ୍ଚଳର ବହୁ ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

## ତିନି ବଖରା ପୋଡ଼ି ପାଉଁଶ

ନାଉଗାଁ,୨୮।୧୨(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ରୋହିଆ ଗ୍ରାମରେ ଭୟାଭୟ ଅଗ୍ନିକାଣ୍ଡ। ତିନି ବଖରା ଘର ପୋଡି ସମ୍ପୂର୍ଣ୍ଣ ପାଉଁଶ। ଏପରି ଘଟଣା ଗତକାଲି ରାତ୍ର ସମୟରେ ରୋହିଆ ଗ୍ରାମରେ ଦେଖିବାକୁ ମିଳିଥିଲା। ଉକ୍ତ ଗ୍ରାମର ସୁରେଶ ମହାନ୍ତି ଓ ସ୍ୱଦେଶ ମହାନ୍ତିଙ୍କ ଘରେ କୌଣସି କାରଣ ବଶତ ଅଗ୍ନିକାଣ୍ଡ ଘଟିଥିଲା, ଯାହା କୁ ଦେଖି ପରିବାର ଲୋକେ ଓ ସ୍ଥାନୀୟ ଲୋକେ ନିଆଁକୁ ଲିଭାଇବାକୁ ଚେଷ୍ଟା କରି ନାଉଗାଁ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ନାଉଗାଁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ୯୦ ପ୍ରତିଶତ ପୋଡି ପାଉଁଶ ହୋଇଯାଇଛି। ତେବେ ଘରେ ଥିବା ସମସ୍ତ ମୂଲ୍ୟବାନ ଆସବା ପତ୍ର ଓ ଖାଦ୍ୟ ସାମଗ୍ରୀ ପୋଡି ପାଉଁଶ ହୋଇଯାଇ ଥିବା ବେଳେ, ଉଭୟ ପରିବାରକୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗେଇ ଦେବା ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି କରାଯାଉଛି।

## ଜୁଡ଼ୋ ଚାମ୍ପିଅନସିପ୍‌ରେ ଓଡ଼ିଶା ରନର୍ସଅପ



ପାରାଦୀପ,୨୮।୧୨(ସମିସ): ଓଡ଼ିଶା ବ୍ଲାଇଣ୍ଡ ଆଣ୍ଡ ପାରା ଜୁଡ଼ୋ ଆସୋସିଏସନରର ସମ୍ପାଦକ ଲୋପାମୁଦ୍ରା ପତିଙ୍କ ନେତୃତ୍ୱରେ ୧୪ତମ ପାରା ଜୁଡୋ ଚାମ୍ପିଅନସିପ୍-୨୦୨୫ରେ ଅଂଶଗ୍ରହଣ କରିବା ପାଇଁ ପାରାଦୀପରୁ ଦୃଷ୍ଟିହୀନ ପିଲାଙ୍କ ଏକ ଦଳ ରାଜସ୍ଥାନକୁ ଯାଇ ଚାମ୍ପିଅନସିପରେ ଭାଗ ନେଇଥିଲେ। ଉକ୍ତ ଚାମ୍ପିଅନସିପରେ ତାଙ୍କୁ ୧୪ଟି ମେଡାଲ ଓଡିଶା ପାଇଁ ତାଙ୍କୁ ମିଳିଛି। ଓଡିଶା ପ୍ରଥମ ଥର ପାଇଁ ସବଜୁନିଅରରେ ରନର୍ସ ଅଫ ଟ୍ରଫି ହାସଲ କରିଛି। ସବଜୁନିଅରର ଏକ ଝିଅ ମିକି ସିଂ ବେଷ୍ଟ ଜୁଡୋ ଆୱାର୍ଡ ପାଇଛି। ଏନେଇ ଏହି ସମସ୍ତ ଖେଳାଳିଙ୍କୁ ଇଫକୋ ଓ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ସମସ୍ତ ସହଯୋଗର ହାତ ବଢାଇ ଥିବାରୁ କୋଚ୍ ଶ୍ରୀମତୀ ପତି କୃତଜ୍ଞତା ଜଣାଇଛନ୍ତି। ପାରାଦୀପ ବନ୍ଦର ୧୫ ଦିନ କ୍ୟାମ୍ପ ଦେଇଥିଲେ। ସେହିପରି ଇଫକୋ ପାରାଦୀପ ୟୁନିଟ ମଧ୍ୟ ପିଲାମାନଙ୍କ ପାଇଁ ଖେଳ ଉପକରଣ ଯୋଗାଇ ଦେଇଥିଲେ।

## ସର୍ବ ଭାରତୀୟ ପ୍ରତିଯୋଗିତାରେ ଲୋମା ପ୍ରଥମ



କୁଜଙ୍ଗ,୨୮।୧୨(ସମିସ): ସର୍ବ ଭାରତୀୟ ମୁକ୍ତ କରାଟେ ପ୍ରତିଯୋଗିତାରେ ଲୋମା ସ୍ୱାଇଁ ପ୍ରଥମ ହୋଇ ସମ୍ମାନିତ ହୋଇଛନ୍ତି। ଭୁବନେଶ୍ୱର ଠାରେ ଚଳିତ ୨୭ରୁ ଆରମ୍ଭ ହୋଇ ଥିବା ୧୫ତମ ଏହି ସର୍ବଭାରତୀୟ ପାରିଯୋଗିତାର କୁମ୍ପଟେରେ ୫୦ କିଗ୍ରା ବର୍ଗ ବରିଷ୍ଠ ବର୍ଗରେ ଦିବ୍ୟାଙ୍ଗ ଲୋମା ସଧାରଣ ବର୍ଗର ପିଲାଙ୍କୁ ହରାଇ ଏହି ସମ୍ମାନ ହାସଲ କରିଛନ୍ତି। ଭୁବନେଶ୍ୱରର ଉତ୍କଳ କରେଟେ ସ୍କୁଲରେ ହାନସି ଡ. ହରପ୍ରସାଦ ପଟ୍ଟନାୟକ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିବା ସୂଚନା ମିଳିଛି। ପ୍ରକାଶ ଯେ ଲୋମା ଚଳିତ ବର୍ଷ ବଧିର ଅଲମ୍ପିକ୍ସରେ ଜାପାନରେ ଦେଶ ପାଇଁ କାଂସ୍ୟ ପଦକ ହାସଲ କରିଛନ୍ତି।

## ଭୁତୁମୁଣ୍ଡାଇରେ କ୍ରୀଡା ପୁରସ୍କାର ଉତ୍ସବ

କୁଜଙ୍ଗ,୨୮।୧୨(ସମିସ): କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ଭୁତୁମୁଣ୍ଡାଇ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ଅପରାଜିତା ସ୍ୱାଇଁଙ୍କ ଅଧକ୍ଷତାରେ କୁଜଙ୍ଗ ବ୍ଲକ୍ ଅଧକ୍ଷା ନିନାରାଣୀ ସାହୁ ମୁଖ୍ୟଅତିଥି ରୂପେ ଯୋଗଦେଇ ପିଲା ମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ବକ୍ତା ରୂପେ ବିଶାଳି ସରପଞ୍ଚ ମନୋରମା ମଲ୍ଲ, ସମ୍ମାନିତ ଅତିଥି ରୂପେ ପୂର୍ବତନ ସରପଞ୍ଚ ତଥା ବିଶିଷ୍ଟ କୃଷକ ନେତା ଧ୍ରେନ୍ଦ୍ର ନାଥ ସ୍ୱାଇଁ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ଦିଲୀପ କୁମାର ତରାଇଙ୍କ ସଂଯୋଜନା ରେ ଗୁରୁଜୀ ନୃସିଂହ ଚରଣ ସାମଲ ଓ ସରୋଜ କୁମାର ସ୍ୱାଇଁଙ୍କ ସହ ସମସ୍ତ ଗୁରୁଜୀ ଗୁରୁମା ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ। ଏହି ଅବସରରେ ହୋଇ ଥିବା ଛଦ୍ମବେଶ ପ୍ରତିଯୋଗିତା ରେ ମୋଟ ୧୧୭ ଜଣ ଭାଗ ନେଇଥିବା ବେଳେ ତିନୋଟି ବିଭାଗ ରେ ମୋଟ ୫୦୦ ପିଲା ଏହି କ୍ରୀଡ଼ାରେ ଅଂଶ ଗ୍ରହଣ କରି ଅତିଥି ମାନଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ।

## ମଣ୍ଡି ଖୋଲିବା ବିଳମ୍ବ : ଧାନ ଅମଳ କରି ଚିନ୍ତାରେ ଚାଷୀ

ରଘୁନାଥପୁର,୨୮।୧୨(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅଞ୍ଚଳର ସମସ୍ତ ପଞ୍ଚାୟତର ଚାଷୀ ଧାନ ଅମଳ କରି ଏବେ ଚିନ୍ତାରେ। କାରଣ ମଣ୍ଡି ଖୋଲିବା ବିଳମ୍ବ ହେତୁ ଅଣି ଭାଗ ଚାଷୀ ଧାନ ଅମଳ କରି ବାହାରେ ଧାନ ବସ୍ତା ରଖିବା ସହ ଖଳାରେ ଅମଳ ଧାନ ଖୋଲା ଆକାଶ ତଳେ ରଖି ଚିନ୍ତାରେ ଦିନ କାଟୁଛନ୍ତି। ଗୋଠିଣା ଗ୍ରାମର ଶରତ ବାରିକ, ବାବୁ ସେଠୀ, ସ୍ମୃତି ରଞ୍ଜନ ବାରିକ ଏହି ପରି ବହୁ ଚାଷୀ ଏ ପର୍ଯ୍ୟନ୍ତ ମଣ୍ଡି ଖୋଲିବାକୁ ଅପେକ୍ଷା କରିଛନ୍ତି। ଏହି ଚାଷୀମାନଙ୍କ କହିବା ଅନୁସାରେ ଆମେ ଚାଷ କରି ଫସଲର ଉପଯୁକ୍ତ ମୂଲ୍ୟର ବ୍ୟବସ୍ଥା ହେଲେ ଆମେ ଲାଭ ବାନ ହେବା ସହ ଜମି ମାଲିକମାନେ ମଧ ଲାଭବାନ ହେବେ। ତେଣୁ ସରକାର ଏବଂ ଏହି ବିଭାଗର କର୍ମଚାରୀମାନେ ଏଥିପ୍ରତି ଦୃଷ୍ଟିଦେଇ ଏହାର ପ୍ରତିକାର କଲେ ପ୍ରକୃତରେ ଚାଷ କରୁଥିବା ବ୍ୟକ୍ତି ଏବଂ ତାର ପରିବାର ଉପକୃତ ହୁଅନ୍ତେ। ହଠାତ୍ ବର୍ଷା ହେଲେ ଏହି ମାନଙ୍କ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି।

## ଜଗତସିଂହପୁର ସାହିତ୍ୟ ପରିଷଦର ଷୋଡ଼ଶ ବାର୍ଷିକ ଉତ୍ସବ

# ଚରିତ୍ର ଓ ସମାଜ ଗଠନରେ ସାହିତ୍ୟ ଚାବିକାଠି ହେବା ଜରୁରୀ

ଜଗତସିଂହପୁର,୨୮।୧୨(ସମିସ): ସାରସ୍ୱତ ଅନୁଷ୍ଠାନ ଜଗତସିଂହପୁର ସାହିତ୍ୟ ପରିଷଦର ଷୋଡ଼ଶ ବାର୍ଷିକ ଉତ୍ସବ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଅନୁଷ୍ଠାନର ପ୍ରତିଷ୍ଠାତା କବି ଅଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ନାଟ୍ୟକାର ଡ. ରମେଶ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସାହିତ୍ୟ ରଚନାରେ କଳ୍ପନାକୁ ବାସ୍ତବ ସହ ଯୋଡ଼ିବା ଦରକାର ଏବଂ ଅମୃତ ସାହିତ୍ୟ ସୃଷ୍ଟି ପାଇଁ ଅମୃତମୟ ଚିନ୍ତନ ଆଣିବା ଦରକାର ବୋଲି ମତବ୍ୟକ୍ତ କରିବା ସହିତ ସାହିତ୍ୟ ସଂସ୍କୃତି, ସଭ୍ୟତା ଓ ସାମ୍ପ୍ରତିକ ସ୍ଥିତିକୁ ନେଇ ପରିପୁଷ୍ଟ ହେବା ସହ ବ୍ୟକ୍ତିତ୍ୱ ଓ ସମାଜ ଗଠନର ଚାବିକାଠି ହେବା ଦରକାର ବୋଲି ସେ ଅଭିହିତ କରିଥିଲେ। ଏହି ସଭାରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରାବନ୍ଧିକ ଅଜୟ କୁମାର ମିଶ୍ର, ବରେଣ୍ୟ ଅତିଥି ଭାବେ ବିଶିଷ୍ଟ କଥାଶିଳ୍ପୀ ଇଂ. ବିଷ୍ଣୁ ସାହୁ ଯୋଗଦେଇ ପାଠକ ଓ ସାରସ୍ୱତ ସ୍ରଷ୍ଟାଙ୍କ ମଧ୍ୟରେ ସମନ୍ୱୟ ରହିଲେ ସାହିତ୍ୟ ବଞ୍ଚି ରହିବ ବୋଲି କହିଥିଲେ। ଏଥିରେ ବସନ୍ତ ଦାସଙ୍କୁ ଗୀତିକବିତା ପାଇଁ, ଗଳ୍ପ ପାଇଁ ସୀତେଶ ତ୍ରିପାଠୀ ଓ ଶିଶୁ ସାହିତ୍ୟ ପାଇଁ ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କୁ ଅଳକା ପୁରସ୍କାର, ବିଷ୍ଣୁପ୍ରିୟା ଦେବୀ ସ୍ମୃତି ସମ୍ମାନ ପାଇଁ ସତ୍ୟାବତୀ ସ୍ୱାଇଁ ଓ ଉମାକାନ୍ତ ପ୍ରଧାନ ସ୍ମୃତି ସମ୍ମାନ ଇନ୍ଦ୍ରମଣି ସାହୁଙ୍କୁ ସମ୍ମାନିତ



କରାଯାଇଥିବା ବେଳେ ସାହିତ୍ୟର ବିଭିନ୍ନ ବିଭାଗରେ ନିରନ୍ତର ସାଧନା ପାଇଁ ବରିଷ୍ଠ ସାହିତ୍ୟିକ ଓ ପ୍ରାବନ୍ଧିକ ଡ. ଅଜୟ କୁମାର ମିଶ୍ର, ଗୀତିକବି କମଳ ପଟ୍ଟନାୟକ, ଅନୁବାଦ ସାହିତ୍ୟ ପାଇଁ ବ୍ରହ୍ମାନନ୍ଦ ବିଶ୍ୱାଳ, ଶିଶୁ ସାହିତ୍ୟିକ ନୀଳମଣି ଚାନ୍ଦଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଥିଲା। ୨୦୨୪ ବର୍ଷ ପାଇଁ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ ବାଣୀପୀଠ ପୁରସ୍କାର ଡ. ରମେଶ ପ୍ରସାଦ ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଥିଲା। କବିତା ପାଇଁ ପିନାକୀ ମିଶ୍ର, ଗଳ୍ପ ପାଇଁ ରବି ପଣ୍ଡା ଓ ଶିଶୁ ସାହିତ୍ୟ ପାଇଁ ପ୍ରଶାନ୍ତ କୁମାର ମଙ୍ଗରାଜଙ୍କୁ ଅଳକା ପୁରସ୍କାର ପ୍ରଦାନ କରାଯାଇଥିଲା। ଶଙ୍ଖଲାଭ ପଣ୍ଡା ଯୁବ ପୁରସ୍କାର ସିପୁନୁ ଜେନା ଓ ଉମାକାନ୍ତ ପ୍ରଧାନ ସ୍ମୃତି ସମ୍ମାନ ଡ. ହରିଶ୍ଚନ୍ଦ୍ର ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ପ୍ରାବନ୍ଧିକ ଡ. ଭୁବନାନନ୍ଦ ସାହୁ, ପ୍ରାବନ୍ଧିକ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ଗୀତିକବି ଲକ୍ଷ୍ମୀନାରାୟଣ ମହାନ୍ତି, ଗୀତିକବି ମୋହିତ କୁମାର ଚକ୍ରବର୍ତ୍ତୀ, କବି ବଂଶୀଧର ବେହେରାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରଯାଇଥିଲା। ଏହି ସଭାରେ ପରିଷଦର ମୁଖପତ୍ର ତ୍ରୈମାସିକ ସାହିତ୍ୟ ପତ୍ରିକା "ମକର'ର ବାର୍ଷିକ ବିଶେଷାଙ୍କ, ବିଜୟଲକ୍ଷ୍ମୀ ଆଚାର୍ଯ୍ୟଙ୍କ କବିତା ସଙ୍କଳନ 'ସ୍ଫୁଲିଙ୍ଗ', ସଚ୍ଚିଦାନନ୍ଦ ମିଶ୍ରଙ୍କ କବିତା ସଂକଳନ 'ଜହ୍ନ ଯାତ୍ରା', ପଞ୍ଚାନନ ପୋଲାଇଙ୍କ କବିତା ସଂକଳନ 'ବ୍ରହ୍ମ କମଳ', ବୈଷ୍ଣବ ଚରଣ ଗ୍ରହାଚାର୍ଯ୍ୟଙ୍କ ଭକ୍ତିଗୀତି ସଂକଳନ 'ଦତ୍ତାପହାରୀ', ସଂଗୀତା ପଣ୍ଡାଙ୍କ ଗଳ୍ପ ସଙ୍କଳନ 'ଅସରନ୍ତି ଅପରାହ୍ନ' ଓ ନିରଞ୍ଜନ ପଣ୍ଡାଙ୍କ ପୁସ୍ତକ 'ଦିବ୍ୟସନ୍ଥ ମହିମା', ଡ. ସରୋଜ କୁମାର ମିଶ୍ରଙ୍କ ପୁସ୍ତକ 'ଭକ୍ତି ପୁଷ୍ପାଞ୍ଜଳି', ଅମ୍ବୁଜା ମହାନ୍ତିଙ୍କ ପୁସ୍ତକ 'ଶୂନ୍ୟତାର ନିନାଦ', ବାଲେଶ୍ୱରରୁ ପ୍ରକାଶିତ ପତ୍ରିକା 'ଭଞ୍ଜବୀର' ଓ ଝୁନୁବାଳା ସାହୁଙ୍କ କବିତା 'କଳା ନାଉରୀ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଉମାକାନ୍ତ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ, କୋଷାଧ୍ୟକ୍ଷ ପୂର୍ଣ୍ଣ ମିଶ୍ର ଅତିଥି ପରିଚୟ ପ୍ରଦାନ ଏବଂ ସଙ୍ଗଠନ ସମ୍ପାଦକ ରମେଶ ଚନ୍ଦ୍ର ବହିରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ପ୍ରାତଃ କବିତା ଆସର ଡ. ଜ୍ୟୋତିର୍ମୟୀ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ କବିତା ଆସରରେ, ନାଟ୍ୟକାର କୈଳାସ ମଲ୍ଲିକ, ଗାଳ୍ପିକା ସଙ୍ଗୀତା ପଣ୍ଡା ଓ ସାହିତ୍ୟିକା ଅନସୂୟା ଷଡ଼ଙ୍ଗୀ ଓ ପ୍ରଭାତୀ ମାଝୀଙ୍କ ସଂଯୋଜନାରେ ଉପସ୍ଥିତ କବିମାନେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଅଧିବେଶନ ଶେଷରେ ପରୀକ୍ଷିତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଅପରାହ୍ନ ଅଧିବେଶନରେ ମନୋରମା ଶତପଥୀଙ୍କ ପରିଚାଳନାରେ ଅତିଥି ରୂପେ ନାଟ୍ୟକାର ଗଣେଶ ମହାନ୍ତି, ସାହିତ୍ୟିକ ନିରଞ୍ଜନ ପଣ୍ଡା ଓ କବି ପଞ୍ଚାନନ ପୋଲାଇ ଯୋଗ ଦେଇଥିଲେ। ସୀତାଂଶୁ ଜେନା, ସଙ୍ଗୀତା ଦାସ, ମୋନାଲିସା ମୁଦୁଲି ଓ ସନ୍ତୋଷୀ ସାହୁଙ୍କ ସଂଯୋଜନାରେ କବିମାନେ କବିତା ପାଠ କରିଥିଲେ। ସବ୍ୟସାଚୀ ତ୍ରିପାଠୀ, ସତ୍ୟବ୍ରତ ଦୁବେ, ଉଲ୍ଲାସ ମହାନ୍ତି, ଦୁର୍ଗା ପ୍ରସାଦ ମହାନ୍ତି, ବାବାଜୀ ଚରଣ ସାହୁ, ତିଳୋତ୍ତମା ଦାଶ, ଜ୍ଞାନଦୀପ ଛାଟୋଇ ଏବଂ କ୍ରୀଷ୍ଣା କଳଚରାଲ ଗ୍ରୁପ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


## ଘାସଫୁଲ ସାହିତ୍ୟ ସଂସଦର ନବମ ବାର୍ଷିକ ଉତ୍ସବ




ବାଲିକୁଦା,୨୮।୧୨(ସମିସ): ବାଲିକୁଦା ବ୍ଲକ ନହରଣା ବସନ୍ତଷ୍ଟାଣ୍ଡଠାରେ ଘାସଫୁଲ ସାହିତ୍ୟ ସଂସଦର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସନ୍ତୋଷ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲିକୁଦା ଏରସମାର ବିଧାୟକ ସାରଦା ପ୍ରସନ୍ନ ଜେନା, ମୁଖ୍ୟ ବକ୍ତା ଭାବେ ବରିଷ୍ଠ କବି ପ୍ରତାପ ଚନ୍ଦ୍ର ମିଶ୍ର ଓ ସମ୍ମାନିତ ଅତିଥି ଭାବେ କବି ଡା. ଶୁଭ କୁମାର ଦାଶ ଯୋଗଦେଇଥିଲେ। ଅତିଥିମାନେ ସଂସଦର ମୁଖପତ୍ର 'ଘାସଫୁଲ' ଉନ୍ମୋଚନ କରିଥିଲେ। ସଂସଦର ସମ୍ପାଦକ ଶିବ ପ୍ରସାଦ ମହାନ୍ତିଙ୍କର ସ୍ୱରଚିତ କବିତା ପୁସ୍ତକ 'ମୁଁ' ଉନ୍ମୋଚନ କରାଯାଇଥିଲା। ଏଥି ସହ ଏହି ମଞ୍ଚରେ ପ୍ରତାପ ଚନ୍ଦ୍ର ମିଶ୍ର ଓ ଡା. ଶୁଭ କୁମାର ଦାଶଙ୍କୁ ଘାସଫୁଲ ସାହିତ୍ୟ ସମ୍ମାନ, ସାରଦା ପ୍ରସନ୍ନ ଜେନାଙ୍କୁ ଘାସଫୁଲ ସେବା ସମ୍ମାନ, ପ୍ରିୟତମା ସାହୁଙ୍କୁ ଘାସଫୁଲ ସାହିତ୍ୟ ଯୁବ ପ୍ରତିଭା ସମ୍ମାନ ଓ ସିଦ୍ଧାର୍ଥ ପ୍ରକାଶ ପରିଡାଙ୍କୁ ଘାସଫୁଲ ଅନୁରାଗୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ରବୀନ୍ଦ୍ର କୁମାର ପ୍ରଧାନ, ମେନକା ପରିଡା, ପ୍ରମୋଦ ନାୟକ, ବିଜୟ କୁମାର ଦାସ, ପଣ୍ଡିତ ମାନସ ଆଚାର୍ଯ୍ୟ, କୈଳାସ ବିହାରୀ ଜେନା, ପବିତ୍ର କୁମାର ସ୍ୱାଇଁ, ପ୍ରେମାନନ୍ଦ ପରିଡା, ଡ. ବୀର ନାରାୟଣ ପାତ୍ର, ତପନ କୁମାର ନାୟକ, ସଦାନନ୍ଦ ବେହେରା, ସୁଭାଷ ଚନ୍ଦ୍ର ନାୟକ, ଡା. ଶଶାଙ୍କ ଶେଖର ସାହାଣୀ ଓ ସତ୍ୟବ୍ରତ ବିଶ୍ୱାଳ, କାର୍ତ୍ତିକ ଚନ୍ଦ୍ର ମୁଦୁଲି, ପ୍ରକାଶ ମହାନ୍ତି, ରଞ୍ଜିତ ଦାସ, କୃଷ୍ଣ ଚନ୍ଦ୍ର ଦାସ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ସାରସ୍ୱତ ସାଧକମାନେ 'ସାମ୍ପ୍ରତିକ ପରିସ୍ଥିତିରେ ସାହିତ୍ୟର ସ୍ଥିତି' ଶୀର୍ଷକ ଆଲୋଚନା କରିଥିଲେ। ପ୍ରଶାନ୍ତ ମହାନ୍ତି ଅତିଥି ପରିଚୟ ଓ ସାହିତ୍ୟ ଆଲୋଚନା କବିତା ପାଠ ସଂଯୋଜନା କରିଥିଲେ। ସମ୍ପାଦକ ଶିବ ପ୍ରସାଦ ମହାନ୍ତି ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ରମେଶ ଚନ୍ଦ୍ର ବହିରା ଧନ୍ୟବାଦ ଅର୍ପଣ କରିଥିଲେ। ବିଜୟ ନାୟକଙ୍କ ସ୍ୱର ଆମର, ପାରାଦୀପ ଦ୍ୱାରା ବିଶେଷ ସଙ୍ଗୀତ କାର୍ଯ୍ୟକ୍ରମ 'ସ୍ମୃତି ତୁମେ ଅକ୍ଷୟ' ପରିବେଷଣ କରାଯାଇଥିଲା।

## ଶେଷ ଯାତ୍ରାରେ ଯାତ୍ରା ଖଳନାୟକ ନରେନ୍ଦ୍ର

ଜଗତସିଂହପୁର,୨୮।୧୨(ସମିସ): ଅଷ୍ଟଶମ୍ଭୁ ଗଣନାଟ୍ୟ ନୂଆପଡ଼ା ଜିଲ୍ଲା, ସିନାପାଲି ଥାନା କେନ୍ଦୁମୁଣ୍ଡା ଗାଁରେ ମଞ୍ଚସ୍ଥ କରୁଥିଲା ନାଟକ "ସବୁ ବାଟ ମୋର ଏଇଠି ଶେଷ'। ନାଟକରେ ଖଳନାୟକ ଭୂମିକାରେ ଅଭିନୟ କରୁଥିଲେ ଜଗତସିଂହପୁର ଜିଲ୍ଲାର ନରେନ୍ଦ୍ର ଦାସ (ନଳୀ)। ନାଟକ ସାରି ସକାଳୁ ବସାଘରେ ପହଞ୍ଚିଲେ ନରେନ୍ଦ୍ର। ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ନିକଟସ୍ଥ ସିନାପାଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସତେ ଯେମିତି ସେଇଠି ତାଙ୍କ ପାଇଁ ସବୁ ବାଟ



ଶେଷ ହୋଇଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସମସ୍ତ ଯାତ୍ରା ଜଗତ ଏ ଖବର ଶୁଣି ସ୍ତବ୍ଧ ହୋଇଯାଇଥିଲା। ଏପଟେ ନରେନ୍ଦ୍ରଙ୍କ ନିଜ ଗାଁ ଜଗତସିଂହପୁର ଜିଲ୍ଲା କାଦୁଅପଡା ପଞ୍ଚାୟତର ଢିଅସାହିଠାରେ ଶୋକର ଛାୟା ଖେଳିଯାଇଥିଲା। ଗତକାଲି ତାଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ ହଜାର ହଜାର ଲୋକ ତାଙ୍କ ଶେଷକୃତ୍ୟ ସମୟରେ ଉପସ୍ଥିତ ରହି ଶେଷ ସମ୍ମାନ ଜଣାଇଥିଲେ। ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଜିଲ୍ଲା ପରିଷଦ ସଭ୍ୟ ବିବେକାନନ୍ଦ ବେହେରା, ସରପଞ୍ଚ ପ୍ରମୋଦ କୁମାର ସାହୁ, ଆଇନଜୀବୀ ନରେଶ ଦାସ, ସମାଜସେବୀ ସମୀର ଲେଙ୍କା, ବ୍ରଜେନ୍ଦ୍ର ଭଟ୍ଟ, କିଶୋର ବିଶ୍ୱାଳ, କ୍ଲବ୍ ଝାଡମଲ୍ଲୀ, ଢିଅସାହିର ସମସ୍ତ ସଦସ୍ୟ, ଯାଦବ ମହାସଭାର କର୍ମକର୍ତ୍ତାଙ୍କ ସହିତ ହଜାର ହଜାର ଲୋକ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିଗତ ୧୦ ବର୍ଷ ତଳୁ ଯାତ୍ରା ଅଭିନୟ ଆରମ୍ଭ କରିଥିବା ନରେନ୍ଦ୍ର ଦାସ (ନଳୀ) ତୁଳସୀ, ଗୌରୀ, ପାର୍ବତୀ, ଇଷ୍ଟର୍ଣ୍ଣ ରେଡ୍, ଇଷ୍ଟର୍ଣ୍ଣ ବ୍ଲୁ ଆଦି ଯାତ୍ରା ଅନୁଷ୍ଠାନ ମାନଙ୍କରେ କାର୍ଯ୍ୟ କରି ଏହି ବର୍ଷ ଅଷ୍ଟଶମ୍ଭୁ ଗଣନାଟ୍ୟରେ ଯୋଗ ଦେଇଥିଲେ। ଯାତ୍ରା ବ୍ୟତୀତ ସେ ଜଣେ ସଂକୀର୍ତ୍ତନ ଗାୟକ ଓ ଲଉଡ଼ି ଗାୟକ ମଧ୍ୟ ଥିଲେ।

## କୁଜଙ୍ଗ ଆଥେଲେଟିକ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




କୁଜଙ୍ଗ,୨୮।୧୨(ସମିସ): କୁଜଙ୍ଗ ଆଥଲେଟିକ କ୍ଲବ ଦ୍ୱାରା ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ ପାରାଦୀପ ଓ କେନ୍ଦ୍ରାପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପାରାଦୀପ ଦଳ ବିଜୟ ଲାଭ କରିଥିଲା। ମ୍ୟାନ ଅଫ ଦି ମ୍ୟାଚ, ସିରିଜ, ବୋଲର, ବ୍ୟାଟ୍ସମ୍ୟାନର ଟ୍ରଫି ଖେଳାଳି ମାନଙ୍କୁ ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ଆଜିର ସମୟରେ କ୍ରିକେଟ ଖେଳ ସମସ୍ତଙ୍କର ଏକ ପ୍ରିୟ ଖେଳ ହୋଇପାରିଛି। ନିଶ୍ଚୟ ଏହି ଖେଳ ଏକତା ଓ ସମନ୍ୱୟର ବାର୍ତ୍ତା ଦେଇଥାଏ। ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ। କାର୍ଯ୍ୟକ୍ରମରେ ଯୁବବର୍ଗ, କ୍ରୀଡ଼ାପ୍ରେମୀ ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ଆଥଲେଟିକ କ୍ଲବର ସଭାପତି ଦିଲ୍ଲୀପ କୁମାର ସାହୁ, ସମ୍ପାଦକ ରଜନୀକାନ୍ତ ଗୁରୁ, ଆଥଲେଟିକ କ୍ଲବ ପୂର୍ବତନ ସଭାପତି ଅନ୍ତର୍ଯାମି ନାରାୟଣ ଦାସ ଯାଦବ ଓ ପ୍ରଦ୍ୟୁମ୍ନ କୃଷ୍ଣ ପଟ୍ଟନାୟକ ପ୍ରମୁଖଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

## କିଛି କଥା କିଛି କବିତା କାର୍ଯ୍ୟକ୍ରମ

ତିର୍ତ୍ତୋଲ,୨୮।୧୨(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସାରଳା ରୋଡ ଠାରେ ରତ୍ନପର୍ଣ୍ଣା କଳା ସାହିତ୍ୟ ସଂସଦର ସମ୍ପାଦିକା ଅଧାପିକା ରାଜଶ୍ରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ନୂତନ ବର୍ଷ ଆଗମନ ଉପଲକ୍ଷେ କିଛି କଥା କିଛି କବିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସମାଜସେବୀ ବିବେକାନନ୍ଦ ହୋତା ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ବିଶ୍ୱହିନ୍ଦୁ ପରିଷଦର ହେମନ୍ତ କୁମାର ଭରଦ୍ୱାଜ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ସାହୁ, ସମ୍ମାନିତ ଅତିଥି ସମାଜସେବୀ ସୁଶିଲ ସାହୁ, ଅକ୍ଷୟ ଦାସ, ଯୁବ ସମାଜସେବୀ ହିମାଂଶୁ ଶେଖର ମହାପାତ୍ର, ବିଷ୍ଣୁ ଚରଣ ଦାସ, ସ୍ମୃତି ସଂଗଠନ ସମ୍ପାଦିକା କନକ ଲତା ସୁତାର, ଅବସରପ୍ରାପ୍ତ ଶିକ୍ଷକ ନରହରି ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ସାଇ ରତ୍ନପର୍ଣ୍ଣା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବାବେଳେ ସଂସଦର କଳାକାର ମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରବସ୍ମିନି ସୁତାର, ନମିତା ପଟ୍ଟନାୟକ, ସୁଧା ରାଣୀ ଦାସ, କବିତା ମିଶ୍ର, ଅଞ୍ଜଳି ମହାନ୍ତି, ମିନତୀ ପ୍ରଭା ସାହୁ, ତପସ୍ୱିନୀ ବାରିକ, ପ୍ରିୟମ୍ବଦା ବାରିକ, କାଦମ୍ବିନୀ ଆଚାର୍ଯ୍ୟ, ପଦ୍ମାବତୀ ଦାସ, ନିର୍ମଳା ଦାସ, ମଧୁ ଛନ୍ଦା ପରିଜା, ଅର୍ଚ୍ଚନା ଭୋଇ, ଶଶିକଳା ଆଚାର୍ଯ୍ୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କାବେରିକା ଆଚାର୍ଯ୍ୟ ଧନ୍ୟବାଦ୍ ଦେଇଥିଲେ।

## ପାରାଦୀପ ପ୍ରେସ୍ ମିଡିଆର ଦଶମ ବାର୍ଷିକ ଉତ୍ସବ

ପାରାଦୀପ,୨୮।୧୨(ସମିସ): ପାରାଦୀପ ପ୍ରେସ୍ ମିଡିଆ ପକ୍ଷରୁ ଦଶମ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ପାଳିତ ହୋଇଯାଇଛି। ଏହି ଅବସରରେ ନୂଆବଜାର ସ୍ଥିତ ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବରିଷ୍ଠ ସାମ୍ବାଦିକ କର୍ମେଶ୍ୱର ସ୍ୱାଇଁ ସଭାପତିତ୍ୱ କରିଥିଲେ। ପୌରାଧ୍ୟକ୍ଷ ବସନ୍ତ ବାଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସଂଘର ଉପଦେଷ୍ଟା ଚିତ୍ତରଞ୍ଜନ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଗଗନ ବିହାରୀ ସାହୁ, ଶୁକଦେବ ଜେନା, ଗଙ୍ଗାଧର ରାଉତ, ଧ୍ରୁବ ମହାପାତ୍ର, ବଟକୃଷ୍ଣ ଦାସ, ପ୍ରଶାନ୍ତ ରାଉତ, ଶରତ ରାଉତ, ଅଜିତ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।




ନିକଟରେ ସ୍ୱର୍ଗାରୋହଣ କରିଥିବା ସଂଘର ଅନ୍ୟତମ ଉପଦେଷ୍ଟା ସୁଧିର ରଂଜନ ଦାଶ ଙ୍କ ସମେତ ବରିଷ୍ଠ ସାମ୍ବାଦିକ ନିଧିରାମ ମହାରଣା ଓ ରୁଦ୍ର ପ୍ରତାପ ନାୟକଙ୍କ ଅମର ଆତ୍ମାର ଶାନ୍ତି କାମନା କରାଯାଇଥିଲା। ଏହି ଅବସରରେ ସଂଘର ମୁଖପତ୍ର "ମୁକ୍ତପୃଷ୍ଠା' ଉନ୍ମୋଚନ ହୋଇଥିଲା। ସାମ୍ବାଦିକ ମାନେ ସମ୍ମୁଖିନ ହେଉଥିବା ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯାଇଥିଲା। ସମସ୍ତ ସାମ୍ବାଦିକ ସତ୍ୟ ଖବର ପରିବେଷଣ ଉପରେ ଗୁରୁତ୍ୱାରୋପ କରିବା ଉଚିତ୍ ବୋଲି ମତ ପ୍ରକାଶ ପାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ପାରାଦୀପ ପ୍ରେସ୍ ମିଡିଆର ସଭାପତି ବସନ୍ତ କୁମାର ସାହୁ, ସାଧାରଣ ସଂପାଦକ ବଟକୃଷ୍ଣ ଦାସ, କୋଷାଧ୍ୟକ୍ଷ ସୁରେନ୍ଦ୍ର କୁମାର ବିଶ୍ୱାଳ, ମନୋଜ କୁମାର ଦାସ, ଶଶାଙ୍କ ଆଚାର୍ଯ୍ୟ, ଶରତ କୁମାର ରାଉତ, ଶୁକଦେବ ଜେନା, ଧ୍ରୁବଚରଣ ମହାପାତ୍ର, ହରିଶ୍ଚନ୍ଦ୍ର ଲେଙ୍କା, ଅଜିତ୍ କୁମାର ଦାସ, ସୁଶୀଲ୍ ପଟନାୟକ, ସୁମନ୍ତ ସ୍ୱାଇଁ, ରଶ୍ମିରଂଜନ ରାଉତରାୟ, ପ୍ରଶାନ୍ତ କୁମାର ସ୍ୱାଇଁ, ବିରଜା ପ୍ରସାଦ ସେଠୀ, ସମିର କୁମାର ମହାନ୍ତୀ, ବିବେକାନନ୍ଦ ରାଉତ, ବିକାଶ କୁମାର ବେହେରାଙ୍କ ସମେତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଓ ବୁଦ୍ଧିଜିବୀ ଯୋଗଦେଇଥିଲେ। ସଭାପତି ଅଜିତ୍ କୁମାର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

## ଜଗତସିଂହପୁରରେ କଂଗ୍ରେସର ପ୍ରତିଷ୍ଠା ଦିବସ

ଜଗତସିଂହପୁର,୨୮।୧୨(ସମିସ): ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ ଅବସରରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ପ୍ରଥମେ ଯୋଗଧାରୀ ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବପ୍ରସାଦ ନାୟକଙ୍କ ଦ୍ୱାରା କଂଗ୍ରେସ ପତାକା ଉତ୍ତୋଳନ କରାଯାଇଥିଲା। ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପରେ ଟାଉନ ହଲ୍ ଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ କଂଗ୍ରେସ କର୍ମୀ ମାନେ ସଫେଇ କାର୍ଯ୍ୟକ୍ରମ କରିଥିଲେ। ପରିଶେଷରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଜିଲ୍ଲା ସଭାପତି ଶ୍ରୀ ନାୟକଙ୍କ ସୂଚନା ମୁତାବକ ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ମଧ ଦଳର ପ୍ରତିଷ୍ଠା ଦିବସ ଉପଲକ୍ଷେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲ୍ଲା କଂଗ୍ରେସର ଏହି ପ୍ରତିଷ୍ଠା ଦିବସ



ପାଳନ କାର୍ଯ୍ୟକ୍ରମରେ ପ୍ରଶାନ୍ତ ମହାପାତ୍ର, ଶ୍ରୀଚରଣ ରାଉତ, ବିଦ୍ୟାଧର ବାରିକ, ସର୍ବେଶ୍ୱର ପଣ୍ଡା, ମହନି ଚରଣ ରାଉତ, ମୁନା ଖାନ, ସେକ୍ ହିଦାୟତ ଅଲ୍ଲୀ, ପ୍ରିତମ ପରିଜା, ସ୍ୱରୂପ କାନୁନଗୋ, ଲକ୍ଷ୍ମୀଧର ମଲ୍ଲିକ, ମନୋଜ କୁମାର ଦାଶ, ତ୍ରିଲୋଚନ ସ୍ୱାଇଁ, ହିମାଂଶୁ ପରିଡ଼ା, ବିଭୂତି ଭୂଷଣ ସ୍ୱାଇଁ, ଅଭିଷେକ ବଳ, ବିଶ୍ୱଜିତ ସାହୁ, ସୁଜିତ ନାଥ, ସୌମ୍ୟରଞ୍ଜନ ସାହୁ, ସଦାନନ୍ଦ ମହାନ୍ତି, ଗଜେନ୍ଦ୍ର ନାୟକ, ଧନେଶ୍ୱର ନାୟକ, ଦେବ ପ୍ରସାଦ ମହାପାତ୍ର, ପ୍ରତ୍ୟୁଷ ନାୟକ, ଦେବନ୍ଦ୍ର ଦାଶ, ରୋହନ ନାୟକ, ବିଶ୍ୱଜିତ ସେଠୀ, ଦିଲ୍ଲିପ ମାହାର, ସଞ୍ଜୟ ସ୍ୱାଇଁ, ରାକେଶ ସ୍ୱାଇଁ, ସାଇ ପ୍ରଭଞ୍ଜନ ମହାପାତ୍ର, ଅଞ୍ଜନ ଭୋଇ ପ୍ରମୁଖ ଯୋଗ ଦେଇଥିଲେ।

# ନିଜାମପୁରରେ ପାଇପ୍ ଜଳ ଯୋଗାଣ ଫେଲ୍

ବାଲେଶ୍ୱର(ଉତ୍ତର),୨୮ ।୧୨(ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଦୁଡ଼ପଲ ପଞ୍ଚାୟତ ଅନ୍ତର୍ଗତ ନିଜାମପୁର ଗାଁରେ ପାନୀୟ ଜଳ ସମସ୍ୟା ଦିନକୁଦିନ ଗୁରୁତର ହେଉଛି । ଏଠାରେ ପାଇପ ଜଳ ଯୋଜନା ସମ୍ପୂର୍ଣ୍ଣ ଫେଲ ମାରିଛି । ଆଜକୁ ଦୁଇ ବର୍ଷ ପୂର୍ବରୁ ଏହି ଗାଆଁ ରେ ଘରକୁ ଘର ପାଇପ ଲାଇନ ବିଛା ଯାଇଛି, ଟେପ ମଧ ବସିଛି । ମାତ୍ର ସେଥିରୁ ପାଣି ବାହାରୁ ନାହିଁ । ଲୋକେ ଟିକେ ଶୁଦ୍ଧ ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି । ଆଗକୁ ଆଉ ଦୁଇମାସ ପରେ ଆସୁଛି ଗ୍ରୀଷ୍ମପ୍ରବାହତେଣୁ ପାଣିର ଅଭାବ ଆହୁରି ଭୟଙ୍କର ରୂପ ନେବ ବୋଲି ଲୋକେ ଆଶଙ୍କା କଲେଣି । ଏବେ ଠାରୁ ଟିକେ ଶୁଦ୍ଧ ପାଣି ପାଇଁ ମହିଳା ଓ ଶିଶୁମାନେ ଦୂର ଦୂରନ୍ତରୁ ଯିବାକୁ ବାଧ ହେଉଛନ୍ତି । ଏପରିକି ଯେଉଁମାନେ ଯାଇ ନପାରୁଛନ୍ତି ସେମାନେ ଦୂଷିତ ପାଣି ବ୍ୟବହାର କରୁଛନ୍ତି । ଫଳରେ ଅନେକେ ଜଳ ବାହିତ ରୋଗରେ ଆକ୍ରାନ୍ତ ହେଉଛନ୍ତି ।

- ପାଇପଲାଇନ ଓ ଟ୍ୟାପ୍ ଥାଇ ବାହାରୁନି ପାଣି
- ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଆଜକୁ ଦୁଇବର୍ଷ ତଳେ ବସୁଧା ଯୋଜନାରେ ଗ୍ରାମକୁ ପାଇପ ଲାଇନ ପଡିଥିଲା । ପ୍ରତ୍ୟେକ ଘରକୁ ମଧ ପାଇପ ସଂଯୋଗ କରାଯାଇ ଟେପ ବସିଥିଲା ।ମାତ୍ର ତାହା କେବଳ ଲୋକ ଦେଖାଣିଆରେ ସୀମିତ ରହିଛି । ବାରମ୍ବାର ସମ୍ପୃକ୍ତ ବିଭାଗ ଓ ପଞ୍ଚାୟତକୁ ଜଣାଇଲେ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ । ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ତୁରନ୍ତ ହସ୍ତକ୍ଷେପ କରି ଏହି ଗାଁରେ ନିୟମିତ ଭାବେ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ଦାବି ହୋଇଛି । ଅନ୍ୟପକ୍ଷରେ ଆଗାମୀ ଗ୍ରୀଷ୍ମ ଋତୁ ଆସିବା ପୂର୍ବରୁ ଯଦି ଏହି ପ୍ରକଳ୍ପ କାର୍ଯ୍ୟକାରୀ ନ ହୁଏ ତେବେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସମାଜସେବୀ ହରିନାରାୟଣ ରାଉତ ଚେତାବନୀ ଦେଇଛନ୍ତି ।

## ଶଶୁର ଘର ପୋଡ଼ି ଜ୍ୱାଇଁ ଗିରଫ

ସୋର, ୨୮ ।୧୨(ସମିସ): ସୋର ବ୍ଲକ ମୁଳିଶିଂ ପଞ୍ଚାୟତ ଶ୍ୟାମପୁର ଗ୍ରାମରେ ଶଶୁର ଘର ପୋଡି ଦେଇଥିବା ଅଭିଯୋଗରେ ଜ୍ୱାଇଁକୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି । ଭଦ୍ରକ ଗ୍ରାମାଞ୍ଚଳ ଥାନା ବାଲିପାଟଣା ଗ୍ରାମର ଅଜିତ କୁମାର ବାରିକ (୩୨) ଗ୍ରାମର ଜଗନ୍ନାଥ ବାରିକଙ୍କ ଭଉଣୀଙ୍କୁ ବିବାହ କରିଥିଲେ । ବିବାହ ପରେ ଅଜିତଙ୍କ ସ୍ତ୍ରୀ ପାରିବାରିକ କଳହରୁ ଶ୍ୟାମପୁର ଗ୍ରାମର ବାପ ଘରେ ରହୁଥିଲେ । କିନ୍ତୁ ଅଜିତ ତାଙ୍କ ସ୍ତ୍ରୀଙ୍କୁ ବୁଝାସୁଝା କରି ଘରକୁ ନେବାକୁ ବିଫଳ ହୋଇଥିଲେ । ଫଳରେ ଗତ ନଭେମ୍ବର ୨୪ ତାରିଖରେ ଅଜିତ ଶଶୁର ଘରେ ନିଆଁ ଲଗାଇ ଫେରାର ହୋଇଯାଇଥିଲା । ଅଜିତଙ୍କ ଶଳା ଜଗନ୍ନାଥ ବାରିକ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତେବେ ସେହି ଦିନ ଠାରୁ ଫେରାର ଥିବା ଅଜିତକୁ ସୋର ପୁଲିସ ଗତକାଲି ବିଳମ୍ବିତ ରାତିରେ ଗିରଫ କରିବାକୁ ସକ୍ଷମ ହୋଇଥିଲେ । ଆଜି ଅପରାହ୍ନରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି ।

## ଶ୍ୟାମାଠାକୁରାଣୀ ମନ୍ଦିରରୁ ଚୋରି ଉଦ୍ୟମ

ଜଳେଶ୍ୱର, ୨୮ ।୧୨ (ସମିସ) : ଐତିହାସିକ ରାୟମହାଶୟ ଗଡର ବହୁ ପୁରାତନ ଶ୍ୟାମାଠାକୁରାଣୀଙ୍କ ମନ୍ଦିରରୁ ଶନିବାର ରାତିରେ ଚୋରୀ ଉଦ୍ୟାମ ପଣ୍ଡ ହୋଇଛି । ପ୍ରତ୍ୟେକ୍ଷ ଦେବୀ ଭାବେ ଏ ଅଂଚଳରେ ପ୍ରସିଦ୍ଧିଲାଭ କରିଥିବା ଶ୍ୟାମାଠାକୁରାଣୀଙ୍କ ମନ୍ଦିରରେ ପୁରାତନ ଶିଳାରେ ଦେବୀଙ୍କ ପ୍ରତିମୂର୍ତ୍ତି ସହିତ ରାଜାରାଜୁଡା ଅମଳରୁ ସ୍ୱର୍ଣ୍ଣ ଅଳଙ୍କାରରେ ଶୋଭାପାଉଥିବା ଦେବୀ ମନ୍ଦିରରେ ୪ଟି ତାଲା ଲାଗିଥିବା ବେଳେ ରାତିରେ ଦୁର୍ବୃତ୍ତମାନେ ୨ଟି ତାଲା କାଟି ପଶିଥିଲେ । ଅନ୍ୟ ତାଲାଗୁଡିକୁ କାଟିବାରେ ସକ୍ଷମ ହୋଇପାରିନଥିବାରୁ ପଳାଇ ଯାଇଥିବା ସଂପର୍କରେ ମନ୍ଦିରର ପୂଜକ ପଂଚାନନ ମିଶ୍ର ଗଡ ଦାୟିତ୍ୱରେ ଥିବା ଅରୁଣ କୁମାର ଚାଟାର୍ଜିଙ୍କୁ କହିଥିଲେ । ପରେ ଗଡର ମାଲିକ ସୁରେନ୍ଦ୍ର ନାରାୟଣ ରାୟଙ୍କୁ ଅବଗତ କଲାପରେ ଜଳେଶ୍ୱର ଥାନାରେ ଅଭିଯୋଗ କରାଯାଇଥିଲା । ଜଳେଶ୍ୱର ପୁଲିସ୍ ଅନୁଧାନ କରି ଫେରିଥିବା ଜଣାଯାଇଛି ।

## କଂଗ୍ରେସର ପ୍ରତିଷ୍ଠା ଦିବସ




ଭୋଗରାଇ, ୨୮ ।୧୨(ସମିସ) : ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତରେ ଥିବା କଂଗ୍ରେସ ଭବନରେ ଆଜି କଂଗ୍ରେସର ୧୪୧ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏଥିରେ ଭୋଗରାଇ ବ୍ଲକ କଂଗ୍ରେସର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକ ସଭାପତିତ୍ୱ କରିଥିଲେ । ଏହି ପ୍ରତିଷ୍ଠା ଦିବସରେ ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା, ଗୋପବନ୍ଧୁ ମହାପାତ୍ର, ଦୀପେଷ ରାୟ, ନିମାତପୁର ସରପଞ୍ଚ ରାଜେନ୍ଦ୍ର ଦଳାଇ, ମନ୍ଦାରସାହି ସରପଞ୍ଚ ମମତା ସାହୁ, ମିନାରାଣୀ ସୁର, ସୁନିଲ ମହାନ୍ତି, କପିଳ ନାଥ, ସରୋଜ ଗିରି, ଦେବୀପ୍ରସାଦ ଦାସଗୋସ୍ୱାମୀ, ସହିତ ବହୁ କଂଗ୍ରେସର ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ ।

## ସନ୍ତରାଗଡ଼ିଆରେ ଯୁବ ମହୋତ୍ସବ ଉଦ୍‌ଘାଟିତ



ନୀଳଗିରି, ୨୮ ।୧୨ (ସମିସ): ମହୋତ୍ସବ ହିଁ ଏକତାର ପ୍ରତୀକ ସହ ଭାଇଚାରାର ବାର୍ତ୍ତା ଦେଇଥାଏ ବୋଲି ସନ୍ତରାଗଡିଆ ଯୁବ ମହୋତ୍ସବ ଉଦଘାଟିତ ସନ୍ଧ୍ୟାରେ ଆଇ ଟି ଆର, ଚାନ୍ଦିପୁରର ବୈଜ୍ଞାନିକ ମୁଖ୍ୟ ଅରୁଣ କୁମାର ରାଓ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଯୁବପିଢ଼ିଙ୍କୁ ଦିଗ୍ ଦର୍ଶନ ଦେଇଥିଲେ । ସନ୍ତରାଗଡିଆ ନୋଡାଲ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଯୁବ ମହୋତ୍ସବ ଉଦଘାଟିତ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ନାଲୋକ କମ୍ପାନୀର ଇଡି ଅମରେନ୍ଦ୍ର ମିଶ୍ର ନିଜ ଅଭିଭାଷଣରେ ଯୁବ ସମାଜ ହିଁ ସୁସ୍ଥ ପରିବେଶ ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ପ୍ରକାଶ କରିଥିଲେ । ବରେଣ୍ୟ ଅତିଥି ଭାବେ ସିଦ୍ଧି ବିନାୟକ ସ୍କୁଲର ଅଧକ୍ଷ ସୁଧାଂଶୁ ପଣ୍ଡା, ଯୁବ ମହୋତ୍ସବ କମିଟିର ସାଧାରଣ ସଂପାଦକ ଶୁଭ କଲ୍ୟାଣ ପଟ୍ଟନାୟକ ମଞ୍ଚାସୀନ ରହି ନିଜ ନିଜର ଅଭିଭାଷଣ ରଖିଥିଲେ । ସେହିପରି କମିଟିର ସହ ସଂପାଦକ ଚିକୁ ଚନ୍ଦନ ଦାସ, କୋଷାଧକ୍ଷ ମାଧବ ଚନ୍ଦ୍ର ଦଳପତି ମଞ୍ଚାସିନ ଥିବା ବେଳେ ଦିଲ୍ଲୀପ କୁମାର ପଣ୍ଡା ସଭାପତି ଆସନ ଅଳଙ୍କୃତ କରିଥିଲେ । ଏହି ଅବସରରେ ସକାଳେ ଏକ ବିଶାଳ ରକ୍ତଦାନ ଶିବିର କାର୍ଯ୍ୟକ୍ରମରେ ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡାକ୍ତର କୈଳାଶ ଚନ୍ଦ୍ର ବେହେରା ଓ ସନ୍ତରାଗଡିଆ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ପ୍ରସନ୍ନ ପଣ୍ଡା, ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକ ଶୁଭ ଉଦଘାଟନ କରିଥିବା ବେଳେ ୭୩ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ଅବସରରେ ଅନିଲ କୁମାର ରାଉଳ, ଗୋପାଳ କୁମାର ସାହୁ, ପ୍ରଶାନ୍ତ କୁମାର ରାଉତ, ସରୋଜ କୁମାର ମହାନ୍ତି ଙ୍କୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ ସକାଶେ ସମ୍ମାନିତ କରାଯାଇଥିଲା ।

## ଜାତୀୟ ରାଜପଥରେ ଚାନ୍ଦା ଆଦାୟ, ଯୁବକ ଗିରଫ

ଜଳେଶ୍ୱର, ୨୮ ।୧୨ (ସମିସ): ଜାତୀୟ ରାଜପଥ ୬୦ରେ ଲକ୍ଷ୍ମଣାନାଥ ଟୋଲ ପ୍ଲାଜା ଠାରେ ନିକଟସ୍ଥ କେତେକ ଯୁବକ ଟ୍ରକ୍, ବସ୍ ଓ ଅନ୍ୟାନ୍ୟ ଯାନରୁ ଜୋର ଜବରଦସ୍ତ ଚାନ୍ଦା ଆଦାୟ ହେଉଥିବା ଅଭିଯୋଗ ହୋଇ ଆସୁଥିଲା । ସ୍ଥାନୀୟ କେତେକ ଯୁବକ ଛିନ୍‌ତାଇ, ରାହାଜାନୀ, ଜୁଲମ କରି ମାରଧର କରିବାଭଳି କାର୍ଯ୍ୟ କରୁଥିବାର ଅଭିଯୋଗକ୍ରମେ ଆଜି ଜଳେଶ୍ୱର ଆଇଆଇସିଙ୍କ ନେତୃତ୍ୱରେ ଏକ ଟିମ୍ ଲକ୍ଷ୍ମଣନାଥ ଟୋଲପ୍ଲାଜା ଅନତିଦୂର ଓଡିଶା-ପଶ୍ଚିମବଂଗ ସୀମା ନିକଟ ଗେଟ ନିକଟରୁ ଦେଉଳା ଗାଁର ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

## ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୨୮ ।୧୨ (ସମିସ) : ନେତାଜୀ କ୍ଲବ ପକ୍ଷରୁ ଅନୁଷ୍ଠିତ ରାଇବଣିଆର ପୁରୁଣାପାଣି ନେତାଜୀ ପଡିଆରେ ତ୍ରୀଦିବସୀୟ ଗ୍ରାମାଂଚଳ କ୍ରିକେଟ ଟୁର୍ଣ୍ଣାମେଟ ଆଜି ଉଦ୍‌ଯାପିତ ହୋଇ ଯାଇଛି । ମୋଟ ୮ଟି ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଆଜି ଫାଇନାଲ ଖେଳରେ ଖୁଆଡସ୍ଥିତ ବାପୁଜୀ ଯୁବକ ସଂଘ କମର୍ଦ୍ଦା ସୁପର କିଙ୍ଗ କୁ ୭ ୱିକେଟ୍‌ରେ ହରାଇ ଚାମ୍ପିଅନ ହୋଇଥିଲା । ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ପ୍ରାପ୍ତନ ବିଇଓ ଲଲାଟେନ୍ଦୁ କେଶରୀ ଜେନା, ଗ୍ରାମ୍ୟ ସଭାପତି ବିରକିଶୋର ଦାସ, ମଧୁସୂଦନ ଗାନ୍ଧୀ, ପ୍ରାକ୍ତନ ବ୍ଲକ ଅଧକ୍ଷ ତପନ ଦାସ, ପ୍ରସନ୍ନ ଦାସ ପ୍ରମୁଖ ଯୋଗଦେଇ ଖେଳ ଦ୍ୱାରା ସଂପର୍କ ସେତୁ ସ୍ଥାପନ ହୋଇଥାଏ ବୋଲି କହିଥିଲେ । କ୍ଲବର ସଂପାଦକ ଜୀବନରଂଜନ ମଲ୍ଲିକ ବିବରଣୀ ପାଠ କରିଥିବା ବେଳେ ଅମିତ ସେଠୀ, ସଂଜୟ ବାରିକ ବିଜେତା ଦଳକୁ ୨୫ହଜାର ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା ଦଳକୁ ୨୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ । ସତ୍ୟବାନ ସେଠୀ, ସୁଶାନ୍ତ ସେଠୀ, ରଶ୍ମିରଂଜନ ପାତ୍ର, ବାସୁଦେବ ଦାସ, ପଂଚାନନ ଘୋଷ, ସତ୍ୟବ୍ରତ ଚକ୍ରବର୍ତ୍ତୀ ଖେଳ ପରିଚାଳନା କରିଥିଲେ ।

## ଚାଷୀପଡ଼ା କ୍ରିକେଟ: ରୁଦ୍ରାଂଶ ଏକାଦଶ ବିଜେତା



ରାଜଘାଟ, ୨୮ ।୧୨ (ସମିସ): ବସ୍ତା ବ୍ଲକ, ନଟାକଟା ପଞ୍ଚାୟତ ଅନ୍ତର୍ଗତ ଚାଷୀପଡ଼ା ୟଥ କ୍ଲବ ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି । ଫାଇନାଲ ମ୍ୟାଚ ଥେଙ୍ଗଡିହା ରୁଦ୍ରାଂଶ ଏକାଦଶ ଏବଂ ଅମର୍ଦ୍ଦା ଦଳ ମଧ୍ୟରେ ହୋଇଥିଲା । ଟସ ଜିତି ପ୍ରଥମେ ବ୍ୟାଟିଂ କରି ଅମର୍ଦ୍ଦା ଦଳ ନିର୍ଦ୍ଧାରିତ ୧୫ ଓଭରରେ ୯ ଓ୍ୱିକେଟ ହରାଇ ୧୦୫ ରନ କରିଥିଲା । ଜବାବରେ ଥେଙ୍ଗଡିହା ରୁଦ୍ରାଂଶ ଏକାଦଶ ୧୧.୧ ଓଭର ଖେଳି ୨ ୱିକେଟ ବିନିମୟରେ ମ୍ୟାଚ ଜିଣିଥିଲା । ଅପରାହ୍ଣରେ ସଭାପତି ସପନ କୁମାର ମହାପାତ୍ରଙ୍କ ପୌରହିତ୍ୟରେ ଏକ ପୁରସ୍କାର ବିତରଣୀ ସଭାର ଆୟୋଜନ ହୋଇଥିଲା । ଏଥିରେ ପୂର୍ବତନ ସମିତି ସଭ୍ୟ ସତ୍ୟନାରାୟଣ ମହାପାତ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ, ମୁଖ୍ୟ ବକ୍ତା ଜାମଶୁଳି ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ରସିକାନନ୍ଦ ମହାନ୍ତି, ସମ୍ମାନନୀୟ ଅତିଥି ସାମ୍ବାଦିକ ପୃଥୁନାଥ ମଣ୍ଡଳ, ବେଣୁଧର ଦାସ, ମାନସ ରଞ୍ଜନ ସାହୁ ପ୍ରମୁଖ ମଂଚାସୀନ ହୋଇ ବିଜେତା ଦଳକୁ ଟ୍ରଫି ସହ ନଗଦ ୫ ହଜାର ଏବଂ ଉପ ବିଜେତା ଦଳକୁ ୩ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ସେହିଭଳି ମ୍ୟାନ ଅଫ ଦି ମ୍ୟାଚ ଅଭିଜିତ ପାତ୍ର ଏବଂ ମ୍ୟାନ ଅଫ ଦି ସିରିଜ ମାନସ ରଂଜନ ସିଙ୍କୁ ମଧ ପୁରସ୍କୃତ କରାଯାଇଥିଲା । ସମଗ୍ର ଟୁର୍ଣ୍ଣାମେଣ୍ଟକୁ ଦୁଇ ଅମ୍ପାୟାର ରଣଜିତ୍ କୁମାର ଦତ୍ତ ଓ ବରେନ୍ଦ୍ର ଭଦ୍ର ପରିଚାଳନା କରିଥିଲେ । କ୍ଲବ ସଦସ୍ୟ ଚିନ୍ମୟ ସେନାପତି, ସରୋଜ ମହାପାତ୍ର, ପ୍ରଭାସ କୁମାର ଦତ୍ତଙ୍କ ସମେତ ଅନ୍ୟ ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


## ବାଲେଶ୍ୱରରେ କଂଗ୍ରେସର ପ୍ରତିଷ୍ଠା ଦିବସ



ବାଲେଶ୍ୱର,୨୮ ।୧୨(ସମିସ): ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଭାରତୀୟ ଜାତୀୟ କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ ଓ ବରିଷ୍ଠ ନେତା ପଦ୍ମଲୋଚନ ଲେଙ୍କା ମିଳିତ ଭାବେ ଦଳୀୟ ପତାକା ଉତ୍ତୋଳନ କରିଥିଲେ । କଂଗ୍ରେସର ନୀତି, ଆଦର୍ଶ ଓ ମୂଲ୍ୟବୋଧ ସମ୍ପର୍କରେ ବକ୍ତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଗୋପୀନାଥ ପାଢ଼ୀ, ଅର୍ଚ୍ଚନା ନନ୍ଦୀ, ଉର୍ମିଳା ମାଝୀ, ପ୍ରତିମା ପଣ୍ଡା, ଜ୍ୟୋତ୍ସ୍ନା ସେନାପତି, ନିଶିଥ ବାରିକ, ତୁଷାରକାନ୍ତି ତପସ୍ୱୀ, ବିଜୟ ମହାନ୍ତି, ଜୁବୁଲି ପଣ୍ଡା, କେଶବ ଦାସ, ଆଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ହୋଇ ମତବ୍ୟକ୍ତ କରିଥିଲେ ।

## ନ୍ୟାୟ ପାଇଁ ଥାନାରେ ଘୂରି ବୁଲୁଛନ୍ତି ମମତା

ଭୋଗରାଇ, ୨୮ ।୧୨ (ସମିସ): ଭୋଗରାଇର ଅଡଙ୍ଗ ପନ୍ତେଇର ମମତା ରାଣୀ ମାଝି/ବେଜ ଡିସେମ୍ବର ୩ତାରିଖରେ ବଧୂ ନିର୍ଯାତନା ନେଇ ଭୋଗରାଇ ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ନ୍ୟାୟ ପାଇଁ ସେ ବାରମ୍ବାର ବୁଲୁଥିବା ପ୍ରକାଶ କରିଛନ୍ତି ।



ସୂଚନା ଏହି କି ଯେ ଜଳେଶ୍ୱର ଥାନା ଅନ୍ତର୍ଗତ ଗଡସାହି ବାଲିଆପାଳର ବରେନ୍ଦ୍ର କୁମାର ମାଝୀଙ୍କ ଝିଅ ମମତା ରାଣୀ ମାଝୀ(୨୭) ଗତ ୨୦୨୪ ଜୁନ୍ ୭ରେ ଅଡଙ୍ଗ ପନ୍ତେଇର ବିମଳ ବେଜଙ୍କ ପୁତ୍ର ସଞ୍ଜୟ କୁମାର ବେଜଙ୍କୁ ବୈଦିକ ରୀତିରେ ରାଜଘାଟ ମନ୍ଦିରରେ ବିବାହ କରିଥିଲେ । ବିବାହର ୮ ଦିନ ପରେ ଟିଭି, ଫ୍ରିଜ, ୱାସିଙ୍ଗ ମେସିନ ସହିତ ଏକ ଲକ୍ଷ ଆଦି ବାପଘରୁ ଆଣିବା ପାଇଁ ଶାଶୁ ଯମୁନାବେଜ, ଶଶୁର ବିମଳ ବେଜ ଓ ନଣନ୍ଦ ମାନେ ବାଧ କରିଥିଲେ । ମମତାଙ୍କ ବାପା ଅକ୍ଷମତା ପ୍ରକାଶ କରିବାରୁ ସ୍ୱାମୀ, ଶାଶୁ, ଶ୍ୱଶୁର ଓ ନଣନ୍ଦ ମାନେ ଛୋଟ ଛୋଟ କଥାରେ ମାରପିଟ କରିବା, ବାପଘରୁ ଯୌତୁକ ନ ଆଣିଲେ ଜୀବନରୁ ମାରିଦେବାର ଧମକ ସହ ସ୍ୱାମୀଙ୍କ ଦ୍ୱିତୀୟ ବିବାହର ଧମକ ଏବଂ ଅନେକ ସମୟରେ ପରିବାର ଲୋକେ ଖାଇବାକୁ ନ ଦେଇ ଉପାସରେ ରଖୁଥିଲେ । ରୋଗ ହେଲେ ଡାକ୍ତର ପାଖକୁ ନେଉ ନ ଥିଲେ । ଏଥିପାଇଁ ବାରମ୍ବାର ବୈଠକ ବସି ସମାଧାନ ହୋଇଥିଲେ ମଧ ଯଥା ପୂର୍ବଂ ତଥା ପର ୬ମାସ ପୂର୍ବେ ଅତ୍ତଧିକ ଅତ୍ୟାଚାର ପାଇଁ ଭାଇକୁ ସହ ସେ ବାପ ଘରକୁ ପଳାଇ ଆସିଥିଲେ । ସେହି ଦିନରୁ ସମସ୍ତ ଯୋଗାଯୋଗ ବିଚ୍ଛିନ୍ନ । ଚେଷ୍ଟା କଲେ ଫୋନ କାଟିଦେବା ପରେ ଫୋନ ନମ୍ବରକୁ ବ୍ଲକ କରିଥିବା ପ୍ରକାଶ କରିଛନ୍ତି । ପୁନଶ୍ଚ ସମାଧାନ ପାଇଁ ବୈଠକରେ ପରିବାର ଲୋକେ ଗ୍ରାମର ଭଦ୍ରବ୍ୟକ୍ତିଙ୍କ ଆଗରେ ସମାଧାନର ପନ୍ଥାକୁ ସ୍ୱାମୀ ତଥା ତାଙ୍କ ପକ୍ଷଙ୍କ ଲୋକ ମାନି ନ ଥିଲେ । ସେ ବାପଘରକୁ ଫେରିଆସି ଘର ଭଡା ନେଇ ମୁଲ ମଜୁରୀ ଯାଇ ପେଟ ପୋଷିବା ସହିତ ବହୁ ଦୁଃଖ କଷ୍ଟରେ ରହିଥିବା ପ୍ରକାଶ କରିଛନ୍ତି । ଗତ ୨୦୨୫ ନଭେମ୍ବର ୨ତାରିଖରେ ସ୍ୱାମୀଙ୍କ ବିଷୟରେ ଜାଣିବାକୁ ଶଶୁର ଘରକୁ ସେ ଆସିଥିଲେ କିନ୍ତୁ ଶାଶୁ, ଶଶୁର ତାଙ୍କୁ ଦେଖି ଉତ୍ୟକ୍ତ ହୋଇ ଅଶ୍ଳୀଳ ଭାଷା ସହ ସ୍ୱାମୀଙ୍କ ପିଉସୀ କଟି ବେଜଙ୍କ ସହ ମିଶି ମାରିଦେବା ଉଦେଶ୍ୟରେ ତାଙ୍କ ଉପରେ କିରୋସିନି ଢାଳିବାକୁ ଚେଷ୍ଟା ସହ କୋଦାଳ ଆଣି କଟି ବେଜ ତାଙ୍କ ମୁଣ୍ଡରେ ପ୍ରହାର କରିବା ସମୟରେ ଅଭିଯୋଗକାରିଣୀ ସେଠାରୁ କୌଶଳରେ ଖସି ଆସିବା ସହ ତଳିପେଟରେ ଶଶୁରଙ୍କ ଗୋଇଠା ପ୍ରହାର ଖାଇ ପୁଣି ବାପାଙ୍କ ଘରକୁ ପଳାଇ ଆସିଥିବା କଥା ସେ ଅଭିଯୋଗ ଆଣିଛନ୍ତି । ଏଥିପାଇଁ ସେ ତାଙ୍କର ସ୍ୱାମୀ ଅନ୍ୟ କାହା ସହ ଥିବା ଅଭିଯୋଗ ମଧ ଆଣିଛନ୍ତି । ଅଭିଯୋଗ ମୂଳେ ଧାରା ଭୋଗରାଇ ଥାନାରେ ମାମଲା ରୁଜୁ ହୋଇଛି ।

## ସ୍ତ୍ରୀକୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ସୋର, ୨୮ ।୧୨(ସମିସ): ସୋର ଥାନା ପୋଡାଡିହା ଗ୍ରାମରେ ଜଣେ ମହିଳା ବିଷ ପିଇ ଆତ୍ମହତ୍ୟା କରିଥିବା ବେଳେ ସ୍ୱାମୀକୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି । ମୃତା ମହିଳାଙ୍କ ମାଆ ସୁବର୍ଣ୍ଣା ରାଉତଙ୍କ ଅଭିଯୋଗ ଅନୁସାରେ ଏହି ଗ୍ରାମର ସତ୍ୟସମୀର ବିଶ୍ୱାଳ(୩୨) ବାସୁଦେବପୁର ଥାନା ଉହାଡ଼ ଗ୍ରାମର ଗୀତାଞ୍ଜଳି ରାଉତଙ୍କୁ ବିବାହ କରିଥିଲେ । ବିବାହ ପରେ ସତ୍ୟ ଅଧିକ ଯୌତୁକ ଦାବି କରି ଗୀତାଞ୍ଜଳିକୁ ବିଭିନ୍ନ ସମୟରେ ଶାରୀରିକ ଏବଂ ମାନସିକ ନିର୍ଯ୍ୟାତନା ଦେଉଥିଲେ । ଏଥିରେ ଅତିଷ୍ଠ ହୋଇ ଗୀତାଞ୍ଜଳି ଗତ ୨୩ ତାରିଖରେ ବିଷ ପିଇ ଗୁରୁତର ଆହତ ହୋଇଥିଲେ । ଫଳରେ ଶଶୁର ଘର ଲୋକେ ତାଙ୍କୁ ସୋର ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ । କିନ୍ତୁ ଗତ ୨୬ ତାରିଖରେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଫଳରେ ଗୀତାଞ୍ଜଳିଙ୍କ ମାଆ ସୁବର୍ଣ୍ଣା ସୋର ଥାନାରେ ଏ ବାବଦରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ସତ୍ୟ ସମୀରକୁ ଗିରଫ କରିଥିଲେ । ଆଜି ଅପରାହ୍ନରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି ।

## ଶତ୍ରୁଘ୍ନନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ



ସୋର, ୨୮ ।୧୨(ସମିସ): ସୋର ବ୍ଲକ କେଶରୀପୁର ପଞ୍ଚାୟତ କେଶରୀପୁର ସ୍ଥିତ ଶତ୍ରୁଘ୍ନନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆଜି ମଧ୍ୟାହ୍ନରେ ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ସୋର ବିଧାୟକ ମାଧବ ଧଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇ ଜୟନ୍ତୀ ପତାକା ଉତ୍ତୋଳନ କରି ଉଦଘାଟନ କରିଥିଲେ । ଏହି ଅବସରରେ ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ପ୍ରିୟନାଥ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥିଭାବେ ବିଧାୟକ ଶ୍ରୀ ଧଡ଼ା, ସମ୍ମାନିତ ଅତିଥିଭାବେ ସୋର ତହସିଲଦାର ଦୈତାରୀ ମଲ୍ଲିକ,ବିଦ୍ୟାଳୟର ପ୍ରତିଷ୍ଠାତା ସୁରେନ୍ଦ୍ରନାଥ ବାରିକ, କମିଟି ସମ୍ପାଦକ କମଳାକାନ୍ତ ପଲେଇ, ସ୍ଥାନୀୟ ସରପଞ୍ଚ ନରେନ୍ଦ୍ର ବିଶ୍ୱାଳ,ସମିତି ସଭ୍ୟ ମୁକେଶ ମଳିକ, ମାଣତ୍ରୀ ସରପଞ୍ଚ ବାଞ୍ଛାନିଧି ମଳିକ, ସ୍ଥାନୀୟ ୱାର୍ଡ ସଭ୍ୟ ରବୀନ୍ଦ୍ର ସାହୁ, ଆଲୁମ୍ନି କମିଟି ସଭାପତି ଡ଼. ସୁରେନ୍ଦ୍ର କୁମାର ବିଶ୍ୱାଳ, ପ୍ରଧାନ ଶିକ୍ଷକ ମନରଞ୍ଜନ ବିଶ୍ୱାଳ, ମୁଖ୍ୟ ବକ୍ତା ଭାବେ ଡାକ୍ତର ରାଜେନ୍ଦ୍ର ଦାସ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ ।ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଭାସ୍କର ଚନ୍ଦ୍ର ସାହୁ, ବିଦ୍ୟାଧର ମୁଦୁଲି, ଲକ୍ଷ୍ମୀଧର ରାଉତ,ବାଞ୍ଛାନିଧି ବାରିକ ,ବିପିନ ଚନ୍ଦ୍ର ବାରିକ, ଗୌର ମୋହନ ଷଡ଼ଙ୍ଗୀ, ରବୀନ୍ଦ୍ର ମଳିକ, ବିଦ୍ୟାଧର ରାଉତ, ରାମଚନ୍ଦ୍ର ଜେନା ସୁଦାମ ଚରଣ ମଳିକ,ଅଣ ଶିକ୍ଷାକର୍ମଚାରୀ ରତ୍ନାକର ବାରିକ, ପ୍ରହଲ୍ଲାଦ ନାୟକ, ଭାସ୍କର ଚଣ୍ଡଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ସଭାକାର୍ଯ୍ୟ ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଜାତୀୟ ସଂଗୀତ ସହିତ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଉଦଘାଟନୀ ସଭାରେ ରାକେଶ ମଳିକ ଏବଂ ଗୋପୀନାଥ ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ଜୟନ୍ତୀ କମିଟି ସଭାପତି ପ୍ରିୟନାଥ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।ଶେଷରେ ଆଶିଷ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଆଲୁମିନି କମିଟିର ସମସ୍ତ ସଦସ୍ୟ ସଦସ୍ୟା ପରିଚାଳନା କରିଥିଲେ ।

● ନୀଳଗିରି କ୍ରିକେଟ ଲିଗ୍ ସିଜିନ୍-୫

## ହରପ୍ରିୟା ଚ୍ୟାଲେଞ୍ଜର ଚାମ୍ପିଅନ




ନୀଳଗିରି, ୨୮ ।୧୨ (ସମିସ)

ନୀଳଗିରି କ୍ରିକେଟ ଲିଗ୍ -୫ସିଜିନ୍‌ର ଚଳିତବର୍ଷର ଅନ୍ତିମ ତଥା ଫାଇନାଲ ମ୍ୟାଚ୍ ରବିବାର କେ.ସି ହାଇସ୍କୁଲ କ୍ରିକେଟ ଗ୍ରାଉଣ୍ଡରେ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚକୁ ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଉଦଘାଟନ କରିଥିବାବେଳେ ଅମ୍ପାୟର ଜଗବନ୍ଧୁ ଦାସ ଏବଂ କାଳନ୍ଦି ଚରଣ ବେହେରାଙ୍କ ଦକ୍ଷ ପରିଚାଳନାରେ ଚଳିତବର୍ଷର ଫାଇନାଲିଷ୍ଟ ମହାବୀର ୟୁନାଇଟେଡ ଏବଂ ହରପ୍ରିୟା ଚ୍ୟାଲେଞ୍ଜର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ହରପ୍ରିୟା ଚ୍ୟାଲେଞ୍ଜର ପ୍ରଥମେ ଟସ ଜିତି ପ୍ରଥମେ ଫିଲ୍ଡିଙ୍ଗ କରିବାକୁ ନିଷ୍ପତ୍ତି ନେଇଥିଲା । ମହାବୀର ୟୁନାଇଟେଡ ବ୍ୟାଟିଂକରି ନିର୍ଦ୍ଧାରିତ ୧୨ଓଭରରେ ୪୪ରନ୍ ସଂଗ୍ରହ କରିଥିବା ବେଳେ ହରପ୍ରିୟା ଚ୍ୟାଲେଞ୍ଜର ମାତ୍ର ୪.୨ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ଚଳିତବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିନେଇଛି । ବିକାଶ ବିଶ୍ୱାଳ ଆଜିର ମ୍ୟାଚରେ ସର୍ବୋତ୍କୃଷ୍ଟ ଖେଳ ପ୍ରଦର୍ଶନକରି ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିବା ବେଳେ ମହାବୀର ୟୁନାଇଟେଡର ମୀର୍ ହାସିମ୍ ଖାନ ମ୍ୟାନ ଅଫ୍ ଦି ସିରିଜ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଅନ୍ତିମ ତଥା ପୁରସ୍କାରବିତରଣୀ ଉତ୍ସବରେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆଙ୍କ ସହିତ ନୀଳଗିରି ଏନ୍ ଏ ସି ଚେୟାରମେନ ମହିନ୍ଦ୍ରନାଥ ବେହେରା, ସମାଜସେବୀ ଶିଶିର ରାଉତ, ଭାସ୍କର ବିଶ୍ୱାଳ, ଶରତ ଚନ୍ଦ୍ର ପୋଇ ପ୍ରମୁଖ ବିଶିଷ୍ଟଅତିଥି ମାନେ ଯୋଗଦେଇ ବିଜେତା ତଥା ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ । ଚାମ୍ପିଅନ ହରପ୍ରିୟା ଦଳକୁ ଟ୍ରଫି ସହିତ ୧ଲକ୍ଷ ୧୧ହଜାର ୧ଶହ ୧୧ଟଙ୍କା ପୁରସ୍କାରରାଶି ପ୍ରଦାନ କରାଯାଇଥିବା ବେଳେ ଉପବିଜେତା ଦଳ ମହାବୀର ୟୁନାଇଟେଡକୁ ଟ୍ରଫି ସହିତ ୭୭ହଜାର ୭ଶହ ୭୭ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା । ଦୀର୍ଘ ୧୨ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ଏନସିଏଲ -୫ର ସଭାପତି ସୁମନ ଦାସଙ୍କ ନେତୃତ୍ୱରେ ସଫଳତାର ସହ ଆୟୋଜିତ ହୋଇଥିଲା ବେଳେ ବିବେକ ସାହୁ, ସନ୍ତୋଷ ସାହୁ, ଗୟାଧର ବେହେରା, ଅଶ୍ୱିନୀ ପାତ୍ର, ଜୀତେନ୍ଦ୍ର ରାଉତ, ସୁଧାରଞ୍ଜନ ମହାପାତ୍ର ଆଦର୍ଶ ଦାସ ପ୍ରମୁଖ ବହୁ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ଲାୟନ୍ସ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




ବାଲେଶ୍ୱର,୨୮ ।୧୨(ସମିସ): ଲାୟନସ କ୍ଲବ ପକ୍ଷରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆଜି କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ଶିବୁ ପୋଦାର ଏହାକୁ ଉଦଘାଟନ କରିବା ସହ ଲାୟନସ କ୍ଲବ କେବଳ ସାମାଜିକ କାମ ନୁହେଁ ବରଂ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଇ ଏଭଳି ଶିବିରମାନ ବିଭିନ୍ନ ସ୍ଥାନରେ ଆୟୋଜନ କରୁଛି। ଶିବିରରେ ସମ୍ପାଦକ ବିଷ୍ଣୁ ମାରୁ, ଶ୍ୟାମ ଖଣ୍ଡେଲୱାଲ, କମଳ ମୋଦି, ସିପି ଭର୍ତିୟା, ରାଜେନ୍ଦ୍ର ମହାୱାର, ରାଜେନ୍ଦ୍ର ମୋରେ, ରାଜ କୁମାର ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ରହି ଏଭଳି ସ୍ୱାସ୍ଥ୍ୟ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏଥିରେ ଲାୟନ୍ସ କ୍ଲବର ସଦସ୍ୟଙ୍କ ପରିବାର ସହ ବିଭିନ୍ନ ସ୍ଥାନରୁ ୯୦ଜଣ ରୋଗୀଙ୍କର ପରୀକ୍ଷଣ କରାଯାଇଥିଲା।

## ହୋଟେଲ ରୁମ୍‌ରେ ଯୁବକଙ୍କୁ ହତ୍ୟା ଘଟଣା

# ରହସ୍ୟମୟୀ ମହିଳାଙ୍କ ମିଳିଛି ସନ୍ଧାନ, ଗିରଫକୁ ଅପେକ୍ଷା

ବାଲେଶ୍ୱର, ୨୮ ।୧୨(ସମିସ)

ସହଦେବଖୁଣ୍ଟା ଥାନା ଅର୍ନ୍ତଗତ ସୁରଜ ହୋଟେଲର ୫ମ ମହଲାରେ ଥିବା ୫୦୨ନମ୍ବର ରୁମ ମଧ୍ୟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଉକ୍ତ ରୁମରେ ଦୁଇ ଜଣ ପୁରୁଷଙ୍କ ସହ ଜଣେ ମହିଳା ରହିଥିବା ବେଳେ ମହିଳାଜଣଙ୍କ ଫେରାର ହୋଇଯାଇଥିବା ବେଳେ ଓ ଅନ୍ୟ ଜଣେ ଯୁବକଙ୍କୁ ପୁଲିସ ଅଟକ ରଖିଥିଲା। ଯୁବକଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଅନୁମାନ କରାଯାଉଥିବା ବେଳେ ରହସ୍ୟମୟୀ ମହିଳାଙ୍କୁ ଖୋଜି ପାଇବାରେ ପୁଲିସର ବିଳମ୍ବ କରୁଛି। ଅନ୍ୟପଟେ ସହଦେବଖୁଣ୍ଟା ଥାନା ଅଧିକାରୀ ବିରଂଚି ସାହୁ କହିଛନ୍ତି ଯେ, ଫେରାର ହୋଇଯାଇଥିବା ମହିଳାଙ୍କର ପରିଚୟ ମିଳିଥିବା ବେଳେ ତାଙ୍କୁ ଶିଘ୍ର ଗିରଫ କରାଯିବ ବୋଲି କହିଛନ୍ତି। ତେବେ ଯାଇ ହତ୍ୟା ଘଟଣା ପଛରେ କି ଉଦ୍ଦେଶ୍ୟ ରହିଥିଲା ତାହା ସ୍ପଷ୍ଟ ହେବ ବୋଲି କହିଛନ୍ତି।

**ତଦନ୍ତ ପରିସରକୁ ଆସିବେ କି ହୋଟେଲ କର୍ତ୍ତୃପକ୍ଷ**

ସୂଚନା ଯୋଗ୍ୟ ଯେ, ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅର୍ନ୍ତଗତ ଦାନ୍ତିଆମୁହାଁ ଫାଣ୍ଡି ଜାମବଣୀ ଅଞ୍ଚଳର ଆକାଶ ମହାନ୍ତ ତାଙ୍କ ସାଙ୍ଗ ରାମଚନ୍ଦ୍ରଙ୍କ ସହ ଏକ ବାଇକ ଯୋଗେ ହୋମଗାର୍ଡ ପରୀକ୍ଷାର ଆଡମିଟ କାର୍ଡ ନେବା ପାଇଁ ବାଲେଶ୍ୱର ଆସିଥିଲେ। ରାସ୍ତାରେ ଜଣେ ମହିଳାଙ୍କୁ ମଧ୍ୟ ସାଙ୍ଗରେ ଆଣିଥିଲେ। ତେବେ ୨୫ତାରିଖ ଦିନ ସେମାନେ ସୂରଜ ହୋଟେଲରେ ରହିଥିବା ବେଳେ ୨୬ତାରିଖ ସକାଳେ ମହିଳା ଜଣଙ୍କ ଫେରାର ହୋଇଯାଇଥିବା ବେଳେ ତାଙ୍କ ସାଙ୍ଗ ମଧ୍ୟ ବାହାରୁ ତାଲା ପକାଇ ଫେରାର ହୋଇଯାଇଥିଲେ। ତେବେ ରୁମ ମଧ୍ୟରୁ ଦୁର୍ଗନ୍ଧ ବାହାରିବାରୁ ହୋଟେଲ କର୍ମଚାରୀ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଁଚି ମୃତ ଦେହକୁ ଉଦ୍ଧାର କରିବା ସହ ପରିବାରକୁ ଖବର ଦେଇଥିଲେ। ଏବଂ ମୃତକଙ୍କ ପତ୍ନୀଙ୍କ ଅଭିଯୋଗ ଅନୁସାରେ ୫୦୫/୨୫ନମ୍ବରରେ ଏକ ମାମଲା ରୁଜୁ କରି ଫେରାର ରାମଚନ୍ଦ୍ରକୁ ଅଟକ ରଖିଛି। ଏଠାରେ ହୋଟେଲରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ସେଠାରେ ରହୁଥିବା ବ୍ୟକ୍ତିମାନଙ୍କର ସଠିକ କାଗଜପତ୍ର ଯାଞ୍ଚ ହେଉଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି କରୁଛି। ଏହାଛଡା ଦୁଇ ଦିନ ଧରି ରୁମ ବାହାରେ ତାଲା ପଡିଥିବା ବେଳେ ହୋଟେଲ କର୍ମଚାରୀ କିପରି ଭାବେ ଏହି ଘଟଣାକୁ ଜାଣି ପାରିଲେ ନାହିଁ ତାହା ମଧ୍ୟ ଏବେ ସନ୍ଦେହ ଘେରକୁ ଆସିଛି। ରହସ୍ୟମୟୀ ମହିଳା ଗିରଫ ହେଲେ ଏହି ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡିବ।

# ୮ ରୁ ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବ




ବାଲେଶ୍ୱର,୨୮ ।୧୨(ସମିସ):ଚାନ୍ଦିପୁରସ୍ଥିତ ବଙ୍ଗୋପସାଗର ବେଳାଭୂମିରେ ୨୬ତମ ସୁବର୍ଣ୍ଣର୍ ଚାନ୍ଦିପୁର ବେଳାଭୂମି ମହୋତ୍ସବ ଆସନ୍ତା ଜାନୁଆରୀ ୮ରୁ ୧୧ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚାରିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରୀ, ବିଧାୟକ, ସାଂସଦ,ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ ବୋଲି ଆଜି ବ୍ରିଟ କଲ୍ୟାଣ ମଣ୍ଡପ ପରିସରରେ କମିଟି ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ମୁମ୍ବାଇ ଓ କୋଲକାତାରୁ କଳାକାରମାନଙ୍କ ସାମତ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଖ୍ୟାତନାମା କଳାକାର ଓ ସାଂସ୍କୃତିକ ଦଳ ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପ୍ରତିଦିନ ନୃତ୍ୟ,ଗୀତ ଆଦି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ନେପାଳରୁ ଆସୁଥିବା ନେପାଳୀ ଲୋକନୃତ୍ୟ ସମେତ ପୁରୀର ଗୋଟିପୁଅ ନାଚ, କୋଲକାତା ପ୍ରସିଦ୍ଧ ଅର୍କେଷ୍ଟ୍ରା ଚଳିତ ବର୍ଷର ବିଶେଷ ଆକର୍ଷଣ ହେବ ବୋଲି କୁହାଯାଇଛି। ମହୋତ୍ସବ ଶେଷ ଦିନ ଅର୍ଥାତ ୧୧ତାରିଖରେ ରଙ୍ଗ ବେରଙ୍ଗର ଆତସବାଜୀ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ।

ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂସ୍ଥା ଅଧିନରେ ଚାନ୍ଦିପୁରସ୍ଥିତ ଗୋଳାବାରୁଦ ପରୀକ୍ଷା କେନ୍ଦ୍ର, ସମନ୍ୱିତ କ୍ଷେପଣାସ୍ତ୍ର ପ୍ରକଳ୍ପ ସମେତ ଟିପିଏନଓଡିଏଲ,ଓମଫେଡ ଆଦି ବିଭିନ୍ନ ସରକାରୀ, ଅର୍ଦ୍ଧ ସରକାରୀ, ବେସରକାରୀ ସଂସ୍ଥା ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ, ସ୍ୱୟଂ ସହାୟିକା ଗୋଷ୍ଠୀ, ମିଶନ ଶକ୍ତି ଆଦି ପକ୍ଷରୁ ସେଠାରେ ପ୍ରଦର୍ଶନୀ ଷ୍ଟଲମାନ ଖୋଲା ହେବ। ପ୍ରତିଦିନ ବେଳାଭୂମୀରେ ଭଲିବଲ,ବାସ୍କେଟ ବଲ,ରିଙ୍ଗବଲ,କବାଡି ଆଦି ବିଭିନ୍ନ କ୍ରୀଡା ମଧ୍ୟ ଅନୁଷ୍ଠିତ ହେବ। ମହୋତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ନେଇ କମିଟିର ସଭାପତି ତଥା ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ସାଧାରଣ ସମ୍ପାଦକ ହରେକୃଷ୍ଣ ଦାଶ ପ୍ରମୁଖଙ୍କ ସହ ଅନ୍ୟମାନେ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କମିଟିର ଅତିରିକ୍ତ ସାଧାରଣ ସମ୍ପାଦକ ଭାବଗ୍ରାହୀ ମହାନ୍ତି, ସମ୍ପାଦକ ଭାଗବତ ସାହୁ, ସମରେନ୍ଦ୍ର ଦାଶ, କିଶୋର ଦାସ, ଶ୍ରୀମାନ ଶ୍ରୀଚନ୍ଦନ, କୋଷାଧ୍ୟକ୍ଷ ମାଧବାନନ୍ଦ ମିଶ୍ର, ଗଙ୍ଗାଧର ରାଉତ, ଅମୃତାଂଶୁ ପଟ୍ଟନାୟକ, ନିର୍ମାଲ୍ୟ ମହାନ୍ତି ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ଭାବେ କମିଟିର ସଦସ୍ୟ ଲକ୍ଷ୍ମୀ ନାରାୟଣ ମହାନ୍ତିଙ୍କୁ ଉପସଭାପତି ଭାବେ ବିବେଚନା କରାଯାଇଥିବା ବେଳେ ଯୁଗ୍ମ ସମ୍ପାଦକ ଭାବେ ରାଜେନ୍ଦ୍ର ପଟ୍ଟନାୟକ ଓ ସମ୍ପାଦକ ଭାବେ ପ୍ରଶାନ୍ତ ମହାନ୍ତିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

# ସରିଲା ଜିଲ୍ଲାସ୍ତରୀୟ କୋଶମ୍ବ ମେଳା

ବାଲେଶ୍ୱର,୨୮।୧୨(ସମିସ): ଉଦଯାପିତ ହେଲା ଜିଲ୍ଲା ସ୍ତରୀୟ ସ୍ୱଦେଶୀ ମେଳା ଓ ଜାତୀୟ ସ୍ତରୀୟ ପଲ୍ଲୀଶ୍ରୀ ମେଳା 'କୋଶମ୍ବ'। ଓରମାସ ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ବାଲେଶ୍ୱର ସହରର ପୁଲିସ ପଡିଆ ଠାରେ ଚାଲିଥିଲା। ଏହି ଉଦଯାପନୀ ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବାଲେଶ୍ୱର ମ୍ୟୁନିସିପାଲଟି ଅଧ୍ୟକ୍ଷା ସବିତା ସାହୁ ଯୋଗଦେଇଥିଲେ। ବରେଣ୍ୟ ଅତିଥି ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସଞ୍ଜୟ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ହେମନ୍ତ କୁମାର ସିଂହ, ଉପ ଜିଲ୍ଲାପାଳ ନୀଳଗିରି ଶୁଭଶ୍ରୀ ରଥ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ମେଳାରେ କୃଷି ସମ୍ପର୍କିତ ୪୫ଟି ଷ୍ଟଲ, ଖାଦ୍ୟପେୟର ୪୦ଟି ଷ୍ଟଲ. ମହିଳା ଏସ ଏଚ ଜି, ହସ୍ତତନ୍ତ, ହସ୍ତଶିଳ୍ପ ଆଦି ମିଶାଇ ସର୍ବ ମୋଟ ୪୦୦ ଟି ଷ୍ଟଲ ପଡ଼ିଥିଲା।

# ଉତ୍ସବ ଉତ୍ତର ଓଡ଼ିଶା ଉଦ୍‌ଘାଟିତ



ବାଲେଶ୍ୱର,୨୮ ।୧୨(ସମିସ): ରବିବାର ସ୍ଥାନୀୟ ଆଇଟିଆଇ ପଡ଼ିଆଠାରେ ଉଦ୍‌ଘାଟିତ ହୋଇଛି ଉତ୍ସବ ଉତ୍ତର ଓଡ଼ିଶା। ଏହି ଉତ୍ସବ ଆସନ୍ତା ଜାନୁଆରୀ ୪ତାରିଖ ପର୍ଯ୍ୟନ୍ତ ଚାଲିବ। ଉତ୍ସବ ଉତ୍ତର ଓଡ଼ିଶାର ସଭାପତି ରିତିକ ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ ଦାସ ଯୋଗଦେଇ ଏଭଳି ଉତ୍ସବ ଆଗାମୀ ଦିନରେ ଚାଲୁ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବେ ପୂର୍ବତନ ରେମୁଣା ବିଧାୟକ ସୁଦର୍ଶନ ଜେନା, ସମ୍ମାନିତ ଅତିଥି ଭାବେ ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା ଯୋଗଦେଇ ନିଜର ମତ ରଖିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ଉତ୍ସବ ଉତ୍ତର ଓଡ଼ିଶାର ଉପଦେଷ୍ଟା ଉମାକାନ୍ତ ମହାପାତ୍ର, ସାଧାରଣ ସମ୍ପାଦକ ସତ୍ୟ ରଞ୍ଜନ ଦାସ ଯୋଗଦେଇଥିଲେ। ପ୍ରାରମ୍ଭରେ ଉତ୍ସବ ଉତର ଓଡ଼ିଶାର ଉପଦେଷ୍ଟା ସଞ୍ଜୀବ ଗିରି ଅତିଥିଙ୍କୁ ମଂଚ ଆହ୍ୱାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସାଂସ୍କୃତିକ ସମ୍ପାଦକ ଧୀରେନ ନାୟକ ଧନ୍ୟବାଦ ଦେଇଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ,ଏହି ଉତ୍ସବ ଅବସରରେ ରିଲସ, ଫଟୋଗ୍ରାଫି, ନୃତ୍ୟ, ସଙ୍ଗୀତ, ଫ୍ୟାସନ ଶୋ ଆଦି ବିଭିନ୍ନ ପ୍ରକାର ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ। ସେହିପରି ୩୧ତାରିଖ ରାତିରେ ଜିରୋ ନାଇଟ ସେଲିବ୍ରେସନ ଡିଜେ ଓ ଆତସବାଜୀ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଖାଇବା ଷ୍ଟଲଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ୩ଶହ ଷ୍ଟଲ ରହିଛି।

# ନିଷ୍ଟ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁସନର ବାର୍ଷିକ ଉତ୍ସବ



ବାଲେଶ୍ୱର,୨୮।୧୨(ସମିସ): ବାଲେଶ୍ୱରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସମୂହ ନିଷ୍ଟ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଯୁକ୍ତ ବିଜ୍ଞାନ, କଳା, ବାଣିଜ୍ୟ, ଯୁକ୍ତ ବିଜ୍ଞାନ, ଜି. ଏନ. ଏମ, ବି. ଏସି. ନର୍ସିଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦ୍ୱାଦଶତମ ବାର୍ଷିକ ଉତ୍ସବ ଚାନ୍ଦିପୁର ରାସ୍ତାର ହିଡ଼ିଗାଁ ସ୍ଥିତ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦିପୁରସ୍ଥିତ ଆଇଟିଆରର ନିର୍ଦ୍ଦେଶକ କଟାରି ସୁଚେନ୍ଦର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉନ୍ନତ ଭବିଷ୍ୟତ ନିର୍ମାଣ ଦିଗରେ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ଜଗନ୍ନାଥ ସଂସ୍କୃତି ଗବେଷକ ଜ୍ଞାନାନନ୍ଦ ସାଗର କୁମାର ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଫଳତା ହାସଲରେ ଆଧ୍ୟାତ୍ମିକତାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଆଇଟିଆରର ଅତିରିକ୍ତ ନିର୍ଦ୍ଦେଶକ ଡ. ନୀଳାଦ୍ରି ରାୟ ନିଷ୍ଟ ବିଜ୍ଞାନ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଓ ରସାୟନବିତ୍ ତଥା ଅଗ୍ନିଡେଣା ବିଜ୍ଞାନ ପତ୍ରିକାର ସମ୍ପାଦକ ପଙ୍କଜ କୁମାର ଜେନା ବଡ ମଣିଷ ନୁହଁ ଭଲ ମଣିଷ ହେବା ପାଇଁ କହିଥିଲେ। ଅଧ୍ୟାପକ ବିଦ୍ୟାଧର ପ୍ରଧାନ, ନିରଞ୍ଜନ ଜେନା, ଚନ୍ଦନ କୁମାର ନାୟକ, ଅନ୍ୟତମ ନିର୍ଦ୍ଦେଶକ କେଶବ ନାୟକ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିଚାଳନା ନିର୍ଦ୍ଦେଶକ ବିଦ୍ୟାଧର ପ୍ରଧାନ ଏଥିରେ ପୌରହିତ୍ୟ କରିବା ସହିତ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅଧ୍ୟକ୍ଷ ହରିହର ରାଉତ ଶିକ୍ଷାନୁଷ୍ଠାନ ସମୂହର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ସୌମ୍ୟାଜ୍ୟୋତି ନାୟକ ଓ ଦୟାନନ୍ଦ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ନିରଞ୍ଜନ ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନ ସମୂହର ସଫଳ ଛାତ୍ରଛାତ୍ରୀଙ୍କ ସମେତ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶିକା ସୁଚିତ୍ରା ଜେନା, ଆରାଧନା ସାହୁ, ଦେବୀସ୍ମିତା ଜେନା, ସସ୍ମିତା ନାୟକ, କମଳା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଦାଶିବ ଜେନା, ଅଜିତ କୁମାର ସାହୁ, ମନୋଜ ପ୍ରଧାନ ନିବାରଣ ଶତପଥି, ବିଭୁଦତ୍ତ ଗିରି, ତାପସ ମିଶ୍ର, ଉତ୍ତମ କୁମାର ବାରିକ, ସତ୍ୟମ ଭୂୟାଁ, ମନ୍ମଥ ପରିଡା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବାଲେଶ୍ୱରରେ ଶ୍ରୀସାଇ ସତ୍‌ଚରିତ ପାରାୟଣ ସପ୍ତାହ ଆରମ୍ଭ





ବାଲେଶ୍ୱର, ୨୮।୧୨ (ସମିସ) : ବାଲେଶ୍ୱର ସହର ଗୋପାଳଗାଁସ୍ଥିତ ଆୟୁଷ୍ମାନ କଲ୍ୟାଣ ମଣ୍ଡପଠାରେ ସାଇ ନିର୍ମାଲ୍ୟ ଓ ଶିରିଡ଼ି ସାଇ ସର୍ଭାଣ୍ଟସ ସୋସାଇଟି ଟ୍ରଷ୍ଟ ଆନୁକୂଲ୍ୟରେ ଶ୍ରୀସାଇ ସତ୍‌ଚରିତ ସମୂହ ପାରାୟଣ ସପ୍ତାହ ଆରମ୍ଭ ହୋଇଛି। ଗୁରୁବାର ଦିନ ପାରାୟଣର ଶୁଭାରମ୍ଭ ହୋଇଥିଲା ଏବଂ ଆସନ୍ତା ଗୁରୁବାର ଜାନୁୟାରୀ ୧ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଚଳିତବର୍ଷ କ୍ରମାଗତ ଦ୍ୱାଦଶ ବର୍ଷ ପାଇଁ ଏହି ପାରାୟଣ ସପ୍ତାହ ଅନୁଷ୍ଠିତ ହେଉଛି। ବାଲେଶ୍ୱର ସହର ଓ ଆଖପାଖ ଅଞ୍ଚଳରୁ ୩୫୦ରୁ ଉର୍ଦ୍ଧ୍ୱ ଭକ୍ତ ଏହି ପାରାୟଣରେ ଅଂଶଗ୍ରହଣ କରୁଛନ୍ତି। ଗୁରୁବାର ସକାଳୁ ପୋଥି ଶୋଭାଯାତ୍ରା ସହ ପାରାୟଣ ସପ୍ତାହର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଥିଲା। ଭକ୍ତମାନେ ମସ୍ତକରେ ପବିତ୍ର ଗ୍ରନ୍ଥ ଧାରଣ କରି ଏକ ଶୋଭାଯାତ୍ରାରେ ଗୋପାଳଗାଁସ୍ଥିତ ଶିରିଡ଼ି ସାଇ ମନ୍ଦିରକୁ ଯାଇଥିଲେ ଓ ସେଠାରୁ ପାରାୟଣସ୍ଥଳକୁ ଆସିବା ପରେ ସଂକଳ୍ପ ପୂଜା ଅନୁଷ୍ଠିତ ହୋଇଥିଲା। ଏହାପରେ ପ୍ରଥମ ଦିନର ପାରାୟଣ ହୋଇଥିଲା। ପ୍ରତିଦିନ ସକାଳେ ଆରତୀ ଓ ପୂଜାର୍ଚ୍ଚନା ପରେ ପବିତ୍ର ଗ୍ରନ୍ଥର ପାରାୟଣ ହେଉଛି। ସନ୍ଧ୍ୟାରେ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ରଚିତ ପବିତ୍ର କାବ୍ୟଗ୍ରନ୍ଥ ଶ୍ରୀଗୁରୁ ଭାଗବତର ପାରାୟଣ ହେଉଛି। ଆସନ୍ତା କାଲି ରବିବାର ବାବାଙ୍କର ପାଲକୀ ଶୋଭାଯାତ୍ରା ସହର ପରିକ୍ରମା କରିବ। ଏଥିପାଇଁ ଭକ୍ତମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଛି। ୩୦ ତାରିଖ ଦିନ ଆମ ଓଡ଼ିଶା ଆନୁକୂଲ୍ୟରେ ରକ୍ତଦାନ ଶିବିରର ଆୟୋଜନ କରାଯାଇଛି। ସାଇ ନିର୍ମାଲ୍ୟର ଅଧ୍ୟକ୍ଷ ତଥା ଶ୍ରୀସାଇ ସତ୍‌ଚରିତ ଗ୍ରନ୍ଥର ଅନୁବାଦକ ଶ୍ରୀ ସତ୍ୟ ଖଣ୍ଡରାୟଙ୍କ ମାର୍ଗଦର୍ଶନରେ ପାରାୟଣ ସପ୍ତାହ ପରିଚାଳନା ହେଉଛି। ପାରାୟଣ ସପ୍ତାହ ଆୟୋଜନରେ ବାଲେଶ୍ୱର ସାଇ ନିର୍ମାଲ୍ୟ ପରିବାରର ମୁଖ୍ୟ ସଞ୍ଜୟ ମହାପାତ୍ର, ପ୍ରକାଶ ସାହୁ, ଅନୋଜ ଦାସ, ଜିତୁ ପରମାଣିକ ପ୍ରମୁଖ ବିଶେଷ ଭୂମିକା ଗ୍ରହଣ କରିଛନ୍ତି।

# ଗୋପନାରାୟଣ ଦାସ ସ୍ମାରକୀ ଅଲ୍‌ଇଣ୍ଡିଆ କ୍ରିକେଟ ଉଦ୍‌ଘାଟିତ

ବାଲେଶ୍ୱର,୨୮ ।୧୨(ସମିସ)



ଆଦର୍ଶ କ୍ଲବ ଆନୁକୂଲ୍ୟରେ ରୋଟାରୀ କ୍ଲବ ସହଯୋଗରେ ପୂର୍ବତନ ବିଧାୟକ ଗୋପନାରାୟଣ ଦାସଙ୍କ ସ୍ମୃତିରେ ଆରମ୍ଭ ହୋଇଛି ଦ୍ୱିତୀୟ ଗୋପନାରାୟଣ ଦାସ ମେମୋରିଆଲ ଅଲ ଇଣ୍ଡିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ପରମିଟ ପଡିଆରେ ଆୟୋଜିତ ଉଦଘାଟନୀ ଉତ୍ସବରେ ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ନୋସିର ସଭାପତି ତଥା ଓରି ପ୍ଲାଷ୍ଟର ପରିଚାଳନା ନିର୍ଦ୍ଦେଶକ ପ୍ରଜୟ କୁମାର ଡାଭେ, ଆଦର୍ଶ କ୍ରିକେଟ କ୍ଲବର ସଭାପତି ତଥା ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଶିକ୍ଷାବିତ୍ ସୁଧାଂଶୁ ପଣ୍ଡା, ସମାଜସେବୀ ପର୍ଶୁରାମ ବେହେରା, ଇମାମିର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ, ଟାଉନ ଥାନା ଅଧିକାରୀ ବିଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରୋଟାରିଆନ ସୁବ୍ରତ କରଙ୍କ ପୌରହିତ୍ୱରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ଆଦର୍ଶ କ୍ଲବର ସମ୍ପାଦକ ଇଂ ବିଭୁପଦ ଦାସ ଟୁର୍ଣ୍ଣାମେଂଟ ଆୟୋଜନର ଆଭିମୁଖ୍ୟ ଓ ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଉଦଘାଟନୀ ଦିବସରେ ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ବାଲେଶ୍ୱରର ରକି ସ୍ପୋଟିଂ ଓ ବାଲେଶ୍ୱର କ୍ରିକେଟ ଏକାଡେମି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରକି ସ୍ପୋଟିଂ ପ୍ରଥମେ ଟସ ଜିତି ବ୍ୟାଟିଂ କରି ୧୭ ଓଭର ଖେଳରେ ୯ ୱିକେଟ ବିନିମୟରେ ୧୫୪ ରନ କରିଥିଲା। ଦଳର ଖେଳାଳୀ ସ୍ମୃତି ରଞ୍ଜନ ନାୟକ ସର୍ବାଧିକ ୬୨ ରନ କରିଥିଲେ। ବାଲେଶ୍ୱର ସ୍ପୋଟିଂର ବୋଲର ଏମଡି ସମୀର ୨୨ ରନ ଦେଇ ୩ ୱିକେଟ ହାତେଇଥିବା ବେଳେ ଅନ୍ୟତମ ବୋଲର ଆଶିଷ କୁମାର ମହାପାତ୍ର ୨୩ ରନ ଦେଇ ୩ୱିକେଟ ନେଇଥିଲେ। ୧୫୫ ରନର ବିଜୟ ଲକ୍ଷ୍ୟ ନେଇ ବାଲେଶ୍ୱର କ୍ରିକେଟ ଏକାଡେମୀ ୧୦୬ ରନ କରି ଅଲଆଉଟ ହୋଇଯାଇଥିଲା। ରକି ସ୍ପୋଟିଂର ବୋଲର ଜ୍ୟୋତି ପ୍ରକାଶ ଦାଶ ୪ ଓଭର ବୋଲିଂ କରି ୧ ଓଭର ମେଡେନ ସହ ୬ ରନ ଦେଇ ୫ ୱିକେଟ ହାସଲ କରିଥିଲେ। ରକି ସ୍ପୋର୍ଟିଂ ୪୮ ରନରେ ବିଜୟୀ ହୋଇଥିଲା। ଜ୍ୟୋତି ପ୍ରକାଶଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଅଲରାଉଣ୍ଡର କ୍ଲବ ଓ ସମ୍ରାଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଅଲରାଉଣ୍ଡର କ୍ଲବ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୧୪ ଓଭର ବିଶିଷ୍ଟ ମ୍ୟାଚରେ ୫ ୱିକେଟ ହରାଇ ୧୦୯ ରନ ସଂଗ୍ରହ କରିଥିଲା। ସମ୍ରାଟ କ୍ଲବର ବୋଲର ସୁଜିତ୍ ଦାସ ୩ ଓଭର ବୋଲିଂ କରି ୨୧ ରନ ଦେଇ ୪ଟି ୱିକେଟ ହାସଲ କରିଥିଲେ। ୧୧୦ ରନର ପିଛା କରି ସମ୍ରାଟ କ୍ଲବ ୫୪ ରନରେ ଅଲଆଉଟ ହୋଇଥିବାବେଳେ ଅଲରାଉଣ୍ଡର କ୍ଲବ ବିଜୟୀ ହୋଇଥିଲା। ଅଲରାଉଣ୍ଡ କ୍ଲବର ବୋଲର ଏସ କେ ଅମଜିତ୍ ୩ ଓଭର ବୋଲିଂ କରି ୮ ରନ ଦେଇ ୩ଟି ୱିକେଟ ହାତେଇ ଥିବା ବେଳେ ବ୍ରଜ ମୋହନ ରାଉତ ୨ ଓଭର ବୋଲିଂ କରି ୧୦ ରନ ଦେଇ ୨ଟି ୱିକେଟ ହାସଲ କରିଥିଲେ। ଅଲରାଉଣ୍ଡର କ୍ଲବର ଖେଳାଳୀ ବ୍ରଜ ମୋହନ ରାଉତ୍‌ଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା ହୋଇଥିଲା। ପରେ ପୁରସ୍କାର ବିତରଣ ଉତ୍ସବରେ ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ସଂଘର ଯୁଗ୍ମ ସମ୍ପାଦତ ଅଜିତ ପାତ୍ର ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ଖେଳାଳୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ପ୍ରଥମ ମ୍ୟାଚକୁ ଅଶ୍ୱନୀ ସାମଲ ଓ ଶାନ୍ତନୁ ଦାସ ପରିଚାଳନା କରିଥିବା ବେଳେ ଦ୍ୱିତୀୟ ମ୍ୟାଚକୁ ଶାନ୍ତନୁ ଦାସ ଓ ମିନାଜ୍ ଚାନ୍ଦ ପରିଚାଳନା କରିଥିଲେ। ବୃଷଭାନୁ ମହାପାତ୍ର ଟୁର୍ଣ୍ଣାମେଂଟରେ ଭାଷ୍ୟାକାର ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ଟୁର୍ଣ୍ଣାମେଂଟରେ ବାଲେଶ୍ୱରର ୯ଟି ଟିମ ସହିତ ଯାଜପୁର, ଜଗତସିଂପୁର, କଟକ, ଭୁବନେଶ୍ୱର, ଛତିଶଗଡ଼, ୱେଷ୍ଟ ବେଙ୍ଗଲର ଟିମ୍ ଅଂଶ ଗ୍ରହଣ କରିବେ। ଲୋକାଲ ଫାଇନାଲ ୩୧ତାରିଖ ଦିନ ଖେଳାଯିବ। ଜାନୁଆରୀ ୧ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ଅଲଇଣ୍ଡିଆ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ୪ତାରିଖ ଦିନ ଫାଇନାଲ ମ୍ୟାଚ ଖେଳାଯିବା ସହିତ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ରୋଟାରିଆନ ମାତୃଦତ୍ତ ଦାସ, ଆଦର୍ଶ କ୍ଲବର ସଦସ୍ୟ ସେକ ମିନାଜ, ଜ୍ଞାନେନ୍ଦ୍ର କୁମାର ପରିଡ଼ା, ତପନ ମୁର୍ମୁ, କୁଲଦୀପ, ସୁଜିତ୍, ନାଜ୍ରୁଲ ଖାନ୍, ପ୍ରଭାତ ବେହେରା, ଦିପ୍ତେଶୁ ଦେ, ଲୋସନାଥ ମୁର୍ମୁ, ଅଭିଜିତ ପଣ୍ଡା ପ୍ରଭାତ ବେହେରା, ଗୌତମ ସାମଲ, ବିରୁପକ୍ଷ ଜେନା ପ୍ରମୁଖ ଟୁର୍ଣ୍ଣାମେଂଟ ପରିଚାଳନା କରୁଛନ୍ତି।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଭୋଗରାଇ, ୨୮।୧୨ (ସମିସ) : ଭୋଗରାଇ ବ୍ଲକ କୁମ୍ଭାରମୁଳି ପଞ୍ଚାୟତ ଅନ୍ତର୍ଗତ ଚୌକି ଗ୍ରାମର ଖ୍ୟାତନାମା ବୈଦ୍ୟରାଜ ସ୍ୱର୍ଗତ ବସନ୍ତ କୁମାର ପଣ୍ଡାଙ୍କ ଧର୍ମପତ୍ନୀ ସରସ୍ୱତୀ ପଣ୍ଡାଙ୍କ ଗୁରୁବାର ସନ୍ଧ୍ୟାରେ ପରଲୋକ ହୋଇ ଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ହୋଇଥିଲା। ସେ ବାର୍ଦ୍ଧକ୍ୟ ଜନୀତ ରୋଗରେ ଦୀର୍ଘ ଦିନ ଧରି ପୀଡ଼ିତ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ପୁତ୍ର ରାମକୃଷ୍ଣ ଓ ଶ୍ରୀକୃଷ୍ଣ, ଦୁଇ ପୁତ୍ରବଧୂ, ନାତି ନାତୁଣୀ, କନ୍ୟା ଅନ୍ନପୂର୍ଣ୍ଣା ସହ ତିନି ଭାଇ, ଭଉଣୀ ଓ ପରିବାରବର୍ଗ ଉପସ୍ଥିତ ଥିଲେ।






## ଭୁବନେଶ୍ୱର ସିଟି

# ଯୁବକଙ୍କ ମୁଣ୍ଡକୁ ପଥରରେ ଛେଚି ଦେଲେ

ଭୁବନେଶ୍ୱର, ୨୮।୧୨ (ସମିସ): ଯୁବକଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହିର ରଞ୍ଜିତ କହଁର ଓରଫ୍ ଟିକି (୨୩)। ପୁଲିସ ସୂଚନାନୁସାରେ, ସାଲିଆ ସାହି ଶକ୍ତି ବିହାର ଅଞ୍ଚଳରେ ଭେରାଇଟି ଷ୍ଟୋର କରିଥିବା ସଦାଶିବ ମହାରଣାଙ୍କୁ ସ୍ଥାନୀୟ ଅଞ୍ଚଳର ରଞ୍ଜିତ,



ରତନା, ମଙ୍ଗୁ ଓ ସହଯୋଗୀମାନେ କମେଣ୍ଟ ମାରିଥିଲେ। ସଦାଶିବଙ୍କ ପାଳିତ ମାଆ ବିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରିଥିଲେ। ଗତକାଲି ସନ୍ଧ୍ୟାରେ ସଦାଶିବ ଦୋକାନ ସାମ୍ନାରେ ଛିଡ଼ା ହୋଇଥିବା ବେଳେ ମଙ୍ଗୁ, ରତନା, ରଞ୍ଜିତ, ବାଦଲ ଓ ୧୫ ରୁ ୨୦ ଜଣ ପହଞ୍ଚି ତାଙ୍କୁ ଟାଣିନେଇ ଯାଇଥିଲେ। ଏହାକୁ ବିରୋଧ କରିବାରୁ ଅଭିଯୁକ୍ତମାନେ ଦୋକାନ ଭିତରେ ପଶି ସଦାଶିବଙ୍କ ମାଆଙ୍କୁ ମଧ୍ୟ ଟାଣି ଆଣିଥିଲେ। ଏକ ପଥର ଖଣ୍ଡ ଆଣି ମାଆ ଓ ପୁଅଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଦୋକାନରେ ପଶି ଭଙ୍ଗାରୁଜା କରିବା ସହ ୨୦ ହଜାର ଟଙ୍କା ଲୁଟି ନେଇଥିଲେ। ଲୋକମାନେ ରୁଣ୍ଡ ହେବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଆକ୍ରମଣରେ ଉଭୟ ମାଆ ଓ ପୁଅଙ୍କ ମୁଣ୍ଡରୁ ରକ୍ତସ୍ରାବ ହୋଇଥିଲା। ଏଥିସହିତ ତାଙ୍କ ମାଆଙ୍କ କାନଫୁଲ ଛଡ଼ାଇ ନେଇଥିଲେ। ମାଆ ପୁଅ ଚିକିତ୍ସିତ ହୋଇ ଡାକ୍ତରଖାନାରୁ ଫେରୁଥିବା ବେଳେ ରତନା ଓ ମଙ୍ଗୁ ଗାଳିଗୁଲଜ କରିବା ସହ ଯେଉଁଠାରେ ରହିଲେ ବି ଉଠାଇ ନେଇ ହତ୍ୟା କରିବେ ବୋଲି ଧମକ ଦେଇଥିଲେ। ଅଭିଯୋଗ ଆଧାରରେ ମୈତ୍ରୀ ବିହାର ଥାନା ପୁଲିସ ମାମଲା ରୁଜୁ କରିଥିଲା। ଆଜି ରଞ୍ଜିତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୂର୍ବରୁ ରଞ୍ଜିତ ନାଁରେ ୮ଟି ଆପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

# ତୀର୍ଥ ଯାତ୍ରା ଆଳରେ ୭୨ ଲକ୍ଷ ଠକେଇ

ଭୁବନେଶ୍ୱର,୨୮।୧୨(ସମିସ): ତୀର୍ଥ ଯାତ୍ରା କରାଇବା ନାଁ ରେ ୭୨ ଲକ୍ଷ ଠକେଇ ହୋଇଛି। ଠକେଇର ଶିକାର ହୋଇଛନ୍ତି ଜଣେ ଟ୍ରାଭେଲ ଏଜେନ୍ସି ମାଲିକ। ସେ ହେଲେ ମହମ୍ମଦ ସଲମାନ। ଠକେଇର ଶିକାର ହେବା ପରେ ଭୁବନେଶ୍ୱର ସାଇବର ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ମୁତାବକ ମହମ୍ମଦ ସଲମାନଙ୍କର ଭୁବନେଶ୍ୱର ୟୁନିଟ-୪ରେ ଏକ ଟ୍ରାଭେଲ ଏଜେନ୍ସି ରହିଛି। ମହମ୍ମଦ ସଲମାନ ହଜ୍ ଯାତ୍ରା ପାଇଁ ୧୧୨ ଜଣଙ୍କୁ ସାଉଦି ଆରବ ନେବା ପାଇଁ ଟଙ୍କା ଆଦାୟ କରିଥିଲେ। ଏହାପରେ ଗୁଗୁଲରେ ସାଉଦି ଆରବର ଟ୍ରାଭେଲ ଏଜେନ୍ସିକୁ ଭିସା ଓ ହୋଟେଲ ବୁକିଂ ପାଇଁ ଯୋଗାଯୋଗ କରିବା ବେଳେ ଜଣେ ଡିସକାଉଣ୍ଟରେ ସୁବିଧା କରିଦେବେ ବୋଲି ଫୋନ ଯୋଗେ ପ୍ରତିଶ୍ରୁତି ଦେଇଥିଲେ।

**ସାଇବର ଥାନାରେ ଅଭିଯୋଗ**

ପ୍ରତିଶ୍ରୁତି ମୁତାବକ ୧୧୨ ଜଣଙ୍କୁ ନେଇ ମୁମ୍ବାଇ ଏୟାରପୋର୍ଟରେ ପହଞ୍ଚିବା ପରେ ନା ଥିଲା ଭିସାର ଯୋଗାଡ଼ ନାଥିଲା ହୋଟେଲ ବୁକିଂ। ଓଲଟା ଆକାଉଣ୍ଟରୁ କଟି ଚାଲିଥିଲା ଟଙ୍କା। ନିରାଶ ହୋଇ ଫେରିବା ପରେ ମହମ୍ମଦ ସଲମାନ ଭୁବନେଶ୍ୱର ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସମୁଦାୟ ୭୨ଲକ୍ଷ ହରାଇବା ପରେ ଘରେ ସୁନା ଅଳଙ୍କାର ବିକ୍ରି କରି ଲୋକଙ୍କ ଟଙ୍କା ସୁଝିଥିବା କ୍ଷୋଭ ପ୍ରକାଶ କହିଛନ୍ତି ଟ୍ରାଭେଲ ଏଜେନ୍ସି ମାଲିକ।

# ମଦ ପିଇବାକୁ ବାରଣ କରିବାରୁ ଖଣ୍ଡା ଚୋଟ

ଭୁବନେଶ୍ୱର, ୨୮।୧୨ (ସମିସ):

ନୂଆବର୍ଷ ଆଗରୁ ଧୀରେ ଧୀରେ ଅଶାନ୍ତ ହେଉଛି ରାଜଧାନୀ। ଗତକାଲି ୟୁନିଟ୍ ୮ ଅଞ୍ଚଳରେ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଥିବାବେଳେ ଆଜି ପୁଣି ସମାନ ଘଟଣା ଘଟିଛି। ମଦ ପିଇବାକୁ ବାରଣ କରିବାରୁ ଆତଙ୍କ ରଚିଛି ଅସାମାଜିକ ଯୁବକ। ଏକାଧିକ ସହକର୍ମୀଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣିଛି। ଖଣ୍ଡା ଚୋଟରେ ରମେଶ ସେଠୀ ଓ ଅମର ନାମକ ଦୁଇ ଜଣ ଡେଲିଭରୀ ବୟ ଗୁରୁତର ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଆକ୍ରମଣ କରିଥିବା ଆଦିତ୍ୟ ପ୍ରଧାନ ଫେରାର ହୋଇଯାଇଛି। ମଦର ଟେରେସା ମାର୍ଗରେ ଏପରି ଘଟଣା ଘଟିଥିବାବେଳେ ତଦନ୍ତ ଆରମ୍ଭ କରିଛି ଖାରବେଳ ନଗର ଥାନା ପୁଲିସ।

ସୂଚନା ଅନୁଯାୟୀ, ରମେଶ, ଅମର ଓ ଆଦିତ୍ୟ ମଦର ଟେରେସା ମାର୍ଗରେ ଥିବା ଏକ ଘରୋଇ ମାର୍ଟରେ ଡେଲିଭରୀ ବୟ ଭାବେ କାମ କରନ୍ତି। ରବିବାର ୩ ଜଣଙ୍କ

**ଅଶାନ୍ତ ହେଉଛି ରାଜଧାନୀ**

**୨ ଗୁରୁତର; ୩ ଆହତ**

**ପୁଲିସର ତନାଘନା, ଅଭିଯୁକ୍ତ ଫେରାର**

ସମେତ ଅନ୍ୟ କର୍ମଚାରୀମାନେ ମିଶି ମାର୍ଟ ପଛପଟେ ଭୋଜିଭାତ କରୁଥିଲେ। ଆଦିତ୍ୟ ମଦ ପିଇବାକୁ କହୁଥିବା ବେଳେ ରମେଶ ଓ ଅନ୍ୟମାନେ ବାରଣ କରିଥିଲେ। ସେହି କଥାକୁ ନେଇ ରମେଶ ଓ ଆଦିତ୍ୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିସହ କଥା ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଆଦିତ୍ୟ ସମସ୍ତଙ୍କୁ ଗାଳିଗୁଲଜ କରି ସେଠାରୁ ଚାଲି ଯାଇଥିଲା। ହେଲେ କିଛି ସମୟ ପରେ ଏକ ଖଣ୍ଡା ଧରି ଆସି ପହଞ୍ଚିଥିଲା। କେହି କିଛି ବୁଝିବା ଆଗରୁ ହଠାତ୍ ରମେଶଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲା। ରମେଶ ଦୌଡ଼ୁଥିବା ବେଳେ ଆଦିତ୍ୟ ଗୋଡ଼ାଇ ଗୋଡ଼ାଇ ହାଣିଥିଲା। ଲଗାତାର ଆକ୍ରମଣ ଫଳରେ ରମେଶ ତଳେ ପଡ଼ି ଯାଇଥିଲେ। ପାଖରେ ଥିବା ଅମର ସମେତ ଅନ୍ୟମାନେ ତାଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିବାରୁ ଆଦିତ୍ୟ ତାଙ୍କୁ ମଧ୍ୟ ଛାଡ଼ି ନଥିଲା। ପରିସ୍ଥିତି ଏମିତି ହୋଇଥିଲା ଯେ, ଯିଏ ଆଗକୁ ଆସିଲା ଆଦିତ୍ୟ ତାଙ୍କୁ ହାଣି ଚାଲିଥିଲା। ଜଣକ ପରେ ଜଣେ କରି ପ୍ରାୟ ୫ ଜଣଙ୍କୁ ଖଣ୍ଡା ଚୋଟରେ ଘାଇଲା କରିଥିଲା। ୫ ଜଣଙ୍କୁ ଖଣ୍ଡାରେ ହାଣିବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ପୁଲିସକୁ ଖବର ନ ଦେବାକୁ ପାଖ ଦୋକାନୀଙ୍କୁ ଧମକଚମକ ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା।

ସ୍ଥାନୀୟ ଲୋକମାନେ ରମେଶ ଓ ଅମରଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅମର ଆହତ ହୋଇଥିବାବେଳେ ରମେଶଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଉଭୟଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି। ଖବରପାଇ ଖାରବେଳ ନଗର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଛି। ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରି ଆଦିତ୍ୟକୁ ଧରିବାକୁ ଉଦ୍ୟମ ଚଳାଇଛି।

ଅନ୍ୟପକ୍ଷରେ ଗତକାଲି ୟୁନିଟ୍ ୮ ଅଞ୍ଚଳରେ ଜିତେନ୍ଦ୍ର ଦାସ ଓରଫ୍ ବବୁଲଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ ଦୁର୍ବୃତ୍ତ। ବବୁଲଙ୍କ ଅବସ୍ଥା ମଧ୍ୟ ସଙ୍କଟାପନ୍ନ ରହିଛି। ତାଙ୍କୁ ଏବେ ଭେଣ୍ଟିଲେଟର୍‌ରେ ରଖାଯାଇଛି। ସେହି ଘଟଣାରେ ନୂଆପଲ୍ଲୀ ଥାନା ପୁଲିସ ଏଯାଏଁ ଅଭିଯୁକ୍ତଙ୍କୁ ଧରି ପାରିନଥିବା ବେଳେ ଆଜି ଖାରବେଳ ନଗର ଅଞ୍ଚଳରେ ଏଭଳି ଘଟଣା ଘଟିଛି। ବାରମ୍ବାର ହଣାକଟା ଫଳରେ ପୁଲିସ ହାତରୁ ଆଇନଶୃଙ୍ଖଳା ଖସୁଥିବା ପରି ମନେ ହେଉଛି। ଆଗକୁ ନୂଆବର୍ଷ ଆସୁଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ରାଜଧାନୀକୁ ଆସିବେ। ଏଭଳି ସମୟରେ ଅପରାଧୀମାନେ ଗୋଟିଏ ପରେ ଗୋଟିଏ କାଣ୍ଡ ଭିଆଇବା କମିସନରେଟ ପୁଲିସର ପାରିବା ପଣିଆକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଭଗବତୀ ବିକାଶ ପରିଷଦର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୨୮।୧୨ (ସମିସ): ମା' ଭଗବତୀ ବିକାଶ ପରିଷଦର ଷୋଡ଼ଶତମ ବାର୍ଷିକ ଉତ୍ସବ ରବିବାର ଜୟଦେବ ଭବନଠାରେ ପାଳିତ ହୋଇଯାଇଛି। ଉତ୍ସବରେ ପରିଷଦର ସଭାପତି ପ୍ରାକ୍ତନ ମନ୍ତ୍ରୀ ଡ. ଦେବେନ୍ଦ୍ର ନାଥ ମାନସିଂହ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଇନ, ପୂର୍ତ୍ତ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦାନ କରି ଚିଲିକା ନିର୍ବାଚନ ମଣ୍ଡଳୀର ବିକାଶ ସମ୍ବନ୍ଧରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ପରିଷଦ ପକ୍ଷରୁ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ବିକାଶ ପାଇଁ ୭୦ରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ସମ୍ବଳିତ ଏକ ପୁସ୍ତିକା ତାଙ୍କୁ ଅର୍ପଣ କରାଯାଇଛି। ଅନ୍ୟାନ୍ୟ ଅତିଥିଙ୍କ ମଧ୍ୟରେ ନ୍ୟାୟମୂର୍ତ୍ତି ଆଦିତ୍ୟ କୁମାର ମହାପାତ୍ର, ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ସେମାନଙ୍କ ଅଭିଭାଷଣ ରଖିଥିଲେ। ଅତିଥିମାନଙ୍କ ଦ୍ୱାରା ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀ ସଂଯୋଜନା କରିଥିବାବେଳେ ଅଧ୍ୟାପିକା ତ୍ରିବେଣୀ ଭୋଳ ସହଯୋଗ କରିଥିଲେ। ସମ୍ପାଦକ ସୁବଳ ଚରଣ ଭୋଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଯୁଗ୍ମ ସମ୍ପାଦକ ବିବୁଧେନ୍ଦୁ ଭୋଳ ପ୍ରସ୍ତାବନା ପୁସ୍ତିକା ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ସଭାପତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ପ୍ରଦୀପ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଚିଲିକା ନିର୍ବାଚନ ମଣ୍ଡଳୀର ଡ. ଲଡୁକେଶୋର ଭୋପା, ଡ. ଗୋଦାବରୀଶ ଜେନା, ଗାର୍ଗୀ (ପଣ୍ଡା) ମହାପାତ୍ର ପ୍ରମୁଖଙ୍କୁ ମା' ଭଗବତୀ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଚିଲିକା ନିର୍ବାଚନ ମଣ୍ଡଳୀର ବାଣପୁର ସରସ୍ୱତୀ ଶିଶୁ ମନ୍ଦିର ଛାତ୍ର ଚନ୍ଦନ ସ୍ୱାଇଁଙ୍କୁ ଲକ୍ଷ୍ମୀଧର ଭୋଳ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିଲା।

# ଶାନ୍ତିସ୍ତୂପ ପରିଦର୍ଶନ କଲେ ମୁଖ୍ୟ ନିର୍ବାଚନ କମିଶନର

ଧଉଳି, ୨୮।୧୨ (ସମିସ): ଓଡ଼ିଶା ଗସ୍ତରେ ଆସିଥିବା ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ତାଙ୍କ ସହଧର୍ମିଣୀ ଆଜି ଐତିହାସିକ ପର୍ଯ୍ୟଟନ ସ୍ଥଳୀ ଶାନ୍ତିସ୍ତୂପ ଧଉଳି ଏବଂ ପାଖରେ ଥିବା ସମ୍ରାଟ ଅଶୋକ ଶିଳାଲେଖ, ହାତୀ ଗୁମ୍ଫା ପରିଦର୍ଶନ କରି ବୌଦ୍ଧ ସଂସ୍କୃତି ଓ ଏହାର ଇତିହାସ ସମ୍ବନ୍ଧରେ ବୌଦ୍ଧ



ସନ୍ୟାସୀଙ୍କ ଠାରୁ ଅବଗତ ହୋଇଥିଲେ। ଶାନ୍ତିସ୍ତୂପ ଉପରୁ ମନ୍ଦିରମାଳିନୀ ଭୁବନେଶ୍ୱର ସହର ଓ ରକ୍ତର ନଦୀ ଦୟାନଦୀର ସୌନ୍ଦର୍ଯ୍ୟକୁ ଉପଭୋଗ କରିଥିଲେ। ପରେ ବୌଦ୍ଧଧର୍ମୀଙ୍କ ପ୍ରାର୍ଥନା ମନ୍ଦିର ଯାଇ ସେଠାରେ ପୂଜାର୍ଚ୍ଚନା କରିଥିଲେ। ଭାରତ ଶାନ୍ତି ଓ ମୈତ୍ରୀ ପାଇଁ ସାରା ବିଶ୍ୱରେ ପରିଚିତ। ଧଉଳି ଶାନ୍ତିସ୍ତୁପରୁ ଶାନ୍ତିର ବାର୍ତ୍ତା ସମଗ୍ର ବିଶ୍ୱକୁ ଅଧିକରୁ ଅଧିକ ସମ୍ପ୍ରସାରିତ ହେଉ ବୋଲି ସେ କାମନା କରିଥିଲେ। ନିର୍ବାଚନ କମିଶନରଙ୍କ ଏହି ଗସ୍ତ ସମୟରେ ଧଉଳି ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# ବ୍ଲିସ୍‌ଫୁଲ ଯୋଗ ସେଣ୍ଟରର ଖ୍ରୀଷ୍ଟମାସ୍ ଉତ୍ସବ

ଭୁବନେଶ୍ୱର, ୨୮।୧୨(ସମିସ): ନିୟୁ ଫରେଷ୍ଟ ପାର୍କସ୍ଥିତ ବ୍ଲିସଫୁଲ୍ ଯୋଗ ସେଣ୍ଟର ପକ୍ଷରୁ ସେଣ୍ଟର ପରିସରରେ ବଡ଼ଦିନ ଓ ଖ୍ରୀଷ୍ଟମାସ୍ ଉତ୍ସବ ପାଳିତ ହୋଇଛି। ପ୍ରାରମ୍ଭରେ ଆଦୃତର ଶିଶୁମାନଙ୍କ ଦ୍ୱାରା ପ୍ରସ୍ତୁତ ବିଶ୍ୱପ୍ରସିଦ୍ଧ ଓଡ଼ିଶାର ୟୁନେସ୍କୋ ଇନଟାଞ୍ଜିବଲ କଲଚରାଲ ହେରିଟେଜ ମାନ୍ୟତା ପାଇଥିବା ପାରମ୍ପରିକ ଛଉନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଯାହା ଉପସ୍ଥିତ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ଏହାପରେ ଓଡ଼ିଶାର ପର୍ବପର୍ବାଣୀ ଆଧାରିତ ଲୋକ ନୃତ୍ୟରେ ରାଜ୍ୟର ସମୃଦ୍ଧ ସଂସ୍କୃତିକୁ ଉପସ୍ଥାପିତ ଯାଇଥିଲା। ପରବର୍ତ୍ତୀ ପ୍ରସ୍ତୁତିରେ




ବ୍ଲିସଫୁଲ କିଡ୍‌ସ ଗ୍ରୁପ ଦ୍ୱାରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଜନ ଆଧାରିତ ଯୋଗ ନୃତ୍ୟ ପରିବେଷଣ ସହ ଯୋଗ ସେଣ୍ଟରର ଛାତ୍ର ଓମ୍ କୁମାର ପାତ୍ର ଏକକ ଯୋଗ ନୃତ୍ୟ ପରିବେଷଣ କରିଥିଲେ। ଯେଉଁଥିରେ ଯୋଗ ମାଧ୍ୟମରେ ଶାରୀରିକ ସନ୍ତୁଳନ ଏବଂ ଅନ୍ତର୍ନିହିତ ଶକ୍ତିକୁ ଅତି ଚମତ୍କାର ଢଙ୍ଗରେ ସେ ପ୍ରଦର୍ଶନ କରିଥିଲେ। ଶେଷରେ ମୋନିକା ସାମନ୍ତରାୟ ଓ ସାଥୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ, ଖୋର୍ଦ୍ଧା ଡିସିପିଓ ବାଣିଶ୍ରୀ ପଟ୍ଟନାୟକ, ଡିଏସ୍‌ଓ ଗୀତାଞ୍ଜଳି ଜେନା, ଆଦୃତ ଶିଶୁ ଗୃହର ପ୍ରତିଷ୍ଠାତା ଡ. ଆଦିତ୍ୟ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୋଗ ସେଣ୍ଟରର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶିକା ସୌମ୍ୟା ଶେଫାଳିକା ଦାଶଙ୍କ ସହ ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଜେବିଏଲ୍‌ଙ୍କୁ ହରାଇ ଗେମ୍ ଚେଞ୍ଜର୍ ଚାମ୍ପିଅନ

ବାଲିଅନ୍ତା,୨୮ ।୧୨(ସମିସ): ବାଲିଅନ୍ତା ବ୍ଲକ ହୀରାପୁରସ୍ଥିତ ମହାମାୟା ଖେଳପଡିଆରେ ଚାଲିଥିବା ହୀରାପୁର ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଆଜି ଜେବିଏଲକୁ ହରାଇ ଗେମ ଚେଞ୍ଜର ଚାମ୍ପିଅନ ହୋଇଛି। ଜେବିଏଲ ୬ ଓଭରରେ ୬ ଉଇକେଟ ହରାଇ ୬୯ ରନ କରିଥିଲେ। ଜବାବରେ ଗେମ ଚେଞ୍ଜର ୫ ଉଇକେଟ ହରାଇ ବିଜୟୀ ହୋଇଥିଲା। ଏହି ଅବସରରେ ସଞ୍ଜୟ କୁମାର ମହାନ୍ତି, ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ଶିକ୍ଷାବିତ ବିଦ୍ୟୁଭୂଷଣ ପଟ୍ଟନାୟକ, ମୁଖ୍ୟ ଉପଦେଷ୍ଟା ଚକ୍ରଧର ନାୟକ, ସୁକାନ୍ତ କୁମାର ସାହୁ, ରବିନ୍ଦ୍ର ନାୟକ, ସଞ୍ଜୟ କୁମାର ସାହୁ, ଗୁଣନିଧି ନାୟକ, ମନୋଜ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅକ୍ଷୟ କୁମାର ଦାସ, ଧରଣୀଧର ଦାସ, ସନ୍ତୋଷ କୁମାର ନାୟକ, କିଶୋର ଚନ୍ଦ୍ର ଦାସ, ରବିନ୍ଦ୍ରନାଥ ସାହୁ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ମ୍ୟାଚ ପରିଚାଳନା କରିଥିଲେ ବିକନ, ସନ୍ତୋଷ, ଧରଣୀଧର ଦାସ, ତପନ କୁମାର ସାହୁ। ଏ ନେଇ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ଚାମ୍ପିଅନ ଗେମ ଚେଞ୍ଜର ଇଲେଭେନ୍‌କୁ ଅତିଥିବୃନ୍ଦ ନଗଦ ୫୦ ହଜାର ଟଙ୍କା ସହିତ କପ, ରନର୍ସ ଅପ ଟିମ ଜେବିଏଲ ଟିମକୁ ୪୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ।

# 'ଅନୁବାଦ ଦ୍ୱାରା ଭାଷା ସାହିତ୍ୟ ସମୃଦ୍ଧ ହୋଇଥାଏ'

ଭୁବନେଶ୍ୱର, ୨୮।୧୨ (ସମିସ) : ଅନୁବାଦ ଦ୍ୱାରା ଭାଷା ସାହିତ୍ୟ ସମୃଦ୍ଧ ହେବା ସହ ଉଭୟ ଭାଷା ପରସ୍ପର ପ୍ରଭାବିତ ହୋଇଥାନ୍ତି ବୋଲି ଶିଶୁ ସାହିତ୍ୟ ପତ୍ରିକା 'ଝୁମୁକା'ର ୩୯ତମ ସାରସ୍ୱତ ମହୋତ୍ସବରେ ମତ ପ୍ରକାଶ ପାଇଛି। ରେଡ୍‌କ୍ରସ୍ ଭବନରେ ଆୟୋଜିତ ଏହି ମହୋତ୍ସବରେ 'ଶିଶୁସାହିତ୍ୟରେ ଅନୁବାଦ : ସମ୍ଭାବନାର ଦିଗନ୍ତ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଅସମୀୟା ଲେଖିକା ଅଜନ୍ତା ସାଇକିଆ ଦତ୍ତ ଯୋଗଦେଇ ପିଲାମାନେ ଯେଉଁ ମାଧ୍ୟମରେ ପଢ଼ିଲେ ମଧ୍ୟ ନିଜ ମାତୃଭାଷାରେ ଥିବା ନାନାବାୟା ଗୀତ ଓ ଲୋକକଥା ମାଧ୍ୟମରେ ଶିଶୁ ସାହିତ୍ୟ ପଢ଼ିବା ଉଚିତ ବୋଲି କହିଥିଲେ। ଅନ୍ୟତମ ବକ୍ତା ଭାବେ ବିଶ୍ୱଭାରତୀ, ଶାନ୍ତିନିକେତନର ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଇନ୍ଦ୍ରମଣି ସାହୁ ବହୁଭାଷୀ ଭାରତରେ




ଅନୁବାଦ ଦ୍ୱାରା ସାଂସ୍କୃତିକ ଆଦାନପ୍ରଦାନ ହୋଇଥାଏ ବୋଲି ମତ ଦେଇଥିଲେ। 'ଝୁମୁକା' ସମ୍ପାଦକ ମାନସରଞ୍ଜନ ସାମଲ ସମ୍ପାଦକୀୟ ବକ୍ତବ୍ୟରେ ଅନୁବାଦକ ହେଉଛନ୍ତି ଲେଖକ ଓଡ଼ିଆ ପାଠକ ମଧ୍ୟରେ ଏକ ସମୃଦ୍ଧ ଯୋଗାଯୋଗକାରୀ ବୋଲି କହିଥିଲେ। ଏଥିରେ ଅଧ୍ୟକ୍ଷତା କରି ବରିଷ୍ଠ ପ୍ରଶାସକ ଅଶୋକ କୁମାର ତ୍ରିପାଠୀ କହିଲେ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ ଓଡ଼ିଆ ଶିଶୁସାହିତ୍ୟ ସମସ୍ତ ଭାରତୀୟ ଭାଷାରେ ଅନୁବାଦ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ଜୟକୃଷ୍ଣ ସାହୁଙ୍କୁ ୨୦୨୫ ପାଇଁ ଝୁମୁକା ପୁରସ୍କାର, ଲହରିକା ପଟ୍ଟନାୟକ, ଅପରାଜିତା ମହାରଣାଙ୍କୁ ସାରସ୍ୱତ ସମ୍ମାନ, ସୁଶ୍ରୀ ଅନ୍ୱେଷା ମହାପାତ୍ର ଓ ଶୁଭ୍ରଜିତ ଜେନାଙ୍କୁ ଶିଶୁଚିତ୍ରଶିଳ୍ପୀ ସମ୍ମାନ ପ୍ରଦାନ କରାଯାଇଥଲା। ଏହି ସଭାରେ 'ଝୁମୁକା'ର ନୂତନ ସଂଖ୍ୟା, ଶିଶୁସାହିତ୍ୟିକ ମହେନ୍ଦ୍ର କୁମାର ମଲ୍ଲିକଙ୍କ 'ଗୀତ ଝରଣା', ପ୍ରବୀଣା ପରିଡ଼ାଙ୍କ "ଗପ ସୌରଭ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ସୁଜାତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**ମଦ୍ୟପଙ୍କୁ ନିସ୍ତାର ନାହିଁ**

# ଜିରୋ ନାଇଟ୍‌ରେ ୨୪ ଛକରେ ନାକାବନ୍ଦୀ

ଭୁବନେଶ୍ୱର, ୨୮।୧୨ (ସମିସ):

ଆଉ ୩ ଦିନ ପରେ ପୁରୁଣା ବର୍ଷ ବିଦାୟ ନେବା ସହ ନୂଆବର୍ଷର ଆଗମନ ହେବ। ନୂଆ ବର୍ଷକୁ ସ୍ୱାଗତ ସହ ଜିରୋ ନାଇଟ୍ ପାଳନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

**ପର୍ଯ୍ୟଟନସ୍ଥଳୀରେ ସୁରକ୍ଷା କଡ଼ାକଡ଼ି**

**ହୋଟେଲ, ପବ୍ ଓ କ୍ଲବ୍ ଉପରେ ରହିବ ନଜର**

**ସହର ସାରା ବୁଲିବ ପିସିଆର୍**





ପହଞ୍ଚିଛି। ଅଧ ରାତିରେ ମତୁଆଲା ହେବାକୁ ଅନାଇ ବସିଛନ୍ତି ଯୁବପିଢ଼ି। ଏହାରି ଭିତରେ ସବୁକିଛି ସୁରୁଖୁରୁରେ ସମାପନ କରିବା ଲାଗି କମିସନରେଟ ପୁଲିସ ଅଣ୍ଟା ଭିଡ଼ିଛି। ଜିରୋ ନାଇଟ୍ ସେଲିବ୍ରେସନ୍ ବେଳେ ଜିରୋ ଟଲରାନ୍ସ ନୀତି ଆପଣାଇବ ପୁଲିସ। ପାଳନ ହେଉଥିବା ସ୍ଥାନ ସମେତ ସହରର ବିଭିନ୍ନ ଯାଗାରେ ପାଟ୍ରୋଲିଂ ସାଙ୍ଗକୁ ଯାଞ୍ଚ କରାଯିବ। ଏଥିଲାଗି କମିସନରେଟ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

ବୁଧବାର ଜିରୋ ନାଇଟ୍ ସେଲିବ୍ରେସନ୍ ପାଇଁ ରାଜଧାନୀର ବିଭିନ୍ନ ସ୍ଥାନରେ ପ୍ରସ୍ତୁତି କରାଯାଇଛି। କ୍ଲବ୍ ଓ ପବ୍‌ଗୁଡ଼ିକରେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିବାବେଳେ ବାର୍‌ଗୁଡ଼ିକ ମଧ୍ୟ ପଛରେ ପଡ଼ିନାହାନ୍ତି। ଏଥିସହିତ ବିଭିନ୍ନ ସ୍ଥାନରେ ଭୋଜିଭାତ ସାଙ୍ଗକୁ ମଦର ଆସର ଜମିବ। ପୂର୍ବରୁ ଜିରୋ ନାଇଟରେ ଅନେକ ଅଘଟଣ ଘଟିଥିବାରୁ ଏଥର ସଜାଗ ହୋଇଛି ପୁଲିସ। ବୁଧବାର ରାତିରେ ଡ୍ରଙ୍କ୍ ଆଣ୍ଡ ଡ୍ରାଇଭ୍ ଅଭିଯାନକୁ ଜୋରଦାର କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିଲାଗି ସହରର ୨୪ଟି ଛକରେ କମିସନରେଟ ପୁଲିସ ପକ୍ଷରୁ ନାକାବନ୍ଦୀ କରିବାକୁ ଯୋଜନା କରାଯାଇଛି। ବିଭିନ୍ନ ଛକରେ ନାକାବନ୍ଦୀ କରି ମଦ୍ୟପ ଚାଳକଙ୍କୁ ଧରିବାକୁ ପୁଲିସ ଯୋଜନା କରିଛି। ୨୪ଟି ନାକାବନ୍ଦୀ ସହିତ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ଲାଗି ୫ ଜଣ ଅତିରିକ୍ତ ଡିସିପି, ୮ ଏସିପି, ୩୦ ଜଣ ଇନ୍ସପେକ୍ଟର, ୯୬ ଜଣ ଏସ୍‌ଆଇ/ଏଏସ୍‌ଆଇ ଓ ୫୮ ଜଣ ମହିଳା କନେଷ୍ଟବଳଙ୍କୁ ନିୟୋଜିତ କରାଯିବ। ଏଥିସହ ମହିଳାମାନେ କିପରି ସୁରକ୍ଷିତ ଭାବେ ଜିରୋ ନାଇଟ୍ ସେଲିବ୍ରେସନ୍ କରିବେ, ସେଥିପାଇଁ ବ୍ୟବସ୍ଥା କରିବାକୁ ହୋଟେଲମାନଙ୍କୁ କୁହାଯାଇଛି। ବିଭିନ୍ନ ହୋଟେଲରେ ପୁଲିସ ପକ୍ଷରୁ ଅଚାନକ ଚଢ଼ଉ କରିବାକୁ ଯୋଜନା ହୋଇଛି। ଏଥିସହ ସହରରେ ଥିବା ସମସ୍ତ ଥାନା ଆଲର୍ଟରେ ରହିବାକୁ କୁହାଯାଇଛି। ସେପଟେ ନୂଆବର୍ଷ ଲାଗି ରାଜଧାନୀର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଭିଡ଼ ହେବାର ଆଶଙ୍କା କରାଯାଉଛି। ସେଥିଲାଗି ମଧ୍ୟ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଶାନ୍ତିସ୍ତୁପ ଧଉଳିରେ ଗୋଟିଏ ସେକ୍ସନ ଫୋର୍ସ ଓ ୨ ମହିଳା କନେଷ୍ଟବଳ, ନନ୍ଦନକାନନରେ ଗୋଟିଏ ସେକ୍ସନ ଫୋର୍ସ ଓ ୪ ଜଣ ମହିଳା କନେଷ୍ଟବଳ ଏବଂ ଶ୍ରୀ ଲିଙ୍ଗରାଜ ମନ୍ଦିରରେ ୨ ସେକ୍ସନ ଓ ୪ ମହିଳା କନେଷ୍ଟବଳ ନିୟୋଜିତ କରାଯାଇଛି। ସେହିପରି ଖଣ୍ଡଗିରି ଓ ଉଦୟଗିରି ପାହାଡ଼ରେ ଗୋଟିଏ ସେକ୍ସନ ଫୋର୍ସ ଓ ୪ ମହିଳା କନେଷ୍ଟବଳ ମୁତୟନ ହୋଇଛନ୍ତି। ଏହା ବାଦ୍ ସ୍ଥାନୀୟ ଥାନାର ଅଧିକାରୀମାନେ ସଂପୃକ୍ତ ଅଞ୍ଚଳରେ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ପ୍ରେମଲତା ମହାନ୍ତି
ଆବିର୍ଭାବ - ୨୫.୧୦.୧୯୪୩
ତିରୋଧାନ - ୧୯.୧୨.୨୦୨୫
ନିମେଇସାପୁର, କଟକ

ଚାହିଁ ଚାହିଁ ଏଗାର ଦିନ ବିତିଗଲା।
ଆପଣଙ୍କର ଶ୍ରଦ୍ଧା ଓ ସ୍ନେହକୁ ଆମ୍ଭେମାନେ ସର୍ବଦା ମନେ ରଖିବୁ।
ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ :
ଶିବ ପ୍ରସାଦ ମହାନ୍ତି
ଓ ପରିବାର ବର୍ଗ

# ଭୁବନେଶ୍ୱର ସିଟି



## ସ୍ନେହୀ ସମାଜର ସାଧାରଣ ଅଧିବେଶନ



ଭୁବନେଶ୍ୱର, ୨୮।୧୨(ସମିସ): ସ୍ନେହୀ ସମାଜର ୫୭ତମ ସାଧାରଣ ଅଧିବେଶନ ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଭାରତୀୟ ରେଳବାଇ ପରିଚାଳନା ସେବା ସିନିୟର ଟ୍ରାଫିକ୍ ମୁଖ୍ୟ କୃପାସାଗର ସାହୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସେନାବୃତ୍ତିର ଅତିରିକ୍ତ କମିଶନର ସହଦେବ ସାହୁ, ଅବସରପ୍ରାପ୍ତ ଅଧ୍ୟାପିକା ଡ. ଜୟନ୍ତୀ ସାହୁ ପ୍ରମୁଖ ଯୋଗଦେଇ ସ୍ନେହୀ ସମାଜର ଏକତା, ସମାଜ ମଙ୍ଗଳ କାର୍ଯ୍ୟକ୍ରମ, ସେମାନଙ୍କର ଶାନ୍ତି, କର୍ତ୍ତବ୍ୟପୂର୍ଣ୍ଣ, ଦାୟିତ୍ୱବାନ କୌଳିକ ଜୀବନ ଜିବୀକା ନିର୍ବାହର ପ୍ରଶଂଶା କରିଥିଲେ। ଏହି ସମାଜର ସାଧବ ପୁଅମାନେ କିପରି ସୁଦୂର ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ ଆଦି ବିଦେଶକୁ ବୋଇତରେ ଯାଇ ସଫଳ ବେପାର କରିପାରିଥିଲେ, ସେ ବିଷୟ ଅତିଥିମାନେ ଆଲୋଚନା କରିଥିଲେ। ଏହି ଅବସରରେ ବାର୍ଷିକ ସ୍ମରଣିକା 'ସ୍ନେହୀ ସନ୍ଦେଶ' ଉନ୍ମୋଚିତ ହୋଇଥିଲା। ଏହାସହ ସ୍ୱର୍ଗତ ହରେକୃଷ୍ଣ ସାହୁଙ୍କ ମରୋଣତ୍ତର

**ପ୍ରକାଶ ସାହୁଙ୍କୁ 'ସ୍ନେହୀ ଗୌରବ ସମ୍ମାନ'**

ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଅବସରପ୍ରାପ୍ତ ପ୍ରଶାସକ ନୀଳମାଧବ ପୃଷ୍ଟି, ସୋମାନନ୍ଦ ସାହୁ, ସମାଜସେବୀ ଅଇଁଠି ସାହୁ ଓ ପ୍ରକାଶ କୁମାର ସାହୁଙ୍କୁ 'ସ୍ନେହୀ ଗୌରବ ସମ୍ମାନ', ଅର୍ପିତା ସାହୁ, ସାଇପ୍ରିୟା ସୁବୁଦ୍ଧିଙ୍କୁ 'ସ୍ନେହୀ ପ୍ରତିଭା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଡ. ଅନନ୍ତ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଇଂ ଦାମୋଦର ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅନୁଷ୍ଠାନର ସଦସ୍ୟମାନେ ପରିଚାଳନା କରିଥିଲେ।

## ଆକ୍ରମଣ ଉଦ୍ୟମ, ଜଣେ ଗିରଫ

ଭୁବନେଶ୍ୱର,୨୮।୧୨(ସମିସ): କୁକୁଡ଼ା କଟା ଚାପଡ଼ରେ ଆକ୍ରମଣ ଉଦ୍ୟମ ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଲିଟୁ ଗାଗେରାଇ। ପୁଲିସ ସୂଚନା ମୁତାବକ, ଅଭିଯୋଗକାରିଣୀ ପାଣ୍ଡରା



ଛକରେ ଅବସ୍ଥିତ ତାଙ୍କ ପନିପରିବା ଦୋକାନରେ ଥିବାବେଳେ ଅଭିଯୁକ୍ତ ଲିଟୁ ଗାଗେରାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା। ପରେ ଏକ ଚାପଡ଼ ଆଣି ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା। ଏଥିସହ ନିକଟସ୍ଥ ଏକ ମଦ ଦୋକାନରୁ କାଚ ବୋତଲ ଆଣି ତାଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା। ତାଙ୍କ ସ୍ୱାମୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିଲା। ସ୍ଥାନୀୟ ଲୋକମାନଙ୍କର ହସ୍ତକ୍ଷେପ ଫଳରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

# ପ୍ରମୁଖ ସ୍ଥାନରେ ମିଳୁନି ପିଇବା ପାଣି

### ୮ ମାସ ହେଲା ପାନୀୟ ଜଳ ପ୍ରକଳ୍ପ ଅଚଳ

ଭୁବନେଶ୍ୱର, ୨୮।୧୨(ସମିସ):





ରାଜଧାନୀର ପ୍ରମୁଖ ସ୍ଥାନରେ ମିଳୁନି ପିଇବା ପାଣି। ୮ ମାସଧରି ପାନୀୟଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଥିଲେ ଏଥିପ୍ରତି କାହାରି ନଜର ନାହିଁ। ରାତି ପାହିଲେ ଏଠି ବହୁ ଲୋକଙ୍କ ସମାଗମ ହେଉଥିବାବେଳେ ସାଧାରଣ ମୌଳିକ ସୁବିଧା ନମିଳିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ରାଜଧାନୀର ଏଭଳି ଜନଗହଳି ତଥା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହେଉଛି ଜୟଦେବ ଭବନସ୍ଥିତ ଓମ୍‌ଫେଡ୍ ପାର୍ଲର ନିକଟରେ ଥିବା ପାନୀୟଜଳ ପ୍ରକଳ୍ପ। ଏହି ପ୍ରକଳ୍ପ ଦୀର୍ଘଦିନ ଧରି ଅଚଳ ଥିଲେ ହେଁ ଏହାର ମରାମତି ଦିଗରେ କାହାରି ନଜର ପଡୁନି।

ସୂଚନା ଅନୁଯାୟୀ ଜୟଦେବ ଭବନକୁ ଆସୁଥିବା ବିଭିନ୍ନ ବର୍ଗର ଲୋକଙ୍କ ସମେତ ଆଖପାଖରେ ଥିବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ, ବିଶେଷକରି ଶହ ଶହ ସଂଖ୍ୟାରେ ସାମ୍ବାଦିକଙ୍କ ଏଠାରେ ଗହଳି ହୋଇଥାଏ। ଓମ୍‌ଫେଡ ପାର୍ଲର ନିକଟରେ ଦିନସାରା ଚା' ଖଟି ଚାଲେ। ଏହା ସାଙ୍ଗକୁ ନିକଟରେ ଥିବା ଇନ୍ଦିରା ଗାନ୍ଧୀ ପାର୍କକୁ ଆସୁଥିବା ଲୋକଙ୍କ ମଧ୍ୟ ସମାଗମ ହୋଇଥାଏ। ସାମ୍ବାଦିକମାନଙ୍କ ପେଣ୍ଠସ୍ଥଳ କୁହାଯାଉଥିବା ରାଜଧାନୀର ଏହି ଚଳଚଞ୍ଚଳ ସ୍ଥାନରେ ଥିବା ପାନୀୟଜଳ ପ୍ରକଳ୍ପରୁ ନିକଟସ୍ଥ ମାର୍କେଟ୍‌ର ବ୍ୟବସାୟୀ ମଧ୍ୟ ଉପକୃତ ହେଉଥିଲେ। ଜନଗହଳିକୁ ଲକ୍ଷ୍ୟ ରଖି ଏଠାରେ ଏକ ପାନୀୟଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ହେଲେ ୮ ମାସ ହେବ ଏହା ଅଚଳାବସ୍ଥାରେ ରହିଛି। ଫଳରେ ପାଣି ମୁନ୍ଦେ ପିଇବାକୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଆଗକୁ ଖରାଦିନ ଥିବାବେଳେ ଏହି ବ୍ୟବସ୍ଥା ଆଜିଯାଏଁ କାର୍ଯ୍ୟକାରୀ ହୋଇପାରିନଥିବାରୁ ସମସ୍ୟା ଆହୁରି ଜଟିଳ ହେବ ବୋଲି ସ୍ଥାନୀୟ ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ଜଣେ ବ୍ୟବସାୟୀ କହିଛନ୍ତି, ଜିନ୍ଦଲ ଷ୍ଟିଲ୍ ପକ୍ଷରୁ ଏହି ପାନୀୟ ଜଳ ବ୍ୟବସ୍ଥା କରାଯାଇଥିବା ବେଳେ ଏହାକୁ ବିଏମ୍‌ସି ପରିଚାଳନା କରାଯାଉଥିଲା। ଆଇଜି ପାର୍କ ବାହାରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ପୂର୍ବରୁ ପ୍ରକଳ୍ପ ଥରେ ଅଚଳ ହୋଇଥିବା ନେଇ ବିଏମସିକୁ ଜଣାଇବା ପରେ ତାହା ମରାମତି ହୋଇଥିଲା। କିନ୍ତୁ ଏଥର ପ୍ରାୟ ୮ ମାସ ହେବ ଅଚଳ ହୋଇପଡ଼ିଥିଲେ ବି ମରାମତି କରାଯାଉ ନାହିଁ। ଫଳରେ ବହୁ ସମସ୍ୟା ହେଉଛି। ତୁରନ୍ତ ଏହାକୁ ମରାମତି କରାଗଲେ ସାଧାରଣ ଲୋକେ ଉପକୃତ ହୋଇପାରିବେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ସହରର ଅନ୍ୟ ପ୍ରମୁଖ ସ୍ଥାନରେ ପାନୀୟ ଜଳ ବ୍ୟବସ୍ଥା ଅଚଳ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି।

## 'ଇଟର୍‌ନିଟୀ'ର ନବବର୍ଷ ସଂଖ୍ୟା ଉନ୍ମୋଚିତ



ଭୁବନେଶ୍ୱର, ୨୮।୧୨ (ସମିସ): ବହୁଭାଷୀ ପତ୍ରିକା 'ଇଟର୍‌ନିଟୀ'ର ନବବର୍ଷ ବିଶେଷ ସଂଖ୍ୟା ଗୋଦାବରୀଶ ସାହିତ୍ୟ ସଂସଦଠାରେ ଉନ୍ମୋଚିତ ହୋଇଛି। ଏହି ସଭାରେ ପତ୍ରିକାର ସମ୍ପାଦକ ହରେକୃଷ୍ଣ ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ କବି ପ୍ରବୀର ମହାନ୍ତି ସଭାକୁ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ ଯୋଗଦେଇ ଆଜିର ଜନଜୀବନରେ ସାହିତ୍ୟ ଦ୍ୱାରା ଆମେ ସବୁ ଶ୍ରେଣୀର ଲୋକଙ୍କ ସମସ୍ୟାକୁ ସମାଜ ଆଗରେ ରଖିପାରୁଛୁ ଏବଂ ଏ କ୍ଷେତ୍ରରେ ପତ୍ରିକାଟିର ଭୂମିକା ସୁଦୂରପ୍ରସାରୀ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ଶିକ୍ଷାବିତ ନିରଞ୍ଜନ ପଣ୍ଡା, ଉମେଶ ଚନ୍ଦ୍ର ନାୟକ, ପୃଥ୍ୱୀରାଜ୍ ପ୍ରତାପ ସିଂ, ଡ. ମିହିର ପଟ୍ଟନାୟକ ଓ ଡ. ରାମଚନ୍ଦ୍ର ପଲେଇ ପ୍ରମୁଖ ଉପସ୍ଥିତ ରହି ସାଂପ୍ରତିକ ସମାଜରେ ପତ୍ରିକା ପ୍ରକାଶନ କ୍ଷେତ୍ରରେ ଦେଖା ଦେଇଥିବା ବିବିଧ ସମସ୍ୟା ଉପରେ ଆଲୋଚନା କରିଥିଲେ। ସଭାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅନାମ ସ୍ୱାମୀ, ଆଶିଷ ଦାସ, ଗୋପାଳ ଚନ୍ଦ୍ର ମିଶ୍ର, ପ୍ରିୟ ମହାପାତ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଆଶିଷ ଦାସ ଧନ୍ୟବାଦ ଦେଇଥିଲେ।

# 'ମଙ୍ଗଳାୟନ-ଧାରା ଶ୍ରୀରାଧା ସଂସ୍କୃତି ପ୍ରଦର୍ଶନ'



ଭୁବନେଶ୍ୱର, ୨୮।୧୨ (ସମିସ): ଓଡ଼ିଶା ଆର୍ଟ ଆଣ୍ଡ କଲ୍‌ଚର୍ ଫାଉଣ୍ଡେସନ୍ ଆନୁକୂଲ୍ୟରେ ଉତ୍କଳ ମଣ୍ଡପଠାରେ 'ମଙ୍ଗଳାୟନ-ଧାରା ଶ୍ରୀରାଧା ସଂସ୍କୃତି ପ୍ରଦର୍ଶନ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ସକାଳ ଅଧିବେଶନରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତିଷ୍ଠିତ ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ଚିତ୍ରଶିଳ୍ପୀ ପଦ୍ମଶ୍ରୀ ବଳଦେବ ମହରଥା ମୂଲ୍ୟାୟନ କରିଥିବାବେଳେ ଅନୁଷ୍ଠାନର ନିର୍ଦ୍ଦେଶିକା ଲୋପାମୁଦ୍ରା ପ୍ରଧାନ ଧନ୍ୟବାଦ ଦେଇଥିଲେ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଗ୍ରହଣ କରିଥିବା ପିଲାଙ୍କୁ ଯଥାକ୍ରମେ ୧୦ ହଜାର, ୭ ହଜାର ଏବଂ ୩ ହଜାର ଟଙ୍କା ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ଦିଆଯାଇଥିଲା। ଦ୍ୱିତୀୟ ଅଧିବେଶନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୂପୁର ଅନୁଷ୍ଠାନ ପକ୍ଷରୁ 'ବନ୍ଦେ ଗଣନାଥ ପାଦପଦ୍ମ...' ପରିବେଷଣ କରାଯିବା ସହ ଶିଳ୍ପୀ ରାଜୁ ଚମ୍ପତିଙ୍କ ଦ୍ୱାରା 'ଜୟ ମା ଗୋ ବାଗୀଶେ ହରିପ୍ରିୟେ..' ପରିବେଷିତ ହୋଇଥିଲା। ଗୁରୁ ରୋଜାଲିନୀ ମହାପାତ୍ର ଓ ଶିଷ୍ୟାଗଣଙ୍କ ଦ୍ୱାରା ବୃନ୍ଦ ନୃତ୍ୟ ପରିବେଷଣ କରାଯାଇଥିଲା। ନୃତ୍ୟ ନୈବେଦ୍ୟ ଅନୁଷ୍ଠାନର ନୃତ୍ୟଗୁରୁ ପ୍ରଭାତ ସ୍ୱାଇଁଙ୍କ ଦ୍ୱାରା 'ଧାରା ଶ୍ରୀରାଧା'ର ଅନ୍ତିମ ପ୍ରବନ୍ଧ ଉପସ୍ଥାପିତ ହୋଇଥିଲା। ଶେଷରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ସଙ୍ଗୀତ ପ୍ରଫେସର ବିଜୟ ଜେନା, ନୃତ୍ୟଗୁରୁ ଲିଙ୍ଗରାଜ ପ୍ରଧାନ ଓ ପଙ୍କଜ କୁମାର ପ୍ରଧାନଙ୍କ ଦ୍ୱାରା ରାଷ୍ଟ୍ରଗୀତ 'ଅଭିଜାତ ଭାରତବର୍ଷ' ପରିବେଷଣ କରାଯିବା ସହ ବିଭିନ୍ନ ସ୍ଥାନରୁ ଆସିଥିବା ନୃତ୍ୟନୁଷ୍ଠାନ ପକ୍ଷରୁ ନୃତ୍ୟ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ଦୈନିକ 'ସକାଳ'ର ପ୍ରକାଶକ ଅମିତ ମଲ୍ଲିକ, ଯୁବନେତା ତେଜେଶ୍ୱର ପରିଡ଼ା, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ବିଶିଷ୍ଟ ସାହିତ୍ୟିକ ଡ. ଗୌରହରି ଦାସ, ସ୍ତମ୍ଭକାର ପ୍ରଫୁଲ୍ଲ ରଥ, ବିଶିଷ୍ଟ ସାହିତ୍ୟିକ ଡ. ଅସୀତ ମହାନ୍ତି, ପ୍ରାକ୍ତନ ପ୍ରଶାସକ ଅଶୋକ କୁମାର ତ୍ରିପାଠୀ, ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ, ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା, ସାହିତ୍ୟ ସଂଗଠକ ଅକ୍ଷୟ ଦାଶ, ପ୍ରକାଶକ ବନୋଜ ତ୍ରିପାଠୀ, ସାହିତ୍ୟିକ ଡ. ଅଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଲୋପାମୁଦ୍ରା ପ୍ରଧାନ, ସୁନୀଲ ନାୟକ, ଅଂଶୁମାନ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବାବେଳେ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ।


## ଅନ୍ତର୍ଜାତୀୟ କିଶୋର ନେତୃତ୍ୱ ସମ୍ମିଳନୀରେ ଓଡିଏମ୍ ଗ୍ଲୋବାଲ୍ ସ୍କୁଲ

ଭୁବନେଶ୍ୱର,୨୮।୧୨(ସମିସ): ଓଡିଏମ୍ ଗ୍ଲୋବାଲ୍ ସ୍କୁଲ ନୂଆଦିଲ୍ଲୀର ଜାତୀୟ ବାଲ୍ ଭବନରେ ଆୟୋଜିତ ଅନ୍ତର୍ଜାତୀୟ କିଶୋର ନେତୃତ୍ୱ ସମ୍ମିଳନୀ ୨୦୨୫ରେ ଅଂଶଗ୍ରହଣ କରିଛି। ଜୀବନ କୌଶଳ, ସହନଶୀଳତା, ମାନସିକ ସ୍ୱାସ୍ଥ୍ୟ ଓ ସାମଗ୍ରିକ



ଦକ୍ଷତାକୁ କେନ୍ଦ୍ର କରି ଆୟୋଜିତ ଏହି ସମ୍ମିଳନୀଟି ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ହୋଇଥିଲା। ଏହି ସମ୍ମିଳନୀ ଅବସରରେ ଛାତ୍ରୀଛାତ୍ର, ଶିକ୍ଷକ ଓ ବହୁ ଅଭିଜ୍ଞ ବ୍ୟକ୍ତି ବିଶେଷଙ୍କୁ ଏକାଠି କରିଥିଲା। ଓଡିଏମ୍ ଗ୍ଲୋବାଲ୍ ସ୍କୁଲ୍‌ର ଛାତ୍ରୀ ତ୍ରିଶା ଦାସ, ଶକ୍ତି ପ୍ରସାଦ ଦେଓ, ଅମ୍ରିଶା କୌର, ସାରଣ୍ୟା ସିଂହ ଏବଂ ଏଲିଶା ସିଂହ ସ୍କୁଲ୍‌ର ପ୍ରତିନିଧିତ୍ୱ କରି ଏଥିରେ ଅଂଶଗ୍ରହଣ କରିଛନ୍ତି।

## ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟରେ 'ଗ୍ରାଜୁଏସନ୍ ଡେ'



ହଂସପାଳ,୨୮।୧୨(ସମିସ): ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଏମ୍‌ବିଏ ୨୦୨୩-୨୫ ବ୍ୟାଚ୍‌ର ଗ୍ରାଜୁଏସନ୍ ଡେ' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିପିୟୁଟିର ଭାଇସ ଚାନସେଲର୍ ପ୍ରଫେସର ଅମିୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ଡଃ ବଙ୍କିମ ମହାନ୍ତି ସ୍ୱାଗତ ଭାଷଣ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସଫଳତାର ଅଭିନନ୍ଦନ ଜଣାଇଥିଲେ। ମାନବ ସମ୍ବଳ ମୁଖ୍ୟ ଡଃ ଆର.କେ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ପ୍ରଫେସର ଶର୍ମିଳା ସୁବ୍ରମଣ୍ୟମ ଅନୁଷ୍ଠାନର ବିବରଣୀ ପାଠ କରିଥିଲେ। ୟୁନିଭରସିଟି ଟପ୍ପର୍ ହୋଇ ଗୋଲ୍ଡ ମେଡାଲ ପାଇଥିବା ଛାତ୍ରୀ ମୌସୁମୀ ରାଉଳ ଏବଂ ବ୍ୟାଚର ଶ୍ରେଷ୍ଠ ଛାତ୍ର ଆଦିତ୍ୟ ପ୍ରତିହାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। 'ଅନ୍ୱେଷଣ' ର ମୁଖ୍ୟ ସମ୍ପାଦକ ପ୍ରଫେସର ଡଃ ସ୍ୱରୂପ ଚନ୍ଦ୍ର ସାହୁ, ଅନୁଷ୍ଠାନର ଚେୟାରମ୍ୟାନ ରୋଟାରିୟାନ ବିଜୟ କୁମାର ପାତ୍ର ଏବଂ ଉପସ୍ଥିତ ଅତିଥିଙ୍କ ଦ୍ୱାରା 'ଅନ୍ୱେଷଣ'ର ଅଷ୍ଟମ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ପରିଶେଷରେ ଡଃ ଅଶୋକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ରାଜ୍ୟ କୋଅର୍ଡିନେସନ୍ କମିଟିର ସାଧାରଣ ବୈଠକ



ଭୁବନେଶ୍ୱର, ୨୮।୧୨ (ସମିସ): ଓଡିଶା ରାଜ୍ୟ କୋର୍ଡିନେସନ କମିଟି ପକ୍ଷରୁ ଆଇଓସିଏଲ୍, ବିପିସିଏଲ ଏଚପିସିଏଲ୍, ଓଏନ୍‌ଜିସି, ସିପିସିଏଲ୍ ଓ ଏମ୍‌ଆରଏଲ୍‌ର ଶ୍ରମିକଙ୍କ ତରଫରୁ ଶ୍ରମିକ ଭବନଠାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜନାର୍ଦ୍ଦନ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୫୦ରୁ ଉର୍ଦ୍ଧ୍ୱ ସ୍ଥାୟୀ କର୍ମଚାରୀ ଓ ଠିକା କର୍ମଚାରୀ ପ୍ରତିନିଧିଙ୍କ ସହ ସର୍ବଭାରତୀୟ ଫେଡେରେସନ କର୍ତ୍ତୃପକ୍ଷ ଯୋଗ ଦେଇଥିଲେ। ସଂଗଠନକୁ ମଜବୁତ କରିବା ପାଇଁ ଗୁରୁତ୍ୱ ଦିଆଯିବା ସହ କେନ୍ଦ୍ର ସରକାରଙ୍କର ଶ୍ରମିକ ବିରୋଧୀ ନୀତିକୁ ଦୃଢ ଭାବରେ ବିରୋଧ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହାସହ ୪ଟି ଶ୍ରମକୋଡକୁ ପ୍ରତ୍ୟାହାର କରିବାପାଇଁ ଦାବି କରାଯିବା ସହ ଚାକିରିର ଗ୍ୟାରେଣ୍ଟି, ଚାକିରି ସର୍ତ୍ତାବଳୀ ଓ ଷ୍ଟାଚ୍ୟୁଟାରୀ ପ୍ରୋଭିଜନ, ଶ୍ରମିକମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ସମାଧାନ କରିବା ସହିତ ସଂଗଠନର ଅଭିବୃଦ୍ଧି କରିବା ପାଇଁ ଲଢ଼େଇ କରିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। ଏହି ଅବସରରେ ଏକ ୨୧ ଜଣିଆ ଓଡ଼ିଶା ରାଜ୍ୟ କୋଅର୍ଡିନେସନ କମିଟି ଗଠନ କରାଯାଇଥିଲା। ଏଥିରେ ଜନାର୍ଦ୍ଦନ ପତି ଚେୟାରମ୍ୟାନ, ସୁରେଶ ରାଉତରାୟ ମୁଖ୍ୟ କୋଅର୍ଡିନେଟର, ଅରୁଣ କୁମାର ବାରିକ (ଆଇଓସିଏଲ) ଯୁଗ୍ମ କୋଅର୍ଡିନେଟର, ମହେନ୍ଦ୍ର କୁମାର ଦାସ (ବି.ପି.ସିଏଲ) ଯୁଗ୍ମ କୋଅର୍ଡିନେଟର, ଜଗନ୍ନାଥ ମହାପାତ୍ର (ଏଚପିସିଏଲ) ଯୁଗ୍ମ କୋର୍ଡିନେଟରଙ୍କ ସମେତ ଅନ୍ୟ ସଦସ୍ୟମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ୩ ମାସରେ ଥରେ ସଂଗଠନର ବୈଠକ କରାଯିବା ପାଇଁ ସ୍ଥିର କରାଯାଇଥିଲା।

### ବିଜେଡି ସାଂସ୍କୃତିକ ସମନ୍ୱୟ ପକ୍ଷରୁ ମଧୁସୂଦନ ରାଓଙ୍କ ପୁଣ୍ୟତିଥି

## 'ବର୍ଣ୍ଣବୋଧ ଥିବାଯାଏ ଭକ୍ତକବି ଅମର ରହିବେ'



ଭୁବନେଶ୍ୱର, ୨୮।୧୨ (ସମିସ): ଭକ୍ତକବି ମଧୁସୂଦନ ରାଓଙ୍କ କାବ୍ୟ ସାହିତ୍ୟ କେବଳ ଯେ ଆତ୍ମଦର୍ଶନ ଉପରେ ଆଧାରିତ ଥିଲା ତା ନୁହେଁ ବରଂ ସେ ଓଡ଼ିଆ ଭାଷାର ଶୈକ୍ଷିକ ଭିତ୍ତିଭୂମି ପକାଇଥିଲେ କହିଲେ ଭୁଲ ହୋଇ ନପାରେ। ମଧୁବର୍ଣ୍ଣବୋଧ ପ୍ରସ୍ତୁତ କରି ସେ ଆଜି ବି ପୁରପଲ୍ଲୀରେ ଲୋକମାନଙ୍କ ଭିତରେ ପରିଚିତ ବୋଲି ରହିଛନ୍ତି ବୋଲି ରବିବାର ତାଙ୍କ ପୁଣ୍ୟତିଥିରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ରାଜଧାନୀର ରୁପାଲି ଛକଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିସ୍ଥଳରେ ଏହି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଗୌରାଙ୍ଗ ଦାସ, ସମାଜସେବୀ ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ସୁନୀଲ ସାହୁ, ବିଶ୍ୱଜିତ୍ ପଟ୍ଟନାୟକ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ସୁରଜିତ ପରିଡ଼ା ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅମିତ୍ ପାତାଳ ସିଂ ଧନ୍ୟବାଦ ଦେଇଥିଲେ।

### ଡିଏଭି ୟୁନିଟ୍-୮ ର ବାର୍ଷିକ ଉତ୍ସବ 'ଉର୍ବୀ' ଉଦ୍‌ଯାପିତ

## ଛାତ୍ରଛାତ୍ରୀ ଜାତୀୟ ଶିକ୍ଷା ନୀତିର ମୁଖ୍ୟ ସ୍ତମ୍ଭ



ଭୁବନେଶ୍ୱର, ୨୮।୧୨ (ସମିସ): ଛାତ୍ରଛାତ୍ରୀ ଜାତୀୟ ଶିକ୍ଷା ନୀତିର ଚାରୋଟି ସ୍ତମ୍ଭମଧ୍ୟରୁ ମୁଖ୍ୟ ସ୍ତମ୍ଭ। ଶିକ୍ଷକ ଶିକ୍ଷୟିତ୍ରୀ ଈଶ୍ୱରଙ୍କ ଜୀବନ୍ତ ପ୍ରତିରୂପ ଓ ସେମାନଙ୍କ ମାର୍ଗଦର୍ଶନରେ ବିଦ୍ୟାର୍ଥୀମାନେ ବିକଶିତ ଭାରତ ଗଠନ କରିବାରେ ସକ୍ଷମ ହୋଇପାରିବେ ବୋଲି ଡିଏଭି ପବ୍ଲିକ୍ ସ୍କୁଲ ୟୁନିଟ୍-୮ର ବାର୍ଷିକ ଉତ୍ସବ "ଉର୍ବୀ'ର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଗୀତାଞ୍ଜଳି ଦାଶ କହିଛନ୍ତି। ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଚାଳନା ସମିତି ଅଧ୍ୟକ୍ଷ ମଦନ ମୋହନ ପଣ୍ଡାଙ୍କୁ ଡିଏଭି ଅନୁଷ୍ଠାନ ସମୂହ, ଭୁବନେଶ୍ୱର ତରଫରୁ 'ଲିଭିଙ୍ଗ ଲିଜେଣ୍ଡ' ସମ୍ମାନ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ଇପ୍‌ସିତା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର କମିଶନର ତଥା ସଚିବ ଡ. ଏନ୍. ଥିରୁମାଲା ନାୟକ, ହସ୍ତତନ୍ତ ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ସଚିବ ଗୁହା ପୁନମ ତାପସ କୁମାର, ପରିଚାଳନା ସମିତିର ସଭାପତି ସନ୍ତୋଷ ଉପାଧ୍ୟାୟ, ଅନୁପମା ଉପାଧ୍ୟାୟ, ସନ୍ତୋଷ ଶତପଥି, ଡ. ସୁଜାତା ସାହୁ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଉପସ୍ଥିତ ଥିଲେ। ସଂଯୁକ୍ତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ଓଡ଼ିଶା ଖାଦ୍ୟ ମହୋତ୍ସବର ଷଷ୍ଠ ଦିବସ

# 'ଓଡ଼ିଶାର ଖାଦ୍ୟ ଓଡ଼ିଆ ଅସ୍ମିତାର ପରିଚୟ'

ଭୁବନେଶ୍ୱର, ୨୮।୧୨ (ସମିସ):



'ଓଡ଼ିଶାର ଖାଦ୍ୟ ଓଡ଼ିଆ ଅସ୍ମିତାର ପରିଚୟ'। ବିଶ୍ୱ ଓଡ଼ିଆ ପରିବାର ଦ୍ୱାରା ଆୟୋଜିତ "ଓଡ଼ିଶା ଖାଦ୍ୟ ମହୋତ୍ସବ-୨୦୨୫ର ଷଷ୍ଠ ଦିବସରେ ଅତିଥିମାନେ ଏହା କହିଛନ୍ତି। ଏହି ଅବସରରେ ପ୍ରତ୍ୟେକ ଜିଲ୍ଲାର ପିଠା, ମିଠା ଖାଦ୍ୟକୁ ଏକାଠି ଦେଖି ବେଶ୍ ପ୍ରଭାବିତ ହୋଇଛନ୍ତି ବୋଲି କହିଛନ୍ତି ଆସ୍କା ସାଂସଦ ଅନୀତା ଶୁଭଦର୍ଶିନୀ।

ଅନ୍ୟତମ ଅତିଥି ପୂର୍ବତନ ସାଂସଦ ତଥା ବିଜେପି କେନ୍ଦ୍ରୀୟ ଓଡ଼ିଶା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି ଯେ, ଖାଦ୍ୟକୁ ନେଇ ଏଭଳି ସମାହାର କରାଯାଇପାରେ ତାହା କଳ୍ପନା ଭିତରେ ନଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ହରିହର ମହାପାତ୍ର, ମହୋତ୍ସବ କମିଟି ଅଧ୍ୟକ୍ଷ ସଜ୍ଜନ ଶର୍ମା, ଅଭିନେତ୍ରୀ ପିଙ୍କି ପ୍ରଧାନ, ମେଟ୍ରୋ ଟିଭିର ଉପସଭାପତି ସୁସ୍ମିତା ମହାନ୍ତି, ପୂର୍ବତନ ସାଂସଦ ଅମର ପଟ୍ଟନାୟକ, ଆଇସିସିର ଓଡ଼ିଶା ମୁଖ୍ୟ ରାଜୀବ ଶେଖର ସାହୁ, ଚଳଚ୍ଚିତ୍ର ଅଭିନେତା ଶ୍ରୀତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କଣ୍ଠଶିଳ୍ପୀ ବର୍ଣ୍ଣାଳୀ ହୋତା ଓ ତାଙ୍କ ଗୋଷ୍ଠୀ ସଂଗୀତ ପରିବେଷଣ କରିଥିଲେ। ଭବାନୀ ପ୍ରସାଦ ମିଶ୍ର, ଭକ୍ତ ତ୍ରିପ୍ରାଠୀ ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କର୍ପୋରେଟର୍ ଯଶୋଧାରା ପ୍ରଧାନ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ବିଶିଷ୍ଟ ଖାଦ୍ୟପ୍ରେମୀ ଆର୍ଯ୍ୟ ପାଣିଗ୍ରାହୀ, ଡ. ନିବେଦିତା ଆଚାର୍ଯ୍ୟ, ଦେବାଶିଷ ବେହେରା ବିଚାରକ ଭାବେ ଯୋଗ ଦେଇଥିଲେ। ସଂଗୀତା ଦାସ, କନକଲତା ଭଞ୍ଜ, ତୁଳସୀ ବିଶୋଇ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏଥିସହିତ ଓଡ଼ିଆ ଖାଦ୍ୟ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ସଜ୍ଜନ ଶର୍ମା ପୌରୋହିତ୍ୟ କରିଥିଲେ। ଡ. ହରିହର କାନୁନ୍‌ଗୋ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ବିଶିଷ୍ଟ ହୋଟେଲ ଡାଲମାର ମୁଖ୍ୟ ଦେବୁ ପଟ୍ଟନାୟକ, ବିଶିଷ୍ଟ ସାହିତ୍ୟିକ, ସ୍ତମ୍ଭକାର ଓ ଓଡ଼ିଆ ଗବେଷକ ଅସିତ ମହାନ୍ତି, ବରିଷ୍ଠ ସ୍ତମ୍ଭକାର ଡ. ସତ୍ୟନାରାୟଣ ମହାପାତ୍ର, ଖାଦ୍ୟ ସୁରକ୍ଷା ପ୍ରଶାସକ ସତ୍ୟଜିତ୍ ପଟେଲ୍ ଉଦ୍‌ବୋଧନ ଦେଇଥିଲେ। ସାମ୍ବାଦିକ ଅକ୍ଷୟ ସାହୁ ଓ ଡ. ପଦ୍ମଲୋଚନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



### ଆଉ ୩ ଦିନ ପରେ ନୂଆବର୍ଷ

# ସିଟିଜେନ୍ ସେଫ୍ଟି-ଟିପ୍ସ ମାନିବାକୁ ପୁଲିସର ତାଗିଦ୍

କଟକ,୨୮ ।୧୨(ସମିସ)

ନୂଆ ବର୍ଷରେ ନୂଆ ସୁରକ୍ଷା ବ୍ୟବସ୍ଥା। କମିସନରେଟ୍ ପୁଲିସ ସହରବାସୀଙ୍କ ସୁରକ୍ଷା ବଢାଇବାକୁ ବିଭିନ୍ନ ସମୟରେ ନୂଆ ଗାଇଡ୍ ଲାଇନ ଜାରି କରିଥାଏ। ନୂଆବର୍ଷକୁ ଦୃଷ୍ଟିରେ ସିଟିଜେନ୍ ସେଫ୍ଟି-ଟିପ୍ସ(ନାଗରିକ ସୁରକ୍ଷା ମନ୍ତ୍ର-୨୦୨୫) ଜାରି କରିଛି। ସହରରେ ରହୁଥିବା ପ୍ରତ୍ୟେକ ନାଗରିକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସବୁ ଥାନାକୁ ଏହି ସେଫ୍ଟି ଟିପ୍ସ ପଠାଇ ଦିଆଯାଇଛି। ପୁଲିସର ଏହି ସୁରକ୍ଷା ପ୍ରଦାନ କ୍ଷେତ୍ରରେ ଯେତିକି ଦାୟିତ୍ୱ ରହିଛି, ସାଧାରଣ ଲୋକଙ୍କ ମଧ୍ୟ ଏ ଦିଗରେ ସେତିକି କର୍ତ୍ତବ୍ୟ ରହିଛି। ଏଣୁ ପୁଲିସ ଜାରି କରୁଥିବା ମାର୍ଗଦର୍ଶିକାକୁ ସହବରାସୀ ମାନିବାକୁ ପୁଲିସ ନିବେଦନ କରିଛି। ଏବେ ବଡ଼ଦିନ ପାଇଁ ସହରରେ ପ୍ରତ୍ୟେକ ଅନୁଷ୍ଠାନ, ପରିବାର ଏବଂ ବ୍ୟବସାୟିକ ପ୍ରତିଷ୍ଠାନରେ ଉତ୍ସବ ପାଳନ କରାଯାଉଛି। ଲୋକମାନେ ପିକନିକ୍ କରିବାକୁ ସହର ଛାଡ଼ି ଯାଉଛନ୍ତି। ସେହିପରି ଉତ୍ସବ ପାଳନ କରିବାକୁ ଅନେକ ଆଗନ୍ତୁକ ଏହି ସହରକୁ ଆସୁଛନ୍ତି। ସାଧାରଣ ସହରବାସୀଙ୍କ ନିମନ୍ତେ ଜାରି ହୋଇଥିବା ସେଫ୍ଟି-ଟିପ୍ସ ବାବଦରେ ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି, ସିଟିଜେନ୍ ସେଫ୍ଟି-ଟିପ୍ସ ପୁଲିସ ଜାରି କରିଛି। ଏଥିରେ ୧୬ଟି ପଏଣ୍ଟ ଉଲ୍ଲେଖ ରହିଛି। ଜଣେ ସହରବାସୀଙ୍କୁ ନିଜ ସୁରକ୍ଷା ନିମନ୍ତେ କେମିତି ଚଳିବାକୁ ହେବ, ପୁଲସକୁ କେମିତି ସହଯୋଗ କରିବାକୁ ହେବ ଏବଂ କଣ ପଦକ୍ଷେପ ନେବାକୁ ହେବ, ସେ ସମ୍ପର୍କରେ ଏହି ଟିପ୍ସରେ ସୂଚନା ରହିଛି। ପୁଲିସ ଦେଉଥିବା ମାର୍ଗଦର୍ଶିକାକୁ ମାନିଲେ ଆଇନ ଶୃଙ୍ଖଳା ପରିସ୍ଥିତିରେ କୌଣସି ବ୍ୟତିକ୍ରମ ଦେଖାଦେବ ନାହିଁ।

ସେଫ୍ଟିଟିପ୍ସରେ ଦର୍ଶାଯାଇଥିବା ସୂଚନା ଅନୁସାରେ, ନିଜ ନିଜ ଘରର ସୁରକ୍ଷା ବ୍ୟବସ୍ଥାକୁ ପ୍ରଥମେ କଡ଼ାକଡ଼ି କରିବାକୁ ହେବ। ପ୍ରତ୍ୟେକ ସମୟରେ ନିଜ ଘରର ଭିତର ପଟ ତାଲାକୁ ଯାଞ୍ଚ କରିବା ଜରୁରୀ। ରାତ୍ର ସମୟରେ ମୁଖ୍ୟ ଫାଟକ ବାହାରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ରହିବା ସହିତ ରାତି ସମୟରେ ଘର ସାମ୍ନା ପଟ ଯେମିତି ଅନ୍ଧାର ନେହେବ, ସେ କ୍ଷେତ୍ରରେ ଦୃଷ୍ଟି ଦେବା ଜରୁରୀ। ଘରର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଦଲିଲ୍ ଏବଂ ମୂଲ୍ୟବାନ ସାମଗ୍ରୀକୁ ବ୍ୟାଙ୍କ୍ ଲକର୍‌ରେ ରଖିବାକୁ ନିବେଦନ କରାଯାଇଛି। ଅଧିକ ଟଙ୍କା, ସୁନା ଗହଣା, ଦାମୀ ଅଳଙ୍କାର ଗୁଡ଼ିକ ମଧ୍ୟ ଲକର୍ ମଧ୍ୟରେ ରଖିବା ଆବଶ୍ୟକ। ଗୃହ ବାହାରେ ସିସିଟିଭି, ଆଲାରାମ ସିଷ୍ଟମ୍ ଏବଂ ସିକ୍ୟୁରିଟି ଗେଜେଟ୍ ବ୍ୟବସ୍ଥା ଯଥା ସମ୍ଭବ କରିବା ଦରକାର। ଘର ଭିତରେ ଏକ ସୂଚନା ଫଳକରେ ଜରୁରୀ ଟେଲିଫୋନ୍ ନମ୍ବର ଲେଖି ରଖିବାକୁ ପୁଲିସ ପ୍ରାଥମିକତା ଦେଇଛି। ନୂଆବର୍ଷରେ ଘରର ମୁଖ୍ୟ ଫାଟକ ତାଲାକୁ ବଦଳାଇବାକୁ ପୁଲିସ ନିବେଦନ କରିଛି। ଅର୍ଥାତ ପ୍ରତିବର୍ଷ ଆରମ୍ଭରେ ନୂଆ ତାଲା ପକାଇବାକୁ ଏହି ଟିପ୍ସରେ ଦର୍ଶାଯାଇଛି। ଯଦି ସମ୍ଭବ ହୋଇ ପାରିବ ତେବେ ଡିଜିଟାଲ୍ ତାଲା ମଧ୍ୟ ଲଗେଇବାକୁ ମାର୍ଗଦର୍ଶିକାରେ ପୁଲିସ କହିଛି। ଘରର କବାଟ ଏବଂ ଝରକାରେ ଡୋର୍ ସ୍କ୍ରିନ୍ ଲଗାଇ ଏହାକୁ ନଖୋଲିବା ସହିତ ଘରେ ନଥିବା ସମୟରେ ଝରକା, କବାଟ ଓ ଗୃହକୁ ପ୍ରବେଶ କରିବାର ଅନ୍ୟାନ୍ୟ ପଥକୁ ବନ୍ଦ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଯଦି କୌଣସି କାମ୍ୟରେ ବୁଲିବା ପାଇଁ ଘର ଛାଡ଼ି ଯିବାକୁ ହୁଏ, କୌଣସି ଲୋକ ତଥା ପଡୋଶୀଙ୍କୁ ଏ ସଂପର୍କରେ ନଜଣାଇବା ସହ ପରିବାରର କୌଣସି ତଥ୍ୟ ବାହାର ଲୋକଙ୍କୁ ନକହିବା ଆବଶ୍ୟକ। ପ୍ରତ୍ୟେକ ଦିନ ଘରକୁ ଆସୁଥିବା ଲଣ୍ଡ୍ରିବାଲା, କ୍ଷୀରବାଲା, ପରିବାବାଲା, ପେପର୍‌ବାଲାଙ୍କ ସବିଶେଷ ତଥ୍ୟ ଭୋଟର କାର୍ଡ, ଆଧାରକାର୍ଡ ଇତ୍ୟାଦି ପାଖରେ ରଖିବା ଜରୁରୀ। ଘରର ଆଖପାଖରେ କୌଣସି ସନ୍ଦିଗ୍ଧ ବ୍ୟକ୍ତି ବୁଲାବୁଲି କରୁଥିଲେ ସେମାନଙ୍କ ବିଷୟରେ ସ୍ଥାନୀୟ ପୁଲିସ ଷ୍ଟେସନ୍‌ରେ ଜଣାଇବାକୁ କୁହାଯାଇଛି। ନିଜ ଅଞ୍ଚଳରେ କୌଣସି ଅପରାଧମୂଳକ ଦୃଶ୍ୟ ଦେଖିଲେ ବା ସୂଚନା ପାଇଲେ, ତୁରନ୍ତ ପୁଲିସକୁ ଖବର ଦେବାକୁ ଜାରି ହୋଇଥିବା ଟିପ୍ସରେ ଦର୍ଶାଯାଇଛି। ଏବେ ନୂଆବର୍ଷ ନିମନ୍ତେ ପିକନିକ୍ ଏବଂ ବିଭିନ୍ନ ଉତ୍ସବ ପାଳନ କରାଯାଉଥିବାରୁ ସହରରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏକ୍ଷେତ୍ରରେ ଜନସାଧାରଣ ପୁଲିସକୁ ସହଯୋଗ କରିବାକୁ ନାଗରିକ ସୁରକ୍ଷ ମନ୍ତ୍ର-୨୦୨୬ରେ ପୁଲିସ ନିବେଦନ କରିଛି।

## ପ୍ରେମାଚାର୍ଯ୍ୟ ବାବା ମଧୁସୁଦନଙ୍କ ଶ୍ରୀବିଗ୍ରହ ସ୍ଥାପିତ

କଟକ,୨୮ ।୧୨(ସମିସ): କଟକ ଜିଲ୍ଲା ନିଆଳି ବ୍ଲକର ଅଁଳା ଗ୍ରାମକୁ ଆଜି ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ପବିତ୍ର ଶ୍ରୀ ବିଗ୍ରହ ଓ ପାଦୁକା ବିଜେ କରିଛି। ପୁରୀ ଜିଲ୍ଲା ନୟାହାଟ ସ୍ଥିତ ମୁଖ୍ୟ ଆଶ୍ରମ 'ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ର'ରୁ ଭକ୍ତ କାଳନ୍ଦୀ ପାଇଟଲଙ୍କ ତତ୍ତ୍ୱବଧାନରେ ଏହି ଶ୍ରୀ ବିଗ୍ରହ ଶହ ଶହ ଶ୍ରଦ୍ଧାଳୁଙ୍କ ସହ ଏକ ଶୋଭାଯାତ୍ରାରେ ଆସି ଗ୍ରାମରେ ପହଞ୍ଚିଥିଲା। ଏହି ଅବସରରେ ଗ୍ରାମବାସୀ ତଥା ଷୋଳ ପୁଅ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ "ଓଁ କୃଷ୍ଣ ମଧୁସୂଦନ ବାସୁଦେବ ଜନାର୍ଦ୍ଦନ' ନାମ ସଂକୀର୍ତ୍ତନ କରି ପ୍ରଭୁଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇ ପାଛୋଟି ନେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ଧୋଇ ପାଇଟଲଙ୍କ ଚତୁର୍ଦ୍ଦଶୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଶ୍ରମର ମୁଖ୍ୟବାବାଜୀ ଦାମୋଦର ଦାସ, ବାବାଜୀ ଦିବ୍ୟକୃଷ୍ଣ ଦାସ ଏବଂ ବାବାଜୀ ଅକ୍ଷୟ ଦାସ ପ୍ରମୁଖ ଯୋଗଦେଇ ଗୁରୁଦେବଙ୍କ ମହିମା ପ୍ରଚାର କରିଥିଲେ। ଗୁରୁଦେବଙ୍କ ଶ୍ରୀ ବିଗ୍ରହକୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିବା ବେଳେ ଟୁମୁକୀ ମା, ବନିତା ମା ଓ ମମତା ମା ପ୍ରମୁଖ ପାରମ୍ପରିକ ରୀତିରେ ବନ୍ଦାପନା କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ବାସୁ ଭାଇ, ରବି ଭାଇ ଏବଂ ବବି ଭାଇ ପ୍ରମୁଖ ଅତି ସୂଚାରୁ ରୂପେ ପରିଚାଳନା କରିଥିଲେ। ଗୁରୁଙ୍କ ଶ୍ରୀ ବିଗ୍ରହଙ୍କ ଆଗମନରେ ଅଁଳା ଗ୍ରାମ ତଥା ଆଖପାଖ ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଶ୍ରଦ୍ଧାଳୁମାନେ ସମୂହ ପ୍ରାର୍ଥନା କରିବା ସହ ପ୍ରସାଦ ସେବନ କରି ଗୁରୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।



## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ



ତିଗିରିଆ,୨୮ ।୧୨(ସମିସ): ତିଗିରିଆ ବ୍ଲକ ଅଧୀନ ପୁରୁଣା ତିଗିରିଆ ପଞ୍ଚାୟତସ୍ଥିତ ସତସଙ୍ଗ ବିହାରରେ ରବିବାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ ତମ ଜନ୍ମ ମହୋତ୍ସବ ଓ ସତସଙ୍ଗ କେନ୍ଦ୍ରର ୪୯ ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ କମିଟିର ସଭାପତି ବିଜୟ କୁମାର ପରିଡା ଓ ସତସଙ୍ଗ କେନ୍ଦ୍ରର ସଭାପତି ଅଭିରାମ ବାରିକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଏକ ଦିବସୀୟ କାର୍ଯ୍ୟକ୍ରମରେ ତିଗିରିଆ ବ୍ଲକର ବିଭିନ୍ନ ପଞ୍ଚାୟତ ତଥା ଆଖପାଖ ଅଞ୍ଚଳର ଶତାଧିକ ଗୁରୁ ଭାଇ, ଗୁରୁ ମା ଉପସ୍ଥିତ ଥିଲେ। ସକାଳେ ନହବତ ଓ ବେଦ ମାଙ୍ଗଳିକ ପରେ ଉଷା କୀର୍ତ୍ତନ ନୀତି ଅନୁଷ୍ଠିତ ହୋଇଥିଲା। ପରେ ପ୍ରାତଃ ବିନତୀ ଓ ସଦଗ୍ରନ୍ଥ ପାଠ ଅନୁଷ୍ଠିତ ହୋଇଥିଲା। ପରେ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପରେ ନର ନାରାୟଣ ସେବା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଉପସ୍ଥିତ ଗୁରୁ ଭାଇ, ଗୁରୁ ମା ଓ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ବିଧାୟକ ଶ୍ରୀ ସ୍ୱାଇଁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉତ୍ସବ କମିଟି ତଥା ସତସଙ୍ଗ କେନ୍ଦ୍ରର ପଞ୍ଜାଧାରୀ କର୍ମୀ ପଠାଣୀ ବେହେରା ଓ ଶ୍ରୀଧର ରଣା, ସମ୍ପାଦକ ସୁକାନ୍ତ ମାଝୀ, କୋଷାଧ୍ୟକ୍ଷ ହରିଶ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ କର୍ମକର୍ତ୍ତା ଅଭୟାନନ୍ଦ ବାରିକ ସଂଯୋଜନା କରିଥିଲେ।

## କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ



କନ୍ଦରପୁର,୨୮ ।୧୨(ସମିସ): କଟକ ସଦର କଂଗ୍ରେସ ପକ୍ଷରୁ ଜାତୀୟ କଂଗ୍ରେସର ୧୪୦ ତମ ପ୍ରତିଷ୍ଠା ଦିବସ କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିମେଇସାପୁର ଗ୍ରାମ ପଞ୍ଚାୟତର ନାହାଭଙ୍ଗା ଠାରେ କଟକ ସଦର ବ୍ଲକ କଂଗ୍ରେସ କମିଟିର ପ୍ରାକ୍ତନ କାର୍ଯ୍ୟକାରୀ ସଭାପତି ସୀତାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମୁଖ୍ୟଅତିଥି ଭାବେ କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ଗୋଛାୟତ ଯୋଗଦେଇ କଂଗ୍ରେସ ପତକା ଉତ୍ତୋଳନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କଟକ ନଗର କଂଗ୍ରେସର ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ନଳିନୀ ଉଦଗାତା, ସଞ୍ଜୟ ପରିଡ଼ା, ନିରଞ୍ଜନ ଲେଙ୍କା, ଉଗ୍ରସେନ ଭୂୟାଁ, ନିର୍ମଳ ସ୍ୱାଇଁ, ନିହାର ରଞ୍ଜନ ନନ୍ଦ, ଦିଲ୍ଲୀପ ବାରିକ, ମହେଶ୍ୱର ମହନ୍ତ, ଇଲ୍ଲୁ ସିଂହ, ଦୀପ୍ତି ରଞ୍ଜନ ଲେଙ୍କା, ପ୍ରଦୀପ ସାହୁ ଯୋଗଦେଇଥିଲେ। ଶେଷରେ ବରିଷ୍ଠ କଂଗ୍ରେସ ନେତା ଉଗ୍ରସେନ ଭୂୟାଁ ଧନ୍ୟବାଦ ଦେଇଥିଲେ।

**ବଡମ୍ବା:** ବଡମ୍ବା ବ୍ଲକ କଂଗ୍ରେସ ପକ୍ଷରୁ ରବିବାର ୧୪୦ ତମ ପ୍ରତିଷ୍ଠା ଦିବସ ବଡମ୍ବା କଚେରି ନିକଟସ୍ଥ ବୁଢ଼ା ହନୁମାନ ମନ୍ଦିର ପରିସରରେ ବ୍ଲକ କଂଗ୍ରେସ ସଭାପତି ଅକ୍ଷୟ କୁମାର କରଣଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଛାତ୍ର କଂଗ୍ରେସର ରାଜ୍ୟ ସାଧାରଣ ସଂପାଦକ ସାନ୍ତନୁ କୁମାର ବଳିୟାର ସିଂହ, ଯୁବ କଂଗ୍ରେସ ସଭାପତି ବଳଭଦ୍ର ପ୍ରହରାଜ ପ୍ରମୁଖ ବଡମ୍ବା ଗାନ୍ଧୀଛକସ୍ଥିତ ଗାନ୍ଧୀମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବୁଢ଼ା ହନୁମାନ ମନ୍ଦିରରେ ସଭା କାର୍ଯ୍ୟକ୍ରମ କରିଥିଲେ। ଏହି ସଭାରେ ଦାଶରଥି ସାହୁ, ନିରଞ୍ଜନ ପତି, ଗୁଣନିଧି



ରାଉତ, କୈଳାଶ ନାୟକ, ସୁଜିତ ସେଠୀ ପ୍ରମୁଖ କର୍ମୀ ଉପସ୍ଥିତ ରହି ସଭାରେ ଜାତିର ଜନକ ମହାତ୍ମା ଗାନ୍ଧୀ, ଜବହାରଲାଲ ନେହୁରୁଙ୍କ ସହ ପ୍ରମୁଖ ନେତୃମଣ୍ଡଳୀର ଅବଦାନ ବିଷୟରେ ଆଲୋଚନା ଓ ଦେଶର ମୁକ୍ତି ପାଇଁ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଓ ବିଦେଶୀ କବଳରୁ ମୁକ୍ତି ପାଇଁ ଅବଦାନ ବିଷୟରେ ଆଲୋକପାତ କରିଥିଲେ।

## ନନ୍ଦନକାନନରେ ବାଘୁଣୀ ଜୟଶ୍ରୀର ପ୍ରଥମ ପ୍ରସବ



**୩ଟି ଶାବକଙ୍କ ମଧ୍ୟରୁ ଗୋଟିଏ ଜୀବିତ**

ବାରଙ୍ଗ,୨୮ ।୧୨(ସମିସ): ନୂଆ ବର୍ଷ ପୂର୍ବରୁ ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ମିଳିଛି ଏକ ନୂଆ ଭେଟି। ୩ ବର୍ଷ ବୟସ୍କା ସାଧାରଣ ରଙ୍ଗର ବାଘୁଣୀ ଜୟଶ୍ରୀ ଶନିବାର ପର୍ଯ୍ୟାୟକ୍ରମେ ୩ଟି ଶାବକଙ୍କୁ ଜନ୍ମ ଦେଇଛି। ବାଘ ଅମିତ ସହ ମିଳନ ପରେ ପ୍ରାୟ ୧୦୧ ଦିନର ଗର୍ଭଧାରଣା ଶେଷରେ ଜୟଶ୍ରୀ ପ୍ରଥମ ଥର ପାଇଁ ମା' ହେବାର ସୌଭାଗ୍ୟ ଅର୍ଜନ କରିଛି। ତେବେ ପ୍ରଥମ ପ୍ରସବ ହୋଇଥିବାରୁ ଜୟଶ୍ରୀ ମାତୃତ୍ୱର ସହଜ ପ୍ରବୃତ୍ତି ଅଭାବରୁ ଶାବକଙ୍କୁ ସଠିକ୍ ଭାବେ ଗ୍ରହଣ କରିପାରିନାହିଁ। ଜନ୍ମିତ ୩ଟି ଶାବକଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା କେବଳ ଗୋଟିଏ ଶାବକ ଜୀବିତ ରହିଛି। ପ୍ରସବର ଧାରା ଅନୁଯାୟୀ, ଗତକାଲି ପୂର୍ବାହ୍ନ ପ୍ରାୟ ୧୧:୫୫ ମିନିଟରେ ପ୍ରଥମ ଶାବକଟି ଜନ୍ମ ହୋଇଥିଲା, କିନ୍ତୁ ମା' ବାଘୁଣୀ ତାକୁ ସ୍ତନ୍ୟପାନ କରାଇ ନ ଥିବାରୁ କର୍ତ୍ତୃପକ୍ଷ ତୁରନ୍ତ ଉଦ୍ଧାର କରି ଶିଶୁ ଲାଳନପାଳନ କେନ୍ଦ୍ରର ଆଇସିୟୁରେ ରଖିଛନ୍ତି। ଅପରାହ୍ନ ୩ଟା ୩୪ରେ ଜନ୍ମିତ ଦ୍ୱିତୀୟ ଶାବକଟି ଦୁର୍ବଳ ଥିବା ବେଳେ ମା' ବାଘୁଣୀ ତା' ଉପରେ ପଡ଼ିଯିବାରୁ ଶାବକଟିର ମୃତ୍ୟୁ ଘଟିଥିଲା। ସେହିପରି ଅପରାହ୍ନ ୪ଟା ୫୫ରେ ଜନ୍ମିତ ତୃତୀୟ ଶାବକଟିକୁ ଜୟଶ୍ରୀ ନିଜେ ଖାଇ ଦେଇଥିବାର ଦୁଃଖଦ ସୂଚନା ମିଳିଛି। ବର୍ତ୍ତମାନ ଜୀବିତ ଥିବା ଏକମାତ୍ର ଶାବକକୁ ପ୍ରାଣୀ ଚିକିତ୍ସକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଖାଯାଇଛି। ସୂଚନାଯୋଗ୍ୟ ଯେ, ଜୟଶ୍ରୀ ନିଜେ ବାଘୁଣୀ ଅଙ୍କିତା ଓ ବାଘ ନନ୍ଦନଙ୍କ ସନ୍ତାନ। ବର୍ତ୍ତମାନ ଏହି ନୂଆ ଶାବକକୁ ମିଶାଇ ନନ୍ଦନକାନନରେ ବାଘ ସଂଖ୍ୟା ୨୯କୁ ବୃଦ୍ଧି ପାଇଛି। ଏଥି ମଧ୍ୟରେ ୧୮ଟି ଅଣ୍ଡିରା ଓ ୧୧ଟି ମାଈ ବାଘ ରହିଥିବା ନେଇ ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି। ବର୍ତ୍ତମାନ ମା' ବାଘୁଣୀ ଜୟଶ୍ରୀ ଓ ବଞ୍ଚିଥିବା ଶାବକ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ କଡ଼ା ନଜର ରଖାଯାଇଛି।

## ଗାଁସାଥୀଙ୍କ ସ୍ଥାୟୀ ନିଯୁକ୍ତି ଦାବି

**ବ୍ଲକସ୍ତରୀୟ କମିଟି ଗଠନ**

ଟାଙ୍ଗୀ,୨୮ ।୧୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ଗରୁଡେଇ ମନ୍ଦିର ପରିସରରେ ବ୍ଲକସ୍ତରୀୟ ଗାଁ ସାଥିମାନଙ୍କ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ମେଟ୍ କମିଟି ସଦସ୍ୟା ଶଶିକଳା ସ୍ୱାଇଁ ଓ ଜିଲ୍ଲା ଆବାହକ ଉମେଶଚନ୍ଦ୍ର ସାମଲ ଯୋଗଦେଇ କେନ୍ଦ୍ର ସରକାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ ବଦଳାଇ ନୂତନ ଭାବେ ବିକଶିତ ଭାରତ ଜି ରାମ ଜି ଯୋଜନା ଆରମ୍ଭ କରିଛନ୍ତି। ପୂର୍ବ ଯୋଜନାରେ ନିଯୁକ୍ତି ପାଇଥିବା ଗାଁ ସାଥି ନୂଆ ଯୋଜନାରେ କିପରି ଭାବରେ ସ୍ଥାୟୀ ନିଯୁକ୍ତି ପାଇବେ ସେଥିପାଇଁ ସରକାରଙ୍କ ନିକଟରେ ଦାବି କରାଯିବ ବୋଲି କହିଥିଲେ। ଏଥିପାଇଁ ସମସ୍ତେ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବ୍ଲକସ୍ତରୀୟ ଗାଁ ସାଥି ମେଟ୍ ସଂଘ ଗଠନ କରାଯାଇଥିଲା। ସଭାପତି ନାରାୟଣ ସାହୁ, ସମ୍ପାଦିକା କବିତା ବେହେରା ଏବଂ କୋଷାଧ୍ୟକ୍ଷ ଭାବେ ଗୌତମ ସାହୁଙ୍କୁ ମନୋନୀତ କରାଯାଇଥିବା ଜଣାପଡିଛି। ଜାନୁୟାରୀ ୧୨ ତାରିଖରେ ଅନ୍ୟ ଏକ ବୈଠକ ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ଠାରେ ହେବ ବୋଲି ସଭାପତି ଶ୍ରୀ ସାହୁ ସୂଚନା ଦେଇଛନ୍ତି।

## ଇମର୍ତ୍ତୀ ଦେବୀଙ୍କ ଶ୍ରାଦ୍ଧ ଦିବସ



କଟକ,୨୮ ।୧୨(ସମିସ): କଟକ ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ଇମର୍ତ୍ତୀ ଦେବୀଙ୍କ ୩୭ ତମ ଶ୍ରାଦ୍ଧୋତ୍ସବ ବରିଷ୍ଠ ପ୍ରାଧ୍ୟାପିକା ନିବେଦିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀଙ୍କ ସମେତ ସମସ୍ତ କର୍ମଚାରୀବୃନ୍ଦ ଯୋଗଦେଇଥିଲେ। କ୍ରୀଡ଼ା ପ୍ରଶିକ୍ଷିକା ମଞ୍ଜୁସ୍ମିତା ବିଶ୍ୱାଳ ଓ ଅଧ୍ୟାପିକା ଉଷାରାଣୀ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଦେବାଶିଷ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଅଟଳ ସ୍ମାରକୀ ଫାଉଣ୍ଡେସନ ପକ୍ଷରୁ ଜୟନ୍ତୀ



ଆଠଗଡ,୨୮ ।୧୨(ସମିସ): ଅଟଳ ବିହାରୀ ବାଜପେୟୀ ସ୍ମାରକୀ ଫାଉଣ୍ଡେସନ ପକ୍ଷରୁ ଆଠଗଡ ଏନ୍ଏସିସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଫାଉଣ୍ଡେସନର ଅଧ୍ୟକ୍ଷ ଡା. ହରିହର ସାହୁଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଆଠଗଡ ଅବସରପ୍ରାପ୍ତ ସୈନିକ ସଂଘର ସଭାପତି କ୍ୟାପଟେନ ପ୍ରଫୁଲ୍ଲ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥିଭାବେ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସୌରୀଚରଣ ମହାପାତ୍ର ମୁଖ୍ୟବକ୍ତା, ବରିଷ୍ଠ ସମାଜ ସେବୀ ବିଭୂତି ଭୂଷଣ ମିଶ୍ର ବିଶିଷ୍ଟ ସାହିତ୍ୟିକ ଡଃ ନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅତିଥିମାନେ ଫାଉଣ୍ଡେସନ ପକ୍ଷରୁ ପ୍ରକାଶିତ ସ୍ମରଣିକା ଅଟଳ ଜ୍ୟୋତି ଉନ୍ମୋଚନ କରିଥିଲେ। ଏହି ଅବସରରେ ଯୋଗଦେଇଥିବା ଅତିଥିଙ୍କ ପରେ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଯୁବ ରକ୍ତଦାତ୍ରୀ ତଥା ରକ୍ତଦାନ ଶିବିର ଆୟୋଜିକା ଇତିଶ୍ରୀ ପ୍ରିୟଦର୍ଶିନୀ ସ୍ୱାଇଁଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟକ୍ଷ ଡା. ହରିହର ଧନ୍ୟବାଦ ଦେଇଥିଲେ।

## ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ସାଲେପୁର,୨୮ ।୧୨(ସମିସ): ଆଜି ସାଲେପୁର ହାଇସ୍କୁଲ ୧୯୯୪ ମାଟ୍ରିକ୍ ବ୍ୟାଚ୍‌ର ଏକ ବନ୍ଧୁମିଳନ ଉତ୍ସବ ସ୍କୁଲ ପରିସରରେ ଧିରେନ୍ଦ୍ର ସାହୁ, ସ୍ୱରୂପ ମଲ୍ଲ ଓ ମନସ୍ୱିନୀ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବହୁ ପୁରାତନ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଦରିଦ୍ରନାରାୟଣ ସେବା, ସ୍କୁଲ ପରିସର ସଫେଇ ଆଦି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମଧ୍ୟାହ୍ନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରୀମାନଙ୍କ ମଧ୍ୟରେ ଜ୍ୟୋତ୍ସ୍ନାରାଣୀ ରାଉତ ପ୍ରଥମ, କବିତା ଜେନା ଦ୍ୱିତୀୟ ଓ ମନସ୍ୱିନୀ କର ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ଛାତ୍ରମାନଙ୍କ ମଧ୍ୟରେ ହୃଷିକେଶ ମଲ୍ଲିକ ପ୍ରଥମ, ପବିତ୍ର ସାହୁ ଦ୍ୱିତୀୟ ଓ ସୁବାସ ସାହୁ ତୃତୀୟ ସ୍ଥାନ ହାସଲ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇ ବିଦ୍ୟାଳୟର ଉନ୍ନତି ଦିଗରେ ଆଲୋଚନା କରିବା ସହ ନିଜ ନିଜ ମଧ୍ୟରେ ଭାବର ଆଦାନପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନସ୍ୱିନୀ କର, କବିତା ଜେନା, ରଶ୍ମିରେଖା ସାମଲ, ରଶ୍ମିପ୍ରିୟା ଭାରତୀ, ତାରାତାରିଣୀ ନାୟକ, ସବିତା ଭୂୟାଁ, ମଧୁସ୍ମିତା ଦାସ, ନିହାରୀକା ମହାପାତ୍ର, ଜ୍ୟୋତ୍ସ୍ନାରାଣୀ ରାଉତ, ସନାତନ ଦାଶ, ପ୍ରତ୍ୟୁଷ ମହାନ୍ତି, ରାଜେଶ ସାହୁ, ମନୋଜ ଜେନା, ପ୍ରଭାସ ଆଚାର୍ଯ୍ୟ, ହେମନ୍ତ ସାମନ୍ତରାୟ, ଶିବପ୍ରସାଦ ନାୟକ, ପୂର୍ଣ୍ଣଚନ୍ଦ୍ର ଜେନା, ବିଭୂତି ଭୂଷଣ ପୃଷ୍ଟି, ରଞ୍ଜନ ସାହୁ, ଚନ୍ଦ୍ରଶେଖର ଦାଶ, ବିଜୟ ଦାଶ, ବିଭୂତିଭୂଷଣ ସାହୁ, ସେଖ୍ ସାଦତ୍ ଅଲ୍ଲି, ସନ୍ତୋଷ ଦାଶ, ଚିନୁ ଭୂୟାଁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ତାରିଣୀଙ୍କ ପୀଠରେ ଭକ୍ତିସଂଗୀତ ସମାରୋହ



କଟକ,୨୮ ।୧୨(ସମିସ): ପବିତ୍ର ବଡ଼ଦିନ ଅବସରରେ 'ପୁଣ୍ୟ ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା' ଅନୁଷ୍ଠାନ ପକ୍ଷରୁ ଘଟଗାଁର ପ୍ରସିଦ୍ଧ ତାରିଣୀ ମନ୍ଦିର ବେଢ଼ାରେ ଭକ୍ତି ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱନାଧନ୍ୟ କଣ୍ଠଶିଳ୍ପୀ ଇପସିତା ପଣ୍ଡା, ସାଇପ୍ରକାଶ ଶତପଥୀ, ପୁଷ୍ପାରାଣୀ ସାମଲ, ଅଶୋକ ନାୟକ, ବନିତା ରାଓ, ଝିଲ୍ଲୀରାଣୀ ରାଓ, ଧନେଶ୍ୱର ବେହେରା ପ୍ରମୁଖ ଭକ୍ତି ସଂଗୀତ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ ବସନ୍ତ କୁମାର ଶତପଥୀ ସଂଗୀତ ପରିଚାଳନା କରିଥିଲେ। ମନ୍ଦିର ଟ୍ରଷ୍ଟବୋର୍ଡ ସହଯୋଗକ୍ରମେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।






## କମି କମି ଯାଉଛି ସଂଖ୍ୟା; ସଂକଟରେ ଗୃହପାଳିତ ପଶୁପକ୍ଷୀ



ତିଗିରିଆ,୨୮ ।୧୨(ସମିସ): ଦିନକୁ ଦିନ ତିଗିରିଆ ବ୍ଲକରେ ଗୃହ ପାଳିତ ପଶୁଙ୍କ ସଂଖ୍ୟାର କମିବାରେ ଲାଗିଛି। ଆସନ୍ତା ପିଢି କେବଳ ପାଠପଢା ବହିରେ ଗୃହପାଳିତ ପଶୁ ପକ୍ଷୀଙ୍କ ଚିତ୍ର ଦେଖି ନିଜର ପୂର୍ବପୁରୁଷଙ୍କ କଥା ମନେପକାଇବା ପରିସ୍ଥିତି ସୃଷ୍ଟି ହେଲାଣି। ତିଗିରିଆର ସମୁଦାୟ ୧୪ ପଞ୍ଚାୟତରେ ଗୃହପାଳିତ ପଶୁପକ୍ଷୀଙ୍କ ସଂଖ୍ୟା କମିବାର ଲାଗିଛି। ଆଦିମ ଯୁଗରୁ ମଣିଷ ନିଜର ଆବଶ୍ୟକତାକୁ ଲକ୍ଷ୍ୟ କରି ଘରେ ଘରେ ଗୃହପାଳିତ ପଶୁପକ୍ଷୀ ପାଳନ କରୁଥିଲେ। ଏହି ଗୃହପାଳିତ ପଶୁପକ୍ଷୀଙ୍କ ମଧ୍ୟରେ ଗାଇଗୋରୁ, ଛେଳି, ମେଣ୍ଢା, କୁକୁଡା, ବତକ, ନେଉଳ, କୁକୁର, ବିଲେଇ ରହିଛନ୍ତି। ସମୟ ଥିଲା ଆଦିମ କାଳକୁ ଲୋକମାନେ ଦେଶୀ କ୍ଷୀର, ଗୋବର ପରି ଅତ୍ୟାବଶ୍ୟକୀୟ ଜିନିଷ ପାଇଁ ଘରେ ଘରେ ଗାଇଗୋରୁ ରଖିବା ସହ ବିଲବାଡିରେ ହଳ, ବିହୁଡା, ଖେଳୁଆ, ବେଙ୍ଗଳା ଆଦି କାମପାଇଁ ଗୁହାଳମାନଙ୍କରେ ପଣ୍ଡା, ମଇଁଷି ପରି ବୃହତ୍କାୟ ପଶୁ ରଖି ସେମାନଙ୍କ ଯତ୍ନ ନେବା ସହ ସେମାନଙ୍କ ଠାରୁ ହାତପାଆନ୍ତାରେ ସବୁପ୍ରକାର ସୁବିଧା ସୁଯୋଗ ପାଇ ପାରୁଥିଲେ। ମାତ୍ର ବିଲବାଡିରେ ଏବେ ଦେଶୀ ହଳ, ଲଙ୍ଗଳଟିଏ ଦେଖିବା ସାତ ସପନ ପାଲଟିଛି। ହଳ, ଲଙ୍ଗଳର ସ୍ଥାନ ନେଇଛି ଅତ୍ୟାଧୁନିକ ଟ୍ରାକ୍ଟର, ଜେସିବି, ରୋଟାମିଟର ପରି ଅନେକ ଯନ୍ତ୍ରପାତି। ଗାଇଠାରୁ କ୍ଷୀର ସଂଗ୍ରହ କରି ଲୋକମାନେ କ୍ଷୀର, ଘିଅ, ଲହୁଣୀ ପାଇପାରୁଥିଲେ। ମାତ୍ର ସଂପ୍ରତି ଏହାର ସ୍ଥାନ ନେଇଛି ହାଟବଜାରରେ ମିଳୁଥିବା ପ୍ୟାକେଟ କ୍ଷୀର, ଘିଅ ଓ ଲହୁଣୀ। ବରିଷ୍ଠ ଜନସାଧାରଣଙ୍କ ମତରେ ଗତ ୧୯୭୫-୮୦ ବେଳକୁ ତିଗିରିଆ ବ୍ଲକର ଜନସଂଖ୍ୟା ପ୍ରାୟ ୨୭ ହଜାର ଥିଲା ଓ ସେ ସମୟରେ ଗାଇଗୋରୁଙ୍କ ସଂଖ୍ୟା ପ୍ରାୟ ୧୫ରୁ ୨୦ ହଜାର ଥିଲା। ରାଜରାଜୁଡା ପରିବାର ସହ ସଂପୃକ୍ତ ଥାଇ ବର୍ତ୍ତମାନ ଜୀବିତ ଲୋକଙ୍କ ମତାନୁଯାୟୀ, ରାଜରାଜୁଡା ସମୟରେ ଊଣାଅଧିକେ ସମସ୍ତଙ୍କ ଘରେ ଗାଈ, ଗୋରୁ, ଛେଳି, ମେଣ୍ଢା, କୁକୁଡା, ବତକ ଥିଲା। ତିଗିରିଆ ବ୍ଲକରେ ବର୍ତ୍ତମାନ ପ୍ରାୟ ୫ ହଜାର ଗାଇଗୋରୁ ଅଛନ୍ତି। ଦେଶୀ କୁକୁଡାର ମାଂସ, ଅଣ୍ଡା ପରି ସାମଗ୍ରୀ ପାଇଁ ଲୋକେ ଏବେ ବ୍ରଏଲର କୁକୁଡା ମାଂସ ଓ ଅଣ୍ଡା ଉପରେ ନିର୍ଭର କରି ଧୀରେଧୀରେ ବିଭିନ୍ନ ରୋଗର ଶିକାର ହେଉଥିଲେ ହେଁ ଏଥିପ୍ରତି କାହାର ଖାତିର ନଥିବା ପରି ଜଣାପଡିଛି। ସ୍ଥାନୀୟ ପଶୁ ଚିକିତ୍ସା ବିଭାଗ ପକ୍ଷରୁ ୬ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର ତଥା ନିଜିଗଡଠାରେ ମୁଖ୍ୟ ପଶୁଚିକିତ୍ସାଳୟ ରହିଛି। ବିଭିନ୍ନ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଭିନ୍ନ ସଚେତନ କାର୍ଯ୍ୟକ୍ରମ ମାନ ହାତକୁ ନିଆଯାଉଥିଲେ ହେଁ ଏଥିନେଇ ଜନସାଧାରଣ ସଚେତନ ନୁହନ୍ତି। ଗୃହପାଳିତ ପଶୁ ରଖି ସେମାନଙ୍କ ପାଇଁ ସମୟ ଦେବାକୁ ସମୟର ଘୋର ଅଭାବ ହେଉଛି କିନ୍ତୁ କୁକୁର ପୋଷିବାକୁ ଆଗ୍ରହ ଥିବାର ଦେଖିବାକୁ ମିଳୁଛି। ରାଜ୍ୟ ତଥା ଜିଲ୍ଲା ପଶୁପାଳନ ବିଭାଗ ପକ୍ଷରୁ ଏଥିନେଇ ସହାୟତା ତଥା ସଚେତନତା କାର୍ଯ୍ୟକ୍ରମକୁ ବୃଦ୍ଧି କରାଯାଇ ପାରିଲେ ଗୃହପାଳିତ ପଶୁପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ହୋଇପାରନ୍ତା ବୋଲି ଆଲୋଚନା ହେଉଛି।

## ସାଂଗଠନିକ ବୈଠକ ଓ ବନ୍ଧୁମିଳନ



ନିଶ୍ଚିନ୍ତକୋଇଲି,୨୮ ।୧୨(ସମିସ): ନିଶ୍ଚିନ୍ତକୋଇଲି ବଜାରସ୍ଥିତ ବନ୍ଧନ ମଣ୍ଡପଠାରେ ଯୁବ ସମାଜସେବୀ ତଥା ସଂଗଠକ ପତିତପାବନ ରାଉତଙ୍କ ଆହ୍ୱାନକ୍ରମେ ଏକ ସାଂଗଠନିକ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯୁବ ସଂଗଠକ ଶିବଶଙ୍କର ସାହୁଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ପଞ୍ଚାୟତର ପ୍ରତ୍ୟେକ ୱାର୍ଡରୁ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଆଗାମୀ ଦିନରେ ପଞ୍ଚାୟତର ପ୍ରଗତି ଓ ଉନ୍ନତି କ୍ଷେତ୍ରରେ କି କି କାର୍ଯ୍ୟକ୍ରମ ହାତକୁ ନିଆଯାଇ ପାରିବ ସେ ସଂକ୍ରାନ୍ତରେ ବିଶଦ୍ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ପ୍ରଫୁଲ୍ଲ ମହାପାତ୍ର, ରତ୍ନାକର ବାରିକ, ରମେଶ ଜେନା, ନାରାୟଣ ଓଝା, ଉମାଶଙ୍କର ସାହୁ, ରଣଜିତ ମଲିକ, ଶ୍ରୀନିବାସ ନାୟକ, ରଞ୍ଜନ ଦାସ, ପ୍ରମୋଦ ଦାଶ, ନିରଞ୍ଜନ ବସ୍ତିଆ, ଦେବେନ୍ଦ୍ର ଷଡ଼ଙ୍ଗୀ, ଫାଲଗୁନୀ ପଣ୍ଡା, ଜଗନ୍ନାଥ ପଣ୍ଡା, ପ୍ରସନ୍ନ ମହାପାତ୍ର, ରାକେଶ ଦାସ, ଭାବଗ୍ରାହୀ ମିଶ୍ର, ସଞ୍ଜୟ ବେହେରା, ଶିବପ୍ରସାଦ ରାଉତ, ଚନ୍ଦନ ଦାସ ପ୍ରମୁଖ ଯୋଗଦେଇଥିଲେ। ବିରଞ୍ଚି ପରିଡା ଧନ୍ୟବାଦ ଦେଇଥିଲେ।

# କଟକ ସିଟି



# ନୂଆ ଜୀବନ ପାଇଲେ ବୃଦ୍ଧା ସରସ୍ୱତୀ

## ମୁହଁରୁ ବାହାରିଲା ଦେଢ଼ କେଜିର ଟ୍ୟୁମର

**କଟକ, ୨୮।୧୨(ସମିସ):** କଟକ ଜିଲ୍ଲା ଟାଙ୍ଗୀ ଅଞ୍ଚଳରେ ଥିବା ଘରୋଇ ହସ୍ପିଟାଲରେ ଅତ୍ୟନ୍ତ ଜଟିଳ ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହୋଇଯାଇଛି। କେନ୍ଦ୍ରାପଡ଼ା ଅଞ୍ଚଳର ସରସ୍ୱତୀ ମଲ୍ଲିକ (୬୩) ନାମକ ଜଣେ ବୃଦ୍ଧାଙ୍କ ମୁହଁରୁ ପ୍ରାୟ ଦେଢ଼ କେଜି ଓଜନର ଏକ ପାରୋଟିଡ୍ ଟ୍ୟୁମର ବାହାର କରାଯାଇଛି। ଦୀର୍ଘ ୨୦ ବର୍ଷ ଧରି ସରସ୍ୱତୀ ଏହି ସମସ୍ୟାରେ ପୀଡ଼ିତ ଥିଲେ। ପ୍ରଥମେ ଗାଲୁଆ ଭଳି ଦେଖାଯାଉଥିବା ଏହି ମାଂସପିଣ୍ଡୁଳା ଗତ ଏକ ବର୍ଷ ହେବ ଅସ୍ୱାଭାବିକ ଭାବେ ବଢ଼ିବାରେ ଲାଗିଥିଲା, ଯାହାଫଳରେ ତାଙ୍କ ପାଇଁ ଚଳପ୍ରଚଳ ଓ ସାଧାରଣ ଜୀବନଯାପନ କଷ୍ଟକର ହୋଇପଡ଼ିଥିଲା। ଡାକ୍ତର ଶୁକମଲ ଦାସଙ୍କ ନେତୃତ୍ୱରେ ଗଠିତ ଚାରିଜଣିଆ ଡାକ୍ତରୀ ଦଳ ଗତ ୨୫ ତାରିଖ ପ୍ରାୟ ଅଢ଼େଇ ଘଣ୍ଟା ଧରି ଏହି ଜଟିଳ ଅସ୍ତ୍ରୋପଚାର କରିଥିଲେ। ଏହି ଦଳରେ ଡାକ୍ତର ନାରାୟଣ ସାହୁ, ଡାକ୍ତର ପରେଶ କୁମାର ବେହେରା ଏବଂ ଡାକ୍ତର ଅମୂଲ୍ୟ ଦାସ ସାମିଲ ଥିଲେ। ପାରୋଟିଡ୍ ଗ୍ରନ୍ଥି ମୁହଁର ସ୍ନାୟୁଗୁଡ଼ିକ ସହ ଜଡ଼ିତ ଥିବାରୁ ଏହି ଅସ୍ତ୍ରୋପଚାର ଅତ୍ୟନ୍ତ ବିପଦପୂର୍ଣ୍ଣ ଥିଲା। ତେବେ ଡାକ୍ତରମାନଙ୍କ ସଠିକ୍ ପରିଚାଳନା ଯୋଗୁଁ ଅସ୍ତ୍ରୋପଚାରଟି ସଫଳ ହୋଇଛି ଏବଂ ରୋଗୀଙ୍କ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇ ନାହିଁ। ଅସ୍ତ୍ରୋପଚାର ପରେ ସରସ୍ୱତୀ ସମ୍ପୂର୍ଣ୍ଣ ସୁସ୍ଥ ଥିବାବେଳେ ରବିବାର ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି। ଡାକ୍ତର ଦାସଙ୍କ କହିବା ଅନୁଯାୟୀ, ଏଭଳି ସମସ୍ୟା ବହୁତ କମ୍ ରୋଗୀଙ୍କ କ୍ଷେତ୍ରରେ ଦେଖାଯାଇଥାଏ ଏବଂ ସମୟୋଚିତ ଚିକିତ୍ସା ଦ୍ୱାରା ଏହା ସମ୍ପୂର୍ଣ୍ଣ ଭଲ ହୋଇପାରିବ। ସରସ୍ୱତୀ ଓ ତାଙ୍କ ପରିବାର ଲୋକେ ଏହି ସଫଳ ଚିକିତ୍ସା ପାଇଁ ଡାକ୍ତରୀ ଦଳକୁ କୃତଜ୍ଞତା ଜଣାଇଛନ୍ତି।



## ତିନି ଦିନରେ ଓମ୍ସାର ଆନ୍ଦୋଳନ

# ଘଣ୍ଟାଏ ଫାଙ୍କା ପଡୁଛି ଓପିଡି; ରୋଗୀ କଲବଲ

**କଟକ, ୨୮।୧୨(ସମିସ)**

ଓଡ଼ିଶା ମେଡିକାଲ ସେବା ସଂଘ(ଓମ୍ସା)ର ଆନ୍ଦୋଳନ ସ୍ୱାସ୍ଥ୍ୟସେବା ଉପରେ ପ୍ରଭାବ ପକାଇଲାଣି। ଗତ ତିନି ଦିନ ହେବ ସଂଘରେ ସମ୍ପୃକ୍ତ ଡାକ୍ତରମାନେ ଏକ ଘଣ୍ଟା ପର୍ଯ୍ୟନ୍ତ ଓପିଡି(ଆଉଟଡୋର)ରେ ଡ୍ୟୁଟି ନକରିବା ଯୋଗୁଁ ରୋଗୀ ମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କଟକ ବଡ଼ ମେଡିକାଲ, ଶିଶୁଭବନ ଏବଂ ସିଟି ହସ୍ପିଟାଲର ସ୍ୱାସ୍ଥ୍ୟସେବାର ବିକଳ ଅବସ୍ଥା ଜଳଜଳ ହୋଇ ଦିଶିଲାଣି। ପ୍ରତିଦିନ ସକାଳ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଆଉଟଡୋରରେ ଡାକ୍ତରମାନେ ଡ୍ୟୁଟି କରୁନାହାନ୍ତି। ଯଦ୍ୱାରା ରୋଗୀ ଭାର ବଢ଼ିବା ସହ ଘଣ୍ଟାଏ କାଳ ରୋଗୀଙ୍କୁ କଲବଲ ହେବାକୁ ପଡୁଛି। ସରକାର ଏ ଦିଗରେ ଦୃଷ୍ଟି ନଦେବା ଯୋଗୁଁ ଆଗାମୀ ଦିନରେ ସ୍ୱାସ୍ଥ୍ୟସେବା ଭୁଶୁଡ଼ି ପଡ଼ିବ ବୋଲି ଅନୁମାନ କରାଯାଉଛି।

ଓମ୍ସା ପକ୍ଷରୁ ସରକାରୀ ହସ୍ପିଟାଲ ଗୁଡ଼ିକରେ ଏକ ଘଣ୍ଟାର କାର୍ଯ୍ୟବନ୍ଦ ଡାକରା ଦିଆଯାଇଛି। ଗତ ଶୁକ୍ରବାର ଠାରୁ ଆନ୍ଦୋଳନ ଆରମ୍ଭ ହୋଇଛି। ଏସ୍‌ସିବି ମେଡିକାଲର ଜଣେ ବରିଷ୍ଠ ପଦାଧିକାରୀଙ୍କ କହିବା ମୁତାବକ, ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ରୋଗୀଙ୍କ ଭିଡ଼ ରହୁଛି। ମାତ୍ର ଏହି ସମୟରେ ଅଧାରୁ ଅଧିକ ଡାକ୍ତର ଓପିଡି ଛାଡି ଚାଲି ଯାଉଛନ୍ତି। ହାତ ଗଣତି ଡାକ୍ତରଙ୍କୁ ନେଇ ଓପିଡି ସମ୍ଭାଳିବାକୁ ପଡୁଛି। ସେହିପରି ସିଟି ହସ୍ପିଟାଲର ଜଣେ ଡାକ୍ତର କହିଛନ୍ତି ଯେ, ସରକାର ନିରବଦ୍ରଷ୍ଟା ସାଜିବା ଆଗାମୀ ଦିନରେ ବଡ଼ଧରଣର ସମସ୍ୟା ସୃଷ୍ଟି କରିପାରେ। ସିଟି ହସ୍ପିଟାଲରେ ୩୫ରୁ ଅଧିକ ଡାକ୍ତର ଓମ୍ସା ସଂଘରେ ରହିଛନ୍ତି। ସେମାନେ ଡ୍ୟୁଟି ନକରିବା ଫଳରେ କନିଷ୍ଠ ଏବଂ ଠିକା ଭିତ୍ତିରେ ନିୟୋଜିତ ଡାକ୍ତର ରୋଗୀ ଦେଖୁଛନ୍ତି। ଓପିଡି ପ୍ରାୟତଃ ଏକ ଘଣ୍ଟା ଅଚଳ ହୋଇପଡୁଛି। ଆଉ କିଛି ଦିନ ଆନ୍ଦୋଳନ ଜାରି ରହିଲେ ସ୍ଥିତି ସଙ୍ଗୀନ ହୋଇ ପଡ଼ିବ ବୋଲି ସେ କହିଛନ୍ତି। ପ୍ରକାଶଥାଉକି, ଓମ୍ସା ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ବନ୍ଦ ଡାକରା ଦିଆଯାଇଛି। ପ୍ରତ୍ୟେକ ଦିନ ୧ ଘଣ୍ଟା ଓପିଡିରେ କାର୍ଯ୍ୟ ବନ୍ଦ କରାଯିବ। ଏହା ବ୍ୟତୀତ ସ୍ୱାସ୍ଥ୍ୟ ମିଶନର କୌଣସି କାର୍ଯ୍ୟରେ ସହଯୋଗ କରାଯିବ ନାହିଁ ବୋଲି ଓମ୍ସା ଘୋଷଣା କରିଛି। ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟରତ ଡାକ୍ତରମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଓଡ଼ିଶା ମେଡିକାଲ ସେବା ସଂଘ (ଓମ୍ସା) ପକ୍ଷରୁ ସରକାରଙ୍କ ନିକଟରେ ୧୦ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ଯୋଗ୍ୟତା ତାରିଖରୁ କେନ୍ଦ୍ରୀୟ ଦରମା ଗଠନ ଅନୁଯାୟୀ ଡିଏସିପି, ଓଏମଏଚ୍‌ଏସ କ୍ୟାଡରର ଦରମା ଗଠନ ସଂଶୋଧନ ସହ ସ୍ତର-୧୫ ଉଚ୍ଛେଦ, ସମସ୍ତ ଗ୍ରେଡର ସମାନୁପାତିକ କ୍ୟାଡର ପୁନର୍ଗଠନ, ସୁପର ସ୍ପେଶାଲିଷ୍ଟ, ବିଶେଷଜ୍ଞ, ଡିପ୍ଲୋମା, ପ୍ରଶାସକଙ୍କ ପାଇଁ ବର୍ଦ୍ଧିତ ପ୍ରୋତ୍ସାହନ, ପୋଷ୍ଟମୋର୍ଟମ ଭତ୍ତା ପ୍ରଦାନ ଭଳି ପ୍ରମୁଖ ଦାବି ରହିଛି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଓମ୍ସା ସଦସ୍ୟ ଆଲୋଚନା କରିଥିଲେ ମଧ୍ୟ ଏହାର ସୁଫଳ ମିଳି ପାରିନାହିଁ।

## ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍ | ଓଡ଼ିଶା ପୁଲିସ ଚାମ୍ପିଅନ



**ଟାଙ୍ଗୀ, ୨୮।୧୨(ସମିସ):** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅଧୀନସ୍ଥ କୁହୁଡି ମହାବୀର ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଅନୁଷ୍ଠିତ ୬୬ତମ ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଜନତା ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଆଜି ଫାଇନାଲ ମ୍ୟାଚରେ ଧାନବାଦ ଫୁଟବଲ୍ କ୍ଲବ ଧାନବାଦକୁ ଟାଇବ୍ରେକରରେ ହରାଇ ଓଡ଼ିଶା ପୁଲିସ କଟକ ଚାମ୍ପିଅନ ହୋଇଛି। ଟାଇବ୍ରେକର ଜରିଆରେ ଓଡ଼ିଶା ପୁଲିସ କଟକ ୪ - ୩ ଗୋଲରେ ବିଜୟ ହୋଇଥିଲା। ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ମଣିପୁର ନେସନାଲ ସ୍ପୋର୍ଟସ ଉପ କୁଳାଧିପତି ଶ୍ୟାମସୁନ୍ଦର ରଥ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳ ଓଡ଼ିଶା ପୋଲିସ ଦଳକୁ ୫୦, ୦୦୦ ଟଙ୍କା ସହ ଚାମ୍ପିଅନ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ସୋମନାଥ ମେକାପ ରନର୍ସ ଟ୍ରଫି ସହ ୩୦, ୦୦୦ ଟଙ୍କା ଧାନବାଦ ଫୁଟବଲ କ୍ଲବ ଦଳକୁ ପ୍ରଦାନ କରାଯାଇଥିଲା।

# ବିଜେପି ନେତା ନୟନଙ୍କ ନାଁରେ ଅଭିଯୋଗ

## ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା ଓ ସୂଚନା ପ୍ରଯୁକ୍ତି ସଂଯୋଜିକା ରଞ୍ଜିତାଙ୍କୁ ଦୁର୍ବ୍ୟବହାର

**କଟକ, ୨୮ ।୧୨(ସମିସ):** ବରିଷ୍ଠ ବିଜେପି ନେତାଙ୍କ ନାଁରେ ମାଲଗୋଦାମ ଥାନାରେ ଅଭିଯୋଗ ହୋଇଛି। କଟକ-ଚୌଦ୍ୱାର ବିଧାୟକ ପ୍ରାର୍ଥୀ ନୟନ କିଶୋର ମହାନ୍ତିଙ୍କ ବିରୋଧରେ ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା ସୂଚନା ପ୍ରଯୁକ୍ତି ସଂଯୋଜିକା ରଞ୍ଜିତା ନାୟକ ଅଭିଯୋଗ ଆଣିଛନ୍ତି। ନିଜ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଥାନାରେ ସେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏହି ଅଭିଯୋଗକୁ ଗୁରୁତର ସହିତ ଗ୍ରହଣ କରି ତଦନ୍ତ ଆରମ୍ଭ କରିଛି।



ଗତକାଲି ଏକ ଦଳୀୟ ସଭାରେ ଯୋଗ ଦେବା ବେଳେ ରଞ୍ଜିତାଙ୍କୁ ବରିଷ୍ଠ ବିଜେପି ନେତା ଓ ତାଙ୍କ ସହଯୋଗୀ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ତାଙ୍କୁ ଗାଡ଼ି ଚଢ଼ାଇ ଜୀବନରୁ ମାରିଦେବା ସହିତ ଏସିଡ୍ ପକାଇ ଶରୀରକୁ ଜାଳି ଦେବାକୁ ଚେତାବନୀ ମିଳିଥିବା ଅଭିଯୋଗ ଆଣିଛନ୍ତି ରଞ୍ଜିତା। ଜଣେ କାର୍ଯ୍ୟରତ ଜେଏଇଙ୍କ ନାଁରେ ରଞ୍ଜିତା କିଛି ଦିନ ତଳେ ମଧୁପାଟଣା ଥାନାରେ ଏତଲା ଦେଇଥିଲେ। ସେହି ଏତଲାକୁ ଉଠାଇବାକୁ ବରିଷ୍ଠ ବିଜେପି ନେତା ଶ୍ରୀ ମହାନ୍ତି ରଞ୍ଜିତାଙ୍କୁ ବାରମ୍ବାର ଚାପ ପକାଇଥିଲେ। ରଞ୍ଜିତା ଏହି ଏତଲାକୁ ପ୍ରତ୍ୟାହାର ନ କରିବାରୁ ଗତକାଲି ଶିଖରପୁର ଗୁରୁଦ୍ୱାରଠାରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଉତକ୍ଷିପ୍ତ ହୋଇ କର୍ମୀଙ୍କ ଉପସ୍ଥିତିରେ ଶ୍ରୀ ମହାନ୍ତି ଏବଂ ତାଙ୍କ ସହଯୋଗୀ ରଞ୍ଜିତାଙ୍କୁ ଖରାପ୍ ଭାଷାରେ ଗାଳି ଗୁଲଜ କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଆଗାମୀ ଦିନରେ ଉକ୍ତ ଘଟଣାକୁ ନେଇ ଜିଲ୍ଲା ସଭାପତିଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ। ଏମିତିକି ନ୍ୟାୟ ନ ମିଳିଲେ ଆତ୍ମାହୂତି ଦେବେ ବୋଲି ରଞ୍ଜିତା କହିଛନ୍ତି। ଏ ଘଟଣାକୁ ନେଇ ଶ୍ରୀ ମହାନ୍ତି କହିଛନ୍ତି ଯେ, ଜିଲ୍ଲା ସଭାପତିଙ୍କୁ ଏ ବିଷୟରେ ପଚାରିବାକୁ କହି ସେ ଏହି ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ।

# ସମ୍ଭାବନା ଚାରିଟେବୁଲ ଟ୍ରଷ୍ଟର ପ୍ରଥମ ବାର୍ଷିକ ଉତ୍ସବ



**କଟକ, ୨୮।୧୨(ସମିସ):** କଟକର ଐତିହାସିକ ଶ୍ରୀରାମଚନ୍ଦ୍ର ଭବନଠାରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସମ୍ଭାବନା ଚାରିଟେବୁଲ ଟ୍ରଷ୍ଟର ପ୍ରଥମ ବାର୍ଷିକ ଉତ୍ସବ ଅତି ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କଟକ ମହାନଗର ନିଗମର ମେୟର ସୁବାସଚନ୍ଦ୍ର ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଶିକ୍ଷାବିତ ଖାରବେଳ ମହାନ୍ତି ମୁଖ୍ୟବକ୍ତା ଏବଂ ସୋଆ ବିଶ୍ୱବିଦ୍ୟାଳୟର ପ୍ରଫେସର ବୀରକିଶୋର ପରିଡ଼ା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ସ୍ୱେଚ୍ଛାସେବୀ ସଂଗଠନମାନଙ୍କର ସାମ୍ପ୍ରତିକ ସ୍ଥିତି ଓ ସମାଜ ଗଠନରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ପ୍ରେରଣାଦାୟୀ ଅଭିଭାଷଣ ରଖିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠାନର ନୂତନ ୱେବସାଇଟ୍ ଆନୁଷ୍ଠାନିକ ଭାବେ ଲୋକାର୍ପିତ ହୋଇଥିଲା ଏବଂ ଅନୁଷ୍ଠାନର ମୁଖପତ୍ର 'ସମ୍ଭାବନା: ଆଜିର ଆସନ୍ତାକାଲିର' ଉନ୍ମୋଚିତ ହୋଇଥିଲା। ଟ୍ରଷ୍ଟର ସଭାପତି ପ୍ରିୟ ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ରାକେଶ ଶତପଥି ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଉପସଭାପତି କିଶୋର କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ଭାବନା ପକ୍ଷରୁ ଆୟୋଜିତ ଆନ୍ତଃବିଦ୍ୟାଳୟ ସାଧାରଣଜ୍ଞାନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପଦକ ଦେଇ ପୁରସ୍କୃତ କରାଯିବା ସହ ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କୁ ସଦସ୍ୟତା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ବିମଳ ପ୍ରସାଦ ଜେନା, ରାମେଶ୍ୱରୀ ସାହୁ, ତନୁଶ୍ରୀ ବାରିକ, ଅନୀଲ ଦାସ, ସ୍ୱାଧୀନ ବିଶ୍ୱାଳ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ। ଅତିଥିଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ ଓ ସ୍ମୃତିଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ସହସମ୍ପାଦକ ଡାକ୍ତର ଓଁକାର ରାଉତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ପେନ୍‌ସନର୍ସ ଆସୋସିଏସନ୍‌ର ନୂତନ କର୍ମକର୍ତ୍ତା ନିର୍ବାଚନ



**କଟକ, ୨୮।୧୨(ସମିସ):** ମହାନଦୀବିହାର ପେନସନର୍ସ ଆସୋସିଏସନର ଆଗାମୀ ୨୦୨୬-୨୭ ବର୍ଷ ପାଇଁ ନୂତନ କର୍ମକର୍ତ୍ତାଙ୍କ ନିର୍ବାଚନ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଶରତ ଚନ୍ଦ୍ର ଦାସ ନିର୍ବାଚନ ଅଧିକାରୀ ଭାବେ ସମସ୍ତ ପଦପଦବୀ ଓ କାର୍ଯ୍ୟକାରିଣୀ କମିଟିର ସଭ୍ୟମାନଙ୍କୁ ନିର୍ବାଚିତ କରାଇଥିଲେ। ଆସୋସିଏସନର ସଭାପତି ଇଂ. ତାପସଚନ୍ଦ୍ର ସାମନ୍ତ, କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ଉପସଭାପତି ଇଂ. ନିମାଇଁ ଚରଣ ମହାନ୍ତି, ସମ୍ପାଦକ ପ୍ରମୋଦ ଚନ୍ଦ୍ର ଦାସ, ଯୁଗ୍ମ ସମ୍ପାଦକ ବିଷ୍ଣୁ ପ୍ରସାଦ କର, ମହେନ୍ଦ୍ରନାଥ ପଣ୍ଡା, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ପ୍ରଧାନ, କାର୍ଯ୍ୟକାରିଣୀ କମିଟିର ସଭ୍ୟମାନେ ସେକ୍ଟର ୧ରୁ ଶରତ ପାଣି, ନିକୁଞ୍ଜ ବିହାରୀ ରଥ, ପ୍ରଫୁଲ୍ଲ ଶରଣ, ଇନ୍ଦୁମତୀ ଦାସ ସେକ୍ଟର ୨ରୁ ଇଂ. ପ୍ରମୋଦ ନାୟକ, ଇଂ. ଦେବୀ ପ୍ରସାଦ ନନ୍ଦ, ସୁଜିତାଭ ଶତପଥୀ, ମୃତ୍ୟୁଞ୍ଜୟ ଭୂୟାଁ ସେକ୍ଟର ୩ରୁ ସାଇନାଥ ଉପଲଞ୍ଚର, ପ୍ରକାଶ ନାୟକ, ନରେନ୍ଦ୍ର ମନ୍ତ୍ରୀ ସେକ୍ଟର ୪ ପ୍ରଭାକର ରଣା, ଅତନୁ ଦାସ ଆସନ୍ତା ନୂଆ ବର୍ଷରେ ନବନିର୍ବାଚିତ ସଭ୍ୟମାନେ ଶପଥ ଗ୍ରହଣ କରି କାର୍ଯ୍ୟଭାର ଗ୍ରହଣ କରିବେ। ଏମଡିଏ ସଭାପତି ସଞ୍ଜୟ ଜେନା ନୂତନ କର୍ମକର୍ତ୍ତା ଓ ୪ଟି ସେକ୍ଟରରୁ ଆସିଥିବା ସମସ୍ତ କାର୍ଯ୍ୟକାରିଣୀ ସଭ୍ୟଙ୍କୁ ଶୁଭେଚ୍ଛା ଜଣାଇ ଆଗାମୀ କାର୍ଯ୍ୟକାଳ ସଫଳ ହେବା ପାଇଁ କାମନା କରିଛନ୍ତି।

# ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

**କଟକ, ୨୮।୧୨(ସମିସ):** ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଡିଏଭି ଏସସିବି ମେଡିକାଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ 'ଆର୍ଯ୍ୟାବର୍ତ୍ତମ୍' ଏକ ଭବ୍ୟ ପରିବେଶରେ ଆୟୋଜିତ ହୋଇଯାଇଛି। ଏହି ଉତ୍ସବକୁ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡା. ସଞ୍ଜୟ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଡିଏଭି ଏସସିବି ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ରବୀନ୍ଦ୍ରନାଥ ମହାନ୍ତି, ଡିଏଭି କଳିଙ୍ଗ ନଗର ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ମଦନମୋହନ ପଣ୍ଡା, ଏଲଆର ଡିଏଭି ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ଦୀପକ ମାଲବ୍ୟ, ଡିଏଭି ପବ୍ଲିକ ସ୍କୁଲ ରାଜାବଗିଚା ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ପ୍ରଫେସର ଡା. କାଞ୍ଚନବାଳା ପଟ୍ଟନାୟକ, ଡିଏଭି ପୋଖରୀପୁଟ ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ଅରୁଣ କୁମାର ରଥ, ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀ, ଏସସିବି ମେଡିକାଲ ପବ୍ଲିକ ସ୍କୁଲର ପୂର୍ବତନ ଅଧ୍ୟକ୍ଷା ବିଦ୍ୟୁତଲତା ଓଝା, କସ୍ତୁରବା ସ୍ମାରକୀ ଟ୍ରଷ୍ଟ ଅଧ୍ୟକ୍ଷା ଗାୟତ୍ରୀ ଦାସ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଆମନ୍ତ୍ରିତ ଅତିଥି ଭାବେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରି ଶିକ୍ଷା, କ୍ରୀଡ଼ା ଓ ସାଂସ୍କୃତିକ କ୍ଷେତ୍ରରେ ବିଦ୍ୟାଳୟର ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ। ବିଦ୍ୟାଳୟର ଏହି ପ୍ରୟାସ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିବା ବେଳେ ଡିଏଭି ପରମ୍ପରାର ସଂସ୍କୃତି ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାର ସଂକଳ୍ପକୁ ପୁନର୍ବାର ଉଜାଗର କରିଥିଲା। ପୂର୍ବତନ ଅଧ୍ୟକ୍ଷା ବିଦ୍ୟୁତଲତା ଓଝା ଏବଂ କସ୍ତୁରବା ସ୍ମାରକୀ ଟ୍ରଷ୍ଟର ଅଧ୍ୟକ୍ଷା ଗାୟତ୍ରୀ ଦାସଙ୍କ ଭଳି ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ଅଭିଭାବକଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମଟି ସଫଳତାର ସହ ସମାପ୍ତ ହୋଇଥିଲା।



# ଏଆଇଡିଏସ୍‌ଓର ୭୨ତମ ପ୍ରତିଷ୍ଠା ଦିବସ



**କଟକ, ୨୮।୧୨(ସମିସ):** ଏଆଇଡିଏସଓ ୭୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଆଇଡିଏସଓ କେନ୍ଦ୍ରୀୟ ପରିଷଦର ସାଧାରଣ ସମ୍ପାଦକ ଶିବାଶିଷ ପ୍ରହରାଜ ଲାଲପତାକା ଉତ୍ତୋଳନ କରି ଆଜିର ଛାତ୍ର ସମାବେଶକୁ ଉଦଘାଟନ କରିଥିଲେ। ତା'ପରେ ସହିଦମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏଆଇଡିଏସଓ ଓଡ଼ିଶା ରାଜ୍ୟ ଉପସଭାପତି ଭଗ୍ୟରବି ଦାସ, ରାଜ୍ୟ ସମ୍ପାଦକ ମଣ୍ଡଳୀ ବିନୋଦ ସେଠୀ, କଟକ ଜିଲ୍ଲା ସଭାପତି ଇଶା ଧର ଓ ଜିଲ୍ଲା ସମ୍ପାଦକ ତରୁଣସେନ ନାୟକ ଶହୀଦ ବେଦୀରେ ମାଲ୍ୟଦାନ କରିଥିଲେ। କଟକ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ସଂଗଠନର ଜିଲ୍ଲା ଉପସଭାପତି ଶିବାନୀ ସାହୁ, କୋଷାଧ୍ୟକ୍ଷ ଶୁଭସ୍ମିତା ସାହୁ, ଜିଲ୍ଲା କମିଟି ସଭ୍ୟ ଅମରେନ୍ଦ୍ର ନାୟକ, ଭାଗ୍ୟଶ୍ରୀ ପ୍ରଧାନ, ଜ୍ୟୋତ୍ସ୍ନାରାଣୀ ଦାସ, ସରୋଜ ମାନସିଂହ, ରାଜେଶ ରାଉତ, ମୁସକାନ ତବସୁମ, ସତ୍ୟବ୍ରତ ମୁଦୁଲି, ରାଜେଶ ନାୟକ, ସରୋଜ ବେହେରା, କସକ ଜେନା, ଗାୟତ୍ରୀ ସାହୁ ଓ ସୁଶ୍ରୀ ସର୍ଜନା ପରିଚାଳନା କରିଥିଲେ।

## ଏଥର ଜମିବ ଜିରୋନାଇଟ୍ ସେଲିବ୍ରେସନ

# ବିଦେଶିନୀଙ୍କ ନୃତ୍ୟରେ ଝୁମିବ କଟକ

**କଟକ, ୨୮।୧୨(ସମିସ):** ଆଉ ୩ ଦିନ ପରେ ବଦଳିବ କ୍ୟାଲେଣ୍ଡର୍। ଏକ ନୂଆ ସମୟକୁ ନେଇ ଆସିବେ ତାରିଖ, ବାର, ତିଥି ଓ ନକ୍ଷତ୍ର। କେତେ ସମ୍ଭାବନା, ଆଶା ଓ ଆକାଂକ୍ଷା ନେଇ ଆସିବ ନବବର୍ଷ। ବିଦାୟୀ ବର୍ଷର ପୁଲକ ହେଉକି ବିଷାଦ ସବୁ କିଛି ସ୍ମୃତି ପାଲଟିଯିବ। ୨୦୨୬ର ପ୍ରଥମ ସୂର୍ଯ୍ୟୋଦୟର ପହିଲି କିରଣ ସିଲଭର୍ ସିଟିକୁ ଛୁଇଁବା ପୂର୍ବରୁ ଆସନ୍ତା ବୁଧବାର ରାତି ୧୨ଟାରେ ସହର ପାଳିବ ଜିରୋ-ନାଇଟ୍। ଖାସ୍ କରି କଟକ ସହରର କ୍ଲବ୍ ଗୁଡ଼ିକରେ ଜିରୋ ନାଇଟ୍ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ସହରର ପ୍ରମୁଖ ସମ୍ଭ୍ରାନ୍ତ କ୍ଲବ୍ ୟୁନିୟନ୍, କଟକ କ୍ଲବ ଓ ଓସିଏ ଭିତରେ ଜିରୋ-ନାଇଟ୍‌କୁ ନେଇ ପ୍ରତିଯୋଗିତା ହେଉଛି। କିଏ ବଲିଉଡ୍ ଷ୍ଟାର୍‌ଙ୍କୁ ମନୋରଞ୍ଜନ ପାଇଁ ନିମନ୍ତ୍ରଣ କରିଛି ତ କିଏ ଓଲିଉଡ୍ ଷ୍ଟାର୍ ନାଇଟ୍ କରିବାକୁ ପ୍ରସ୍ତୁତି ଚଳାଇଛି। ସଙ୍ଗୀତର ତାଳେ ତାଳେ ଭବ୍ୟ ନବବର୍ଷ ଉତ୍ସବକୁ ସହରବାସୀ ମନଭରି ଉପଭୋଗ କରିବା ସହିତ ୨୦୨୫ବର୍ଷକୁ ଅଲ୍‌ବିଦା କରିବାକୁ କ୍ଲବ୍ ପକ୍ଷରୁ ବ୍ୟବସ୍ଥା ହୋଇଛି।



ସହରର କଟକ କ୍ଲବ୍, ଓସିଏ କ୍ଲବ୍, ୟୁନିୟନ୍ କ୍ଲବ୍‌ରେ ଜିରୋ ନାଇଟ୍ ସେଲିବ୍ରେସନ୍ କରିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବଲିଉଡ୍ କଣ୍ଠଶିଳ୍ପୀଙ୍କ ସଙ୍ଗୀତ ସାଙ୍ଗକୁ ଋଷିଆ ଡ୍ୟାନ୍ସର୍‌ଙ୍କ ନୃତ୍ୟରେ ମତୁଆଲା ହେବେ ଦର୍ଶକ। ସୂଚନା ମୁତାବକ କଟକ କ୍ଲବରେ ଚଳିତବର୍ଷର ମୁଖ୍ୟ ଆକର୍ଷଣ ପାଲଟିବେ ଓଲିଉଡ ଅଭିନେତ୍ରୀ ଶୀତଲ ପାତ୍ର। ଭାରତୀୟ ଶାକିରା ଭାବେ ପରିଚିତ କଳାକାର ବିଶ୍ୱା ଉଭୟ ସଙ୍ଗୀତ ଏବଂ ନୃତ୍ୟ ପରିବେଷଣ କରିବେ, ଯାହାକି ନୂଆ ଉନ୍ମାଦ ଭରିବ। ପ୍ରଥମଥର ପାଇଁ କଟକ କ୍ଲବରେ ଆକାଶ ଚୁମ୍ବି ନୃତ୍ୟ ପରିବେଷଣ କରାଯିବ। ଏହି ନୃତ୍ୟ ପରିବେଷଣ ପାଇଁ କଳାକାର ବମ୍ବେରୁ ଆସିବେ। ଏହାଛଡ଼ା ଆତସବାଜି ପ୍ରଦର୍ଶନ ଅନ୍ୟତମ ଆକର୍ଷଣ ପାଲଟିବ କଟକ କ୍ଲବରେ। କ୍ଲବର ସଭାପତି ଡଃ ଶ୍ରୀଜୟ ପଟ୍ଟନାୟକ, ସମ୍ପାଦକ ଶୁଭେନ୍ଦୁ ମୋହନ ପଟ୍ଟନାୟକ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକ୍ରମ ବାବଦରେ ବିସ୍ତୃତ ସୂଚନା ଦେଇଥିଲେ। ସେହିପରି ୟୁନିୟନ କ୍ଲବରେ ଜିରୋନାଇଟ୍ ସେଲିବ୍ରେସନ ନିମନ୍ତେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆଜି କ୍ଲବ ପରିସରରେ ଏନେଇ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଚଳିତଥର ଆନଖୀ ନାଥ ଏବଂ ଅଭିଷେକ ଚୌଧୁରୀଙ୍କ ଗ୍ରୁପ ମେଲୋଡି କାର୍ଯ୍ୟକ୍ରମ ପରିବେଷଣ କରିବ। ଦର୍ଶକଙ୍କୁ ଝୁମାଇବ ଫ୍ରିକ୍ସନ ଡ୍ୟାନ୍ସ ଗ୍ରୁପ। ଆଇଟମ୍ ଡ୍ୟାନ୍ସର, ଋଷିଆନ ଡ୍ୟାନ୍ସର ୟୁନିୟନ କ୍ଲବର ଅନ୍ୟନ୍ୟ ଆକର୍ଷଣ ପାଲଟିବେ। ଏହାଛଡ଼ା ଏମସି ଅଭିନନ୍ଦା ଜିରୋନାଇଟ ସେଲିବ୍ରେସନରେ ଦର୍ଶକଙ୍କୁ ମତୁଆଲା କରିବେ ବୋଲି ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ କ୍ଲବର ସଭାପତି ବିଜୟ କୁମାର ସାହୁ, ସମ୍ପାଦକ ସତ୍ୟଜିତ ମହାନ୍ତି, ଉପସଭାପତି ଅସୀମ ପଦ୍ମନାଭ ଦାସ, ଯୁଗ୍ମ ସମ୍ପାଦକ ଏ ଉମେଶ କୁମାର ରାଓ, କୋଷାଧ୍ୟକ୍ଷ ଅଜୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




## ପ୍ରଦୂଷଣ ସାର୍ଟିଫିକେଟ ବାଧ୍ୟତାମୂଳକ ନେଇ ହରଡ଼ଘଣାରେ ଗାଡ଼ି ମାଲିକ

# ଫାଇନ୍ ଆଦାୟ ପଦକ୍ଷେପକୁ ନେଇ ତେଜୁଛି ଅସନ୍ତୋଷ

ବ୍ରହ୍ମପୁର,୨୮।୧୨(ସମିସ):



ଯାନବାହନର ପ୍ରଦୂଷଣ ସାର୍ଟିଫିକେଟ ନଥିଲେ ପେଟ୍ରୋଲ ପମ୍ପରେ ମିଳିବନି ଇନ୍ଧନ। ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏଭଳି ବିଜ୍ଞପ୍ତି ପ୍ରକାଶ ପରେ ଲୋକଙ୍କ ମଧ୍ୟରେ ଭାଳେଣି ପଡ଼ିଯାଇଥିଲା। ତରବରିଆ ଭାବେ ଲୋକେ ନିଜର ଗାଡ଼ିର ପଲ୍ୟୁସନ ସାର୍ଟିଫିକେଟ କରିବାକୁ ଦୌଡ଼ିବାକୁ ଲାଗିଲେ। ସ୍ଥିତିକୁ ଦେଖି ଓ ଲୋକଙ୍କ ଅସନ୍ତୋଷ ପରେ ସରକାରଙ୍କ ପକ୍ଷରୁ ଫେବୃଆରୀ ପହିଲା ପର୍ଯ୍ୟନ୍ତ ଅବଧିକୁ ବୃଦ୍ଧି କରାଗଲା। ଯାହାକୁ ସାମୟିକ ଆଶ୍ୱସ୍ତି ଦେଇଛି। ବର୍ତ୍ତମାନ କୌଣସି ସମସ୍ୟାର ସମ୍ମୁଖୀନ ହେବା ପୂର୍ବରୁ ନିଜ ନିଜ ଗାଡ଼ିର ପଲ୍ୟୁସନ ସାର୍ଟିଫିକେଟ ସଂଗ୍ରହ କରିବାକୁ ବିଭିନ୍ନ କେନ୍ଦ୍ରରେ ଲମ୍ବା ଧାଡିରେ ଗାଡି ମାଲିକମାନେ ଠିଆହୋଇଥିବା ଦେଖିବାକୁ ମିଳୁଛି। ତେବେ ଏଠାରେ ମଧ ଅନେକ ସମସ୍ୟା ପରିଲକ୍ଷିତ ହେଉଛି। କମ୍ ସମୟରେ ଏତେ ସଂଖ୍ୟକ ଗାଡ଼ିର ପଲ୍ୟୁସନ ସାର୍ଟିଫିକେଟ ବାହାର କରିବାକୁ ହେଲେ ଆବଶ୍ୟକ ପରିମାଣର ସେଣ୍ଟର ଓ ସେଗୁଡିକ ନେଇ ଲୋକଙ୍କ ପାଖରେ ସଠିକ ତଥ୍ୟ ରହିବା ଜରୁରୀ। କମ୍ ସଂଖ୍ୟକ ସେଣ୍ଟର ଯୋଗୁଁ ଦୀର୍ଘ ସମୟ ଧରି ଲୋକଙ୍କୁ ଲମ୍ବା ଧାଡିରେ ଅପେକ୍ଷା କରିବାକୁ ପଡୁଛି। ସେହିଭଳି ଏକ୍ଷେତ୍ରରେ ଅନ୍ୟଏକ ସମସ୍ୟା ଉଭା ହୋଇଛି। ଯେଉଁ ଗାଡି ଗୁଡିକର ବିଭିନ୍ନ କାରଣରୁ ପୂର୍ବରୁ ଜରିମାନା ବକେୟା ରହିଛି ସେଗୁଡିକର ପଲ୍ୟୁସନ ସାର୍ଟିଫିକେଟ ଅନ୍‌ଲାଇନରେ ହୋଇପାରୁନାହିଁ। ଏଭଳି ତଥ୍ୟ ଅନେକଙ୍କୁ ଅଜଣା ଥିବାବେଳେ ଗାଡ଼ିମାଲିକମାନେ ନିଜ ଗାଡିର ପଲ୍ୟୁସନ ସାର୍ଟିଫିକେଟ ପାଇଁ ଦୀର୍ଘସମୟ ଅପେକ୍ଷା କରିବା ପରେ ଯାଞ୍ଚବେଳେ ଜାଣିବାକୁ ପାଉଛନ୍ତି। ଯାହାକୁ ନେଇ ଅନେକଙ୍କ ସମୟ ନଷ୍ଟ ହେଉଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ପରିବହନ ବାବଦ ବକେୟା ଜରିମାନା ଅର୍ଥ ଆଦାୟ ପାଇଁ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଥିବା ଅଭିଯୋଗ କରି ଏହାକୁ ତୀବ୍ର

### ସ୍ଥିତିର ଫାଇଦା ନେଉଛନ୍ତି ନ୍ୟସ୍ତସ୍ୱାର୍ଥ, ସବୁଜାଣି ପରିବହନ ବିଭାଗ ଚୁପ୍

### ଜରିମାନା ଥିବା ଗାଡ଼ିର ହୋଇପାରୁନି ସାର୍ଟିଫିକେଟ

ନିନ୍ଦା କରିଛନ୍ତି ଅନେକ ବୁଦ୍ଧିଜୀବୀ ଓ ଗାଡ଼ିମାଲିକ। ସେପଟେ ପରିସ୍ଥିତିର ସୁଯୋଗ ନେଇ କେତେକ କେନ୍ଦ୍ରରେ ପଲ୍ୟୁସନ ସାର୍ଟିଫିକେଟ ବାହାର କରିବା ପାଇଁ ମୂଲ୍ୟ ବୃଦ୍ଧି କରାଯାଉଥିବା ଅଭିଯୋଗ ହୋଇଛି। ସବୁଠାରୁ ବଡ଼କଥା ହେଲା ଅନେକ ସ୍ଥାନରେ ଗାଡ଼ିର ପଲ୍ୟୁସନ ଯାଞ୍ଚ ନକରି ମଧ ସାର୍ଟିଫିକେଟ ମିଳିଯାଉଛି।

ପୂର୍ବରୁ ସଡ଼କ ଦୁର୍ଘଟଣା ଜନିତ ମୃତାହତ ସଂଖ୍ୟାକୁ ହ୍ରାସ କରିବାକୁ ଯାଇ ପରିବହନ ବିଭାଗ ପକ୍ଷରୁ ହେଲମେଟକୁ ବାଧ୍ୟତାମୂଳକ କରିବା ସହ ବିନା ହେଲମେଟରେ ଇନ୍ଧନ ବା ପେଟ୍ରୋଲ ଯୋଗାଣ ଉପରେ କଟକଣା ଲଗାଇଥିଲେ। ପରବର୍ତ୍ତି ସମୟରେ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ନେଇ ଯୁବାବର୍ଗ ଆତ୍ମାହୂତି ଦେବା ଭଳି ଘଟଣା ଘଟିବା ପରେ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ଦେବା ଉପରେ ମଧ କଟକଣା ଜାରି ହୋଇଥିଲା। ତେବେ ସେସବୁ କଡ଼ାକଡ଼ି ଭାବେ ପାଳନ କରାଯାଇପାରି ନାହିଁ। ଏଭଳି ପରିସ୍ଥିତିରେ ବର୍ତ୍ତମାନ ପଲ୍ୟୁସନ ସାର୍ଟିଫିକେଟ ବାଧ୍ୟତାମୂଳକକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ସରକାରୀ ଯାନବାହାନ ଓ ଆମ୍ବୁଲାନ୍ସରେ ପଲ୍ୟୁସନ ସାର୍ଟିଫିକେଟ ନଥିବା ବେଳେ ଜନସାଧାରଣଙ୍କ ପାଇଁ ଏଭଳି କଟକଣା କେବଳ ବୋଝ ଉପରେ ନଳିତା ବିଡ଼ା ସଦୃଶ ବୋଲି ଅଭିଯୋଗ ହୋଇଛି। ଏହି ନିଷ୍ପତ୍ତିର ପୁର୍ନବିଚାର କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଆଦିବାସୀ ସଂଗଠନର ବାର୍ଷିକ ଉତ୍ସବ ପ୍ରସ୍ତୁତି



ଧରାକୋଟ,୨୮।୧୨(ସମିସ): ଆସନ୍ତା ସୋମବାର ଠାରୁ ଦୁଇଦିନିଆ ଗଞ୍ଜାମ ଆଦିବାସୀ ଉନ୍ନୟନ ମହାସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଗୋଳବନ୍ଧପଲ୍ଲୀ ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ସଭାପତି ଶରତ କୁମାର ମଳିକ, ଜିଲ୍ଲା ସମ୍ପାଦକ ସୁଦାମ ମଳିକ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ନାରାୟଣ ମଳିକ, ଜିଲ୍ଲା କୋଷାଧ୍ୟକ୍ଷ କୈଳାଶ ଚନ୍ଦ୍ର ମଳିକ, ବରିଷ୍ଠ ଉପଦେଷ୍ଟା ଗୌତମ କୁମାର ମଳିକ, କାନ୍ତରୁ ମଳିକଙ୍କ ସମେତ ଜିଲ୍ଲାସ୍ତରୀୟ ସାତଟି ତାଲୁକାର ସଦସ୍ୟ ଉପସ୍ଥିତ ରହିଥିଲେ। ସାନଖେମୁଣ୍ଡି ତାଲୁକାର ସଭାପତି ସୁଦାମ ମଳିକ, ସମ୍ପାଦକ ନବୀନ ମଳିକ, କାର୍ଯ୍ୟକାରୀ ସଭାପତି ଭାସ୍କର ମଳିକ, ଉପସଭାପତି ବାଞ୍ଛା ମଳିକ, ମୁହୁରୀ ତାଲୁକା ସଭାପତି ବିକ୍ରମ ମଳିକ, ଉପସଭାପତି ଚରଣ ମଳିକ, ସମ୍ପାଦକ ଶଙ୍କର ମଳିକ, ଚିକିଟି ତାଲୁକା ସଭାପତି କୃଷ୍ଣଚନ୍ଦ୍ର ମଳିକ, ସମ୍ପାଦକ ନରସିଂହ ମଳିକ, ଘଟକେଶ୍ୱର୍ ମୁଠା ସଭାପତି ବାଲ୍ୟ ମଳିକ, କାର୍ଯ୍ୟକାରୀ ସଭାପତି ବିଶ୍ୱନୁ ମଳିକ, ସମ୍ପାଦକ ଲକ୍ଷ୍ମୀକାନ୍ତ ମଳିକ, ଧରାକୋଟ ଓ ଘୁମୁସର ତାଲୁକା ସାମନ୍ତ ବିପ୍ର ଚରଣ ମଳିକ, ସଭାପତି ରଘୁନାଥ ମଳିକ, ଉପସଭାପତି ଶୁରେନ୍ଦ୍ର ମଳିକ, କାର୍ଯ୍ୟକାରୀ ସଭାପତି ଶ୍ରୀକାନ୍ତ ମଳିକ,ସଂପାଦକ ସୁଦାମ ମଳିକ, କୋଷାଧ୍ୟକ୍ଷ ଗଣେଶ ମଳିକ, ସୋରଡ଼ା ତାଲୁକା ସଭାପତି ଗୋବିନ୍ଦ ମଳିକ,ସଂପାଦକ ପ୍ରକାଶ ଚନ୍ଦ୍ର ମଳିକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉପଦେଷ୍ଟା ଭାବେ ଦେବାନନ୍ଦ ମଳିକ, ଜଗନ୍ନାଥ ମଳିକ, କୈଳାଶ ମଳିକ ଉପସ୍ଥିତ ଥିଲେ।

## ଓଡ଼ିଆ ଭାଷା ଓ ସାହିତ୍ୟ ପାଠଚକ୍ର ଉଦ୍‌ଯାପିତ



ମୋହନା,୨୮।୧୨(ସମିସ): ଗଜପତି ଜିଲ୍ଲା ମୋହନା ହିଲଟପ ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଆଧୁନିକ ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ଧାରା ସମ୍ପର୍କରେ ଏକ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ପାଠଚକ୍ରରେ ଉଚ୍ଚ ଶିକ୍ଷା ବିଭାଗ ଦକ୍ଷିଣାଞ୍ଚଳ ଉପନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ବିଶ୍ୱ ଭାରତୀ ଶାନ୍ତିନିକେତନର ଓଡ଼ିଆ ବିଭାଗ ପ୍ରଫେସର ଡ. ଶରତ କୁମାର ଜେନା ଯୋଗ ଦେଇ ଆଧୁନିକ ଓଡ଼ିଆ କଥା ସାହିତ୍ୟର ଶୈଳୀ ଓ ବିକାଶ ଧାରା, ଶିଳ୍ପ କଳା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ହିଲଟପ ସ୍ନାତକ କଲେଜ ଅଧ୍ୟକ୍ଷ ଶୁଭ୍ରକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପାଠଚକ୍ରରେ ସାମ୍ମାନିତ ଅତିଥି ଭାବେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ବନମାଳୀ ପାଣିଗ୍ରାହୀ, ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଜୟ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ଏହାପରେ ଦ୍ୱିତୀୟ ଅଧିବେଶନରେ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଅଧ୍ୟାପକ, ଅଧ୍ୟାପିକା, ଗବେଷକ ନିଜର ପ୍ରବନ୍ଧ ପାଠ କରିଥିଲେ। କାର୍ଯ୍ୟକ୍ରମରେ ହିଲଟପ ମହାବିଦ୍ୟାଳୟ ଅଧ୍ୟାପକ ଡ. ପ୍ରଣାବାନନ୍ଦ ପାଟଯୋଶୀ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଜି.ଉଦୟଗିରିରେ ପାରଦ ୩.୫ ଡିଗ୍ରୀ

ଜି.ଉଦୟଗିରି,୨୮।୧୨(ସମିସ): କନ୍ଧମାଳ ଜିଲ୍ଲାରେ ଦିନକୁ ଦିନ ପାରଦ ତଳମୁହାଁ ହେବାରେ ଲାଗିଛି। ଜି.ଉଦୟଗିରିରେ ଆଜି ପାରଦ ୩. ୫ ଡିଗ୍ରୀ ରହିଥିବା ରେକର୍ଡ ହୋଇଛି। ଦାରିଙ୍ଗବାଡିରେ ଏବଂ ଫୁଲବାଣୀରେ ୬ ଡିଗ୍ରୀ ରହିଥିବା ରେକର୍ଡ କରାଯାଇଛି। ଏଥିଯୋଗୁଁ ହାଡ଼ ଭଙ୍ଗା ଶୀତ ଅନୁଭୂତ ହେଉଛି। ଗ୍ରାମାଞ୍ଚଳ ରଟିଙ୍ଗିଆ, ଗ୍ରେସିଙ୍ଗିଆ, କଳିଙ୍ଗା, ତାଳରୀମାହା, ମାଳିକପଡିରେ ଅସହ୍ୟ ଶୀତ ହେଉଥିବା ଲୋକେ କହିଛନ୍ତି।

## ବୁରୁଡିଙ୍ଗ ମାତୃମଣ୍ଡଳୀର ୨୬ତମ ବାର୍ଷିକ ସଭା



ଗୁମ୍ମା,୨୮।୧୨(ସମିସ): ଗୁମ୍ମା ବ୍ଲକ ବୁରୁଡିଙ୍ଗ ମାତୃମଣ୍ଡଳୀର ୨୬ତମ ସରକାରୀ/ବେସରକାରୀ ସଂଘର ବାର୍ଷିକ ସଭା ବେହେଥଲ ଭବନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପାରଳା ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ଗୁମ୍ମା ଅଞ୍ଚଳର ସମସ୍ତ ଖ୍ରୀଷ୍ଟିଆନ କର୍ମଚାରୀ ଭାଇ ଓ ଭଉଣୀଙ୍କୁ ଖ୍ରୀଷ୍ଟମାସ ଓ ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ପ୍ରାର୍ଥନାରେ ସାମିଲ ହୋଇ ଆଶୀର୍ବାଦ କାମନା କରିଥିଲେ। ମୁଖ୍ୟ ବକ୍ତା ଭାବେ ପାଳକ ଆଚାର୍ଯ୍ୟ ତୁରମେନ ଗମାଙ୍ଗ, ମାଲ୍ଲା ଶ୍ରୀନୁ ଭାଇ, ଡିକନଗଣ, ଚାଳକଗଣ, ସ୍ଥାନୀୟ ସରପଞ୍ଚ ଏବଂ ବୁରୁଡିଙ୍ଗ ମଣ୍ଡଳୀ ମଧ୍ୟରେଥିବା ୫ ପଞ୍ଚାୟତର ସରକାରୀ କର୍ମଚାରୀ ଏବଂ ମାତୃମଣ୍ଡଳୀର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବର୍ଷକୁ ଥରେ ଅଞ୍ଚଳରେ ଥିବା ସରକାରୀ ବେସରକାରୀ ଏବଂ ମାତୃମଣ୍ଡଳୀରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ବନ୍ଧୁମିଳନ ଓ ଧାର୍ମିକ ଆଲୋଚନା କରିବା ସହ ଅଞ୍ଚଳରେ ଥିବା ସମସ୍ତ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ମାତୃମଣ୍ଡଳୀ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ରହିଛି।

## ଜିଲ୍ଲା କଂଗ୍ରେସ ପକ୍ଷରୁ କଂଗ୍ରେସ ପ୍ରତିଷ୍ଠା ଦିବସ

ପାରଳାଖେମୁଣ୍ଡି,୨୮।୧୨(ସମିସ): ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜାତୀୟ କଂଗ୍ରେସର



୧୪୦ତମ ପ୍ରତିଷ୍ଠା ପାଳିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ତଥା ମୋହନା ବିଧାୟକ ଦାସରଥି ଗମାଙ୍ଗଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଶ୍ରୀ ଗମାଙ୍ଗ ଦଳୀୟ ସଙ୍ଗଠନକୁ କିପରି ସୁଦୃଢ଼ କରିବା ପାଇଁ କର୍ମୀ ନିଷ୍ଠାର ସହ କାମ କରିବାକୁ ଆହ୍ୱାନ ଦେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଈଶ୍ୱର ମାଝୀ, ଏସ. ପାପାରାଓ, ରବି କୁମାର, ସୂର୍ଯ୍ୟ ନାରାୟଣ ପାତ୍ର, ସଂଗ୍ରାମ ସାହୁ, ପାରଳାଖେମୁଣ୍ଡି ପୌରପରିଷଦର ପୂର୍ବତନ ଉପାଧ୍ୟକ୍ଷ ସଂଜୟ ଅଧିକାରୀ, ତ୍ରୀନାଥ ପାତ୍ର, ଅଭି ପଣ୍ଡା, ବାଲକୃଷ୍ଣା, ଲବ ସାହୁ, ବିଷ୍ଣୁ ପାଢ଼ି ଓ ନଗର ସଭାପତି ବସନ୍ତ ପଣ୍ଡାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ଆଇନଜୀବୀ ପୀତବାସ ହତ୍ୟା ମାମଲାରେ ତଦନ୍ତ ଜାରି

# ପୁଲିସ ସ୍କାନର୍‌ରେ ଜନୈକ ଆଇନଜୀବୀ

ବ୍ରହ୍ମପୁର,୨୮।୧୨(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ତଦନ୍ତ ଜାରି ରହିଛି। ଗିରଫ ଅଭିଯୁକ୍ତଙ୍କ ମୋବାଇଲର ସିଡିଆରରୁ ପୁଲିସକୁ ମିଳିଛି ଅନେକ ତଥ୍ୟ। ଗିରଫ ଅଭିଯୁକ୍ତଙ୍କ ଘନିଷ୍ଠ ବନ୍ଧୁ ଓ ସହଯୋଗୀଙ୍କର ପୀତବାସ ପଣ୍ଡା ହତ୍ୟା ମାମଲାରେ ସମ୍ପୃକ୍ତି ଥିବା ସନ୍ଦେହ କରି ପୁଲିସ ପୂର୍ବରୁ କିଛି ଆଇନଜୀବୀ, କର୍ପୋରେଟର, ନେତା ଓ ବ୍ୟବସାୟୀଙ୍କୁ ଥାନାରେ ପଚରାଉଚରା କରି ଛାଡିଥିଲା। ସେମାନଙ୍କ ଠାରୁ ମିଳିଥିବା ତଥ୍ୟ ଆଧାରରେ ପୁଲିସ ତଦନ୍ତର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଘଟଣାରେ ଆଗକୁ ଆଉ କାହାର ସମ୍ପୃକ୍ତି ସ୍ପଷ୍ଟ ହେଲେ ପୁଲିସ ସେମାନଙ୍କୁ ଗିରଫ କରିବ ବୋଲି ସୂଚନା ରହିଛି। ବର୍ତ୍ତମାନ ପରିସ୍ଥିତିରେ ପୁଲିସ ଜନୈକ ଆଇନଜୀବୀଙ୍କ ସମେତ ରାଜନେତାଙ୍କ ଉପରେ ନଜର ରଖିଛି। ସେପଟେ ପୁଲିସ ଅଭିଯୁକ୍ତଙ୍କୁ ଏକାଧିକ ଥର ରିମାଣ୍ଡରେ ନେଇ ଜେରା କରିଥିଲା।

### ଜାମିନ ପାଇଁ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ହାଇକୋର୍ଟର ଦ୍ୱାରସ୍ଥ

ଜେରାବେଳେ ସେମାନଙ୍କ ଠାରୁ ସଂଗୃହୀତ ତଥ୍ୟ ଆଧାରରେ ପୁଲିସ ତଦନ୍ତ ପ୍ରକ୍ରିୟାକୁ ଆଗକୁ ନେଇଛି। ଅନ୍ୟପକ୍ଷରେ ବିକ୍ରମ ପଣ୍ଡାଙ୍କୁ ଜେଲରେ କେଉଁମାନେ ସାକ୍ଷାତ କରୁଛନ୍ତି ଏବଂ ବିକ୍ରମ ଜେଲରୁ କାହା ସହ ଫୋନରେ କଥା ହେଉଛନ୍ତି ସେସବୁର ତଥ୍ୟ ମଧ ପୁଲିସ ରଖୁଥିବା ଜଣାପଡିଛି। ପୁଲିସର ତଦନ୍ତ ଶେଷପରେ ଏହି ହତ୍ୟା ମାମଲାରେ ଆଉ କାହାର ସମ୍ପୃକ୍ତି ରହିଛି ଅଥବା ନାହିଁ ତାହା ସ୍ପଷ୍ଟ ହେବ ବୋଲି ଅତିରିକ୍ତ ଏସପି ଆଲୋକ ଜେନା କହିଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ଅକ୍ଟୋବର ୬ରେ ସ୍ଥାନୀୟ ବୈକୁଣ୍ଠନଗରରେ ପୀତବାସଙ୍କୁ ଗୁଳିକରି ହତ୍ୟା କରିଥିଲେ ଦୁର୍ବୃତ୍ତ। ଏହି ମାମଲାରେ ପୁଲିସ ମୋଟ ୧୬ଜଣଙ୍କୁ ଗିରଫ କରିଛି। ସେପଟେ ମାମଲାରେ ଛନ୍ଦି ହୋଇପଡିଥିବା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ହାଇକୋର୍ଟରେ ଜାମିନ ଆବେଦନ କରିଛନ୍ତି। ପୀତବାସ ହତ୍ୟା ମାମଲାରେ ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ(ତୃତୀୟ)ଙ୍କ କୋର୍ଟରେ ଜାମିନ ଆବେଦନ ଖାରଜ ପରେ ବିକ୍ରମ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି।

## ଆଇନଜୀବୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ

ରଙ୍ଗେଇଲୁଣ୍ଡା,୨୮।୧୨(ସମିସ): ଆଇନଜୀବୀଙ୍କ ବନ୍ଧୁମିଳନ ସହ ପହିଲି ଭୋଗ କାର୍ଯ୍ୟକ୍ରମ ଶନିବାର ରଙ୍ଗେଇଲୁଣ୍ଡା ବ୍ଲକ କନିଷିହାଟ ସ୍ଥିତ ହନୁମାନଙ୍କ ମନ୍ଦିରରେ ଯୁବ ଆଇନଜୀବୀ ଜିତେନ୍ଦ୍ର ରାଉଳ ଓ ଧର୍ମେନ୍ଦ୍ର ରାଉଳଙ୍କ ପୌରୋହିତ୍ୟରେ ହୋଇଯାଇଛି। ପ୍ରଥମେ ବୈଷ୍ଣବ ସାଧୁସନ୍ଥଙ୍କ ଦ୍ୱାରା ମହାମନ୍ତ୍ର ଉଚ୍ଚାରଣ ହୋଇ ଜଗତ କଲ୍ୟାଣ ନିମନ୍ତେ ପ୍ରାର୍ଥନା ସହ ବରିଷ୍ଠ ଆଇନଜୀବୀଙ୍କ ସହ ନୂତନ ଭାବେ ଆଇନଜୀବୀ ହୋଇଥିବା ସଦସ୍ୟମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ଆଇନ ବିଭାଗ ମୁଖ୍ୟ ଡା.ଭାଗିରଥି ପାଣିଗ୍ରାହୀ, ଗଞ୍ଜାମ ଓକିଲ ସଙ୍ଘ ସଭାପତି ମନୋଜ ପଟ୍ଟନାୟକ, ଉପସଭାପତି ଟି.କେ ରେଡ୍ଡି, ପୂର୍ବତନ ଓକିଲ ସଙ୍ଘ ସଭାପତି କପିଳେଶ୍ୱର ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ଶିଶିର ପାଢ଼ୀ, ସମ୍ପାଦକ ଭେଙ୍କଟ ରାଓ, ସହ ସମ୍ପାଦକ ଅସିତ ସାବତ, ବରିଷ୍ଠ ଆଇନଜୀବୀ ଗୋଲକ ସାବତ, ବରୁଣ ଗୌଡ଼ ଯୁବ ଆଇନଜୀବୀ ପ୍ରମିତ ରଞ୍ଜନ ମହାପାତ୍ର, ରଘୁନାଥ ହୋତା, ଶିବ ପ୍ରସାଦ ପାଢ଼ୀଙ୍କ ସହ ସାମ୍ବାଦିକ ଟୁଟୁ ମହାପାତ୍ର, ମୁନା ପଟ୍ଟନାୟକ, ନବୀନ ଅଚାରୀ, ପ୍ରବୀଣ କୁମାର ନାୟକ, ଜି. ନରସିଂହ ରାଓ, କୃଷ୍ଣ ଚନ୍ଦ୍ର ପାଳ, ସଞ୍ଜୟ କୁମାର ଦାସ, ଜାଭିଅର ସ୍କୁଲ୍‌ର ପରିଚାଳନା ନିର୍ଦ୍ଦେଶକ ହୃଷୀକେଶ ପଣ୍ଡା, ସମାଜସେବୀ ସୁକାନ୍ତ ଦାଶଙ୍କ ସହ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ଶୀତ ମହୋତ୍ସବ ପୋଷ୍ଟର ଉନ୍ମୋଚିତ



ଦାରିଙ୍ଗବାଡ଼ି,୨୮।୧୨(ସମିସ): ଦାରିଙ୍ଗବାଡ଼ି ଶୀତ ମହୋତ୍ସବ ଜାନୁଆରୀ ୮ରେ ଉଦ୍‌ଘାଟିତ ହେବ। ଏନେଇ ରବିବାର ପୂର୍ବାହ୍ନରେ ପୋଷ୍ଟର ଉନ୍ମୋଚିତ ହୋଇଛି। ଏହାକୁ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ଏବଂ ବିଡ଼ିଓ ପ୍ରୀତିରଞ୍ଜନ ରଥ ଉନ୍ମୋଚିତ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି, ଶ୍ରୀନିକେତା ସରପଞ୍ଚ ଗଙ୍ଗାଧର ପ୍ରଧାନ, ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ପତିତପାବନ ରାଉତ, ବିଜେପି ମଣ୍ଡଳ ସଭାପତି ମିଟୁ ସାହୁ, ଜିଲା ସମ୍ପାଦକ ସନ୍ତୋଷ ସାହୁ, ପୂର୍ବତନ ସାଧାରଣ ସମ୍ପାଦକ ପ୍ରଭାକର ସାହୁ, ବଣିକ ସଙ୍ଘ ଉପସଭାପତି ଦିଲୀପ ସାହୁ, ପୂର୍ବତନ ଜିଲା ସମ୍ପାଦକ ତଥା ଆଇନଜୀବୀ ହରେନ ସାହୁ, ବିଜେଡି ଛାତ୍ର ସଭାପତି ରୂପକ କୁମାର ସାହୁ, କଂଗ୍ରେସ କର୍ମୀ ପ୍ରମୋଦ ଦିଗାଲଙ୍କ ସମେତ ସରକାରୀ ଅଧିକାରୀ ଏବଂ ବହୁ ଅଞ୍ଚଳବାସୀ ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପୋଷ୍ଟର ଉନ୍ମୋଚନ ପରେ ପ୍ରତ୍ୟେକ ଗାଁକୁ ପୋଷ୍ଟର ପଠାଯାଇଥିବା ଜଣାପଡ଼ିଛି।

## ରକ୍ତଦାନ ସେବା ସଂଘର ବାର୍ଷିକ ଉତ୍ସବ

କବିସୂର୍ଯ୍ୟନଗର,୨୮।୧୨(ସମିସ): କବିସୂର୍ଯ୍ୟନଗର ମିନିଷ୍ଟାଡିୟମ ପରିସରରେ କବିସୂର୍ଯ୍ୟ ରକ୍ତଦାନ ସେବା ସଂଘର ଷଷ୍ଠ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଖଣିଜ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଓ ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ଯୋଗଦେଇଥିଲେ। ଅନୁଷ୍ଠାନର ଉଦ୍ଦେଶ୍ୟ, ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ପ୍ରତିଷ୍ଠାତା ତଥା ମୁଖ୍ୟ ସଂଯୋଜକ ସୁମନ୍ତ କୁମାର ଚର୍ଚ୍ଚି କହିଥିଲେ। ସଂଘର ନିର୍ଦ୍ଦେଶକ ସୁଶାନ୍ତ କୁମାର ଚର୍ଚ୍ଚି ଓ ଉପଦେଷ୍ଟା ପ୍ରଶାନ୍ତ କୁମାର ଚର୍ଚ୍ଚି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଭାପତି ତତ୍ତ୍ୱମସୀ ପରିଡା ସଭାପତିତ୍ୱ କରିଥିଲେ। କୋଭିଡ୍ ସମୟରେ ଜନ୍ମ ନେଇଥିବା ଏହି ରକ୍ତଦାନ ସେବା ସଂଘ ଷଷ୍ଠ ବର୍ଷରେ ପହଂଚିଥିବା ବେଳେ ଆହୁରି ସୁଦୂରପ୍ରସାରୀ ହେଉ ବୋଲି କହିଥିଲେ ଅନ୍ୟତମ ଅତିଥି ତଥା ବ୍ଲକ ଶିକ୍ଷା ଅଧିକାରୀ ଅଭିମନ୍ୟୁ ସାହୁ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଗଞ୍ଜାମ ଜିଲ୍ଲା ହ୍ୟୁମାନ ରାଇଟ୍ସ ସଭାପତି ଲୋକନାଥ ତ୍ରିପାଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୀତାମ୍ବର ସେଠୀ, ସମାଜସେବୀ ରାମପ୍ରସାଦ ମହାରଣା,



ବିଜେପି ମଣ୍ଡଳ ସଭାପତି ଅଶୋକ ଜେନା, ବରିଷ୍ଠ ନେତା ଶିଶିର ମିଶ୍ର, ବିଜୟ ସ୍ୱାଇଁ, ଯଜ୍ଞ ନାରାୟଣ ଦାଶ ଉପସ୍ଥିତ ଥିଲେ।

## ଦାରିଙ୍ଗବାଡ଼ି ଡ୍ରାଇଭର ସଂଘ ସଭାପତିଙ୍କ ପରଲୋକ

ଦାରିଙ୍ଗବାଡ଼ି,୨୮।୧୨(ସମିସ): ଦାରିଙ୍ଗବାଡ଼ି ବ୍ଲକ ଓଡ଼ିଶା ଡ୍ରାଇଭର ମହାସଂଘର ସଭାପତି ସନ୍ତୋଷ



ଦିଗାଲ(୫୦)ଙ୍କ ପରଲୋକ ଘଟିଛି। ସେ ଗତ କିଛିଦିନ ଧରି ଅସୁସ୍ଥ ଥିଲେ। ଶ୍ୱାସକ୍ରିୟା ସମସ୍ୟା ଯୋଗୁ ଶନିବାର ଅପରାହ୍ନରେ ତାଙ୍କୁ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଡାକ୍ତରଙ୍କ ପରାମର୍ଶରେ ପରିବାର ଲୋକେ ବ୍ରହ୍ମପୁର ମେଡିକାଲ ନେବା ବେଳେ ସୋରଡ଼ା ନିକଟରେ ଅଧିକ ଗୁରୁତର ହୋଇପଡ଼ିଥିଲେ। ଫଳରେ ସୋରଡ଼ା ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଆଜି ସକାଳୁ ଏହି ଘଟଣା ଜଣାପଡ଼ିବା ପରେ ସନ୍ତୋଷଙ୍କ ଗ୍ରାମ ସୁଲୁମାହାରେ ଆତ୍ମୀୟସ୍ୱଜନ ଓ ମାନ୍ୟଗନ୍ୟ ବ୍ୟକ୍ତିଙ୍କ ଭିଡ଼ ଜମିଥିଲା।

## '୧୦୮' ଓ '୧୦୨' ଆମ୍ବୁଲାନ୍ସ ପରିଚାଳନା ସଂସ୍ଥାର ମନମାନି

# ଶ୍ରମ ଆଇନ ଉଲ୍ଲଂଘନ କରୁଛି ସଂସ୍ଥା, ଅନ୍ଧାରରେ ବିଭାଗ

ବ୍ରହ୍ମପୁର,୨୮।୧୨(ସମିସ):

ବିଭିନ୍ନ ଠିକା ସଂସ୍ଥା ଜରିଆରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ସୁବିଧା ଅସୁବିଧା ବୁଝିବା ସହ ନିୟମ ମୁତାବକ ଠିକା ସଂସ୍ଥା ଗୁଡ଼ିକ କାର୍ଯ୍ୟ କରୁଛନ୍ତି ନା ନାହିଁ ସେନେଇ ତଦାରଖ କରିବାକୁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ରହିଛି। ବିଭାଗର କାର୍ଯ୍ୟକୁ ସଠିକ ଭାବେ କାର୍ଯ୍ୟକାରୀ କରିବା ନିମନ୍ତେ ସମସ୍ତ ଜିଲ୍ଲାରେ ଏକାଧିକ ଶ୍ରମ କାର୍ଯ୍ୟାଳୟ ରହିଛି। ସେହିପରି ଗଞ୍ଜାମ ଜିଲ୍ଲାରେ ୨ଟି ବ୍ରହ୍ମପୁର ଓ ଛତ୍ରପୁର ଶ୍ରମ କାର୍ଯ୍ୟାଳୟ ରହିଛି। ଉକ୍ତ କାର୍ଯ୍ୟାଳୟ ଅଧିନରେ ଯେଉଁ ଠିକା ସଂସ୍ଥା ନିଜର ଶ୍ରମିକ ଜରିଆରେ କାର୍ଯ୍ୟ କରନ୍ତି, କାର୍ଯ୍ୟାଳୟରୁ ସଂପୃକ୍ତ ଠିକା ସଂସ୍ଥା ଅନୁମତି ଆଣିବାର ନିମୟ ରହିଛି। କିନ୍ତୁ ଗଞ୍ଜାମ ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ସାରା ରାଜ୍ୟରେ ଚାଲୁଥିବା ୧୦୮ ଓ ୧୦୨ ଆମ୍ବୁଲାନ୍ସ ପରିଚାଳନା ନିମନ୍ତେ 'ଏମ୍ରି ଗ୍ରୀନ ହେଲ୍‌ଥ ସର୍ଭିସେସ' ନାମକ ଘରୋଇ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସଂସ୍ଥା ପକ୍ଷରୁ ଗଞ୍ଜାମ ଜିଲ୍ଲାରେ ୧୦୮ ଆମ୍ବୁଲାନ୍ସ ୫୧ଟି ଓ ୧୦୨ ଆମ୍ବୁଲାନ୍ସ ୪୪ଟି ରୋଗୀଙ୍କ ସେବାରେ

### ବିଧାନସଭାରେ ଉତ୍ତର ରଖୁଛନ୍ତି ମନ୍ତ୍ରୀ; ପାଳନ କରୁନାହାନ୍ତି ଅଧିକାରୀ

ରହିଛି। ପରିଚାଳନା ନିମନ୍ତେ ଉକ୍ତ ଘରୋଇ ସଂସ୍ଥା ପକ୍ଷରୁ ଡ୍ରାଇଭର, ଏମରଜେନ୍ସି ମେଡିକାଲ ଟେକ୍ନିସିଆନ(ଇଏମ୍‌ଟି) ଓ ହେଲ୍‌ପର ଯୋଗାଇ ଦିଆଯାଉଛି। ଏଭଳି ଭାବେ ସଂସ୍ଥା ପକ୍ଷରୁ ଶତାଧିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ହେଲେ ୪ମାସରୁ ଅଧିକ ସମୟ ହେବ ସଂସ୍ଥା ପକ୍ଷରୁ ଗଞ୍ଜାମ ଜିଲ୍ଲାରେ ଥିବା ଦୁଇ ଶ୍ରମ କାର୍ଯ୍ୟାଳୟରୁ ଅନୁମତି ନେଇ ନଥିବା ଜଣାପଡ଼ିଛି। ତେବେ ସଂସ୍ଥା ପକ୍ଷରୁ ଜିଲ୍ଲାରେ କେତେ ସଂଖ୍ୟକ କର୍ମଚାରୀ ନିୟୋଜିତ କରାଯାଇଛି। ଉକ୍ତ ଠିକା କର୍ମଚାରୀଙ୍କୁ ଶ୍ରମ ଆଇନ ଅନୁଯାୟୀ ଦରମା ପ୍ରଦାନ କରାଯାଉଛି କି ନାହିଁ ଏପରି ବିଭିନ୍ନ ତଥ୍ୟ ବ୍ରହ୍ମପୁର ଶ୍ରମ କାର୍ଯ୍ୟାଳୟ ନିକଟରେ ନାହିଁ। ଅନ୍ୟପକ୍ଷରେ ୧୦୮ ଓ ୧୦୨ ଆମ୍ବୁଲାନ୍ସ ପରିଚାଳନା କରୁଥିବା ଘରୋଇ ସଂସ୍ଥା ପକ୍ଷରୁ ବ୍ରହ୍ମପୁର ଶ୍ରମ କାର୍ଯ୍ୟାଳୟରୁ କୌଣସି ଅନୁମତି ନିଆଯାଇ ନଥିବା ସହକାରୀ ଶ୍ରମ ଅଧିକାରିଣୀ ଶୁଭଲକ୍ଷ୍ମୀ ବେହେରା କହିଛନ୍ତି। ଏନେଇ ବ୍ରହ୍ମପୁର ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ନିୟମ ସମ୍ପର୍କରେ ଅବଗତ କରାଯିବା ସହ ଉକ୍ତ ଘରୋଇ ସଂସ୍ଥାକୁ ନୋଟସ୍ ଜାରି କରାଯିବ ବୋଲି କହିଛନ୍ତି।

ଅପରପକ୍ଷରେ ଚଳିତମାସ ୮ତାରିଖରେ ବିଧାନସଭାରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା ୧୦୮ ଆମ୍ବୁଲାନ୍ସ ପରିଚାଳନା ସମ୍ପର୍କରେ ପ୍ରଶ୍ନ କରିଥିଲେ। କଣ୍ଟ୍ରାକ୍ଟ ଲେବର୍ (ଆର୍‌ଆଣ୍ଡଏ) ଆକ୍ଟ, ୧୯୭୦ଅଧିନିୟମ ପ୍ରାବଧାନ ଅନୁଯାୟୀ ଯଦି କୌଣସି ଠିକାଦାର ବିଭିନ୍ନ ଜିଲ୍ଲାରେ କୌଣସି ସଂସ୍ଥାରେ ୫୦ରୁ ଅଧିକ ଠିକାଶ୍ରମିକ ନିୟୋଜନ କରନ୍ତି, ତେବେ ସଂପୃକ୍ତ ଜିଲ୍ଲାର ଶ୍ରମ କାର୍ଯ୍ୟାଳୟରୁ ଲାଇସେନ୍ସ ପ୍ରାପ୍ତ ହେବା ଆବଶ୍ୟକ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଉତ୍ତର ରଖିଥିଲେ। କିନ୍ତୁ ବାସ୍ତବରେ ଜିଲ୍ଲା ସ୍ତରରେ ଭିନ୍ନ ନିୟମ ପାଳନ କରାଯାଉଥିବା ଦେଖିବାକୁ ମିଳିଛି। ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ଯେଉଁ ଉତ୍ତର ରଖୁଛନ୍ତି ବାସ୍ତବରେ ଅଧିକାରୀ ମାନେ ତାହା ପାଳନ କରୁନଥିବା ଅଭିଯୋଗ ହୋଇଛି। ତେଣୁ ଏଥିପ୍ରତି ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ବିଇଏମ୍‌ସି ପାଇଁ ଋଣ ନେଇ ହରଡ଼ଘଣାରେ ମହିଳା ଏସ୍‌ଏଚ୍‌ଜି

ବ୍ରହ୍ମପୁର,୨୮ ।୧୨(ସମିସ):







ସରକାରୀ ଯୋଜନାରେ ଋଣ ନେଇ ଠକେଇର ଶିକାର ହୋଇଛନ୍ତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି) । କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଋଣ ବୋଝ ଦୀର୍ଘ ୪ବର୍ଷ ଧରି ମୁଣ୍ଡ ଉପରେ ଗଡ଼ିଚାଲିଛି । ଏଭଳି ଏକ ଘଟଣା ନଜରକୁ ଆସିଛି ବ୍ରହ୍ମପୁର ମହାନଗର ନିଗମରେ । ତେବେ ବୈଷୟିକ ତ୍ରୁଟି ଥିବା କାରଣରୁ ସାହାଯ୍ୟ କରିବାକୁ ବିଇଏମ୍‌ସି କର୍ତ୍ତୃପକ୍ଷ ଚାହୁଁଥିଲେ ସୁଦ୍ଧା ସମାଧାନର ବାଟ ବାହାରି ପାରୁନଥିବା ଜଣାପଡ଼ିଛି । ଏହାକୁ ନେଇ ସୋମବାର ଡକାଯାଇଥିବା ବିଇଏମ୍‌ସିର ସ୍ୱତନ୍ତ୍ର ବୈଠକରେ ଆଲୋଚନା ହେବା ନେଇ ସୂଚନା ମିଳିଛି ।

ଜାତୀୟ ସଫେଇ କର୍ମଚାରୀ ଆର୍ଥିକ ଓ ବିକାଶ ନିଗମ (ଏନ୍‌ଏସ୍‌କେଏଫ୍‌ଡିସି) ନୂଆଦିଲ୍ଲୀ, ପକ୍ଷରୁ ସ୍ୱଚ୍ଛତା ଉଦ୍ୟମୀ ଯୋଜନାରେ ବ୍ରହ୍ମପୁର ସ୍ଥିତ ଡାଇମଣ୍ଡ ଜୁବୁଲି ଟାଉନ ହଲ୍‌ରେ ଗତ ୨୦୨୧ ନଭେମ୍ବର ୨୫ରେ ଋଣ ମେଳା ଆୟୋଜିତ ହୋଇଥିଲା । ଯେଉଁଥିରେ ପୂର୍ବରୁ ଚୟନ ହୋଇଥିବା ୧୬ଜଣ ହିତାଧିକାରୀଙ୍କୁ ଶତକଡ଼ା ୩୦ପ୍ରତିଶତ ରିହାତିରେ ବିଭିନ୍ନ ସାମଗ୍ରୀ କ୍ରୟ କରିବାର ସୁଯୋଗ ଦିଆଯାଇଥିଲା । ଏଥିରେ ବ୍ରହ୍ମପୁରର ସ୍ୱୟଂ ସହାୟିକା ଗୋଷ୍ଠୀ 'ବ୍ରହ୍ମପୁର ସ୍ୱଚ୍ଛ ବାହିନୀ'ଙ୍କୁ ଚୟନ କରାଯାଇଥିଲା । ଗୋଷ୍ଠୀର ୧୪ଜଣ ସଦସ୍ୟଙ୍କ ନାମରେ ୧କୋଟି ୨୮ଲକ୍ଷ ୬୮ହଜାର ୬୦୬ଟଙ୍କା ମୂଲ୍ୟର ୭ଟି ଗାଡ଼ି ବ୍ୟାଙ୍କରୁ ଋଣ ନେଇ କ୍ରୟ କରାଯାଇଥିଲା । ଏଥିରେ ସ୍ଥାନୀୟ ସାନବଜାର ସ୍ଥିତ କାନାରା ବ୍ୟାଙ୍କ ସହଯୋଗ କରିଥିବା ବେଳେ ପୁନେର କାମ-ଆଭିଦା ଇଂଜିନିୟର ପ୍ରାଇଭେଟ ଲିମିଟେଡ୍ କମ୍ପାନୀ ଗାଡ଼ି ଯୋଗାଇ ଦେଇଥିଲା । ଏଥିପାଇଁ ବ୍ରହ୍ମପୁର ସ୍ୱଚ୍ଛତା ବାହିନୀ ସ୍ୱୟଂ ସହାୟିକା ଗୋଷ୍ଠୀର ୧୪ଜଣ ସଦସ୍ୟ ଯଥା ସୁଜାତା ସାମଲ, ଭଗବାନ ସାମଲ, ସ୍ୱପ୍ନା ସେଠୀ, ଝୁନୁ ସେଠୀ, ଶିବାନି ଦାସ ଓ ମିନତୀ ବିଶୋୟୀଙ୍କ ନାମରେ ୩ଟି 'ଡିସିଲ୍ଟିଂ ମେସିନ' ପ୍ରତ୍ୟେକର ମୂଲ୍ୟ ୧୮ଲକ୍ଷ ୬୫ହଜାର ୮୩୨ଟଙ୍କା । ଗୁଲାପି ଦାସ, ଭାଗ୍ୟଶ୍ରୀ ପ୍ରଧାନ, ପିଙ୍କି ଦାସ ଏବଂ ବୁଲି ଖଟୁଆ ପ୍ରଧାନଙ୍କ ନାମରେ ୨ଟି 'ଜେଟିଂ ମେସିନ' ପ୍ରତ୍ୟେକର ମୂଲ୍ୟ ୨୦ଲକ୍ଷ ୯୩ହଜାର ୪୪୬ଟଙ୍କା । ସୁଦେଷ୍ଣା ସେଠୀ ଓ ସାବିତ୍ରୀ ପାଳଙ୍କ ନାମରେ ଗୋଟିଏ 'ସକ୍ସନ ମେସିନ' ଯାହାର ମୂଲ୍ୟ ୧୫ଲକ୍ଷ ୩୨ହଜାର ୧୯୪ଟଙ୍କା ଏବଂ ସକୁନ୍ତଳା ଦାସ ଓ ଅଳକା ମହାନ୍ତିଙ୍କ ନାମରେ ଗୋଟିଏ 'ଗ୍ରାବିଂ ମେସିନ' ଯାହାର ମୂଲ୍ୟ ୧୫ଲକ୍ଷ ୫୨ହଜାର ୨୪ଟଙ୍କା ଥିବା

## ମେଳାରୁ ୧.୨୫ କୋଟିରୁ ଊର୍ଦ୍ଧ୍ୱ ଋଣ ନେଇ କିଣାହୋଇଛି ୭ ଗାଡ଼ି
## ଚୁକ୍ତି ମୁତାବକ ବିଇଏମ୍‌ସିରେ ନିୟୋଜିତ ନ ହେବାରୁ ଫସିଯାଇଛନ୍ତି ମହିଳା
## ୪ବର୍ଷ ଧରି ପଡ଼ିରହି ଖତ ଖାଉଛି ନୂଆ ଗାଡି; ଚିନ୍ତାରେ ବ୍ୟାଙ୍କ ଓ ଏଚ୍‌ଏଚ୍‌ଜି

ଜଣାପଡ଼ିଛି । ଏଭଳି ଭାବେ ଗ୍ରୁପର ମୋଟ ୧୪ଜଣ ସଦସ୍ୟଙ୍କ ନାମରେ ମୋଟ ୧କୋଟି ୨୮ଲକ୍ଷ ୬୮ହଜାର ୬୦୬ଟଙ୍କା ମୂଲ୍ୟର ୭ଟି ଗାଡ଼ି କ୍ରୟ କରାଯାଇଥିଲା । ଗାଡ଼ି କ୍ରୟ ବେଳେ ବିଇଏମ୍‌ସି ପକ୍ଷରୁ ତତ୍‌କାଳୀନ କର୍ତ୍ତୃପକ୍ଷ ୭ବର୍ଷ ପର୍ଯ୍ୟନ୍ତ ଉକ୍ତ ଗାଡିଗୁଡିକୁ ବିଇଏମସିରେ ସଫେଇ କାର୍ଯ୍ୟରେ ନିୟୋଜିତ କରି ମାସିକ ୧ଲକ୍ଷ ୭୫ହଜାର ୯ଶହ ଟଙ୍କା ଦେବାକୁ ଚୁକ୍ତି ହୋଇଥିଲା । ଏଥି ସହିତ ବିଇଏମ୍‌ସି ପକ୍ଷରୁ ଜଣେ ଡ୍ରାଇଭର ଓ ଜଣେ ଅପରେଟରଙ୍କୁ ନିଜସ୍ୱ ଖର୍ଚ୍ଚରେ ନିୟୋଜିତ କରିବାକୁ ମଧ୍ୟ କୁଆଡେ ଚୁକ୍ତି ହୋଇଥିଲା । ଉକ୍ତ ଟଙ୍କାରେ ସ୍ୱୟଂ ସହାୟିକା ଗୋଷ୍ଠୀ ନିଜର ମାସିକ ଇଏମ୍‌ଆଇ ସହିତ ଋଣ ପରିଶୋଧ କରିବାକୁ ସ୍ଥିର ହୋଇଥିବା ବ୍ରହ୍ମପୁର ସ୍ୱଚ୍ଛତା ବାହିନୀ ବା 'ବିଏସବି' ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ କୁହାଯାଇଛି । ତେବେ ଗାଡ଼ି କ୍ରୟ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ସେଗୁଡିକୁ ବିଇଏମସି ପକ୍ଷରୁ କୌଣସି କାର୍ଯ୍ୟରେ ନିୟୋଜିତ କରାଯିବା ତ ଦୂରର କଥା ବିଇଏମସି କର୍ତ୍ତୃପକ୍ଷ ସେଗୁଡିକୁ ନିଜ ଭେଇକିଲ ୟାର୍ଡରେ ରଖିଥିବା ଅଭିଯୋଗ ହୋଇଛି । ଯଦ୍ୱାରା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟଙ୍କ ନାମରେ ବ୍ୟକ୍ତିଗତ ଋଣରେ ଆସିଥିବା ଗାଡ଼ିଗୁଡିକ ବ୍ୟବହାର ନହେବାରୁ ସେହି ବାବଦରେ ଚୁକ୍ତି ମୁତାବକ ବିଇଏମସି ପକ୍ଷରୁ ମଧ୍ୟ କୌଣସି ଅର୍ଥ ପ୍ରଦାନ କରାଯାଇନଥିଲା । ବିଇଏମ୍‌ସିର ଭେଇକିଲ ୟାର୍ଡରେ ଥିବା ଗାଡିଗୁଡିକୁ ଋଣ ପ୍ରଦାନ କରିଥିବା କାନାରା ବ୍ୟାଙ୍କ ପକ୍ଷେ ଜବତ କରିବା ମଧ୍ୟ ସମ୍ଭବପର ହୋଇନଥିଲା । ଏଭଳି ପରିସ୍ଥିତିରେ ବ୍ରହ୍ମପୁର ସ୍ୱଚ୍ଛତା ବାହିନୀ ସ୍ୱୟଂ ସହାୟିକା ଗୋଷ୍ଠୀର ୧୪ଜଣ ସଦସ୍ୟଙ୍କ ଉପରେ ଋଣ ବୋଝ ବଢ଼ିବାରେ ଲାଗିଛି । ମୂଳ ସହିତ ସୁଧ ମିଶି ବର୍ତ୍ତମାନ ଏହି ଅର୍ଥ ବହୁ ଅଧିକ ହୋଇସାରିଛି । ସେପଟେ ଋଣ ନେଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କୁ ଉଭୟ ବ୍ୟାଙ୍କ ଓ କୋର୍ଟରୁ ବାରମ୍ବାର ନୋଟିସ ଆସୁଥିବା ଜଣାପଡିଛି । ଯାହାକୁ ନେଇ ଚିନ୍ତାରେ ପଡିଯାଇଛନ୍ତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସମସ୍ତ ୧୪ ସଦସ୍ୟା । ଏଥିପାଇଁ ସେମାନେ ସିଧାସଳଖ ବିଇଏମସି କର୍ତ୍ତୃପକ୍ଷଙ୍କୁ ଦାୟୀ କରିବା ସହିତ ଘଟଣାକୁ ନେଇ ଗଞ୍ଜାମ ଜିଲ୍ଲାପାଳ, ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଏବଂ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିସାରିଛନ୍ତି । ତଥାପି ସମସ୍ୟାର ସ୍ଥାୟୀ ସମାଧାନ ହେଉନଥିବାରୁ କ୍ଷତିଗ୍ରସ୍ତ ଏସଏଚଜି ଗ୍ରୁପର ସଦସ୍ୟମାନେ ମେୟର ସଂଘମିତ୍ରା ଦଳେଇ ଓ ବିଇଏମ୍‌ସି କମିସନର ପ୍ରଥମେଷ ଅରବିନ୍ଦ ରାଜେଶିର୍କେଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରିଛନ୍ତି । ସମସ୍ୟା ସମ୍ପର୍କରେ ଅବଗତ ହେବାପରେ ସମାଧାନ କରିବାକୁ ଆରମ୍ଭ ହୋଇଛି ପ୍ରୟାସ । ନିର୍ବାଚିତ କର୍ପୋରେସନ ନଥିବା ବେଳେ ତତ୍‌କାଳୀନ ପ୍ରଶାସକଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡିଛି । ତେବେ କେଉଁ ପରିସ୍ଥିତିରେ ଏହି ସମସ୍ୟା ଉପୁଜିଛି ତାହାର ତର୍ଜମା କରାଯାଉଛି । ତେବେ ଏଥିରେ ଟେକ୍ନିକାଲ ତ୍ରୁଟି ଥିବା ଜଣାପଡିଛି । ଗାଡି କ୍ରୟ କରାଯିବା ବେଳେ ଅଥବା ପରେ ବିଇଏମସି, କାନାରା ବ୍ୟାଙ୍କ ଓ ଏସଏଚଜି ଗ୍ରୁପ ମଧ୍ୟରେ ତ୍ରିପାକ୍ଷିକ ଚୁକ୍ତିନାମା ହେବାର ଆବଶ୍ୟକତା ଥିଲା । ଯାହା କୌଣସି କାରଣବଶତଃ ହୋଇପାରିନାହିଁ । ଫଳସ୍ୱରୂପ ବିଇଏମ୍‌ସି କର୍ତ୍ତୃପକ୍ଷ ନିଜ ଆଡ଼ୁ ସମସ୍ୟାର ସମାଧାନ କରିବାରେ ସମସ୍ୟା ସୃଷ୍ଟି ହେଉଛି ।

ତେବେ କାରଣ ଯାହା ବି ହେଉ ନା କାହିଁକି, ବିଇଏମ୍‌ସି ପାଇଁ ଋଣ ନେଇ ଫସି ଯାଇଛି ସ୍ୱୟଂ ସହାୟିକା ଗୋଷ୍ଠୀ । ସମସ୍ୟାକୁ ନେଇ ବିଇଏମସି କର୍ତ୍ତୃପକ୍ଷ ସୋମବାର ନିଗମର ସଫେଇ କାର୍ଯ୍ୟରେ ନିୟୋଜିତ ସମସ୍ତ ୩ଟି ଘରୋଇ ସଂସ୍ଥାକୁ ଡାକି ସ୍ୱତନ୍ତ୍ର ବୈଠକରେ ସମାଧାନ ପାଇଁ ଆଲୋଚନା କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି ।

## କୋରାପୁଟରେ ଟିପିଏସ୍‌ଓଡିଏଲ୍‌ର ଦୁଇ ସବ୍‌ଡିଭିଜନ କୋଠା ଉଦ୍‌ଘାଟିତ



ବ୍ରହ୍ମପୁର,୨୮ ।୧୨(ସମିସ): ଗୁଣାତ୍ମକ ତଥା ଉପଭୋକ୍ତା କୈନ୍ଦ୍ରିକ ବିଦ୍ୟୁତ ସେବାକୁ ପ୍ରାଥମିକତା ଦେଇ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ) କୋରାପୁଟ ଜିଲ୍ଲାରେ ଦୁଇ ସବଡିଭିଜନ ଅଫିସ ନିମନ୍ତେ ନୂତନ କୋଠା ନିର୍ମାଣ କରିଛି । କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ, ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ କାର୍ଯ୍ୟାଳୟଗୁଡ଼ିକୁ ଉଦଘାଟନ କରିଛନ୍ତି । କୋରାପୁଟର ଜୟପୁର ସବଡିଭିଜନ-୧ ଓ ଲକ୍ଷ୍ମୀପୁର ସବଡିଭିଜନ କାର୍ଯ୍ୟାଳୟର ଏହି ନୂତନ କୋଠା କମ୍ପାନୀର ପରିଚାଳନାଗତ ଦକ୍ଷତା ବୃଦ୍ଧି କରିବାରେ ସହାୟକ ହେବ । ସେହିଭଳି ବିଦ୍ୟୁତ ସେବା ଗ୍ରାହକଙ୍କ ନିକଟତର ହୋଇପାରିବ । ନୂଆ କାର୍ଯ୍ୟାଳୟରେ ଉନ୍ନତ ଭିତ୍ତିଭୂମି, ଉତ୍ସର୍ଗୀକୃତ ବିଲିଂ କାଉଣ୍ଟର ଓ ଗ୍ରାହକଙ୍କ ଉଦ୍ଦେଶ୍ୟରେ ସବୁ ମୌଳିକ ସୁବିଧା ରହିଛି ।

ଟିପିଏସ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, "ବିଦ୍ୟୁତ ସେବାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟରେ ଆମେ କ୍ରମାଗତ ପ୍ରୟାସ ଜାରି ରଖିଛୁ । ଏହିକ୍ରମରେ ଗ୍ରାହକ ସେବାକୁ ଅଧିକ ସହଜ କରିବା ପାଇଁ ଓ କର୍ମଚାରୀମାନଙ୍କୁ ଉନ୍ନତ କାର୍ଯ୍ୟକ୍ଷେତ୍ର ପ୍ରଦାନ କରିବା ଲକ୍ଷ୍ୟରେ ଏହି ନୂତନ କାର୍ଯ୍ୟାଳୟଗୁଡ଼ିକ ସହାୟକ ହେବ ।

## ମଞ୍ଚରତ୍ନ ନାରାୟଣ ସାମଲଙ୍କ ସ୍ମୃତିରେ 'ନାଟ ଉତ୍ସବ'

ବ୍ରହ୍ମପୁର,୨୮ ।୧୨(ସମିସ): ନାଟକ ହିଁ ଥିଲା ତାଙ୍କ ଜୀବନ । ସାରା ଓଡ଼ିଶାରେ ଏକ ପରିଚିତ ବ୍ୟକ୍ତିତ୍ୱ ଥିଲେ । ଆଜି ସେ ନାହାନ୍ତି ସତ, ହେଲେ ତାଙ୍କ ଜୀବନାଦର୍ଶ ଆମକୁ ଓଡ଼ିଆ ନାଟକର ଶ୍ରୀବୃଦ୍ଧି କରିବା ସକାଶେ ପ୍ରେରଣା ପ୍ରଦାନ କରୁଛି ବୋଲି ଆଜି ସ୍ଥାନୀୟ ପ୍ରକାଶମ୍ ହଲ ଠାରେ ମଞ୍ଚରତ୍ନ ନାରାୟଣ ସାମଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମ 'ନାଟ ଉତ୍ସବ ୨୦୨୫' ଅବସରରେ ଯୋଗ ଦେଇ ଆଲୋଚକମାନେ ମତପ୍ରକାଶ କରିଛନ୍ତି । ମୁଖ୍ୟ ଅତିଥି ଭାବେ ସଂଘମିତ୍ରା ଦଳାଇ, କାଜୁ ନିଗମ ଅଧକ୍ଷ ସୁବାସ ମହାରଣା, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଯୋଗ ଦେଇଥିଲେ । ଲକ୍ଷ୍ୟ-ନିଳେନ୍ଦ୍ରୀ ନାରାୟଣ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାଟକ କ୍ଷେତ୍ରରେ ଜୀବନବ୍ୟାପୀ ଉପଲବ୍ଧି ସକାଶେ ଅଭିନେତା-ସ୍ମାରକ ଗୋକୁଳି ପଣ୍ଡା, ନାଟ୍ୟକାର ଲିଙ୍ଗରାଜ ନାହାକ, ଅଭିନେତ୍ରୀ ସୁଶୀଳା କହଁର, ମୁଖସାଜକ ତେଜରାଜ ଏବଂ ସାହିତ୍ୟ କ୍ଷେତ୍ରରେ ବିଶିଷ୍ଟ ଗବେଷକ ବେଙ୍କଟବିହାରୀ ପ୍ରହରାଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ତ୍ତିକ ପାଣିଗ୍ରାହୀ, ରଶ୍ମିତା କୁମାରୀ ଦଳାଇ ଓ ମହାନ ଦିବ୍ୟାତ୍ମନ ସାମଲ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଲକ୍ଷ୍ମୀନାରାୟଣ ସାବତ ଧନ୍ୟବାଦ ଅର୍ପଣ କରିଥିଲେ ।

### ଲେଖକ-ଲେଖିକା ସାମ୍ମୁଖ୍ୟର ସାରସ୍ୱତ ସମାରୋହ

## ଲୋକ ସାହିତ୍ୟ ଓ ଲୋକକଳାର ଆଦି ପୀଠ ଗଞ୍ଜାମ



ବ୍ରହ୍ମପୁର,୨୮ ।୧୨(ସମିସ): ଉତ୍କଳ ଆଶ୍ରମ ଭାଷା ଭବନ କକ୍ଷରେ ଗଞ୍ଜାମ ଜିଲ୍ଲା ଲେଖକ ସାମ୍ମୁଖ୍ୟର ତ୍ରୟୋବିଂଶ ତମ ଏବଂ ଗଞ୍ଜାମ ଜିଲ୍ଲା ଲେଖିକା ସାମ୍ମୁଖ୍ୟ ସପ୍ତଦଶ ତମ ସ୍ୱନକ୍ଷତ୍ର ଉତ୍ସବ ସାରସ୍ୱତ ସମାରୋହ ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେଶନ କବିତା ପାଠୋତ୍ସବରେ ଲେଖକ ସାମ୍ମୁଖ୍ୟ ଉପସଭାପତି ଡ଼ ବିଜୟ ଚନ୍ଦ୍ର ମହାରଣା ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବରେ ବିଶିଷ୍ଟ କବି ବିରୁପାକ୍ଷ ଦାଶ, ଲେଖିକା ସାମ୍ମୁଖ୍ୟ ଉପସଭାପତି ଉମାରାଣୀ ପଣ୍ଡା, ପ୍ରମିଳା ମହଲା, ସଂଯୋଜିକା ଜ୍ୟୋତ୍ସ୍ନାମୟୀ ପ୍ରଧାନ, ପ୍ରେମଶିଳା ଶିଳା ନନ୍ଦ, ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଦ୍ୱିତୀୟ ଅଧିବେଶନ ଲେଖକ ସାମ୍ମୁଖ୍ୟ ସଭାପତି ହାଡ଼ିବନ୍ଧୁ ମାଳି ଏବଂ ଲେଖିକା ସାମ୍ମୁଖ୍ୟ ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ରଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ରେ ମୁଖ୍ୟ ଅତିଥି ଭାବରେ ଓଡ଼ିଆ ଲୋକ ସାହିତ୍ୟର ବିଶିଷ୍ଟ ଗବେଷକ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ ଲମ୍ବୋଦର ପାଣିଗ୍ରାହୀ, ମୁଖ୍ୟ ବକ୍ତା ରୂପେ ଓଡ଼ିଆ ସାହିତ୍ୟର ଅନ୍ୟତମ ଗବେଷକ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ ହରିକୃଷ୍ଣ ନାୟକ, ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ଅନୁବାଦିକା ଡ଼ ସୂଚନା ପାଢୀ, ସମ୍ମାନିତ ବକ୍ତା ଭାବରେ ମହାମାୟୀ ମହିଳା ମହାବିଦ୍ୟାଳୟର ଗୃହ ବିଜ୍ଞାନ ମୁଖ୍ୟ କବୟିତ୍ରୀ ଡ଼ ଜୟନ୍ତୀ ରାଣୀ ପଣ୍ଡା, ଲେଖିକା ସାମ୍ମୁଖ୍ୟ ସାଧାରଣ ସମ୍ପାଦିକା ଆରତୀ ଶତପଥୀ ଏବଂ ଲେଖକ ସାମ୍ମୁଖ୍ୟ ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ ଅଂଶଗ୍ରହଣ କରି ସମାରୋହକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଏବଂ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ଡକ୍ଟର ରବିନାରାୟଣ ମିଶ୍ର ଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କରି ଉଦ୍‌ଘାଟନ କରିଥିଲେ । ଉଭୟ ଅନୁଷ୍ଠାନର ମୁଖପତ୍ର ଋଷିକୂଲ୍ୟା ଓ ସୃଜନୀ ଉନ୍ମୋଚିତ ହେବା ସହ ଅବସରପ୍ରାପ୍ତ ଅଧ୍ୟକ୍ଷ କବି ଦଣ୍ଡପାଣି ମହାପାତ୍ରଙ୍କ ରଚିତ କବିତା ସଂକଳନ "ସଂଘର୍ଷ ଏକ ମୂହୁର୍ତ୍ତର' କବୟିତ୍ରୀ ଅନୁବାଦିକା ପ୍ରମିଳା ମହଲାଙ୍କ ବଙ୍ଗଳା ଭାଷାର ବିଶିଷ୍ଟ ଔପନ୍ୟାସିକା ଚାରୁ ମଜୁମଦାରଙ୍କ ଉପନ୍ୟାସ "ଅର୍ଜୁନ ଓ ଚାରି କନ୍ୟା,"ବରିଷ୍ଠ ଲେଖକ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ପ୍ରବନ୍ଧ ସଙ୍କଳନ "ପରିବର୍ତ୍ତନର ସ୍ୱର"ବରିଷ୍ଠ କବି ଭୋବନି ପଣ୍ଡାଙ୍କ ଶିଶୁ କବିତା ସଙ୍କଳନ "ଟୁଉକୁ ମୂଷି', ଏବଂ ଔପନ୍ୟାସିକା ସୁଶ୍ରୀ ବିସ୍ମିତା କୁମାରୀ ପଣ୍ଡାଙ୍କ ଉପନ୍ୟାସ " ଭିଟା ମାଟିର ମୋହ" ଅତିଥି ମାନଙ୍କ ଦ୍ୱାରା ଲୋକାର୍ପଣ ହୋଇଯାଇଛି । ଆଲୋଚନା ପ୍ରସଙ୍ଗ "ଓଡ଼ିଆ ଲୋକ ସାହିତ୍ୟ କୁ ଗଞ୍ଜାମ ଜିଲ୍ଲାର ଅବଦାନ" ସମ୍ପର୍କରେ ମତବ୍ୟକ୍ତ କରି ମୁଖ୍ୟ ବକ୍ତା ଡ଼ ନାୟକ ଗଞ୍ଜାମ ଜିଲ୍ଲାର ସାରସ୍ୱତ ସାଧକ ମାନଙ୍କ ଓଡ଼ିଆ ସାହିତ୍ୟ ଜଗତକୁ ଅବଦାନ ର ବିସ୍ତୃତ ଆଲୋଚନା କରି ଲୋକ ସାହିତ୍ୟ ଅନ୍ୟତମ ବିଭବ ଲୋକ ସଂଗୀତ ଓ କଳା ଭାରତ ଲୀଳା ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ । ଶିକ୍ଷାବିତ ସ୍ତମ୍ଭକାର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ହାରିତସଙ୍କୁ ଲେଖକ ସାମ୍ମୁଖ୍ୟ ତରଫରୁ ଅନୁଷ୍ଠାନ ର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡକ୍ଟର ରବିନାରାୟଣ ମିଶ୍ର ସ୍ମୃତି ସମ୍ମାନ ଏବଂ ଲେଖିକା ସାମ୍ମୁଖ୍ୟ ତରଫରୁ ମହାମାୟୀ ମହିଳା ମହାବିଦ୍ୟାଳୟ ର ଗୃହ ବିଜ୍ଞାନ ମୁଖ୍ୟ ବରିଷ୍ଠ ପ୍ରାଧାପିକା କବୟିତ୍ରୀ ଡ଼ ଜୟନ୍ତୀ ରାଣୀ ପଣ୍ଡାଙ୍କୁ ପ୍ରଫେସର ଡକ୍ଟର ରବିନାରାୟଣ ମିଶ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯିବା ସହ ବରିଷ୍ଠ କବି ଶିଶୁ ସାହିତ୍ୟିକ ଭୋବନି ପଣ୍ଡାଙ୍କ ଅବିଶ୍ରାନ୍ତ ସାରସ୍ୱତ ସାଧନା ନିମନ୍ତେ "ବିଶିଷ୍ଟ ସାହିତ୍ୟିକ" ସମ୍ମାନରେ ସମ୍ମାନିତ କରାଯାଇଥିଲା ।

## ଜିଲ୍ଲା କଂଗ୍ରେସର ପ୍ରତିଷ୍ଠା ଦିବସ

ବ୍ରହ୍ମପୁର,୨୮ ।୧୨(ସମିସ): ଗଞ୍ଜାମ ଜିଲ୍ଲା କଂଗ୍ରେସ (ପୂର୍ବ) କାର୍ଯ୍ୟାଳୟରେ ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପ୍ରଭାତଫେରି ଓ ରାସ୍ତା ସଫେଇ ପରେ ଦଳୀୟ ପତାକାକୁ ଜିଲ୍ଲା କଂଗ୍ରେସ ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକ ଉପସ୍ଥିତିରେ ଉତ୍ତୋଳନ କରାଯାଇଛି । ଏଥିସହିତ ବିଭିନ୍ନ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ କଂଗ୍ରେସ ନେତା ସାକା ସୁଜିତ୍, ଗୋକୁଳ ଚନ୍ଦ୍ର କର, ଅଶୋକ ପଟ୍ଟନାୟକ, ଉମାକାନ୍ତ ଶାସମଲ, ରାମାଓ, ପ୍ରବୀର ସାବତ, ସୁଶାନ୍ତ ପାଣି, ଯୋଗୀ ବେହେରା, ବୃନ୍ଦାବନ ଖଟେଇ, ବନଜା ପଣ୍ଡା, ସୁବାଷିନୀ ପଟ୍ଟନାୟକ, ରଶ୍ମି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଗଞ୍ଜାମ ଛାତ୍ରଙ୍କ କୃତିତ୍ୱ



ବ୍ରହ୍ମପୁର,୨୮ ।୧୨(ସମିସ): ଗତ ୨୬ରୁ ୨୮ତାରିଖ ପର୍ଯ୍ୟନ୍ତ କେନ୍ଦୁଝରର ଜିଲ୍ଲା ଧନୁର୍ଜୟ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଗଞ୍ଜାମ ଜିଲ୍ଲାର ଛାତ୍ର କୃତିତ୍ୱ ହାସଲ କରିଛନ୍ତି । ଏଥିରେ ଗଞ୍ଜାମ ଜିଲ୍ଲାର ସର୍ବମୋଟ ୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସେଥିମଧ୍ୟରୁ ଜଳ ସଂରକ୍ଷଣ ଓ ପରିଚାଳନା ବିଷୟ ଆଧାରିତ ପୁରୁଣାପାଟଣା ଉଚ୍ଚ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନରେନ୍ଦ୍ର ନାୟକଙ୍କ ପ୍ରକଳ୍ପ 'ଆରେଷ୍ଟ ୱାଟର ଫର୍ ଗ୍ରୀନ ଫ୍ୟୁଚର' ପ୍ରକଳ୍ପ ରାଜ୍ୟସ୍ତରରେ ପୁରସ୍କୃତ ହୋଇଛି । ଏଥିସହ ପୂର୍ବ ଭାରତୀୟ ବିଜ୍ଞାନ ମେଳାରେ ଭାଗ ନେବାପାଇଁ ଚୟନ ହୋଇଛନ୍ତି । ଗାଇଡ୍ ଶିକ୍ଷକ ନିରଞ୍ଜନ ନାୟକ ପ୍ରକଳ୍ପ ପ୍ରସ୍ତୁତିରେ ସହଯୋଗ କରିଥିଲେ । ଜିଲ୍ଲା ଶିକ୍ଷାଧିକାରୀଙ୍କ ଅଜୟ କୁମାର ପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ.ପ୍ରଭାରୀ କୁମାରୀ ମହାପାତ୍ର, ଏସ.ଧନ୍ୟବାଦ, ବସନ୍ତ କୁମାର ପଣ୍ଡା, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା ଓ ପୁରୁଣାପାଟଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋକୁଳ କୃଷ୍ଣ ପଣ୍ଡା ଅଭିନନ୍ଦନ ଜ୍ଞାପନ କରିଛନ୍ତି । ଜାନୁୟାରୀ ୨ୟ ସପ୍ତାହରେ କୋଲକାତାରେ ଅନୁଷ୍ଠିତ ହେବାକୁ ଥିବା ପୂର୍ବ ଭାରତୀୟ ବିଜ୍ଞାନ ମେଳାରେ ଭାଗ ନେବେ ବୋଲି ଜଣାପଡ଼ିଛି ।

## ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ବ୍ରହ୍ମପୁର,୨୮ ।୧୨(ସମିସ): ଚାଞ୍ଚଡା ପଡ଼ିଆ ସାହିରେ ରହୁଥିବା ସୁଚିତ୍ରା ପୃଷ୍ଟିଙ୍କ ସନ୍ଦେହ ଜନକ ଭାବେ ମୃତ୍ୟୁ ହୋଇଥିଲା । ଅଧିକ ଯୌତୁକ ଦାବିରେ ଝିଅ ସୁଚିତ୍ରାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପ ଘର ଲୋକେ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ସ୍ୱାମୀ ତଥା ରାଳବ ଗ୍ରାମର ମିଟୁ ପୃଷ୍ଟି(୩୨)ଙ୍କୁ ଗିରଫ କରିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସୁଚିତ୍ରାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି କୁହାଯାଇଛି । ରବିବାର ମିଟୁଙ୍କୁ କୋର୍ଟଚାଲାଣ କରାଯାଇଥିବା ତଦନ୍ତଧିକାରୀ ରଶ୍ମିତା ସାମଲ ସୂଚନା ଦେଇଛନ୍ତି ।

### ବିଡ଼ମ୍ବନା: କାର୍ଯ୍ୟକାରୀ ହୋଇପାରୁନି ବିଇଏମସି ବୈଠକରେ ନିଆଯାଉଥିବା ନିଷ୍ପତ୍ତି

## ସହର ଆଲୋକୀକରଣ ପାଇଁ ୮୮୦ ଏଲ୍‌ଇଡି ଲାଇଟ୍ ଲାଗିବ କେବେ

ବ୍ରହ୍ମପୁର,୨୮ ।୧୨(ସମିସ):

ସହରାଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ କରିବା ସମ୍ପୃକ୍ତ ପୌର ତଥା ନିଗମ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଓ ପ୍ରାଥମିକ କର୍ତ୍ତବ୍ୟ । ତେବେ ବିଭିନ୍ନ କାରଣରୁ ବ୍ରହ୍ମପୁର ମହାନଗର ନିଗମରେ ଏକ୍ଷେତ୍ରରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ବ୍ରହ୍ମପୁର ମହାନଗର ନିଗମ ବା ବିଇଏମସିରେ ପ୍ରତ୍ୟେକ ମାସରେ ଅନ୍ତତଃ ଥରେ ବୈଠକ ବସିବାକୁ ଥିବା ବେଳେ ତାହା ବିଭିନ୍ନ କାରଣରୁ ସମ୍ଭବପର ହେଉନାହିଁ । ତେବେ ବିଳମ୍ବରେ ହେଲେ ମଧ୍ୟ ନିୟମିତ ବ୍ୟବଧାନରେ ହେଉଥିବା ନିଗମ ବୈଠକରେ ନିଆଯାଉଥିବା ବିଭିନ୍ନ ନିଷ୍ପତ୍ତି ମଧ୍ୟ ସଠିକ ଭାବେ କାର୍ଯ୍ୟକାରୀ ହୋଇପାରୁ ନଥିବା ଭଳି ଗୁରୁତର ଅଭିଯୋଗ ଆସିଛି । ନିଗମକୁ ସରକାରୀ ଅନୁଦାନ ଆସିବାରେ ଏବଂ କର୍ମଚାରୀଙ୍କ ଅଭାବ ଏହାର ପ୍ରମୁଖ କାରଣ ବୋଲି ଜଣାପଡିଛି । ତେବେ ସହରବାସୀଙ୍କୁ ମୌଳିକ ସୁବିଧା ଯୋଗାଇବା ସହିତ ଏଥିପାଇଁ ସେମାନଙ୍କ ଠାରୁ ବିଭିନ୍ନ ଟିକସ ଆକାରରେ ରାଜସ୍ୱ ସଂଗ୍ରହ କରାଯାଇଥାଏ । ତେବେ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇବାରେ ଅବହେଳା ପ୍ରଦର୍ଶନ କରୁଥିବା ବିଇଏମସି କିଭଳି ଭାବେ ଲୋକଙ୍କ ଠାରୁ ରାଜସ୍ୱ ଆଦାୟ କରୁଛି ତାକୁ ନେଇ ଉଠିଛି ପ୍ରଶ୍ନ । ପ୍ରକାଶ ଯୋଗ୍ୟ ଯେ' ୪୨ୱାର୍ଡ ବିଶିଷ୍ଟ ବ୍ରହ୍ମପୁର ମହାନଗର ନିଗମର ବିଭିନ୍ନ ଅଞ୍ଚଳର ସମସ୍ୟା ଓ ତାହାର ସମାଧାନକୁ ନେଇ କର୍ପୋରେଟରମାନେ କର୍ପୋରେସନ ବୈଠକରେ ପ୍ରଶ୍ନ ଉତ୍ଥାପନ କରି ପ୍ରସ୍ତାବ ରଖିଥାନ୍ତି । ଏହି କ୍ରମରେ ଗତ ବର୍ଷ ଡିସେମ୍ବର ମାସରେ ହୋଇଥିବା ନିଗମର ବୈଠକରେ ସହରର ଆଲୋକିକରଣ ଉପରେ ବିସ୍ତୃତ ଓ ସୁଦୀର୍ଘ ତଥା ସକାରାତ୍ମକ ଆଲୋଚନା ହୋଇଥିଲା । କ୍ରମବର୍ଦ୍ଧିଷ୍ଣ ବ୍ରହ୍ମପୁର ସହର ପାଇଁ ପ୍ରତ୍ୟେକ ୱାର୍ଡରେ ଅନ୍ତତଃ ପକ୍ଷେ ୨୦ଟି ଲେଖାଏଁ ଏଲଇଡି ଷ୍ଟ୍ରିଟ ଲାଇଟ ଲଗାଇବା ନେଇ ଆସିଥିବା ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ପାରିତ କରାଯାଇଥିଲା । ଏଥିପୂର୍ବରୁ ଷ୍ଟାଣ୍ଡିଂ କମିଟିରେ ମଧ୍ୟ ଏନେଇ ଆଲୋଚନା ହୋଇ ସୁପାରିଶ କରାଯାଇଥିଲା । ଏପରିକି ଆବଶ୍ୟକତା ଅନୁଯାୟୀ ଛୋଟ ୱାର୍ଡରୁ ଅବଶିଷ୍ଟ ଏଲଇଡି ଲାଇଟକୁ ଅନ୍ୟ ତଥା ବୃହତ୍ତ ୱାର୍ଡରେ ଲଗାଇବାକୁ ମଧ୍ୟ ସହମତି ପ୍ରକାଶ ପାଇଥିଲା । ଏଥିପାଇଁ ନିଗମ ପକ୍ଷରୁ ମୋଟ ୮୪୦ଟି ଏଲଇଡି ଷ୍ଟ୍ରିଟ ଲାଇଟ କ୍ରୟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ତେବେ ବୈଠକ ଓ ନିଷ୍ପତ୍ତିକୁ ଇତି ମଧ୍ୟରେ ଦିର୍ଘ ଏକ ବର୍ଷ ବିତିଯାଇଥିଲେ ହେଁ ୮୪୦ଟି ଦୂରର କଥା ୪୦ଟି ଷ୍ଟ୍ରିଟ ଲାଇଟ ମଧ୍ୟ କ୍ରୟ କରାଯାଇନଥିବା ଜଣାପଡିଛି । ଯାହାକୁ ନେଇ ବିଭିନ୍ନ ୱାର୍ଡରେ କର୍ପୋରେଟରମାନେ ଜନ ଆକ୍ରୋଶର ଶୀକାର ହେଉଥିବା ଅଭିଯୋଗ ହୋଇଛି । ଆଗାମୀ କର୍ପୋରେସନ ବୈଠକରେ ଏହି ପ୍ରସଙ୍ଗ ସମେତ ଏଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ସରଗରମ ଆଲୋଚନା ହେବ ବୋଲି ସୂଚନା ମିଳିଛି ।

**କର୍ପୋରେସନ ବୈଠକରେ ନିଆଯାଇଥିବା ନିଷ୍ପତ୍ତିକୁ ବିତିଲାଣି ବର୍ଷେ**



## ମାଆ କୋଳରେ ଆଖି ବୁଜିଲା ପୁଅ



**ବୋଲସାହି, ୨୮।୧୨(ସମିସ):** ତିହିଡ଼ି ବ୍ଲକ ଅଧୀନ ଗୁଆମାଳ ପଞ୍ଚାୟତର ବରିଷ୍ଠ ପୂଜକ ଭାବଗ୍ରାହୀ ଶତପଥୀଙ୍କ ରବିବାର ସକାଳେ ପରଲୋକ ଘଟିଛି। ନିଜ ମାଆ କୋଳରେ ତାଙ୍କ ଦେହାନ୍ତ ହେବାକୁ ନେଇ ଶୋକର ଛାୟା ଖେଳିଯାଇଛି। ସୂଚନାଯୋଗ୍ୟ, ଗୁଆମାଳ ପଞ୍ଚାୟତର ଖଡ଼ପଟା ଗାଁର ଭାବଗ୍ରାହୀ(୬୩)ଙ୍କ ପତ୍ନୀଙ୍କ ବିୟୋଗ ଗତ କିଛି ବର୍ଷ ପୂର୍ବେ ଘଟିଥିଲା। ଭାବଗ୍ରାହୀଙ୍କ ଦେହ ଖରାପ ଥିବାରୁ ତାଙ୍କ ମାଆ ଜାନକୀ ଶତପଥୀ ରବିବାର ସକାଳେ ତାଙ୍କ ସେବା କରୁଥିବା ସମୟରେ ତାଙ୍କ କୋଳରେ ହିଁ ଆଖି ବୁଜିଥିଲେ। ଭାବଗ୍ରାହୀ ଭଦ୍ରକ ଜିଲ୍ଲାର ଜଣେ ଦକ୍ଷ କର୍ମକାଣ୍ଡ ବ୍ରାହ୍ମଣ ଓ ବିଭିନ୍ନ ମନ୍ଦିର ଓ ଅନୁଷ୍ଠାନ ପକ୍ଷରୁ ହେଉଥିବା ଯଜ୍ଞର ପୂଜାପାଠ କରି ବେଶ୍ ପରିଚିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ତୁରନ୍ତ ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ପଣ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିବା ଜଣାପଡ଼ିଛି।

## ବାଲିବୋଝେଇ ଟ୍ରାକ୍ଟର ଜବତ

**ବାରିକପୁର, ୨୮।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀରୁ ବେଆଇନ ବାଲି ପରିବହନ ଥମିବାରେ ନାଁ ଧରୁନାହିଁ। କେତେବେଳେ ମଞ୍ଜୁରୀରୋଡ୍‌ଠାରୁ ତ ପୁଣି କେତେବେଳେ ଆଖୁଆପଦା ଓ ଛତାବରଠାରୁ ବେଆଇନ ବାଲିବୋଝେଇ ଗାଡ଼ି ଜବତ ହେଉଛି। ଚଳିତ ସପ୍ତାହରେ ସ୍ଥାନୀୟ ପୁଲିସ ବେଆଇନ ବାଲି ପରିବହନ କରୁଥିବା ଅଭିଯୋଗରେ କିଛି ଟ୍ରକ୍‌କୁ ଅଟକ ରଖି ମାମଲା ରୁଜୁ କରିଛି। ସେହିଭଳି ରବିବାର ମଧ୍ୟ ବାଲିପୋଖରୀ ଏସ୍କେପ୍ ନିକଟସ୍ଥ ଜଗନ୍ନାଥ ପ୍ରସାଦଠାରୁ ଚୋରା ବାଲି ଚାଲାଣ ଅଭିଯୋଗରେ ଗୋଟିଏ ଟ୍ରାକ୍ଟରକୁ ପୁଲିସ ଧରି ଥାନାକୁ ଆଣିଛି। ଆଉ କିଛି ଗାଡ଼ି ଖସିଯାଇଥିବା ସୂଚନା ମିଳିଛି।

## ପଣ୍ଡିତ ବିଷ୍ଣୁ ମୋହନ ପଣ୍ଡାଙ୍କୁ ସମ୍ବର୍ଦ୍ଧନା

**ବନ୍ତ/ଆଗରପଡ଼ା, ୨୮।୧୨(ସମିସ):** ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ହାସିନପୁର ଗ୍ରାମର ଶିକ୍ଷାବିତ୍ ତଥା କର୍ମକାଣ୍ଡ ବିଶାରଦ ପଣ୍ଡିତ ବିଷ୍ଣୁ ମୋହନ ପଣ୍ଡାଙ୍କୁ ଭୁବନେଶ୍ୱର ବୁଦ୍ଧମନ୍ଦିର ସଭାଗୃହରେ ଡକ୍ଟରେଟ ସମ୍ମାନରେ ସମ୍ମାନିତ କରାଯାଇଛି।



ସୂଚନାରୁ ପ୍ରକାଶ, ଶନିବାର ଘଡ଼ିଆ ଇଣ୍ଡିଆ ଚେରିଟେବଲ୍ ଟ୍ରଷ୍ଟ ପକ୍ଷରୁ ଏହି ଉପାଧିରେ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟ ଫାଉଣ୍ଡର ଡ. ପ୍ରଶାନ୍ତ ଘଡ଼ିଆଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ କଳାକାର ସଂଘ ସଭାପତି ସୁଦର୍ଶନ ନାୟକ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଚୈତନ୍ୟ ପାଇକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ପଣ୍ଡିତ ବିଷ୍ଣୁ ମୋହନ ପଣ୍ଡାଙ୍କୁ ସାହିତ୍ୟ ଓ ସମାଜସେବା କ୍ଷେତ୍ର ତାଙ୍କର ଅତୁଳନୀୟ ଅବଦାନ ପାଇଁ ଏହି ଉପାଧି ପ୍ରଦାନ କରିଥିଲେ।

## ଡିଲୋ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଅର୍ଣ୍ଣପାଳ ଚାମ୍ପିଅନ



**ଅସୁରାଲି, ୨୮।୧୨(ସମିସ):** କୋଠାର ପଞ୍ଚାୟତସ୍ଥିତ ଡିଲୋଠାରେ ବଜରଙ୍ଗ ଯୁବକ ସଂଘ, କୋଠାର ଆନୁକୂଲ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି ଟିମ୍ ଭାଗ ନେଇଥିଲେ। ଫାଇନାଲ୍ ମ୍ୟାଚ୍‌ରେ ଧୁଷୁରୀ ଟିମ୍‌କୁ ପରାସ୍ତ କରି ଅର୍ଣ୍ଣପାଳ ଚାମ୍ପିଅନ ହୋଇଛି। ପ୍ରଥମେ ଅର୍ଣ୍ଣପାଳ ବ୍ୟାଟିଂ କରି ୧୦୦ ରନରେ ଅଲଆଉଟ୍ ହୋଇଥିଲା। ଧୁଷୁରୀ ୯୮ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଫଳରେ ୨ ରନରେ ପରାସ୍ତ ହୋଇଥିଲା। ଖେଳ ପରିଚାଳନା କରିଥିଲେ ସନ୍ତୁ ରାଉତ ଓ ମଙ୍ଗରାଜ ମହାନ୍ତି। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥିଭାବେ ଅଂଶଗ୍ରହଣ କରିଥିଲେ ଲୁଲୁ ଦାସ, ଉଦ୍ୟୋଗପତି ସୁରଜ ସାହୁ, ଧୁଷୁରୀ ପ୍ରେସ୍ କ୍ଲବ ସଭାପତି ସନ୍ତୋଷ ଦାସ, ଗୋପାଳ ମିଶ୍ର, ଅମର ନାୟକ, ସୁଶାନ୍ତ ସ୍ବାଇଁ, ମୁନୁ ରାଉତ, ଖଗେଶ୍ୱର ପାଇକ, ସଞ୍ଜୟ ରାଉତ ପ୍ରମୁଖ ଉପସ୍ଥିତ ରହି ଚାମ୍ପିଅନ ଦଳକୁ ୪ ହଜାର ଓ ରନର୍ସଅପ୍ ଦଳକୁ ୨ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା।

## କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ

**ବାରିକପୁର, ୨୮।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ଼ ପଞ୍ଚାୟତ ରାଜୀବ ଭବନଠାରେ ୧୪୦ତମ ଜାତୀୟ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ନେତା ଗୋଲକ ଚନ୍ଦ୍ର ବେହେରା, ସନ୍ତୋଷ ସାହୁ, ଗୁରୁ ପ୍ରସାଦ ଗିରି, ଅଲେଖ ପ୍ରସାଦ ପଡ଼େଇ, ପ୍ରଶାନ୍ତ ସାହୁ, ବିଜୟ ଶଙ୍କର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତର କର୍ମୀମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଦଳ ପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନେବା ପାଇଁ ଉପସ୍ଥିତ ନେତୃତ୍ୱମାନେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ।

### ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସାଧାରଣ ବୈଠକ

# ‘ବୟୋଜ୍ୟେଷ୍ଠମାନେ ଉତ୍ତରପିଢ଼ିଙ୍କ ପ୍ରେରଣାର ଉତ୍ସ’

ଭଦ୍ରକ, ୨୮।୧୨(ସମିସ)



ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି ଓ ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ରଙ୍କ ସଞ୍ଚାଳନରେ ଭାଗବତ କଲ୍ୟାଣ ମଣ୍ଡପରେ ବୈଠକ ହୋଇଯାଇଛି। ସମ୍ପାଦକ ଶ୍ରୀ ମହାପାତ୍ର ଆଲୋଚନା ପ୍ରସଙ୍ଗରେ ପ୍ରକାଶ କଲେ କି ଏ ପରିଣତ ବୟସରେ ବରିଷ୍ଠଙ୍କ ଅନୁଭୂତିକୁ ପାଥେୟ କରି ଜିଲ୍ଲାର ସର୍ବାଙ୍ଗିଣ ଉନ୍ନତି ପାଇଁ ଜିଲ୍ଲା ପ୍ରଶାସନ ଓ ଆମ ଜିଲ୍ଲାର ମନ୍ତ୍ରୀ, ସାଂସଦ, ବିଧାୟକଙ୍କୁ ପରାମର୍ଶ ଦେବା ସହ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ଜିଲ୍ଲାର ସମସ୍ତ ଡାକ୍ତରଖାନାରେ ଡାକ୍ତର ପୂରଣ ପାଇଁ ଆଲୋଚନା କରାଗଲା। ଗେଲପୁରଠାରେ ନୂଆ ହସ୍ପିଟାଲ ପରିସରରେ ବରିଷ୍ଠ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଡିଡିସିରେ ନିରାମୟ ଔଷଧ ପାଇଁ ଧାଡ଼ିର ବ୍ୟବସ୍ଥା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିବା ସହ ନୂଆବର୍ଷରୁ ଏହା କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଥିଲା। ଏଥିସହ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଉତମ ସେବା ଓ ବରିଷ୍ଠମାନଙ୍କର ଉତମ ଚିକିତ୍ସା ପାଇଁ ଜିଲ୍ଲା ହସ୍ପିଟାଲରେ ସ୍ନାୟୁ, ହୃଦ୍‌ରୋଗ ବିଭାଗରେ ଅଭିଜ୍ଞ ଡାକ୍ତର ନିଯୁକ୍ତି ସହ ଏମ୍‌ଆର୍‌ଆଇ ଓ ଇକୋ ମେସିନ୍ ପ୍ରତିଷ୍ଠା କରାଯିବା ପାଇଁ ମହାସଂଘର କର୍ମକର୍ତ୍ତା ଜିଲ୍ଲାର ଜନପ୍ରତିନିଧି ଓ ଜିଲ୍ଲା ପ୍ରଶାସନ ସହ ପୁନର୍ବାର ଆଲୋଚନା କରିବା ପାଇଁ ନିଷ୍ପତ୍ତି ନିଆଗଲା। ବ୍ଲକସ୍ତରରେ ବରିଷ୍ଠ ନାଗରିକମାନେ ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କ, ପୋଷ୍ଟ ଅଫିସରେ ଧାଡ଼ିରେ ଘଣ୍ଟା ଘଣ୍ଟା ଧରି ଠିଆ କରାଇବା ସମ୍ପୃକ୍ତ ଶାଖା ପରିଚାଳକମାନେ ବୟସ୍କ ବ୍ୟକ୍ତିଙ୍କୁ ଅଣଦେଖା କରିବା ଭଳି ସାଙ୍ଘାତିକ ଅଭିଯୋଗମାନ ମହାସଙ୍ଘ ନିକଟରେ ଉପସ୍ଥାପନା କରିବା, ବ୍ଲକ, ତହସିଲ୍ କାର୍ଯ୍ୟାଳୟରେ ମଧ୍ୟ ସମାନ ଅବସ୍ଥାର ସୁଧାରିବା ପାଇଁ ଆଲୋଚନା କରାଯାଇଥିଲା।

ବୈଠକରେ ସମସ୍ତ ନିର୍ବାଚିତ ପ୍ରତିନିଧି, ମନ୍ତ୍ରୀ, ସାଂସଦ ଓ ଜିଲ୍ଲାପାଳ, ବ୍ୟାଙ୍କ ଏଲ୍‌ଡିଏମ୍‌ଙ୍କୁ ଅନୁରୋଧ କରିବା ସହ ଖୁବ୍‌ଶୀଘ୍ର ଏହାର ସମାଧାନ କରିବାକୁ ଦୃଷ୍ଟି ଆକର୍ଷଣ କରାଯିବ। ପ୍ରତିବର୍ଷ ପରି ୨୦୨୬ରେ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ଷଷ୍ଠ ବାର୍ଷିକ ସ୍ୱନକ୍ଷତ୍ର ଦିବସ ଆସନ୍ତା ଜାନୁଆରୀ ୨୦ ତାରିଖରେ ଭାଗବତ କଲ୍ୟାଣ ମଣ୍ଡପ, ନୟାବଜାରଠାରେ ଜିଲ୍ଲାର ୨୭ଟି ଆଞ୍ଚଳିକ ସଂଗଠନର ସଦସ୍ୟ-ସଦସ୍ୟା ଓ ମୁଖ୍ୟଅତିଥି, ସମ୍ମାନିତ ଅତିଥି, ମୁଖ୍ୟବକ୍ତା, କର୍ମକର୍ତ୍ତାମାନଙ୍କ ଉପସ୍ଥିତିରେ ପାଳନ ହେବ। ଉକ୍ତ ସମାରୋହରେ ଯୁଗଳ କିଶୋର ପଟ୍ଟନାୟକ, ପ୍ରଫୁଲ୍ଲ ସାମଲ, ହରିହର ରାଉତରାଏ, କିଶୋର ମହାପାତ୍ର, ଶୈଳେନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯିବ। ବାର୍ଷିକ ମୁଖପତ୍ର ବରିଷ୍ଠ ପତ୍ରିକାର ସର୍ବାଙ୍ଗ ସୁନ୍ଦର ପାଇଁ ସମ୍ପାଦକ ମଣ୍ଡଳୀଙ୍କ ପରାମର୍ଶ ଅନୁସାରେ ଉଚ୍ଚକୋଟିର ଲେଖାମାନ ସ୍ଥାନିତ ହେବା ସହ ସମସ୍ତ ଆଞ୍ଚଳିକ ସଂଘର କାର୍ଯ୍ୟକଳାପମାନ ସ୍ଥାନ ପାଇବ। ଉକ୍ତ ସଭାରେ ସମସ୍ତ ସଦସ୍ୟଙ୍କ ସହିତ କାର୍ଯ୍ୟକାରୀ ସଭାପତି ପଦ୍ମନ ରାୟ, କୋଷାଧ୍ୟକ୍ଷ ବିଜୟ ସନାପତି, ଉପଦେଷ୍ଟା ଶଶିକାନ୍ତ ପାଢ଼ୀ, ଇନ୍ଦ୍ରମଣି ପଣ୍ଡା, ଶ୍ୟାମସୁନ୍ଦର ଦାସ, କାର୍ଯ୍ୟକାରିଣୀ ସଭ୍ୟ ଶାନ୍ତିଲତା ବାରିକ, ଗୋଲକ ସାହୁ, କୈଳାଶ ପଣ୍ଡା, ଲକ୍ଷ୍ମଣ ମହାନ୍ତି, ସୁଧାକର ରାଉତ, ଅତିଶ ବେହେରା, ଦିଲ୍ଲୀପ ନାୟକ, ଗିରିଶ ପାତ୍ର, ବସନ୍ତ ସାହାଣୀ, ଶଶୀ ଧଳ, ଉପେନ୍ଦ୍ର ବାରିକ, ଗଦାଧର ପଣ୍ଡା, ବାବୁଲାଲ ଦାସ, ଉଦୟ ନାଥ ମହାନ୍ତି, ଆଦିତ୍ୟ ନାୟକ, ତାପସ ମହାନ୍ତି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## କବି ମନୋରଞ୍ଜନ ମହାନ୍ତିଙ୍କୁ ‘ଶବ୍ଦ କୁବେର’ ସମ୍ମାନ



**ବନ୍ତ/ଆଗରପଡ଼ା, ୨୮।୧୨(ସମିସ):** ଭୁବନେଶ୍ୱରରେ ‘ଆମ ଅଗଣାରେ ସଜ ଫୁଲ’ ପରିବାର ସାହିତ୍ୟ ଅନୁଷ୍ଠାନର ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ କୁମାର ଭୁତିଆଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ମିହିର କୁମାର ମେହେର, ମୁଖ୍ୟବକ୍ତା ମନୋଜ କୁମାର ମିଶ୍ର, ମୁଖ୍ୟ ଅତିଥି ସନ୍ତୋଷ କୁମାର କର, ସମ୍ମାନିତ ଅତିଥି ଭାବେ ବିପିନ କୁମାର ଲେଙ୍କା ଓ ଗୋଲକ ବେହେରା ଯୋଗଦେଇଥିବା ବେଳେ କୃଷ୍ଣ ଚନ୍ଦ୍ର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କୁନି ପ୍ରତିଭା ଅନ୍ନପୂର୍ଣ୍ଣା ନାୟକ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନ ତରଫରୁ ପ୍ରକାଶ ପାଇ ଆସୁଥିବା ବାର୍ଷିକ ପତ୍ରିକା ‘ଆମ ଅଗଣାର ସଜ ଫୁଲ’ ଓ ତତ୍‌ସହିତ ସିକ୍ତା କରଙ୍କ ପୁସ୍ତକ ‘ଆଞ୍ଜୁଳାଏ ଫୁଲ’ ଓ ଗଳ୍ପ ସଙ୍କଳନ ଶ୍ରାବଣୀ ଓ ସୁଲେଖିକା ସୁପ୍ରିୟା ମହାନ୍ତିଙ୍କ ପୁସ୍ତକ ‘ଝରକା ସେ ପାଖ’ ମଧ୍ୟ ଉନ୍ମୋଚନ ହୋଇଥିଲା। ସାହିତ୍ୟ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଅନୁଷ୍ଠାନ ବାଣୀବିଥିକା ସାହିତ୍ୟ ଅନୁଷ୍ଠାନ, ଭାର୍ଗବୀ ସାହିତ୍ୟ ସଂସଦ, ବୀଣାପାଣି ସାହିତ୍ୟ ସଂସଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯାଜପୁର ଜିଲ୍ଲା ଜେନାପୁର ଅଞ୍ଚଳର ପଣ୍ଡିତ ଜଗବନ୍ଧୁ ନନ୍ଦଙ୍କୁ ପ୍ରକୃତି ପରିବେଶ ସୁରକ୍ଷାର ଅବଦାନ ପାଇଁ ମା’ ବିରଜା ଭୂମିପୁତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ପ୍ରମୁଖ କର୍ମକର୍ତ୍ତା କୁଞ୍ଜବିହାରୀ ଦଳେଇ, ସସ୍ମିତା ବାରିକ୍, ସ୍ୱାଗତିକା ସାହୁ, ଅରୁନ୍ଧତୀ ଲେଙ୍କା, ସୁବ୍ରତ ଦାସ, ଦେବକୀ ଭୂତିଆ, ନିଳୀମା ପଟ୍ଟନାୟକ, ଜୟନ୍ତୀ ବେହେରା ପୂର୍ଣ୍ଣ ସହଯୋଗ କରିଥିଲେ। ପରିଶେଷରେ ରୀତା ଅପରାଜିତା ମହାନ୍ତି ଓ ସୁପ୍ରିୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାର ବହୁ ଲେଖକ ଲେଖିକାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ଭଦ୍ରକ ଜିଲ୍ଲା ରାମକୃଷ୍ଣପୁର ଗ୍ରାମର ଲେଖକ ଓ ସାହିତ୍ୟିକ ମନୋରଞ୍ଜନ ମହାନ୍ତିଙ୍କୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶବ୍ଦ କୁବେର ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ଚାନ୍ଦବାଲି ପୀଡ଼ିତାଙ୍କ ଘରେ ସିପିଆଇ(ଏମ୍) ଜିଲ୍ଲା ପ୍ରତିନିଧି ଦଳ

**ଭଦ୍ରକ, ୨୮।୧୨(ସମିସ):** ଦୁଷ୍କର୍ମ ଓ ହତ୍ୟାର ଶିକାର ହୋଇଥିବା ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅଞ୍ଚଳର ନାବାଳିକା ସନ୍ଧ୍ୟାରାଣୀଙ୍କ ବାସଭବନରେ ସିପିଆଇ(ଏମ୍) ଭଦ୍ରକ ଜିଲ୍ଲା କମିଟିର ଏକ ପ୍ରତିନିଧି ଦଳ ପହଞ୍ଚି ତାଙ୍କ ବାପା-ମାଆ ଓ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଏହାସହ ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ମୃତକଙ୍କ ବାପା-ମାଆଙ୍କୁ ସରକାରୀ ଚାକିରି, ୫୦ ଲକ୍ଷ ଟଙ୍କା ତାଙ୍କ ପରିବାରକୁ କ୍ଷତିପୂରଣ ଦାବି କରିଛନ୍ତି। ଏହି ଘଟଣାରେ ନ୍ୟାୟିକ ତଦନ୍ତ ହେବା ପାଇଁ ଲଢ଼େଇ କରିବାର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଏହି ପ୍ରତିନିଧି ଦଳରେ ସିପିଆଇ(ଏମ୍)ର ବରିଷ୍ଠ ନେତା ଚନ୍ଦ୍ରଶେଖର ନାୟକ, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ମଳୟ ଭୋଇ, ଚାନ୍ଦବାଲି ଆଞ୍ଚଳିକ କମିଟି ସମ୍ପାଦକ ଗୌରାଙ୍ଗ ଯେନା, ତିହିଡ଼ି ଆଞ୍ଚଳିକ କମିଟି ସମ୍ପାଦକ ବିଷ୍ଣୁ ଦାଶ, ବରିଷ୍ଠ ନେତା ଦିବାକର ସେନାପତି, ଅମୂଲ୍ୟ ନାୟକ, ଚକ୍ରଧର ଦାସ, ଅଶୋକ ବେହେରା, ହାକିମ୍ ଦାସ, ଅନ୍ନପୂର୍ଣ୍ଣା ସେଠୀ ପ୍ରମୁଖ ସାମିଲ୍ ଥିଲେ।



## ୪ ଧାନ ଗଦା ଜାଳିଦେଲେ ଦୁର୍ବୃତ୍ତ



**ବାସୁଦେବପୁର, ୨୮।୧୨(ସମିସ):** ମୁଣ୍ଡ ଝାଳ ତୁଣ୍ଡରେ ମାରି ଚାଷୀ ଫଳାଇଥିଲା ସୁନାର ଫସଲ। ଖଳାକୁ ଧାନ ଆସିବା ପରେ ଦୁର୍ବୃତ୍ତ ନିଆଁ ଲଗାଇଦେଲେ। ପୂର୍ବ ଶତ୍ରୁତା ଚାଷୀଙ୍କ ପାଇଁ କାଳ ହେଲା। ଏମିତି ଘଟଣା ଘଟିଛି ବାସୁଦେବପୁର ବ୍ଲକର ବାଲିମୁଣ୍ଡା ପଞ୍ଚାୟତ ରାଉତ୍ରାପୁର ଗାଁରେ। ରାଉତ୍ରାପୁର ଗାଁର ଭାମା ପରିଡ଼ା ସୋସାଇଟିରୁ ଋଣ କରି ୪ ଏକର ଧାନ ଚାଷ କରିଥିଲେ। ଧାନ କାଟି ଆଣି ଖଳାରେ ୪ଟି ଗଦା କରିଥିଲେ। ଶନିବାର ବିଳମ୍ବିତ ରାତିର ୪ଟି ଧାନ ଗଦାରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ଚାହୁଁ ଚାହୁଁ ଜଳିଗଲା ଧାନ ଗଦା। ପାଖ ପଡ଼ୋଶୀ ଡାକିବାରୁ ଲୋକମାନେ ଉଠି ପାଣି ଢାଳି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଖବର ପାଇ ବାସୁଦେବପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ସକାଳ ପର୍ଯ୍ୟନ୍ତ ମଧ୍ୟ ନିଆଁ ଜଳୁଥିବା ଦେଖିବାକୁ ମିଳିଥିଲା। ତେବେ ସୋସାଇଟି ଋଣକୁ କେମିତି ପରିଶୋଧ କରିବେ ତାକୁ ନେଇ ଚିନ୍ତାରେ ଅଛନ୍ତି ଭାମାଙ୍କ ପରିବାର। ଏହାସହ ବର୍ଷଯାକ କେମିତି ପରିବାର ପ୍ରତିପୋଷଣ କରିବେ ତାକୁ ନେଇ ଚିନ୍ତିତ ଅଛନ୍ତି।

## ସିମେଣ୍ଟ ଚଟାଣରେ ଅଟକିଛି କ୍ଷେଣ୍ଟପୁର ବସ୍‌ଷ୍ଟପ୍

**ଦୋବଲ, ୨୮।୧୨(ସମିସ):** ଧାମନଗର ବ୍ଲକ ସୋହଡ଼ା ପଞ୍ଚାୟତର କ୍ଷେଣ୍ଟପୁର ପାଲା ମଣ୍ଡପ ନିକଟରେ ନିର୍ମିତ ଏକ ବସ୍‌ଷ୍ଟପ୍‌କୁ ନେଇ ଏବେ ଜନସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ବସ୍ ରହଣି ପାଇଁ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପ ନିର୍ମାଣ ହୋଇଥିବାବେଳେ, ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। ଏଠାରେ ଯାତ୍ରୀଙ୍କ ପାଇଁ ନା ଅଛି ବିଶ୍ରାମ ନେବାକୁ ବେଞ୍ଚ ନା ଅଛି ସୂଚନା ପ୍ରଦାନକାରୀ ସାଇନ୍‌ବୋର୍ଡ। କେବଳ ଏକ ସିମେଣ୍ଟ ଚଟାଣ କରି କାମ ଶେଷ କରାଯାଇଥିବା ଦେଖିବାକୁ ମିଳିଛି।



କିଛି ମାସ ପୂର୍ବରୁ ଏଠାରେ ଧାମନଗର ବ୍ଲକ ପକ୍ଷରୁ ଏକ ନିର୍ମାଣ ଫଳକ ଲଗାଯାଇଥିଲା। ମାତ୍ର ରହସ୍ୟଜନକ ଭାବେ ସେହି ଫଳକଟିକୁ ଏବେ ଭାଙ୍ଗି ଦିଆଯାଇଛି। ବ୍ଲକର ଅନ୍ୟାନ୍ୟ ସ୍ଥାନରେ ଆକର୍ଷଣୀୟ ବସ୍‌ଷ୍ଟପ୍ ନିର୍ମାଣ ହୋଇଥିବାବେଳେ କ୍ଷେଣ୍ଟପୁରରେ ଏଭଳି ଅଧପନ୍ତରିଆ କାମ ଦୁର୍ନୀତିର ଗନ୍ଧ ବାରିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ହୋଇଥିବା ଏହି କାର୍ଯ୍ୟ ସମ୍ପର୍କରେ ପଞ୍ଚାୟତର କୌଣସି ଜନପ୍ରତିନିଧି କିମ୍ବା ଅଧିକାରୀ ସ୍ପଷ୍ଟ ସୂଚନା ଦେଉନାହାନ୍ତି। ଏ ସମ୍ପର୍କରେ ସରପଞ୍ଚ ଏବଂ ସମିତିସଭ୍ୟଙ୍କୁ ପଚାରିବାରୁ ସେମାନେ କୌଣସି ପ୍ରତିକ୍ରିୟା ନ ଦେଇ ନିରବ ରହୁଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ ମଧ୍ୟ ଏହି ପ୍ରସଙ୍ଗରେ ମୁହଁ ଖୋଲୁନାହାନ୍ତି। ସେ ସମୟରେ କାର୍ଯ୍ୟର ତଦାରଖ କରୁଥିବା କନିଷ୍ଠ ଯନ୍ତ୍ରୀଙ୍କର ଏବେ ଅନ୍ୟତ୍ର ବଦଳି ହୋଇଯାଇଛି। ଫଳରେ ଏହି ପ୍ରକଳ୍ପର ଏଷ୍ଟିମେଟ୍ କେତେ ଥିଲା ଏବଂ କେଉଁ ଆଧାରରେ କେବଳ ଚଟାଣଟିଏ କରି ଅର୍ଥ ଉଠାଇ ନିଆଯାଇଛି, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ଅର୍ଥର ଏଭଳି ଦୁରୁପଯୋଗକୁ ନେଇ ସ୍ଥାନୀୟ ବାସିନ୍ଦା କ୍ଷୋଭ ପ୍ରକାଶ କରିଛନ୍ତି। ଯାତ୍ରୀଙ୍କ ସୁବିଧା ପାଇଁ ଉଦ୍ଦିଷ୍ଟ ଏହି ବସ୍‌ଷ୍ଟପ୍ କାହିଁକି ସମ୍ପୂର୍ଣ୍ଣ ହେଲାନାହିଁ ଏବଂ କିଏ ଏହି ଫଳକ ଭାଙ୍ଗି ଦୁର୍ନୀତି ଲୁଚାଇବାକୁ ଚେଷ୍ଟା କରୁଛି, ସେ ନେଇ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଏବିଭିପି ଓଡ଼ିଶା ପୂର୍ବପ୍ରାନ୍ତର ସୁବର୍ଣ୍ଣ ଜୟନ୍ତୀ ରାଜ୍ୟ ଅଧିବେଶନ

# ଶିକ୍ଷା ଓ ସାମାଜିକ ସ୍ଥିତିରେ ପରିବର୍ତ୍ତନ ପାଇଁ ଯୁବପିଢ଼ିଙ୍କୁ ଆହ୍ୱାନ




ଭଦ୍ରକ, ୨୮।୧୨(ସମିସ)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ପୂର୍ବପ୍ରାନ୍ତର ସୁବର୍ଣ୍ଣ ଜୟନ୍ତୀ ରାଜ୍ୟ ଅଧିବେଶନ ସଂଗ୍ରାମୀ ମାଟି ଭଦ୍ରକଠାରେ ଗତ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୨୩ଟି ସାଂଗଠନିକ ଜିଲ୍ଲାର ୭୮ଟି କ୍ୟାମ୍ପସ୍‌ରୁ ୫୫୦ରୁ ଊର୍ଦ୍ଧ୍ୱ ଛାତ୍ରନେତା ଯୋଗଦେଇଥିଲେ। ରାଜ୍ୟ ଅଧିବେଶନ ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଆଦିତ୍ୟ ପ୍ରସାଦ ଦାସ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଷ୍ଟ୍ରୀୟ ସହ ସଂଗଠନ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ନାୟକ ଓ ଅନ୍ୟ ଅତିଥି ପ୍ରମୁଖ ଯୋଗଦେଇଥିଲେ। ଏହି ଅଧିବେଶନରେ ଶିକ୍ଷା, ସାମାଜିକ ଏବଂ ଆହ୍ୱାନ ପ୍ରସ୍ତାବ ଆଗତ କରାଯାଇଥିଲା। ଶିକ୍ଷା ପ୍ରସ୍ତାବରେ ରାଜ୍ୟରେ ଦେଖାଯାଉଥିବା ଅନିୟମିତ ପରୀକ୍ଷା ପରିଚାଳନା, ପ୍ରବେଶ ପରୀକ୍ଷା ଏବଂ ଫଳାଫଳ ବାହାରିବାରେ ବିଳମ୍ବ ବିଷୟ ସ୍ଥାନ ପାଇବା ସହିତ ରାଜ୍ୟରେ ବିଏଡ୍ ଏବଂ ଏମ୍‌ଏଡ୍ ଶିକ୍ଷା ନିମନ୍ତେ ପର୍ଯ୍ୟାପ୍ତ କଲେଜ ଖୋଲାଯାଇ ସିଟ୍ ବୃଦ୍ଧିକୁ ସ୍ଥାନ ଦିଆଯାଇଥିଲା। ତତ୍‌ସହିତ ରାଜ୍ୟରେ ଖେଳର ଭିତ୍ତିଭୂମି ସୁଦୃଢ଼ କରି କ୍ରୀଡ଼ା ବିଶ୍ୱବିଦ୍ୟାଳୟ, କୃଷି ବିଦ୍ୟାର୍ଥୀ ଏବଂ କୃଷକଙ୍କ ସମନ୍ୱୟକୁ ସୁଦୃଢ଼ କରିବା ନିମନ୍ତେ କୃଷି ବିଶ୍ୱବିଦ୍ୟାଳୟ ଏବଂ ଜନଜାତି ବିଦ୍ୟାର୍ଥୀଙ୍କ ବିକାଶକୁ ଦୃଷ୍ଟିରେ ରଖି ଜନଜାତି ବିଶ୍ୱବିଦ୍ୟାଳୟ ସ୍ଥାପନର ପ୍ରସ୍ତାବ ମଧ୍ୟ ଏଥିରେ ସ୍ଥାନିତ ହୋଇଛି। ସେଲ୍‌ଫ୍ ଫାଇନାନ୍ସିଂ କୋର୍ସ ଉପରେ ନିୟନ୍ତ୍ରଣ ରଖିବା ସହିତ ସମସ୍ତ ଶିକ୍ଷାକୁ ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ କରିବା ମଧ୍ୟ ପ୍ରସ୍ତାବ ଆଗତ କରାଯାଇଛି। ସେହିପରି ଇଞ୍ଜିନିୟରିଂ ଏବଂ ମେଡିକାଲ ଶିକ୍ଷାରେ ଅଧ୍ୟାପକ ନିଯୁକ୍ତି, ଭିତ୍ତିଭୂମିର ବିକାଶ ମଧ୍ୟ ଆବଶ୍ୟକତା ରହିଛି।

କଲେଜ ଜମି କଲେଜ ନାମରେ କରି ଭଙ୍ଗ ହୋଇଥିବା ଗଭର୍ଣ୍ଣିଂ ବଡିକୁ ଅଣ ରାଜନୈତିକ ଶିକ୍ଷାବିତ୍‌ଙ୍କ ଉପସ୍ଥିତିରେ ପୁନଃଗଠନର ପ୍ରସ୍ତାବ ମଧ୍ୟ ଆସିଛି। ସେହିପରି ସାମାଜିକ ସ୍ଥିତିରେ ରାଜ୍ୟରେ ବୃଦ୍ଧି ହେଉଥିବା ସମସ୍ତ ସାମାଜିକ ଅପରାଧିକ କାର୍ଯ୍ୟକଳାପରେ ବାଂଲାଦେଶୀ ଅନୁପ୍ରବେଶକାରୀ ହିଁ ସଂଶ୍ଳିଷ୍ଟ ବୋଲି ହୃଦଙ୍ଗମ ହେଉଛି। ସେଥିନିମନ୍ତେ ରାଜ୍ୟରେ ଏସ୍‌ଆଇଆର୍‌କୁ କଡ଼ାକଡ଼ି ଭାବରେ ଲାଗୁ କରାଯାଇ, ବାଂଲାଦେଶୀ ଅନୁପ୍ରବେଶକାରୀ ମୁକ୍ତ ଓଡ଼ିଶା ଆହ୍ୱାନ ଦିଆଯାଇଛି। ନାବାଳିକା ତସ୍କରି ଏବଂ ନିଶାଦ୍ରବ୍ୟ ମୁକ୍ତ ଓଡ଼ିଶାର ଆହ୍ୱାନ ଡକରା ଦିଆଯାଇଛି। ଏଥିସହ ଜାନୁଆରୀ ୧୨ରୁ ୨୩ ପର୍ଯ୍ୟନ୍ତ ଯୁବ ମହୋତ୍ସବ ପାଳନ କରିବା ସହିତ ନଗର ଖେଳକୁମ୍ଭ ଆୟୋଜନର ଘୋଷଣା କରାଯାଇଛି। ଏହି ଅଧିବେଶନରେ ଭଦ୍ରକ ଜିଲ୍ଲାରୁ ୮ଜଣ ଛାତ୍ର ନେତାଙ୍କୁ ରାଜ୍ୟ ଦାୟିତ୍ୱ ପ୍ରଦାନ କରାଯାଇଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦୀପ୍ତିମୟୀ ପ୍ରତିହାରୀ, ଦେବୀ ପ୍ରସାଦ ଦାସ, ସତ୍ୟବ୍ରତ ପଣ୍ଡା, ଗୌତମୀ ପାଢ଼ୀ, ଓଁକାର ମହାନ୍ତି, ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ଜିଲ୍ଲା ସହ ପ୍ରମୁଖ ଜ୍ୟୋତିପ୍ରକାଶ ସାହୁ ଉପସ୍ଥିତ ଥିଲେ।

‘ମୁଁ ବି ହେବି ସ୍ୱାବଲମ୍ବୀ’

## ଚାଷୀଙ୍କୁ ପରିବା ଚାରା ବଣ୍ଟନ



**ତିହିଡ଼ି, ୨୮।୧୨(ସମିସ):** ଅଗ୍ରଣୀ ସାମାଜିକ ସଂଗଠନ ‘ତିହିଡ଼ି ଯୁବମଞ୍ଚ’ ପକ୍ଷରୁ ଆର୍ଥିକ ଅନଗ୍ରସର ଚାଷୀମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଏକ ନିଆରା ପ୍ରୟାସ କରାଯାଇଛି। ସଂଗଠନ ପକ୍ଷରୁ ଆୟୋଜିତ ‘ମୁଁ ବି ହେବି ସ୍ୱାବଲମ୍ବୀ’ କାର୍ଯ୍ୟକ୍ରମ ମାଧ୍ୟମରେ ତିହିଡ଼ି ବ୍ଲକ ଅନ୍ତର୍ଗତ ତଳଗୋପବିନ୍ଧା ପଞ୍ଚାୟତରେ କ୍ଷୁଦ୍ର ଚାଷୀମାନଙ୍କୁ ବିଭିନ୍ନ ପ୍ରକାର ପରିବା ଚାରା ବଣ୍ଟନ କରାଯାଇଛି। ପାରିବାରିକ ଆର୍ଥିକ ବୋଝ ପାଇଁ ଅନେକ କ୍ଷୁଦ୍ର ଚାଷୀ ଋଣଗ୍ରସ୍ତ ହୋଇପଡ଼ିଥିବା ବେଳେ ଚାଷ ପାଇଁ ଆବଶ୍ୟକୀୟ ସାମଗ୍ରୀର ଦର ହୁ ହୁ ହୋଇ ବଢ଼ିଚାଲିଛି। ତେଣୁ ପରିବା ଚାଷ ପାଇଁ ଇଚ୍ଛା ଥିଲେ ମଧ୍ୟ ସମ୍ବଳ ଅଭାବରୁ ଅନେକ ଚାଷୀ ସାହସ ଜୁଟାଇ ପାରୁନାହାନ୍ତି। ଏଭଳି ସ୍ଥିତିରେ ଚାଷୀଙ୍କୁ ପୁଣି ଥରେ କୃଷି ପ୍ରତି ଆକୃଷ୍ଟ କରିବା ଏବଂ ସେମାନଙ୍କ ପାଇଁ ରୋଜଗାରର ପନ୍ଥା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ସମ୍ପାଦକ ନିରଞ୍ଜନ ବାରିକ୍ ପ୍ରକାଶ କରିଛନ୍ତି। ସଂଗଠନର ସଭାପତି କୈଳାସ ବେହେରାଙ୍କ ସଞ୍ଚାଳନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ନିରଞ୍ଜନ ବାରିକ, ସଂଯୋଜକ ତଥା ଆଇନଜୀବୀ ନୀଳମାଧବ ସେନାପତିଙ୍କ ସମେତ ସମାଜସେବୀ ରବୀନ୍ଦ୍ର ମହାକୁଳ, ବିଦ୍ୟାଧର ପଣ୍ଡା, ଅଜୟ ବେହେରା ଓ ପ୍ରଳୟ କୁମାର ଜେନା ପ୍ରମୁଖ ମଞ୍ଚାସୀନ ରହି ଚାଷୀମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ଉତ୍ସାହିତ କରିଥିଲେ। ଏହି ଅଭିଯାନ କେବଳ ଗୋଟିଏ ପଞ୍ଚାୟତରେ ସୀମିତ ରହିବ ନାହିଁ। ଆଗାମୀ ଦିନରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ପର୍ଯ୍ୟାୟକ୍ରମେ ଚାରା ବଣ୍ଟନ କରାଯିବ ବୋଲି ସଂଗଠନ ପକ୍ଷରୁ ଘୋଷଣା କରାଯାଇଛି। ଶେଷରେ ସଦସ୍ୟ ବାସ୍ତବ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ୟାମସୁନ୍ଦର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ



**ମଙ୍ଗଳପୁର/କୟାଁଗୋଲା,୨୮।୧୨(ସମିସ):** ଦଶରଥପୁର ବ୍ଲକ ଶୁଶୁଆ ପଞ୍ଚାୟତ ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟର ୩ ଦିନ ଧରି ଚାଲି ଆସୁଥିବା ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଆଲମୁନି କମିଟିର ସଭାପତି ଇଂ. ଯଶୋବନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟବକ୍ତା ଭାବେ ଯାଜପୁରର ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗୌତମ ରାୟ, ସମ୍ମାନିତ ଅତିଥିଭାବେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ପୁରାତନ ଛାତ୍ର ରଞ୍ଜନ କୁମାର ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସମ୍ପାଦକ ଲକ୍ଷ୍ମଣ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉମେଶ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ଆଲମୁନି କମିଟି ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ବିଦ୍ୟାଳୟକୁ ଜମି ଦାନ କରିଥିବା ମହାନ ବ୍ୟକ୍ତିମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ 'ସ୍ମରଣିକା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିବାରେ ପୁରାତନ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟୟନରତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

# ପମ୍ପହାଉସ୍ ପାଇଁ ବଦଳାଯାଉଛି ନଦୀର ଗତିପଥ

**ଯଖପୁରା,୨୮।୧୨(ସମିସ):**

ପ୍ରତିବର୍ଷ କେଉଁଠି ନା କେଉଁଠି ବନ୍ୟା ସମୟରେ ନଦୀ ବନ୍ଧ ଭାଙ୍ଗି ଅନେକ ଧନଜୀବନ ନଷ୍ଟ ହେଉଥିବାର ଦେଖିବାକୁ ମିଳେ । ସେଥିପାଇଁ ସରକାର ପ୍ରତିବର୍ଷ ନଦୀବନ୍ଧ ମରାମତି ପାଇଁ ପ୍ରଚୁର ଅର୍ଥ ଖର୍ଚ୍ଚ କରିଥାନ୍ତି । ପ୍ରାକୃତିକ ଭାବରେ ନଦୀ ତାର ଗତିପଥ ଦେଇ ଗତି କରିଥାଏ । ମାତ୍ର କିଛି କମ୍ପାନୀର ସ୍ୱାର୍ଥ ହାସଲ ପାଇଁ ସେମାନେ ନଦୀର ଗତିପଥ ପରିବର୍ତ୍ତନ କରାଉଥିବା ଦେଖିବାକୁ ମିଳୁଛି । ସେମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବ୍ରାହ୍ମଣୀ ନଦୀରେ ନିର୍ମିତ ହୋଇଥିବା ଏକ କାରଖାନାକୁ ଯୋଗାଉଥିବା ପମ୍ପ ହାଉସ କ୍ଷେତ୍ରରେ । କଳିଙ୍ଗନଗରରେ ଦିନକୁ ଦିନ ଜଳସ୍ତର ନିମ୍ନଗାମୀ ହେଉଥିବାରୁ ଏଠାରେ ଖରାଦିନେ ଜଳସଙ୍କଟ ଦେଖାଦେଇଥାଏ । କଳିଙ୍ଗନଗରରେ ଜଳ ସଙ୍କଟ କେବଳ କଳକାରଖାନାର ବ୍ୟବହାରରେ ଲାଗୁଥିବା ପ୍ରଚୁର ପରିମାଣର ପାଣି ପାଇଁ ହେଉଥିବା ଜଣାଯାଏ ।



କାରଖାନାକୁ ପର୍ଯ୍ୟାପ୍ତ ପରିମାଣର ଜଳ ଆବଶ୍ୟକ ଥିବା ହେତୁ ସେମାନେ ନିକଟସ୍ଥ ବ୍ରାହ୍ମଣୀ ନଦୀରେ ବଡ଼ ବଡ଼ ବୋରୱେଲ କରାଇ ଜଳ କାରଖାନାମାନଙ୍କୁ ନେଇଥାନ୍ତି ।

୫୩ ନଂ ଜାତୀୟ ରାଜପଥର ବ୍ରାହ୍ମଣୀ ନଦୀ ପୋଲ ନିକଟରେ କମ୍ପାନୀ ତରଫରୁ ନିର୍ମାଣ କରାଯାଇଛି ବୋରୱେଲ ପମ୍ପ ହାଉସ । ଏହିଠାରୁ ବଡ଼ ବଡ଼ ପାଣି ଉଠା ମେସିନ ସାହାଯ୍ୟରେ ଜଳ ସଂଗ୍ରହ କରାଯାଇ କାରଖାନାକୁ ନିଆଯାଇଥାଏ । ଏବେ ଜଳସ୍ତର ନିମ୍ନରେ ଥିବା ହେତୁ ନଦୀରେ ପ୍ରବାହିତ ଜଳକୁ ନେଇ କମ୍ପାନୀ ତା କାର୍ଯ୍ୟରେ ବ୍ୟବହୃତ କରୁଛି । କମ୍ପାନୀ ପାଣି ପମ୍ପ ହାଉସ ନଦୀ ବନ୍ଧର ନିକଟରେ ଥିବା ସ୍ଥଳେ ନଦୀର ସ୍ରୋତ ଦୂରରେ ଥିବାରୁ ଏହାର ଗତିପଥ ପରିବର୍ତ୍ତନ କରାଇ ନିଜ ପମ୍ପ ହାଉସ ନିକଟକୁ ଆଣୁଥିବାର ଦେଖିବାକୁ ମିଳୁଛି । ପମ୍ପ ହାଉସ ଠାରୁ ୩୦୦ମିଟର ଦୂରରୁ ନଦୀ ସ୍ରୋତର ଧାରାକୁ ମେସିନ ସାହାଯ୍ୟରେ ବାଲି ଉଠାଇ ନିଜ ପମ୍ପ ହାଉସକୁ ଅଣାଯାଇଛି । ଯାହାଫଳରେ ନଦୀର ସ୍ରୋତକୁ ପରିବର୍ତ୍ତନ କରାଇ ନଦୀ ବନ୍ଧର କଡ଼ରେ ବାଲି ଖୋଳି ଆଣିବା ଫଳରେ ନଦୀ ବନ୍ଧ ଉପରେ ବିପଦ ରହିଛି । ଗୋଟିଏ ପାଖ ଅତି ନିକଟରେ ବ୍ରାହ୍ମଣୀ ନଦୀ ପୋଲ ଓ ନଦୀ ବନ୍ଧ ଥିବା ସତ୍ତ୍ୱେ ଏହାକୁ ଖାତିର ନ କରି ନିଜର ସ୍ୱାର୍ଥ ହାସଲ ପାଇଁ ନଦୀ ସ୍ରୋତର ଗତିପଥ ବଦଳାଇ ଦିଆଯାଉଛି । ଯାହାକି ଆଗକୁ ବର୍ଷା ଦିନେ ନଦୀରେ ବନ୍ୟା ଆସିଲେ ଏହା ନଦୀ ବନ୍ଧ ଉପରେ ବିପଦ ରହିଛି । ଜଳ ସମ୍ପଦ ବିଭାଗ ପକ୍ଷରୁ ଏହାରି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ନଦୀରେ ବୁଡ଼ି ମହିଳା ମୃତ

**ବଡଚଣା,୨୮।୧୨(ସମିସ):** ନଦୀରେ ବୁଡ଼ି ଆଜି ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି । ମୃତକ ହେଉଛନ୍ତି ବଡ଼ଚଣା ବ୍ଲକ ଅନ୍ତର୍ଗତ ରାଧାଦେଇପୁର ଗ୍ରାମର ଶ୍ରୀକାନ୍ତ ନାୟକଙ୍କ ପତ୍ନୀ ପୁଷ୍ପଲତା ନାୟକ (୪୦) । ସୂଚନା ମୁତାବକ ପୁଷ୍ପଲତା ଆଜି ସକାଳେ ଘର ନିକଟ ଗେଙ୍ଗୁଟି ନଦୀକୁ ସ୍ନାନ କରିବାକୁ ଯାଇଥିଲେ । ହେଲେ ସ୍ନାନ କରିବା ସମୟରେ ତାଙ୍କ ଗୋଡ଼ ଖସିଯିବାରୁ ସେ ଗଭୀର ପାଣି ଭିତରକୁ ଚାଲି ଯାଇଥିଲେ । ଏହା ଦେଖି ସେଠାରେ ଉପସ୍ଥିତ ମହିଳା ଡକା ପକାଇଥିଲେ । ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସି ଗୁରୁତର ଅବସ୍ଥାରେ ନଦୀ ପାଣିରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରେ ଏନେଇ ପରିବାର ଲୋକେ ବଡ଼ଚଣା ଥାନାରେ ଲିଖିତ ଭାବେ ଜଣାଇଥିଲେ । ପରେ ତାଙ୍କର ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ପୁଷ୍ପଲତାଙ୍କ ଅକାଳ ବିୟୋଗରେ ତାଙ୍କ ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

## ହାଇୱା ଧକ୍କାରେ ଯୁବକ ମୃତ

**ଧର୍ମଶାଳା,୨୮।୧୨(ସମିସ):** ଗୋକର୍ଣ୍ଣେଶ୍ୱର ବାଲିଘାଟ ନିକଟରେ ଗତକାଲି ବିଳମ୍ବିତ ରାତିରେ ଏକ ହାଇୱା ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି । ମୃତ ଯୁବକ ସ୍ଥାନୀୟ ଦେଉଳି ଗ୍ରାମର ଶ୍ୟାମସୁନ୍ଦର ରଣାଙ୍କ ପୁଅ ନରେଶ କୁମାର ରଣା (୩୨) ବୋଲି ଜଣାପଡିଛି । ଗତକାଲି ରାତିରେ ହାଇୱା ଗାଡି ବ୍ୟାକ୍ କରୁଥିବା ବେଳେ ଅସାବଧାନତା ବଶତଃ ନରେଶକୁ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ତାକୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଧର୍ମଶାଳା ପୁଲିସ ଘଟଣାସ୍ଥଳରେ ପହଞ୍ଚି ହାଇୱାକୁ ଜବତ କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ସହ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି । ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି । ଶବ ବ୍ୟବଚ୍ଛେଦ ପରେ ସ୍ଥାନୀୟ ଯୁବକମାନେ ଏକ ଶୋଭାଯାତ୍ରାରେ ଜାରକା ବଜାର ପରିକ୍ରମା କରି ଦେଉଳିସ୍ଥିତ ତାଙ୍କ ବାସଭବନରେ ପହଞ୍ଚିଥିଲେ । ବ୍ରାହ୍ମଣୀ ନଦୀରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଛି । ନରେଶଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ନଗର ଓ ବ୍ଲକ କଂଗ୍ରେସ ପକ୍ଷରୁ ପ୍ରତିଷ୍ଠା ଦିବସ



**ଯାଜପୁର,୨୮।୧୨(ସମିସ):** ଯାଜପୁର ନଗର ଓ ବ୍ଲକ କଂଗ୍ରେସ ପକ୍ଷରୁ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ ଜିଲ୍ଲା କଂଗ୍ରେସର ପୂର୍ବତନ କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତ କଂଗ୍ରେସ ପତାକା ଉତ୍ତୋଳନ କରିଥିଲେ । ପରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅର୍ପଣ କରାଯାଇଥିଲା । ପ୍ରତିଷ୍ଠା ଦିବସରେ ସନ୍ତୋଷ କୁମାର ନନ୍ଦ, ଦିଲିପ କୁମାର ଦାଶ, ଗୋବିନ୍ଦ ସାହୁ, କନକଲତା ରାଉତ, ରଘୁନାଥ ସାହୁ, ବିଦ୍ୟାଧର ବାରିକ, ନିକଞ୍ଜ ସାମଲ, ସନ୍ତୋଷ ସାହୁ, ଅରଜିତ ନାୟକ, ନକୁଳଦେବ ସାହୁ, ପୂର୍ଣ୍ଣଚନ୍ଦ୍ର ଜେନା, ଅବଦୁଲ ରୌଫ, ଆଲତାବ ହୁସେନ, ଅବତାର ହୁସେନ ଖାନ, ଅବଦୁଲ ସଲିମ, ଅବଦୁଲ ହଲିମ, ବିଦ୍ୟାଧର ଜେନା, ସଂଗ୍ରାମ ସାହାଣୀ, ଅକ୍ଷୟ ଶତପଥୀ, ମାନସ ପଣ୍ଡା, ବିଜୟ ମହାପାତ୍ର, ବିଭୂତି ମହାପାତ୍ର, ହୃଷିକେଶ ପତି ପ୍ରମୁଖ ଯୋଗ ଦେଇଥିଲେ । ବ୍ଲକ କଂଗ୍ରେସ ସଭାପତି ଗଦାଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନନ୍ତସ୍ମୃତି ପାଠାଗାର ରୌପ୍ୟ ଜୟନ୍ତୀ

**କୟାଁଗୋଲା,୨୮।୧୨(ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁରସ୍ଥିତ ଅନନ୍ତ ସ୍ମୃତି ପାଠାଗାର ଓ ସାଂସ୍କୃତିକ ପରିଷଦର ରୌପ୍ୟ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭ୍ୟ ନିର୍ମଳ ପତିଙ୍କ ଦ୍ୱାରା ରଚିତ ଏବଂ କଳାକାର କାର୍ତ୍ତିକ ଜେନାଙ୍କ ନିର୍ଦ୍ଦେଶନାରେ କ୍ଷୁଦ୍ରନାଟକ 'ପ୍ରାୟଶ୍ଚିତ' ପରିବେଷଣ କରାଯାଇଥିଲା । ଏହା ପରେ ପରିଷଦର ସଭାପତି ବିଜୟ କୃଷ୍ଣ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସାରସ୍ୱତ ସମାରୋହ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ କବି ଡ. ରାଜକିଶୋର ପାଢ଼ୀ, ମୁଖ୍ୟଅତିଥି ଭାବେ ପ୍ରାକ୍ତନ ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲିକ, ସମ୍ମାନିତ ଅତିଥି



ଭାବେ ବୈଜ୍ଞାନିକ ଡ. ଶଶଧର ମେଦିନୀ ସିଂ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଶିଷ୍ଟ କବି ଡ.ଶ୍ରୀହରି ଧଳ ଯୋଗଦେଇଥିଲେ । ପାଠାଗାରର ସମ୍ପାଦକ ଶଶିକାନ୍ତ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଲେଖକଙ୍କ ସ୍ୱରଚିତ ୬ ଟି ପୁସ୍ତକ ଉନ୍ମୋଚନ କରାଯାଇଥିଲା । ପାଠାଗାର ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯିବା ସହ ଅନେକ ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଭେନ୍ଦୁ ମହାପାତ୍ର ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

## ଗୋଳେଇପୁର ମହୋତ୍ସବ ଉଦ୍‌ଘାଟିତ



**ପାଣିକୋଇଲି,୨୮।୧୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ପ୍ରାଧ୍ୟାପକ ଉମାକାନ୍ତ ଖଣ୍ଡାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅଶୋକ ଦାସ ଫାଉଣ୍ଡେସନର ମହାସଚିବ ଭବପ୍ରସାଦ ଦାସ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସମ୍ବାଦିକ ତଥା ଜିଲ୍ଲା ସମ୍ବାଦିକ ସଂଘ ସଭାପତି ସୁବାସ ଧଳ, ବିଶିଷ୍ଟ ଅତିଥିଭାବେ ଯାଜପୁର ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୀତିକଣ୍ଠ କାନୁନଗୋ, ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନଳିନୀପ୍ରଭା ଜେନା, ସମ୍ମାନିତ ଅତିଥି ଭାବେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି, କୋରେଇ ଥାନାଧିକାରୀ ରାକେଶ ତ୍ରିପାଠୀ, ମିର୍ଜ୍ଜା ହବିବୁଲ୍ଲା ବେଗ ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଦେବବ୍ରତ ମହାନ୍ତି (ମଣ୍ଟୁ) ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମାଜସେବୀ ଦେବବ୍ରତ ମହାପାତ୍ର (ମୁନ୍ନା) ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଚିନ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଆଇନଜୀବୀ ଚନ୍ଦ୍ରକାନ୍ତ ଖଣ୍ଡାଇଥିବା ବେଳେ ସମାଧାନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ରାଜା ମଲ୍ଲିକଙ୍କ ସଂଯୋଜନାରେ ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା । ବଭିନ୍ନ ରଙ୍ଗବେରଙ୍ଗର ଦୋକି ଓ ଲାଗିଥିବା ଷ୍ଟଲ ମାନଙ୍କରେ ଭିଡ଼ ଦେଖିବାକୁ ମିଳିଥିଲା । ମାଗୁଣି ମଳିକ, ଗୁଡୁ ଦାସ ଓ ମହୋତ୍ସବ କମିଟିର ସମସ୍ତ ସଦସ୍ୟ ମଞ୍ଚ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବଜରଙ୍ଗ ଦଳ ତରଫରୁ କମ୍ବଳ ବଣ୍ଟନ

**ମଧୁବନ,୨୮।୧୨(ସମିସ):** ଭୋଟକା ପଞ୍ଚାୟତ ଅନ୍ତର୍ଗତ ମା' ହିଙ୍ଗୁଳା ମନ୍ଦିର ପ୍ରାଙ୍ଗଣରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ, ଶ୍ରୀରାମପୁର ପ୍ରଖଣ୍ଡ ତରଫରୁ ଏକ ବନବିହାର ଓ ଶୀତ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ହୋଇଯାଇଛି । ପଞ୍ଚାୟତ ସମ୍ମୁଖରେ ଥିବା ଅନସୁଚୀତ ଜନଜାତି ବସ୍ତିରେ ସଂଗଠନ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦର କୋଷାଧ୍ୟକ୍ଷ ଯଶୋବନ୍ତ ପରିଚାଳନା କରୁଥିବା ବେଳେ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦର ସଭାପତି ନଟବର ସାହୁ,ଉପ-ସଭାପତି ପ୍ରଦିପ ଗିରି, ସଂପାଦକ ଅମିୟ ସାହୁ, ଗଗନ ମାହାନ୍ତି, ବିଚିତ୍ର ମଲିକ, ଶରତ ସାହୁ, ଧନେଶ୍ୱର ବିଶ୍ୱାଳ, ଅରବିନ୍ଦ ଦାସ, ଦୀପକ ବେହେରା, ଧର୍ମେନ୍ଦ୍ର ଗୁଇଁ, ବାବା ବିଶ୍ୱଜିତ୍, ରାକେଶ ଆଏଚ୍, ନିରାକାର ଲେଙ୍କା,ଆକାଶ ବେହେରା, ଦିବ୍ୟଜ୍ୟୋତି ରାଉଳ, ପ୍ରତାପ ଦାସ, ନାରାୟଣ ପରିଡ଼ା, ସରୋଜ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ ।

# କପିଳେଶ୍ୱର ହାଇସ୍କୁଲ ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ

**ଦାନଗଦି,୨୮।୧୨(ସମିସ):** ଯାଜପୁର ଜିଲ୍ଲା କଳିଙ୍ଗନଗର ଡୁବୁରୀ ସ୍ଥିତ ପିଏମଶ୍ରୀ କପିଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗଦେଇଥିଲେ । ପୁରାତନ ଛାତ୍ର ପବିତ୍ର ରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଧାନ ଶିକ୍ଷକ ଅଦେଇତ କୁମାର ବାରିକ, ସହକାରୀ ଶିକ୍ଷକ ସୁଧୀର କୁମାର ସାମଲ, ନନ୍ଦକିଶୋର ମହାନ୍ତ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରଛାତ୍ରୀ ସ୍କୁଲ ଜୀବନର ପୁରୁଣା ସ୍ମୃତିକୁ ମନେ ପକାଇଥିଲେ । ଏହି ଅବସରରେ ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ କୁଳମଣି ଦତ୍ତ, ସୁରେନ୍ଦ୍ର କୁମାର ପଲେଇ, କରୁଣାକର



ସାହୁ, ଅଲେଖ ପ୍ରସାଦ ଜେନା, ଚନ୍ଦ୍ରମଣୀ ମୁଦୁଲି, ଧ୍ରୁବଚରଣ ବାରିକ, ଲକ୍ଷ୍ମୀଧର ଓଝା, ମଦନ ମୋହନ ପାତ୍ରଙ୍କୁ ସମ୍ବର୍ଦ୍ଧିନା ପ୍ରଦାନ କରାଯାଇଥିଲା । ଆସନ୍ତା ବର୍ଷ ସ୍କୁଲର ହୀରକ ଜୟନ୍ତୀ କିପରି ପାଳନ କରାଯିବ । ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବୈଠକରେ ଶରତ କୁମାର ସହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଶାନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ପ୍ରଶାନ୍ତ କୁମାର ସାହୁ, ପୁରୁଷୋତ୍ତମ ରାଉତ, ଶୁଭେନ୍ଦୁ ରାଉତ, କୁଳମଣି ମହାନ୍ତ, ସନାତନ ମହାନ୍ତ, ସନାତନ ନାୟକ, ଶିବାଜୀ ମହାନ୍ତ, ଅର୍ଜୁନ ମହାନ୍ତ, ଶରତ ନାୟକ, ତୋଫାନ ନାୟକ,ବିନୟ ପଲେଇ, ରାଜକିଶୋର ମହାନ୍ତ, ବିମ୍ବାଧର ସ୍ୱାଇଁ, ସନାତନ ମଲ୍ଲିକ, କ୍ଷେତ୍ରମୋହନ ମହାନ୍ତ, ଶ୍ରଦ୍ଧାଞ୍ଜଳି ଦେଓ, ସବିତା ସାହୁ, ଦ୍ରୌପଦୀ ଦାସ, ଉର୍ବଶୀ ଦେଓ, କନକଲତା ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ଟାଟାପାୱାର ବିରୋଧରେ ଆନ୍ଦୋଳନର ଆହ୍ୱାନ

**ପାଣିକୋଇଲି,୨୮।୧୨(ସମିସ):** ଟାଟାପାୱାରର ଖାଉଟି ଲୁଣ୍ଠନ ଓ ଶୋଷଣ ପ୍ରତିବାଦରେ ଉତ୍ତର ଓଡ଼ିଶା ବିଦ୍ୟୁତ୍ ଉପଭୋକ୍ତା ପରିଷଦ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଛି । କମ୍ପାନୀର ଏହି ଜନବିରୋଧୀ ନୀତିର ପରିଷଦ ଦୃଢ଼ ବିରୋଧ କରିଛି । ଯେତେବେଳେ ଖାଉଟିମାନଙ୍କୁ ଠକି ଟାଟାପାୱାର ବିଦ୍ୟୁତ ନିୟାମକ ଆୟୋଗ ଦ୍ୱାରା ନର୍ଦ୍ଧାରିତ ଦରଠାରୁ ଅଧିକ ହାରରେ ବିଦ୍ୟୁତ୍ ଦେୟ ସଂଗ୍ରହ କରିଛି ଓ ତାକୁ ସୁଧ ସହ ଫେରସ୍ତ କରିବାର ଆବଶ୍ୟକତା ରହିଛି । ସେତେବେଳେ ପୁଣି ବିଦ୍ୟୁତ୍ ଦର ବୃଦ୍ଧି ପାଇଁ କାହିଁକି ପ୍ରକ୍ରିୟାର ସୂତ୍ରପାତ କରାଯାଇଛି । ସ୍ମାର୍ଟ ମିଟର ବସାଇବାକୁ ବିରୋଧ କରିବାକୁ ଉତ୍ତର ଓଡ଼ିଶା ବିଦ୍ୟୁତ ଉପଭୋକ୍ତା ପରିଷଦ ଅଧ୍ୟକ୍ଷ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଆବାହକ ସନ୍ତୋଷ ଦାସଙ୍କ ସମେତ ଭାଗବତ ପ୍ରତିହାରୀ, ଗୌରାଙ୍ଗ ପାଣିଗ୍ରାହୀ, ଶିଶିର ହୁଇ, ନିର୍ମଳ ନାୟକ, ମୃତ୍ୟୁଞ୍ଜୟ ବେହେରା, ଦୈତାରୀ ଆପଟ, ପ୍ରହ୍ଲାଦ ପତି, ଅଗଣି ଜେନା, ଦିବ୍ୟସିଂହ ନାୟକ ଓ ପ୍ରଫୁଲ୍ଲ ନାୟକ ପ୍ରମୁଖ ନିଷ୍ପତି ଗ୍ରହଣ କରିଛନ୍ତି ।

## ବରୁଣେଶ୍ୱର ମକର ମେଳା ପ୍ରସ୍ତୁତି

**ବିଞ୍ଝାରପୁର,୨୮।୧୨(ସମିସ):** ଆସନ୍ତା ଜାନୁଆରୀ ୧୪ ତାରିଖ ମକର ସଂକ୍ରାନ୍ତି ଠାରୁ ଅରେଇ ପଞ୍ଚାୟତ ବରୁଣେଶ୍ୱର ମକର ମେଳା ପଡ଼ିଆରେ ରାଜ୍ୟସ୍ତରୀୟ ମେଳା ଅନୁଷ୍ଠିତ ହେବାକୁ ଯାଉଛି । ଗତ ଡିସେମ୍ବର ୧୬ ତାରିଖରେ ବରୁଣେଶ୍ୱର କଲ୍ୟାଣ ମଣ୍ଡପରେ ବରୁଣେଶ୍ୱର ମେଳା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରମରେ ରବିବାର ଅପରାହ୍ନରେ ଅରେଇ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକଙ୍କ ତତ୍ତ୍ୱ । ।ବଧାନରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀ ମାଧ୍ୟମରେ ସରପଞ୍ଚ ସ୍ମୃତିସମୀକ୍ଷା ଜଣାଇଛନ୍ତି ଯେ ମକର ମେଳ ପାଇଁ ଆସନ୍ତା ୫ ତାରିଖ ଠାରୁ ଦୋକାନୀମାନଙ୍କୁ ରସିଦ୍ ପ୍ରଦାନ କରାଯିବ । ଏହା ସହ ପୂର୍ବ ବର୍ଷ ପରି ଚଳିତ ବର୍ଷ ସ୍କୋୟାର ଫୁଟ ୧୨ ଟଙ୍କା ସାଧାରଣ ଦୋକାନୀ ଏବଂ ୧୪ ଟଙ୍କା ହୋଟେଲ ପାଇଁ ସ୍ଥିର କରାଯାଇଛି । ମେଳାକୁ ଆସୁଥିବା ଅପେରା ପାଟିରେ କୌଣସି ଅଶ୍ଳୀଳତା ବା ନଗ୍ନତାକୁ ଏଠାରେ ସ୍ଥାନ ନାହିଁ କିମ୍ବା ଏ ମେଳାରେ ବିଶୃଙ୍ଖଳା ସୃଷ୍ଟି କଲେ ବିଶୃଙ୍ଖଳାକାରୀ ମାନଙ୍କ ପାଇଁ ଉପଯୁକ୍ତ ଦଣ୍ଡ ପ୍ରଦାନ କରାଯିବାର ବ୍ୟବସ୍ଥା ମଧ୍ୟ ରହିଛି । ଗ୍ରାମାଞ୍ଚଳ ମେଳା ଆଜି ରାଜ୍ୟସ୍ତରରେ ଆଦୃତ ହୋଇସାରିଛି । ତେଣୁ ସମସ୍ତ ବନ୍ଧୁମାନେ ଶାନ୍ତି ଶୃଙ୍ଖଳାର ସହ ମେଳା ଉପଭୋଗ କରିବା ପାଇଁ ସରପଞ୍ଚ ଅନୁରୋଧ କରିଛନ୍ତି । ଆଜିର ଏହି ସମ୍ମିଳନୀରେ ଅରେଇ ପଞ୍ଚାୟତରେ ସରପଞ୍ଚଙ୍କ ସମେତ ସମସ୍ତ ୱାର୍ଡମେମ୍ବର, ପଞ୍ଚାୟତ ନିର୍ବାହୀ ଅଧିକାରୀ ଲୋପାମୁଦ୍ରା ପଣ୍ଡା, ଏଡିଓ ଅଭିରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଶୀତ ବସ୍ତ୍ର ଓ ପାଠ୍ୟ ଉପକରଣ ବଣ୍ଟନ



**କବାଟବନ୍ଧ,୨୮।୧୨(ସମିସ):** ଜେନାପୁର ଥାନା ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତର ଆଦିବାସୀ ଗାଁରେ ନିଜ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳିଛନ୍ତି ଯୁବ ଡାକ୍ତର ନିହାର ରଞ୍ଜନ କର । ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର କରଙ୍କ ଉଦ୍ୟମରେ ଅସହାୟ ଅବସ୍ଥାରେ ରହିଥିବା କିଛି ପରିବାର ତଥା ମିଶନ ତୁନି ମାଉସୀ, ମିଶନ ଆଦିତ୍ୟ, ମିଶନ କାଳନ୍ଦି, ମିଶନ ବିନୋଦ ସହିତ ଶିକ୍ଷା ସଚେତନତା, ବୃକ୍ଷ ରୋପଣ, ରକ୍ତଦାନ ଶିବିରରେ ନିଜକୁ ସାମିଲ କରି ବରିଷ୍ଠ ନାଗରିକଙ୍କୁ ଘରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଆଦିରେ ସେ ଘରେ ଘରେ ପରିଚିତି ହୋଇଛନ୍ତି । ରବିବାର ଆଦିବାସୀ ଗାଁ ବୁରୁସାହିରେ ନିଜ ଜନ୍ମଦିନ ପାଳନ କରିବା ସହିତ ଶିକ୍ଷା ସଚେତନତା, ଅପପୁଷ୍ଟି ଏବଂ ଏହାର ନିରାକରଣ ଭଳି ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରି ଆଦିବାସୀମାନଙ୍କୁ ସଚେତନ କରିଥିଲେ । ଛୋଟ ଛୋଟ ପିଲାଙ୍କ ପାଇଁ ପାଠ୍ୟ ପୁସ୍ତକ ଏବଂ ଅନ୍ୟାନ୍ୟ ଉପକରଣ ସହିତ ସମସ୍ତ ପରିବାରକୁ ଶୀତ ବସ୍ତ୍ର ପ୍ରଦାନ କରିଥିଲେ । ଅପପୁଷ୍ଟିକୁ ଦୂରେଇବା ଉଦ୍ଦେଶ୍ୟରେ ସବୁଜ ପବିପରିବାରେ ତିଆରି ଖାଦ୍ୟ ଦିଆଯାଇଥିଲା । ଏହି ଅବସରରେ ଡାକ୍ତର ଶ୍ରୀ କରଙ୍କର ଅନେକ ଶୁଭେଚ୍ଛୁ ଏବଂ ବନ୍ଧୁ ଉପସ୍ଥିତ ଥିଲେ । ଏହି ଅବସରରେ ଡାକ୍ତର ଶ୍ରୀ କର ଅନ୍ୟମାନଙ୍କୁ ମଧ୍ୟ ଉକ୍ତ ଗାଁରେ କୌଣସି ସ୍ୱତନ୍ତ୍ର ଦିନକୁ ପାଳନ କରିବା ପାଇଁ ଆହ୍ୱାନ କରି ଦିନକୁ ସ୍ମରଣୀୟ କରିବା ସହିତ ଆଦିବାସୀଙ୍କ ମୁହଁରେ ହସ ଫୁଟାଇବାକୁ ନିବେଦନ କରିଛନ୍ତି ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ପ୍ରେମଲତା ମହାନ୍ତି
ଆବିର୍ଭାବ - ୨୫.୧୦.୧୯୪୩
ତିରୋଧାନ - ୧୯.୧୨.୨୦୨୫
ନିମେଇସାପୁର, କଟକ
ଚାହିଁ ଚାହିଁ ଏଗାର ଦିନ ବିତିଗଲା ।
ଆପଣଙ୍କର ଶ୍ରଦ୍ଧା ଓ ସ୍ନେହକୁ ଆମେମାନେ ସର୍ବଦା ମନେ ରଖିବୁ ।
ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ :
ଶିବ ପ୍ରସାଦ ମହାନ୍ତି
ଓ ପରିବାର ବର୍ଗ

**ଜ୍ୟୋତିରଞ୍ଜନ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ଫାଇନାଲ୍‌ରେ ମର୍ଣ୍ଣିଂଷ୍ଟାର ଓ ଗୋଲକୁଣ୍ଡା

**ମଙ୍ଗଳପୁର,୨୮।୧୨(ସମିସ):**

ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତ ସାଧୁଗୌରେଶ୍ୱର କଲେଜ ପଡ଼ିଆଠାରେ ଅନୁଷ୍ଠିତ ୨୫ତମ ଜ୍ୟୋତିରଞ୍ଜନ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ବାଲେଶ୍ୱରର ମର୍ଣ୍ଣିଂଷ୍ଟାର ଓ ଯାଜପୁର ଗୋଲକୁଣ୍ଡାର ବିଏମ୍‌ସିସି ଟିମ୍ ପହଞ୍ଚିଛନ୍ତି । ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନରେ ପ୍ରଥମ ସେମିଫାଇନାଲ କେନ୍ଦ୍ରାପଡ଼ା ଜିଲ୍ଲାର ପଞ୍ଚୁପାଣ୍ଡବ କ୍ରିକେଟ ଟିମ୍ ଓ ଯାଜପୁରର ବିଏମ୍‌ସିସି କ୍ରିକେଟ ଟିମ୍ ଗୋଲକୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଟସ୍ ଜିଣି ବିଏମ୍‌ସିସି କ୍ରିକେଟ୍ ଟିମ୍ ଗୋଲକୁଣ୍ଡା ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ୱିକେଟ ହରାଇ ୧୨୫ ରନ ସଂଗ୍ରହ କରିଥିଲେ । ଜବାବରେ ପଞ୍ଚୁପାଣ୍ଡବ କ୍ରିକେଟ ଟିମ୍ ୯ ଓଭର ୪ଟି ବଲରେ ସମସ୍ତ ୱିକେଟ ହରାଇ ୪୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା । ଏହି ମ୍ୟାଚରେ ଏସ୍‌କେ କାସିଫ ଅଲ୍ଲୀ ସର୍ବାଧିକ ୫୩ ରନ ସଂଗ୍ରହ କରି ମ୍ୟାନ୍ ଅଫ ଦ ମ୍ୟାଚ ଭାବେ ଯୋଗ୍ୟ ବିବେଚିତ ହୋଇଥିଲେ । ସମ୍ମାନିତ ଅତିଥିଭାବେ ଆଇନଜୀବୀ କୈଳାଶ ଚନ୍ଦ୍ର ସାହୁ,



ମଙ୍ଗଳପୁର ଥାନା ଆଇଆଇସି ଜଗଦିଶ କର ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଏନ୍‌ଏନ୍‌ୱାଇସି କ୍ରିକେଟ ଟିମ୍ ଭାମଣ୍ଡା ଓ ବାଲେଶ୍ୱରର ମର୍ଣ୍ଣିଂ ଷ୍ଟାର କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି ଭାମଣ୍ଡା ଟିମ୍ ନିର୍ଦ୍ଧାରିତ ୧୫ ଓଭରରେ ୭ ୱିକେଟ ହରାଇ ୧୪୯ ରନ ସଂଗ୍ରହ କରିଥିବା ବେଳେ ଜବାବରେ ମର୍ଣ୍ଣିଂଷ୍ଟାର କ୍ରିକେଟ ଟିମ୍ ୧୫ ଓଭରରେ ୮ ୱିକେଟ ହରାଇ ୧୫୩ ରନ ସଂଗ୍ରହ କରି ଫାଇନାଲ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ଟୁର୍ଣ୍ଣାମେଣ୍ଟରେ ଉତ୍କଳ କେଶରୀ ପାତ୍ର, ଚିନ୍ମୟ ଦଳେଇ, ସୁଶାନ୍ତ ଦାସ ଅମ୍ପେୟାର ଦାୟିତ୍ୱ ତୁଲାଇଥିବା ବେଳେ ଜ୍ୟୋତିପ୍ରକାଶ ସାମଲ, ଏକାଦଶୀ ପାଢ଼ୀ ଓ ଦୀପକ ମହାପାତ୍ର ଧାରାବିବରଣୀ ପ୍ରଦାନ କରିଥିଲେ । ସେହିପରି ଶ୍ରୀତମ ସାହୁ ସ୍କୋର ବୋର୍ଡ ଦାୟିତ୍ୱ ତୁଲାଇଥିଲେ । କ୍ଲବର ବରିଷ୍ଠ ସଭ୍ୟ ପ୍ରମୋଦ ପୁହାଣ, ମନୋରଞ୍ଜନ ବାଇ, ରାକେଶ କୁମାର ସାହୁ, ଆଶୁତୋଷ ମହାପାତ୍ର, ସୁବାସ ଯେନା, ମିଥୁନ ଯେନା, ଦେବେନ୍ଦ୍ର ଯେନା, ସୁମନ୍ତ ମହାପାତ୍ର, ସୂର୍ଯ୍ୟକାନ୍ତ ପୃଷ୍ଟି, ରାଜେନ୍ଦ୍ର ବାରିକ, ଜ୍ଞାନରଞ୍ଜନ ସାମଲ, ନରେଶ ରାଉତ, ଜିତେନ୍ଦ୍ର ଯେନା, ଆଶିଷ ରଞ୍ଜନ ସାହୁ, ବଦ୍ରିନାରାୟଣ ବାଇ ପ୍ରମୁଖ ସହଯୋଗ କରିଥିଲେ

# ବାଂଲାଦେଶରେ ହିନ୍ଦୁଙ୍କ ହତ୍ୟାର ପ୍ରତିବାଦରେ ଶୋଭାଯାତ୍ରା



ବାଲୁଗାଁ,୨୮ ।୧୨(ସମିସ) : ବାଂଲାଦେଶରେ କିଛିଦିନ ତଳେ ହିନ୍ଦୁ ନାଗରିକଙ୍କୁ ଅମାନୁଷିକ ଭାବେ ହତ୍ୟା କରାଯିବା ଘଟଣାକୁ ବିଶ୍ୱହିନ୍ଦୁ ପରିଷଦ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ବଜରଙ୍ଗ ଦଳ ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ ଶାଖା ପକ୍ଷରୁ ଏହାକୁ ତୀବ୍ର ନିନ୍ଦା କରିବା ସହ ସନ୍ଧ୍ୟାରେ ଏକ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ସଦସ୍ୟମାନେ ମିଳିତ ଭାବେ ସଭାପତି ରମେଶ ମହାପାତ୍ରଙ୍କ ନେତୃତ୍ୱରେ ବିଶ୍ୱହିନ୍ଦୁ ପରିଷଦ ସମ୍ପାଦକ ନିଷୀରଞ୍ଜନ ବଳବନ୍ତରାୟ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସମ୍ପାଦକ ରଞ୍ଜିତ ବଡ଼ଜେନାଙ୍କ ସମେତ ବାଲୁଗାଁ ମଣ୍ଡଳର ବହୁ କର୍ମକର୍ତ୍ତା ସାମିଲ ହୋଇ ଏକ ପ୍ରତିବାଦ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ବଜାର ପରିକ୍ରମା କରି ବାଲୁଗାଁ ଗାନ୍ଧୀ ଛକରେ ପହଞ୍ଚି ସେଠାରେ ଏକତ୍ରିତ ହୋଇ ଘଟଣାକୁ ନିନ୍ଦା କରିବା ସହ ବାଂଲାଦେଶରେ ମହମ୍ମଦ ୟୁନୁସଙ୍କ ଶାସନ ସମୟରେ ହେଉଥିବା ହିନ୍ଦୁ ବିରୋଧୀ ହିଂସା ପାଇଁ ଦାୟୀ କରି ୟୁନୁସଙ୍କ କୁଶପୁତ୍ତଳିକା ଦାହ କରିଥିଲେ ।

# ପିକ୍‌ନିକ୍ ପାଇଁ ବରୁଣେଇ ପୀଠରେ ଜମୁଛି ଭିଡ଼

ଖୋର୍ଦ୍ଧା,୨୮ ।୧୨(ସମିସ): ପର୍ଯ୍ୟଟନ ଋତୁ ଆସିଲେ ବରୁଣେଇ ପୀଠ ହୋଇ ଉଠେ ଚଳଚଂଚଳ । ପୁରୁଣା ବର୍ଷକୁ ବିଦାୟ ଦେଇ ନୂଆ ବର୍ଷକୁ ସ୍ୱାଗତ ଜଣାଇବାକୁ ବରୁଣେଇ ପୀଠ ରେ ଲାଗିଛି ବନ୍ଧୁ ମିଳନ ସହିତ ଭୋଜିର ଆସର । ଭୁବନେଶ୍ୱରଠାରୁ ଅଳ୍ପ ଦୂର ହୋଇଥିବାରୁ ଅନେକ ପରିବାର ଏକାଠି ହୋଇ ବିଭିନ୍ନ ସ୍ଥାନରେ ବନ୍ଧୁ ମିଳନର ଆୟୋଜନ କରିଥିଲେ । ବର୍ଷର ଶେଷ ରବିବାର ବରୁଣେଇ ପୀଠରେ ଜମିଥିଲା ଗହଳି । ରାଜ୍ୟର ବିଭିନ୍ନ ଅଂଚଳରୁ ପିକ୍‌ନିକ୍ ପାର୍ଟି ଙ୍କ ଆଡ୍ଡା ଜମିଥିଲା । ବିଭିନ୍ନ ବର୍ଗର ଗୋଷ୍ଠୀ ବରୁଣେଇ ପୀଠ ରେ ଏକାଠି ହୋଇଥିଲେ । ବିଶେଷ କରି ବ୍ୟାଚ୍ ଭୋଜିରେ ଯୁବବର୍ଗ ଠାରୁ ପ୍ରାପ୍ତ ବୟସ୍କଙ୍କ ପର୍ଯ୍ୟନ୍ତ ବନ୍ଧୁ ମିଳନ ପାଇଁ ଏହି ପୀଠ ଶୀତଋତୁ ରେ ଆକର୍ଷଣ କରିଥାଏ । ବରୁଣେଇ ପାଦ ଦେଶ ରେ ଘଂଚ ଜଙ୍ଗଲ ରେ ପ୍ରାକୃତିକ ମନୋରମ ପରିବେଶ ସମସ୍ତ ପର୍ଯ୍ୟଟକଙ୍କ ମନ ମୋହିଥାଏ । ବରୁଣେଇ ଏବଂ କରୁଣେଇ ମା'ଙ୍କୁ ପୂଜା କରି ଏଣ୍ଡୁରି ପିଠା, କ୍ଷୀରି ମୁଖ୍ୟ ଭୋଗ ଭାବେ ପାଇଥାନ୍ତି ପର୍ଯ୍ୟଟକ । ଆଜି ରବିବାର ଶତାଧିକ ଲୋକଙ୍କ ଗହଳି ଲାଗି ରହିଥିଲା । ଭୋଜି ପାଇଁ



ବିଭିନ୍ନ ସ୍ଥାନରେ ପିଣ୍ଡି ରହିଛି । ସେଇ ସବୁ ପିଣ୍ଡିରେ ଏକାଠି ହୋଇ ଭୋଜି କରିବାକୁ ଗହଳି ରହିଥିଲା । ଯୁବବର୍ଗ ଏକାଠି ହୋଇ ଆଧୁନିକ ନୃତ୍ୟ ଗୀତରେ ମଶଗୁଲ ଥିବାବେଳେ ପ୍ରାପ୍ତ ବୟସ୍କ ପୁରୁଷ ମହିଳା ମଧ୍ୟ ଏକାଠି ପୁରୁଣା ଓଡ଼ିଆ ଗୀତ ଗାଇବା ସହ ନିଜ ନିଜର ସ୍ମୃତି କୁ ବାଂଟି ଥିଲେ । ଅନେକ ଲୋକ ମଧ୍ୟ ବାଣ ଫୁଟାଇ କେକ୍ କାଟି ମଉଜ ମସ୍ତି କରିଥିଲେ । ସମସ୍ତଙ୍କ ପାଇଁ ବରୁଣେଇ ପୀଠ ଆକର୍ଷଣ ଥିଲା । ବରୁଣେଇ ପୀଠକୁ ଯିବା ପାଇଁ ପାହାଚ ଏବଂ ଅନ୍ୟ ସ୍ଥାନ ଗୁଡିକ ପୁନରୁଦ୍ଧାର କରାଯାଇ ସୌନ୍ଦର୍ଯ୍ୟକରଣ କରାଯାଇଛି । ଆଜିଠାରୁ ପ୍ରାୟ ଏକ ମାସ ପର୍ଯ୍ୟନ୍ତ ଏହି ପୀଠରେ ଗହଳି ଲାଗି ରହିବ । ଶାନ୍ତି ଶୃଙ୍ଖଳାକୁ ଆଖି ଆଗରେ ଶିଳ୍ପାଂଚଳ ଥାନା ପକ୍ଷରୁ ପୁଲିସ ଫୋର୍ସ ମୃତୟନ କରାଯାଇଛି । ପୌର ପରିଷଦ ପକ୍ଷରୁ ପରିଚ୍ଛନ୍ନତା ପ୍ରତି ଧ୍ୟାନ ଦେବାକୁ ପର୍ଯ୍ୟଟକ ମାନେ ନିବେଦନ କରିଛନ୍ତି । ପର୍ଯ୍ୟଟକମାନଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ କୌଣସି ପ୍ରକାର ସୁବନ୍ଦୋବସ୍ତ କରାଯାଇ ନଥିବା ଅଭିଯୋଗ ହୋଇଛି । ଆଉ ଦିନ ୩ଟା ପରେ ନୂଆବର୍ଷ ଆସୁଥିବାରୁ ପୂର୍ବ ବର୍ଷଭଳି ଗହଳି ବଢ଼ିବାର ସମ୍ଭାବନା ରହିଥିବାରୁ ପ୍ରଶାସନ ବରୁଣେଇ ପୀଠର ସ୍ୱଚ୍ଛତା, ପାନୀୟ ଜଳ ପାଇଁ ଅଗ୍ରାଧିକାର ଦେବାକୁ ଦାବି ହେଉଛି ।

# ଚିଲିକାରେ ପର୍ଯ୍ୟଟକଙ୍କ ହାତରେ 'ସକାଳ'



ବାଲୁଗାଁ,୨୮ ।୧୨(ସମିସ) : ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଥିବା ବେଳେ ଏସିଆ ମହାଦେଶର ସର୍ବବୃହତ ଲବଣାହ୍ରଦ ସୁପ୍ରସିଦ୍ଧ ଚିଲିକା ହ୍ରଦର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଦୈନନ୍ଦିନ କୋଣ ଅନୁକୋଣରୁ ହଜାର ହଜାର ପର୍ଯ୍ୟଟକଙ୍କ ସୁଅ ଛୁଟୁଛି । ଏପରିସ୍ଥଳେ ବାଲୁଗାଁ ଚିଲିକା କୂଳ ଜେଟିରେ 'ସକାଳ' ତରଫରୁ ଏକ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି । ଡଙ୍ଗାରେ ଚିଲିକା ପରିଭ୍ରମଣରେ ଯାଉଥିବା ପର୍ଯ୍ୟଟକମାନଙ୍କୁ ନିଶୁଳ୍କରେ 'ସକାଳ' ବିତରଣ କରାଯାଉଛି । ରବିବାର ବାଲୁଗାଁ ଚିଲିକା କୂଳ ଜେଟିରେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିବା ବେଳେ 'ସକାଳ' ପ୍ରତିନିଧି ସୁନୀଲ ପଣ୍ଡାଙ୍କ ତତ୍ତ୍ୱାବଧାନରେ ମା' କାଳିଜାଇ ମୋଟରବୋଟ ଆସୋସିଏସନର ସଂପାଦକ କୃଷ୍ଣଚନ୍ଦ୍ର ବେହେରା ଓ ମ୍ୟାନେଜେର ଅଭିମନ୍ୟୁ ସାହୁଙ୍କ ସମେତ ଆସୋସିଏସନର କର୍ମକର୍ତ୍ତା, ଡଙ୍ଗା ମାଲିକ ଓ ଚାଳକଙ୍କ ଉପସ୍ଥିତିରେ ଖବରକାଗଜ ବିତରଣ କରାଯାଇଛି ।

# ଯୁବକଙ୍କ ଆତ୍ମହତ୍ୟା

ବେଗୁନିଆ,୨୮ ।୧୨(ସମିସ): ଖୋର୍ଦ୍ଧା - ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରି - ବେଗୁନିଆ ମଧ୍ୟରେ ଥିବା ପେଟ୍ରୋଲ ପମ୍ପ ନିକଟରେ ବାଇକ୍ ରଖି ଯୁବକ ଜଣକ ମାନସିକ ଭାରସାମ୍ୟ ହରାଇ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବାର ରବିବାର ଦିନ ପୂର୍ବାହ୍ନରେ ସ୍ଥାନୀୟ ଲୋକମାନେ ଦେଖିବାକୁ ପାଇଥିଲେ । ବେଗୁନିଆ ପୁଲିସ ଘଟଣା ସ୍ଥଳରେ ପହଁଚି ପ୍ରାଥମିକ ତଦନ୍ତ ଆରମ୍ଭ ସହ କେସ ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଥିଲା । ବେଗୁନିଆ ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁଙ୍କ ସୂଚନା ଅନୁଯାୟୀ ବାଲିଅନ୍ତା ଥାନା ଅନ୍ତର୍ଗତ ରତିଜେମା ଗ୍ରାମର ଲକ୍ଷ୍ମୀଧର ସାହୁଙ୍କ ପୁଅ ଯୁଧିଷ୍ଠିର ସାହୁ (୩୫) ନିଜ ଶଶୁର ଘରୁ ଫେରୁଥିବା ବେଳେ କୌଣସି କାରଣ ଯୋଗୁଁ ମାନସିକ ଭାରସାମ୍ୟ ହରାଇ ଜାମୁକୋଳି ଗଛରେ ପ୍ଲାଷ୍ଟିକ ରସି ଲଗାଇ ଆତ୍ମହତ୍ୟା କରିଥିବାର ଅଭିଯୋଗ ହୋଇଛି । ଏହା ହତ୍ୟା ନା ଆତ୍ମହତ୍ୟା ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣା ପଡ଼ିବ ।

# ବିପୁଳ ପୋଚ ଓ ମଦ ଜବତ, ୪ ଗିରଫ



ବେଗୁନିଆ,୨୮ ।୧୨(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ନୀରିକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ ହୋଇଛି । ଏଥିରେ ମୋଟ ୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୧୧୫୦ ଲିଟର ଦେଶୀ ମଦ ଓ ୫ ହଜାର କେଜି ପୋଚ ସହ ଆବଶ୍ୟକୀୟ ସରଞ୍ଜାମ ଜବତ ହୋଇଛି । ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ସୂଚନା ଅନୁଯାୟୀ ଗିରଫ ଅଭିଯୁକ୍ତମାନେ ହେଲେ ଗେଡିଆପଲୀ ଗ୍ରାମର ବିଶ୍ୱନାଥ ଦେହୁରୀ, ବିପିନ ବିହାରୀ ବଳିୟାର ସିଂହ, ସାଲତରା ଗ୍ରାମର ଅଶୋକ ନାୟକ ଓ ଗୋଡ଼ା ଗ୍ରାମର କବିତା ଭୂୟାଁ ପ୍ରମୁଖ ।

# ସୂଚନା ଅଧିକାର ଆଇନର ଦୁରୁପଯୋଗ

ବେଗୁନିଆ, ୨୮ ।୧୨(ସମିସ): ସୂଚନା ଅଧିକାର ଆଇନ ବଳରେ ପ୍ରତ୍ୟେକ କାର୍ଯ୍ୟର ଅନୁଦାନ ଅର୍ଥ ସଠିକ ଭାବରେ ବିନିଯୋଗ ହୋଇଛି କି ନାହିଁ ତାର ତଥ୍ୟ ପାଇବା ମୁଖ୍ୟ ଉଦ୍ଦେଶ୍ୟ ରହିଥିବା ବେଳେ ବର୍ତ୍ତମାନ ତାର ଦୁରୁପଯୋଗ କରି କିଛି ବେକାର ଲୋକଙ୍କ ରୋଜଗାରର ମାଧ୍ୟମ ପାଲଟିଛି । ଏପରିକି ଏହି ଆଇନ ବଳରେ ସରକାରୀ କର୍ମଚାରୀଙ୍କୁ ଡରାଇ ଭୟଭୀତ କରାଯାଇ କିପରି ସେମାନଙ୍କ ଠାରୁ ଅର୍ଥ ଆଦାୟ କରାଯାଉଛି ତାର ନିଛକ ପ୍ରମାଣ ଏବେ ବେଗୁନିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ (ସିଡିପିଓ)ଙ୍କ କାର୍ଯ୍ୟାଳୟରେ ମଗାଯାଇଥିବା ଅଙ୍ଗନବାଡି ସଂକ୍ରାନ୍ତୀୟ ତଥ୍ୟରୁ ଜଣାପଡିଛି । ଏଥିରେ ତଥ୍ୟ ମାଗିଥିବା ବ୍ୟକ୍ତି ଜଣକ ସରକାରୀ କାର୍ଯ୍ୟାଳୟର କର୍ମଚାରୀଙ୍କୁ ବିଭିନ୍ନ ବାଟରେ ଭୟଭୀତ କରାଇ ଅର୍ଥ ଆଦାୟ କରୁଥିବାବେଳେ ଏବେ ସମ୍ମାନର ସହ ସୂଚନା ଅଧିକାର ଆଇନ ମାଧ୍ୟମରେ ତଥ୍ୟ ମାଗି ମୋଟା ଅଙ୍କର ଅର୍ଥ ଆଦାୟ କରିବା ବାଟ ତାଙ୍କ ପାଇଁ ସହଜ ଓ ସୁଗମ ହୋଇଯାଇଛି । ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ରରେ ଗତ ୫ବର୍ଷ ମଧ୍ୟରେ ସରକାରୀ ଯୋଜନାର ଚଳିତ ମାସ ଶେଷ ସୁଦ୍ଧା ତଥ୍ୟ ମାଗି ଅଙ୍ଗନବାଡି କର୍ମୀ ମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଛନ୍ତି । ଏହି ସବୁ ତଥ୍ୟ ଦେବା ସମୟ ସାପେକ୍ଷ ଥିବାରୁ ତଥ୍ୟ ଦେବା ପାଇଁ ବହୁ ସମୟ ଲାଗୁ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ସେମାନେ କେନ୍ଦ୍ରରେ ଛୋଟ ପିଲାଙ୍କ କଥା ବୁଝିବେ ନାଁ ତଥ୍ୟ ବାହାର କରି ଜେରକ୍ସ କରିବାରେ ବ୍ୟସ୍ତ ରହିବେ ବୋଲି ପ୍ରତ୍ୟକ୍ଷ ଭାବେ କହିବା ସହ ଜଣେ ମହତ ଉଦ୍ଦେଶ୍ୟ ଥିବା ବ୍ୟକ୍ତି କେବେହେଲେ ଏପରି ତଥ୍ୟ ମାଗିବେ ନାହିଁ ବୋଲି ବହୁ ଅଙ୍ଗନବାଡି କର୍ମୀ ସେମାନଙ୍କ ନାମ ଗୋପନ ରଖିବା ସର୍ତ୍ତରେ ମତବ୍ୟକ୍ତ କରିଛନ୍ତି । ତେବେ ଅଙ୍ଗନୱାଡି କର୍ମୀ ମାନେ ତଥ୍ୟ ମାଗିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ଦୌରାତ୍ମ୍ୟରୁ ରକ୍ଷା ପାଇବା ପାଇଁ କେନ୍ଦ୍ର ପିଛା କୁଆଡେ ୧ ହଜାର ଟଙ୍କା ଲେଖାଏଁ ଆଦାୟ କରି ଦେବା ପାଇଁ ସେମାନଙ୍କ ଉପରେ ଚାପ ପଡୁଛି । ଯଦି ଘଟଣାର ସତ୍ୟତା ଥାଏ ତାହେଲେ ସମ୍ପୃକ୍ତ ବ୍ୟକ୍ତି ଜଣକ ବେଗୁନିଆ ବ୍ଲକରେ ଥିବା ପ୍ରାୟ ୨୩୬ କେନ୍ଦ୍ରରୁ ଲକ୍ଷାଧିକ ଟଙ୍କା ବିନା ପରିଶ୍ରମରେ ରୋଜଗାର କରି ପାରିବେ ବୋଲି ଆକଳନ କରାଯାଇଛି । ଏହି ଘଟଣା ସମ୍ପର୍କରେ ସିଡିପିଓ ବିନୋଦିନୀ ପଣ୍ଡାଙ୍କୁ ପଚାରିବାରେ ଯେଉଁ ତଥ୍ୟ ମଗାଯାଇଛି ତାହା ସମୟ ସାକ୍ଷେପ ଥିବାରୁ ଅଙ୍ଗନବାଡ଼ି କର୍ମୀ ମାନେ ବିରକ୍ତି ପ୍ରକାଶ କରିଛନ୍ତି । ଏହି କର୍ମଚାରୀ ମାନଙ୍କୁ କାମ କରାଇ ନଦେଇ କେବଳ ମାନସିକ ସ୍ତରରେ ନିରୁତ୍ସାହିତ କରିବା ସହ ପାଇଁ ଉଦେଶ୍ୟମୂଳକ ଭାବେ ତଥ୍ୟ ମଗାଯାଇଛି । ଏହି ବ୍ୟକ୍ତି ଜଣକ ଆଗରୁ ଅନ୍ୟ ସରକାରୀ କାର୍ଯ୍ୟାଳୟରୁ ଏଭଳି ତଥ୍ୟ ମାଗି ଦେଇ ଭିତିରି କାରବାର କଲା ପରେ ସବୁ ଚୁପ ପଡ଼ିଯାଏ ବୋଲି ସିଡ଼ିପିଓ କହିଛନ୍ତି । ଅନ୍ୟ ସରକାରୀ କାର୍ଯ୍ୟାଳୟ ମଧ୍ୟରେ ବ୍ଲକ, ମେଡିକାଲ ଓ ମୃତ୍ତିକା ସଂରକ୍ଷଣ ବିଭାଗ କାର୍ଯ୍ୟାଳୟକୁ ଏହିପରି ବାଟରେ ହଇରାଣ ହରକତ କରିବା ପରେ ଏବେ ଆମ କାର୍ଯ୍ୟାଳୟ ଉପରେ ତାଙ୍କର ଆଖି ପଡିଛି ବୋଲି ସିଡ଼ିପିଓ ଶ୍ରୀମତୀ ପଣ୍ଡା କହିଛନ୍ତି ।

# ଏକାଠି ହେଲେ ପୁରାତନ ଛାତ୍ରଛାତ୍ରୀ



ନିରାକାରପୁର,୨୮ ।୧୨ (ସମିସ): ନିରାକାରପୁର କ୍ଷେତ୍ରବାସୀ ଏକାଡେମୀର ୨୦୦୪ ମସିହା ବ୍ୟାଚ ମାଟ୍ରିକ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ସ୍ଥାନୀୟ କାଶିପୁର ଭୈରବୀଙ୍କ ପୀଠରେ ଆୟୋଜିତ ହୋଇଯାଇଛି । ଅନୁଭୂତି କଥନରେ ପିଲାଦିନର ସ୍ମୃତିକୁ ମନେ ପକାଇଥିଲେ ସମସ୍ତ ଛାତ୍ରଛାତ୍ରୀ । ପ୍ରତ୍ୟେକ ବର୍ଷ ଏହିପରି କାର୍ଯ୍ୟକ୍ରମ ସହିତ ବିଭିନ୍ନ ସାମାଜିକ ଉନ୍ନତିମୂଳକ କାମ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଲିଟୁ, ହାପି, ମାନୁ, ପହଲି, ସମ୍ବିତ, ରଘୁ ଓ ମହି ପ୍ରମୁଖ ଛାତ୍ରଛାତ୍ରୀ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଚିଲିକା କଂଗ୍ରେସର ସାଂଗଠନିକ ବୈଠକ

ବାଲୁଗାଁ,୨୮ ।୧୨(ସମିସ) : ଚିଲିକା କଂଗ୍ରେସ ତରଫରୁ ଏକ ସାଂଗଠନିକ ବୈଠକ ବାଣପୁର ବ୍ଲକ ଅନ୍ତର୍ଗତ



ସଲପଡି ସ୍ଥିତ ମା ପାଣ୍ଡବାଶୁଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ରାଜକିଶୋର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଓଡିଶା ପ୍ରଦେଶ ମହିଳା କଂଗ୍ରେସ ଦଳର ସମ୍ପାଦିକା ମିନାକ୍ଷୀ ପ୍ରଧାନ, ଚିଲିକା ନିର୍ବାଚନ ମଣ୍ଡଳୀର ପୂର୍ବତନ ଯୁବ କଂଗ୍ରେସ ସଭାପତି ବିପିନ ବାରିକ, ଦୀପକ ପାତ୍ର, ରାଜେନ୍ଦ୍ର ପ୍ରଧାନ, ବିପ୍ର ରଞ୍ଜନ ଜେନା, ଚିତ୍ତ ରଞ୍ଜନ ଭୋପା, ସୁଶାନ୍ତ ବିଶୋଇ ଓ ଅମୁଲ୍ୟ ଜେନା ପ୍ରମୁଖ କର୍ମକର୍ତ୍ତା ସାମିଲ ହୋଇ ବିଜେପି ସରକାର ଉପରେ ବର୍ଷି ଥିଲେ । ରାଜ୍ୟରେ ନାରୀ ଅସୁରକ୍ଷିତ ହୋଇପଡି ଥିବା ବେଳେ କୃଷକଙ୍କୁ ରାଜ୍ୟ ସରକାର ଧାନ କିଣାରେ କଟିନି ଛଟନି କରି ନାହିଁ ନଥିବା ଅସୁବିଧାରେ ପକାଉଛନ୍ତି । ଅନ୍ୟପକ୍ଷେ ବିଦ୍ୟୁତ ଦର ବୃଦ୍ଧି ସହ ସ୍ମାର୍ଟ ମିଟର ବସାଇ ଜନସାଧାରଣଙ୍କୁ ଶୋଷଣ କରୁଥିବାରୁ ଏହାକୁ ପ୍ରତିବାଦ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷି ଥିବା ବେଳେ ଆଗାମୀ ଦିନରେ ଏହାକୁ ବିରୋଧ କରି ଚିଲିକା ନିର୍ବାଚନ ମଣ୍ଡଳୀର କଂଗ୍ରେସ ରାଜ ରାସ୍ତାକୁ ଓହ୍ଲାଇବ ବୋଲି କହିଥିଲେ । ଏହି ସାଙ୍ଗଠନିକ ବୈଠକରେ ବହୁ କର୍ମୀ ଉପସ୍ଥିତ ଥିଲେ ।

# ଶ୍ରୀସତ୍ୟସାଇ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଟାଙ୍ଗୀ,୨୮ ।୧୨(ସମିସ): ଚାନ୍ଦପୁର ଶ୍ରୀସତ୍ୟସାଇ ବିଦ୍ୟାମନ୍ଦିରର ୨୪ ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟଅଧକ୍ଷଅଜୟକୁମାରମଙ୍ଗରାଜବାର୍ଷିକବିବରଣୀ ପାଠ କରିଥିଲେ । କମିଟି ସହ ସଂପାଦକ ରବିନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ପରିଚାଳନା ପରିଚାଳନା କମିଟି ଉପଦେଷ୍ଟା ବିଜୟ କୁମାର ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ପୂର୍ବତନ ମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ନାଥ ମାନସିଂହ, ମୁଖ୍ୟବକ୍ତା ଖାଉଟି ଅଦାଲତର ପ୍ରାକ୍ତନ ଅଧକ୍ଷ ନାରାୟଣ ମହାପାତ୍ର, ବିଶିଷ୍ଟ ଅତିଥି ରଣପୁର ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀ ଦେଇ,ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଫେସର ଡ. ଫକୀର



ମୋହନସାହୁ, କାଙ୍କଣଶିଖରୀଲୀଳାକ୍ଷେତ୍ରକମିଟିସଭାପତି ଡ. ସୁଶାନ୍ତ କୁମାର ସାହୁ, ପରିଚାଳନା କମିଟି ସଦସ୍ୟ କିଶୋର ଲେଙ୍କା, ଟେଲି କଳାକାର ବିକି ମିଶ୍ର, ଅଧାପିକା ଡଃ ମୋନାଲିସା ମାନସିଂହ ପ୍ରମୁଖ ଯୋଗଦେଇଥିଲେ । କମିଟି ସଦସ୍ୟ ମନୋରଂଜନ ବେହେରା, ବିନାୟକ ମହାରଣା, ପୂର୍ଣ୍ଣଚନ୍ଦ୍ର ଦେବ, ରାମଚନ୍ଦ୍ର ପରିଡା, ଗୁରୁମା ନିଳିମା ମହାନ୍ତି, କ୍ରିଷ୍ଣା ପରିଡା, ଭାରତୀ ବିଶ୍ୱାଳ, କଲ୍ୟାଣି ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ରାଜ୍ୟସ୍ତରୀୟ କ୍ରିକେଟ : ମେଣ୍ଢାଶାଳ ଫାଇନାଲରେ

ବେଗୁନିଆ, ୨୮ ।୧୨(ସମିସ): କଣ୍ଟାବାଡ଼ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ଷଷ୍ଠ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି । ଏହି ଖେଳ ଅଟ୍ରି ପତିତପାବନ ୟୁଥ୍ କ୍ଲବ୍ ଓ ମେଣ୍ଢାଶାଳ ସ୍ପୋର୍ଟସ ଆସୋସିଏସନ୍ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଅଟ୍ରୀ ଦଳ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ଓଭରରେ ୧୪୧ ରନ୍ କରି ଅଲ ଆଉଟ୍ ହୋଇଥିଲା । ଜବାବରେ ମେଣ୍ଢାଶାଳ ଦଳ ନିର୍ଦ୍ଧାରିତ ଓଭର ପୂର୍ବରୁ ୬ ୱିକେଟ୍ ହରାଇ ୧୪୨ ରନ ସଂଗ୍ରହ କରି ଫାଇନାଲରେ ପ୍ରବେଶ କରିଛି । ସମାଜପ୍ରେମୀ ଶିବ ନାରାୟଣ ମିଶ୍ର, ପ୍ରଧାନଶିକ୍ଷକ ବିଜୟ ମହାପାତ୍ର ଓ ଶିକ୍ଷାବିତ୍ ସବିତା ବାଳା ଦେବୀ ଅତିଥି ଭାବେ ଯୋଗ ଦେଇ ୪ଟି ୱିକେଟ୍ ଅକ୍ତିଆର କରିଥିବା ଅତୁଲ ସିଂଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ରୂପେ ଅର୍ଜୁନ ମହାପାତ୍ର ସ୍ମାରକୀ ଟ୍ରଫି ପ୍ରଦାନ କରିଥିଲେ । ଅମ୍ପାୟାର ରମାକାନ୍ତ ପାତ୍ର ଓ ବିନୟ ପାଇକରାୟମ୍ୟାଚ୍‌ପରିଚାଳନାଓସିଦ୍ଧେଶ୍ୱରବେହେରା, ଓମ୍‌ପ୍ରକାଶବ୍ରହ୍ମାସ୍କୋରରଦାୟିତ୍ୱ ତୁଲାଇଥିଲେ । ଚିନ୍ମୟ ପଣ୍ଡା ଓ ଶରତ ପାଇକରାୟ ଧାରା ବିବରଣୀ ପ୍ରଦାନ କରିଥିଲେ ।

# ସର୍ବଭାରତୀୟ ସଖା ସଂଘ ଫୁଟବଲ : ଫାଇନାଲରେ ଶବର ସ୍ପୋର୍ଟିଂ

ନିରାକାରପୁର,୨୮ ।୧୨ (ସମିସ): ନିରାକାରପୁର ସଖା ସଂଘ କ୍ରୀଡା ସଂସଦ ତରଫରୁ ଚାଲିଥିବା ୩୨ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜିର ଦ୍ୱିତୀୟ ସେମିରେ ଟାଇବ୍ରେକର ଜରିଆରେ ଭୁବନେଶ୍ୱର ଶବର ସ୍ପୋର୍ଟିଂ ବିଶାଖାପାଟଣା ଏସପିଏମକୁ ୨-୧ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଛି । ଖେଳକୁ ସାଇରାମ କିସ୍କୋ, ପ୍ରିୟବ୍ରତ ବାହିନୀପତି, ବିଦେଶୀ ନାୟକ, ଅଭିନାଶ ପଟ୍ଟନାୟକ, ଅକ୍ଷୟ ପଟ୍ଟନାୟକ, ହୃଦାନନ୍ଦ ମହତରାୟ, ଭୀମସେନ ବିଶ୍ୱାଳ ଓମ ପ୍ରକାଶ ମିଶ୍ର, ଗୋଲି ଜଜ ଭାବେ ଶିକ୍ଷକ ରମାକାନ୍ତ ପୁରୋହିତ ଓ ଗଙ୍ଗାଧର ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ । ସଂଘ ସଭାପତି ବିପିନଜୟସିଂହଙ୍କସଭାପତିତ୍ୱରେମୁଖ୍ୟଅତିଥିଭାବେକଂଗ୍ରେସବରିଷ୍ଠ ନେତା ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ବିଶିଷ୍ଟ ଅତିଥିଭାବେ ଇଞ୍ଜିନିୟର ବିଶ୍ୱ ମୋହନ ପଟ୍ଟନାୟକ, ଆଇନଜୀବୀ ଶିଶିର ପରିଡ଼ା, ବିଶିଷ୍ଟ ଅତିଥି ଭାବେ ଚିତ୍ତରଞ୍ଜନ ଭୋଳ, ସମ୍ମାନିତ ଅତିଥି ଭାବେ ଆଶିଷ ନରେନ୍ଦ୍ର, ଯୁବନେତା ଶୁଭମ ଦାଶ, ଯୁବନେତା ଆଲୋକ ରଂଜନ ଛୋଟରାୟ, ପ୍ରଶାନ୍ତ ସାହୁ, କ୍ୟାପଟେନ ବିଜୟ ବଳିଆରସିଂହ, ବରିଷ୍ଠ ଉପଦେଷ୍ଟା ମହେଶ୍ୱର ବେହେରା ଓ କୋଷାଧ୍ୟକ୍ଷ ହରିହର ସିଂହ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ବେଷ୍ଟ ପ୍ଲେୟାର ଭାବେ ଉଭୟ ଦଳର ଦୁଇଜଣ ଖେଳାଳି ଶବର ସ୍ପୋର୍ଟିଂ ଦଳର ଶିଶିର ନାୟକ ଓ ବିଶାଖାପାଟଣା ଦଳର ସାଇ ଜିକେଙ୍କୁ କେଦାର ଜୟସିଂହ ସ୍ମୃତି ଓ ସ୍ୱର୍ଗତା ପ୍ରମିଳା ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଟ୍ରଫି ପ୍ରଦାନ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ କମଳ ଲୋଚନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । କୁମାରୀ ମେଘନା ବଳିଆରସିଂହ ଧନ୍ୟବାଦ ପ୍ରଦାନ କରିଥିଲେ । ଆସନ୍ତା କାଲି ଫାଇନାଲ ମ୍ୟାଚ ଶବର ସ୍ପୋର୍ଟିଂ, ଭୁବନେଶ୍ୱର ଓ ଧାନବାଦ ଫୁଟବଲ କ୍ଲବ, ଝାଡ଼ଖଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ ।

● ଜିତେନ୍ଦ୍ର ମହାରଣା ସ୍ମାରକୀ ନୂଆଗାଁ ପ୍ରିମିୟର ଲିଗ୍

# ମା' ଅଁଲାଇ ୱାରିୟର ଚାମ୍ପିଅନ



ଖୋର୍ଦ୍ଧା,୨୮ ।୧୨(ସମିସ): ଖୋର୍ଦ୍ଧା ସହର ଉପକଣ୍ଠ ଉଇଲ କିଶନ ନଗର ଠାରେ ଦୁଇଦିନ ଧରି ଚାଲିଥିବା ଜିତେନ୍ଦ୍ର ମହାରଣା ସ୍ମାରକୀ ନୂଆଗାଁ ପ୍ରିମିୟର ଲିଗ ସିଜିନ୍ -୩ ର ଉଦଯାପନ ଉତ୍ସବ ଆଜି ଅନୁଷ୍ଠିତ ହୋଇଛି । ଗ୍ରାମର ଯୁବ କ୍ରୀଡ଼ାବିତ ସତ୍ୟନାରାୟଣ ସୁନ୍ଦରାୟଙ୍କ ସଂଯୋଜନା ରେ ଆଜି ଅତିଥି ରୂପେ ଗ୍ରାମର ସୁଦର୍ଶନ ବିଶ୍ୱାଳ, ଆକାଶ କୁମାର ବିଶ୍ୱାଳ, ଗୋପାଳକୃଷ୍ଣ ପ୍ରଧାନ, ଦୀପକ ସୁନ୍ଦରାୟ ପ୍ରମୁଖ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ । ଆଜି ଫାଇନାଲ ଖେଳ ଅଁଲାଇ ୱାରିୟର ର କ୍ୟାପଟେନ ଧର୍ମେନ୍ଦ୍ର ବିଶ୍ୱାଳ ଓ ଷ୍ଟାର ଇଲେଭେନ ଟିମ କ୍ୟାପଟେନ ସାଗର ବଳିୟାରସିଂହ ଙ୍କ ଟିମ ମଧ୍ୟରେ ୧୨ ଓଭର ବିଶିଷ୍ଟ ଖେଳ ହୋଇଥିଲା । ଷ୍ଟାର ଇଲେଭେନ ଦଳ ପ୍ରଥମେ ୧୨ଓଭର ଖେଳି ୬ୱିକେଟ ବିନିମୟରେ ୭୫ ରନ୍ କରିଥିଲାବେଳେ ଜବାବ ରେ ଅଁଲାଇ ୱାରିୟର ୧୦. ୨ ଓଭର ଖେଳି ୭ ୱିକେଟ ବିନିମୟରେ ଆବଶ୍ୟକ ୭୬ରନ୍ କରି ଚଳିତ ବର୍ଷର ଚାମ୍ପିଅନ ଟ୍ରଫି ହାସଲ କରିଥିଲେ । ଅତିଥିମାନେ ମା'ଅଁଲାଇ ୱାରିୟର ଦଳ କୁ ଚମ୍ପିୟାନ ଟ୍ରଫି ଓ ଉପବିଜେତା ଷ୍ଟାର ଇଲେଭେନକୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ ।

ସେହିପରି ମ୍ୟାନ ଅଫ ଦି ମ୍ୟାଚ ଭାବେ ଧର୍ମେନ୍ଦ୍ର ବିଶ୍ୱାଳ, ମ୍ୟାନ ଅଫ ଦି ସିରିଜ ଭାବେ ପ୍ରିତମ ସାହୁ ଛୋଟ ପିଲାଙ୍କ ଭିତରେ ବାହୁଡ଼ା ବିଶ୍ୱାଳ, ଜିତ ସୁନ୍ଦରାୟ, ଡ଼ବୁଲ ପ୍ରଧାନଙ୍କୁ ମଧ୍ୟ ଟ୍ରଫି ପ୍ରଦାନ କରିଥିଲେ । କୃଷ୍ଣଚନ୍ଦ୍ର ସାହୁ, ସଂଜୀବ ବିଶ୍ୱାଳ, ବବୁଲ ପ୍ରଧାନ, ମିହିର ପ୍ରଧାନ, ରିତେଶ ସ୍ୱାଇଁ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଭାଷ୍ୟକାର ଭାବେ ଦିପେଶ ବେହେରା, ପ୍ରଶାନ୍ତ ନାଟୁଆ, ସତ୍ୟବ୍ରତ ଦାସ, ବିଜୟାନନ୍ଦ ବାରିକ ପ୍ରମୁଖ ସହଯୋଗ କରଥିଲେ ।

# ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍: ଓଡ଼ିଶା ପୁଲିସ ଚାମ୍ପିଅନ

ଟାଙ୍ଗୀ,୨୮ ।୧୨(ସମିସ): ଟାଙ୍ଗୀ ବ୍ଲକ ଅଧୀନସ୍ଥ କୁହୁଡି ମହାବୀର ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଅନୁଷ୍ଠିତ ୬୬ ତମ ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଜନତା ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ଆଜି ଫାଇନାଲ ମ୍ୟାଚରେ ଧାନବାଦ ଫୁଟବଲ୍ କ୍ଲବ ଧାନବାଦକୁ ଟାଇବ୍ରେକରରେ ହରାଇ ଓଡ଼ିଶା ପୁଲିସ କଟକ ଚାମ୍ପିଅନ ହୋଇଛି । ଏହି ଅବସରରେ ସଭାପତି ମମତା ଦାସ, ଉପ ସଭାପତି ରାଜକିଶୋର ବୈରୀଗଞ୍ଜନ ସମ୍ପାଦକ ମନୋଜ କୁମାର ମାନସିଂହ, ଓ ସହ ସମ୍ପାଦକ ରମେଶ ଚନ୍ଦ୍ର ନାଇଡୁ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ପ୍ରଥମାର୍ଦ୍ଧରେ ଖେଳରେ ୬ ମିନିଟରେ ଓଡ଼ିଶା ପୁଲିସ କଟକର ଜର୍ସି ନମ୍ବର ୮ ବିଜୟ ବେହେରା ଏକ ଗୋଲ ସ୍କୋର କରି ଦଳକୁ ୧ -୦ ଅଗ୍ରଣୀ କରିଥିଲେ । ଦ୍ୱିତୀୟାର୍ଦ୍ଧ ଖେଳରେ ୬୬ ମିନିଟରେ ଧାନବାଦ ଫୁଟବଲ କ୍ଲବ ଧାନବାଦର ଜର୍ସି ନଂ ୦୬ ଅଙ୍କନ ଗୋଲ ପରିଶୋଧ କରିବା ଫଳରେ ୧



- ୧ ଗୋଲରେ ଅମିମାଂସିତ ରହିଥିଲା । ଟାଇବ୍ରେକର ଜରିଆରେ ଓଡ଼ିଶା ପୁଲିସ କଟକ ୪ - ୩ ଗୋଲରେ ବିଜୟ ହୋଇଥିଲା ଓ ୬୬ତମ ମହାବୀର କପ୍ ଚାମ୍ପିଅନ ହୋଇଛି । ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ମଣିପୁର ନେସନାଲ ସ୍ପୋର୍ଟସ ଉପ କୁଳାଧିପତି ଶ୍ୟାମସୁନ୍ଦର ରଥ, ପୂର୍ବତନ ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମ ଚନ୍ଦ୍ର ମହାପାତ୍ର, ଲଳିତ ମୋହନ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଜୟଦେବ ବେହେରା ବରିଷ୍ଠ ଆଇନଜୀବୀ ହୃଷିକେଶ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ତ୍ରିନାଥ ପାତ୍ର, ରାମଚନ୍ଦ୍ର ନାୟକ, କେଦାର ଦାସ, ବସନ୍ତ ଜେନା, କାଲୁ ନାୟକ, ହରିବନ୍ଧୁ ସାମନ୍ତରାୟ, କେଦାର ପାତାଳସିଂହ, ରତ୍ନାକର ସାମନ୍ତରାୟ, ଆନନ୍ଦ ରାଓ, ଶିଲୁ ପ୍ରଧାନ ଓ ଲକ୍ଷ୍ମୀକାନ୍ତ ଦଳାଇ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିପଥିଲେ । ବିଜୟୀ ଦଳ ଓଡ଼ିଶା ପୋଲିସ ଦଳକୁ ୫୦, ୦୦୦ ଟଙ୍କା ସହ ଚାମ୍ପିଅନ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ସୋମନାଥ ମେକାପ ରନର୍ସ ଟ୍ରଫି ସହ ୩୦,୦୦୦ ଟଙ୍କା ଧାନବାଦ ଫୁଟବଲ କ୍ଲବ ଦଳକୁ ପ୍ରଦାନ କରାଯାଇଥିଲା । ଖେଳ ପରିଚାଳନା କରିଥିଲେ ରାଜୁ ମହାନ୍ତି, ଗୋପାଳ ସାମନ୍ତରାୟ ଓ ସରୋଜ ମହାରଣା ଫୋର୍ଥ ରେଫରି । ୬୬ ବର୍ଷ ଧରି ଧାରାବାହିକ ଭାବେ ଅନୁଷ୍ଠିତ ହୋଇ ଆସୁଥିବା ଏହି ଟୁର୍ଣ୍ଣାମେଣ୍ଟ ଚଳିତବର୍ଷ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିବାରୁ ସଂପାଦକ ଶ୍ରୀ ମାନସିଂହ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି ।

# ଶ୍ରୀକ୍ଷେତ୍ର ସିଟି

୨୮/୧୨/୨୦୨୫ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୭,୬୭,୨୪୩/- ସୁନା: ୦୫.୫୫୦ ଗ୍ରାମ୍ ରୁପା: ୭୧.୫୦୦ ଗ୍ରାମ୍



### ନୂଆବର୍ଷ ପାଇଁ ପ୍ରସ୍ତୁତ ପୁରୀ ପୁଲିସ

## ଜଗିବେ ୬୦ ପ୍ଲାଟୁନ୍ ଫୋର୍ସ

ପୁରୀ,୨୮।୧୨(ସମିସ): ଆସୁଛି ନବବର୍ଷ। ପୁରୁଣା ବର୍ଷକୁ ବିଦାୟ ଏବଂ ନୂଆବର୍ଷକୁ ସ୍ୱାଗତ କରିବା ଲାଗି ପ୍ରସ୍ତୁତ ହୋଇଯାଇଛି ପୁରୀ। ସହରର ବିଭିନ୍ନ ହୋଟେଲ, ଲଜ୍, ହଲିଡେ ହୋମ୍‌ରେ ଆଉ ଜାଗା ନାହିଁ। ସବୁଠି ଜମିଲାଣି ପର୍ଯ୍ୟଟକଙ୍କ ଗହଳି। ଏଭଳି ଭିଡ଼କୁ ଦେଖି ପୁରୀ ପୋଲିସ ନିଜକୁ ପ୍ରସ୍ତୁତ କରିଦେଇଛି। ଚଳିତ ବର୍ଷ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ୬୦ ପ୍ଲାଟୁନ ଫୋର୍ସ ନିୟୋଜିତ ହେବେ ବୋଲି ଏସ୍‌ପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି। ଏତଦ୍‌ବ୍ୟତୀତ ଟ୍ରାଫିକ୍ ପରିଚାଳନା, ଦର୍ଶନ ସୁବିଧା, ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା ଏବଂ ନିରାପତ୍ତା ପାଇଁ ଆଡିସ୍‌ନାଲ ଏସ୍‌ପି ୧୦ ଜଣ, ୩୩ ଡିଏସ୍‌ପି, ୩୦୦ ଏସ୍‌ଆଇ ଓ ଏଏସ୍‌ଆଇଙ୍କ ସମେତ ୬୦ ପ୍ଲାଟୁନ ଫୋର୍ସ ନିୟୋଜିତ ହେବେ। ସାଧାରଣତଃ ଡିସେମ୍ବର ୩୧ ଏବଂ ଜାନୁଆରୀ ୧ ତାରିଖରେ ପୁରୀରେ ପ୍ରବଳ ଭିଡ଼ ହୋଇଥାଏ। ଏ ବର୍ଷ ମଧ୍ୟ ସେହିଭଳି ଭିଡ଼ ହେବା ସମ୍ଭାବନା ରହିଛି। ତେଣୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୬୦ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। ଟ୍ରାଫିକ୍ ପରିଚାଳନା ପାଇଁ ସ୍ୱତନ୍ତ୍ର ପ୍ଲାନ୍ କରାଯାଇଛି। ବିଶେଷକରି ଯାନବାହନ ପାର୍କିଂ ଏବଂ ଭିଡ଼ ନିୟନ୍ତ୍ରଣ ଉପରେ ଏଥର ବିଶେଷ ଗୁରୁତ୍ୱ ଦିଆଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ନାୟକ ପ୍ଲାଜା ସମ୍ମୁଖରୁ ସିଂହଦ୍ୱାର ପର୍ଯ୍ୟନ୍ତ ସେଡ୍ କରାଯାଇଛି। ସମସ୍ତ ଶ୍ରଦ୍ଧାଳୁ ନାୟକ ପ୍ଲାଜାଠାରୁ ପ୍ରବେଶ କରିବେ। ସେଠାରୁ ଶ୍ରୀମନ୍ଦିର ଆଡ଼କୁ କୌଣସି ବଡ଼ ଗାଡ଼ି ଛଡ଼ାଯିବ ନାହିଁ। ସେହିପରି ନିରାପଦ ସ୍ନାନ ଏବଂ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ମୋବାଇଲ ସ୍କ୍ୱାଡ୍ କରାଯାଇଛି। ଏଥିରେ ପୁଲିସ ଲାଇଫ୍‌ଗାର୍ଡ ଏବଂ ଅଗ୍ନିଶମ କର୍ମଚାରୀ ରହିବେ। ବେଳାଭୂମିରେ ଟୁରିଷ୍ଟ ଏଡ୍‌ପୋଷ୍ଟ କାର୍ଯ୍ୟକ୍ଷମ କରିବ। ଅନ୍ୟପଟରେ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ, ସୁରକ୍ଷିତ ସମୁଦ୍ର ସ୍ନାନ, ପାର୍କିଂ, ଶୃଙ୍ଖଳିତ ଦର୍ଶନ ଓ ଜିରୋ ନାଇଟ୍ ସେଲିବ୍ରେସନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ଠାକୁରଙ୍କୁ ଦର୍ଶନ କରିପାରିବେ ତା' ଉପରେ ଗୁରୁତ୍ୱ ଦିଆଯାଇଛି। ୨୪ ଘଣ୍ଟିଆ ଶ୍ରୀମନ୍ଦିର ବାହାରେ ଏବଂ ଭିତରେ ପୁଲିସ କର୍ମଚାରୀ ମୁତୟନ ରହିବେ। ନୂଆ ବର୍ଷରେ ସିସିଟିଭି ନଜରରେ ରହିବ ଶ୍ରୀକ୍ଷେତ୍ର। ଏହାଛଡ଼ା ସହରର ୪ଟି ମୁଖ୍ୟ ଛକ ମଙ୍ଗଳାଘାଟ, ବୀରହରେକୃଷ୍ଣପୁର, ଗ୍ରୀଡ୍ ଏବଂ କୋକୋପାମ୍‌ରେ ନାକା ପୋଷ୍ଟ କରାଯାଇଛି।

**ଶ୍ରୀମନ୍ଦିର ଓ ବେଳାଭୂମିରେ ରହିବ କଡ଼ା ନଜର**

■ ୩୦ରେ ରଥକାଠ ଚିହ୍ନଟ ଅନୁକୂଳ ପୂଜା

## ଆଜି ନୟାଗଡ଼ ଯିବେ ଶ୍ରୀମନ୍ଦିର ପ୍ରତିନିଧି ଦଳ

ପୁରୀ,୨୮।୧୨(ସମିସ): ୨୦୨୬ ରଥଯାତ୍ରା ପାଇଁ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ, ନୟାଗଡ଼ ଜିଲ୍ଲା ଗଣିଆର ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ରଥ ପାଇଁ କାଠ ଚିହ୍ନଟ ଓ କାଟିବା ଅନୁକୂଳ ହୋଇଥାଏ। ଏଥିଲାଗି ସୋମବାର ରଥ ତତ୍ତ୍ୱାବଧାରକ ଚିତ୍ରସେନ ମହାପାତ୍ରଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ପ୍ରଶାସନର ଏକ ପ୍ରତିନିଧି ଦଳ ନୟାଗଡ଼ ଅଭିମୁଖେ ଯାତ୍ରା କରିବେ। ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ଓ ପତନି, ମାଳ, ମାହାର୍ଦ୍ଦ, ଶ୍ରୀଫଳ, ଦୀପ, ଧୂପ ଆଦି ପୂଜା ସାମଗ୍ରୀ ସହ ଯାତ୍ରା କରିବେ। ୩୦ ତାରିଖରେ ପରମ୍ପରା ଆଧାରରେ ମା' ବଡ଼ରାଉଳ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରାଯିବ। ଠାକୁରାଣୀଙ୍କ ଆଶୀର୍ବାଦ ନେଇ ଶ୍ରୀବିଗ୍ରହଙ୍କ ରଥ କାଠ ଚିହ୍ନଟ ଅନୁକୂଳ ପର୍ବ ଆରମ୍ଭ ହେବ। ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତବର୍ଷ ଆସିଥିବା କାଠ ମଧ୍ୟରୁ ୪୭ ଖଣ୍ଡ ବଳକା ରହିଛି। ବାକି ୮୧୮ ଖଣ୍ଡ କାଠ ଏଥର ଆସିବ। ଏହି କାଠ ମଧ୍ୟରୁ ଖପୁରିଆସ୍ଥିତ କରତ କଳକୁ ୪୦୨ ଖଣ୍ଡ ଏବଂ ରଥଖଳାକୁ ୪୧୬ ଖଣ୍ଡ କାଠ ଆସିବ। ବସନ୍ତ ପଞ୍ଚମୀ ପୂର୍ବରୁ ୨ ଟ୍ରିପ୍ କାଠ ରଥଖଳାରେ ପହଞ୍ଚିବ। ପରମ୍ପରା ଅନୁଯାୟୀ, ସେଥିମଧ୍ୟରୁ ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ବସନ୍ତ ପଞ୍ଚମୀ ତିଥିରେ ଅନୁକୂଳ କରାଯିବ। ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ କରାଯିବାର ବିଧି ରହିଛି।

**ଏଥର ଆସିବ ୮୧୮ ଖଣ୍ଡ କାଠ**

## ଶ୍ରୀମନ୍ଦିରରେ ମାତିଲେ ପକେଟ୍‌ମାର

ପୁରୀ,୨୮।୧୨(ସମିସ): ନୂଆବର୍ଷ ପାଇଁ ପୁରୀରେ ଲାଗିଲାଣି ଭିଡ଼। ବିଶେଷକରି ବଡ଼ଦିନ ପରଠାରୁ ଶ୍ରୀମନ୍ଦିରରେ ପ୍ରତିଦିନ ଗହଳି ହେଉଛି। ଏହି ଗହଳିର ସୁଯୋଗ ନେବା ପାଇଁ ଏବେ ମନ୍ଦିରରେ ମାତିଛନ୍ତି ପକେଟ୍‌ମାର। ଶନିବାର ୨ ଜଣ ଭକ୍ତଙ୍କ ପକେଟରୁ ମନିପର୍ସ ଲୁଟ୍ ବେଳେ ପୁଲିସ ହାତରେ ଧରାପଡ଼ିଛନ୍ତି ଦୁଇ ପକେଟ୍‌ମାର। ସେମାନେ ହେଉଛନ୍ତି ପୁରୀ ସଦର ଥାନା ଗୌଡ଼ ରଣପଡ଼ାର ସଞ୍ଜୟ କୁମାର ସାମନ୍ତରାୟ ଏବଂ କୁମ୍ଭାରପଡ଼ା ଥାନା ତଳନୂଆସାହି ଗୋଲାପକା ବସ୍ତିର ଶିବ ବେହେରା। ଅଭିଯୋଗ ଅନୁଯାୟୀ, ପଶ୍ଚିମବଙ୍ଗର ଅଭିଜିତ୍ ଦାସ ସପରିବାର ଶନିବାର ଅପରାହ୍ଣରେ ବାହାରକାଠରୁ ଦର୍ଶନ କରୁଥିଲେ। ଏହି ସମୟରେ ଅଭିଜିତ୍ ତାଙ୍କ ପ୍ୟାଣ୍ଟ ପକେଟ୍‌ରୁ ମନିପର୍ସ ଲୁଟ୍ କରି ପଳାଇ ଯାଉଥିଲେ। ଅଭିଜିତ୍ ପାଟି କରିବାରୁ ସାଦା ପୋଷାକରେ ଥିବା ପୁଲିସ ଅଭିଯୁକ୍ତକୁ ମାଡ଼ିବସି ତା' ନିକଟରୁ ମନିପର୍ସ ଜବତ କରିଥିଲେ। ସେଥିରେ ଅଭିଜିତଙ୍କର ୫,୬୦୦ ଟଙ୍କା, ଆଧାର କାର୍ଡ, ଡେବିଟ୍ କାର୍ଡ ଆଦି କାଗଜପତ୍ର ରହିଥିଲା। ସେହିପରି ପଶ୍ଚିମବଙ୍ଗର ତନ୍ମୟ ବାଗ୍‌ଚୀ ଶନିବାର ଅପରାହ୍ଣରେ ସପରିବାର ଯାଉଥିବାବେଳେ ସାତପାହଚ ନିକଟରେ ତାଙ୍କ ପ୍ୟାଣ୍ଟ ପକେଟ୍‌ରୁ ମନିପର୍ସ ଲୁଟ୍ କରି ପଳାଇ ଯାଉଥିଲେ ଶିବ। ତନ୍ମୟ ପାଟି କରିବାରୁ ସାଦା ପୋଷାକରେ ଥିବା ପୁଲିସ ଅଭିଯୁକ୍ତ ଶିବକୁ କାବୁ କରି ତା' ନିକଟରୁ ମନିପର୍ସ ଜବତ କରିଥିଲେ। ସେଥିରେ ତନ୍ମୟଙ୍କର ୫,୦୦୦ ଟଙ୍କା, ଆଧାର କାର୍ଡ, ଡେବିଟ୍ କାର୍ଡ ଆଦି କାଗଜପତ୍ର ରହିଥିଲା। ଉଭୟଙ୍କୁ ସିଂହଦ୍ୱାର ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି।

**୨ ଗିରଫ, ଲୁଟ୍ ମନିପର୍ସ ଉଦ୍ଧାର**

### ଖାଦ୍ୟ, ପାନୀୟ ଅଭାବ !

# ଜନବସତିମୁହାଁ ବାଲୁଖଣ୍ଡ ହରିଣ

ପୁରୀ,୨୮।୧୨(ସମିସ)

ବାଲୁଖଣ୍ଡ ଅଭୟାରଣ୍ୟରେ ବିଭିନ୍ନ ପ୍ରକାର ବନ୍ୟଜନ୍ତୁ ରହୁଥିଲେ ମଧ୍ୟ ଏଠାରେ ପ୍ରମୁଖ ଆକର୍ଷଣ ହେଉଛନ୍ତି ଚିତ୍ରା ହରିଣ। ଦୀର୍ଘବର୍ଷ ହେବ ହରିଣ ଗଣନା ହୋଇପାରି ନ ଥିବାରୁ ଏମାନଙ୍କର ସଂଖ୍ୟା କେତେ ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ। ବାତ୍ୟା ଫନୀରେ ଅନେକ ହରିଣ ମୃତାହତ ହୋଇଥିଲେ। କିନ୍ତୁ ଗତ ୬ ବର୍ଷ ମଧ୍ୟରେ ଏମାନଙ୍କ ସଂଖ୍ୟା ପୂର୍ବବସ୍ଥାକୁ ଫେରିଥିବା କୁହାଯାଉଛି। ହେଲେ ବାଲୁଖଣ୍ଡରେ ସେମାନଙ୍କୁ ପର୍ଯ୍ୟାପ୍ତ ଖାଦ୍ୟ, ପାନୀୟ ସାଙ୍ଗକୁ ଉପଯୁକ୍ତ ବାସ ମିଳୁନାହିଁ। ଫଳରେ ବିଭିନ୍ନ ସମୟରେ ବାଟ ହୁଡୁଛନ୍ତି ହରିଣ। ଅନେକ ସମୟରେ ଖାଦ୍ୟ, ପାନୀୟ ଆଶାରେ ଜନବସତିମୁହାଁ ହେଉଥିବା ହରିଣ ବିପଦରେ ପଡୁଛନ୍ତି। କେତେବେଳେ ବୁଲା କୁକୁରଙ୍କ ଶିକାର ହେଉଛନ୍ତି ତ ପୁଣି କେତେବେଳେ ଗାଡ଼ି ଦୁର୍ଘଟଣା ଏପରିକି ଡ୍ରେନ୍‌ରେ ପଡ଼ି ଏମାନଙ୍କ ଜୀବନ ଯାଉଛି। ଏମିତି ବି ମଣିଷଙ୍କ ଦ୍ୱାରା ଶିକାର ହେଉଛନ୍ତି ନିରୀହ ହରିଣ।

ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ରୋଡ୍‌ରେ ଅବସ୍ଥିତ ବାଲୁଖଣ୍ଡ ଅଭୟାରଣ୍ୟ। ୮୭ ବର୍ଗ କି.ମି. ଅଞ୍ଚଳରେ ପରିବ୍ୟାପ୍ତ ଏହି ଅଭୟାରଣ୍ୟର ପରିବେଶ ବେଶ୍ ମନମୁଗ୍ଧକର। ଶାନ୍ତ ଶୀତଳ ପରିବେଶରେ ବିଭିନ୍ନ ପ୍ରକାର ଜୀବଜନ୍ତୁ ଏଠାରେ ରହିଆସୁଥିଲେ। କିନ୍ତୁ ୨୦୧୯ର ଫନୀ ବାତ୍ୟା ଅଭୟାରଣ୍ୟ ସବୁଜିମାକୁ ଧୂଳିସାତ୍ କରି ଦେଇଥିଲା। ବାତ୍ୟାରେ ଲକ୍ଷ ଲକ୍ଷ ଗଛ ଧରାଶାୟୀ ହୋଇଥିବାବେଳେ ହରିଣ ଏଣେତେଣେ ପଳାଇଯାଇଥିଲେ। କେତେକ ମୃତାହତ ମଧ୍ୟ ହୋଇଥିଲେ। ବାତ୍ୟାର କିଛିଦିନ ପରେ ପୁଣି ବାଲୁଖଣ୍ଡକୁ ଫେରିଥିଲେ ହରିଣପଲ। ହେଲେ ଦ୍ରୁତ ସହରୀକରଣ ଯୋଗୁଁ ଏହା ମଧ୍ୟରେ ରହୁଥିବା ଜୀବଜନ୍ତୁଙ୍କ ଜୀବନଶୈଳୀ ପ୍ରଭାବିତ ହେବାରେ ଲାଗିଛି। ଗୋଟିଏପଟେ ଜଙ୍ଗଲ ସଂକୁଚିତ ହେଉଥିବାବେଳେ ଅନ୍ୟପଟେ ବନ୍ୟପ୍ରାଣୀଙ୍କ ବାସ ପାଇଁ ସଙ୍କଟ ସୃଷ୍ଟି ହେଲାଣି। ବିଶେଷକରି ହରିଣଙ୍କ ପାଇଁ ଖାଦ୍ୟ ଓ ପାନୀୟ ସଙ୍କଟ ଯୋଗୁଁ ବେଳେବେଳେ ସେମାନେ ମୃତାହତ ହେଉଛନ୍ତି। ପର୍ଯ୍ୟାପ୍ତ ଘାସ ମିଳୁନାହିଁ। ବିଭାଗ ପକ୍ଷରୁ ମଧ୍ୟ ସେଭଳି ବ୍ୟବସ୍ଥା ହେଉନାହିଁ। ଫଳରେ ଖାଦ୍ୟ କିମ୍ବା ପାନୀୟ ଅନ୍ୱେଷଣରେ ଜଙ୍ଗଲ ବାହାରକୁ ଗଲେ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ସେହିପରି ଡ୍ରେନ୍‌ରେ ପଡ଼ି ବି ହରିଣଙ୍କ ମୃତ୍ୟୁ ହେବାର ଅନେକ ନଜିର ରହିଥିବା ବେଳେ ଲୋକମାନେ ଫାଶ ବସାଇ ହରିଣକୁ ଧରି ଖାଉଛନ୍ତି। ଶନିବାର ରାତିରେ ପୁରୀ-କୋଣାର୍କ ରାସ୍ତାର ବିପଦତାରିଣୀ ମନ୍ଦିର ନିକଟରେ ଏକ ହରିଣ ଦୁର୍ଘଟଣାର ଶିକାର ହୋଇଥିଲା। ଜନବସତିମୁହାଁ ହରିଣଟି ଅଭୟାରଣ୍ୟରୁ ବାହାରି ରାସ୍ତା ପାର୍ ହେଉଥିଲାବେଳେ ଏକ କାର୍ ତାକୁ ଧକ୍କା ଦେଇଥିଲା। ଫଳରେ ହରିଣଟି ରାସ୍ତାରେ ଛିଟିକି ପଡ଼ିଥିଲା। ସେହି ବାଟ ଦେଇ ଯାଉଥିବା କିଛି ଲୋକ ଗାଡ଼ି ରଖି ହରିଣଟିକୁ ଧରି ବନ ବିଭାଗକୁ ଖବର ଦେଇଥିଲେ। କିଛି ସମୟ ପରେ ହରିଣଟି ସେମିତି ଆହତ ଅବସ୍ଥାରେ ପଳାଇ ଯାଇଥିଲା। ସେହିପରି ଶୁକ୍ରବାର ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ଆଳସାହି ପଞ୍ଚାୟତ ଅନନ୍ତା ଗାଁର ଦଳ ପୋଖରୀରୁ ଏକ ହରିଣକୁ ଗାଁ ଲୋକେ ଉଦ୍ଧାର କରିଥିଲେ। ଏ ନେଇ ବନ ବିଭାଗ ଏବଂ ପୁଲିସକୁ ଖବର ଦେଇଥିଲେ। ଅସ୍ତରଙ୍ଗ ପୁଲିସ ଏବଂ ବନ କର୍ମଚାରୀ ପହଞ୍ଚି ହରିଣକୁ ଉଦ୍ଧାର କରି ସହନ ଜଙ୍ଗଲରେ ଛାଡ଼ି ଦେଇଥିଲେ। ବନାଞ୍ଚଳରେ ପାନୀୟଜଳର ଅଭାବ ଯୋଗୁଁ ହରିଣ ଗାଁମୁହାଁ ହେଉଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏମିତି ଜନବସତିକୁ ଯିବାବେଳେ ରାସ୍ତାରେ ଦୁର୍ଘଟଣାର ଶିକାର ହୋଇ ଅନେକ ହରିଣ ମୃତାହତ ହେବାର ନଜିର ରହିଛି।

ଏ ସମ୍ପର୍କରେ ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ବାଲୁଖଣ୍ଡ ଅଭୟାରଣ୍ୟରେ ହରିଣଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ, ପାନୀୟର ଅଭାବ ରହୁଛି। ତେଣୁ ସେମାନେ ବିଭିନ୍ନ ସମୟରେ ଜନବସତି ଆଡ଼କୁ ମୁହାଁଉଥିବା ବେଳେ ରାସ୍ତାରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଅଭୟାରଣ୍ୟ ଅଞ୍ଚଳରେ ଗାଡ଼ିଗୁଡ଼ିକ ଦ୍ରୁତଗତିରେ ଯାଉଛି। ସେହିପରି ବାଲୁଖଣ୍ଡରୁ ଚୋରାରେ ଗଛ କାଟି ନିଆଯାଉଛି। ଫଳରେ ହରିଣମାନଙ୍କୁ ଉପଯୁକ୍ତ ବାସସ୍ଥାନ ମିଳୁନାହିଁ। ଏ ସବୁ କାରଣ ପାଇଁ ହରିଣ ଜନବସତିମୁହାଁ ହୋଇ ବିପଦରେ ପଡୁଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଏ ସମ୍ପର୍କରେ ବାଲୁଖଣ୍ଡ ରେଞ୍ଜରଙ୍କୁ ପଚାରିବାରେ ଅଭୟାରଣ୍ୟରେ ହରିଣଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ଓ ପିଇବାର ପାଣିର ବ୍ୟବସ୍ଥା କରାଯାଇଛି। କାର୍ ଧକ୍କାରେ ହରିଣ ଆହତ ଖବର ପାଇ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେତେବେଳକୁ ହରିଣଟି ପଳାଇ ଯାଇଥିଲା ବୋଲି କହିଛନ୍ତି।


ଦୁର୍ଘଟଣାରେ ହେଉଛନ୍ତି ମୃତାହତ

### ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଉଦ୍‌ଯାପିତ

## 'ସୁଖ ଓ ଶାନ୍ତିର ମାର୍ଗ ଦେଖାଏ ଗୀତା'



ପୁରୀ,୨୮।୧୨(ସମିସ): ଗୀତା ଆମ ମନରେ ଜିଜ୍ଞାସା, ଆଗ୍ରହ ଓ ସାଧନାର ଅଗ୍ନିକୁ ପ୍ରଜ୍ୱଳିତ କରିବାରେ ସହାୟକ ହୋଇଥାଏ। ଏହା ଆମକୁ ଜୀବନର ସତ୍ୟ, କର୍ମର ମାର୍ଗ ଓ ଆତ୍ମାଶାନ୍ତିର ଉପାୟ ପ୍ରଦର୍ଶନ କରେ ବୋଲି କହିଛନ୍ତି ଅନ୍ତରାଷ୍ଟ୍ରୀୟ କ୍ରିୟାଯୋଗ ସଂସ୍ଥାନର ଆଧ୍ୟାତ୍ମିକ ପ୍ରମୁଖ ପୂଜ୍ୟ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ। ବାଲିଘାଇସ୍ଥିତ ହରିହରାନନ୍ଦ ଗୁରୁକୁଳମ୍‌ରେ 'ପ୍ରଜ୍ଞାନ ମିଶନ' ଦ୍ୱାରା ଆୟୋଜିତ ସପ୍ତ ଓଡ଼ିଶା ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଗତ ତିନିଦିନ ଧରି ଅନୁଷ୍ଠିତ ହୋଇଥିଲା। ୨୬ ତାରିଖ ଏହାର ଉଦ୍‌ଘାଟନୀ ସଭାରେ ସମ୍ମାନିତ ଅତିଥି ଭାବେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ଓ ଡ. ଶ୍ରୁତି ମହାପାତ୍ର ଯୋଗଦେଇଥିଲେ। ରବିବାର ଉଦ୍‌ଯାପନୀ ଦିବସରେ ସମ୍ମାନିତ ଅତିଥି ଭାବରେ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଯୋଗଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ସେବକ ଗଜପତି ମହାରାଜା ଦିବ୍ୟସିଂହ ଦେବ ଯୋଗଦେଇ କହିଥିଲେ ଯେ, ଭଗବଦ୍ ଗୀତା ଜୀବନରେ ସୁଖ ଓ ଶାନ୍ତିର ମାର୍ଗ ପ୍ରଦର୍ଶନ କରୁଥିବା ଏକ ଦାର୍ଶନିକ ଗ୍ରନ୍ଥ। ଏହାର ନିତ୍ୟ ପାଠ ସହିତ ଏହାର ଆଦର୍ଶକୁ ନିଜ ଜୀବନରେ ପ୍ରୟୋଗ କଲେ ନିଶ୍ଚୟ ସଫଳତା ମିଳିବ।

**ଛାତ୍ରଛାତ୍ରୀମାନେ ନିତ୍ୟ ଗୀତାପାଠ କରିବା ଦରକାର**

ଗୀତା ସୁଗିତା କର୍ତ୍ତବ୍ୟା ନାମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ୩୦ ଜିଲ୍ଲା, ୧୮୩ ବ୍ଲକ୍‌ର ୨୩୫ଟି ସ୍ଥାନରେ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ସର୍ବମୋଟ ୧୨,୦୨୩ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବ୍ଲକ୍‌ସ୍ତର ଏବଂ ଜିଲ୍ଲାସ୍ତରରେ ଉତ୍ତୀର୍ଣ୍ଣ ହୋଇ 'କ' ବିଭାଗରେ ୭୪ ଜଣ, 'ଖ' ବିଭାଗରେ ୭୦ ଜଣ, 'ଗ' ବିଭାଗରେ ୬୪ ଜଣ ଏବଂ 'ଘ' ବିଭାଗରେ ୫୩ ଜଣ ଏହିପରି ମୋଟ ୨୬୧ ଜଣ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ଏଠାକୁ ଆସିଥିଲେ। ପ୍ରତିଟି ବିଭାଗର ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପିଲାମାନଙ୍କୁ ଓ ଅନ୍ୟ ୫୦ ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଓ ୧୨ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶାର ଘରେ ଘରେ ଗୀତାପାଠ ହେଉ, ପିଲାମାନେ ଭଲ ମଣିଷ ହୋଇ ସମାଜର ସେବାରେ ଲାଗନ୍ତୁ ଏଇ ଉଦ୍ଦେଶ୍ୟ ନେଇ ଏପରି କାର୍ଯ୍ୟକ୍ରମର ପରିକଳ୍ପନା। ଓଡ଼ିଶାର ବିଭିନ୍ନ ଅଞ୍ଚଳର ଶିକ୍ଷକ, ଅଧ୍ୟାପକ ଓ ବିଦ୍ୱାନ ବ୍ୟକ୍ତିମାନଙ୍କ ସମେତ 'ପ୍ରଜ୍ଞାନ ମିଶନ'ର ସନ୍ନ୍ୟାସୀ ଓ ବ୍ରହ୍ମଚାରୀମାନଙ୍କ ଉଦ୍ୟମରେ ଚଳିତ ବର୍ଷର କାର୍ଯ୍ୟକ୍ରମ ଖୁବ୍ ସୁନ୍ଦର ଭାବରେ ପରିଚାଳିତ ହୋଇଥିଲା।

## ଅଟୋ ଓ ବାଇକ୍ ମୁହାଁମୁହିଁ ଧକ୍କା; ୧ ମୃତ, ୫ ଆହତ

ପିପିଲି,୨୮।୧୨(ସମିସ): ଦାଣ୍ଡମୁକୁନ୍ଦପୁର ଭଗୁଆବାଙ୍କ ଛକ ନିକଟରେ ଅଟୋ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତକ ଜଣକ ହରିରାଜପୁର ଅଞ୍ଚଳର ଚନ୍ଦନ ପ୍ରଧାନ(୨୪) ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ଅଟୋଟି ପିପିଲି ଆଡୁ ପୁରୀ ବାଇପାସ୍ ରାଜପଥ ୩୧୬ ଅଭିମୁଖେ ଯାଉଥିବାବେଳେ ବାଇକ୍‌ଟି ପୁରୀରୁ ପିପିଲି ଦାଣ୍ଡମୁକୁନ୍ଦପୁର ଦେଇ ଯାଉଥିଲା। ଭଗୁଆବାଙ୍କ ଛକ ନିକଟରେ ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଅଟୋ ଓ ବାଇକ୍‌ରେ ଥିବା ଯାତ୍ରୀମାନେ ଗୁରୁତର ଅବସ୍ଥାରେ ତଳେ ଛିଟିକି ପଡ଼ିଥିଲେ। ଖବର ପାଇ ପିପିଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ ୮ ଜଣଙ୍କୁ ନିକଟସ୍ଥ ପିପିଲି ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ଡାକ୍ତରସେଠାରେ ଚନ୍ଦନଙ୍କୁ ମୃତ ଘୋଷଣା କରିଥିଲେ। ପିପିଲି ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ଆହତମାନେ ହେଲେ ସଞ୍ଜୟ ଗଜେନ୍ଦ୍ର, ସ୍ମୃତିରଞ୍ଜନ ମହାରଣା, ଅହିଜୀ ଖାନ, ସୁପ୍ରିୟା, ମେହେକ, ଦୁଇ ଜଣ ଶିଶୁ ଆହିତ, ଏମ୍ ନିଶା। ସମସ୍ତଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଗାଡ଼ି ଦୁଇଟିକୁ ପୁଲିସ ଜବତ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୂଚନା ଦେଇଛନ୍ତି।

## 'ବେଦକୁ ଅନୁସରଣ କଲେ ଜୀବନସାରା ସୁରକ୍ଷିତ ରହିପାରିବ'



ପୁରୀ,୨୮।୧୨(ସମିସ): ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ଟ୍ରଷ୍ଟର କୋଷାଧ୍ୟକ୍ଷ ଏବଂ ରାଷ୍ଟ୍ରୀୟ ସନ୍ଥ ସ୍ୱାମୀ ଗୋବିନ୍ଦ ଦେବ ଗିରିଜୀ ମହାରାଜଙ୍କ ଦ୍ୱାରା ଶ୍ରୀମଦ୍ ଭାଗବତ ମହାପୁରାଣ ବଳିଆପଣ୍ଡାର ଇନ୍ଦ୍ରଦ୍ୟୁମ୍ନ ନଗରୀରେ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କଥା ମହୋତ୍ସବର ପ୍ରଥମ ଦିନରେ କଳସ ଶୋଭାଯାତ୍ରା କଥାସ୍ଥଳକୁ ବାହାରିଥିଲା। ସମଗ୍ର ଅଞ୍ଚଳ "ଜୟ ଜଗନ୍ନାଥ, ଜୟ ଶ୍ରୀ ରାମ' ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ପରେ ସ୍ୱାମୀଜୀଙ୍କ ଦ୍ୱାରା ଧର୍ମଧ୍ୱଜାରଣ ଉତ୍ତୋଳନ କରାଯାଇଥିଲା ଏବଂ ପାରମ୍ପରିକ ରୀତିରେ ତାଙ୍କର ଆରତୀ କରାଯାଇଥିଲା। ଗ୍ରନ୍ଥ ପୂଜା ପରେ ସ୍ୱାମୀଜୀଙ୍କ ପୂଜା ଏବଂ ଆରତୀ ସମାପ୍ତ ହୋଇଥିଲା। ପରେ ଶ୍ରୀରାମ ଜନ୍ମଭୂମି ଟ୍ରଷ୍ଟ, ଅଯୋଧ୍ୟାର କୋଷାଧ୍ୟକ୍ଷ ଏବଂ ରାଷ୍ଟ୍ରୀୟ ସନ୍ଥ ସ୍ୱାମୀ ଗୋବିନ୍ଦ ଦେବ ଗିରିଜୀ ମହାରାଜଙ୍କ ଦ୍ୱାରା ଶ୍ରୀମଦ୍ ଭାଗବତ ମହାପୁରାଣ କଥା ଶୁଭାରମ୍ଭ ହୋଇଥିଲା। ସେହିପରି ଶନିବାର ଦ୍ୱିତୀୟ ଦିବସରେ ସ୍ୱାମୀ ଗୋବିନ୍ଦ ଦେବ ଗିରିଜୀ ମହାରାଜ କାହାଣୀ ବର୍ଣ୍ଣନା କରିବା ସହିତ ବେଦର ଗୁରୁତ୍ୱ ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ସେ ଏହି ଅବସରରେ ବିଶେଷ ଭାବରେ କହିଥିଲେ ଯେ ଯିଏ ବେଦ ଅନୁସରଣ କରେ ଏବଂ ରକ୍ଷା କରେ ସେ ତାଙ୍କ ଜୀବନସାରା ସୁରକ୍ଷିତ ରହିପାରିବ। ସ୍ୱାମୀଜୀ ତାଙ୍କ ପ୍ରବଚନରେ କୌରବ ଏବଂ ପାଣ୍ଡବଙ୍କ ବଂଶାବଳୀ ଉଲ୍ଲେଖ କରିଥିଲେ।

## ଦିବ୍ୟାଙ୍ଗ ମହିଳାଙ୍କୁ ଦୁଷ୍କର୍ମ ଘଟଣା; ଅଭିଯୁକ୍ତ କୋର୍ଟ ଚାଲାଣ

ବ୍ରହ୍ମଗିରି,୨୮।୧୨(ସମିସ): ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳରେ ଶୁକ୍ରବାର ଜଣେିକା ଦିବ୍ୟାଙ୍ଗ ମହିଳାଙ୍କୁ ଦୁଷ୍କର୍ମ ହୋଇଥିବା ଘଟଣାରେ ଅଭିଯୁକ୍ତ ଭୂଷଣ ବେହେରାକୁ ପୁଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଏନେଇ ଶନିବାର ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ସାମ୍ବାଦିକ ସମ୍ମିଳନୀ କରି ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ସହ ନୂତନ ସରକାର ଆସିବା ପରେ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା କହିଛନ୍ତି। ଅନ୍ୟପଟରେ ରବିବାର ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପୀଡ଼ିତାଙ୍କୁ ଭେଟିବା ସହ ଥାନାକୁ ଯାଇ ଘଟଣା ସମ୍ପର୍କରେ ପୁଲିସ ସହିତ ଆଲୋଚନା କରିଛନ୍ତି। ଶନିବାର ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତକୁ ଉଠାଇ ଆଣି ପୁଲିସ ଗିରଫ କରିଥିଲା। ଉଭୟଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇ ଅଭିଯୁକ୍ତକୁ ରବିବାର କୋର୍ଟ ଚଲାଣ କରାଯାଇଥିବା ବ୍ରହ୍ମଗିରି ଥାନା ଅଧିକାରୀ ବାମଦେବ ସ୍ୱାଇଁ ସୂଚନା ଦେଇଛନ୍ତି।

### କଂଗ୍ରେସର ପ୍ରତିଷ୍ଠା ଦିବସ

# ଦେଶ ପ୍ରତି କଂଗ୍ରେସର ଅବଦାନ ଉପରେ ଆଲୋକପାତ

ପୁରୀ,୨୮।୧୨(ସମିସ)



ଭାରତୀୟ ଜାତୀୟ କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ ରବିବାର ପୁରୀ ଜିଲ୍ଲା କଂଗ୍ରେସ କମିଟି ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ଏହି ଅବସରରେ ବିବିଧ କାର୍ଯ୍ୟକ୍ରମ କରାଯାଇଥିଲା। ସକାଳେ ତାଳବଣିଆ ଭୂଦାନ ଛକ ନିକଟରେ ଶତାଧିକ କଂଗ୍ରେସ କର୍ମୀ ଜାତୀୟ ରାଜପଥ ସଫେଇ କରିଥିଲେ। ପୂର୍ବାହ୍ଣ ୧୧ଟାରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଇନ୍ଦିରା ଭବନଠାରେ ସଭାପତି ଇଂ. ମିଶ୍ର ଦଳୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ "ନୂତନ ଭାରତ ଗଠନରେ କଂଗ୍ରେସର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

ଏଥିରେ ବକ୍ତାମାନେ କହିଥିଲେ ଯେ, ୧୪୦ ବର୍ଷ ପୂର୍ବେ ଆଜିର ଦିନରେ ଜାତୀୟ କଂଗ୍ରେସ ଗଠନ ହୋଇଥିଲା। କଂଗ୍ରେସ ନ ଥିଲେ ଦେଶ ସ୍ୱାଧୀନତା ପାଇପାରି ନ ଥାନ୍ତା। ମହାତ୍ମା ଗାନ୍ଧୀ ଓ ଅନ୍ୟ ନେତୃବୃନ୍ଦଙ୍କ ନେତୃତ୍ୱରେ ଦେଶବାସୀ ଏକ୍‌ଜୁଟ ହୋଇ ଲଢ଼ିଲେ ଏବଂ ଦେଶକୁ ସ୍ୱାଧୀନତା ଦେଲେ। ଦେଶରେ ଯାହା କିଛି ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତିଷ୍ଠା ହୋଇଛି ସବୁ କଂଗ୍ରେସ କରିଛି। ଆମ୍ବେଦକର ଓ ଅନ୍ୟ ମହାମନିଷୀମାନଙ୍କ ପ୍ରଚେଷ୍ଟାରେ ଏକ ଶ୍ରେଷ୍ଠ ସମ୍ବିଧାନ ପ୍ରଣୟନ କରାଯାଇଛି। ନେହେରୁଙ୍କ ନେତୃତ୍ୱରେ ଇସ୍ପାତ ଓ ଅନ୍ୟାନ୍ୟ କାରଖାନା ନିର୍ମାଣ, ନଦୀବନ୍ଧ ଯୋଜନା, ସବୁଜ ବିପ୍ଳବ, ଶ୍ୱେତ ବିପ୍ଳବ ପରି ଅଗଣିତ ପ୍ରଗତୀମୂଳକ ଓ କଲ୍ୟାଣକାରୀ କାର୍ଯ୍ୟକ୍ରମ ଜରିଆରେ ଦ୍ରୁତ ଆର୍ଥିକ ଅଭିବୃଦ୍ଧି ହାସଲ କରିଛି କଂଗ୍ରେସ। ଆଇଆଇଟି, ଏମ୍‌ସ, ଆଇଆଇଏମ୍, ଭାରତୀୟ ବିଜ୍ଞାନ କେନ୍ଦ୍ର, ଭାବା ଆଣବିକ ଗବେଷଣା କେନ୍ଦ୍ର ପରି ବିଶ୍ୱସ୍ତରୀୟ ଶିକ୍ଷା ଓ ସ୍ୱାସ୍ଥ୍ୟ ଶିଳ୍ପ ପ୍ରତିଷ୍ଠାନ ଗଢ଼ିଛି କଂଗ୍ରେସ। ଏମିତି କଂଗ୍ରେସର ଭାରତ ପ୍ରତି ଅବଦାନ କ'ଣ ପ୍ରତିଟି ବିଷୟ ଉପରେ ବକ୍ତାମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଜ୍ୟୋତିପ୍ରକାଶ ମିଶ୍ର, ସୁପ୍ରିମକୋର୍ଟର ବରିଷ୍ଠ ଅଧିବକ୍ତା ବିରଜା ପ୍ରସାଦ ମହାପାତ୍ର, ଭାରତ ସରକାରଙ୍କ ପୂର୍ବତନ ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ର, ବୈଦ୍ୟନାଥ ପାଣି, ପୁରୀ ଜିଲ୍ଲା ପ୍ରଭାରୀ ପିସିସି ସମ୍ପାଦିକା ଶିଳ୍ପିଶ୍ରୀ ହରିଚନ୍ଦନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ବରିଷ୍ଠ ନେତା ଶରତ ରଥ, ଜୟନାରାୟଣ ପଟ୍ଟନାୟକ, ପୁଷ୍କର ମହାପାତ୍ର, ସୁଜିତ୍ ମହାପାତ୍ର, ବିନାୟକ ଦାସମହାପାତ୍ର, ଲକ୍ଷ୍ମୀଧର ପ୍ରଧାନ, ସରସ୍ୱତୀ ପାତ୍ର, ବିଶ୍ୱନାଥ ଦାଶ, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ସୀତାକାନ୍ତ ମହାନ୍ତି, ଅମରେନ୍ଦ୍ର ପାଇକରାୟ, ସ୍ୱାଧୀନ ପଣ୍ଡା, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ସୁକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



କେନ୍ଦୁଝର ଗୋନାସିକା ମହୋତ୍ସବ

# ଜାତୀୟ ପଲ୍ଲିଶ୍ରୀ ମେଳା ଓ ସାଂସ୍କୃତିକ ଝଲକ୍




















କେନ୍ଦୁଝର ଗୋନାସିକା ମହୋତ୍ସବରେ ଡିସପ୍ଲେ ବୋର୍ଡରେ ୧୩ ଜୁନ ୨୦୨୪ର 'ସକାଳ' କାଗଜ







ସିରିଗିଡ଼ା ପିଏମଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ

## ବୈଷୟିକ ଜ୍ଞାନର ବ୍ୟବହାର, ଲୁକ୍କାୟିତ ପ୍ରତିଭା ଓ ଜୀବନ କୌଶଳର ବିକାଶ ଜରୁରୀ





ତେଲକୋଇ, ୨୮।୧୨(ସମିସ): ସମସ୍ତଙ୍କ ପାଖରେ କିଛି ନା କିଛି ଲୁକ୍କାୟିତ ଗୁଣ ବା ପ୍ରତିଭା ରହିଛି। ତେଣୁ ପାଠପଢ଼ା ସହ ଏହି ଲୁଚି ରହିଥିବା ପ୍ରତିଭାକୁ ଚିହ୍ନିପାରିଲେ, ଆମେ ଜୀବନରେ ସଫଳ ହୋଇପାରିବା ବୋଲି ତେଲକୋଇ ବ୍ଲକର ସିରିଗିଡ଼ାଠାରେ ପିଏମଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତ ବ୍ୟକ୍ତ କରିଛନ୍ତି। ଶ୍ରୀ ମାଝୀ କହିଥିଲେ, ଛାତ୍ରଛାତ୍ରୀଙ୍କ ପ୍ରଥମ କାମ ହେଉଛି ମନଦେଇ ପାଠ ପଢ଼ିବା। ବର୍ତ୍ତମାନର ଯୁଗ ହେଉଛି ଟେକ୍ନୋଲୋଜିର ଯୁଗ। ଟେକ୍ନୋଲୋଜି ସହ ତାଳ ଦେଇ ଅପଡେଟ୍ ରହିବା କଥା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜାତୀୟ ଶିକ୍ଷାନୀତି ୨୦୨୦ ଆମକୁ ସ୍ପଷ୍ଟ କରିଛି ଯେ ଶିକ୍ଷାର ଉଦ୍ଦେଶ୍ୟ କେବଳ ଚାକିରି ପାଇବା ନୁହେଁ, ବରଂ ଲାଇଫ୍ ସ୍କିଲ ବା ଜୀବନ କୌଶଳ, ସୃଜନଶୀଳତା ଏବଂ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଗ୍ରହଣ କରିବା। ତେଣୁ ନିଜର ପ୍ରତିଭା ବଳରେ ଆଗକୁ ଯିବା ଉପରେ ଛାତ୍ରଛାତ୍ରୀମାନେ ଗୁରୁତ୍ୱ ଦେବା ଆବଶ୍ୟକ। ସାଧାରଣତଃ ପିଲାମାନେ କୌଣସି ବାହାର ଲୋକଙ୍କ ସହିତ କଥାବାର୍ତ୍ତା କଲାବେଳେ ଅସହଜ ମନେ କରନ୍ତି। ଉପଯୁକ୍ତ କମ୍ୟୁନିକେସନ ସ୍କିଲର ଅଭାବ ଯୋଗୁ ଏହା ହୋଇଥାଏ। ସେହିପରି ତୁରନ୍ତ ନିଷ୍ପତ୍ତି ନେବା ବି ଗୋଟେ ସ୍କିଲ। ବହୁତ୍ ପିଲା ନିଷ୍ପତ୍ତି ନେବାରେ ଦୋ ଦୋ ପାଞ୍ଚ ହୁଅନ୍ତି। କିନ୍ତୁ, ଯେଉଁମାନେ ପ୍ରକୃତରେ ସ୍ମାର୍ଟ ପିଲା ସେମାନେ ଶୀଘ୍ର ନିଷ୍ପତ୍ତି ନେଇ କାମ କରିଦିଅନ୍ତି। ଆମର ସବୁ ସମୟରେ ସମସ୍ୟା ସମାଧାନ ବା ପ୍ରୋବ୍ଲେମ୍ ସଲ୍ଭିଙ୍ଗ ଆଟିଚୁଡ୍ ରହିବା ଆବଶ୍ୟକ। ସବୁବେଳେ ଅଭିଯୋଗ କରିବା ଭଲନୁହେଁ। ଏହିପରି ଅନେକ ଲାଇଫ୍ ସ୍କିଲ ସବୁ ଅଛି। ଯାହା ଛାତ୍ରଛାତ୍ରୀମାନେ ଶିଖିଲେ ବା ଅଭ୍ୟାସ କଲେ, ଆଗାମୀ ଦିନରେ ଏଗୁଡିକ ଖୁବ୍ ସହାୟକ ହେବ। ତେଣୁ ବିଭିନ୍ନ ଲାଇଫ୍ ସ୍କିଲ୍ ବିଷୟରେ ଜାଣିବା, ଶିଖିବା ବହୁତ୍ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ରାଜ୍ୟ ସରକାର ଶିକ୍ଷାକୁ ଅତ୍ୟନ୍ତ ଗୁରୁତ୍ୱର ସହିତ ନେଇଛନ୍ତି। ଚଳିତ ବଜେଟରେ ରେକର୍ଡ ୪୧ ହଜାର ୨୭୩ କୋଟି ଟଙ୍କା ପ୍ରାବଧାନ କରିଛନ୍ତି। ୧୪.୨ ପ୍ରତିଶତ ଅର୍ଥାତ୍ ରାଜ୍ୟ ଜିଡିପିର ୩.୯ ପ୍ରତିଶତ ଅର୍ଥ କେବଳ ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ ହେଉଛି। ଯାହାକି ଦେଶରେ ଅଳ୍ପ କିଛି ରାଜ୍ୟ କରିବାରେ ସମର୍ଥ ହୋଇଛନ୍ତି। ଓଡିଶାରେ ମଧ୍ୟ ସବୁ ବିଭାଗରୁ ଶିକ୍ଷା ବିଭାଗରେ ଖର୍ଚ୍ଚ ସବୁଠାରୁ ଅଧିକ, ଏଥିରୁ ପ୍ରାଥମିକ ଶିକ୍ଷା କ୍ଷେତ୍ରର ଖର୍ଚ୍ଚ ହେଉଛି ସିଂହଭାଗ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାୟକ, ସମାଜସେବୀ ଶୁକଦେବ ମହାନ୍ତ, ବିଦ୍ୟାଳୟର ସଭାପତି ରାମଚନ୍ଦ୍ର ମହାନ୍ତ, ସଂପାଦକ କୈଳାସଚନ୍ଦ୍ର ସେଠୀ, ପ୍ରଧାନଶିକ୍ଷକ ବିଶ୍ୱନାଥ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

● ଉପଖଣ୍ଡ ଡାକ୍ତରଖାନାରେ ଅଭାବନୀୟ ଘଟଣା

## ଡାକ୍ତର ଆସିଲେନି; ମହିଳା ରୋଗୀ ପେଟ ଯନ୍ତ୍ରଣାରେ ଛଟପଟ

ଆନନ୍ଦପୁର, ୨୮।୧୨ (ସମିସ): ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ କାମ କରୁନି ଅନୁଶାସନ। କେହି କାହା ନିୟନ୍ତ୍ରଣରେ ନାହାନ୍ତି। କର୍ମଚାରୀ ଲଗାମଛଡ଼ା ଡିଉଟି କରୁଛନ୍ତି। କାମ ଛାଡ଼ି ବାହାରେ ବୁଲୁଛନ୍ତି କର୍ମଚାରୀ। ଡାକ୍ତରଖାନାରେ କମ ନର୍ସିଙ୍ଗ ହୋମରେ ଅଧିକ ସମୟ ବିତାଉଛନ୍ତି। ପ୍ରଶାସନର ତାଗିଦ ନାହିଁ। ଏପରି ଅବସ୍ଥା ଯୋଗୁଁ ରୋଗୀମାନେ କଲବଲ ହେଉଥିବା ପରିଲକ୍ଷିତ ହୋଇଛି।



ଗତ ଶନିବାର ୧୦ଟା ବେଳୁ ଆଡମିସନ ହୋଇଥିବା ରୋଗୀଙ୍କୁ ରାତି ଆଠଟା ପର୍ଯ୍ୟନ୍ତ ଡାକ୍ତର ସେବା ମିଳି ନପାରିବାରୁ ଅବସ୍ଥା ସଂଗୀନ ହୋଇପଡ଼ିଥିଲା। ଗଣମାଧ୍ୟମ ପ୍ରତିନିଧିଙ୍କ ହସ୍ତକ୍ଷେପ ଯୋଗୁଁ ଚିକିତ୍ସା ଆରମ୍ଭ ହୋଇଥିଲା। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ। ସୂଚନା ଅନୁଯାୟୀ, ଆନନ୍ଦପୁର ବ୍ଲକ ପଣସଡିହା ପଞ୍ଚାୟତ ପଣସଡିହାରୁ ସୀତା ନାଏକଙ୍କ ଗଭୀର ପେଟ ଯନ୍ତ୍ରଣା ହେବାରୁ ଆନନ୍ଦପୁର ମେଡିକାଲକୁ ଚିକିତ୍ସା ପାଇଁ ଆସିଥିଲେ। ଆଉଟଡୋରରେ ଥିବା ଡାକ୍ତର ତାଙ୍କ ସ୍ୱାସ୍ଥ୍ୟବସ୍ଥା ପରଖିବା ପରେ ତାଙ୍କୁ ମହିଳା ୱାର୍ଡରେ ଆଡମିସନ ପାଇଁ ପଠାଇଥିଲେ। ସେଠାରେ ନିୟୋଜିତ ନର୍ସ ସୀତାଙ୍କୁ ଗୋଟିଏ ଦୁଇଟି ଇଞ୍ଜେକ୍ସନ ଦେଇ କାମ ସାରିଦେଇଥିବା ବେଳେ ରାତି ୮ଟା ପ୍ରାୟ ୧୦ ଘଣ୍ଟା ପର୍ଯ୍ୟନ୍ତ ସେ ପେଟ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ନା କୌଣସି ଡାକ୍ତର ତାଙ୍କ ପାଖକୁ ଆସିଥିଲେ ନା କୌଣସି ନର୍ସ ତାଙ୍କ କଥା ବୁଝିଥିଲେ। ସୀତାଙ୍କ ଦୁଇ ଝିଅ ନିରୁପାୟ ହୋଇ ସ୍ଥାନୀୟ ସମ୍ବାଦିକଙ୍କୁ ଯୋଗାଯୋଗ କରିବା ପରେ ଜଣେ ବରିଷ୍ଠ ସାମ୍ବାଦିକ ମେଡିକାଲରେ ପହଞ୍ଚି କେନ୍ଦୁଝର ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ ବିନୋଦ ବିହାରୀ ମିଶ୍ରଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରିଥିଲେ। ରାତି ଆଠଟା ପରେ ଡାକ୍ତର ଆସି ସୀତାଙ୍କ ଚିକିତ୍ସା ଆରମ୍ଭ କରିଥିଲେ। ଅନେକ ସମୟରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଏଭଳି ବିଭିନ୍ନ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଡାକ୍ତର ମାନଙ୍କ ଅବହେଳାଠାରୁ ଆରମ୍ଭ କରି କର୍ମଚାରୀଙ୍କ ମନମାନି ଚାଲିଛି। କେନ୍ଦୁଝର ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ନିତ୍ୟାନ୍ତ ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଯୁବତୀଙ୍କ ଅକାଳ ବିୟୋଗ

ତୁରୁମୁଙ୍ଗା, ୨୮।୧୨(ସମିସ): ପାଟଣା ବ୍ଲକ ଅନ୍ତର୍ଗତ ମିରିଗିଖୋଜି ପଞ୍ଚାୟତ ଅସନବାହାଳି ଗ୍ରାମର ବାସିନ୍ଦା ତଥା ପାଟଣା ଆଞ୍ଚଳିକ ମହାବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ଲାଲମୋହନ ମହାନ୍ତଙ୍କ ଏକମାତ୍ର ଅବିବାହିତା ଝିଅ ଚନ୍ଦ୍ରିକା ମହାନ୍ତ(୩୭)ଙ୍କ ରବିବାର ସକାଳ ସାଢ଼େ ୭ଟା ସମୟରେ ହୃଦ୍‌ଘାତରେ ପରଲୋକ ଘଟିଛି। ଚନ୍ଦ୍ରିକା ଗ୍ରାମ ତଥା ଆଖପାଖ ଅଞ୍ଚଳରେ ଜଣେ ଭଲ ଝିଅ ଓ ମେଳାପୀ ତଥା ସ୍ନେହୀ ଥିବାରୁ ବେଶ୍ ପରିଚିତ ଥିଲେ। ତାଙ୍କ ବିୟୋଗରେ ଗ୍ରାମରେ ଶୋକ ପ୍ରକାଶ ପାଇଥିଲା। ଆଜି ଗ୍ରାମ ନିକଟ ବୈତରଣୀ କୂଳ ଶ୍ମଶାନ ଘାଟରେ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କର ଭାଇ ତଥା ସାମାଜିକ କର୍ମୀ ଭୁତ ମହାନ୍ତ ମୁଖାଗ୍ନି ଦେଇଥିଲେ।

## ସମାକୋଇ ଚକଧର ପ୍ରକଳ୍ପ ବନ୍ଦ ରହିଛି: ମୁଖ୍ୟମନ୍ତ୍ରୀ

ତେଲକୋଇ, ୨୮।୧୨(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ତେଲକୋଇ ବ୍ଲକ ସିରିଗିଡାସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ତେଲକୋଇ ବ୍ଲକର ବିଭିନ୍ନ ସମସ୍ୟା ଓ ତାର ସମାଧାନକୁ ନେଇ ବିକାଶର ପେଡ଼ି ଖୋଲିଛନ୍ତି। ତେଲକୋଇ ଅଞ୍ଚଳର ବହୁ ପ୍ରତୀକ୍ଷିତ ସମାକୋଇ ଚକଧର ପ୍ରକଳ୍ପକୁ ନେଇ ଲୋକଙ୍କ ମନରେ ବସା ବାନ୍ଧିଥିବା ଦ୍ୱନ୍ଦ୍ୱ ଉପରୁ ପରଦା ଉଠାଇଛନ୍ତି। ପ୍ରସ୍ତାବିତ ପ୍ରକଳ୍ପକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି ବୋଲି ସିଧା ସିଧା କହିଛନ୍ତି। ଆଉ ମଧ୍ୟ କହିଛନ୍ତି ଯେ ମୁଁ ସେତେବେଳେ ମଧ୍ୟ ପ୍ରକଳ୍ପ ବନ୍ଦ ହେଲା ବୋଲି ତେଲକୋଇବାସୀଙ୍କୁ କହିଥିଲି ଆଉ ଏବେ ମଧ୍ୟ କହୁଛି ଚକଧର ପ୍ରକଳ୍ପକୁ ବନ୍ଦ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ମୁହଁରୁ ଚକଧର ପ୍ରକଳ୍ପ ପ୍ରସଙ୍ଗରେ ଏହି ଉତ୍ତର ପାଇବା ପରେ ତେଲକୋଇବାସୀଙ୍କ ମଧ୍ୟରେ ଖୁସି କହିଲେ ନ ସରେ। ଅନ୍ୟପଟେ ସମାକୋଇ ଚକଧର ସମନ୍ୱୟ ସମିତି ପକ୍ଷରୁ ଏହି ପ୍ରକଳ୍ପ ବନ୍ଦ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ତେଲକୋଇ ଅଞ୍ଚଳବାସୀ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି।

## ସପ୍ତମ ମା'ମଙ୍ଗଳା କ୍ରିକେଟ୍: ଗଡ଼ପଳାଶୁଣି ଚାମ୍ପିଅନ



ତେଲକୋଇ, ୨୮।୧୨(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଅନ୍ତର୍ଗତ ଆକୁଳ ପଞ୍ଚାୟତ ମଳଣ୍ଡା ମା' ମଙ୍ଗଳା କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ସପ୍ତମ ବାର୍ଷିକ ମା' ମଙ୍ଗଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇଯାଇଛି। ଏହି ଫାଇନାଲ ମ୍ୟାଚରେ ଜୟମଲ ଖମାରକୁ ହରାଇ ଗଡ଼ପଳାଶୁଣି କ୍ରିକେଟ୍ ଟିମ ଚାମ୍ପିଅନ ହୋଇଛି। ଉକ୍ତ ଖେଳକୁ ଅମ୍ପାୟାର ଭାବେ ସୁଶୀଳ ସେଠୀ ଓ ସୁରଥଚନ୍ଦ୍ର ପାତ୍ର ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିକ୍ରମାଦିତ୍ୟ ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଆକୁଳ କେନ୍ଦୁପତ୍ର ଫଡ଼ିର ରେଞ୍ଜର ଡିଲେଶ୍ୱର ନାୟକ, ଗ୍ରାମର ବରିଷ୍ଠ ବ୍ୟକ୍ତି କଳାକର ନାୟକ, ଜଗନ୍ନାଥ ନାୟକ ଯୋଗ ଦେଇଥିଲେ। ଏହି ଖେଳକୁ ମା'ମଙ୍ଗଳା ଯୁବକ ସଂଘର ସଭାପତି ସୁଶାନ୍ତ ନାୟକ, ସଂପାଦକ ଗୋପବନ୍ଧୁ ନାୟକ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବନ୍ଦ ଘରୁ ଗଳିତ ମୃତଦେହ ଉଦ୍ଧାର

ତୁରୁମୁଙ୍ଗା, ୨୮।୧୨(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ତେନ୍ତଲା ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଗତକାଲି ରାତିରେ ଏକ ବନ୍ଦ ଘରେ ମୃତଦେହ ପଡ଼ିଥିବା ଦେଖାଯାଇଥିଲା ବେଳେ ପୁଲିସ ରବିବାର ସକାଳେ ଉକ୍ତ ଘର ଭିତରୁ ସମ୍ପୃକ୍ତ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ୪ ଦିନ ହେଲା ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ପୀତାମ୍ବର କାରୁଆ। ସେ ଘରେ ଏକାକୀ ରହୁଥିଲେ। ଘର ଭିତରୁ ଦୁର୍ଗନ୍ଧ ବାହାରୁଥିବା ଜାଣି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ତୁରୁମୁଙ୍ଗା ଥାନା ଏସଆଇ ସୁରେଶ ସାହୁ କିଶୋରଚନ୍ଦ୍ର ପାତ୍ର ପହଞ୍ଚି ମୃତଦେହକୁ ଉଦ୍ଧାର କରି କେନ୍ଦୁଝର ମେଡ଼ିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ମୃତ୍ୟୁର କାରଣ ଜଣାପଡି ନଥିବା ବେଳେ ଅସହ୍ୟ ଥଣ୍ଡା ଯୋଗୁଁ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୁଲିସ କହିଛି। ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ୱାଟରସେଡ୍ ମହୋତ୍ସବ
ସୋସିଆଲ୍ ମିଡିଆ ପ୍ରତିଯୋଗିତା
ୱାଟରସେଡ୍ ଉନ୍ନୟନ ଅଂଶ-ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା
ଆସନ୍ତୁ,
ଜଳ ସଂରକ୍ଷଣ ଓ ବୃକ୍ଷରୋପଣ କାର୍ଯ୍ୟଗୁଡ଼ିକର ୩୦-୬୦ ସେକେଣ୍ଡର ଛୋଟ ରିଲ୍ସ ଏବଂ ଫଟୋ ପ୍ରସ୍ତୁତ କରି ଆକର୍ଷଣୀୟ ପୁରସ୍କାର ଜିତନ୍ତୁ
ରିଲ୍ସ
ଫଟୋ
ପୁରସ୍କାର ରାଶି
ରିଲ୍ସ: ପ୍ରତ୍ୟେକ ବିଜେତାଙ୍କୁ ₹ ୩୦,୦୦୦/- ପ୍ରତି ରିଲ
ପୁରସ୍କାର ରାଶି
ଫଟୋ: ପ୍ରତ୍ୟେକ ବିଜେତାଙ୍କୁ ₹ ୧,୦୦୦/- ପ୍ରତି ଫଟୋ
ପ୍ରତିଯୋଗିତାର ସମୟ ଅବଧି: ୩୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ
#watershedmahotsavindia #watershedmahotsavODISHA
https://wdcpmksy.dolr.gov.in/registerMahotsav
କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

## ହୋମଗାର୍ଡ ନିଯୁକ୍ତି ପାଇଁ ଲିଖିତ ପରୀକ୍ଷା

# ୨୮୦ ପଦ ପାଇଁ ୨୦ ହଜାରରୁ ଅଧିକ ପରୀକ୍ଷାର୍ଥୀ





ବାରିପଦା/ରାଇରଙ୍ଗପୁର,୨୮।୧୨(ସମିସ):

ମୟୂରଭଞ୍ଜ ଜିଲ୍ଲାରେ ହୋମଗାର୍ଡ ନିଯୁକ୍ତି ପାଇଁ ଲିଖିତ ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷା ବାରିପଦା ପୁଲିସ ଲାଇନ ପଡ଼ିଆ ଓ ରାଇରଙ୍ଗପୁର ଷ୍ଟାଡ଼ିୟମରେ ଅନୁଷ୍ଠିତ ହୋଇଥିବାବେଳେ ଯଥାକ୍ରମେ ୧୨ ହଜାର ୭୨୦ ଓ ୭ ହଜାର ୪୦୦ ଜଣ ପରୀକ୍ଷା ଦେଇଛନ୍ତି। ଜିଲ୍ଲାର ଗୃହରକ୍ଷୀ କମାଣ୍ଡାଣ୍ଟ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ୨୮୦ଟି ପଦବୀ ପାଇଁ ଏହି ନିଯୁକ୍ତି ପ୍ରକ୍ରିୟା ଗତ ମାର୍ଚ୍ଚ ମାସରୁ ଆରମ୍ଭ ହୋଇଥିଲା। ୨୪ ହଜାର ୯୫୭ ଆବେଦନକାରୀଙ୍କ ମଧ୍ୟରୁ ୨୨ ହଜାର

- **ଏମାନଙ୍କ ମଧ୍ୟରେ ଅଛନ୍ତି ଏମବିଏ, ଏମସିଏ, ଇଞ୍ଜିନିୟରିଂ, ପିଏଚ୍‌ଡି ଡିଗ୍ରୀଧାରୀ**
- **ଗୋଟିଏ ପଦବୀ ପାଇଁ ୭୨ ଜଣ**

୪୮୧ ପ୍ରାର୍ଥୀ ଲିଖିତ ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ତେବେ ୨୦ ହଜାର ୧୨୦ ଜଣ ପରୀକ୍ଷା ଦେଇଛନ୍ତି। ଏଥିପାଇଁ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଗୋଟିଏ ପଦବୀ ପାଇଁ ପାଖାପାଖି ୭୧ ଜଣରୁ ଅଧିକ ପ୍ରତିଯୋଗୀ ଲିଖିତ ପରୀକ୍ଷା ଦେଇଥିବାବେଳେ ଦୈନିକ ୬୧୨ ଟଙ୍କାରୁ ଅଧିକ ବେତନ ପାଇବେ। ଏଥିପାଇଁ ଏମଟେକ୍‌ଠାରୁ ଆରମ୍ଭ କରି ବିଟେକ୍, ଏମବିଏ, ଏମସିଏ, ପିଜି ଓ ସ୍ନାତକ କରିଥିବା ଆଶାୟୀ ଭାଗ ନେଇଛନ୍ତି । ପରୀକ୍ଷା ସକାଳ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ହୋଇଥିଲା । ଲିଖିତ ପରୀକ୍ଷାରେ ଓଡ଼ିଆ ରଚନା (୨୦ ମାର୍କ୍‌ର) ଓ ଜେନେରାଲ୍ ନଲେଜ୍ (୪୦ ମାର୍କ୍‌ର) ରହିଥିଲା। ଫଳାଫଳ ଡିସେମ୍ବର ଶେଷ ସପ୍ତାହରେ ପ୍ରକାଶ ପାଇବ ବୋଲି ଆଶା କରାଯାଉଛି।

ବର୍ଦ୍ଧିତ ବେରୋଜଗାରୀ ସମସ୍ୟା ଏବେ ଉତ୍କଟ ରୂପ ଧାରଣ କରିଥିବାବେଳେ ବେକାର ଯୁବକ/ଯୁବତୀଙ୍କୁ କର୍ମନିଯୁକ୍ତି ଦେବାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ବାମନଘାଟି ଉପଖଣ୍ଡର ରାଇରଙ୍ଗପୁରରେ ହୋଇଥିବା ପୁଲିସ ଗୃହରକ୍ଷୀ (ହୋମଗାର୍ଡ) ପରୀକ୍ଷାରେ ଦେଖିବାକୁ ମିଳିଛି। କର୍ମନିଯୁକ୍ତି ଅଭାବ ଥିବାରୁ ସରକାରୀ ଚାକିରି ପ୍ରତି ଅହେତୁକ ମୋହର ପ୍ରତିଫଳନର ଚିତ୍ର ରାଇରଙ୍ଗପୁରରେ ଦେଖିବାକୁ ମିଳିଛି। ୨୮୦ଟି ପଦବୀ ନିମନ୍ତେ ୧୦ ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ଲିଖିତ ପରୀକ୍ଷା ଦେଇଛନ୍ତି। ଯେଉଁଥିରେ ଏମବିଏ, ଏମସିଏ, ଇଞ୍ଜିନିୟରିଂ, ପିଏଚଡି ଭଳି ଉଚ୍ଚଶିକ୍ଷିତ ରହିଛନ୍ତି। ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ ପକ୍ଷରୁ ପୁଲିସ ଗ୍ରୁପ ବି ହୋମଗାର୍ଡ ପଦ ନିଯୁକ୍ତି ନିମନ୍ତେ ରାଜ୍ୟବ୍ୟାପି ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଆବେଦନ କରାଯାଇଛି। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲା ନିମନ୍ତେ ୨୮୦ଟି ହୋମଗାର୍ଡ ପଦବୀ ରହିଛି। ଯେଉଁଥିରେ କି ସାଧାରଣ ଡ୍ୟୁଟି ନିମନ୍ତେ ୧୫୪ଟି, କମ୍ପ୍ୟୁଟର ଅପରେଟର ୬୪ଟି, ଡ୍ରାଇଭର ୩୨ଟି, ରୋଷେୟା ୨୦ଟି, ବିଦ୍ୟୁତ ମରାମତି, ଲୁଗା ସଫେଇ, ଚୁଟି କଟା, ପୋଷାକ ସିଲେଇ ଓ କାଠ କାମ ପାଇଁ ୨ ଜଣ ଲେଖାଏଁ ରହିଛନ୍ତି। ଏଥିନିମନ୍ତେ ପ୍ରାଥମିକ ଶିକ୍ଷା ପଞ୍ଚମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ନେଇ ମାପଦଣ୍ଡ ରଖାଯାଇଛି। ଓଡ଼ିଆ କହି, ଲେଖି, ପଢିପାରୁଥିବା ୨୦-୬୦ ବର୍ଷ ମଧ୍ୟର ବ୍ୟକ୍ତି ଆବେଦନ କରିପାରିବେ। ଅଭିଜ୍ଞତା ଥିବାକୁ ଅଗ୍ରାଧିକାର ଦିଆଯିବ ବୋଲି ରହିଛି। କିନ୍ତୁ ଜିଲ୍ଲାରେ ପଞ୍ଚମ ଶ୍ରେଣୀ ଯୋଗ୍ୟତା ଚାକିରି ନିମନ୍ତେ ସ୍ନାତକ, ସ୍ନାତକୋତ୍ତର, ପିଏଚଡି, ଇଞ୍ଜିନିୟରିଂ, ଏମବିଏ ଆଦି ଅନେକ ଉଚ୍ଚଶିକ୍ଷିତ ଆବେଦନ କରିଥିବାବେଳେ ରବିବାର ପରୀକ୍ଷା ଦେଇଛନ୍ତି। ଯାହାକି ଆଜିର ଆଧୁନିକ ସମାଜରେ ବେରୋଜଗାରୀର ମାତ୍ରା ବୃଦ୍ଧିକୁ ଅତି ସୁନ୍ଦର ଭାବରେ ଉପସ୍ଥାପନ କରୁଛି।

ଶିକ୍ଷା ଅନୁଯାୟୀ ଉଚ୍ଚ ବେତନରେ ନିଯୁକ୍ତି ପାଇବା ନିମନ୍ତେ ଯୋଗ୍ୟ ଥିବା ସତ୍ତ୍ୱେ ଉତ୍କଟ ବେକାରୀ ସମସ୍ୟା ପାଇଁ ସ୍ୱଳ୍ପ ବେତନରେ କାର୍ଯ୍ୟ କରିବା ନିମନ୍ତେ ବାଧ ହୋଇ ଆବେଦନ କରିଛନ୍ତି। ଚାକିରି ଆଶାରେ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳର ୨୪,୦୦୦ରୁ ଊର୍ଦ୍ଧ୍ୱ ଆବେଦନ କରିଥିବାବେଳେ ୨୨,୦୦୦ ପରୀକ୍ଷା ଦେବାକୁ ସ୍ଥିରୀକୃତ ହୋଇଛନ୍ତି। ସେଥିମଧ୍ୟରୁ ବାମନଘାଟି ଓ ପାଞ୍ଚପିଢ଼ ଉପଖଣ୍ଡ ପାଇଁ ୧୦,୦୦୦ରୁ ଅଧିକ ପରୀକ୍ଷାର୍ଥୀ ରହିଛନ୍ତି। ରବିବାର ସକାଳେ ରାଇରଙ୍ଗପୁର ଷ୍ଟାଡ଼ିୟମରେ ପରୀକ୍ଷା ହୋଇଛି। ଚୟନ ପରୀକ୍ଷାର୍ଥୀ ନିକଟସ୍ଥ ଥାନାରୁ ୨୪ ଓ ୨୫ ତାରିଖରେ ଲମ୍ବା ଲାଇନ ଲଗାଇ ଆଡ଼ମିଟ କାର୍ଡ ନେଇଥିଲେ। ସକାଳ ୯ରୁ ୧୨ଟା ପର୍ଯ୍ୟନ୍ତ ଦୁଇଟି ସିଟିଂରେ ଉକ୍ତ ପରୀକ୍ଷା ଆୟୋଜିତ ହୋଇଛି। ସକାଳ ୭ ସୁଦ୍ଧା ରିପୋର୍ଟ କରିବାକୁ ନିର୍ଦ୍ଦେଶ ଥିବାରୁ ସକାଳୁ ପରୀକ୍ଷା ସ୍ଥାନ ନିକଟରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ହାଡ଼ ଭଙ୍ଗା ଶୀତୁଆ ସକାଳରେ ପରୀକ୍ଷା ଦେବାକୁ ଯୁବକ/ଯୁବତୀ ଆସି ଲିଖିତ ପରୀକ୍ଷା ଦେବାକୁ ଉପସ୍ଥିତ ହୋଇଥିଲେ। ଆଜି ଲିଖିତ ପରୀକ୍ଷା ହୋଇଥିବାବେଳେ ଆଗକୁ ଶାରୀରିକ ପରୀକ୍ଷା, ପ୍ରାଥମିକ ପରୀକ୍ଷା, ଟ୍ରେଡ୍ ସ୍କିଲ ଓ ଇଣ୍ଟରଭ୍ୟୁ ଅନୁଷ୍ଠିତ ହେବ। ତେବେ ଆଜି ଓଡ଼ିଆ ରଚନାରେ ୨୦ ମାର୍କ ଓ ସାଧାରଣ ଜ୍ଞାନରେ ୪୦ ମାର୍କର ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଛି। ଜାନୁଆରୀ ଶେଷ ସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷ ହୋଇ ନିଯୁକ୍ତି ଦିଆଯିବ ବୋଲି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି କହିଛନ୍ତି। ରାଜ୍ୟ ହେଉ କେନ୍ଦ୍ର ସରକାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବେ ବୋଲି ଅନେକ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ଉଚ୍ଚଶିକ୍ଷା ଗ୍ରହଣ କରିବା ପରେ ଯୁବକ/ଯୁବତୀଙ୍କୁ ସେହି ହିସାବରେ ନିଯୁକ୍ତି ମିଳିପାରୁନାହିଁ। ଆଦିବାସୀ ବହୁଳ ଜିଲ୍ଲାରେ କେନ୍ଦ୍ର କିମ୍ବା ରାଜ୍ୟ ସରକାର କୌଣସି ନିଯୁକ୍ତି ସୁଯୋଗ ସୃଷ୍ଟି କରୁନାହାନ୍ତି। ଯାହାକୁ ନେଇ ଆମେ ଉଚ୍ଚଶିକ୍ଷିତ ହୋଇ ମଧ୍ୟ ହୋମଗାର୍ଡ ଚାକିରି ପାଇଁ ଆବେଦନ କରୁଛୁ ବୋଲି ଜଣେ ପରୀକ୍ଷାର୍ଥୀ ନାମ ଗୋପନ ରଖି କହିଛନ୍ତି। ବଡ଼ ବଡ଼ ଶିକ୍ଷାନୁଷ୍ଠାନରେ ଅଧିକ ଟଙ୍କାର ଫି ଦେଇ ପାଠ ପଢିଥିଲେ ସୁଦ୍ଧା ସ୍ୱଳ୍ପ ଦରମାର ଠିକା ଗୃହରକ୍ଷୀ ଚାକିରି ନିମନ୍ତେ ଆଗଭର ହୋଇ ଯୁବକ/ଯୁବତୀ ନିଜ ଭାଗ୍ୟ ପରୀକ୍ଷା କରିବାକୁ ସକାଳୁ ପଡ଼ିଆରେ ହାଜର ହୋଇଛନ୍ତି। ତେବେ ଉଚ୍ଚଶିକ୍ଷିତ ବେକାରୀଙ୍କ ସଂଖ୍ୟା କିପରି ବୃଦ୍ଧି ପାଇଛି, ତାହାର ବାସ୍ତବିକ ସ୍ଥିତିକୁ ଏହି ଚିତ୍ର ପ୍ରତିପାଦନ କରିଛି। ଏଥିପ୍ରତି ସରକାରୀ ସ୍ତରରେ ସଚେତନ ହୋଇ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ନିହାତି ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

## ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ରୌପ୍ୟ ଜୟନ୍ତୀ ଉତ୍ସବ

# 'ଅଞ୍ଚଳର ବିକାଶ ରାଷ୍ଟ୍ରର ବିକାଶ'



ରାସଗୋବିନ୍ଦପୁର,୨୮।୧୨(ସମିସ): ଆଜକୁ ୨୫ ବର୍ଷ ତଳେ ଅନ୍ତୋଦୟ ଚେତନା ମଣ୍ଡଳ ପକ୍ଷରୁ ପ୍ରତିଷ୍ଠିତ ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ଗବେଷଣା ପ୍ରତିଷ୍ଠାନର ରୌପ୍ୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ଓ ଗୃହ ନିର୍ମାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବାବେଳେ ବିଶିଷ୍ଟ ଅତିଥି ଭାବେ ଲୋକସେବକ ମଣ୍ଡଳ ସଭାପତି ଦୀପକ ମାଲବ୍ୟ, ସମ୍ମାନିତ ଅତିଥି ଭାବେ ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରମୋଦ ଶତପଥୀ, ବିଶିଷ୍ଟ ଗବେଷକ ତଥା ସ୍ତମ୍ଭକାର ଅନୀଲ ଧିର, ସମାଜସେବୀ ଡ. ବ୍ରଜ ଭାଇ, ପ୍ରାକ୍ତନ ବିଧାୟକ କାନ୍ଦରା ସରେନ, ମହାତ୍ମା ଗାନ୍ଧୀ ଚିକିତ୍ସାଳୟର ପ୍ରତିଷ୍ଠାତା ଡ. ଆଦିତ୍ୟ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ବରାଳ, ଚିକିତ୍ସାଳୟର ଟ୍ରଷ୍ଟି ଗୀତାଞ୍ଜଳି ପଟ୍ଟନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଚିକିତ୍ସାଳୟ ପରିସରରେ ଥିବା ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ଫଟୋଚିତ୍ରରେ ପୁଷ୍ପ, ନୈବେଦ୍ୟ ଓ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ପ୍ରଫେସର ସୁଧୀର ଜେନାଙ୍କ ସଭାପତିତ୍ୱ ଓ ଇଞ୍ଜିନିୟର ଆଦିତୀ ପଟ୍ଟନାୟକଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ ଉତ୍ସବରେ ଅଞ୍ଚଳର ବିକାଶରେ ରାଷ୍ଟ୍ରର ବିକାଶ ବୋଲି ଅତିଥିମାନେ ମତବ୍ୟକ୍ତ କରିବା ସହିତ ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ମହାତ୍ମା ଗାନ୍ଧୀ ଚିକିତ୍ସାଳୟ ନିରବଚ୍ଛିନ୍ନ ଭାବେ ଦୀର୍ଘ ୨୫ ବର୍ଷ ଧରି ଯେଉଁ ସେବାରେ ନିଜକୁ ନିୟୋଜିତ ରଖିଛି, ତାହା ବାସ୍ତବିକ ପ୍ରଶଂସନୀୟ। ଗାନ୍ଧୀ, ବିନୋବାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଏକ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ବ୍ଲକର ରଙ୍ଗାମାଟିଆଠାରେ ମାନବ ସେବାକୁ ମାଧବ ସେବା ଭାବେ ସ୍ଥିର କରି ଏହି ଚକ୍ଷୁ ଚିକିତ୍ସାଳୟ ନିର୍ମାଣ କରାଯାଇଛି ବୋଲି ଅନୁଷ୍ଠାନର ମୁଖ୍ୟ ଡ. ଆଦିତ୍ୟ ପଟ୍ଟନାୟକ ପ୍ରକାଶ କରିଥିଲେ। ଚକ୍ଷୁ ଚିକିତ୍ସା କାର୍ଯ୍ୟକ୍ରମକୁ ଅଧିକ ବ୍ୟବସ୍ଥିତ ଓ ସୁଦୂରପ୍ରସାରି କରିବା ସଙ୍ଗେ ସଙ୍ଗେ ସମସ୍ତଙ୍କ ପାଇଁ ଦୃଷ୍ଟି ଅଧିକାରକୁ ସଫଳ ରୂପାୟନ କରିବା ଦିଗରେ ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଗୁରୁତ୍ୱାରୋପ କରିବା, ଏଥିପାଇଁ ପଞ୍ଚାୟତ ସ୍ତରରେ ଅନ୍ଧତ୍ୱ ଦୂରୀକରଣ ପଦକ୍ଷେପ ଗ୍ରହଣ ନିମନ୍ତେ ଆମେ ସଂକଳ୍ପବଦ୍ଧ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତି ପଞ୍ଚାୟତରୁ ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କୁ ଆବଶ୍ୟକ ଅସ୍ତ୍ରୋପଚାର ମାଧ୍ୟମରେ ଦୃଷ୍ଟି ଫେରାଇ ସାମାଜିକ ଜୀବନ ଧାରାରେ ମୁଖ୍ୟସ୍ରୋତରେ ପୁଣି ସାମିଲ କରାଇବା ପାଇଁ ଆମେ ସଙ୍କଳ୍ପବଦ୍ଧ ବୋଲି ଚକ୍ଷୁ ଚିକିତ୍ସାଳୟର ମୁଖ୍ୟ ଡାକ୍ତର ଶ୍ରୀ ପଟ୍ଟନାୟକ ପ୍ରକାଶ କରିଥିଲେ। ଏ ଅବସରରେ ରୌପ୍ୟ ଜୟନ୍ତୀ ବିଶେଷାଙ୍କ "ଆମ କଥା" ପୁସ୍ତକ ଉନ୍ମୋଚନ ହୋଇଥିଲା। ବସ୍ତା, ରାସଗୋବିନ୍ଦପୁର ଓ ମୁରୁଡ଼ାର ୯ ଜଣ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚିକିତ୍ସାଳୟର ଉଲ୍ଲେଖନୀୟ ସେବା ପାଇଁ ଡାକ୍ତର ଓ କର୍ମଚାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସର୍ବେଶ୍ୱର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଇଞ୍ଜିନିୟର ପ୍ରତୀକ ପଟ୍ଟନାୟକ, ପ୍ରଶାନ୍ତ ଲେଙ୍କା, ରାଜେଶ ପାଲ, ସର୍ବେଶ୍ୱର ଦାସ, ଅଜିତ ନାୟକ ଓ ଦିଲ୍ଲୀପ ରାଉତଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିଶୋଇ ବ୍ଲକ୍ ଠିକାଦାର ସଂଘ ବୈଠକ

# ବାମନଘାଟି ଉପଖଣ୍ଡ ବ୍ୟତୀତ ବାହାର ଠିକାଦାରଙ୍କୁ ବିରୋଧ



ବିଶୋଇ,୨୮ ।୧୨(ସମିସ): ବିଶୋଇ ବ୍ଲକ୍ ଠିକାଦାର ସଂଘର ବୈଠକ ବିଶୋଇ ନେତାଜୀ କ୍ଲବ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନୂତନ କମିଟି ଗଠନ ସହିତ ତିନୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ଆଲୋଚନା ହୋଇଛି। ଏହି ବୈଠକରେ ନୂତନ କମିଟି ଗଠନ କରାଯାଇଛି। ସଂଘର ନୂତନ ସଭାପତି ଭାବେ ଧନେଶ୍ୱର ମହାନ୍ତ, ଉପସଭାପତି ଭାବେ ତପନ ଗିରି, ସମ୍ପାଦକ ମଥୁରା ସୋରେନ, ସହସମ୍ପାଦକ ରବୀନ୍ଦ୍ର ନାଥ ମହାନ୍ତ, କୋଷାଧ୍ୟକ୍ଷ ଭାବେ ଉତ୍କଳ ରଞ୍ଜନ ମହାନ୍ତି ଓ ଉପଦେଷ୍ଟା ମଣ୍ଡଳୀରେ ବୁଦ୍ଧିମାନ ମଣ୍ଡଳ, ଶିବପ୍ରସାଦ ମହାନ୍ତ, ରମାକାନ୍ତ ସେଠୀ, ବନମାଳୀ ଗିରି, ଜୟଗୋପାଳ ଗିରି, ଅନ୍ତର୍ଯ୍ୟାମୀ ମହାପାତ୍ର, ଅଶୋକ ମହାପାତ୍ର, ଏସ୍‌କେ କାଶିମ ଓ ପ୍ରକାଶ ସୋରେନଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ପରେ ସଭାପତିଙ୍କ ନେତୃତ୍ୱରେ ସଂଘର ତିନି ଗୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ବନ୍ଧରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଆହ୍ୱାନକୁ ବିଶୋଇ ଠିକାଦାର ସଙ୍ଘ ସମର୍ଥନ ଜଣାଇ ଆଗାମୀ ଦିନରେ ବିଶୋଇ ବ୍ଲକରେ ଯେଉଁ ସମସ୍ତ ସରକାରୀ କାର୍ଯ୍ୟ ହେବ, ତାହାକୁ ସରକାରଙ୍କ ଧାର୍ଯ୍ୟ ମୂଲ୍ୟଠାରୁ ୦.୫ ପ୍ରତିଶତ କମରେ ପକାଇ ଉନ୍ନତ ମାନର କାମ କିପରି ହୋଇପାରିବ, ତାହା ସଂଘ ସଦସ୍ୟଙ୍କ ଦ୍ୱାରା ନିଷ୍ପତ୍ତି ଗ୍ରହଣ କରାଗଲା। ଦ୍ୱିତୀୟରେ ବାମନଘାଟି ଠିକାଦାର ସଂଘ ଅଧୀନରେ ରହି ବିଶୋଇ ବ୍ଲକ ଠିକାଦାର ସଂଘ କାମ କରିବା ସହିତ ବାମନଘାଟି ଅଞ୍ଚଳର ଠିକାଦାରଙ୍କୁ କାମ କରିବା ପାଇଁ ସୁଯୋଗ ଦିଆଯିବ। ଏଥିସହିତ ୧୪.୯ ୯ ଲେସରେ କାମ ନ କରିବା ପାଇଁ ସମସ୍ତ ଠିକାଦାରଙ୍କୁ ଅନୁରୋଧ କରାଯିବ। ତୃତୀୟରେ ବାମନଘାଟି ଉପଖଣ୍ଡ ବ୍ୟତୀତ ବାହାର ଅଞ୍ଚଳର ଠିକାଦାର ଟେଣ୍ଡର ଲେସରେ ପକାଇ ଥିବାରୁ ନିମ୍ନମାନର କାମ ହେଉଛି। ଏଣୁ ଆଗାମୀ ଦିନରେ ବାହାର ଠିକାଦାର ଆସି କାମ କଲେ କାମର ମାନକୁ ସମ୍ପୂର୍ଣ୍ଣ ନିରୀକ୍ଷଣ କରିବା ସହିତ ସେମାନଙ୍କୁ ଘୋର ବିରୋଧ କରାଯିବ ବୋଲି ସଂଘ ସଦସ୍ୟ ଦୃଢ଼ ନିଷ୍ପତ୍ତି ନେଇଛନ୍ତି। ହୋଇଥିବା ସମସ୍ତ ନିଷ୍ପତ୍ତିର ରେଜ୍ୟୁଲେସନ ଜିଲ୍ଲାର ସମସ୍ତ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପଠାଯିବ ବୋଲି ସଭାପତି ସୂଚନା ଦେଇଛନ୍ତି।

# ପୂଜ୍ୟପୂଜାର ବାର୍ଷିକ ବନ୍ଧୁମିଳନ ଓ ବିଜୟ କୁମାର ସାହିତ୍ୟ ଉତ୍ସବ



ବାରିପଦା, ୨୮ ।୧୨(ସମିସ): ସୁନ୍ଦର ଦେବୋପମ ହୃଦୟର ମଣିଷ କାଳଜୟୀ କବିତା ରଚନା କରନ୍ତି, ଅପରର ବ୍ୟଥା ବେଦନାକୁ ଆଦସ୍ଥ କରନ୍ତି, ମଣିଷ ସମାଜରେ ସୁଖଦୁଃଖ ବାଣ୍ଟନ୍ତି, ସମାଜର ବୋଝ ଲାଘବ କରିବା ପାଇଁ ସତତ ଚେଷ୍ଟିତ ହୁଅନ୍ତି ଓ ନିରୁତା ଆନନ୍ଦମୟ ଜଗତରେ ବାସ କରନ୍ତି ବୋଲି ପୂଜ୍ୟପୂଜାର ୪୨ତମ ବାର୍ଷିକ ବନ୍ଧୁମିଳନ ଓ ବିଜୟ

## ୪ ଜଣଙ୍କୁ ସମ୍ବର୍ଦ୍ଧନା

କୁମାର ସାହିତ୍ୟ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉତ୍ସବରେ ଅନୁଷ୍ଠାନର ସଭାପତି ଡକ୍ଟର ରମାକାନ୍ତ ସିଂହଙ୍କ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ କୁଳପତି କିଶୋର ବଶା, ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ଡକ୍ଟର ପ୍ରମୋଦ କୁମାର ଶତପଥୀ, ମୁଖ୍ୟବକ୍ତା ପ୍ରାଧ୍ୟାପକ ମେଜର ଡକ୍ଟର ରବୀନ୍ଦ୍ର କୁମାର ପରିଡ଼ା ଯୋଗ ଦେଇଥିଲେ। ଏ ଅବସରରେ ୪ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆଭାସି ମାଧ୍ୟମରେ ଯୋଗଦେଇ ସମ୍ମାନିତ ଅତିଥି ଡ ବିଜୟ କୁମାର ଅଗ୍ରୱାଲ ଓ ଡ ବିଜୟାନନ୍ଦ ସିଂହ ପୂଜ୍ୟପୂଜା ସାରସ୍ୱତ ସମାବେଶର ସଫଳତା କାମନା କରିବା ସହିତ ସମ୍ବର୍ଦ୍ଧିତ ଅତିଥିଙ୍କୁ ଅଭିବାଦନ ଜଣାଇଥିଲେ। ଦିବଂଗତ ସାରସ୍?ତ ସାଧକ ବିଜୟ କୁମାର ବାରିକଙ୍କୁ ଶ୍ରଦ୍ଧା ନିବେଦନ କରିଥିଲେ। ପୂଜ୍ୟପୂଜାର ସମ୍ପାଦକ ଭାସ୍ୱତୀ ବାରିକ ବାର୍ଷିକ ବିବରଣୀ ପାଠ କରିବା ସହିତ ରାଜେନ୍ଦ୍ର କୁମାର ସାମଲ, ଡାକ୍ତର ବିନି ଷଡ଼ଙ୍ଗୀ, ଅଶୋକ ପଲେଇ, ନରସିଂହ ବାରିକ, ବିଶ୍ୱବନ୍ଧୁ ମୁରଲୀଧର ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏ ଅବସରରେ ଝାଡ଼ଖଣ୍ଡର ପୂର୍ବତନ ମନ୍ତ୍ରୀ ବିଶିଷ୍ଟ ଚିକିତ୍ସକ, ସାମ୍ବାଦିକ ଓ ପ୍ରାବନ୍ଧିକ ଡକ୍ଟର ଦୀନେଶ ଷଡ଼ଙ୍ଗୀଙ୍କୁ ଶ୍ରୀରାମଚନ୍ଦ୍ର ଭଞ୍ଜ ସାରସ୍ୱତ ସମ୍ମାନ, କୁଳପତି ପ୍ରଫେସର ପ୍ରମୋଦ ଶତପଥୀଙ୍କୁ ଶ୍ରେଷ୍ଠ ଶିକ୍ଷାବିତ୍ ସମ୍ମାନ, କିମ୍ବର ଆସୋସିଏଟ ପ୍ରଫେସର ଡଃ ଦିଲ୍ଲୀପ ବେହେରାଙ୍କୁ ବିଜୟ କୁମାର ସ୍ମୃତି ସାରସ୍ୱତ ସମ୍ମାନ ଓ ଓଡ଼ିଶା ବୁକ୍ ଏମ୍ପୋରିୟମ୍‌ର ପ୍ରକାଶକ ଶିବାଶିଷ କରଙ୍କୁ ଭଞ୍ଜଭୂମି ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଦ୍ୱିତୀୟ ଅଧିବେଶନରେ ଆଞ୍ଚଳିକ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରାଜେନ୍ଦ୍ର ସାମଲ, ମିନତି ସିଂହ ଓ ରାଜଲକ୍ଷ୍ମୀ ତ୍ରିପାଠୀଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟାପକ ହୃଷିକେଶ ମହାନ୍ତ, ରାଜକୁମାର ପାତ୍ର, ଗବେଷକ ଅଶୋକ ମହାନ୍ତ, ସ୍ନାତକୋତ୍ତର ଛାତ୍ରୀ ପ୍ରମିଳା ସାହୁ, ପ୍ରଜ୍ଞାପରିମିତା ରାୟ, ରାଜେନ୍ଦ୍ର ସାମଲ, ଅଞ୍ଜଳି ମହାପାତ୍ର, ନରସିଂହ ବାରିକ ପ୍ରମୁଖ କବି ସ୍ୱରଚିତ କବିତା ପାଠ କରିଥିଲେ। ପ୍ରଫେସର ଡକ୍ଟର ଶିଶିର ବେହେରା ଧନ୍ୟବାଦ ଅର୍ପଣ କରିବା ସହିତ ବିଜୟ ବାରିକଙ୍କ ଲେଖାସମୂହର ସଂକଳନ ସହିତ ବିଜୟ କୁମାର ବାରିକ ଗ୍ରନ୍ଥାବଳୀ ପ୍ରକାଶନର ପ୍ରସ୍ତାବ ଗୃହୀତ ହୋଇଥିଲା। ପ୍ରକାଶ ବାରିକ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଗୁରୁମା କୁନ୍ତଳା ବାରିକ ସାରସ୍ୱତ ସତୀର୍ଥଙ୍କୁ ଉତ୍ସାହିତ କରିଥିଲେ। ପ୍ରଶାନ୍ତ ପଟ୍ଟନାୟକ ଭଜନ ଗାନ କରିଥିବାବେଳେ ଶିଶୁ ଶିଳ୍ପୀ ଈଶାନୀ ସିଂହ ନୃତ୍ୟ ପ୍ରଦର୍ଶନ କରିଥିଲେ। ଆହ୍ଲାଦିନୀ ବାରିକ, ଋତୁପର୍ଣ୍ଣା ବେହେରା, ହରିପ୍ରିୟା ମହାନ୍ତ, ସସ୍ମିତା ଦାସ ମାନପତ୍ର ପାଠ କରିଥିଲେ। ଆଡଭୋକେଟ ପ୍ରବୀର ବାରିକ ସହାୟତା କରିଥିଲେ।

## ନବବର୍ଷ ଶୁଭେଚ୍ଛା ଜଣାଇବାକୁ ଫୁଲ ଦୋକାନରେ ଭିଡ଼

# ଚଢ଼ା ଦରରେ ବିକ୍ରି ହେଉଛି ଫୁଲତୋଡ଼ା

ରାଇରଙ୍ଗପୁର,୨୮।୧୨(ସମିସ): ନବବର୍ଷକୁ ସ୍ୱାଗତ ଶୁଭେଚ୍ଛା ଜଣାଇବା ପାଇଁ ରାଇରଙ୍ଗପୁର ସହରର ଫୁଲ ଦୋକାନରେ ଭିଡ଼ ଦେଖିବାକୁ ମିଳିଲାଣି। ପ୍ରିୟବ୍ୟକ୍ତି, ଗୁରୁଜନ, ବନ୍ଧୁଙ୍କ ପ୍ରତି ଆନୁଗତ୍ୟ ଓ ପ୍ରେମ ପ୍ରକାଶ କରିବା ପାଇଁ ଫୁଲତୋଡା ଦେଇ ନବବର୍ଷର ଶୁଭେଚ୍ଛା ଜଣାଯାଇଥାଏ। ଏ ନେଇ ରାଇରଙ୍ଗପୁରରେ ଥିବା ବିଭିନ୍ନ ଫୁଲ ଦୋକାନରେ ରଙ୍ଗବେରଙ୍ଗ ଫୁଲରେ ସଜେଇ ଫୁଲ ତୋଡା ପ୍ରସ୍ତୁତ କରାଯାଇଛି। ନବବର୍ଷକୁ ଦେଖି ଫୁଲ ତୋଡ଼ାର ଦର ଦୋକାନୀମାନେ ଆକାଶ ଛୁଆଁ କରିଛନ୍ତି। ଗୋଲପ ଫୁଲରେ ପ୍ରସ୍ତୁତ ଫୁଲତୋଡାର ଚାହିଦା ଅଧିକ ଥିବାରୁ ବ୍ୟବସାୟୀ ଅନ୍ୟଦିନ ଅପେକ୍ଷା ଅଧିକ ଦରରେ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ଫୁଲତୋଡା ପିଛା ଦର ୫୦ ଟଙ୍କାରୁ ଆରମ୍ଭ କରି ୧୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। କିନ୍ତୁ ଆଖିଦୃଶିଆ ତୋଡା ଦର ୨୫୦/୩୦୦ରୁ ଆରମ୍ଭ ହେଉଛି। ଉକ୍ତ ଦର ପୂର୍ବଦିନ ଦରଠାରୁ ଅଧିକ ରହିଛି। ନବବର୍ଷ ପାଇଁ ଭଲ ବିକ୍ରି ହେଉଥିବାବେଳେ ସପ୍ତାହ ବ୍ୟାପି ଏହାର ଦର ଆହୁରି ଅଧିକ ରହିବ ବୋଲି ବ୍ୟବସାୟୀ କହିଛନ୍ତି। ନବବର୍ଷର ଶୁଭେଚ୍ଛା ଜଣାଇବା ପାଇଁ ରାଇରଙ୍ଗପୁରବାସୀ ବାଧ ହୋଇ ଚଢା ଦରରେ ଫୁଲତୋଡା କିଣୁଥିବା ଦେଖିବାକୁ ମିଳୁଛି।



## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଭୋଗରାଇ, ୨୮।୧୨ (ସମିସ) : ଭୋଗରାଇ ବ୍ଲକ କୁମ୍ଭାରମୁଳି ପଞ୍ଚାୟତ ଅନ୍ତର୍ଗତ ଚୌକି ଗ୍ରାମର ଖ୍ୟାତନାମା ବୈଦ୍ୟରାଜ ସ୍ୱର୍ଗତ ବସନ୍ତ କୁମାର ପଣ୍ଡାଙ୍କ ଧର୍ମପତ୍ନୀ ସରସ୍ୱତୀ ପଣ୍ଡାଙ୍କ ଗୁରୁବାର ସନ୍ଧ୍ୟାରେ ପରଲୋକ ହୋଇ ଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ହୋଇଥିଲା ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ପ୍ରେମଲତା ମହାନ୍ତି
ଆବିର୍ଭାବ - ୨୫.୧୦.୧୯୪୩
ତିରୋଧାନ - ୧୯.୧୨.୨୦୨୫
ନିମେଇସାପୁର, କଟକ

ଚାହିଁ ଚାହିଁ ଏଗାର ଦିନ ବିତିଗଲା ।
ଆପଣଙ୍କର ଶ୍ରଦ୍ଧା ଓ ସ୍ନେହକୁ ଆମ୍ଭେମାନେ ସର୍ବଦା ମନେ ରଖିବୁ ।
ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ :
ଶିବ ପ୍ରସାଦ ମହାନ୍ତି
ଓ ପରିବାର ବର୍ଗ

# କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ





କରଞ୍ଜିଆ,୨୮।୧୨(ସମିସ):

କରଞ୍ଜିଆ ସହରସ୍ଥ କରଡ଼ିଆଠାରେ ମୟୂରଭଞ୍ଜ ପଶ୍ଚିମାଞ୍ଚଳ ଜିଲ୍ଲା କଂଗ୍ରେସ ପକ୍ଷରୁ ୧୪୦ତମ ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜିଲ୍ଲା ସଭାପତି ଭୁବନ ସାହୁଙ୍କ ନେତୃତ୍ୱରେ ଆଜି ପ୍ରଥମେ କଂଗ୍ରେସର ପତାକା ଉତ୍ତୋଳନ କରାଯାଇଥିଲା। ପରେ ନିର୍ବାଚନମଣ୍ଡଳୀର ସମସ୍ତ ପଦାଧିକାରୀ, କର୍ମୀ, ସ୍ଥାନୀୟ ବ୍ୟକ୍ତି ସାଧାରଣ ସଭାରେ ଯୋଗ ଦେଇଥିଲେ। ଏଥିରେ ଉପସଭାପତି ଯବମଣୀ ଟୁଡୁ, ରାଜ୍ୟ ସମ୍ପାଦକ ଲକ୍ଷ୍ମୀଧର ସିଂ, ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ବେହେରା, ଜାକିର ହୁସେନ, ହରେକୃଷ୍ଣ ମହାନ୍ତ, ସୁବାସ ସଂଖିଆଲ, ଧରଣୀ ମହାନ୍ତ, ବନମାଳୀ ମହାନ୍ତ, ଘନଶ୍ୟାମ ମହାନ୍ତ, ଛୋଟରାୟ ନାୟକ, ଉଗରେସନ ମଢେଇଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇ କଂଗ୍ରେସର ନେତୃତ୍ୱ ନେଉଥିବା ବ୍ୟକ୍ତିଙ୍କୁ ସ୍ମରଣ କରି ତାଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜ୍ୟ ସମ୍ପାଦକ ଶ୍ରୀ ସିଂ ପ୍ରକାଶ କରିଥିଲେ ଯେ କଂଗ୍ରେସ ଭାରତକୁ ସ୍ୱାଧୀନତା ଆଣିବା ସହିତ ଏକ ବିକଶିତ, ନିରପେକ୍ଷ, ଆତ୍ମନିର୍ଭଶୀଳ ଦେଶ ଗଠନ କରିବା ଲକ୍ଷ୍ୟ ରଖିଥିଲା କଂଗ୍ରେସର ନେତୃତ୍ୱ ନେଉଥିବା ବ୍ୟକ୍ତି ବିଶ୍ୱର ସର୍ବବୃହତ ରାଜନୈତିକ ଦଳ ଭାବେ ଏହାକୁ ଗଠନ କରି ନ ଥିଲେ, ବରଂ ଏହା ଏକ ଅନୁଷ୍ଠାନ ଭାବେ ପ୍ରତ୍ୟେକ କ୍ଷେତ୍ରରେ କଂଗ୍ରେସ ବିକାଶ ଦିଗରେ କାର୍ଯ୍ୟ କରିଆସୁଛି। ଏଣୁ ତୃଣମୂଳ ସ୍ତରରୁ ଆଉଥରେ କଂଗ୍ରେସକୁ ଲୋକଙ୍କ ସେବା ପାଇଁ ଗଠନ କରିବାକୁ ପଡ଼ିବ। ଅନ୍ୟମାନେ ମଧ୍ୟ କଂଗ୍ରେସ ଏକ ଆନ୍ଦୋଳନ ବୋଲି ପ୍ରକାଶ କରିଥିଲେ। ଏହା କେବେ ବି ଅନ୍ୟକୁ ପ୍ରଶୟ ଦେଇନାହିଁ। ଭାରତର ସୁରକ୍ଷା ଦିଗରେ ଅନେକ ପଦକ୍ଷେପ ନେଇ ଲୋକଙ୍କ ଅସ୍ଥାଭାଜନ ହୋଇପାରିଛି। ଶେଷରେ ସୁରଜ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

**ରାଇରଙ୍ଗପୁର:** ମୟୁରଭଞ୍ଜ (ପଶ୍ଚିମ) ସାଂଗଠନିକ ଜିଲ୍ଲା କଂଗ୍ରେସ କମିଟି ରାଇରଙ୍ଗପୁରଠାରେ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁଙ୍କ ନେତୃତ୍ୱରେ ଭାରତୀୟ ଜାତୀୟ କଂଗ୍ରେସର ୧୪୧ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଜିଲ୍ଲା ସଭାପତି କଂଗ୍ରେସ ପତାକା ଉତ୍ତୋଳନ କରି ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଦେଶ ପାଇଁ ଏକ ମହତ୍ ଉଦ୍ଦେଶ୍ୟ ନେଇ କଂଗ୍ରେସ ଦଳ ଭାରତ ବର୍ଷରେ ପ୍ରତିଷ୍ଠା ହୋଇଥିଲା। ଆଜି ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିଛି। ବିଜେପି ସରକାର ଏକ ଛାତ୍ରବାଦ ଶାସନ ବିରୁଦ୍ଧରେ କଂଗ୍ରେସ ଲଢେଇ ଜାରି ରଖିଛି। ଆଗାମୀ ଦିନରେ କଂଗ୍ରେସ ବ୍ଲକ୍ ସ୍ତରରେ ଜନ ସମସ୍ୟା ନେଇ ଆନ୍ଦୋଳନ କରିବ ନେଇ ମତପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ଆଦିବାସୀ କଂଗ୍ରେସ ଉପସଭାପତି ଲକ୍ଷ୍ମଣ ମାଝୀ, ରାଜ୍ୟ ମହିଳା କଂଗ୍ରେସ ଉପସଭାପତି ଜବାମଣି ଟୁଡୁ, ପିସିସି ସମ୍ପାଦକ ଲକ୍ଷ୍ମୀଧର ସିଂ, ଆଦିବାସୀ କଂଗ୍ରେସ ପଶ୍ଚିମ ମୟୁରଭଞ୍ଜ ଅଧ୍ୟକ୍ଷ ବେରେଲ ସିଂ, ବସନ୍ତ ପଟ୍ଟନାୟକ, ଅଶୋକ ଅଗ୍ରୱାଲ, ଭାଗୀରଥୀ ପାତ୍ର, ଏମଡି ଇନତେକାବ, ସନ୍ତୋଷ ନନ୍ଦ, ତରୁଣ କୁମାର ଗିରି, ରୂପକ ମହାନ୍ତି, ନିଶାକର ପାତ୍ର, ଅଞ୍ଜଳି ବେଶ୍ରା, ଉଷାରାଣୀ ଦେଓ, ପୂଜା ସୋରେନ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ୧୦ଜଣ ବରିଷ୍ଠ କଂଗ୍ରେସ ନେତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ସଚେତନତା ରଥ

ବହଳଦା,୨୮।୧୨ (ସମିସ): ବହଳଦା କୃଷି ସୂଚନା ଓ ଉପଦେଷ୍ଟା କେନ୍ଦ୍ର ଅଧିକାରୀ ଶ୍ରୀମତୀ ଗାୟତ୍ରୀ ଟୁଡୁଙ୍କ ତତ୍ତ୍ୱାବଧାନରେ ତଥା କୃଷି କାର୍ଯ୍ୟାଳୟର କର୍ମଚାରୀଙ୍କ ଉପସ୍ଥିତିରେ ରାଇରଙ୍ଗପୁରଠାରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ପ୍ରଚାର ପ୍ରସାର ନିମନ୍ତେ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହି ସଚେତନା ରଥ ବହଳଦା ବ୍ଲକର ସମସ୍ତ ୧୨ଟି ଗ୍ରାମପଞ୍ଚାୟତ ଅଞ୍ଚଳରେ ପରିକ୍ରମା କରି ଉନ୍ନତ କୃଷିକାର୍ଯ୍ୟ ଓ ଅଧିକ ଅମଳ ଉତ୍ପାଦନ ପାଇଁ ସହାୟକ ହେଉଥିବା ଆଧୁନିକ କୃଷି ଯନ୍ତ୍ରପାତି ସୁବିଧା ଓ ସରକାରୀ ରିହାତି ମୂଲ୍ୟରେ ମିଳିବା ସମ୍ବନ୍ଧରେ ପ୍ରଚାର କରି କୃଷକଙ୍କୁ ସଚେତନ କରିଥିଲା। ଏହି କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ମେଳା ଆସନ୍ତାକାଲିଠାରୁ ବୁଧବାର ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଏସଏସଡି ବାଳିକା ଉଚ୍ଚବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହେବ।



# ଆଜିଠାରୁ ଦୁଇଦିନିଆ ନିଖିଳ ଓଡ଼ିଶା ଆଇନଜୀବୀ ସମ୍ମିଳନୀ

**ସମ୍ବଲପୁର, ୨୮।୧୨ (ସମିସ)**

ନିଖିଳ ଓଡ଼ିଶା ଆଇନଜୀବୀ ସଂଘ (ଆଓଲା) ପକ୍ଷରୁ ଜିଲ୍ଲା ଓକିଲ ସଂଘ (ଡିବିଏ), ସମ୍ବଲପୁର ଆନୁକୂଲ୍ୟରେ ଶୁକ୍ରବାରଠାରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ପ୍ରେକ୍ଷାଳୟରେ ଦୁଇଦିନିଆ ୫୪ତମ ରାଜ୍ୟସ୍ତରୀୟ ଆଇନଜୀବୀ ସମ୍ମିଳନୀ ଆୟୋଜିତ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଜିଲ୍ଲା ଓକିଲ ସଂଘ ସଭାପତି ତଥା 'ଆଓଲା' ଆବାହକ ପ୍ରଦୀପ ବହିଦାର ସୂଚନା ଦେଇଛନ୍ତି। ଏହି ଆଇନଜୀବୀ ମହାକୁମ୍ଭରେ କେନ୍ଦ୍ର ତଥା ରାଜ୍ୟର ବରିଷ୍ଠ ମନ୍ତ୍ରୀ ତଥା ବିଚାରପତି ଓ ଆଇନ ବିଶେଷଜ୍ଞମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିବେ। ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଓଡ଼ିଶା ହାଇକୋର୍ଟର ବିଚାରପତି ଡଃ ସଞ୍ଜୀବ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଏବଂ ଅବସରପ୍ରାପ୍ତ ଜଷ୍ଟିସ ବିଶ୍ୱନାଥ ରଥ ମୁଖ୍ୟବକ୍ତା ଭାବେ ଯୋଗଦେବେ। ଏହାସହ ଉଦ୍‌ଘାଟନୀ ଉତ୍ସବରେ ଏଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଓଡ଼ିଶା ରାଜ୍ୟ ବାର୍ କାଉନସିଲ ଚେୟାରମ୍ୟାନ ସୀତାଂଶୁ



ମୋହନ ଦ୍ୱିବେଦୀ ଅତିଥି ଭାବେ ଯୋଗଦେବେ। 'ଆଓଲା' ସଭାପତି ଶିଶିର କୁମାର ପାଢ଼ୀ ଅଧ୍ୟକ୍ଷତା କରିବାକୁ ଥିବାବେଳେ ଜିଲ୍ଲା ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର ଉପସ୍ଥିତ ରହିବେ।

୨୯ ତାରିଖ ଉଦ୍‌ଘାଟନୀ ପରେ ବୈଷୟିକ ଅଧିବେଶନର ବିଷୟ ରହିଛି 'ଲ ଆଣ୍ଡ ଟେକ୍ନୋଲୋଜି : ଚେଲେଞ୍ଜେସ୍ ବିଫୋର୍ ଲିଗାଲ୍ ପ୍ରୋଫେସନ୍'। ଏହି ଅଧିବେଶନରେ ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ ସଚ୍ଚିକାନ୍ତ ମିଶ୍ର ମୁଖ୍ୟଅତିଥି, ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ମୁଖ୍ୟବକ୍ତା ଏବଂ ଓଡ଼ିଶା ମାନବାଧିକାର କମିଶନ ଚେୟାରମ୍ୟାନ ଅବସରପ୍ରାପ୍ତ ଜଷ୍ଟିସ ଶତ୍ରୁଘ୍ନ ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗଦେବେ। 'ଆଓଲା' କାର୍ଯ୍ୟକାରୀ ସଭାପତି ବିଭୁ ପ୍ରସାଦ ତ୍ରିପାଠୀ ପୌରୋହିତ୍ୟ କରିବେ। ଅନ୍ୟତମ ଅତିଥି ଭାବେ 'ଆଓଲା'ର ପୂର୍ବତନ ସଭାପତି ତଥା ବରିଷ୍ଠ ହାଇକୋର୍ଟ ଆଇନଜୀବୀ ମାନସ ରଞ୍ଜନ ମହାପାତ୍ର ଏବଂ 'ଆଓଲା'ର ପୂର୍ବତନ ସଭାପତି ତଥା ଓଡ଼ିଶା ରାଜ୍ୟ ବାର୍ କାଉନସିଲ ସଭ୍ୟ ଜ୍ଞାନ ରଞ୍ଜନ ମହାନ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଦ୍ୱିତୀୟ ଦିନ ୩୦ ତାରିଖ ବୈଷୟିକ ଅଧିବେଶନର ବିଷୟ ରହିଛି 'ୱିମେନ୍ ୱିଦିନ୍ ଲିଗାଲ୍ ପ୍ରୋଫେସନ୍ - ପ୍ରୋବଲେମ୍ସ, ପ୍ରୋସପେକ୍ଟ ଆଣ୍ଡ ଚେଲେଞ୍ଜେସ୍'। ଏହି ଅଧିବେଶନରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟଅତିଥି, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମ୍ମାନିତ ଅତିଥି ଏବଂ ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ ଭି. ନରସିଂହ ମୁଖ୍ୟବକ୍ତା ଭାବେ ଯୋଗଦେବେ। 'ଆଓଲା' ସଭାପତି ଶିଶିର କୁମାର ପାଢ଼ୀ ପୌରୋହିତ୍ୟ କରିବେ। ବୈଷୟିକ ଅଧିବେଶନ ପରେ ଉଦ୍‌ଯାପନୀ ସମାରୋହ ଆୟୋଜିତ ହେବ ବୋଲି ଡିବିଏ ସଭାପତି ଶ୍ରୀ ବହିଦାର ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ପ୍ରଦ୍ୟୋତ ଶର୍ମା ଓ ଉପସଭାପତି ଅରବିନ୍ଦ ନାୟକ ମଞ୍ଚାସୀନ ଥିଲେ।

ଆଇନଜୀବୀ ସମ୍ମିଳନୀରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ ଏବଂ ଡିସେମ୍ବର ୨୦୨୨ରେ ହାଇକୋର୍ଟ ବେଞ୍ଚ ଆନ୍ଦୋଳନ ସମୟରେ ଗଣ୍ଡଗୋଳ ପରେ ଆଇନଜୀବୀ ମାନଙ୍କ ବିରୋଧରେ ହୋଇଥିବା ଫୌଜଦାରୀ ମୋକଦ୍ଦମା ଉଠାଇନେବା ପ୍ରସଙ୍ଗ ଆସିପାରେ ବୋଲି ସଚେତନ ମହଲରେ ଆଶାପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ସେହି ସମୟରେ ପ୍ରେସ କାଉନସିଲ ଅଫ୍ ଇଣ୍ଡିଆ ପକ୍ଷରୁ ୫୪ ଜଣ ଆଇନଜୀବୀଙ୍କ ଲାଇସେନ୍ସ ବାତିଲ କରାଯାଇଥିଲା ଯାହାକି ପରେ ମାର୍ଚ୍ଚ ୨୦୨୩ରେ ପ୍ରତ୍ୟାହାର କରିନିଆଯାଇଥିଲା।

# ଖଳାରେ ଧାନ; ବୁଲୁଛି ହାତୀ

**ସମ୍ବଲପୁର, ୨୮।୧୨ (ସମିସ) :** ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକର ଘେନୁପାଲି ଅଞ୍ଚଳରେ ହାତୀପଲ ବୁଲୁଥିବା ଦେଖାଯାଇଛି। ଆଜି ସନ୍ଧ୍ୟାରେ ଯୁଯୋମୁରା ବ୍ଲକ ଘେନୁପାଲି ପଞ୍ଚାୟତ ବଡ଼ସାହିର ହାଇସ୍କୁଲ ପଡ଼ିଆ ଗୋଟିଏ ବୁଲୁଥିଲା। ହାତୀଟି ଘେନୁପାଲି, ବଡ଼ସାହିର, ରେଙ୍ଗାଲମୁଣ୍ଡା ଅଞ୍ଚଳରେ ବୁଲୁଛି। ଚାଷୀମାନେ ଟୋକନ ନପାଇ ଅମଳ କରିଥିବା ଧାନ ଖଳାରେ ପକାଇ ରଖିଛନ୍ତି। ହାତୀ ଧାନ ଖାଇବା ସହ ନଷ୍ଟ କରିବା ଆଶଙ୍କାରେ ଶୀତ ରାତିରେ ରାତିସାରା ଜଗି ରହୁଛନ୍ତି। ଅନ୍ୟପକ୍ଷରେ ହାତୀମାନେ ଗତକାଲି ବଗିଚାରେ ପଶି କଦଳୀ ଗଛ, ପନିପରିବା ଆଦି ଖାଇ ନଷ୍ଟ କରିଥିବା ସୂଚନା ମିଳିଛି। ପୁଣି ବଲଣ୍ଡା କଟା (ପୋଖରୀ) ପାଖରେ ଲୋକେ ଦୁଇଟି ହାତୀକୁ ଦେଖିଛନ୍ତି। ହାତୀ ଚଳପ୍ରଚଳ ଉପରେ ବନବିଭାଗ ନଜର ରଖିଥିଲେ ହେଁ



ଲୋକେ ଫୋନ ମାଧ୍ୟମରେ ଅନ୍ୟ ଗାଁର ଚାଷୀଙ୍କୁ ହାତୀର ଗତିବିଧି ନେଇ ସୂଚନା ଦେଉଥିବା ଦେଖାଯାଉଛି।

# ବିଜେଡି ପ୍ରତିଷ୍ଠା ଦିବସରେ କମ୍ବଳ ବଣ୍ଟନ



**ସମ୍ବଲପୁର, ୨୮।୧୨ (ସମିସ):** ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ଅବସରରେ ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନମ୍ବର ୪୧ ମାଳତୀ ଗୁଣ୍ଡେରପୁରର ଡୁରୀପଡ଼ାଠାରେ ସମାଜସେବୀ ତଥା ବିଜେଡି ନେତା ହରଦୀପ ସିଂ ଭୂର୍ଜିଙ୍କ ସୌଜନ୍ୟରୁ ଅଞ୍ଚଳର ପ୍ରାୟ ୫୦ ଜଣ ଅସହାୟ ଗରିବ ବୃଦ୍ଧବୃଦ୍ଧାଙ୍କୁ ଶୀତର ପ୍ରକୋପରୁ ରକ୍ଷା ପାଇଁ କମ୍ବଳ ବଣ୍ଟନ କରାଯାଇଛି।ଏହା ସହିତ ସ୍ଥାନୀୟ ଗରିବ ଦିନମଜୁରିଆ ଶ୍ରେଣୀର ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ବେଣୁଧର ଦାଶ, ବସନ୍ତ ମିଶ୍ର, ହରିହର ପାଣି, ସତ୍ୟେନ୍ଦ୍ର ଦାଶ, ପ୍ରହଲ୍ଲାଦ ଗୁରୁ, ଦୁଲାଲ ଚନ୍ଦ୍ର ରାୟ, ସୁରେଖା ସାହୁ, ପ୍ରଶାନ୍ତ ନାୟକ, ନାଥ ବାଗ, ବାଙ୍କା ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦୁପତ୍ର ତୋଳାଳି ଓ ସିଜିନାଲ କର୍ମଚାରୀଙ୍କ ଦାବି

# ଜାନୁଆରୀ ଶେଷ ସୁଦ୍ଧା ଦାବି ପୂରଣ ନ ହେଲେ ଆନ୍ଦୋଳନ

**କୁଚିଣ୍ଡା, ୨୮ ।୧୨(ସମିସ):** କୁଚିଣ୍ଡା ଡିଭିଜନର କୁଚିଣ୍ଡା ଶ୍ରମିକଭବନରେ ରବିବାର ବିଡବ୍ଲୁଆଇ ସହାୟତାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ସଚେତନତା ଶିବିର ସଂଘର ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଥିଲା। ଶତାଧିକ ସଂଖ୍ୟାରେ କେନ୍ଦୁପତ୍ର ତୋଳାଳି, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକମାନେ ଯୋଗ ଦେଇଥିଲେ। ସଭାରେ ତୋଳାଳି, କର୍ମଚାରୀ ଓ ବନ୍ଧେଇ ଶ୍ରମିକମାନଙ୍କର ବିଭିନ୍ନ ଦାବି ଉପରେ ଆଲୋଚନା କରାଯାଇ ଦାବି ପୂରଣରେ ସରକାର ଆହେତୁକ ବିଳମ୍ବ କରୁଥିବା ବକ୍ତାମାନେ ଅଭିଯୋଗ କରିଥିଲେ। ରାଜ୍ୟ ସମ୍ପାଦକ ଶ୍ରୀ ମୁର୍ତ୍ତୁଜା ଆଗାମୀ ଜାନୁଆରୀ ମାସରେ କେନ୍ଦୁପତ୍ର କେରି ପ୍ରତି ଦର ବୃଦ୍ଧି, ସିଜିନାଲ କର୍ମଚାରୀଙ୍କ ସର୍ବନିମ୍ନ ମଜୁରୀ ଅନୁପାତରେ ମାସିକ ମଜୁରୀ ବୃଦ୍ଧି, ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ ପ୍ରତି ମଜୁରୀ ବୃଦ୍ଧି ଏବଂ ବୋନସ ପରିମାଣ ବୃଦ୍ଧି ସରକାର ଜାନୁଆରୀ ଶେଷ ସୁଦ୍ଧା ଘୋଷଣା କରିବାକୁ



ଦାବି କରିଥିଲେ। ସିଜିନାଲ କର୍ମଚାରୀଙ୍କ ଛଟେଇ, ଫଡ଼ି ଉଚ୍ଛେଦ ଆଦି ଶ୍ରମିକ ଓ ତୋଳାଳୀ ବିରୋଧୀ ବିଚାରରୁ ନିବୃତ୍ତ ନ ହେଲେ ଆନ୍ଦୋଳନକୁ ତୀବ୍ରତର



କରାଯିବ ସହ ସଂଘ ପକ୍ଷରୁ ବଡ ଧରଣର ଆନ୍ଦୋଳନ ହେବ ବୋଲି ଘୋଷଣା କରିଥିଲେ। ସଭାକୁ କୁଚିଣ୍ଡା ଡିଭିଜନର କୋଷାଧ୍ୟକ୍ଷ ମିଳନ ପଲେଇ ପରିଚାଳନା କରିଥିଲେ। କୁଚିଣ୍ଡା ପଞ୍ଚାୟତ ଅଧ୍ୟକ୍ଷ ଭୁବନେଶ୍ୱର କିସାନ ଦାବି ହାସଲ ପାଇଁ ସମସ୍ତେ ସଂଗଠିତ ହେବାକୁ ଆହ୍ୱାନ ଜଣାଇଥିଲେ। ସଂଘର ରାଜ୍ୟ ସମ୍ପାଦିକା ତଥା ପୂର୍ବତନ ବ୍ଲକ ଚେୟାରମ୍ୟାନ ପଦ୍ମାବତୀ କିସାନ ଜିଏସ୍‌ଟି ଉଚ୍ଛେଦ ତ ଲଢେଇରେ ସଂଘ ବିଜୟୀ ହୋଇଥିବା ବେଳେ ଜିଏସ୍‌ଟି ବାବଦରେ ସଂଗ୍ରହ ହୋଇଥିବା ଅର୍ଥକୁ ସରକାର ତୋଳାଳି କର୍ମଚାରୀ ମଧ୍ୟରେ ବଣ୍ଟନ କରନ୍ତୁ, ମୃତ୍ୟୁକାଳୀନ ସହାୟତା ବୃଦ୍ଧି କର ବୋଲି ଦାବି କରିଥିଲେ। ଆଗାମୀ ସିଜନରେ ସଠିକ ଭାବରେ କାଯ୍ୟ ସମ୍ପାଦନ କରିବାକୁ ଆହ୍ୱାନ କରିଥିଲେ। ସଭାରେ ବଦରମା ହେଡ଼ ଚେକର କୈଳାଶ ତାଉଦିଆ, ରେଞ୍ଜ ସମ୍ପାଦକ ବିରଞ୍ଚି ନାୟକ, ଜରଡ଼ା ରେଞ୍ଜ ସମ୍ପାଦକ ଫିଲମନ ଲୁଗୁନ, ସୋଲବଗା ହେଡ଼ଚେକର ଭିକାରି ନାୟକ, ବାମରା ରେଞ୍ଜ ଚୈତନ୍ୟ ମେହେର, ଶିବ ପଟେଲ, ହେମନ୍ତ ବଗର୍ତ୍ତୀ, ସୌଦାମିନୀ ନାୟକ, ବଲ୍ଲବୀ ପଟେଲ, ଜସ୍ମିନ ପଟେଲ, ସୁମିତା ବୁଢ଼, ସୁକୁନୁ ଗହୀର। ଶେଷରେ କୁଚିଣ୍ଡା ରେଞ୍ଜ ସମ୍ପାଦକ ପୁଷ୍ପକେତୁ ଦେଓ ସଭାକୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମୋହନଭାଇ ପଟେଲଙ୍କ ପରଲୋକ

**ସମ୍ବଲପୁର, ୨୮।୧୨ (ସମିସ):** ସମ୍ବଲପୁର ଜିଲ୍ଲା ବିଜେପି ସଭାପତି ଗିରିଶ ପଟେଲଙ୍କ ପିତା ମୋହନଭାଇ ପଟେଲ(୯୧)ଙ୍କ ରବିବାର ସକାଳେ ଗୋଲବଜାର ନୟାପଡ଼ାସ୍ଥିତ ନିଜ ବାସଭବନରେ ପରଲୋକ ଘଟିଛି। ଅନ୍ତ୍ୟେଷ୍ଟି କ୍ରିୟା ମନ୍ଦୋଳିଆସ୍ଥିତ ରାଜଘାଟରେ ସମ୍ମାନ ସହ ସମ୍ପନ୍ନ ହୋଇଛି। ଏହି ଦୁଃଖଦ ଖବର ପାଇବା ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ସନ୍ଧ୍ୟାରେ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଏହା ସହିତ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଢ଼ାଖୋଲ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରି ନାୟକଙ୍କ ସହ ବିଜେପିର ବରିଷ୍ଠ ନେତୃତ୍ୱ, ଜିଲ୍ଲାସ୍ତରୀୟ ନେତା ଓ ଅନେକ କାର୍ଯ୍ୟକର୍ତ୍ତା ଅନ୍ତ୍ୟେଷ୍ଟି କ୍ରିୟାରେ ଉପସ୍ଥିତ ରହି ଶୋକସନ୍ତପ୍ତ ପରିବାରଙ୍କୁ ସାନ୍ତ୍ୱନା ଓ ସହାନୁଭୂତି ଜଣାଇଥିଲେ।



ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ପ୍ରେମଲତା ମହାନ୍ତି
ଆବିର୍ଭାବ - ୨୫.୧୦.୧୯୪୩
ତିରୋଧାନ - ୧୯.୧୨.୨୦୨୫
ନିମେଇସାପୁର, କଟକ

ଚାହିଁ ଚାହିଁ ଏଗାର ଦିନ ବିତିଗଲା।
ଆପଣଙ୍କର ଶ୍ରଦ୍ଧା ଓ ସ୍ନେହକୁ ଆମ୍ଭେମାନେ ସର୍ବଦା ମନେ ରଖିବୁ।
ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ :
ଶିବ ପ୍ରସାଦ ମହାନ୍ତି
ଓ ପରିବାର ବର୍ଗ

# ସମଲେଶ୍ୱରୀ ମନ୍ଦିରରେ ଭଜନ ସନ୍ଧ୍ୟା

**ସମ୍ବଲପୁର, ୨୮।୧୨ (ସମିସ):** ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣ ଆଜି ସନ୍ଧ୍ୟାରେ ଭକ୍ତିମୟ ପରିବେଶରେ ଭରିଯାଇଥିଲା। ଭଜନ ପରିବେଷଣରେ ଭକ୍ତି ଓ ଆସ୍ଥାର ଅଲୌକିକ ମାହୋଲ ସୃଷ୍ଟି କରିଥିଲା। ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ଓ କଳାକାରମାନଙ୍କ



ମିଳିତ ଉଦ୍ୟମରେ ଏହି ଭଜନ ସନ୍ଧ୍ୟାର ଆୟୋଜନ କରାଯାଉଛି। ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ଦେବ କୁମାର ଆଜମେରିଆ, ଗୁରୁ ରଞ୍ଜନ ସାହୁ, ଗୁରୁ ତ୍ରିଲୋଚନ ତ୍ରିପାଠୀ, ଗୁରୁ ରତନ ପୂଜାରୀ, ବିଶ୍ୱରଞ୍ଜନ ପୂଜାରୀ, ଦିପାଳି ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଭଜନ ସନ୍ଧ୍ୟାରେ ସମ୍ବଲପୁରର ପ୍ରସିଦ୍ଧ କଳାକାରମାନେ ମା'ଙ୍କ ମହିମାଗାନ କରିଥିଲେ।

ଲହରୀ ସାଂସ୍କୃତିକ ଅନୁଷ୍ଠାନର ସାଇସ୍ମିତା ନାୟକ, ପଦ୍ମିନୀ ଦୋରା, ସ୍ୱାଗତିକା ପଣ୍ଡା, ଅଳକା ମିଶ୍ର, ସମୀର ଦାଶ, ପ୍ରିୟାଂଶୁ ପଣ୍ଡା, ପ୍ରକୃତି ପଣ୍ଡା, ପ୍ରଶାନ୍ତ କୁମାର ସାହୁ ଓ ମଣ୍ଟୁ ମହାକୁଡ଼ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିବାବେଳେ ଶ୍ରେୟାଂଶୀ, ମେଘାରାଣୀ, ମନସ୍ୱିନୀ, ଚାନ୍ଦିନୀ, ସୌମ୍ୟା ଏବଂ ସମାପିକା କୋରସ୍ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୁରୁ ରତନ କୁମାର ପୂଜାରୀ ସଙ୍ଗୀତ ପରିଚାଳନା କରିଥିବାବେଳେ ରାମାଶିଷ ତ୍ରିପାଠୀ ଉଦଘୋଷକ ଭୂମିକା ନିର୍ବାହ କରିଥିଲେ। ବାଦ୍ୟଯନ୍ତ୍ରରେ ରଞ୍ଜନ କୁମାର ସାହୁ, କୃଷ୍ଣଚନ୍ଦ୍ର ବାଗ, ଭାଗିରଥୀ ସିଂଦେଓ, ସୁମିତ ପ୍ରଧାନ, ଡ. ମୋହିତ କୁମାର ସ୍ୱାଇଁ, କ୍ଷିତିଶ ବାଗ ଓ ଦିବାକର ମହାନନ୍ଦ ସହଯୋଗ କରିଥିଲେ।

ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରତିମାସର ଦ୍ୱିତୀୟ ଓ ଚତୁର୍ଥ ରବିବାର ସନ୍ଧ୍ୟାରେ ଭଜନ ସନ୍ଧ୍ୟା ନିୟମିତ ଭାବରେ ଆୟୋଜନ କରାଯାଉଛି। ସ୍ଥାନୀୟ କଳାକାର ଓ ଶିଳ୍ପୀମାନଙ୍କ ସହଭାଗିତାରେ ଏହି ପ୍ରୟାସ ସମ୍ବଲପୁରର ସାଂସ୍କୃତିକ ପରମ୍ପରାକୁ ଆଗକୁ ବଢ଼ାଇବ ବୋଲି ଭକ୍ତମାନେ ଆଶାବ୍ୟକ୍ତ କରିଛନ୍ତି। ଏହିଭଳି ଆୟୋଜନ ମନ୍ଦିର ପ୍ରାଙ୍ଗଣରେ ଭକ୍ତିମୟ ପରିବେଶକୁ ଅଧିକ ସୁଦୃଢ଼ କରିବା ସହିତ ଯୁବପିଢ଼ୀଙ୍କୁ ଭଜନ ଓ ଭକ୍ତି ପ୍ରତି ଆକର୍ଷିତ କରୁଛି। ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ କହିଛନ୍ତି, ମା'ଙ୍କ ପୀଠ ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶାର ଆଧ୍ୟାତ୍ମିକ ତଥା ସାଂସ୍କୃତିକ ପ୍ରାଣକେନ୍ଦ୍ର। ଭକ୍ତଙ୍କ ପାଇଁ ଆଗାମୀ ଦିନରେ ଟ୍ରଷ୍ଟ ବୋର୍ଡ ଆହୁରି ଅନେକ ପଦକ୍ଷେପ ନେବାକୁ ଯୋଜନା କରିଥିବା ସେ ସୂଚନା ଦେଇଛନ୍ତି।

# ମା'ମହାମାୟୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ଜମନକିରା, ୨୮ ।୧୨(ସମିସ):** ମା'ମହାମାୟୀ ଯୁବକ ସଂଘ ଅର୍ଜୁନପାଲି ଦ୍ୱାରା ମା' ମହାମାୟୀ କପ୍ ଅର୍ଜୁନପାଲି ତରଫରୁ ତ୍ରି ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଜମନକିରା ହାଇସ୍କୁଲ ପଡ଼ିଆରେ ଉଦ୍‌ଯାପିତ ହୋଇଯାଇଛି। ମୋଟ ୧୬ଟି ଫୁଟବଲ ଟିମ୍ ଯୋଗ ଦେଇଥିଲେ। ଫାଇନାଲ ଖେଳ ଜ୍ୟୋତି ଇଲେଭେନ ଓ ପଡ଼ିଆବାହାଲ ଏଫ ସି ମଧ୍ୟରେ ଚିତାକର୍ଷକ ଖେଳ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଶେଷରେ ଟ୍ରାଇବେକର ସାହାଯ୍ୟ ନିଆଯାଇଥିଲା। ଏଥିରେ ଜ୍ୟୋତି ଇଲେଭେନ ଚମ୍ପିୟାନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବ ମୁଖ୍ୟଅତିଥି ଭାବରେ ବିଜେପି ଜମନକିରା ମଣ୍ଡଳ ସଭାପତି ବିଜୟ କୁମାର ନାଏକ, ସମ୍ମାନୀତ ଅତିଥି ଭାବରେ ଆଦି ପ୍ରସାଦ ମହାକୁଲ, ସୁବାଷ ସାହୁ, ସମାଜ ସେବୀ ସୌରଭ ପଟ୍ଟନାୟକ, ନଗେନ୍ଦ୍ର କିସାନ, ଅକ୍ଷୟ ନାଏକ, ଯୁଗେନ୍ଦ୍ର ସାହୁ, ଉପେନ୍ଦ୍ର ନାଏକ ଯୋଗ ଦେଇଥିଲେ। ଅତିଥି ମାନେ ଚମ୍ପିୟାନ ଟିମ୍ କୁ ଟ୍ରଫି ସହ ୫୦ ହଜାର ଟଙ୍କା ପ୍ରଦାନ କରି ଥିବା ବେଳେ ରନସ ଟିମ୍‌କୁ ଟ୍ରଫି ସହ ୪୦ ହଜାର ଟଙ୍କା ପ୍ରଦାନ କରି ଥିଲେ। ଫାଇନାଲ ଖେଳକୁ ରାଜ୍ୟସ୍ତରୀୟ ପିଇଟି ରାଜେଶ ଛତ୍ରିଆ, ଅନିଲ ଏକ୍କା, ଅମିତ ବାଘ, ହୁତାସନ ବାଘ, ସରୋଜ ବାଘ ଖେଳକୁ ପରିଚାଳନା କରି ଥିଲେ। ଫାଇନାଲ ଖେଳର



ଧାରା ବିବରଣୀ ଚକ୍ର ଧର ମାଝୀ ଓ ଅବିନାଶ ଦାନୀ। ଆୟୋଜକ କମିଟିର ସଭାପତି ଶିବଶଙ୍କର କାଲୋ, ଉପ ସଭାପତି ପରେଶ ପିଙ୍ଗ, ସମ୍ପାଦକ ସୁଶିଲ ପୋଢ଼, ସହ ସମ୍ପାଦକ ସୁଦାମ ବେହେରା, ଶକ୍ତି ପ୍ରସାଦ ନାଏକ, ଥଣ ସୁନ୍ଦର କଉଡି, ଦିପକ କିସାନ, ଆଶ୍ୱିନ୍ ନାଏକ ପ୍ରଭୃତି ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବୀର ସୁରେନ୍ଦ୍ର ସାଏ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ପଞ୍ଚମ ସନ୍ଧ୍ୟା

# 'ମାଟିର ମଣିଷ ଜାଣିଛି ବଞ୍ଚିବାର ରାହା'

**ସମ୍ବଲପୁର, ୨୮।୧୨ (ସମିସ)**

ଝାଡୁଆପଡ଼ାସ୍ଥିତ ଆରଣ୍ୟକ ମଞ୍ଚରେ 'ଯୁବ ଉଦୟନ' ପକ୍ଷରୁ ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ପଞ୍ଚମ ସନ୍ଧ୍ୟାରେ ଆଜି





ନାଟକ 'ମାର୍ଜାର କେଶରୀ' ଓ 'ବଳିଦାନ' ମଞ୍ଚସ୍ଥ ହୋଇଯାଇଛି। ଚଳିତବର୍ଷ ଡଃ ଶ୍ୟାମ ସୁନ୍ଦର ଧର, ପଦ୍ମଲୋଚନ ଦାସ ଓ ପୁଷ୍ପାଞ୍ଜଳି ବେହେରା ବିଚାରକ ଭାବେ ଯୋଗ ଦେଇଛନ୍ତି।

ଗନ୍ଧମାର୍ଦ୍ଦନ ପର୍ବତ ତଳେ ବସବାସ କରୁଥିବା ସରଳ କନ୍ଧ ଦମ୍ପତି ଜଙ୍ଗଲରେ କନ୍ଦା ଖୋଳୁଥିବାବେଳେ ପାଆନ୍ତି ଏକ ମୂର୍ତ୍ତି। ତାହାକୁ ଘରେ ରଖି ପୂଜା କରନ୍ତି। ପ୍ରଭୁଙ୍କ ଯୋଗୁଁ ଘରେ ଶାନ୍ତି, ସମୃଦ୍ଧି ଆସେ। ପାଟଣା ରାଜା ମୂର୍ତ୍ତିର ଅଲୌକିକତା ବିଷୟରେ ଅବଗତ ହୋଇ କନ୍ଧ ଦମ୍ପତିଙ୍କ ପାଖୁ ଆସି ପ୍ରଭୁଙ୍କୁ ନେବାକୁ ଜିଦ୍ ଧରନ୍ତି। ଦିବ୍ୟଶକ୍ତିର ଅବତାର ମାର୍ଜାର କେଶରୀ ରୂପେ ପୃଥିବୀରେ ଅବତରଣ କରିଛନ୍ତି ପର୍ବତ ବିମ୍ବରେ ଲୁଚିଥିବା ଦୁଷ୍ଟ ମୂଷିକ ଦୈତ୍ୟର ବିନାଶ ପାଇଁ। କନ୍ଧ ଦମ୍ପତିଙ୍କ ଭକ୍ତିରେ ପ୍ରଭାବିତ ହୋଇ ରାଜ ବୈଜଳ ସିଂହ ଗନ୍ଧଗିରି ପର୍ବତ ଶିଖରରେ ଏକ ମନ୍ଦିର ନିର୍ମାଣ କରି ମୂର୍ତ୍ତିକୁ ସ୍ଥାପନ କଲେ। ତେବେ କନ୍ଧ ଦମ୍ପତି ଦର୍ଶନ କରିବାକୁ ବାହାରିଲେ ଗର୍ଜନ କରେ ମାର୍ଜାରକେଶରୀ। ଏହା ନୃସିଂହନାଥଙ୍କ କିମ୍ବଦନ୍ତୀ ଉପରେ ଆଧାରିତ। ସତ୍ୟ ଓ ଅସତ୍ୟ, ଭକ୍ତି ଓ ଅଭିମାନ, ନିର୍ମଳତା ଓ ଶାସନ ମଧ୍ୟରେ ସଂଘର୍ଷ ଆଜି ବି ଚାଲିଛି। ଏହାଥିଲା ଆଜି ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ପଞ୍ଚମ ସନ୍ଧ୍ୟାର ପ୍ରଥମ ନାଟକ 'ମାର୍ଜାରକେଶରୀ'ର କଥାବସ୍ତୁ। ଏହାର ଲେଖକ ଓ ନିର୍ଦ୍ଦେଶକ ରାଜକୁମାର ସାହୁ ଥିବାବେଳେ ମଞ୍ଚସ୍ଥ କରିଥିଲେ ସଚେତନ ହେମା, ଢୋଲବନ୍ଧ, ବରଗଡ଼ର କଳାକାରମାନେ।

ଆଜି ସନ୍ଧ୍ୟାର ଦ୍ୱିତୀୟ ନାଟକ ଥିଲା 'ଲୁ', ପଦମପୁରର ପରିବେଷିତ 'ବଳିଦାନ'। ନାଟକର ଲେଖକ ଓ ନିର୍ଦ୍ଦେଶକ ଥିଲେ ଜଗନ୍ନାଥ ସେଠ। କଥାକାର ମୁନସି ପ୍ରେମଚନ୍ଦଙ୍କ ପ୍ରସିଦ୍ଧ କଥାସାହିତ୍ୟ ବଳିଦାନ ଆଧାରରେ ପ୍ରସ୍ତୁତ ନାଟକଟିରେ ରହିଥିଲା ଗାଁଗହଳିର ଜୀବନଜୀବିକାର ଚିତ୍ର। ବର୍ତ୍ତମାନର ସାମାଜିକ ବ୍ୟବସ୍ଥା, ଛନ୍ଦକପଟ, କ୍ଷମତାର ଖେଳ ଆଉ ଭାଗ୍ୟବାଦୀ ଭାବନା ମାଟିର ମଣିଷ ଗିରିଧାରୀର ହଳ ନଙ୍ଗଳ ଆଉ ମାଟି ମା' ଉପରେ ନିର୍ଭରଶୀଳ ପରିବାରକୁ ଉଜୁଡ଼େଇଦିଏ। ପିଢ଼ି ପରେ ପିଢ଼ି ଗିରିଧାରୀର ଜୀବନ ସଂଗ୍ରାମକୁ ନେଇ ଏହି ନାଟକଟି ଉଜ୍ଜୀବିତ ହୋଇଛି।

ଆସନ୍ତାକାଲି ୨୯ ତାରିଖ ସନ୍ଧ୍ୟାରେ ପ୍ରଦର୍ଶନୀ ନାଟକ 'ଜୀବନ୍ ଡାକର୍, ସ୍ୱାଧୀନତା ଆମର୍' ପରିବେଷଣ କରିବେ ସମଲେଶ୍ୱରୀ ସଂଘ, ତଳିପଡ଼ା, ବରଗଡ଼ ଏବଂ ସହଯୋଗ କରିବେ ମୁନଲାଇଟ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ, କେଶେଇପାଲି, ଭଟଲି। ଏହାପରେ ପୁରସ୍କାର ବିତରଣୀ ଓ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ। ଆସନ୍ତାକାଲି ସୋମବାର ପୂର୍ବାହ୍ନରେ ଆରଣ୍ୟକ ମଞ୍ଚରେ କଳାକାର ସମାବେଶ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

## ହୀରାଲାଲ ବେହେରା ବିଜେଡି ରାଜ୍ୟ ଯୁବ ଉପସଭାପତି

**ସମ୍ବଲପୁର, ୨୮।୧୨ (ସମିସ) :** ବିଜୁ ଜନତା ଦଳ ରାଜ୍ୟ ସଭାପତି ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ଯୁବ ସଂଗଠନକୁ



ଅଧିକ ସୁଦୃଢ଼ ଓ କ୍ରିୟାଶୀଳ କରିବା ଉଦ୍ଦେଶ୍ୟରେ ବ୍ୟାପକ ସଂଗଠନାତ୍ମକ ପରିବର୍ତ୍ତନ କରିଛନ୍ତି। ଏହି ପରିବର୍ତ୍ତନର ଅଂଶ ଭାବେ ସମ୍ବଲପୁର ଜିଲ୍ଲାର ଯୁବନେତା ହୀରାଲାଲ ବେହେରାଙ୍କୁ ରାଜ୍ୟ ଯୁବ ଉପସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି। ଶ୍ରୀ ବେହେରା ଦୀର୍ଘଦିନ ଧରି ଯୁବ ରାଜନୀତିରେ ସକ୍ରିୟ ରହି ବିଭିନ୍ନ ସମୟରେ ଦଳୀୟ କାର୍ଯ୍ୟକ୍ରମ, ସାମାଜିକ ଓ ସଂଗଠନାତ୍ମକ କାର୍ଯ୍ୟକଳାପକୁ ସୁଚାରୁ ଓ ସଫଳ ଭାବେ ପାଳନ କରିଆସୁଛନ୍ତି। ତାଙ୍କର ନିଷ୍ଠା, କର୍ମଠତା ଓ ସଂଗଠନ ପ୍ରତି ଦୃଢ଼ ଦାୟିତ୍ୱବୋଧକୁ ଦୃଷ୍ଟିରେ ରଖି ଏହି ଗୁରୁଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି। ଶ୍ରୀ ବେହେରାଙ୍କୁ ଏହି ନୂତନ ଦାୟିତ୍ୱ ମିଳିବା ପରେ ସମ୍ବଲପୁର ଜିଲ୍ଲା ସହ ପଶ୍ଚିମ ଓଡ଼ିଶାର ବିଜେଡି କର୍ମୀ ଓ ସମର୍ଥକମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ପେନ୍‌ସନର୍ ବାର୍ଷିକ ସମ୍ମିଳନୀ

**ସମ୍ବଲପୁର, ୨୮।୧୨ (ସମିସ) :** ଅଖିଳ ଭାରତୀୟ ବିଏସଏନଏଲ ପେନସନର୍ ୱେଲଫେୟାର ଆସୋସିଏସନ ପକ୍ଷରୁ ଆଜି କଚେରୀ ରୋଡସ୍ଥିତ କାର୍ଯ୍ୟାଳୟରେ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲ୍ଲା ଶାଖା ସଭାପତି ଆନନ୍ଦଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସର୍କଲ ସମ୍ପାଦକ ବିଶ୍ୱନାଥ ବେହେରା ମୁଖ୍ୟଅତିଥି ଏବଂ କଟକ ଡିଭିଜନର ଧ୍ରୁବଚରଣ ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ତଥା ପେନସନ୍ ଭୋଗୀ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ତଥା ସରକାରଙ୍କ ନୀତି ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ୭୭ବର୍ଷ ବୟସରୁ ଅଧିକ ବୟସ୍କମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ତୋଷ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା, ୱେଲଫେୟାର ଆସୋସିଏସନର ସମ୍ବଲପୁର ସମ୍ପାଦକ ନିର୍ମଳ ଚନ୍ଦ୍ର ପ୍ରଧାନ ବିବରଣୀ ପାଠ ଏବଂ ଶେଷରେ ଚତୁର୍ଭୁଜ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।